ଅଗଷ୍ଟ ୨୦୨୩ • ୫୦ ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in



ପ୍ରସଙ୍ଗ :

## ସ୍ୱାଧୀନତା


SMILE GOLD
JEWELLERS
BIS
BRIGHT & SHINY
GOLD | DIAMOND | SILVER | GEMS | WATCHES
Fancy Market, Saheed Nagar, Bhubaneswar
Mob: 9438019696

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ପଞ୍ଚମ ବର୍ଷ : ୧୦ମ ସଂଖ୍ୟା, ଅଗଷ୍ଟ ୨୦୨୩ ■ Vol-5, Issue : 10, August 2023



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**


ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ ମୁଖ୍ୟ

**ରବୀନ୍ଦ୍ର କୁମାର ବିଶ୍ୱାଳ**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : **ଶିବରାଜ କର୍ଣ୍ଣ**
- ଚିତ୍ରକଳା : **ସଂଜୟ କୁମାର ରାଉଳ**
- ଲେ-ଆଉଟ୍ : **ଦିଲ୍ଲୀପ କୁମାର ସେଣ**
- ଅକ୍ଷର : **ନିରଞ୍ଜନ ସାହୁ**
- ରେବତୀ ନାମାଙ୍କନ : **ଶିଳ୍ପୀ ଶଶିକାନ୍ତ ରାଉତ**



**Bhubaneswar Office**

**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
**E-mail**
*rebatimedia@gmail.com*

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
**E-mail :**
*rebati.rebati2018@gmail.com*
*rebati.edit2020@gmail.com*


Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

# ସୂ ଚୀ ପ ତ୍ର

| ୫ମ ବର୍ଷ | ୧୦ମ ସଂଖ୍ୟା | ଅଗଷ୍ଟ ୨୦୨୩ |

ଓଡ଼ବର୍ତ୍ତୀ
ଆମ ମାଟିର ସର

**୪** ସମ୍ପାଦକୀୟ : ପାରିବାରିକ ସ୍ୱାଧୀନତା : ସୁବାସିନୀ ଜେନା

**୯** ମାନନୀୟେଷୁ : ବନଜଙ୍କ ବର୍ଣ୍ଣମାଳା: ରବି ପଣ୍ଡା

**୧୯** ପ୍ରସଙ୍ଗ-୧ : ଗଡ଼ଜାତ ଗାଥା: ଡ. ଅରବିନ୍ଦ ଗିରି

**୨୮** ପ୍ରସଙ୍ଗ-୨ : ସଂଗ୍ରାମର ଅଲିଭା ଶିଖା ଅଭୟ ଦ୍ୱିବେଦୀ

**୩୫** ପ୍ରସଙ୍ଗ-୩: ସଂଗ୍ରାମୀ ସାରଙ୍ଗଧର: ଡ. ପ୍ରଫୁଲ୍ଲ କୁମାର ପାଣି

**୪୦** ପ୍ରସଙ୍ଗ-୪ : ଲେଲିହାନ୍ ଲାଲ୍‌କିଲା: ଆରତୀ ସାହୁ

**୪୬** ପ୍ରସଙ୍ଗ-୫ : ସୀମାନ୍ତର ଶେଷ ଗାଁ : ଡ. ଫକୀର ମୋହନ ନାହାକ

**୫୦** ଆଇନକାନୁନ: ସ୍ନିଗ୍ଧା ତ୍ରିପାଠୀ












### ସମ୍ପାଦକୀୟାଂଶ...

xxx ପ୍ରତ୍ୟେକଙ୍କ ପାଇଁ ସ୍ୱତନ୍ତ୍ରତା ବା ସ୍ୱାଧୀନତାର ପରିଭାଷା ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ ଆମେ ସର୍ବଦା ଏକ ସ୍ୱାଧୀନ ଜୀବନ ଅତିବାହିତ କରିବା ପାଇଁ ପସନ୍ଦ କରିଥାଉଁ । ପରିବାର ଭିତରେ ସ୍ୱାଧୀନତାକୁ ସମାନ ଭାବରେ ସମସ୍ତଙ୍କୁ ଦିଆଗଲେ, ଏକ ସମୃଦ୍ଧ ପରିବାର ଗଢ଼ିବା ସମ୍ଭବ ହୋଇପାରିବ । ପ୍ରତ୍ୟେକଟି ସଦସ୍ୟଙ୍କ ଅଧିକାର ପ୍ରତି ସମ୍ମାନ ଦେଇ ସ୍ୱାଧୀନତା ଅର୍ପଣ କଲେ ବୋଧହୁଏ ସହାବସ୍ଥାନର ଏ ପ୍ରାଚୀନ ପରମ୍ପରା ଅତୁଟ ରହିବ । ତେବେ ଏସବୁ ସତ୍ତ୍ୱେ ସ୍ୱାଧୀନତାକୁ କେହି ସ୍ୱେଚ୍ଛାଚାରିତାରେ ବଦଳାଇ ଦେଲେ ପରିବର ନର୍କ ହେବାକୁ ବେଶି ସମୟ ଲାଗିବ ନାହିଁ- ଏକଥା ମନେ ରଖିବା ଉଚିତ୍ ।xxx

ସୁବାସିନୀ ଜେନା













### ନିୟମିତ ବିଭାଗ

ରୋଷେଇଶାଳ:
୧୦୨ : ମାମିନା ମହାନ୍ତି
୧୦୩ : ବିଜୟଲକ୍ଷ୍ମୀ ପତ୍ରୀ
୧୦୪ : ରଞ୍ଜିତା ଶତପଥୀ
୧୦୫ : ଗୀତିକା ଜ୍ୟୋତିପର୍ଣ୍ଣା



**୧୦୬** ଶେଷପୃଷ୍ଠା: ସର୍ଜନାରେ ସ୍ୱାଧୀନତା କୃଷ୍ଣ କୁମାର ମହାନ୍ତି

୫୧ କଥା-କାହାଣୀ : ଜ୍ଞାନରଂଜନ ନାୟକ
୫୪ ଦ୍ୱି-ପ୍ରଚ୍ଛଦ : ମନୀଷା ସାହୁ

**ଧାରାବାହିକ କାବ୍ୟ**
୫୬ : ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି

**ସମକାଳ କବିତା**
୫୭ : ରାଜେଶ କୁମାର ମୁଣ୍ଡ
୫୮ : ମାନସ ରଂଜନ ମହାପାତ୍ର
୫୯ : ରିଆ ନନ୍ଦ
: ପ୍ରଭାତ ନଳିନୀ ମହାପାତ୍ର
୬୦ : ଗଙ୍ଗାଧର ବିଶ୍ୱାଳ
୬୧ : ନର୍ମଦା ନୀଳୋତ୍ପଳା
: ମାନସ ରଂଜନ ନାୟକ
୬୨ : ଅବିନାଶ ସାହୁ
୬୩ : ଡାକ୍ତର ନୀଳମାଧବ କର
୬୪ : ଅନୀତି ପାଣି
୬୫ : ଜୟଦ୍ରଥ ସୁନା
୬୬ : ଡାକ୍ତର ଦୀନବନ୍ଧୁ ସାହୁ
୬୭ : ନରେଶ ମଣ୍ଡଳ
୬୮ ଭଲବହି : ପ୍ର. ନଟବର ଶତପଥୀ
୭୫ ପ୍ରସଙ୍ଗ-କବିତା : ଈପ୍‌ସିତା ଷଡ଼ଙ୍ଗୀ
୮୫ ଭ୍ରମଣ କାହାଣୀ : ସ୍ନିଗ୍ଧା ନାୟକ
୯୦ ପୁଷ୍ପବିତାନ : ଶ୍ୱେତା ରାଉତ
୯୫ ଧାରାବାହିକ ଆତ୍ମଜୀବନୀ : ଜୟନ୍ତୀ ରଥ
୯୯ ଗୃହ ସମସ୍ୟା : ଡ. ହରପ୍ରସନ୍ନ ଦାସ




ପ୍ରଚ୍ଛଦ ଭାବନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ନେହା ପାଣିଗ୍ରାହୀ, ବାରିପଦା
ଉଚ୍ଚତା : ୫ ଫୁଟ୍ ୨ ଇଞ୍ଚ୍
ବୃତ୍ତି : କଳାକାର
ରୁଚି : ନାଚ, ଅଭିନୟ, ପଢିବା
ଶିକ୍ଷା : +୩ ପ୍ରଥମ ବର୍ଷ ବିଜ୍ଞାନ
ପ୍ରଚ୍ଛଦ ଫଟୋଗ୍ରାଫି : ଦେବ୍‌ସ୍ ଫଟୋଗ୍ରାଫି, ବାରିପଦା
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କମ୍ପ, ସୋନପୁର
ମେକ୍‌ଅପ୍ : ନିଶା ମେକ୍‌ଓଭର୍, ବାରିପଦା
ଫଟୋଶୁଟ୍ ସ୍ଥାନ : ଷ୍ଟେସନ ବଜାର, ବାରିପଦା

**ମଲାଟ କଥା :** ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଏକ ଜନପ୍ରିୟ ପାରମ୍ପରିକ ହିନ୍ଦୁ ପର୍ବ । ଏହା ସମଗ୍ର ଭାରତ ବର୍ଷରେ ପାଳନ କରାଯାଇଥାଏ । ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ସମ୍ପର୍କକୁ ଦୃଢ କରିଥାଏ । ଏହିଦିନ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ଓ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ । ବଦଳରେ ଭାଇ, ତାର ଭଉଣୀକୁ ରକ୍ଷା କରିବାର ସଂକଳ୍ପ କରିଥାଏ । ଏହା ଶ୍ରାବଣ ମାସର ପୂର୍ଣ୍ଣିମାରେ ପାଳନ କରାଯାଇଥାଏ । ରକ୍ଷାବନ୍ଧନକୁ ନେଇ ହିଁ ଏ ମାସର ପ୍ରଚ୍ଛଦ ଆମର ।

# ପରିବାରର ସ୍ୱାଧୀନତା

ପ୍ରତ୍ୟେକଙ୍କ ପାଇଁ ସ୍ୱତନ୍ତ୍ରତା ବା ସ୍ୱାଧୀନତାର ପରିଭାଷା ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ ଆମେ ସର୍ବଦା ଏକ ସ୍ୱାଧୀନ ଜୀବନ ଅତିବାହିତ କରିବା ପାଇଁ ପସନ୍ଦ କରିଥାଉଁ । ପ୍ରତ୍ୟେକ ମଣିଷ ଅବା ନାରୀ-ପୁରୁଷ, ପିଲାମାନେ ଏପରିକି ପଶୁପକ୍ଷୀଙ୍କୁ ମଧ୍ୟ ସ୍ୱାଧୀନତା ଦରକାର ହୋଇଥାଏ । କାହାର ଅଧୀନରେ ପରିଚାଳିତ ହେବାକୁ କେହି ବି ପସନ୍ଦ କରନ୍ତି ନାହିଁ । ଦେଶର ସ୍ୱାଧୀନତା କହିଲେ ଆମେ ଯେପରି ବୁଝୁ ଯେ, କାହାରି ବି ପରାଧୀନତା ସ୍ୱୀକାର୍ଯ୍ୟ ନୁହେଁ । ଠିକ୍ ସେହିପରି ଆମେ ଯେଉଁ ପରିବାରରେ ରହୁ, ସେଠି ମଧ୍ୟ ସ୍ୱତନ୍ତ୍ରତାର ଆବଶ୍ୟକତା ରହିଛି । ପାରିବାରିକ ସ୍ୱାଧୀନତା ନରହିଲେ ପରିବାରର ଅର୍ଥ ହିଁ ବଦଳିଯିବ । ତେବେ ଏହି ପାରିବାରିକ ସ୍ୱାଧୀନତା ବା ସ୍ୱାତନ୍ତ୍ର୍ୟଟି କ'ଣ ? ପରିବାରରେ ଏକତ୍ର ରହୁଥିବା ପ୍ରତ୍ୟେକଟି ସଦସ୍ୟ ସଦସ୍ୟାଙ୍କ ପାଇଁ କ'ଣ ଏହି ସ୍ୱାଧୀନତାର ଅର୍ଥ ସମାନ ? ବୋଧହୁଏ ନୁହେଁ । ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ନିମନ୍ତେ ସ୍ୱାଧୀନତାର ଅର୍ଥ ଭିନ୍ନ ଭିନ୍ନ ହୋଇଥାଏ ଏବଂ ତାହା ସେମାନଙ୍କ ହିତ ପାଇଁ ହିଁ ହୋଇଥାଏ । ନିଜସ୍ୱ ହିତ ସାଧନ ପାଇଁ ଉଦ୍ଦିଷ୍ଟ ନଥିବା ସ୍ୱାଧୀନତା କାହା ପାଇଁ କିଛି ଅର୍ଥ ରଖେନା । ଯେହେତୁ ଭାରତୀୟ ହିନ୍ଦୁ ପରିବାର ସଂଯୁକ୍ତ ପରିବାରବାଦରେ ବିଶ୍ୱାସ ରଖେ, ତେଣୁ ସଂଯୁକ୍ତ ପରିବାରରେ ପାରସ୍ପରିକ ଉପକାରିତାକୁ ନେଇ ବେଶ୍ ଗୋଟାଏ ମତପାର୍ଥକ୍ୟ ବା ମତାନ୍ତର ଦେଖା ଦେଉଥିବାରୁ ପରିବାର ଭିତରେ ସ୍ୱାଧୀନତାର ଆବଶ୍ୟକତାକୁ ଖୋଜାପଡ଼େ । ମନେ କରନ୍ତୁ, ଗୋଟିଏ ପରିବାରରେ ମାତାପିତା, ଗୋଟିଏ ପୁଅ ଏବଂ ତା'ର ପତ୍ନୀ ଏବଂ ଗୋଟିଏ ଝିଅ ରହୁଛନ୍ତି । ଏଇ ପରିବାରରେ କ'ଣ ବୋହୂଟି ପାଇଁ ସେଇ ସ୍ୱାଧୀନତା ଉପଲବ୍ଧ ଥାଏ, ଯାହା ଶାଶୁ ବା ଝିଅଟି ପାଇଁ ଥାଏ ? ଯଦିଓ ଆଜିର ସମୟ ପରିବର୍ତ୍ତିତ ଏବଂ ସେଇ କାରଣରୁ ଅନେକ ପରିବାରରେ ଶାଶୁ ବେଶ୍ ବଦଳି ଗଲେଣି । ତଥାପି ସେମାନଙ୍କ ମାନସିକତାରେ ଏ କଥା ଗୁମୁରୁଥାଏ ଯେ, ସାରା ଜୀବନ ତ ମୁଁ ଏ ପରିବାର ପାଇଁ ଖଟିଲି, ସହିଲି; ମୋ ପରିବାର, ମୋ ଘର, ଘରର ଖର୍ଚ୍ଚ, ସଞ୍ଚୟ, ମୋ ପିଲାମାନେ, ସେମାନଙ୍କ କ୍ୟାରିଅର୍, ସେମାନଙ୍କ ସ୍ୱାସ୍ଥ୍ୟ, ସେମାନଙ୍କ ଭଲ ଚାକିରି, ପୁଣି ବିବାହର ଚିନ୍ତା କରି କରି ମୋ ଜୀବନଟା ଶେଷ ହେଲା । ଏବେ ଜୀବନରେ ଯେଉଁ ସ୍ୱଳ୍ପ ସମୟ ଅଛି, ସେଇ ସମୟତକ ଟିକେ ଶାନ୍ତିରେ ବଞ୍ଚିନେଲେ ଭଲ । କାମରୁ କିଛିଟା ଫୁର୍ସତ୍ ମିଳିବ । କୁଆଡ଼େ ଯିବା-ଆସିବାରେ ଆଉ ବାଧା ନଥିବ । ଏମିତି ଏକ ଭାବନା ଶାଶୁ ମନରେ ବସା ବାନ୍ଧେ ବୋହୂ ଯେବେ ପରିବାରକୁ ଆସିଯାଏ । ଯଦି ଏପରି ହୁଏ, ତେବେ ଆପଣଙ୍କ ପରିବାରକୁ ଆପଣଙ୍କ ପୁଅ ବୋହୂ କରି ଯାହାକୁ ଆଣିଲେ, ତେବେ ସେ ବୋହୂ ଆପଣଙ୍କ ପରିବାରର ସଦସ୍ୟା ହେବା କାରଣରୁ ତା'ର ସ୍ୱାଧୀନତା କଥା ଆପଣ କେମିତି ବୁଝିବେନି ? ଶାଶୁ ଏଇଠି ଭାବିବା ଉଚିତ୍: ନୂଆ ନୂଆ ତ ବାହା ହୋଇ ଆସିଛି । ଆସୁ ଆସୁ କ'ଣ ଘରେ ଖଟିବ ! ପୁଅ ସହ ବୁଲିବାକୁ ଯାଉ । ଜୀବନକୁ ଉପଭୋଗ କରୁ । ଦାୟିତ୍ୱ ସମ୍ଭାଳିବା ପାଇଁ ତ ଜୀବନଯାକ ପଡ଼ିଛି । ବୋହୂ ଚାକିରି କରୁଥିଲେ, ଅନ୍ତତଃ ଚାକିରିରୁ ଫେରି ରୋଷେଇ କରିବାକୁ ନପଡୁ । କେହି ଜଣେ କପେ ଚା' ଯାଚିବାକୁ ଥିବା ଦରକାର । ଯଦି ଘରେ ନଣନ୍ଦଟେ ଥିବ, ତେବେ ସେ ସାଙ୍ଗ ପରି ବ୍ୟବହାର କରି ବୋହୂର ସହଯୋଗୀ ବନିଗଲେ ଚଳିବ ।

ଏଇଟା କଲୁନି, ସେଇଟା କଲୁନି, ବାପଘରୁ କ'ଣ୍‌ଟା ଆଣିଛୁ, ଭଳି ଗଞ୍ଜଣା ଶୁଣିବାକୁ ନପଡୁ ଶାଶୁଙ୍କ ପାଖରୁ । ମୁଣ୍ଡରେ ସବୁବେଳେ ଓଢ଼ଣା ଦେବାର ଖୁଣ୍ଟା କେହି ନଦେଉ । ବୋହୂର ରୋଜଗାର ଉପରେ କେହି ବି ଛଞ୍ଚାଣ ନଜର ନରଖନ୍ତୁ । ଯାହା ଇଚ୍ଛା ଖାଇବାକୁ, ଖାଇ ପାରେ ବୋହୂ । ଯେତେ ମନ ଚାହିଁବ, ବାପଘରକୁ ଯାଇପାରିବ ସେ । ତାକୁ କେହି ରୋକିବ ନାହିଁ । ବୋହୂ ଉପରେ ଏଭଳି କଟକଣା ନରହିବା ହିଁ ବୋହୂର ଅସଲ ସ୍ୱାଧୀନତା । ପରିବାରରେ ଏସବୁ ମିଳେ କି ? ଯଦି ନମିଳେ, ତେବେ ଆପଣଙ୍କ ପରିବାରକୁ ଏହି ପ୍ରକାର ପରାଧୀନ ଚିନ୍ତାଧାରାରୁ ମୁକ୍ତ ରଖିବାକୁ ପଡ଼ିବ । ତେବେ ଯାଇ ପରିବାର ହସି ଉଠିବ ।

ଧରାଯାଉ ପରିବାରରେ ଝିଅଟିଏ ଅଛି । ପୁଅଟିଏ ବି ଅଛି । ପିତାମାତା କ'ଣ ଉଭୟଙ୍କୁ ସମାନ ସ୍ୱାଧୀନତା ଦେଇଥାନ୍ତି ! ଶିକ୍ଷା କ୍ଷେତ୍ରରେ, ଚଳଣିରେ ପୁଅଟିକୁ ଯେଉଁ ସ୍ୱାଧୀନତା ଦିଆଯାଏ, ଝିଅଟେ ପାଇଁ ସେପରି ନଥାଏ । ମାଆ କହେ: ତୁ ଝିଅ ପିଲାଟା । ଘରକୁ ଶୀଘ୍ର ଫେରିବୁ । ଦେହକୁ ଢାଙ୍କିବା ପରି ପୋଷାକ ପିନ୍ଧିବୁ । ଘରର କାମସବୁ କରିବୁ । ରୋଷେଇ ଶିଖିବୁ । ଅଥଚ ପୁଅଟି ପାଇଁ ଏସବୁ କଟକଣା ନଥାଏ । ଏତିକିବେଳେ ହିଁ ପାରିବାରିକ ସ୍ୱାଧୀନତାକୁ ମଧ୍ୟ ଆପଣ ଭାଗ ଭାଗ କରିଦେଲେ । ସ୍ୱାଧୀନ ଦେଶରେ ରହିବେ ଅଥଚ ସ୍ୱାଧୀନ ଦେଶର ଏକ ପରିବାର ଭିତରେ 'ସ୍ୱାଧୀନତା'କୁ ଫୁଃ କରି ଉଡ଼େଇ ଦେଉଥିବେ ! ଏପରି ବିଡ଼ମ୍ବନା ଦେଖିବା ଆଗରୁ ନିଜ ପରିବାରର ସ୍ୱାଧୀନତାକୁ ଆପଣ ସଠିକ୍ ଭାବେ ବିତରଣ କରିଦିଅନ୍ତୁ । ଦେଖିବେ ପରିବାର ହସଖୁସିରେ ପୂରି ଉଠିବ ।

ପରିବାରର ସ୍ୱାତନ୍ତ୍ର୍ୟ କହିଲେ ଆମେ ଯେଉଁ ସମାନ ଅଧିକାର ପାଇବାର କଥା ବୁଝୁ, ତାହା ଆଜିର ସମୟରେ ମଧ୍ୟ ଅନେକତ୍ର ବିଡ଼ମ୍ବିତ । ବହୁ ପରିବାରରେ ପିତାମାତାଙ୍କ ସ୍ୱାଧୀନତା କଥା ମଧ୍ୟ କେହି ଭାବନ୍ତି ନାହିଁ । ତାଙ୍କ ସ୍ୱାଧନତାର ଅର୍ଥ କ'ଣ ? ପରିବାରର ମୁଖ୍ୟ ହୋଇଥିବା କାରଣରୁ ଅଦ୍ୟାବଧି ଘରର ସୁଖଶାନ୍ତି ବଜାୟ ରଖିଥିବା ବେଳେ ଆଗକୁ ମଧ୍ୟ ଏ ସୁଖଶାନ୍ତି ଜାରିରହୁ ବୋଲି ସେ ଇଚ୍ଛା ରଖନ୍ତି, ପୁଅ ଏଯାଏଁ ଯେମିତି ଆଦର କରି ଆସିଛି, ସେଥିରେ ହ୍ରାସ ନଘଟୁ । ପୁଅ କଥାକଥାକେ ନ ଶୁଣାଉ: ମୋତେ କେହି ଉପଦେଶ ଦେବା ଦରକାର ନାହିଁ । ମୋତେ ମୋ ଜୀବନ ବଞ୍ଚିବାକୁ ଦିଆଯାଉ । ପରିବାର ଭିତରେ ପଇସାପତ୍ରକୁ ନେଇ ବା ରୋଜଗାରକୁ ନେଇ କିଛି ସଦସ୍ୟଙ୍କ ଭିତରେ ମତଭେଦ ବା କଳିଗୋଳ ନହେଉ, ଯେଉଁଟା ଭିନେ ହେବା ଆଡ଼କୁ ବାଟ କଢେଇ ନେବ । ଏପରି ଛୋଟ ଛୋଟ କଥା ଭିତରେ ଥାଏ ପରିବାରର ମୁରବୀଙ୍କର ସ୍ୱାଧୀନ-ମନସ୍କତା, ଯାହା ପ୍ରତି ନଜର ଦିଆ ଯାଏନା ।

ପରିବାର ଭିତରେ ସ୍ୱାଧୀନତାକୁ ସମାନ ଭାବରେ ସମସ୍ତଙ୍କୁ ଦିଆଗଲେ, ଏକ ସମୃଦ୍ଧ ପରିବାର ଗଢ଼ିବା ସମ୍ଭବ ହୋଇପାରିବ । ପ୍ରତ୍ୟେକଟି ସଦସ୍ୟଙ୍କ ଅଧିକାର ପ୍ରତି ସମ୍ମାନ ଦେଇ ସ୍ୱାଧୀନତା ଅର୍ପଣ କଲେ ବୋଧହୁଏ ସହାବସ୍ଥାନର ଏ ପ୍ରାଚୀନ ପରମ୍ପରା ଅତୁଟ ରହିବ । ତେବେ ଏସବୁ ସତ୍ତ୍ୱେ ସ୍ୱାଧୀନତାକୁ କେହି ସ୍ୱେଚ୍ଛାଚାରିତାରେ ବଦଳାଇ ଦେଲେ ପରିବର ନର୍କ ହେବାକୁ ବେଶି ସମୟ ଲାଗିବ ନାହିଁ- ଏକଥା ମନେ ରଖିବା ଉଚିତ୍ ।

ସମ୍ପାଦିକା









## ପ୍ରତିଟି ଓଡ଼ିଆଙ୍କ ଘରେ ଶୋଭା ପାଉ 'ରେବତୀ'

● ଏକ ଅନନ୍ୟ ମନଲୋଭା ପତ୍ରିକା 'ରେବତୀ'ର ଜୁଲାଇ ସଂଖ୍ୟା ପାଠ କଲି । ପ୍ରଚ୍ଛଦ ପୃଷ୍ଠା ଖୁବ୍ ଆକର୍ଷଣୀୟ । ସଂପାଦକୀୟ ପୃଷ୍ଠାରେ ସୁବାସିନୀ ଜେନାଙ୍କ ସଫଳ ସଂପାଦକୀୟ ବେଶ୍ ମନକୁ ଛୁଇଁଲା ପରି । ଲେଖିକା ମନୋରମା ବିଶ୍ୱାଳ ମହାପାତ୍ରଙ୍କ ଲୋକସଂସ୍କୃତିରେ ଶ୍ରୀଜଗନ୍ନାଥ ପଢି ଭାବ ବିହ୍ୱଳ ହେଲି । ଲେଖକ ସୁବ୍ରତ କୁମାର ସେନାପତିଙ୍କ ଆଲେଖ ମୁଁ ଓ ମୋ ଜଗନ୍ନାଥ ଇନ୍ଦିରାଙ୍କ ଭାବଜଗତ ପଢି ଅନେକ କିଛି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ବିଷୟରେ ଜାଣିହେଲା । ସମକାଳର କବିତା ପୃଷ୍ଠାରେ ମୋ ପ୍ରିୟ କବୟିତ୍ରୀ ସଂଘମିତ୍ରା ରାୟଗୁରୁଙ୍କ 'ରାସ୍ତା' କବିତା, ସ୍ୱପ୍ନା ମିଶ୍ରଙ୍କ 'କ୍ଷମା କର' କବିତା, ସୁଜାତା ମହାପାତ୍ରଙ୍କ 'ପ୍ରଜା କୋର୍ଟ', ଦୀପିକା ଦାଶଙ୍କ 'ନାଦ ଅନାହତ' ଓ କବି ପ୍ରଶାନ୍ତ ଦାସଙ୍କ 'ଶ୍ୟାମଳୀ ଦାସ.. କାନ୍‌ଭାସ୍ ର ଚିତ୍ରଟିଏ' ଓ କବି ସୁଜିତ କୁମାର ସତପଥିଙ୍କ 'କେହିଜଣେ' କବିତା ଖୁବ୍ ହୃଦୟସ୍ପର୍ଶୀ ହୋଇ ପାରିଛି । ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଧାରାବାହିକ କାବ୍ୟ ଦ୍ରୌପଦୀ ଖୁବ୍ ଭଲ ଲାଗୁଛି । ଗାଳ୍ପିକା ଭୁବନେଶ୍ୱରୀ ପଣ୍ଡାଙ୍କ ଗଳ୍ପ 'ଚର୍ଚ୍ଚା' ଖୁବ୍ ଚମତ୍କାର ହୋଇପାରିଛି । ଶେଷରେ ପ୍ରିୟ କୃଷ୍ଣ କୁମାର ମହାନ୍ତି ସାର୍‌ଙ୍କ 'ସୃଜନର ସୁଖ' ଲେଖାଟି ବାସ୍ତବିକ ସମସ୍ତ ସୃଜନଶୀଳ ମଣିଷଙ୍କୁ ସୁଖ ଦେଲା ଭଳି ବାର୍ତ୍ତାଟିଏ, ସେଥିପାଇଁ ସାର୍‌ଙ୍କୁ ମୋ ତରଫରୁ ତଥା ସମସ୍ତ ସାରସ୍ୱତ ସ୍ରଷ୍ଟାଙ୍କ ତରଫରୁ ଅନେକ କୃତଜ୍ଞତା, ଆଗକୁ 'ରେବତୀ' ପତ୍ରିକାଟି ଖୁବ୍ ନୂଆ ନୂଆ ଢଙ୍ଗରେ, ନୂଆ ନୂଆ କଳେବରରେ ସମସ୍ତ ଓଡ଼ିଆଙ୍କ ଘରେ ଘରେ ପହଞ୍ଚୁ,ଏତିକି ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

**ସନ୍ତୋଷ କୁମାର ମେହେର**
**ଚିଟୈଗୁଡ଼ା, ଜୁନାଗଡ଼, କଳାହାଣ୍ଡି**

## ସାରା ପତ୍ରିକା ଆଧ୍ୟାତ୍ମିକ ଭାବରେ ଭରପୂର

● ଜୁଲାଇ ମାସର 'ରେବତୀ' ପଢିଲି । ଆମରି ଠାକୁର, ଆମରି ସଂସ୍କୃତି ଆମ ଜଗନ୍ନାଥ ମହାପ୍ରଭୁଙ୍କ ବିଷୟରେ ଅଭିଜ୍ଞ ଲେଖକମାନଙ୍କର ଅଭିଜ୍ଞତା ଓ ତଥ୍ୟ ଉପସ୍ଥାପନା ଅତ୍ୟନ୍ତ ଉପାଦେୟ । ସାରା ପତ୍ରିକା ଆଧାତ୍ମିକ ଭାବରେ ଭରପୂର । ଅନ୍ୟାନ୍ୟ କବିତା ସହିତ ଧାରାବାହିକ କାବ୍ୟ 'ଦ୍ରୌପଦୀ' ବେଶ୍ ମନକୁ ଛୁଇଁଲା । 'ଶେଷପୃଷ୍ଠା'ରେ ବର୍ଣ୍ଣିତ 'ସୃଜନର ସୁଖ' ଲେଖାଲେଖି କରୁଥିବା ସମସ୍ତଙ୍କ ପାଇଁ ବେଶ୍ ଉପଯୋଗୀ । ଏହା ନୂତନ ସୃଜନକୁ ନିଶ୍ଚିତ ଉତ୍ସାହିତ କରିବ । ଉଭୟ ସଂପାଦକୀୟ ଖୁବ୍ ସୁନ୍ଦର । ଅଜସ୍ର ଧନ୍ୟବାଦ ସଂପାଦକଙ୍କୁ ।

**ଜ୍ୟୋତ୍ସ୍ନା ରଥ,** ଭୁବନେଶ୍ୱର

## 'ରେବତୀ' ନିଃସନ୍ଦେହରେ ଏକ ସର୍ବାଙ୍ଗସୁନ୍ଦର ଫିଚର୍ ପତ୍ରିକା

● ଏଇମାତ୍ର ୧୦୬ ସୁଦୃଶ୍ୟ, ସୁସଜ୍ଜିତ ପୃଷ୍ଠା ସଂବଳିତ 'ରେବତୀ'ର କକ୍ଷରୁ ବାହାରିଲି ! ଦୀର୍ଘ ତିନି ଦିନ ଧରି ନିମଜ୍ଜିତ ରହିଥିଲି 'ଅତ୍ର, ତତ୍ର, ସର୍ବତ୍ର ବିଦ୍ୟମାନ' କୋଟି ଓଡିଆଙ୍କ ପ୍ରାଣସ୍ପନ୍ଦନ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ଓ ପୁରୁଷୋତ୍ତମ କ୍ଷେତ୍ରର ସାଂସ୍କୃତିକ ଓ ଆଧ୍ୟାତ୍ମିକ ରସରେ ଜୁଡୁବୁଡୁ ଜୁଲାଇ ସଂଖ୍ୟାର ଭାବଘନ କଳେବରରୁ କିଛି ଭାବ ଓ ବିଶ୍ୱାସର ମୋତି ସାଉଁଟିବାରେ ! ପଢି ସାରି ପ୍ରଥମେ ବଧାଇ ଜଣାଉଛି 'ରେବତୀ'ର ସଂପାଦନା ମଣ୍ଡଳୀକୁ ଓ ସମସ୍ତ ଲେଖକ/ ଲେଖିକାଙ୍କୁ ଏପରି ଏକ ଜଗନ୍ନାଥ ଭାବ ରସମୟ ପତ୍ରିକା ପ୍ରକାଶ କରି ଉତ୍କଳର ପାଠକ/ ପାଠିକାଙ୍କୁ ଉପହାର ଦେଇ ଥିବାରୁ ! ବହୁତ ବହୁତ ସାରସ୍ୱତ ଶୁଭେଚ୍ଛା ସମସ୍ତ ଲେଖକ/ ଲେଖିକାଙ୍କୁ ! ସମସ୍ତ ଲେଖା ଉଚ୍ଚକୋଟୀର ! ଭାଷାର ପାଟବ ସହ ଭକ୍ତି ଓ ସମର୍ପଣର ସମନ୍ୱୟରେ ଲେଖାଗୁଡିକ ଅତ୍ୟନ୍ତ ହୃଦୟଗ୍ରାହୀ ! ସମସ୍ତ ଫିଚର୍ ତଥ୍ୟ ସଂବଳିତ ଓ ଅନେକ ସଂସ୍କୃତ ଶ୍ଳୋକର ଉଦ୍ଧାର ଓ ଉପସ୍ଥାପନା ଯୋଗୁଁ ଗରିମାମୟ ! ଅସିତ୍ ମହାନ୍ତିଙ୍କ 'ନୀଳାଦ୍ରି ବିଜେ'ରେ ଲକ୍ଷ୍ମୀ ନାରାୟଣଙ୍କ କଳି ଉପରେ ଆଧାରିତ ବିଭିନ୍ନ ଗ୍ରନ୍ଥରୁ ଉଦ୍ଧୃତ କବିତାଗୁଡିକ ଲେଖାଟିକୁ ରୋଚକ କରିଛି ! ଏଥିରେ ଗୋଟିଏ ଘଟଣାକୁ ଭିନ୍ନ ଭିନ୍ନ କବି ଦୃଷ୍ଟିରେ କିପରି ଭିନ୍ନ ରୂପ ଦିଆଯାଇ ପାରେ, ତାହା ସ୍ପଷ୍ଟ ହୋଇ ପାରିଛି ! ଅସିତ୍ ମହାନ୍ତିଙ୍କର ଏହା ଉପରେ ଲେଖା ଆମେ 'ସମ୍ବାଦ'ର ସଂପାଦକୀୟ ପୃଷ୍ଠାରେ ପଢିଛୁଁ ! ଲେଖକଙ୍କୁ ଧନ୍ୟବାଦ ଏଇ ଛୋଟ ଘଟଣା ମାଧ୍ୟମରେ ଉତ୍କଳୀୟ ପରମ୍ପରାର ଉପସ୍ଥାପନା କରିଥିବାରୁ ! ପୀତବାସ ରାଉତରାୟ ଜଣେ ସୁପ୍ରସିଦ୍ଧ ଜଗନ୍ନାଥ ସଂସ୍କୃତି ଗବେଷକ ! ବହୁ ପୁସ୍ତକ ସେ ଲେଖିଛନ୍ତି ଜଗନ୍ନାଥଙ୍କ ମହିମା ଉପରେ ! ଶ୍ରୀକ୍ଷେତ୍ରରେ ହନୁମାନ ପୂଜା ବିଧି ଓ ହନୁମାନଙ୍କ ମହତ୍ତ୍ୱ ତଥା ପ୍ରତ୍ୟେକର ମହିମା ବର୍ଣ୍ଣନା କରି ମୋ ପରି ଅଜ୍ଞ ପାଠକଙ୍କୁ ମନ୍ଦିର ସମ୍ବନ୍ଧରେ ଅନେକ ଅଜଣା ତଥ୍ୟ ଉପହାର ଦେଇଥିବାରୁ ତାଙ୍କୁ ଅଶେଷ ଧନ୍ୟବାଦ ! ଶ୍ରଦ୍ଧାଞ୍ଜଳି କାନୁନଗୋଙ୍କ 'ଗହଣ ବିଜେ', ବିଚିତ୍ରା ଦାଶଙ୍କର 'ବେଶରେ ବେଶରେ'ରେ ତଥ୍ୟ ସହ ଭାବ, ଭକ୍ତିର ମଧୁର ସମ୍ମିଶ୍ରଣ ଲେଖାକୁ ଅତ୍ୟନ୍ତ ସୁଖପାଠ୍ୟ କରିଛି ! ଭଗବାନ ଖିଲାର୍‌ଙ୍କ ପ୍ରବନ୍ଧରୁ ଅନେକ ଜଗନ୍ନାଥ ଭକ୍ତଙ୍କ କାହାଣୀ ଜାଣିବାକୁ ମିଳିଲା ! ଏହି ପ୍ରବନ୍ଧଟି ମୋତେ ଅରିଜିନାଲ୍ ଓ ରୋଚକ ଲାଗିଲା ! ଉତ୍କଳର ଗରିମାମୟ ବାଣୀ ଭଣ୍ଡାରରେ ଏତେ ସୁନ୍ଦର ଗଳ୍ପ କେବଳ ପ୍ରଭୁ ଜଗନ୍ନାଥଙ୍କ ନେଇ ରଚିତ ହୋଇ ରହିଛି, ତାହା ମୁଁ ଜାଣି ନଥିଲି ! ଯଦିଓ ଲିଖିତ କିଛି କିଛି ମହାନ୍ କାବ୍ୟ ବିଷୟରେ ମୋର ଧାରଣା ଥିଲା ! ବହୁତ ଶ୍ରଦ୍ଧା ଜଣାଉଛି ସାନଭାଇ ଭଗବାନଙ୍କୁ ! ଭଗବାନ୍ ତୁମର ମଂଗଳ କରନ୍ତୁ ! ପ୍ରଜ୍ଞାଶ୍ରୀ ରଥଙ୍କର ଅନ୍ତରରୁ ଉଛୁଳି ଆସିଥିବା 'ଜୟ ଜୟ ଜଗନ୍ନାଥ ପ୍ରାର୍ଥନା', ଇନ୍ଦିରା ଦାଶଙ୍କ 'ମୋ ଜଗନ୍ନାଥ' ଡାକର ବିହ୍ୱଳ ଭାବ, ସୁବ୍ରତ ସେନାପତିଙ୍କ ଭକ୍ତି ଆଲେଖ୍ୟ, ସଂଯୁକ୍ତା ପରିଡାଙ୍କ 'ବାଇଶି ପାହାଚ' ମୋତେ ଖୁବ୍ ଭିଜେଇଲା ଓ ମଜେଇଲା ଭକ୍ତି ରସରେ ! ସମସ୍ତ କବିତା ସୁଖପାଠ୍ୟ, ଆଲୋଚନା କରିବା ପାଇଁ ଏଠାରେ ଆଉ ସ୍ଥାନ ନାହିଁ, କାରଣ ଚିଠିଟି ବଡ ହୋଇ ଗଲାଣି ! ମାତ୍ର କହିବାକୁ ଭୁଲିବି ନାହିଁ ଯେ 'ରେବତୀ'ର ସୁକୋମଳ ତନିମାରେ ସଜ୍ଜିତ ସମସ୍ତ ରଂଗୀନ୍ ଫଟୋ, ଚିତ୍ର ତଥା ଦୁଇଟି ପ୍ରଚ୍ଛଦ ପୃଷ୍ଠା ଏହାକୁ ଏକ ମନୋରମ, ଶାନ୍ତ, କାନ୍ତ ପତ୍ରିକାରେ ପରିଣତ କରିଛି ! ଏହି ପତ୍ରିକାଟି ପ୍ରକାଶ ପଛରେ ରହିଥିବା ନିଷ୍ଠା ଓ ଅବିଶ୍ରାନ୍ତ ଶ୍ରମକୁ ମୋର ସାରସ୍ୱତ ପ୍ରଣାମ ! 'ରେବତୀ'କୁ ଅଗଷ୍ଟ ମାସରେ ନୂଆ ରୂପରେ ଦେଖିବା ପାଇଁ ଅପେକ୍ଷା କରି ରହିଲି ! 'ରେବତୀ' ଦୀର୍ଘାୟୁ ହେଉ !

**ଡକ୍ଟର ସୁମିତ୍ରା ମିଶ୍ର,** କୋଳଥିଆ, ଭୁବନେଶ୍ୱର

## ପାରିବାରିକ ଖୁସୀକୁ ନେଇ ସୁବାସିନୀ ଜେନାଙ୍କ ସମ୍ପାଦକୀୟ ବେଶ୍ ଉପାଦେୟ ଓ ଶିକ୍ଷଣୀୟ ହୋଇଛି

● 'ରେବତୀ' ଜୁଲାଇ ୨୦୨୩ ସଂଖ୍ୟାଟି ପଢ଼ିନେଲି । ମାସ ପରେ ମାସ ପ୍ରଚ୍ଛଦରେ ସ୍ଥାନ ପାଉଥିବା ରେବତୀର ପ୍ରତିଭୂ ଆକର୍ଷଣୀୟ । ତା ସହ ବେଶ ପରିପାଟୀରେ ଓଡ଼ିଶାର ଅସ୍ମିତାର ପରିକଳ୍ପନା, ପତ୍ରିକାର ଆଭ୍ୟନ୍ତରୀଣ ତଥ୍ୟ, ଗଦ୍ୟ ପଦ୍ୟ ସମୂହ ଉଚ୍ଚକୋଟୀର ଏବଂ ସାରଗର୍ଭକ । ସମ୍ପାଦକୀୟରେ ପାରିବାରିକ ଖୁସୀକୁ ନେଇ ଆଲୋଚନା ଉପାଦେୟ, ଶିକ୍ଷଣୀୟ । 'ଶେଷପୃଷ୍ଠା'ରେ ସୃଜନର ସୁଖକୁ ନେଇ ମନ୍ତବ୍ୟ ନିଛକ ସତ ଏବଂ ମାର୍ମିକ । ଊଣା ଅଧିକେ ସମସ୍ତଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ଏବଂ ସମ୍ପ୍ରତି ପରିଲକ୍ଷିତ । ପୁରସ୍କାର ସୃଜନର ଆଧାର କିମ୍ବା ଉପଜୀବ୍ୟ ନୁହଁ । ପୁରସ୍କାର ନିଶ୍ଚିତ ରୂପେ ପ୍ରେରଣାଦାୟକ କିନ୍ତୁ ଆୟୋଜିତ ପୁରସ୍କାର କପି କରି ପାସ୍ କରିବା ସଦୃଶ । ସ୍ୱଳ୍ପ ଅଭିଜ୍ଞତାରୁ ଯାହା ଅନୁଭୂତ ପାଠକୀୟ ସ୍ୱୀକୃତି ଏବଂ ଆଦୃତି ସବୁଠୁ ବଡ଼ ପୁରସ୍କାର ।

**ପ୍ରଦ୍ୟୁମ୍ନ ପଟ୍ଟନାୟକ,** ୧୦୧- ପ୍ରକାଶଦୀପ ଟାୱାର, ଭୁବନେଶ୍ୱର, ଫୋନ: ୯୯୬୮୨୮୦୮୯୬

SUPRATIK INFRAVENTURES

# LIFESTYLE Project - II

***Limited 2 & 3 BHK Flat Available***

RERA APPROVED



**✆ 7205330222**

sales@supratikinfraventures.com

Follow us on :

/ supratikinfraventures

www.supratikinfraventures.com

**Branch Office :** Alupur, Near Laxminarayan Temple O. T. Road, Balasore - 756001

## ଦୁଇଟି ସଂପାଦକୀୟ ବେଶ୍ ଉଚ୍ଚକୋଟୀର

● ମୁଁ କିନ୍ତୁ 'ରେବତୀ'ର ଜୁନ୍ ସଂଖ୍ୟାଟି ପାଇନଥିଲି । ଗ୍ରୀଷ୍ମଛୁଟି ଭିତରେ ଆସିଥିଲା, ନପାଇବା ଜନିତ ଅବସୋସ ବି ଥିଲା । ହେଲେ ଜଣେ କର୍ମଚାରୀଙ୍କ ପାଖରୁ ଆଜି ହଠାତ୍ ଆବିଷ୍କାର କଲି । ଏହାର ସମ୍ପାଦକୀୟ ଆଲେଖ୍ୟ ଓ ଶେଷପୃଷ୍ଠା ଆଲେଖ୍ୟ ଦୁଇଟି ଅତ୍ୟନ୍ତ ଉଚ୍ଚକୋଟୀର ହୋଇଛି । ସଂପ୍ରତି ପରିବାରବାଦ ଭାଂଗି ପଡୁଥିବା ବେଳେ ଆଦର୍ଶମୟ ପରିବାର ଗଢଣ ଓ ବିମଳ ଆନନ୍ଦର ସନ୍ଧାନ ଲାଗି ଏଥିରେ ଥିବା ବାର୍ତ୍ତା ଅତ୍ୟନ୍ତ ଉପାଦେୟ ହୋଇଛି । ସେହିପରି 'ସର୍ଜନା ଓ ବୟସ' ପ୍ରସଂଗରେ ରୋକ୍‌ଠୋକ୍ ଭାବେ ନିହାତି ବାସ୍ତବ କଥା ଉଲ୍ଲେଖ କରାଯାଇଛି । ବୟସ ଭିତ୍ତିରେ ନୁହଁ, ଉତ୍କର୍ଷ ଭିତ୍ତିରେ ସାହିତ୍ୟର ପଦ୍ମପୋଖରୀ ଦୃଶ୍ୟମାନ ହେଉ ବୋଲି ଏଥିରେ କାମନା କରିଛନ୍ତି ସ୍ରଷ୍ଟା । ଏବେ ଅନ୍ୟ ପୃଷ୍ଠା ଆଡକୁ ଯାଉଛି । ଧନ୍ୟବାଦ ।

**ଡକ୍ଟର ବିଶ୍ୱରଂଜନ ଦାସ**
ବିଏନଏମଏ କଲେଜ, ପାଳିଆବିନ୍ଧା, ଭଦ୍ରକ

## 'ଶେଷପୃଷ୍ଠା'ର ସୃଜନ ସୁଖ ଭଲ ଲାଗିଲା

● ଜୁଲାଇ ସଂଖ୍ୟା 'ରେବତୀ' ପଢ଼ିଲି । ଶ୍ରୀଜଗନ୍ନାଥ ଆଧାରିତ ଫିଚର୍ ଗୁଡିକ ଭଲ ଲାଗିଲା । କବିତା ଗୁଡିକ ମଧ୍ୟରୁ ସୁଜିତ କୁମାର ଶତପଥିଙ୍କ 'କେହି ଜଣେ' ବେଶି ଛୁଇଁଲା । 'ଶେଷପୃଷ୍ଠା'ରେ 'ସୃଜନର ସୁଖ' ଭଲ ଲାଗିଲା । ମୋଟାମୋଟି ଏ ମାସର ପତ୍ରିକା ଗୁଣାତ୍ମକ । ଧନ୍ୟବାଦ ।

**ଡକ୍ଟର ହରିଶ୍ଚନ୍ଦ୍ର ବେହେରା,** ବାଲେଶ୍ୱର

## ଦୁଇଟି ଗଳ୍ପ ଖୁବ ଚମତ୍କାର ହୋଇଛି

● ଜୁନ୍ ମାସ 'ରେବତୀ'ର ପ୍ରତ୍ୟେକ ପୃଷ୍ଠା ମାଟିର ପର୍ବ, ମାଟିର ମଣିଷ, ମାଟିର ଶିଳ୍ପ, ମାଟିର କାହାଣୀ ଆଉ କବିତାରେ ଭରପୂର । ରଜ ପାନ ଆଉ ପୋଡ଼ ପିଠାର ମହକରେ ମହକୁଛି 'ରେବତୀ' । ବାସନ୍ତୀ ମହାନ୍ତି ମ୍ୟାଡାମ୍‌ଙ୍କର ଆଲେଖ୍ୟ ବେଶ୍ ମନଛୁଆଁ । ଏ ମାଟିର ବ୍ୟକ୍ତିତ୍ୱ ଜଗନ୍ନାଥ ପ୍ରସାଦ ଦାସଙ୍କର ଜାତକ ବିଷୟରେ ଅବଗତ ହୋଇ ଅନେକ ପାଠକ ଧନ୍ୟ ହୋଇଥିବେ । ମାଟିର ଶିଳ୍ପ ଆମ କେଉଁଝରର କଣ୍ଢେଇ ନାଚ ତ୍ରିଲୋଚନ ସାହୁଙ୍କର ଏକ ପ୍ରଶଂସନୀୟ ପ୍ରଚେଷ୍ଟା । ଦୁଇଟି ଗଳ୍ପ ଦୁଇଟି ଅଭିଜ୍ଞତାକୁ ବର୍ଣ୍ଣନା କରିଛି । ସୁରେଶ ଛୋଟରାୟଙ୍କ 'ବାଘ ଡଙ୍ଗର' 'ପରଜା'କୁ ମନେ ପକେଇ ଦେଇଛି । ଜୟନ୍ତୀ ମ୍ୟାଡାମ୍‌ଙ୍କର ପ୍ରଜ୍ଞାପୀଠ ପରିକ୍ରମାରୁ ଅନେକ ତଥ୍ୟ ପାଇ ପାରୁଛୁ । କବିତାର ପୃଷ୍ଠା ଗୁଡିକ ଜହ୍ନ,ଖରା, ନିଆଁ, ଇତ୍ୟାଦିରେ ବେଶ୍ ସମୃଦ୍ଧ । 'ଶେଷପୃଷ୍ଠା'ର ସଂପାଦକୀୟ ସବୁଠାରୁ ଆକର୍ଷଣୀୟ । ଆଜିକାଲିର ନୂଆ ନୂଆ ଲେଖକ ଲେଖିକାଙ୍କୁ ମାର୍ଗଦର୍ଶନର ମନ୍ତ୍ର ପ୍ରଦାନ କଲା ପରି କୃଷ୍ଣ କୁମାର ମହାନ୍ତିଙ୍କ ସଂପାଦକୀୟରେ ଯଥାର୍ଥତା ଅନେକ । ପ୍ରଥମରୁ ଶେଷ ପର୍ଯ୍ୟନ୍ତ ମୋତେ ସବୁ ଭଲ ଲାଗେ ।

**ଜ୍ୟୋତ୍ସ୍ନା ରଥ**
ଭୁବନେଶ୍ୱର

# ଲେଖକଲେଖିକାଙ୍କ ପାଇଁ ନିୟମାବଳୀ

● 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପ୍ରକାଶ ପାଏ । ବେଶ୍ କିଛି ସଂଖ୍ୟା ପାଇଁ ରଖା ଯାଇଥାଏ ବିଶେଷ ପ୍ରସଙ୍ଗମାନ ।

● ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ପରିବାର ଓ ଜନଜୀବନ ଉପଯୋଗୀ ସକାରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ । ସାହିତ୍ୟ ଏହାର ଏକ ଅଂଶ ମାତ୍ର ।

● 'ରେବତୀ' ମୁଖ୍ୟତଃ ତରୁଣ ଲେଖକ/ଲେଖିକାଙ୍କର କଳ୍ପିତ ମଞ୍ଚ । କିନ୍ତୁ କେବଳ ଲେଖାର ଅଭିନବତ୍ୱ ହିଁ ଚୟନର ମାନକ । ଲେଖକମାନେ ଗୋଟିଏ ନୂଆ ଦିଗ୍‌ବଳୟ ସୃଷ୍ଟି କରି ପାରିଲେ 'ରେବତୀ' ସେଇମାନଙ୍କର ହେବ, ସବୁବେଳେ ।

● ଏଥିପାଇଁ ଫିଚରଧର୍ମୀ ଲେଖା (ଜେରକ୍ସ କପି ନୁହେଁ) ବର୍ଷସାରା ଗ୍ରହଣ କରାଯାଏ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।

● କେଉଁ ବିଷୟରେ ଫିଚର୍ ପ୍ରସ୍ତୁତ କରିବେ, ସେ ସମ୍ବନ୍ଧିତ ସବିଶେଷ କଥା ସମ୍ପାଦକୀୟ କାର୍ଯ୍ୟାଳୟରୁ ଆଗ ଜାଣିନେବେ । ସେଠାରୁ ସବୁଜ ସଂକେତ ପାଇଲେ ନିର୍ଧାରିତ ସମୟସୀମା ଭିତରେ ଲେଖା ପଠାଇବେ । ପଠାଇବାର ଛଅମାସ (କିମ୍ବା ଅଧିକ ସମୟ)ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ମନୋନୀତ ଲେଖାଟି ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇପାରେ ।

● ଗଳ୍ପ, କବିତା କିମ୍ବା କବିତା ଜାତୀୟ ଯେକୌଣସି ଲେଖା ପଠାଇବା ପୂର୍ବରୁ ପଚାରି ନିଅନ୍ତୁ । କାରଣ ଏଥିପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । ଗଳ୍ପ/କବିତା ଜଣେ ଲେଖକର ବର୍ଷକରେ ଦୁଇଥର ପ୍ରକାଶ ପାଇବ । ଲଗାତାର କବିତା ଗଳ୍ପ ପଠାଇବେ ନାହିଁ ।

● ଅନୁବାଦ ଲେଖା ପ୍ରକାଶ ପାଏ ନାହିଁ କି ପୁସ୍ତକ ସମୀକ୍ଷା ବା ପୁସ୍ତକ ଆଲୋଚନା ମଧ୍ୟ ପ୍ରକାଶ ହୁଏନା ।

● 'ରେବତୀ' ପାଇଁ ଯେଉଁମାନେ ଫିଚର୍ ଲେଖିବାକୁ ଆଗ୍ରହୀ ସେମାନେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକର କେବଳ ସଫ୍ଟ କପି ଇ-ମେଲ୍ ମାଧ୍ୟମରେ ପଠାଇବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏସବୁରେ ଫଟୋର ଗୁଣବତ୍ତା ହ୍ରାସ ପାଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶିତ ହେବ ।

● ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ୟୁନିକୋଡ଼୍‌ରେ ପଠାଉଥିଲେ ଦୟାକରି ଆକୃତି ଶାରଳା ଲିପିରେ କନ୍‌ଭର୍ଟ କରି ଆବଶ୍ୟକୀୟ ସଂଶୋଧନ ପରେ ହିଁ ମେଲ୍‌କୁ ପଠାନ୍ତୁ । ହ୍ୱାଟ୍ସଆପ୍‌ରେ ଲେଖା କି ଫଟୋ ଗ୍ରହଣୀୟ ନୁହେଁ ।e-mail: **rebati.rebati2018@gmail.com**

● ପ୍ରତିଟି ପ୍ରକାଶିତ ଲେଖା ପାଇଁ ଲେଖକୀୟ ଉପହାର ସ୍ୱରୂପ ପତ୍ରିକା ପଠାଯିବାର ବ୍ୟବସ୍ଥା ଅଛି ।

● 'ରୋଷେଇ' ପାଇଁ ଯେକୌଣସି ଆଗ୍ରହୀ ମହିଳା/ପୁରୁଷ, ସେ ଲେଖିକା/ଲେଖକ ହୋଇନଥିଲେ ମଧ୍ୟ ୩ଟି ରାନ୍ଧଣା ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ ସିଧାସଳଖ ଇ-ମେଲ୍‌ରେ ।

● ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ । ପ୍ରକାଶିତ ଲେଖା ପାଇଁ କୌଣସି ପାରିତୋଷିକ ଦିଆଯିବାର ବ୍ୟବସ୍ଥା ନାହିଁ ।

● ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ରହିବେ ନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।

● 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.**ସପକ୍ଷରେ ହେବ ।

ସମ୍ପର୍କ: ସମ୍ପାଦିକା : 'ରେବତୀ', ଓ.ଟି. ରୋଡ୍, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ବାଲେଶ୍ୱର-୧,
ଫୋନ:୯୪୩୮୭୭୮୦୫୨, ୭୦୦୮୮୪୫୯୨୦ ■ ଇ-ମେଲ୍:rebati.rebati2018@gmail.com




# ବନଜଙ୍କ ବର୍ଣ୍ଣମାଳା

# ବାଗ୍‌ଦେବୀ ପୁତ୍ରୀ ବନଜ


## ରବି ପଣ୍ଡା

ପ୍ଲଟ୍ ନମ୍ବର-୩୫୩୪, କପିଳପ୍ରସାଦ,
ଭୁବନେଶ୍ୱର-୭୫୧୦୦୨
ଫୋନ: ୯୪୩୭୨୭୫୮୦୮


ମୁଖ୍ୟପୃଷ୍ଠ ପୋଟ୍ରେଟ୍ : ସୌମ୍ୟ ରଞ୍ଜନ ପଟ୍ଟନାୟକ

ଫଟୋ ସୌଜନ୍ୟ: ରବୀନ୍ଦ୍ର ବିଶ୍ୱାଳ

**ଗୃହବଧୂର ଗରିମାରୁ ବାହାରି ଆସି ନାହାନ୍ତି ଓଡ଼ିଆ ସୃଜନାକାଶର ଚନ୍ଦ୍ରମା । ମାନବବାଦରେ ବିଶ୍ୱାସ ରଖୁଥିବା ସେ ଜଣେ ସରଳ ଲେଖିକା । ଧୀର, ନମ୍ର ଓ ଏବେ ବି ଅବଗୁଣ୍ଠନରେ ସଜଡ଼ା ତାଙ୍କ ସୃଜନସତ୍ତା । ଗଳ୍ପ, କବିତା ଓ ଉପନ୍ୟାସର ସେ ହେଲେ ବରେଣ୍ୟ ଲେଖିକା ବନଜ ଦେବୀ । ଜନ୍ମ ହୁଅନ୍ତି ଏଇ ଅଗଷ୍ଟ ମାସରେ । ତାଙ୍କରି ଜନ୍ମ ମାସରେ 'ରେବତୀ'ର ଏଇ ସ୍ୱତନ୍ତ୍ର ଆୟୋଜନ । ଗାଳ୍ପିକ ରବି ପଣ୍ଡାଙ୍କ ବିଶେଷ ପ୍ରତିବେଦନ ।**



▶ଲେଖକ ରବି ପଣ୍ଡା

ଉପରେ ମେଘ ମେଦୁରିତ ଆକାଶ । ତଳେ ଆଦ୍ୟ ଶ୍ରାବଣର ଭିଜାଭିଜା ମାଟି । ପରିବେଶରେ ଶୀତଳତାର ଗୋଟେ ଆଶ୍ୱସ୍ତିକର ଆସ୍ତରଣ । ଆମେ ପହଞ୍ଚିଲୁ 'ଶିବଛାୟା'ରେ । ଅପ୍ରତ୍ୟକ୍ଷ ଓ ଅଦୃଶ୍ୟ ଭାବରେ ଏକାମ୍ର ଅଧୀଶ୍ୱର ମହାଶିବ ଲିଙ୍ଗରାଜଙ୍କର ଆଶିଷର ଛାଇ ଅବଶ୍ୟ ଥିବ, କିନ୍ତୁ ପ୍ରତ୍ୟକ୍ଷ ଭାବରେ ଯାହା ବିସ୍ତୀର୍ଣ୍ଣ ଓ ବିପୁଳ ଛାଇ ସମଗ୍ର ଘରଟିକୁ ଛାୟା ପ୍ରଦାନ କରୁଛି ତାହା ଗୋଟିଏ ଆମ୍ବଗଛ । ସୁଉଚ୍ଚ, ସୁଗଠିତ ଓ ସୁଶୋଭିତ । ଏକା କଥା, ଭାରତୀୟ ସଂସ୍କୃତିରେ ବୃକ୍ଷ ହେଉଛି ଦେବତା, ଆମର ଆରାଧ୍ୟ ତ ଖୋଦ ଦାରୁବ୍ରହ୍ମ । ସୁତରାଂ 'ଶିବଛାୟା' ଏମିତି ଏକ ଆଧ୍ୟାତ୍ମିକ ପରିମଣ୍ଡଳ ଯେଉଁଠି ରହନ୍ତି ଓଡ଼ିଆ କବିତା ଓ କଥା ସାହିତ୍ୟର ସ୍ୱାଧ୍ୱୀ ତପସ୍ୱିନୀ ବରେଣ୍ୟା ବନଜଦେବୀ । ତାଙ୍କ ସହ ଆଜି ସାକ୍ଷାତ ।

ଦୁଆର ଟପୁଟପୁ ମାତୃତ୍ୱର ଆହ୍ଲାଦ ଓ ଆପଣାପଣରେ ଯିଏ ଭିତରକୁ ପାଛୋଟି ନେଲେ ସିଏ **ବନଜ ଦେବୀ** । ଶୀର୍ଣ୍ଣା କିନ୍ତୁ ଦୁର୍ବଳା ନୁହଁନ୍ତି । ଅଶୀତିପର ବୟସରେ ବି ସେ ଅବଗୁଣ୍ଠନାବତୀ, ତେଜୋଦୀପ୍ତ, ଓଡ଼ିଆ ସଂସ୍କାର ଓ ପରମ୍ପରାର ଏକ ସାର୍ଥକ ମହିୟସୀ ମହିଳା । ବିପୁଳ ସୃଜନ ଓ ସମ୍ମାନର ଅଧିକାରିଣୀ ବନଜଙ୍କ ମୁହଁରେ ଲେଶ ମାତ୍ର ଅଭିମାନ କି ଅହଙ୍କାରର ଗାମ୍ଭୀର୍ଯ୍ୟ ନାହିଁ ବରଂ ନିର୍ଲିପ୍ତ ନିରହଙ୍କାରର କୋମଳତାରେ ଫୁଟି ଉଠୁଛି ଏକ ଉଜ୍ଜ୍ୱଳ ଦ୍ୟୁତି । ଆମେ (ମୋ ସହିତ ସବୁଥର ପରି ଥିଲେ ରବୀନ୍ଦ୍ର କୁମାର ବିଶ୍ୱାଳ)ପ୍ରଣାମ ଜଣାଇଲୁ ।

ବସୁ ବସୁ ହିଁ ପରଷି ଦେଲେ ଆକର୍ଷଣୀୟ ହଳଦୀବର୍ଣ୍ଣର ଇଡ଼ଲି ସହିତ ବଡ଼ବଡ଼ କମଳାଭୋଗ ମିଠା । ଇଡ଼ଲିରେ ପଡ଼ିଚି ପୁଣି ଭୃଙ୍ଗରାଜପତ୍ରର ବାସ୍ନା । ଆମେ ଟିକେ ଅପ୍ରସ୍ତୁତ ହେଲୁ । ବନଜ ଦେବୀ ତାଙ୍କ ମାତୃସୁଲଭ ଆଦରପଣରେ ସ୍ମିତ ହସି କହିଲେ, "ଆଗେ ମିଠା, ତା'ପରେ କଥା ।"

ସତରେ ତାଙ୍କ ହସର ଆତ୍ମୀୟତା ଓ ଧିର ଅଥଚ କୋମଳ ସ୍ୱରର ମିଠାପଣକୁ ଅଗ୍ରାହ୍ୟ କରିହୁଏନା । ସେଥିରେ ପୁଣି ଅପତ୍ୟର ଅଧିକାର ଭାବଟି ବି ମହଜୁଦ ଅଛି ।

କେଉଁଠି ପଢିଥିବା ତାଙ୍କ କବିତା ପଦେ ମନେ ପଡ଼ିଗଲା,

"ମୋ ଭିତରେ ଏତେ ଶାନ୍ତି ଅନାସକ୍ତ ଏତେ ଆକୁଳତା
ନଦୀ ପାଇଁ ନଭ ପାଇଁ ତାରା ପାଇଁ ବିପୁଳ କବିତା ।"

ଏହାକୁ ଆଧାର କରି ତାଙ୍କ ସୃଜନ ସଂସାର ଭିତରକୁ ପ୍ରବେଶ କରାଯାଇପାରେ । ପଚାରିଲି କବିତା କେବେଠୁଁ ଓ କାହିଁକି ଲେଖିଲେ ? ଓଡ଼ିଆ କଥାସାହିତ୍ୟରେ ବିପୁଳ ସିଦ୍ଧି ପାଇଥିବା ବନଜ ଯେପରି ଫେରିଗଲେ କାହିଁ କେତେ ସୁଦୂର ଅତୀତକୁ । ହୋଇଗଲେ ଛଳଛଳ, ଆବେଗ ପ୍ରବଣ । ସେଇ ଅତୀତରେ ଘୁରୁଥିଲା ପରି କହିଲେ, ପିଲାବେଳେ ମୁଁ ଖୁବ୍ ଚୁପ୍‌ଚାପ୍ ଥିଲି । ଶାନ୍ତ, ଧୀର । ସହରରେ ରହୁଥିଲେ ବି ପ୍ରତି ଛୁଟିରେ ଗାଁକୁ ଗଲେ ତାର ସବୁଜ ସୌନ୍ଦର୍ଯ୍ୟରେ ମୁଁ ମୁଗ୍ଧ ହେଇଯାଉଥିଲି । ଶାଗୁଆ ଧାନକ୍ଷେତ, କଇଁ ଭର୍ତ୍ତି ନୟନଜୋରୀ, କାଶତଣ୍ଡୀ ପଠା ମୋତେ ବିହ୍ୱଳ କରୁଥିଲା । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ମୋ ପାଇଁ ଥିଲା ଆନମନା ହେବାର ଦୃଶ୍ୟ । କଜଳପାତି, ହଳଦୀ ବସନ୍ତ, ଉଦଉଦଳିଆ ଚଢ଼େଇଙ୍କୁ ମୁଁ ଖୋଜି ବୁଲୁଥିଲି । ଏ ଦୃଶ୍ୟ ମୋତେ ଯେତେ ଆବେଗ ପ୍ରବଣ କରୁଥିଲା, ସାହିତ୍ୟ ବହିର କବିତାଗୁଡ଼ିକ ସେତେ ମୋତେ ଆକର୍ଷିତ କରୁଥିଲା । ଥରେ ପଢ଼ିଲି କବି ଗଡ଼ନାୟକଙ୍କ 'କନିଅର ଫୁଲ' । ସେ କବିତା ମୋତେ ଏତେ ଆଚ୍ଛନ୍ନ କଲା ଯେ ମୁଁ ଖୋଜିଖୋଜି ଖାଲି କବିତା ପଢ଼ିଲି । କିଛି କିଛି କବିତା ବି ଆବେଶରେ ଲେଖି ପକାଇଲି । ସେତେବେଳେ ମୋର ପ୍ରିୟ ପତ୍ରିକା ଥିଲା ପ୍ରଜାତନ୍ତ୍ରର 'ମୀନାବଜାର' । ମୋର ସେହି ଆବୁରୁ ଜାବୁରୁ କବିତାକୁ ସଫା କାଗଜରେ ଉତାରି 'ମୀନାବଜାର'କୁ ପଠାଇବାକୁ ଲାଗିଲି । ନିୟମିତ ପ୍ରାୟ ଦେଢ଼ବର୍ଷ । ଦେଢ଼ ବର୍ଷ ପରେ 'ମୀନାବଜାର'ରେ କବିତା ପ୍ରକାଶ ପାଇଲା । ସେତେବେଳେ ମୋତେ ମାତ୍ର ତେର ଚଉଦ ବର୍ଷ । ତା'ପରେ ଆଉ ମୁଁ ଅଟକି ନାହିଁ । ସେଇଠି ଲେଖି ମୁଁ ବିଷୁବ ମିଳନ ପୁରସ୍କାର ପାଇଛି । ପରବର୍ତ୍ତୀ ସମୟରେ ମୁଁ ପ୍ରଜାତନ୍ତ୍ରର 'ନାରୀଜଗତ', ରବିବାର ସାହିତ୍ୟ ପୃଷ୍ଠା ପାଇଁ ଲେଖିଲି । ନାରୀ ଜଗତ ପାଇଁ ମଧ୍ୟ ବିଷୁବ ମିଳନ ପୁରସ୍କାର ପାଇଛି । ପ୍ରଜାତନ୍ତ୍ର ହିଁ ମୋ ସୃଜନ ଜୀବନର ପ୍ରଥମ ଓ ପ୍ରମୁଖ ପଥ ପ୍ରଦର୍ଶକ । ୧୯୫୪ରେ ମାର୍ଚ୍ଚ ସଂଖ୍ୟାରେ ପ୍ରଥମେ ମୋ କବିତା ପ୍ରକାଶ ପାଇଲା 'ଆନ୍ତାକାଳି'ରେ । ଏଇଠୁ ମୋ ପରିଚିତିର ଅୟମାରମ୍ଭ । ଜଣେ କବୟିତ୍ରୀ ଭାବରେ ।




# ସ୍ୱୟଂଭୂ

## ଶିବକଥା ଓ ଶିବଗାଥାରେ ବର୍ଣ୍ଣିତ ଏକ ମହାର୍ଘ୍ୟ ସଂକଳନ

ଚତୁର୍ଦ୍ଦଶ ଭୁବନର ସଦା ମଙ୍ଗଳମୟ କର୍ତ୍ତା ତୁମେ,
ହେ ମହାଶିବ ।
ତୁମେ ଓଁ କାର, ଅନଘ, ଅଗାଧ, ଆଶୁତୋଷ ଆଦିନାଥ ।
ତୁମେ ବି ନଟରାଜ, ନୀଳକଣ୍ଠ, ନାଗଭୂଷଣ, ନୃତ୍ୟପ୍ରିୟ ।
ତୁମେ ମଧ୍ୟ ପରମଜ୍ୟୋତି, ପରମେଶ୍ୱର, ପଶୁପତି, ପିନାକି ।
ତୁମେ ନିତ୍ୟ, ତୁମେ ଚନ୍ଦନ, ଏକ ଅନୁପମ ସାଧନ ।
ତୁମେ ପ୍ରାଣର ପ୍ରାଣସ୍ୱରୂପ, ଜୀବନ ଓ ଜଗତର କାରଣ ।
ତୁମେ ସତ୍ୟ, ଶିବ ଓ ସୁନ୍ଦର ।
ସଂସାରର ସଂଚାଳକ, ସଂସ୍ଥାପକ ଓ ପରିପାଳକ ମଧ୍ୟ ତୁମେ ।
ନର-ସୁର-ଅସୁର-ଦାନବ-ଯକ୍ଷ-ପିଶାଚ, ସବୁରି ଦେବାଧିଦେବ ।
ସକଳ ଇନ୍ଦ୍ରିୟ ଶକ୍ତିର ପ୍ରକାଶକ ।

ତୁମେ ବେଦର ଓଁ କାର, ଶବ୍ଦର ଝଙ୍କାର ।
ସବୁ ମାୟା ଓ ଛାୟାର ଅତୀତ ।
ତ୍ୟାଗ ତୁମର ଭୂଷଣ, ଆଶୁ ଆଶୀର୍ବାଦ ତୁମର ସଂପତ୍ତି ।
ସଂସାରର ସକଳ ଭୟ ଓ ବିପତ୍ତି ନାଶ କରୁଥିବାରୁ ତୁମେ ଶିବ ।
ତୁମେ ତର୍କ ଓ ସ୍ତବର ଉର୍ଦ୍ଧ୍ୱରେ ।
ନିତ୍ୟ ଆନନ୍ଦର ଅପାର ମହାସିନ୍ଧୁରେ
ସକଳ ପ୍ରାଣର ପ୍ରାଣସ୍ୱରୂପ ତୁମେ ।
ସବୁ ସୁଖ, ସଂପଦ ଓ ଐଶ୍ୱର୍ଯ୍ୟକୁ ତୁଚ୍ଛ କରି
ଜୀବଙ୍କ ଅକ୍ଷୟାନନ୍ଦ ପାଇଁ ତୁମେ ସାଜିଛ ନୀଳକଣ୍ଠ ।
ତୁମେ କାହା ଠାରୁ ଜାତ ନୁହେଁ, ନିଜେ ହିଁ ଭୂମିରୁ ପରିପ୍ରକାଶ
ହୋଇଥିବାରୁ ତୁମେ - **ସ୍ୱୟଂଭୂ** ॥

ଅନୁପମ ଶିବକଥା, ଶିବଗାଥା ଏବଂ ଓଡ଼ିଶା - ଓଡ଼ିଶା ବାହାରର ବହୁ ପ୍ରସିଦ୍ଧ ଶୈବପୀଠଗୁଡ଼ିକ ଉପରେ
ଆଲେଖ୍ୟକୁ ନେଇ ପ୍ରକାଶ ପାଇଛି ଏହି ସଂଗ୍ରହଣୀୟ ସଂକଳନ : **ସ୍ୱୟଂଭୂ** ।
**୮୦ ଜଣ ବିଶିଷ୍ଟ ଲେଖକ/ଲେଖିକାଙ୍କ ଲେଖାରେ ସମୃଦ୍ଧ ହୋଇଛି ଏହାର ପୃଷ୍ଠା ।**

**ହାଡ଼ବୋର୍ଡ଼ ବାଇଣ୍ଡିଂ ସହ ୩୮୮ + ୪୦ ପୃଷ୍ଠା ରଙ୍ଗୀନ ଫଟୋଚିତ୍ର ସହିତ**
**ମୂଲ୍ୟ : ୬୦୦ ଟଙ୍କା**

**ପ୍ରାପ୍ତିସ୍ଥାନ :**
**ଏ.କେ. ନାୟକ ଏଜେନ୍ସି,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୮୬୧୦୪୬୧୭୯)
**ନାରାୟଣୀ ବୁକ୍ ଷ୍ଟଲ୍,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୬୬୮୧୮୬୯୨୬)
**ମାଧବ ବୁକ୍ ଷ୍ଟୋର୍,** ଭରତିଆ ଟାୱାର, ବାଦାମବାଡ଼ି, କଟକ (୯୩୪୮୮୨୮୭୮୩)
**ନିରଂଜନ ବେହେରା,** BSNL ଅଫିସ୍ ସାମ୍ନା, ଲିଙ୍କରୋଡ଼, କଟକ (୯୪୩୭୨୫୫୭୪୪)
**ଲୋକସଂପର୍କ ବିଭାଗ,** ରୁଚି ଉଦ୍ୟୋଗ, ମଧୁପାଟଣା, କଟକ (୮୧୧୪୩୭୪୭୦୫)

**ପ୍ରକାଶକ:**
**ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମନ୍ଦିର**
**ରଜତ ଜୟନ୍ତୀ ମହୋତ୍ସବ କମିଟି**
ରୁଚି ପରିସର, ଶିଳ୍ପାଂଚଳ
ମଧୁପାଟଣା, କଟକ-୭୫୩୦୧୦
ଯୋଗାଯୋଗ: ୯୪୩୭୨୨୬୭୯୭

*** ରୁଚି ଅନୁଷ୍ଠାନରୁ ବିଶେଷ ରିହାତି ମୂଲ୍ୟରେ ପୁସ୍ତକ ଉପଲବ୍ଧ ***

ସୃଜନମଗ୍ନା ବନଜ ଦେବୀଙ୍କ ଜନ୍ମ ଭାରତର ପରାଧୀନ ସମୟରେ, ଏକ ସଂସ୍କୃତିସମ୍ପନ୍ନ ରକ୍ଷଣଶୀଳ କରଣ ପରିବାରରେ । ଗାଁ'ର ନାମ ପୁରୀ ଜିଲ୍ଲାର ପୋଷଲ । ସେ ଗାଁରେ ସେ ଜନ୍ମ ହେଇ ନାହାନ୍ତି କି ବଢ଼ି ନାହାନ୍ତି । କିନ୍ତୁ ସେ ଗାଁ ସହିତ ଅଛି ତାଙ୍କର ଏକ ଭାବାତ୍ମକ ସଂପର୍କ । ବନଜ ହେଉଛନ୍ତି ତାଙ୍କ ବାପା ବୋଉଙ୍କ ପ୍ରଥମ ସନ୍ତାନ । ବାପାବୋଉଙ୍କ ଦାମ୍ପତ୍ୟର ଦୀର୍ଘ ଆଠବର୍ଷ ଯାଏଁ କୌଣସି ସନ୍ତାନ ସନ୍ତତି ନ' ହେବାକୁ ବୋଉ ତାଙ୍କର ଗ୍ରାମ ଠାରୁ ଅନତି ଦୂରରେ ଥିବା ହରିପୁର ଗ୍ରାମର ପ୍ରସିଦ୍ଧ ଓ ପ୍ରତ୍ୟେକ ଠାକୁରାଣୀ ମା' ମଙ୍ଗଳାଙ୍କର ଶରଣାପନ୍ନ ହୁଅନ୍ତି । କେତେ ଓଷାବ୍ରତ, ଆରାଧନା ନିରାଜନା ପରେ ମା'ଙ୍କ କୃପାରୁ ସେ ସନ୍ତାନସମ୍ଭବା ହୁଅନ୍ତି । ସେହି ସନ୍ତାନ ଦୈବୀ ଆଶିଷପ୍ରାପ୍ତା ବନଜ ଜନ୍ମ ହୁଅନ୍ତି ଭଦ୍ରକରେ । ବଡ଼ବାପା ସେତେବେଳେ ଭଦ୍ରକର ଡେପୁଟି କଲେକ୍ଟର । ପରବର୍ତ୍ତୀ ସମୟରେ ସେ ବ୍ରିଟିଶ ସରକାରଙ୍କ ଠାରୁ ରାୟ ସାହେବ ଉପାଧି ପାଇଥିଲେ ।

୧୯୪୨ ଦ୍ୱିତୀୟ ବିଶ୍ୱଯୁଦ୍ଧର ସମୟ । ଭଦ୍ରକ ଉପକୂଳ ଅଞ୍ଚଳ ଜାପାନୀମାନଙ୍କ ବୋମା ଆକ୍ରମଣର ଶିକାର ହେବା ସମ୍ଭବ । ତେଣୁ ପରିବାରକୁ ସେ ପଠାଇ ଦେଲେ ଗାଁକୁ ସୁରକ୍ଷା ପାଇଁ । ତାଙ୍କର ଏକାନ୍ନବର୍ତ୍ତୀ ପରିବାର । ପ୍ରାଚୀନ ଓଡ଼ିଶାର ଯୌଥ ପରିବାରର ଭୂମିକା ବେଶ୍ ଐଶ୍ୱର୍ଯ୍ୟପୂର୍ଣ୍ଣ, ଗାରିମାମୟ ।

ସେହି ପରିବାରରେ ସେ ପ୍ରତିପାଳିତା ହେଲେ । ତାଙ୍କର ବାଲ୍ୟଜୀବନ କଥା ସେ ମନେ ପକାଇ କହନ୍ତି, ଆମର ପାରିବାରିକ ମୂଲ୍ୟବୋଧ ଥିଲା ଉଚ୍ଚକୋଟୀର । ବାପା ବଡ଼ବାପା ଥିଲେ ରାମ-ଲକ୍ଷ୍ମଣ ପରି ଦୁଇଭାଇ । ମୋ ବୋଉ ବଡ଼ବୋଉ ଥିଲେ ଅତ୍ୟନ୍ତ ଧର୍ମ ପରାୟଣା, ସଂସ୍କୃତି ସମ୍ପନ୍ନା ମହିଳା । ତ୍ୟାଗ ଓ କରୁଣାର ପ୍ରତିମୂର୍ତ୍ତି । ଉଭୟଙ୍କ ସଂପର୍କ ଥିଲା ସହୋଦରୀ ପରି ଘନିଷ୍ଠ, ନିଷ୍କପଟ । ଏକା ଥାଳିରେ ଖାଉଥିଲେ । ଉଭୟେ ତ୍ୟାଗ କରୁଣାର ପ୍ରତିମୂର୍ତ୍ତି । ନୀତି ସକାଳସଞ୍ଜେ ଠାକୁର ପୂଜା କରିବା, ଭାଗବତ ପଢିବା ଥିଲା ସେମାନଙ୍କର ପ୍ରାତ୍ୟହିକ କାର୍ଯ୍ୟ । ଓଡ଼ିଆ ଘରର ସବୁ ସଣ୍ଣଗୁଣରେ ଦୁହେଁ ଥିଲେ ନିଷ୍ଠା ପରାୟଣା । ସେମାନଙ୍କ ବ୍ୟକ୍ତିତ୍ୱ ଥିଲା ଅସାଧାରଣ । ପିଲାବେଳୁ ତାଙ୍କରି ଦ୍ୱାରା ମୁଁ ହୋଇଗଲି ପ୍ରଭାବିତ । ଜୀବନ ଜିଇବାର ନିଷ୍ଠା ଶିଖିଛି ତାଙ୍କ ଠାରୁ । ଶିଖିଚି ସହନଶୀଳତା ଓ ତ୍ୟାଗ । ଜାଣିଚି ପରିବାରକୁ ବାନ୍ଧି ରଖିବାର ବାଗ ।

ଦେଢ଼ବର୍ଷ ବୟସରୁ ବନଜ ବଡ଼ବୋଉଙ୍କ ଦ୍ୱାରା ପ୍ରତିପାଳିତା । ଇତିମଧ୍ୟରେ ବଡ଼ବାପାଙ୍କ ଅନୁଗୁଳକୁ ବଦଳି ହେଇ ଯାଇଥାଏ । ସେଇଠି ଆରମ୍ଭ ହୁଏ ତାଙ୍କର ପ୍ରାଥମିକ ଶିକ୍ଷା ଠାରୁ ହାଇସ୍କୁଲ ଯାଏଁ ବିଦ୍ୟାଳୟ ଶିକ୍ଷା । କିନ୍ତୁ ପାଠପଢ଼ା ଠାରୁ କବିତା ଲେଖିବାର ମନସ୍କତା ତାଙ୍କୁ ଏ ସଫଳ ଛାତ୍ରୀ ହେବାର ଭୂମିକାରୁ ଦୂରେଇ ନିଏ । ମାତ୍ର ଦଶବର୍ଷ ବୟସରୁ ଲେଖାଲେଖି ଆରମ୍ଭ କରିବାର ଓ ଚଉଦବର୍ଷରେ 'ମୀନାବଜାର'ରେ ଶିଶୁ ସାହିତ୍ୟ ଓ 'ପ୍ରଜାତନ୍ତ୍ର'ର ନାରୀଜଗତରେ ଲେଖା ପାଇଁ 'ବିଷୁବ ମିଳନ' ପୁରସ୍କାର ପାଇବା ଯେତିକି ଅବିଶ୍ୱାସ୍ୟ ଲାଗେ, ସେତିକି ତାଙ୍କ ପ୍ରତିଭା ପାଖରେ ମୁଣ୍ଡ ନଇଁଯାଏ । ଗୋଟେ ସଂସ୍କୃତିସଂପନ୍ନ ପରିବାରର ପ୍ରଭାବ ଗୋଟେ ପିଲାର ପ୍ରତିଭାକୁ କେତେ ପ୍ରଭାବିତ କରିପାରେ ବନଜଦେବୀ ତା'ର ସାକ୍ଷାତ ପ୍ରମାଣ । ନିଜ ପରିବାରର ସଂସ୍କାର ଓ ଚଳଣି, ପୁଣି ଘରେ ମହଜୁଦ ଥିବା ଭଞ୍ଜ ଅଭିମନ୍ୟୁ କବିସୂର୍ଯ୍ୟ ଗୋପାଳକୃଷ୍ଣ, ରାଧାନାଥ, ଗଙ୍ଗାଧରଙ୍କ ଗ୍ରନ୍ଥାବଳୀ ସବୁକୁ ଦେଖିଛୁଇଁ ପଢ଼ି ବଢ଼ିଥିବା ବନଜ ସରସ୍ୱତୀ ପୁତ୍ରୀ ନହେଇ ଆଉ କ'ଣ ବା ହେଇଥାନ୍ତେ !

ସାହିତ୍ୟପଥର ଯାତ୍ରା ତାଙ୍କର ନିର୍ଦ୍ଧାରଣ ହେଉ ହେଉ ମୌଳିକ ଶିକ୍ଷାର ଶିକ୍ଷା ଲକ୍ଷ୍ୟ ତାଙ୍କର ଅବରୁଦ୍ଧ ହେଇଯାଏ ମାତ୍ର ନବମ ଶ୍ରେଣୀରୁ । ତା' ପରେ

# ସାହିତ୍ୟ ମତେ ଶକ୍ତି ଦିଏ - ବନଜ ଦେବୀ



- **ଆପଣଙ୍କ ଲେଖକୀୟ ଜୀବନର ଆଦ୍ୟ ପ୍ରସ୍ତୁତିଟି କିପରି ଥିଲା ?**

► କବିତା କ'ଣ, ସାହିତ୍ୟ କ'ଣ- ଏ କଥା ବୁଝିବା ଆଗରୁ ହିଁ ମୁଁ କବିତା ଲେଖିବା ଆରମ୍ଭ କରିଥିଲି, ଏକ ଅବୁଝା ଅନୁରାଗରେ, ଅହେତୁକ ଆଗ୍ରହରେ । ପଞ୍ଚମ ଶ୍ରେଣୀରେ ପଢ଼ିଲା ବେଳେ ଲାଇବ୍ରେରୀରୁ ବହିଟିଏ ମିଳିଥିଲା 'ପରଶମଣି' । କୁନ୍ତଳା କୁମାରୀ ସାବତଙ୍କ ଲେଖା, ବହିଟି ପଢ଼ି କାନ୍ଦିଥିଲି । ହେଲେ ଏଇ ବହି ମୋ' ମନରେ ସାହିତ୍ୟ ପ୍ରତି ଆଗ୍ରହର ଏକ ବୀଜ ବୁଣିଥିଲା । ତେଣିକି ବହି ମତେ ଆକର୍ଷଣ କଲା । ଏ ବହି ପରେ ପଢ଼ିଲି ଗୋପୀନାଥ ମହାନ୍ତିଙ୍କ 'ହରିଜନ' । ଆମ ଘରେ ବହୁତ ବହି ଥିଲା । ଷଷ୍ଠ ଶ୍ରେଣୀରେ ସାହିତ୍ୟ ବହିରେ ଥିଲା କବି ଗଡ଼ନାୟକଙ୍କର ଏକ କବିତା 'କନିଅର ଫୁଲ' । ଏଇ କବିତାଟି ମତେ ଖାଲି ମୁଗ୍ଧ ନୁହେଁ ଆଚ୍ଛନ୍ନ କଲା । ମୋ ବଡ଼ ଭାଇଙ୍କର ପଢ଼ା ହେଉଥିଲା ଗଡ଼ନାୟକଙ୍କର 'ଉତ୍କଳିକା' । ସଂଧ୍ୟାରେ ସଂସ୍କୃତ ପଣ୍ଡିତ ଯେତେବେଳେ ଭାଇଙ୍କୁ ଉତ୍କଳିକାର 'ବୀରରାଣୀ ଶୁକଦେଈ' କବିତା ଚମତ୍କାର ଆବୃତ୍ତି କରି ବୁଝାଉଥିଲେ, ଅନ୍ତରାଳରେ ଥାଇ ମୁଁ ତାହା ଢକଢକ ପିଇ ଯାଉଥିଲି । କବି ଗଡ଼ନାୟକଙ୍କ କବିତା ହିଁ ମତେ କବିତା ଲେଖିବାକୁ ଉଦ୍‌ବୁଦ୍ଧ କଲା । ଆବୁରୁ ଜାବୁରୁ କରି ଲେଖିଥିଲି ଓ 'ମୀନାବଜାର'କୁ ପଠାଇଲି । ଜମା ପ୍ରକାଶ ପାଇଲା ନାହିଁ, ଜିଦ୍ କରି ପଠାଇ ଚାଲିଥିଲି । ଦୀର୍ଘ ଦୁଇ ବର୍ଷ ଲଗାତର ପଠାଇଲା ପରେ ମୋ କବିତା 'ମୀନାବଜାର'ରେ ପ୍ରକାଶ ପାଇଲା । ବିଷୁବ ମିଳନ ପୁରସ୍କାର ବି ପାଇଲି । ତାପରେ ଲେଖିଲି 'ନାରୀଜଗତ'ରେ । ସେ ସମୟରେ ପ୍ରଚୁର କବିତା ମୋର 'ପ୍ରଜାତନ୍ତ୍ର'ରେ ପ୍ରକାଶିତ ହୋଇଚି । ଏହା ହିଁ ଥିଲା ମୋର ଯାତ୍ରାରମ୍ଭ ।

- **ଆପଣ ଗପଲେଖାକୁ କାହିଁକି ପ୍ରାଥମିକତା ଦେଲେ ?**

► ଗପ ମୁଁ କାହିଁକି ଲେଖିଲି ଏ କଥା ବି କହି ପାରିବି ନାହିଁ । ତେବେ ଗଳ୍ପ ଉପନ୍ୟାସ ଲେଖିବାର ପ୍ରବଳ ତାଡ଼ନା ଅନୁଭବ କରୁଥିଲି । ୧୯୫୯ରେ ମୋର ପ୍ରଥମ ଗଳ୍ପ 'ଛିନ୍ନବାଣୀ' ଗପ ପ୍ରକାଶିତ ହୋଇଥିଲା 'ଜନସାହିତ୍ୟ'ରେ । ୧୯୬୪ରେ 'କଥାବିଚିତ୍ରା'ରେ ମୋର 'ଲୟ ବିଲୟ' ନାମରେ ଗପଟିଏ ପ୍ରକାଶିତ ହୋଇଥିଲା । ସେହିଦିନ ଠାରୁ କବିତା ସହ ଗଳ୍ପ ମଧ୍ୟ ମୁଁ ଏକାଠି ଲେଖି ଆସୁଚି ଆଜିଯାଏଁ ।

- **ଉପନ୍ୟାସ ଲେଖିବାକୁ ଆପଣ କାହିଁକି ସ୍ଥିର କଲେ ?**

୧୯୫୮ ମସିହା, ଯେତେବେଳେ ତାଙ୍କୁ ମାତ୍ର ୧୭ ବର୍ଷ ବୟସ ତାଙ୍କର ବିବାହ ହୋଇଯାଏ । ଖୋର୍ଦ୍ଧା ଝିଙ୍କିଝରି ଗାଁର ଏକ ବଡ଼ ଯୌଥ ପରିବାରରେ । ସ୍ୱାମୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ହରିଚନ୍ଦନ ସେତେବେଳେ ଜଣେ ସମବାୟ ଅଧିକାରୀ ।

ଖୁବ୍ ଗୋଟେ ବଡ଼ ଏକାନ୍ନବର୍ତ୍ତୀ ପରିବାରର ଗୃହବଧୂ ଭବରେ ପାରିବାରିକ ଜଞ୍ଜାଳ ସାଙ୍ଗକୁ ଅଳ୍ପ ଅଳ୍ପ ବ୍ୟବଧାନରେ ଚାରିଟି ପୁଅଝିଅଙ୍କ ମା' ହେବାର ସାଂସାରିକ ଜଞ୍ଜାଳ ତାଙ୍କୁ ଓ ତାଙ୍କ ସୃଜନ କର୍ମକୁ କେତେ ନୟାନ୍ତ ଓ ରକ୍ତାକ୍ତ କରିଥିବ କେବଳ ସେ ହିଁ କହିପାରିବେ । ଭାବୁଛି ଏମିତି ସଂଘର୍ଷ ପୂର୍ଣ୍ଣ ଜୀବନ ହୁଏତ କୌଣସି ଲେଖିକାଙ୍କର ନଥିବ । ତଥାପି ସେ ଗୃହବଧୂର ନୈତିକ ଦାୟିତ୍ୱକୁ କେବେ ଅବହେଳା କରିନାହାନ୍ତି । ପ୍ରତିରୋଧ କି ପ୍ରତିବାଦ କରିନାହାନ୍ତି । ପାରିବାରିକ ମର୍ଯ୍ୟାଦା ଓ ଶୃଙ୍ଖଳା ଭିତରେ ସମସ୍ତ ଶାରୀରିକ ଓ ମାନସିକ ପୀଡ଼ା ସତ୍ତ୍ୱେ ସେ ସର୍ବଂସହା ଧରିତ୍ରୀ ପରି ଫଳେଇ ରଖିଛନ୍ତି ତାଙ୍କ ସୃଜନରୁ ସଶସ୍ୟ ସମ୍ଭାର । ଜଣେ ନିଚ୍ଛକ ଗୃହବଧୂର ଗାରିମାମୟ ଚିତ୍ରଟି ତାଙ୍କର ପଦେ କବିତାରୁ ଫୁଟିଉଠେ:

"ବୋଉ କହିଥିଲା ପରକୁ କରିବୁ  
ନିଜ ଠୁ ନିକଟତର  
ସେଇ କଥା ମାନି ନିଜ ପାଶେ ନିଜେ  
ହୋଇଗଲି ସାତପର ।"

ଏ କବିତା ପଦକ ଭିତରୁ ତାଙ୍କ ବିଳପିତ ଆତ୍ମାର ଅସହାୟ ଓ ଅବସୋସର ସ୍ୱର ମୁଖର ହୋଇ ଉଠୁଥିଲେ ବି ସତରେ କ'ଣ ବନଜ ନିଜ ପାଖରେ ନିଜେ ସାତପର ହୋଇ ଯାଇଛନ୍ତି ?

ମୋର ଏ ପ୍ରଶ୍ନରେ ତାଙ୍କ ଓଠରେ ଫୁଟି ଉଠିଲା ସେଇ ନିର୍ଲିପ୍ତ ମଧୁର ଧାରେ ହସ । ଆଖିରେ ସଲ୍ଲଜ ସଜଳ ଦ୍ୟୁତି ଓ ସମଗ୍ର ମୁଖମଣ୍ଡଳରେ ଝଲସିଗଲା ସଫଳ ଆନନ୍ଦର

## ବନଜ ଦେବୀ :ସଂକ୍ଷିପ୍ତ ପରିଚୟ



ନାମ: **ଶ୍ରୀମତୀ ବନଜ ଦେବୀ**  
ଜନ୍ମ: **୧୯୪୧ ଅଗଷ୍ଟ ୧୦ ତାରିଖ**  
ଜନ୍ମସ୍ଥାନ: **ଭଦ୍ରକ**  
ବାପାଙ୍କ ପୈତୃକ ଗ୍ରାମ: **ପୋଷଲ, ହାକପଡ଼ା**  
**ଜିଲ୍ଲା- ପୁରୀ ହେଲେ ହେଁ ସ୍ଥାୟୀ ବାସିନ୍ଦା ପୁରୀର**  
ବାପାଙ୍କ ନାମ : **୰ ବିଶ୍ୱନାଥ ପଟ୍ଟନାୟକ**  
ମାଙ୍କ ନାମ : **୰ ସୁନ୍ଦରମଣୀ ପଟ୍ଟନାୟକ**  
ବଡ଼ବାପାଙ୍କ ନାମ : **୰ ରାୟସାହେବ ଲୋକନାଥ ପଟ୍ଟନାୟକ**  
ବଡ଼ ବୋଉଙ୍କ ନାମ : **୰ ଉଷାମଣୀ ପଟ୍ଟନାୟକ**  
ସ୍ୱାମୀଙ୍କ ନାମ : **୰ ପୂର୍ଣ୍ଣଚନ୍ଦ୍ର ହରିଚନ୍ଦନ**  
ଶିକ୍ଷା : **ଆଇ.ଏ. ପାସ୍**

ଏକ ପାଟଳ ବର୍ଣ୍ଣର ଜ୍ୟୋତି । ଏହା ହିଁ 'ବନଜ' ନାମକରଣର ଯଥାଥ ଓ ସାର୍ଥକ ପରିଚିତି ।

ବନଜ ନିଜ ସଂପର୍କରେ, ତ୍ୟାଗ ଓ ସାଧନା ସଂପର୍କରେ କହିବାରେ ଖୁବ୍ ସଂକୁଚିତା ଓ ନିଃସ୍ପୃହା । ତଥାପି କଥାରେ କଥାରେ ଜାଣିଲି ପରବର୍ତ୍ତୀ ସମୟରେ ତାଙ୍କର ଶିକ୍ଷାକୁ ନେଇ ଗ୍ଲାନିର କଥା, ବେଦନାର କଥା । ଆହୁରି ଆଚମ୍ବିତ ହେଲି ଯେତେବେଳେ ସେ



▶ ଏକା ବେଳକେ କବିତା, ଗଳ୍ପ ଓ ଉପନ୍ୟାସ ଲେଖିବାର ପ୍ରବଳ ତାଡ଼ନା ପାଇଁ ମୁଁ ଲେଖି ବସିଲି ଉପନ୍ୟାସ । ୧୯୬୦ରେ 'ରାଧା' କସ୍ତୁରି ଚରଣ ଦାସ ଛାପିଥିଲେ । ୧୯୬୨ ଓ ୬୩ରେ 'ଜନସାହିତ୍ୟ'ରେ 'ବେଳାଭୂମି' ଓ 'ତଟିନୀର ତୃଷା' ନାମରେ ଦୁଇଟି ଉପନ୍ୟାସ ପ୍ରକାଶିତ ହୋଇଥିଲା । ପରବର୍ତ୍ତୀ ସମୟରେ 'ଓଡ଼ିଶା ବୁକ୍ ଷ୍ଟୋର' ଓ 'ବୁକ୍ସ ଆଣ୍ଡ ବୁକ୍ସ' ଏହାକୁ ଛାପିଥିଲେ । ସଂସାର ଜଞ୍ଜାଳ ମଧ୍ୟରେ ଆଉ ଉପନ୍ୟାସ ଲେଖି ହେଲା ନାହିଁ, ପିଲାଏ ବଡ଼ ହେଲା ପରେ ଲେଖିଲି ଅନ୍ୟସବୁ ଉପନ୍ୟାସ ।

● ଆପଣ ବେଶି ସନ୍ତୁଷ୍ଟ କେଉଁଥିରେ ଗଳ୍ପରେ ନା ଉପନ୍ୟାସରେ ?

▶ ମୁଁ ସବୁ ବିଭାଗରେ ଲେଖେ ସତ । ହେଲେ ଉପନ୍ୟାସ ଲେଖିଲା ବେଳର ମଧୁର ଅନୁଭବ ଓ ଆନନ୍ଦ ସ୍ୱତନ୍ତ୍ର ।

● ଆପଣଙ୍କ ଜୀବନ ଆପଣଙ୍କ ଲେଖାରେ ପ୍ରତିଫଳିତ ହୁଏକି ?

▶ ଜୀବନ ଓ ଜଗତ ପ୍ରତି ଥିବା ମୋର ନିଜସ୍ୱ ଦୃଷ୍ଟିଭଙ୍ଗୀ ଓ ଅବବୋଧ, ମୋର ରୁଚି ଅବଶ୍ୟ ପ୍ରତିଫଳିତ ହୋଇଥିବ । ମୁଁ ଯେମିତି ଲେଖେ, ସେମିତି ବଞ୍ଚେ ।

● ସାହିତ୍ୟ ଜୀବନ ନୁହେଁ, କିନ୍ତୁ ଜୀବନ ହେଉଛି ସାହିତ୍ୟ । ତେବେ ଏହା ଜୀବନର ମୌଳିକ ଆବଶ୍ୟକତାକୁ ପୂରଣ କରିବାରେ ସମର୍ଥ କି ?

▶ ସାହିତ୍ୟ ଜୀବନ ନୁହେଁ ସତ । ହେଲେ 'ଜୀବନର ଜଳଛବି' । ଆମେ ବାସ୍ତବ ଜୀବନରେ ଜୀବନକୁ ଅନୁଭବ କରୁ କେତେ ମାତ୍ରାରେ ? ବରଂ ବେଶୀ ଅନୁଭବ କରୁ ସାହିତ୍ୟରେ । ସାହିତ୍ୟରେ କାନ୍ଦୁଥିବା ଅସହାୟ ବାଳକଟିର କ୍ରନ୍ଦନ ଆମକୁ ଦ୍ରବୀଭୂତ କରିଦିଏ ହେଲେ ବାସ୍ତବ ଜୀବନରେ ଭେଟୁଥିବା ସେମିତି ଏକ ବାଳକ ଅଣଦେଖା ହୁଏ । ସାହିତ୍ୟ ଭୋକିଲା ପେଟକୁ ଅନ୍ନ ଦେଇ ପାରିବ ନାହିଁ । ସନ୍ତାନହରା ମାଆକୁ ସନ୍ତାନ ଫେରାଇ ଆଣି ପାରିବ ନାହିଁ । କିନ୍ତୁ ହାତ ଧରି ଉଠାଇ ପାରିବ । ଲୁହ ପୋଛି ଦେଇ ପାରିବ, ତା ସାମର୍ଥ୍ୟରେ । ସାହିତ୍ୟ ହିଁ କହିପାରିବ, ଏତିକି ଶେଷ କଥା ନୁହଁ, ଉଠ, ରାସ୍ତା ବାକି ଅଛି ଆହୁରି । ଏଇ ଆଶ୍ୱାସନା, ଏଇ ଭରସା ଟିକକ କଣ ମଣିଷର ଅନ୍ନ ବସ୍ତ୍ର ପରି ମୌଳିକ ଆବଶ୍ୟକତା ନୁହେଁ ?

● ଆମ ସାହିତ୍ୟର ସାଂପ୍ରତିକ ଗତି ପ୍ରଗତି ଓ ଦୁର୍ଗତି ଉପରେ ଆପଣ କିପରି ମତ ଦେବେ ?

▶ ସାଂପ୍ରତିକ ଓଡ଼ିଆ ସାହିତ୍ୟ ଯେ ଉଚ୍ଚକୋଟୀର, ଏଥିରେ ସନ୍ଦେହ ନାହିଁ । ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ବି ସେ ପ୍ରତିଷ୍ଠିତ । ଦୁର୍ଗତି କଥା କହିବା ଲୋକ ମୁଁ ନୁହେଁ ।

● ପ୍ରେମ ସଂପର୍କରେ ଆପଣଙ୍କ ସୂକ୍ଷ୍ମ ଅବଧାରଣାଟି କ'ଣ ?

▶ ସୃଷ୍ଟିର ଆଦ୍ୟ ଉତ୍ସ ପ୍ରେମ ହିଁ । ପ୍ରେମ ବିନା ଜୀବନ କାହିଁ ? ତ୍ୟାଗ ଓ କରୁଣାରେ ଭରପୁର ପ୍ରେମ ହିଁ ହୃଦୟରସ, ଜୀବନ ରସ, ଏହା ହିଁ

କହିଲେ ତାଙ୍କ ଝିଅ ଦଶମ ଶ୍ରେଣୀରେ ପଢୁଥିଲା ବେଳେ ସେ ମାଟ୍ରିକ ପରୀକ୍ଷା ଦେଇ ସଫଳତାର ସହ ଉତ୍ତୀର୍ଣ୍ଣ ହେବା କଥା । କି ଦୃଢ଼ ଇଚ୍ଛାଶକ୍ତି ! ଜୀବନକୁ ସକଳ ପ୍ରତିରୋଧ ସତ୍ତ୍ୱେ ଗଢ଼ା ଯାଇପାରେ, ଏହା ତ ବନଜଙ୍କ ପାଖରେ ଜଳଜଳ ।



ହେଲେ ଏଇଠି ସରିଯାଇ ନଥିଲା ତାଙ୍କ ଜିଦ୍‌ର ଯାତ୍ରା । ମାଟ୍ରିକ ପାଶ୍ ପରେ ତାଙ୍କର ଆତ୍ମବିଶ୍ୱାସ ଦୃଢ଼ ହେଇଥିଲା । ସେ ଇଣ୍ଟର ମିଡ଼ିଏଟ୍ ପଢ଼ିବାକୁ ବି ପ୍ରସ୍ତୁତିରେ ଲାଗିଲେ । ସାନପୁଅକୁ ସେତେବେଳେ ଅଢ଼େଇ ବର୍ଷ । ବଡ଼ ପୁଅଝିଅ ତିନୋଟିଙ୍କୁ ସ୍ୱାମୀଙ୍କ ପାଖରେ ଛାଡ଼ି ସାନପୁଅକୁ ଧରି ପଳେଇ ଆସିଲେ ପୁରୀ । ମାତ୍ର ବାଇଶିଦିନ ପଢ଼ାପଢ଼ି କରି ସେ ପୁରୀ ମହିଳା କଲେଜରେ ଆଇ.ଏ. ପରୀକ୍ଷା ଦେଲେ ଓ ଦ୍ୱିତୀୟ ଶ୍ରେଣୀରେ ପାଶ୍ କଲେ । ଏହାର ଶ୍ରେୟ ସେ ତାଙ୍କ ସ୍ୱାମୀଙ୍କୁ ଦିଅନ୍ତି । ତାଙ୍କର ସହଯୋଗ ଓ ପ୍ରେରଣା ପାଇ ନଥିଲେ ସେ ସେହି 'ନବମ ପାଶ୍'ରେ ରହି ଯାଇଥା'ନ୍ତେ । ଏହାପରେ ସେ ବି.ଏ. ପରୀକ୍ଷା ପ୍ରସ୍ତୁତିରେ ଲାଗିଲେ । ଫର୍ମ ଫିଲ୍‌ଅପ୍ କଲେ କିନ୍ତୁ ପରୀକ୍ଷା ଆଉ ଦେଲେନାହିଁ । ତାଙ୍କୁ ଲାଗିଲା ଏ ପଢ଼ାପଢ଼ିରେ ମାତି ତାଙ୍କର ଲେଖାଲେଖି କାର୍ଯ୍ୟଟି ବ୍ୟାହତ ହେଉଛି । ସେ କହନ୍ତି, ମୋତେ ଯେମିତିରେ କିଏ କହିଲା ପରି ଭାବିଲି, ନିଜ ବିଲ ଜମି ପଡ଼ିଆ ପକେଇ ବିଦେଶକୁ ଚାକିରି କରି ଗଲା ପରି ମୁଁ ଏଥିରେ କାହିଁକି ମାତିଛି ? ମୁଁ ତ ଗୋଟେ ଧନ୍ଦା ଧରିଚି । ସେଇ ଲେଖାଲେଖି ଧନ୍ଦାରେ ନମାତି ମୁଁ ଏଇ କାଗଜ ସାର୍ଟିଫିକେଟ୍ ପଛରେ ଧାଇଁଚି କାହିଁକି ? ଏ ପଇଁତିରିଶ ବର୍ଷ ବୟସରେ ଏ କାଗଜର ମୂଲ୍ୟ କ'ଣ ? ସ୍ୱାମୀ ଖୁବ କ୍ଷୁର୍ଣ୍ଣ ଓ ବିରକ୍ତ ହେଲେ । ମୁଁ କିନ୍ତୁ ମୋ ନିଷ୍ପତ୍ତିରୁ ଓହରିଲି ନାହିଁ । ଏବେ ଭାବୁଚି ସେ ନିଷ୍ପତ୍ତି ମୋର ଭୁଲ୍ ଥିଲା ।

ବନଜ ଦେବୀଙ୍କ ଶିକ୍ଷାଗତ ଯୋଗ୍ୟତା ହାସଲ ପାଇଁ ଉଦ୍ୟମ ଅନୁଚିତ ନୁହଁ, କିନ୍ତୁ ଆଜିର ପରିପ୍ରେକ୍ଷୀରେ ତାହା ଖୁବ୍ ଗୌଣ ଓ ଗୁରୁତ୍ୱହୀନ । କାରଣ ତାଙ୍କର ସଫଳ ସୃଜନ ଯାତ୍ରା ଓ ସୃଷ୍ଟିର ବିପୁଳତା ସାଙ୍ଗକୁ ପ୍ରତିଷ୍ଠା ଓ ପରିଚିତି ଏବେ ସେ ପରିଚୟ ଠାରୁ ବେଶ୍ ଭାରୀ । ଶିକ୍ଷାପଦ ପଦବୀ ଆଦି ଜଣେ

ମାନବଧର୍ମ ।

- ● ଆପଣଙ୍କ ଲେଖାଲେଖିକୁ ନେଇ ପାରିବାରିକ ପ୍ରତିକ୍ରିୟା କିପରି ?
- ▶ ମୋର ଲେଖାଲେଖି ପାଇଁ ମୋ ପରିବାରର ସମସ୍ତେ ଖୁସି ଓ ସହଯୋଗୀ । ମୋ ନାମରେ ବହି କିମ୍ବା ପତ୍ରିକାଟିଏ ଆସିଲେ ସବା ଶେଷରେ ମୋ ପାଖକୁ ଆସେ । ମୋ ସ୍ୱାମୀ ଜଣେ ଉତ୍ତମ ପାଠକ ଥିଲେ । ସେ ତାଙ୍କର ସହଯୋଗ ନପାଇ ଥିଲେ ମୁଁ ଆଜିଯାଏଁ ସାହିତ୍ୟରେ ତିଷ୍ଠି ହିଁ ପାରିନଥାନ୍ତି ।
- ● କାହାକୁ ବା କେଉଁମାନଙ୍କୁ ଆପଣଙ୍କ ସୃଜନକର୍ମର ପ୍ରେରକ ଭାବେ ଭାବନ୍ତି ।
- ▶ ମୋର ଲେଖାଲେଖି ପାଇଁ ମୋ ପରିବାରର ସମସ୍ତେ ଖୁସି ଓ ସହଯୋଗୀ । ମୋ ନାମରେ ବହି କିମ୍ବା ପତ୍ରିକାଟିଏ ଆସିଲେ ସବା ଶେଷରେ ମୋ ପାଖକୁ ଆସେ । ମୋ ସ୍ୱାମୀ ଜଣେ ଉତ୍ତମ ପାଠକ ଥିଲେ । ସେ ତାଙ୍କର ସହଯୋଗ ନପାଇ ଥିଲେ ମୁଁ ଆଜିଯାଏଁ ସାହିତ୍ୟରେ ତିଷ୍ଠି ହି ପାରିନଥାନ୍ତି ।
- ● ଆପଣଙ୍କ ଗୃହିଣୀ ଜୀବନ ଆପଣଙ୍କ ଲେଖାଲେଖିକୁ ପ୍ରଭାବିତ କରିଛି କି ?
- ▶ ମୋ ଲେଖିକା ସତ୍ତା ସହ ମୋ ନାରୀ ସତ୍ତାର ନିରନ୍ତର ଲଢ଼େଇ । ଜିତାପଟ ସବୁବେଳେ ନାରୀସତ୍ତାର । ମୋ ଲେଖିକା ସତ୍ତା, ଅଣହେଳାରେ ଅଭିମାନରେ ରହେ । ମୋ ଲେଖାଲେଖିକୁ ଅଗ୍ରାଧିକାର ଦେଇ ମୁଁ ଦିନେ ମୋ ସଂସାରର ଅଣହେଳା କରିନାହିଁ । ସାଂସାରିକ ଜଞ୍ଜାଳରେ ଥକ୍କିଗଲେ । ମୁଁ ମୋ ଜୀବନବାଟ ସହ ଯୋଡ଼ି ହୋଇଥିବା ଏଇ ସାହିତ୍ୟ ବାଟରେ, ଘଡ଼ିଏ ବସି ଯାଇ ଥକ୍କାମାରେ । ସେ ମୋର କ୍ଳାନ୍ତି ଦୂର କରେ । ଥକ୍କିଗଲେ ହାତ ଧରି ଉଠାଇ ଦିଏ । ସାହିତ୍ୟ ମତେ ଶକ୍ତି ଦିଏ । ଦିଏ ମଧ୍ୟ ବିପୁଳ ଆନନ୍ଦ ଓ ମଧୁରତମ କଷ୍ଟ ।
- ● ନାରୀବାଦର ସ୍ୱର ଏବେ ମୁଖର । ଆପଣଙ୍କ ପ୍ରତିକ୍ରିୟା କିପରି ରଖିବେ ?
- ▶ ହଁ, ନାରୀବାଦର ଉଗ୍ରସ୍ୱର ଶୁଣା ଯାଉଛି ସର୍ବତ୍ର । ନାରୀବାଦ କଣ ସତରେ ମୁଁ ଏ କଥା ଜାଣିନାହିଁ କି ବୁଝିନାହିଁ । ମାନବବାଦରେ ମୋର ବିଶ୍ୱାସ ମାନବିକତାକୁ ପ୍ରାଧାନ୍ୟ ଦିଏ ମୁଁ ।
- ● ଏ ସମୟର ନବାଗତ ଲେଖକ ଲେଖିକାମାନଙ୍କୁ ଆପଣ କି ପରାମର୍ଶ ଦେବେ ?
- ▶ ନବାଗତ ତରୁଣମାନଙ୍କୁ, ମୁଁ ବା କି ବାର୍ତ୍ତା ଦେବି ? ମୁଁ ତ ପଛ ତାରିଖର, ପୁରୁଣା କାଳିଆ ଲୋକ, ତେବେ ଏତିକି କହିବି, ଆମ ସାହିତ୍ୟ ସଂସ୍କୃତି, ଶାସ୍ତ୍ର ପୁରାଣରେ ଏତେ ବାର୍ତ୍ତା ଭରି ହେଇ ରହିଚି ଯେ, ତାହା ପଢ଼ିବା ବୁଝିବା ଅନୁଭବିବା ଆଜିକା ପିଲାଙ୍କର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ୍ । ମାଟିକୁ ନ ଚିହ୍ନିଲେ, ଆକାଶରେ ଉଡ଼ିବ କେମିତି ? ମାଟି ସିନା ଦେଇଥାଏ ଆକାଶରେ ଉଡ଼ିବାର ଡେଣା । ମାଟି ତ ଆମର ଅସ୍ମିତା ।
- ● ଲେଖାଲେଖି କରୁନଥିବା ସମୟରେ ଆପଣ କିପରି ସମୟ କାଟନ୍ତି ?
- ▶ ସାହିତ୍ୟ, ସଂଗୀତ ମୋର ରୁଚି । ତେଣୁ ବହି ପଢ଼େ, ଗୀତ ଶୁଣେ । ଗୀତ ବି ଗାଉଥିଲି, ଭଲ । ବାପା ଓଡ଼ିଶୀ ଗାୟକ ଥିଲେ, ସବୁ ବାଦ୍ୟଯନ୍ତ୍ର ଥିଲା ଆମ ଘରେ । ସେ ସବୁ ଅତୀତ । ଭ୍ରମଣ କରିବା ମୋର ଅନ୍ୟତମ ରୁଚି । ଏହାଛଡ଼ା ମୁଁ ଜଣେ ସଂସାରୀ ଭାବରେ ଓଡ଼ିଆ ଘରର ସବୁ ପର୍ବ ପର୍ବାଣି ଘରେ ପାଳନ କରିଥାଏ । ଓଡ଼ିଆ ଘରର ପାରମ୍ପରିକ ଚଳଣିକୁ ମୁଁ ଏଯାଏଁ ଧରି ରଖି ଚାଲିଚି ।
- ● ପୁରସ୍କାରକୁ ନେଇ ଯାହା ଯାହା ଘଟଣା ସବୁ ଘଟୁଛି, ଆପଣ କ'ଣ ମତ ରଖିବେ ?
- ▶ କେବେ କୌଣସି ଲେଖକ ପୁରସ୍କାର ଆଶାରେ ଲେଖେ ନାହିଁ । ପୁରସ୍କାର ମିଳିଲେ ଅବଶ୍ୟ ଖୁସୀ ଲାଗେ । ନମିଳିଲେ, ମୁଣ୍ଡ ପିଟିବା, ଏ କଥାକୁ ମତେ ଅସହ୍ୟ ଲାଗେ । ମୋ ବିଚାରରେ ପାଠକ ହୃଦୟରେ ଟିକେ ସ୍ଥାନ ପାଇବା ହିଁ ଲେଖକର ବଡ଼ ପୁରସ୍କାର ।

# ସେମାନଙ୍କ ଦୃଷ୍ଟିରେ ବନଜଦେବୀ



କାହାକୁ ଅନୁସରଣ ନୁହେଁ, ନିଜ ଚେତନାକୁ ରୂପ ଦେବାରେ ସେ ଅନନ୍ୟ ସାଧାରଣ ତାଙ୍କ ଲେଖା ଗୁଡ଼ିକ ଭିତରେ ସେ ମଣିଷ୍କୁ ଓ ତାର ବେଦନାବୋଧକୁ ପ୍ରାଧାନ୍ୟ ଦେଇଛନ୍ତି ବୋଲି ସେ ସମସ୍ତଙ୍କର ପ୍ରିୟକବି ଓ ଲେଖିକା ।

**▶▶ ବୀଣାପାଣି ମହାନ୍ତି**



ବନଜ ଦେବୀଙ୍କ କବିତାରେ ମୁଁ ମୁଗ୍ଧ ହେଇଚି, କିନ୍ତୁ ତା'ର ଆଲୋଚନା କରିବାରେ ମୋର ସାମର୍ଥ୍ୟ ନାହିଁ ।

**▶▶ ରମାକାନ୍ତ ରଥ**



ବନଜ ଦେବୀଙ୍କ ପରମ୍ପରା ଆସକ୍ତ ରୁଚିଶୀଳ ମନୋଭାବ, ଜୀବନପ୍ରତି ପ୍ରଚଣ୍ଡ ଭଲପାଇବା ଜନିତ ଆକର୍ଷଣ ନାନ୍ଦନିକ ମୂଲ୍ୟବୋଧ ପ୍ରତି ଗଭୀର ଅନୁରାଗ ପଣରେ ମିଶ୍ରିତ ରୂପ-ରାଗ-ଭାବ ନେଇ ଗଳ୍ପଗୁଡ଼ିକର କଳ୍ପନା ।

**▶▶ ଅର୍ଚ୍ଚନା ନାୟକ**



ଗାନ୍ଧିକାଙ୍କ ସମକାଳ ସଚେତନତା ଓ ଭାଷା ବ୍ୟବହାରରେ ପାରମ୍ପରିକତାକୁ ଚିତ୍ର କଲେ ଅଥବା ଉପମା ଜରିଆରେ ନୂଆ ଭାବାଭିବ୍ୟକ୍ତି ଦେବାର ଉଦ୍ୟମ ପ୍ରଶଂସନୀୟ ।

**▶▶ ବାବାଜୀ ଚରଣ ପଟ୍ଟନାୟକ**



ବନଜଦେବୀଙ୍କ କଥା ସାହିତ୍ୟରେ ଭରିରହିଛି ଜୀବନର ପ୍ରଚଣ୍ଡ ପ୍ରାଣ ପ୍ରାଚୁର୍ଯ୍ୟ । ଉପସ୍ଥାପନ ଶୈଳୀର ନିଖୁଣତା ତାଙ୍କ କଥାଶିଳ୍ପକୁ ପ୍ରଦାନ କରିଥାଏ ଆତ୍ମିକ ଉଲ୍ଲାସର ପାଠକୀୟ ଜନାଦୃତି ।

**▶▶ ବେଣୁଧର ପାଢ଼ୀ**



ବନଜଦେବୀ ଜୀବନର ଅନ୍ତରଙ୍ଗ ଅନୁଭୂତି ତଥା ଅନୁଭବର ନିବିଡ଼ ଉଷ୍ମତାରେ ଗଢ଼ିବସନ୍ତି ନିଜ କଥା-କାହାଣୀର କାୟାକଳ୍ପ । ଅଧ୍ୟୟ ପ୍ରସୂତ କିମ୍ବା ଆହରିତ ଜ୍ଞାନ ବଦଳରେ ମାର୍ମିକ ଅନୁଶୀଳନ ଏବଂ ଆତ୍ମିକ ଅନୁଭବ ତାଙ୍କ ଗଳ୍ପର ପ୍ରାଣବିନ୍ଦୁ । ପ୍ରାଣର ପ୍ରାଣକୁ ସଂଚରି ଯିବା ହେଉଛି ବନଜ ଦେବୀଙ୍କ ଗଳ୍ପକାରିତାର ବୈଶିଷ୍ଟ୍ୟ ।

**▶▶ ଅଧ୍ୟାପକ ବିଶ୍ୱରଞ୍ଜନ**



ତାଙ୍କର ଗଳ୍ପ ଉପନ୍ୟାସ ସମୂହରେ କବିତାର ଭାଷା ପରି ଆର୍ଦ୍ର, ସଜଳ ଅଥଚ ଶାଣିତ । ବ୍ୟତିକ୍ରମୀ ଚରିତ୍ରକୁ ଜୀବନ୍ୟାସ ଦେବାରେ ସେ ସିଦ୍ଧହସ୍ତ । ଜଟିଳ ତତ୍ତ୍ୱ ଓ ତଥ୍ୟକୁ ସହଜ, ସାବଲୀଳ ଭାବରେ ପ୍ରକାଶ କରିବାରେ ଅସାଧାରଣ ସାମର୍ଥ୍ୟ ରଖନ୍ତି ବନଜ ଦେବୀ ।

**▶▶ ଜୟନ୍ତୀ ରଥ**



ଓଡ଼ିଶାର ଯେତେ ଲେଖିକା କଲମ ଚାଳନା କରୁଛନ୍ତି ବା କରିଛନ୍ତି ସେମାନେ ସେମାନଙ୍କ ସୃଜନ କଳା ପାଇଁ ପରିଚିତ ହୋଇ ପାରିଛନ୍ତି । ମାତ୍ର ସୃଜନ ଓ ଓଢ଼ଣୀ ଆବରଣ, ଏ ଦୁଇଟି କଳା ପାଇଁ ପାଠକ ପାଠିକାଙ୍କ ପାଖରେ 'ଓଢ଼ଣୀ ରାଣୀ' ରୂପେ ସୁପରିଚିତ ।

**▶▶ ପୀତବାସ ରାଉତରାୟ**



ବନଜ ଦେବୀଙ୍କ ଗଳ୍ପର ଆବେଗ ପାଖରେ ପାଠକର ଚେତନା ବତୁରି ଯାଏ । ମନ ଆର୍ଦ୍ର ହୋଇଯାଏ । ଜୀବନର ଦୁଃଖ, ହତାଶା, ନିଃସଙ୍ଗତାକୁ ସେ ଖୁବ୍ ସୁନ୍ଦର ଭାବରେ, ରୂପ ଦେଇଥାନ୍ତି । ଜୀବନଧର୍ମିତା ତାଙ୍କ ଗଳ୍ପର ବଡ଼ଗୁଣ ।

**▶▶ କବିତା ବାରିକ**

ସଫଳ ସ୍ରଷ୍ଟାର ପ୍ରତିଭାକୁ ପ୍ରଭାବିତ କରିପାରେ ନାହିଁ । ବନଜଙ୍କ ପାଖରେ ଏହା ପ୍ରମାଣିତ ।

ବନଜ ଦେବୀ ସୁନ୍ଦର କବିତା ଲେଖନ୍ତି ତାଙ୍କର କେତୋଟି କବିତା ବହି ପ୍ରକାଶିତ ଓ ଚର୍ଚ୍ଚିତ । କିନ୍ତୁ ଓଡ଼ିଆ କଥାସାହିତ୍ୟରେ ତାଙ୍କର ଅଛି ବିପୁଳ ଖ୍ୟାତି ଓ ପରିଚିତି । ତାଙ୍କର ପୁରସ୍କାର ଗୁଡ଼ିକ ମଧ୍ୟ ତାଙ୍କ କଥା ସାହିତ୍ୟକୁ ଆଧାର କରି ପ୍ରଦତ୍ତ । ସୃଜନର ପ୍ରଥମ ପାହାଚରେ ସେ କବିତା ଲେଖି ପ୍ରସିଦ୍ଧି ପାଇଥିଲେ ହେଁ ୧୯୫୯ରେ 'ଆସନ୍ତାକାଲି' ପତ୍ରିକାରେ ପ୍ରକାଶ ପାଇଲା ତାଙ୍କ ପ୍ରଥମ ଗପ । ପରେ ପରେ ଆଉ କେତୋଟି ଗପ ପ୍ରକାଶ ପାଇଥିଲେ ହେଁ ୧୯୬୪ର ପ୍ରକାଶିତ 'ଲୟ ବିଲୟ' ଗପଟି ଯଥେଷ୍ଟ ପାଠକୀୟତା ପାଇଲା । ଏଇଠୁଁ ଆରମ୍ଭ ହେଲା ତାଙ୍କର ନିରବଚ୍ଛିନ୍ନ କଥାଯାତ୍ରା । ଗଳ୍ପଲେଖା ସଂପର୍କରେ ସେ କହନ୍ତି 'ଗଳ୍ପ ପାଇଁ ମୁଁ ପ୍ଲଟ୍ ଖୋଜିବାକୁ ଯାଇନାହିଁ । ମୋର ଚାରି ପାଖରେ ବ୍ୟକ୍ତି, ଘଟଣା, ପରିସ୍ଥିତି ଛାଏଁ ଛାଏଁ ମୋ ଗପ ଭିତରକୁ ଆସି ଯାଇଛନ୍ତି । ସେହିମାନଙ୍କୁ ଉନ୍ମୋଚନ କରିବାର ଅନ୍ତଃଯାତ୍ରା ହିଁ ମୋର ଗଳ୍ପର ନିର୍ଯ୍ୟାସ ବୋଲି ମୋର ହୃଦ୍‌ବୋଧହୁଏ ।

ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଧରି ଓଡ଼ିଆ ଉପନ୍ୟାସ ସାହିତ୍ୟକୁ ବନଜଦେବୀ ବେଶ୍ କୋଡ଼ାଟି ଜନପ୍ରିୟ ଉପନ୍ୟାସ ଭେଟି ଦେଇଛନ୍ତି । ସମାଜରେ ଘଟୁଥିବା ନିତ୍ୟ ନୈମିତ୍ତିକ ଘଟଣା ପ୍ରବାହକୁ ନେଇ ତାଙ୍କ ଉପନ୍ୟାସ ଗୁଡ଼ିକ ସମୃଦ୍ଧ ହେଲେ ହେଁ ନାରୀ ସମସ୍ୟା ଓ ନାରୀମନସ୍ତତ୍ତ୍ୱକୁ ନେଇ ତାଙ୍କ ଉପନ୍ୟାସଗୁଡ଼ିକ ଅଧିକ ମୁଖର । ଲେଖିକା ନିଜେ ଜଣେ ନାରୀ ଭାବରେ ନାରୀ ହୃଦୟର ବ୍ୟଥା ଓ ବେଦନା, ତା ମରମ ତଳର ଅକୁହା ଅଭିବ୍ୟକ୍ତିକୁ ଅତି ମାର୍ମିକ ଓ ସଂବେଦନଶୀଳ ଭାବରେ ଚିତ୍ରିତ କରିଥାନ୍ତି । ୧୯୬୪ରେ 'ବେଳାଭୂମି' ଓ ୧୯୬୫ରେ 'ତଟିନୀର ତୃଷ୍ଣା' ଦୁଇଟି ଉପନ୍ୟାସ କ୍ରମାଗତ ଭାବେ 'ଜନସାହିତ୍ୟ'ରେ ପ୍ରକାଶ ପାଇ ପାଠକ ମାନଙ୍କ ଭିତରେ ଆଲୋଡ଼ନ ସୃଷ୍ଟି କରିଥିଲା । ସ୍ୱାଧୀନତା ପ୍ରାପ୍ତିର ଠିକ୍ ପର ଠାରୁ ଏ ଯାବତ୍ ପ୍ରଲମ୍ବିତ ସମୟଖଣ୍ଡର ପରିବର୍ତ୍ତିତ ସାମାଜିକ ସ୍ଥିତି, ମାନସିକତାର ପରିବର୍ତ୍ତନ, ନାରୀ ସମସ୍ୟା ଆଦିକୁ ନେଇ ରଚିତ ତାଙ୍କ ଉପନ୍ୟାସ ଗୁଡ଼ିକ ଯୁଗଧର୍ମର ବାର୍ତ୍ତା ଦେଇଥାଏ । ସବୁଠି ଥାଏ ଶାଳୀନ ସଂସ୍କାର, ମଣିଷର ଚେତନାକୁ ରୂପାନ୍ତରିତ କରିବାର ଅଦମ୍ୟ ଅଭିଳାଷ । ଏକ ଯୌଥ ପରିବାରର ବଧୂ ଭାବରେ ତାଙ୍କର ବ୍ୟକ୍ତିଗତ ଅନୁଭବ ପରବର୍ତ୍ତୀ ସମୟରେ ବିଘଟିତ ପରିବାରର ବିପର୍ଯ୍ୟୟକୁ ସ୍ୱୀକାର କରି ପାରେନା । ସୁତରାଂ ଗୋଟେ ପରିମାର୍ଜିତ ପାରିବାରିକ ସ୍ଥିତି ଓ ଶୃଙ୍ଖଳିତ ସାମାଜିକ ଭିତ୍ତି ପ୍ରତି ତାଙ୍କ ଲେଖା ଗୁଡ଼ିକରେ ଆତ୍ମିକ ଆବେଦନ ଥାଏ ।

ବନଜ ଦେବୀଙ୍କ ଚିତ୍ର ଗୁଡ଼ିକ ଯେପରି ଜୀବନ୍ତ ତାଙ୍କର ବ୍ୟବହୃତ ଶବ୍ଦ ଓ ଭାଷା ମଧ୍ୟ ପ୍ରାଣବନ୍ତ । କଥା କାରିଗରୀର କମନୀୟତା ପାଠକକୁ ମୁଗ୍ଧ ଓ ରସାପ୍ଳୁତ କରିଥାଏ ।

ବନଜଙ୍କ ସୃଜନ ଭୂମିଟି ବହୁ ରଙ୍ଗରେ ବର୍ଣ୍ଣିଳ । କବିତା, ଗପ ଉପନ୍ୟାସ, ଅନୁବାଦ, ଜୀବନୀ, ସମ୍ପାଦନା ବେତାର ନାଟକ ଆଦି ସବୁଠି ସେ ସଫଳ ଓ ଉଜ୍ଜ୍ୱଳ । 'ଗାୟତ୍ରୀର ପୁଅ' ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ 'କାଠପୁଅ' ପାଇଁ ଶାରଳା ପୁରସ୍କାରରେ ସେ ସୁଶୋଭିତା ।

ଏତଦ୍‌ବ୍ୟତୀତ ଓଡ଼ିଶା କଥା ଓଡ଼ିଶା ବାହାରୁ ସେ ବହୁ ପୁରସ୍କାର ଓ ସମ୍ମାନରେ ଅଭିଷିକ୍ତା । କିନ୍ତୁ

# ବନଜଦେବୀଙ୍କ ସୃଜନ ସମ୍ଭାର

**ଉପନ୍ୟାସ**

୧. ରାଧା ୧୯୬୦
୨. ମରୁପ୍ରେରଣା ୧୯୮୧
୩. ବେଳାଭୂଇଁ ୧୯୮୦
୪. ବିଦଗ୍ଧ ବସନ୍ତ ୧୯୮୩
(ଦ୍ୱିତୀୟ ସଂସ୍କରଣ)
୫. ନଦୀ ଓ ନୌକା ୧୯୯୧
୬. ଶ୍ରାବଣ ସଂଧ୍ୟା ୧୯୯୪
୭. ହଂସ ନୀଡ଼ ୨୦୦୭
୮. ମନଭଉଁରୀ ୧୯୯୮
୯. ପଦଯାତ୍ରା ୨୦୦୪
୧୦. ନିଜ ଭିତରେ ସୂର୍ଯ୍ୟ ୨୦୦୬
୧୧. ପୂର୍ବାଶାର ପକ୍ଷୀ ୧୦୦୭
୧୨. ସୁଅରେ ବଉଳଫୁଲ ୨୦୧୩
୧୩. ଜୀବନ ଯେମିତି ୨୦୧୭
୧୪. ସାତ ପାହାଚ ୨୦୧୮

୮,୯,୧୧ ଓ ୧୨ ଉପରୋକ୍ତ ଚାରୋଟି ଉପନ୍ୟାସିକା ସଂକଳିତ ହୋଇ ପୂର୍ବାବାର ପକ୍ଷୀ ନାମରେ ମୁଦ୍ରିତ / ପ୍ରକାଶିତ ହୋଇଅଛି । ଭିଜନ ପ୍ରିଣ୍ଟର୍ସ, ଜନପଥ ଭୁବନେଶ୍ୱରରେ ଏହାର ଉଦ୍‌ଘାଟନ ହୋଇଥିଲା ଗୁରୁଜୀଙ୍କ ଦ୍ୱାରା ।

**କ୍ଷୁଦ୍ରଗଳ୍ପ ସଂକଳନ**

୧. କେତୋଟି ସବୁଜ ପତ୍ର ୧୯୭୬
୨. ତାରା ଫୁଟିବାର ବେଳା ୧୯୮୭
୩. ରାଗ ବେହାଗ ୧୯୯୪
୪. ଶୋକ ୧୯୯୫
୫. ସେ ଆଉଜଣେ ୧୯୯୬
୬. ନୀଳ ମାଧବର ଗାଁ ୨୦୦୧
୭. ଗାୟତ୍ରୀର ପୁଅ ୨୦୦୧
୮. କାଠ ପୁଅ ଓ ଅନ୍ୟାନ୍ୟ ଗଳ୍ପ ୨୦୧୬
୯. ଅନ୍ୟରାସ୍ତାର ଲୋକ
୧୦. ଗଳ୍ପ ସମଗ୍ର ୧ମ ୨ୟ
୧୧. ନଦୀ ଓ ଜହ୍ନ ରାତି ୨୦୨୦
୧୨. ଦ୍ୱିତୀୟା ଜହ୍ନ ୨୦୨୨
୧୩. ଶ୍ରେଷ୍ଠ ଗଳ୍ପ ୨୦୨୨
୧୪. ନିର୍ବାଚିତ ଗଳ୍ପ ୨୦୨୩

**କବିତା**

୧. ବନ ହଳଦୀ ୧୯୫୮
୨. ବର୍ଷାର ବଳାକା ୧୯୮୮
୩. ଭୂମିଲଗ୍ନା ୧୯୯୮
୪. ଦୂର ନକ୍ଷତ୍ରର ଦୀପ ୨୦୦୫
୫. ସୁନାରେ ଉଡ଼ିଛି ନା ୨୦୦୬
୬. କବିତା ସମଗ୍ର ୨୦୧୦
୭. ସାଇ ଭାଗବତ ୨୦୧୨
୮. ଅସ୍ତରାଗ ୨୦୨୨

**ଅନୁବାଦ**

୧. ନୌକାବୁଡ଼ି ୧୯୮୩
୨. ଗାନ୍ଧାରୀ ୨୦୦୬

ଏହାବ୍ୟତୀତ ୧୦୦ ଶତ ବେଦମନ୍ତ୍ରର ଓଡ଼ିଆ ପଦ୍ୟରୂପ ବେଦରଶ୍ମୀରେ ପ୍ରକାଶିତ ଓ ପୁସ୍ତକକାରରେ ପ୍ରକାଶିତ ଏକ ବେଦନ୍ତ କବିତା ଶତକ ।

**ଜୀବନୀ**

୧. ଅଲିଭା ଅନଳ ଶିକ୍ଷା ୧୯୯୯
୨. ନିରୋଳା ନଦୀର କଥା ୨୦୦୮

**ବେତାର ନାଟିକା**

୧. ଅପରାହ୍ନ ୧୯୭୨
୨. ଦୀପ ଜାଳିଦିଅ ୨୦୦୧

ଏହା ବ୍ୟତୀତ କିଛି ଗଳ୍ପର ନାଟ୍ୟରୂପ ଦୂରଦର୍ଶନ ଓ ବେତାରରେ ପ୍ରସାରିତ ।

**ଅନ୍ୟାନ୍ୟ**

ସର୍ବ ଭାଷା କବି ସମ୍ମିଳନୀରେ ଓଡ଼ିଶାରୁ ପ୍ରତିନିଧିତ୍ୱ ୧୯୬୭, ମହାରାଷ୍ଟ୍ରର ନିଖିଳ ଭାରତ ଲେଖିକା ଶିବିରରେ ଓଡ଼ିଶାରୁ ପ୍ରତିନିଧିତ୍ୱ ୨୦୦୬ରେ । ଉପ ସଭାପତି, ଲେଖକ ସମବାୟ ସମିତି, ଭୁବନେଶ୍ୱର, ଉପ ସଭାପତି, ଓଡ଼ିଶା ଲେଖିକା ସଂସଦ ୧୯୯୩-୨୦୦୮

**ସ୍ୱୀକୃତିର ସ୍ରୋତ : ପୁରସ୍କାର**

୧. ମୀନା ବଜାର ପୁରସ୍କାର ୧୯୫୩
୨. ନାରୀ ଜଗତ ପୁରସ୍କାର ୧୯୫୫
୩. ଆଗାମୀ ଶତାବ୍ଦୀ ପୁରସ୍କାର ୨୦୦୦
୪. ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ୨୦୦୧
୫. କବି ଶେଖର ଚିନ୍ତାମଣି ପୁରସ୍କାର ୨୦୦୧
୬. ଫକୀରମୋହନ ସାହିତ୍ୟଶ୍ରୀ ପୁରସ୍କାର ୨୦୦୩







୭. ପ୍ରତିଭା ଶତପଥି କବିତା ପୁରସ୍କାର ୨୦୦୪
୮. ପୁନର୍ନବା କଥା ପୁରସ୍କାର ୨୦୦୪
୯. ଝଙ୍କାର କବିତା ପୁରସ୍କାର ୨୦୦୫
୧୦. ଜନ ଚେତନା ପୁରସ୍କାର ୨୦୦୧/୨
୧୧. ଭାନୁଜୀ ରାଓ କବିତା ପୁରସ୍କାର ୨୦୧୨
୧୨. ଶାରଳା ପୁରସ୍କାର ୨୦୧୭

**ସମ୍ମାନ ଓ ସମ୍ବର୍ଦ୍ଧନା**

୧. ଚଇତାଳି ସାହିତ୍ୟ ସଂସଦ ସମ୍ମାନ ୧୯୮୪
୨. ସହକାର ସମ୍ମାନ କଟକ ୧୯୮୪
୩. ଖୋର୍ଦ୍ଧା ସାହିତ୍ୟ ସଂସଦ ଖୋର୍ଦ୍ଧା ୧୯୮୫
୪. ଯଦୁମଣି ସାହିତ୍ୟ ସଂସଦ-ଉଦୟପୁର ୧୯୮୯
୫. ଓଡ଼ିଶା ସାହିତ୍ୟ ଏକାଡ଼େମୀ ୧୯୮୯/୯୦
୬. ସୁଧନ୍ୟା ସମ୍ମାନ ୧୯୯୧
୭. ଆର୍ଯ୍ୟ ସମାଜ ସମ୍ମାନ ୧୯୯୪
୮. ଲେଖିକା ସଂସଦ ସମ୍ମାନ ୧୯୯୯
୯. ଗୁପ୍ତଗଙ୍ଗା ସମ୍ମାନ ୨୦୦୬
୧୦. ଭୁବନେଶ୍ୱର ପୁସ୍ତକ ମେଳା ସମ୍ମାନ ୨୦୦୪
୧୧. ରାଧାନାଥ ସାହିତ୍ୟ ସମ୍ମାନ ୨୦୦୮
୧୨. ବିଜୟକୃଷ୍ଣ ସ୍ମୃତି ସମ୍ମାନ ୨୦୦୯
୧୩. ଶତଦ୍ରୁ ଗଳ୍ପ ସମ୍ମାନ ୨୦୧୧
୧୪. ଗୀତ ତରଙ୍ଗ ଆୱାର୍ଡ଼ ୨୦୧୧
୧୫. ମଦର୍ସ ଆୱାର୍ଡ଼ ୨୦୧୩
୧୬. ଲେଖିକା ସଂସଦ ସମ୍ମାନ ୨୦୧୩
୧୭. ବିଜୟକୃଷ୍ଣ ଗଳ୍ପ ସମ୍ମାନ ୨୦୧୫
୧୮. ଯୁଗଶ୍ରୀ ଯୁଗନାରୀ ସମ୍ମାନ ୨୦୧୫
୧୯. ଆଇନା ସାରସ୍ୱତ ସମ୍ମାନ ୨୦୧୪
୨୦. ଅମୃତାୟନ ସାରସ୍ୱତ ସମ୍ମାନ ୨୦୧୪
୨୧. ସମାରୋହ ସମ୍ମାନ ୨୦୧୨
୨୨. କଳିଙ୍ଗ ସାହିତ୍ୟ ମହୋତ୍ସବ ସମ୍ମାନ ୨୦୧୫
୨୩. ବସନ୍ତ କୁମାରୀ ଲେଖିକା ସମ୍ମାନ ୨୦୧୫
୨୪. ମଞ୍ଜରୀ ସାହିତ୍ୟ ସମ୍ମାନ ୨୦୧୯
୨୫. ମହାନଦୀ ସାରସ୍ୱତ ସମ୍ମାନ ୨୦୧୯
୨୬. ଅତିବଡ଼ି ଜଗନ୍ନାଥ ଦାସ ସମ୍ମାନ ୨୦୧୭
୨୭. ସାହିତ୍ୟ ସଂସ୍କୃତି ପରିଷଦ ୨୦୧୭
୨୮. ଉଦୟଭାନୁ ସମ୍ମାନ ୨୦୨୧
୨୯. ପ୍ରେମ ପ୍ରକୃତି ସମ୍ମାନ ୨୦୨୨
୩୦. ସରଳା ଦେବୀ ସ୍ମୃତି ପୁରସ୍କାର ୨୦୧୯

**ସମ୍ପାଦନା: (ମିଳିତ)**

ଭୂମା ୧ମ, ୨ୟ ଓ ୩ୟ
ଓଡ଼ିଆ ଲେଖିକା ଆଦ୍ୟପର୍ବ
ଓଡ଼ିଆ ଲେଖିକା ମଧ୍ୟପର୍ବ
ଭୂମିକା (ଶିଶୁ କବିତା ସଂକଳନ)




**Jayadurga Homecare Products Pvt. Ltd.**
**Mancheswar, Bhubaneswar**
**Customer Care : 9861049796, 9238349796**



## ବନଜଦେବୀଙ୍କ ବହିର ବେଦୀ

ତାଙ୍କ ଜୀବନଚର୍ଯ୍ୟା ଓ ବ୍ୟକ୍ତିତ୍ୱକୁ ଲକ୍ଷ୍ୟ କଲେ ଲାଗେ ଏସବୁ ପ୍ରତି ସେ ଖୁବ୍ ନିର୍ଲିପ୍ତା ଓ ନିରାସକ୍ତା । ସେଇଥିପାଇଁ ତ ତାଙ୍କ ଲେଖକୀୟତାକୁ ନେଇ ସେ କହନ୍ତି, 'ମୁଁ ଯେମିତି ବଞ୍ଚେ ସେମିତି ଲେଖେ' । ଆଜିଠାରୁ ଆଠ ଦଶନ୍ଧି ତଳେ ସେ ଯେଉଁ ପରିବାର ଓ ପରିବେଶରେ ବଢ଼ିଥିଲେ, ତାର କୁଳୀନ ସଂସ୍କାର ଏଯାବତ୍ ତାଙ୍କ ଠାରୁ ବିଚ୍ୟୁତ ହୋଇନାହିଁ । ଗୋଟେ ଟିପିକାଲ୍ ଓଡ଼ିଆ ଗୃହିଣୀର ସଲ୍ଲଜ ସୌଷ୍ଠବ ତାଙ୍କୁ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ଓ ସମ୍ମାନନୀୟା କରି ରଖିଛି ।

ଝର୍କା ବାହାରେ ଦେଖା ଯାଉଛି ଚେନାଏ ଆକାଶ । ସେଠାରେ ବର୍ଷାର ପ୍ରସ୍ତୁତି । ଶ୍ରାବଣ ଆକାଶକୁ ବିଶ୍ୱାସ ନଥାଏ । ଆମେ ଉଠିଲୁ ଏଥର ।

ପ୍ରଣାମ ଜଣାଇଲୁ ଅନ୍ତର୍ମନରେ । ବିପୁଳ ଆତ୍ମଶକ୍ତିର ଅଧିକାରିଣୀ ସେଇ ଶ୍ୱେତବସ୍ତ୍ରା, ଅଗୁଣ୍ଠିତା ଓଡ଼ିଆ କଥାସାହିତ୍ୟର ବାଗ୍‌ଦେବୀ ପୁତ୍ରୀ ବନଜ ଦେବୀଙ୍କୁ । ଆଉ କେଇଟା ଦିନ ପରେ ସେ ଚଉରା ବର୍ଷରେ ପଦାର୍ପଣ କରିବେ । ସେ ସେମିତି ଥାଆନ୍ତୁ ସ୍ନେହସ୍ନିଗ୍ଧା, ସୃଜନ ମଗ୍ନା ।

ଫାଟକ ଟପୁ ଟପୁ ଆମ୍ବଗଛର ପତ୍ରଫାଙ୍କରୁ ଝରି ପଡ଼ିଲା ମୋ ମୁଣ୍ଡ ଉପରେ ଦି'ଟୋପା ପାଣି । ବୁଲି ଚାହିଁଲି, ସେ ଠିଆ ହୋଇଛନ୍ତ ଦ୍ୱାର ପାଖରେ, ଆଶୀର୍ବାଦ ମୁଦ୍ରାରେ । ମୋତେ ଲାଗିଲା ସେଇଠି କୋଉଠି ଅନୁରଣିତ ହେଇ ଉଠୁଚି ତାଙ୍କର ପଦେ କବିତା:

"ମୁଁ ଆଜି ଚିହ୍ନିଲି ମୋତେ ଦିଗ୍ ଦିଗନ୍ତେ ନିଜକୁ ବିଛେଇ
କି ମହାର୍ଘ୍ୟ ଐଶ୍ୱର୍ଯ୍ୟ ମୁଁ ମୋ ଭିତରେ ଆଣିଲି ଗୋଟାଇ ।"

### ଘର ନାଁ କାହିଁକି 'ଶିବଛାୟା'

ଏ ଜାଗା ଘର ପାଇଁ କିଣିଲା ବେଳେ ଥିଲା ଗୋଟେ ଧାନବିଲ । ଚାରିଆଡ଼େ ବିସ୍ତୃତ ଶସ୍ୟକ୍ଷେତ୍ର । ୧୯୯୧ ମସିହାର କଥା । ଘର କଲୁ ୧୯୯୪ ମସିହାରେ । ଘରର ପଛପଟରେ ଅଛନ୍ତି ରାମେଶ୍ୱର ମହାଦେବ । ସାମ୍ନାରେ ମହାପ୍ରଭୁ ଲିଙ୍ଗରାଜ । ଦ୍ୱାର ଖୋଲିଲେ ଦେଖାଯାଏ ତାଙ୍କର ଭବ୍ୟ ଓ ବିଶାଳ ମନ୍ଦିର । ଜାଗରରେ ଏଇଠି ବସି ବି ଦେଖୁ ମହାଦୀପ ଉଠିବାର । ଉଭୟ ଶିବାଳୟର ମଧ୍ୟ ସ୍ଥାନରେ ଘରଟି ଥିବାରୁ ମନକୁ ଆକସ୍ମିକ ଏ ନାଁଟି ଆସିଲା 'ଶିବଛାୟା' । ତାହା ହିଁ ଦିଆଗଲା । ମୋର 'ପୂର୍ବାଶା' ନାଁଟି ଭାରି ପସନ୍ଦ । ଏ ନାଁଟି ଦେବାକୁ ମୋର ଭାରି ଇଛା ଥିଲା । ଖୋର୍ଦ୍ଧାରେ ଥିବା ଘରର ନାଁ ତାହା ହିଁ ଦେଇଛି । କିନ୍ତୁ ଉଭୟ ପଟୁ ଶିବଙ୍କ ଛାୟାଶ୍ରିତ ଏ ଘରଟିର ନାଁ 'ଶିବଛାୟା' ବ୍ୟତୀତ ସୁନ୍ଦର ଓ ସାର୍ଥକ ଆଉ କ'ଣ ହୋଇଥା'ନ୍ତା !

### ବନଜଙ୍କ ସ୍ୱୀକାରୋକ୍ତି

▲ଅସଲ କଥା ନିଜକୁ ଲେଖିକା ବୋଲି କହିବାକୁ ମୋର ଭାରି କୁଣ୍ଠା । କାରଣ ଜଣେ ଲେଖିକାର ଯେଉଁ ନିଷ୍ଠା, ଶ୍ରମ, ସାଧନା, ଏକାଗ୍ରତା ଓ ପ୍ରତିବଦ୍ଧତା ତାର ଲେଖା ପ୍ରତି ଥାଏ, ମୋର ତା ଟିକେ ବି ନାହିଁ । ସତ କହିଲେ ମୁଁ ସେହି ଅଭ୍ୟାସ ପର୍ଯ୍ୟାୟରେ ଅଛି, ସାଧନା ପର୍ଯ୍ୟାୟକୁ ଉଠିନାହିଁ ।

▲ମୁଁ ଯାହା ଲେଖେ ନିଜ ଅନ୍ତଃପ୍ରେରଣାରେ ହିଁ ଲେଖେ କାହାରି ଚାପରେ ନୁହେଁ । ମୁଁ ଯେମିତି ବଞ୍ଚେ, ସେମିତି ଲେଖେ ।

▲ପିଲାଦିନରୁ ମୋର ମନ ଭିତରେ ଗୋଟିଏ ସୁନ୍ଦର ପୃଥିବୀ ଓ ସୁନ୍ଦର ଜୀବନର ସ୍ୱପ୍ନ ରହିଛି । ତେଣୁ ହୁଏତ ଅଜାଣତରେ ମୋର ଲେଖାରେ ତାର ଛାୟା ପ୍ରତିଫଳିତ ହେଉଛି ।

▲ମୋ ସ୍ୱାମୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ହରିଚନ୍ଦନ ହେଉଛନ୍ତି ମୋ ସୃଜନ କର୍ମର ଉତ୍ସାହକ ଓ ପ୍ରଶଂସକ । ଯୁଆଡ଼େ ଗଲେ ଯଦି ସାଙ୍ଗରେ ଥିବି ଅନ୍ୟମାନଙ୍କୁ କହିବାରେ ଆଦୌ ହେଳା କରନ୍ତି ନାହିଁ । କହନ୍ତି, ୟେ ବନଜ, ମୋ ସ୍ତ୍ରୀ....She is a writer ତାହା ହିଁ ତାଙ୍କର ଗର୍ବ ।

▲ମୁଁ ପୁରୀର ଝିଅ । ବିଶ୍ୱର ଆରାଧ୍ୟ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର । ଯୁଆଡ଼େ ଥିଲେ ବି ମୋ ମାଟି ମୋ ଶ୍ରୀମନ୍ଦିର ମୋ ଚତୁର୍ଦ୍ଧାମୂର୍ତ୍ତିକୁ ଭୁଲେନା । ଶ୍ରୀ ଜଗନ୍ନାଥଙ୍କ ତୁଳସୀରୁ ମୋର ଦୈନିକ ପାନାହାର ଆରମ୍ଭ ହୁଏ ।

▲ବହୁତ ଘଟଣା, ବହୁତ ଭାବନା ମୋତେ ବ୍ୟସ୍ତବିବ୍ରତ କରୁଚି ଆଉ ଗୋଟେ ଉପନ୍ୟାସ ଲେଖିବାକୁ । ବୟସାଧିକ୍ୟ ଓ ଚକ୍ଷୁ ସମସ୍ୟା ତାର ବାଧକ ସାଜୁଛି । ଏହା ହିଁ ମୋ ଦୁଃଖ ।

### ବନଜଙ୍କ କେତୋଟି କବିତାଂଶର ବନଫୁଲ

୧. କହିବି କହିବି କଥାଟିଏ ବୋଲି
କହି ତ ପାରିଲି ନାହିଁ
କହି ଦେଇଥିଲେ ବହି ଯାଇଥାନ୍ତି
କୁଳୁ କୁଳୁ ନଈ ହେଇ ।

୨. ଭାବରେ ଭାବରେ ନିଗିଡ଼ି ଯିବାକୁ
ଅଧୀର ହେଉଛି ମନ
ଶେଷ ଟୋପା ଦେବି କେମିତି ନିଗାଡ଼ି
ଭାରି ଗହନ ଏ କ୍ଷଣ ।

୩. ସହି ହେବ ଶତସନ୍ତାନ ଶୋକ
ରହିଛି ରହିବ ପ୍ରାଣ
ସବୁ ଦୁଃଖରୁ ବଳି ଅସହ୍ୟ
ଆତ୍ମାର ଅପମାନ

୪. ପଥର ତଳର ଘାସକେରାଟି ମୁଁ
ହାରି ନାହିଁ, ହାରି ନାହିଁ
ଭଲ ପାଇବାର ଦୀପ ଜାଳିଥିଲି
ଏବେ ବି ସେ ଲିଭି ନାହିଁ ।

୪. ପ୍ରେମର ସନ୍ନ୍ୟାସ ନେଇ ଯେ ଯୋଗୀଟି ହଜିଗଲା ଦୂରେ
ସେ ନିୟତ ମୂର୍ତ୍ତିମନ୍ତ ଜାଗ୍ରତ ମୋ ସମଗ୍ର ସତ୍ତାରେ ।



# ଗଡ଼ଜାତ ଗାଥା

# ସ୍ୱାଧୀନତାର ପୃଷ୍ଠଭୂମିରେ ନୀଳଗିରି ପ୍ରଜା ଆନ୍ଦୋଳନ ଓ ପ୍ରଥମ ଗଡ଼ଜାତ ମିଶ୍ରଣ


**ଡକ୍ଟର ଅରବିନ୍ଦ ଗିରି**

ସୁଏଲପୁର, ପୋଷ୍ଟ: ମୋତିଗଞ୍ଜ,
ବାଲେଶ୍ୱର-୭୫୬୦୦୩
ଫୋନ: ୯୭୭୭୬୯୨୩୨୧


ଫଟୋ ସୌଜନ୍ୟ: ଗୁଗୁଲ୍

ଭାରତବର୍ଷ ସ୍ୱାଧୀନତା ଆନ୍ଦୋଳନର ଇତିହାସ ଖୁବ୍ କରୁଣ ଓ ମର୍ମନ୍ତୁଦ । ପରାଧୀନ ଭାରତବର୍ଷକୁ ଇଂରେଜ ଶାସନ କବଳରୁ ମୁକ୍ତ କରିବା ପାଇଁ ଭାରତବାସୀଙ୍କ ଏକତାବଦ୍ଧ ସଂଗ୍ରାମ ଇଂରେଜ ଶାସକବର୍ଗଙ୍କୁ ଉପାୟଶୂନ୍ୟ କରିଦେଇଥିଲା । ଫଳରେ ସରଳ ନିରୀହ ଆବାଳବୃଦ୍ଧବନୀତାଙ୍କୁ ଇଂରେଜମାନଙ୍କ ଦ୍ୱାରା ଅକଥନୀୟ, ବର୍ବରୋଚିତ ଅତ୍ୟାଚାର ସହିବାକୁ ପଡ଼ିଥିଲା । ଗୁଳିବିଦ୍ଧ, ରକ୍ତପାତ, ଲାଠିମାଡ଼, ଫାଶି, ଦ୍ୱୀପାନ୍ତର ଜେଲଦଣ୍ଡ, ପୋଡ଼ାଜଳା, ଫସଲନଷ୍ଟ, କରପୀଡ଼ନ, ନାରୀ ନିର୍ଯାତନା, ନାରୀଧର୍ଷଣ, ଶିଶୁହତ୍ୟା, ଆସବାବପତ୍ର ଲୁଟ୍‌ପାଟ ଓ ଅଗ୍ନିସଂଯୋଗ, ଘର ଖାନତଲାସ ଓ ଗହଣାପତ୍ର ଲୁଟିନେବା, ମନ୍ଦିର ମସ୍‌ଜିଦ୍ ଭାଙ୍ଗିଦେବା ଆଦି ଯାବତୀୟ ଶାରୀରିକ ତଥା ମାନସିକ କଷଣ ଦେବାକୁ ପଶ୍ଚାତ୍‌ପଦ ହେଉନଥିଲେ । ବ୍ରିଟିଶ୍ ଶାସକ ଗୋଷ୍ଠୀ ସ୍ୱୀୟମାନବିକବୋଧକୁ ହତ୍ୟା କରି ନିଜସ୍ୱ ସ୍ୱାର୍ଥ ସାଧନ ପାଇଁ ଭାରତବର୍ଷରୁ ଅର୍ଥ ଓ ପ୍ରାଚୀନ ଐତିହ୍ୟ ସମ୍ପତ୍ତିକୁ ଅପହରଣ କରୁଥିଲେ । ଫଳରେ ଇଂରେଜ ଶାସନର ମୁକାବିଲା ପାଇଁ ଗାନ୍ଧୀଜୀଙ୍କ ନେତୃତ୍ୱରେ ଏବଂ ସୁବାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇଥିଲା । ଗାନ୍ଧିଜୀଙ୍କ ଅହିଂସା ଓ ସତ୍ୟାଗ୍ରହ ନୀତିରେ ଉଦାର ପନ୍ଥୀ ଏବଂ ସୁବାଷଙ୍କ ନେତୃତ୍ୱରେ ଚରମ ପନ୍ଥୀ । ଉଦାରପନ୍ଥୀର ସମର୍ଥକ ଥିଲେ ଦାଦାଭାଇ ନାରୋଜୀ, ମହାଦେବ ଗୋବିନ୍ଦ ରାଣାଡ଼େ, ଫିରୋଜ୍ ଶାହ ମେହେଟା, ଗୋପାଳକୃଷ୍ଣ ଗୋଖଲେ ଏବଂ ଚରମ ପନ୍ଥୀର ସମର୍ଥକ ଥିଲେ ଶ୍ରୀ ଅରବିନ୍ଦ ଘୋଷ, ରାସବିହାରୀ ବୋଷ, ବାଳ ଗଙ୍ଗାଧର ତିଳକ, ଖୁଦିରାମ ବୋଷ, ବାଘାଯତୀନ, ସୁବାଷ ଚନ୍ଦ୍ର ବୋଷ ଅନ୍ୟତମ । ଗାନ୍ଧୀଜୀଙ୍କ ନେତୃତ୍ୱରେ ପରବର୍ତ୍ତୀ ଉଦାରପନ୍ଥୀମାନଙ୍କ ଦେଶମୁକ୍ତି କରିବାର ଆନ୍ଦୋଳନ ଅପେକ୍ଷା ଚରମପନ୍ଥୀମାନଙ୍କର ସଶସ୍ତ୍ର ସଂଗ୍ରାମ ଇଂରେଜ ଶାସକଙ୍କ ଘୋର ମୁଣ୍ଡବ୍ୟଥାର କାରଣ ହେବା ସହିତ ଭାରତବର୍ଷକୁ ଅଧିକ ଦିନ ଶାସନ କରିବାର ସୁଖନିଦ୍ରା ଭଙ୍ଗ କରି ଦେଇଥିଲା । ଫଳରେ ଭାରତବର୍ଷକୁ ପରିତ୍ୟାଗ କରିବାର ସଂକଳ୍ପ ନେବାକୁ ବାଧ୍ୟ ହୋଇଥିଲେ ।

ଇଂରେଜ ଶାସନର ଅତ୍ୟାଚାରରେ ଅତିଷ୍ଠ ହୋଇ ଇଷ୍ଟଇଣ୍ଡିଆ କମ୍ପାନୀ ସରକାରଙ୍କ ବିରୋଧରେ ଯେଉଁ ରକ୍ତାକ୍ତ ସଂଗ୍ରାମ ହୋଇଥିଲା ତାହା ଥିଲା ୧୮୧୭ ଖ୍ରୀଷ୍ଟାବ୍ଦର ଓଡ଼ିଶାର ପାଇକ ବିଦ୍ରୋହ । ଏହା ଥିଲା ପ୍ରଥମ ସ୍ୱାଧୀନତା ସଂଗ୍ରାମ । ଜୟୀ ରାଜଗୁରୁ, ବକ୍‌ସୀ ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ଚାଖି ଖୁଣ୍ଟିଆ ଓ ଅନ୍ୟମାନେ ଇଂରେଜ ଶାସନର ପଥରୋଧ କରିଥିଲେ । ଏହାପରେ ୧୮୫୭ ଖ୍ରୀଷ୍ଟାବ୍ଦରେ ଇଷ୍ଟଇଣ୍ଡିଆ କମ୍ପାନୀର ସାମରିକ ବାହିନୀ ବିରୁଦ୍ଧରେ ଭାରତୀୟ ସିପାହୀମାନେ ଯେଉଁ ସଶସ୍ତ୍ର ସଂଗ୍ରାମ କରିଥିଲେ, ତାହା ଇତିହାସ ପୃଷ୍ଠାରେ ସିପାହୀ ବିଦ୍ରୋହ ନାମରେ ନାମିତ । ଏହି ଦୁଇ ବିଦ୍ରୋହ ଇଂରେଜ ଶାସନ ବିରୁଦ୍ଧରେ ସଂଗଠିତ ହେବା ବ୍ୟର୍ଥ ହୋଇନଥିଲା । ଏଥିରେ ଦେଶର ଯୁବଗୋଷ୍ଠୀ ଭାରତମାତୃକାର ମୁକ୍ତି ପାଇଁ ଅଶେଷ ପ୍ରେରଣା ପାଇଥିଲେ ।

ଓଡ଼ିଶା ମଧ୍ୟ ଏହି ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରରେ ପଛରେ ନଥିଲା । ଗାନ୍ଧୀଜୀ ସମଗ୍ର ଓଡ଼ିଶାରେ ପଦଯାତ୍ରା ଆରମ୍ଭ କରିଥିଲେ । ଗାନ୍ଧୀଜୀଙ୍କ ସ୍ୱାଧୀନତା ସଂଗ୍ରାମର ଆଦର୍ଶ-ଅହିଂସା ଓ ଅସହଯୋଗ ଆନ୍ଦୋଳନକୁ ବହନ କରି ଗୋପବନ୍ଧୁଙ୍କ ନେତୃତ୍ୱରେ ଡ. ହରେକୃଷ୍ଣ ମହତାବ, ବିପ୍ଳବୀ କବି ବାଞ୍ଛାନିଧି ମହାନ୍ତି, ମା'ରମାଦେବୀ, ମାଳତୀ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ ପ୍ରମୁଖ ଏହି ମୁକ୍ତି ଆନ୍ଦୋଳନରେ ଯୋଗ ଦେଇଥିଲେ । ପରବର୍ତ୍ତୀ କାଳରେ ଭଦ୍ରକ ଓ ବାଲେଶ୍ୱରର ଉପକୂଳବର୍ତ୍ତୀ ଅଞ୍ଚଳ ଇରମ,



▲ ଲେଖକ ଡକ୍ଟର ଅରବିନ୍ଦ ଗିରି



Ohm
PVC
HDPE
Pipes & Fittings

# OHM PIPES PVT. LTD.




"An ISO 9001-2015 Certified Company"

**OHM PIPES, Symbol of Trust**

A leading manufacturer of
PVC & HDPE Pipes & Fittings

**Works: D - 7, 8, 49 & 50, Somnathpur, IID Centre, Odisha 756019**
**Sales Enquiry Odisha: +91 - 7008869992, 8280956445**
**West Bengal: +91- 9433094332**
**info@ohmpipes.com**
**www.ohmpipes.com**




ଇଞ୍ଚୁଡ଼ି, ଭୋଗରାଇ, ବାଲିଆପାଳ ଓ ବଳଙ୍ଗ କୂଳରେ ଲବଣ ସତ୍ୟାଗ୍ରହ (ଲୁଣମରା ଆଇନ ଅମାନ୍ୟ ଆନ୍ଦୋଳନ), ଉତ୍କଳ ସମ୍ମିଳନୀ(୧୯୦୩), ସ୍ୱଦେଶୀ ଆନ୍ଦୋଳନ(୧୯୦୫), ଅସହଯୋଗ ଆନ୍ଦୋଳନ (୧୯୨୧), ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ (୧୮୭୦), ଶ୍ରୀଜଙ୍ଗ ଅତ୍ୟାଚାର, ଇରମ ଗୁଳିକାଣ୍ଡ ତଥା କନିକା ପ୍ରଜା ଆନ୍ଦୋଳନ ଜନିତ ଗୁଳିକାଣ୍ଡ ଭଳି ଘଟଣାମାନ ସମୟଚକ୍ରରେ ଘଟି ଯାଇଥିଲା । କୁଳବୃଦ୍ଧ ମଧୁସୂଦନ, କାନ୍ତକବି ଲକ୍ଷ୍ମୀକାନ୍ତ, ମୁକୁନ୍ଦ ପ୍ରସାଦ ଦାସ, ନୀଳାମ୍ବର ଦାସ, ସର୍ଦ୍ଦାର ସୁରେନ୍ଦ୍ର ଦାସ, ଗୋଲକ ନାଥ ଦେ, ପ୍ରିୟନାଥ ସରକାର, ଗୋଦାବରୀ ଦେବୀ ଓ ଭୈରବ ମହାପାତ୍ର ଏହି ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ ।

୧୯୦୫ ମସିହାରେ ଇଂରେଜ ସରକାର 'ବଙ୍ଗଭଙ୍ଗ' ଘୋଷଣା କରିଥିଲେ । ଇଂରେଜ ସରକାରଙ୍କ ଏହି ଘୋଷଣାନାମା ବିରୁଦ୍ଧରେ ବଙ୍ଗବାସୀ ରାଜରାସ୍ତାକୁ ଓହ୍ଲାଇ ଜନ ଆନ୍ଦୋଳନ ସୃଷ୍ଟି କରିଥିଲେ । ଏହାର ନେତୃତ୍ୱ ନେଇଥିଲେ କବିଗୁରୁ ରବୀନ୍ଦ୍ରନାଥ ଠାକୁର । କୃଷ୍ଣ କୁମାର ମିଶ୍ର, ଅରବିନ୍ଦ ଘୋଷ, ସୁରେନ୍ଦ୍ରନାଥଙ୍କ ସହିତ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଅଗଣିତ ଜନତା ରବୀନ୍ଦ୍ରନାଥଙ୍କ ରଚିତ "ବାଂଲାର୍ ମାଟି, ବାଂଲାର ଜଲ୍/ ବାଂଲାର ବାୟୁ / ବାଂଲାର୍ ଫଲ୍ / ପୁଣ୍ୟ ହୋକ୍ / ପୁଣ୍ୟ ହୋକ୍ / ପୁଣ୍ୟ ହୋକ୍/ ହେ ଭଗବାନ.." ଗାଇ ଗାଇ ପରସ୍ପର ହାତରେ ରାକ୍ଷୀ ବାନ୍ଧିଥିଲେ ।

ଉପରୋକ୍ତ ଆନ୍ଦୋଳନର ପ୍ରଭାବ ନୀଳଗିରି ଜନସାଧାଣର ଉପରେ ପଡ଼ିଥିଲା ! ସେମାନେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ଇଂରେଜ ସରକାରଙ୍କ ଅତ୍ୟାଚାରର ପ୍ରଭାବ ଅନୁଭବ କରୁଥିଲେ । ଗୋଲକ ନାଥ ଦେ, ଲକ୍ଷ୍ମୀଧର ମିଶ୍ର, ପ୍ରାଣବନ୍ଧୁ ମଉଗଜ, ସମ୍ଭୁନାଥ ପାତ୍ର ଓ ପ୍ରାଣବନ୍ଧୁ ଅଗସ୍ତି ପ୍ରମୁଖ ବାଲେଶ୍ୱର, ସୋର, ଶାଳଗାଁ ଓ ଶ୍ରୀଜଙ୍ଗର ଲୁଣମରା ଆନ୍ଦୋଳନରେ ଯୋଗ ଦେଇ କାରାବରଣ କରିଥିଲେ ।

## ନୀଳଗିରିର ଅବସ୍ଥିତି ଓ ରାଜବଂଶ

ସ୍ୱାଧୀନତା ପୂର୍ବରୁ ଓଡ଼ିଶାର ଯେଉଁ ୨୬ଟି ଗଡ଼ଜାତ ରାଜ୍ୟ ଥିଲା, ସେଥିମଧ୍ୟରୁ ନୀଳଗିରି ଥିଲା ଏକ କ୍ଷୁଦ୍ର କରଦ ରାଜ୍ୟ, ଏହାର କ୍ଷେତ୍ରଫଳ ଥିଲା ୨୮୪ ବର୍ଗ ମାଇଲ । ଏହି ରାଜ୍ୟରେ ଉତ୍ତର-ପଶ୍ଚିମରେ ମୟୂରଭଞ୍ଜ, ପୂର୍ବ-ଦକ୍ଷିଣରେ ବାଲେଶ୍ୱର ଜିଲ୍ଲା, ଦକ୍ଷିଣ-ପଶ୍ଚିମ କୋଣକୁ ଲାଗି କେଉଁଝର ଅବସ୍ଥିତ । ଉତ୍ତର ଦିଗରେ ଚିରସ୍ରୋତା ଶୋଣନଦୀ ପ୍ରବାହିତ । ନିଘଞ୍ଚ ଅରଣ୍ୟାନୀ ପରିବେଷ୍ଟିତ ସ୍ୱର୍ଣ୍ଣଚୂଡ଼ ପାହାଡ଼ ଓ ୨୨୦୦ ଫୁଟ୍ ଉଚ୍ଚର ଦେବଗିରି ପର୍ବତମାଳା ଅବସ୍ଥିତ । ପୂର୍ବତଟ ବଙ୍ଗୋପସାଗର ଠାରୁ ଏହାର ଦୂରତ୍ୱ ୧୬ ମାଇଲ୍ । ପୁରାଣପ୍ରସିଦ୍ଧ ପଦ୍ମତୋଳା ହ୍ରଦ ନୀଳଗିରିର ଗୌରବ । ମୁଖ୍ୟତଃ ନଦୀ ଉପତ୍ୟକା ଅଞ୍ଚଳରେ ଆର୍ଯ୍ୟ ଓ ପାର୍ବତ୍ୟ ତଥା ଜଙ୍ଗଲ ଅଞ୍ଚଳରେ ଅନାର୍ଯ୍ୟ ଆଦିବାସୀ ଜନଜାତିର ଲୋକମାନେ ବସବାସ କରନ୍ତି ।

ଇତିହାସରୁ ସୂଚନା ମିଳେ ବିରାଟ ରାଜବଂଶର ରାଜା ନାରାୟଣ ବସନ୍ତ ବିରାଟ ଭୂଜଙ୍ଗ ବଳିଆର ସିଂଦେଓ ମାନଧାତାଙ୍କ ବଂଶଧରମାନେ ସମ୍ଭବତଃ ଭାନୁକିରଣଙ୍କ ପୁତ୍ର ନୀଳସର୍ଦ୍ଦାର ଓ ତାଙ୍କର ପରିବାରଙ୍କୁ ଯୁଦ୍ଧରେ ପରାସ୍ତ ଓ ନିହତ କରି ନୀଳଗିରିରେ ନୂତନ ରାଜବଂଶ ପ୍ରତିଷ୍ଠା କରିଥିଲେ । ନାରାୟଣ ୧୫୨୧ରୁ ୧୫୬୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେଇ ବଂଶର ସାଧୁ ମାନଧାତା ମୋଗଲ ସମ୍ରାଟ୍ ଜାହାଙ୍ଗିରଙ୍କ ଦ୍ୱାରା ମର୍ଦ୍ଦରାଜ ଉପାଧିରେ ଭୂଷିତ ହୋଇଥିଲେ ।

୧୮୦୩ ମସିହାରେ 'ଇଷ୍ଟଇଣ୍ଡିଆ କମ୍ପାନୀ' ଓଡ଼ିଶା ଦଖଲ କଲେ । ୧୮୦୭ ମସିହାରେ ଇଷ୍ଟଇଣ୍ଡିଆ କମ୍ପାନୀ ସହିତ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କର କରଦ ରାଜ୍ୟ ଚୁକ୍ତି ସମ୍ପାଦିତ ହୋଇଥିଲା । ତଦନୁଯାୟୀ ୨୩,୪୦୦ କାହାଣ କଉଡ଼ି ଧାର୍ଯ୍ୟ ହେଲା ତା ୨୫/୯/୧୮୦୯ ମସିହାରେ କଉଡ଼ି ବଦଳରେ ଟ୨୧୦୭ଟଙ୍କା ୧୨ ଅଣା ୩ପାହୁଲା ପେସ୍‌କିସ୍ ଦେବାକୁ ସ୍ଥିର ହେଲା ।

## ପ୍ରଜାମେଳିର ସୂତ୍ରପାତ

ରାମଚନ୍ଦ୍ରଙ୍କ ରାଜତ୍ୱ କାଳ ଥିଲା ୧୮୦୯ ମସିହାରୁ ୧୮୧୧ ମସିହା । ଏହାଙ୍କ ରାଜତ୍ୱ ସମୟକୁ ନୀଳଗିରି ପ୍ରଜାମେଳି ସଂଗଠିତ ହୋଇଥିଲା । ରାଜାଙ୍କ ମୃତ୍ୟୁ ପରେ ତାଙ୍କ ସୁପୁତ୍ର ଗୋବିନ୍ଦ ଚନ୍ଦ୍ରଙ୍କର ରାଜତ୍ୱ କାଳ ୧୮୧୧ରୁ ୧୮୪୮ ମଧ୍ୟରେ ସୁଶାସନ ଥିଲା ଏବଂ ଗୋବିନ୍ଦ ଚନ୍ଦ୍ର ଜଣେ ଦୟାଳୁ,

ପ୍ରଜାବତ୍ସଳ ରାଜା ଥିଲେ । ଗୋବିନ୍ଦ ଚନ୍ଦ୍ରଙ୍କର ଦୁଇପୁତ୍ର । ବଡ଼ କୃଷ୍ଣଚନ୍ଦ୍ର ଏବଂ ସାନ ହରିହର । କୃଷ୍ଣଚନ୍ଦ୍ରଙ୍କର ରାଜତ୍ୱ କାଳ ଥିଲା ୧୮୪୮/୪୯ରୁ ୧୯୯୩ ମସିହା । ଏହାଙ୍କ ରାଜତ୍ୱ କାଳରେ ବ୍ରିଟିଶ ସରକାର ଗଡ଼ଜାତର ସୀମା ନିର୍ଦ୍ଧାରଣ ଓ ଲୋକଙ୍କ ଜମିର ପରିମାଣ ମାପ ଆରମ୍ଭ କରି ୧୮୫୩ରେ ବନ୍ଦୋବସ୍ତ କାର୍ଯ୍ୟ ଶେଷ କରିଥିଲେ । ସାହେବମାନେ ଲୋକମାନଙ୍କୁ ବୁଝାଇ ଜଗନ୍ନାଥ ସଡ଼କରୁ ଆମଡିହା ପର୍ଯ୍ୟନ୍ତ ଏବଂ ମଙ୍ଗଳପୁର ଓ ପଦାଗାଁର ବିସ୍ତୃତ ଅଞ୍ଚଳ ଗଡ଼ଜାତରୁ କାଢ଼ିନେଇ ମୋଗଲବନ୍ଦୀରେ ମିଶାଇ ଦେଲେ ।

ରାଜା କୃଷ୍ଣଚନ୍ଦ୍ର ଥିଲେ ଅପୁତ୍ରିକ । ରାଜ ପରମ୍ପରା ଅନୁଯାୟୀ ବଡ଼ଭାଇ ଅପୁତ୍ରିକ ହେଲେ ସାନଭାଇର ପୁଅ ବା ନାତିକୁ ପୋଷ୍ୟପୁତ୍ର ଭାବରେ ଗ୍ରହଣ କରାଯାଇ ରାଜା ହେବେ । ସାନଭାଇ ହରିହରଙ୍କ ପୁଅ ଚକ୍ରଧରକୁ ତନ୍ତ୍ର ପ୍ରୟୋଗ କରି ସମ୍ପୂର୍ଣ୍ଣ ପାଗଳ କରି ଦିଆ ଯାଇଥିଲା । ଚକ୍ରଧରଙ୍କ ପୁତ୍ର ଗୋପୀନାଥ ରାଜା ହେବା କଥା । ମାତ୍ର ଏ ପ୍ରସ୍ତାବରେ ରାଜା କୃଷ୍ଣଚନ୍ଦ୍ର ରାଜି ହେଲେ ନାହିଁ । ଯାହା ଫଳରେ ମୟୂରଭଞ୍ଜ ରାଜାଙ୍କର ଦ୍ୱିତୀୟପୁତ୍ର ଶ୍ୟାମସୁନ୍ଦରଙ୍କୁ ପୋଷ୍ୟପୁତ୍ର ଭାବରେ ୧୮୮୩/୮୪ ମଧ୍ୟରେ ଗ୍ରହଣ କଲେ । ଫଳରେ ପାରିବାରିକ ଅଶାନ୍ତି ସୃଷ୍ଟି ହେଲା ଏବଂ ହରିହରଙ୍କ ଦ୍ୱାରା ପ୍ରଜାମେଳି ଆରମ୍ଭ ହେଲା ।

କୃଷ୍ଣଚନ୍ଦ୍ରଙ୍କ ସମୟରେ ଫକୀରମୋହନ ସେନାପତି(୧୮୭୧) ମସିହାରେ ବାଲେଶ୍ୱର ଜିଲ୍ଲାର ତତ୍କାଳୀନ କଲେକ୍ଟର ଜନ୍ ବୀମ୍‌ସ୍‌ଙ୍କ ପ୍ରସ୍ତାବ ଅନୁଯାୟୀ ଦେୱାନ୍ ପଦରେ ନିଯୁକ୍ତି ପାଇଥିଲେ । ଜିଲ୍ଲାର ସମସ୍ତ କାର୍ଯ୍ୟ ଫକୀରମୋହନ ବୁଝୁଥିଲେ । ରାଜା କୌଣସି କଥା ବୁଝୁନଥିଲେ । ରାଜ୍ୟର ଆର୍ଥିକ ଉନ୍ନତି ପାଇଁ ଫକୀରମୋହନ ହାଟରୁ ବଟି ଉଠାଇବା, ମୁଗୁନିପଥର ଖଣି ଉପରେ ରୟାଲଟି ବଢ଼ାଇବା ତଥା ଜଙ୍ଗଲର ଆୟ ବଢ଼ାଇବା ପାଇଁ ଉଦ୍ୟମ କରିବାରୁ ପ୍ରଜାମେଳି ତେଜି ଉଠିଲା । ହରିହରଙ୍କ ବିଶ୍ୱସ୍ତ ବେବର୍ତ୍ତା ଶ୍ରୀନାଥ ମିଶ୍ର ଓ ଦାମୋଦର ମହାପାତ୍ର ଏହି ମେଳିର ନେତୃତ୍ୱ ନେଇଥିଲେ ।

## ଐତିହାସିକ ଖଡ଼ପୁର ପ୍ରଜାମେଳି

ଖଡ଼ପୁର ଅଞ୍ଚଳର ପଥର କଟାଳିମାନଙ୍କ ଅସନ୍ତୋଷ କ୍ରମେ ଆନ୍ଦୋଳନର ରୂପ ନେଲା । ଅତ୍ୟଧିକ ଖଜଣା କଟକଣା ସାଙ୍ଗକୁ ଜଙ୍ଗଲର କଟକଣା, ହାଟବଟି, ଉତ୍ପନ୍ନ ଫସଲ ଉପରେ ଲୋଲୁପ ଦୃଷ୍ଟି, ଗୋରୁଗାଇ ବିକ୍ରୟ ଉପରେ ପଟ୍ଟାଦାରମାନଙ୍କର କଟକଣା ଓ ପାଉଣା ଆଦାୟ, ଶିକାର-ବେଠିର ବିରୋଧ ଓ କଳାବାଡ଼ି ଗଛ ଉପରେ ଅଧିକାର ସାବ୍ୟସ୍ତ କରି ଆନ୍ଦୋଳନ ଆରମ୍ଭ ହେଲା । ଖଡ଼ପୁରର ଜୟ ରଣସିଂ, ଭଗବାନ ଭୂଜବଳ, ପବନ ଦଳସିଂ, ମଧୁ ମହାପାତ୍ର, ହରି ମାନଧାତା ଓ ହରି ମଙ୍ଗରାଜ ଛଅଜଣଙ୍କ ନେତୃତ୍ୱରେ ମେଳି ଆରମ୍ଭ ହୋଇ ଈଶ୍ୱରପୁର, ବଉଳଗଡ଼ିଆରେ ହାଟବଟି ଆଦାୟ ବନ୍ଦ କରାଗଲା ଓ ପଥର ଖଣିରୁ ଜବରଦସ୍ତ ପଥରକଟା ଆରମ୍ଭ ହେଲା ।

ରାଜା ହାତୀରେ ଚଢ଼ି ଈଶ୍ୱରପୁର ମଧୁ ମହାପାତ୍ରଙ୍କ ଘରକୁ ଗଲେ ପ୍ରଜାମେଳିର ଏକ ସ୍ଥାୟୀ ସମାଧାନ ପାଇଁ । ସେଠାରେ ରାଜା କୃଷ୍ଣଚନ୍ଦ୍ର ଅତ୍ୟଧିକ କରବୃଦ୍ଧି ପାଇଁ ଦେୱାନ ଫକୀର ମୋହନଙ୍କ ଅତ୍ୟାଚାର ବିଷୟରେ ସର୍ବଶେଷ ଆପତ୍ତି ଶୁଣି ରାଜା ନୀରବ ରହିଲେ । ଉତ୍ୟକ୍ତ ଜନତା ବେତ ଲାଙ୍ଗୁଡ଼ାରେ ରାଜାଙ୍କୁ ହାତୀ ଉପରୁ ଟାଣି ଖସାଇ ଦେଲେ । ରାଜା ଅପଦସ୍ତ ହୋଇ ଗଡ଼କୁ ଫେରି ଆସିଲେ । ମେଳିଆମାନେ ଗଡ଼ ଘେରାଓ କଲେ । ନିଆଁପାଣି ବନ୍ଦ କଲେ । ସହରର ବିଦ୍ରୋହୀ ମାନଙ୍କୁ ସଂଗଠିତ କରି ଗଡ଼ ସମ୍ପୂର୍ଣ୍ଣ ରୂପେ ଅବରୋଧ କରାଗଲା । ଆଠଦିନ କାଳ ଗଡ଼ର କବାଟ ଭିତରୁ



ବନ୍ଦ ରହିଲା । ନୀଳଗିରିର ପୋଷ୍ଟମାଷ୍ଟର ଏ କଥା ପଲିଟିକାଲ ଏଜେଣ୍ଟ ବା ବାଲେଶ୍ୱର କଲେକ୍ଟରଙ୍କୁ ଜଣାଇଲେ । ଫଳରେ ତତ୍କାଳୀନ କମିଶନର ଟି.ଇ.ରେଭେନ୍ସା ସାହେବ ନୀଳଗିରି ତଦନ୍ତରେ ଆସିଲେ । ପଥରଖଣିର ଖଜଣାବୃଦ୍ଧି ମେଳିର କାରଣ ବୋଲି କମିଶନର ସାହେବ ଜାଣି ପାରିଲେ । ମେଳି ସକାଶେ ବର୍ଷକ ପାଇଁ ପଥର ଖଣିର ଖଜଣା ନଷ୍ଟ ହେବାରୁ ରାଜା ସାହେବ ମେନେଜର ଫକୀରମୋହନଙ୍କ ଉପରେ ଅତ୍ୟନ୍ତ ଅସନ୍ତୁଷ୍ଟ ଥିଲେ । ଆତ୍ମସମ୍ମାନ ରକ୍ଷା ନିମନ୍ତେ ଫକୀରମୋହନ ନୀଳଗିରି ଦେୱାନ ପଦ ତ୍ୟାଗ କରି ବାଲେଶ୍ୱର ଫେରି ଆସିଲେ । କମିଶନର ସାହେବ ଡବଲିଉ-ଆର୍.ରିକେଟ୍ ସାହେବଙ୍କୁ ନୀଳଗିରି ଷ୍ଟେଟ୍‌ର ମ୍ୟାନେଜର ଭାବରେ ନିଯୁକ୍ତି ଦେଇ ପଠାଇଲେ ଏବଂ ତାଙ୍କ ସହିତ ବ୍ରିଟିଶ ଫଉଜ ମଧ୍ୟ ବିଦ୍ରୋହ ଦମନ ପାଇଁ ଆସିଲେ ।

ବିଦ୍ରୋହର ସମାଧାନ ପାଇଁ ରିକେଟ୍ ସାହେବ ଉପରୋକ୍ତ ଛଅଜଣ ବିଦ୍ରୋହୀଙ୍କୁ କଚେରୀକୁ ଡକାଇ ଗିରଫ କଲେ । ଏମାନଙ୍କ ଘରକୁ ହାତୀ ଲଗାଇ ଭାଙ୍ଗି ଦିଆଗଲା । ସେମାନଙ୍କ ଜମିଜମାସବୁ ନିଲାମ କରି ଦିଆଗଲା । ହରିମଙ୍ଗରାଜଙ୍କୁ ୧୨ବର୍ଷ ଜେଲ ହେଲା । ଅନ୍ୟ ପାଞ୍ଚଜଣଙ୍କୁ ରାଜଦ୍ରୋହ ଅପରାଧରେ କଳାପାଣି ପଠାଇ ଦିଆଗଲା । ଏହିଭଳି ଐତିହାସିକ ଖଡ଼ପୁର ମେଳିକୁ ସମ୍ପୂର୍ଣ୍ଣ ଭାବରେ ଦମନ କରାଗଲା ।

## ଶ୍ୟାମସୁନ୍ଦର ମର୍ଦ୍ଦରାଜ ହରିଚନ୍ଦନ ଓ ପ୍ରଜା ଆନ୍ଦୋଳନ (୧୮୯୮ରୁ ୧୯୧୩)

କୃଷ୍ଣଚନ୍ଦ୍ରଙ୍କ ସାନଭାଇ ହରିହର ରାତ୍ରୀରେ ଖାଇପିଇ ଶୋଇଥିବା ଅବସ୍ଥାରେ ତାହା ଥିଲା ତାଙ୍କର କାଳମୃତ୍ୟୁ । ହରିଙ୍କର ନାତି ଗୋପୀନାଥଙ୍କୁ ବିଷାକ୍ତ ଖାଦ୍ୟ ଦିଆ ଯାଇ ବେହୋସ ଅବସ୍ଥାରେ ୧୮ବର୍ଷ ବୟସରେ ନିଆଁରେ ଜୀଅନ୍ତା ଅବସ୍ଥାରେ ମାରି ଦିଆଗଲା । ରାଜା କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ହୁଏ ୧୮୯୩ ମସିହାରେ । ୧୮୯୩ ରୁ ୧୮୯୮ ମସିହା ପର୍ଯ୍ୟନ୍ତ ଶ୍ୟାମସୁନ୍ଦର ନାବାଳକ ଥିବାରୁ ରାଜ୍ୟ କୋର୍ଟ ଅଫ ୱାର୍ଡ଼ସ ଅଧୀନରେ ରହିଲା ।

ଶ୍ୟାମସୁନ୍ଦର ମର୍ଦ୍ଦରାଜ ହରିଚନ୍ଦନ ସାବାଳକ ହେବା ପରେ ତା ୨୪/୨/୧୮୯୮ରେ ରାଜା ହେଲେ । ୧୯୦୨ ମସିହାରେ ତାଙ୍କର ବିବାହ ହୋଇଥିଲା । ବିବାହ ଉପଲକ୍ଷେ ଟଙ୍କାରେ ଦୁଇଅଣା ମାଗଣା ଓ ଟଙ୍କାରେ ଚାରିଅଣା ଖଜଣା ଆଦାୟ କରାଗଲା । ଏଥିସହିତ ହାତୀଧରା ଓ ବେଠିପ୍ରଥା ଅତ୍ୟନ୍ତ ଭୟାବହ ହୋଇଥିଲା । ଫଳରେ ବହୁ ପ୍ରଜାଙ୍କର ମୃତ୍ୟୁ ହେବାରୁ ଜନ ଅସନ୍ତୋଷ ଦେଖା ଦେଇଥିଲା । ତା୧-୪-୧୯୦୪ ମସିହାରେ କିଶୋର ଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ । ଅତ୍ୟନ୍ତ ଅଳ୍ପ ବୟସରେ ତା୨୩-୧୦-୧୯୧୩ ମସିହାରେ ରାଜା ଶ୍ୟାମସୁନ୍ଦରଙ୍କର ହଠାତ ମୃତ୍ୟୁ ଘଟିଲା ।

## ରାଜା କିଶୋର ଚନ୍ଦ୍ର ମର୍ଦ୍ଦରାଜ ଓ ଲୋମହର୍ଷଣକାରୀ ହାତୀଧରା

ରାଜ୍ୟ ଶ୍ୟାମସୁନ୍ଦରଙ୍କ ମୃତ୍ୟୁ ବେଳକୁ କିଶୋର ଚନ୍ଦ୍ର ନାବାଳକ ଥିଲେ । ଫଳରେ ୧୯୧୩ ରୁ ୧୯୨୫ ପର୍ଯ୍ୟନ୍ତ ରାଜ୍ୟ ପୁଣି କୋର୍ଟ ଅଫ ଓ୍ୱାର୍ଡ଼ର ଅଧୀନରେ ରହିଲା । ଏହାଙ୍କ ରାଜତ୍ୱକାଳ ଥିଲା ୧୯୨୫ରୁ ୧୯୪୭ ମସିହା ଗଡ଼ଜାତ ମିଶ୍ରଣ ପର୍ଯ୍ୟନ୍ତ । ଜଣେ ସୁନାମଧନ୍ୟ ଶିକାରୀ ଓ ବିଳାସୀ ରାଜା ଭାବରେ ପରିଚିତ ଥିଲେ । ଜଣେ ଜନ ଅତ୍ୟାଚାରୀ ରାଜା ଭାବରେ ମଧ୍ୟ କୁଖ୍ୟାତି ଅର୍ଜନ କରିଥିଲେ ।

ଏ ରାଜା ତାଙ୍କ ଦ୍ୱିତୀୟ ବିବାହ ପାଇଁ ପ୍ରଜାମାନଙ୍କ ଠାରୁ ଖଜଣା ଉପରେ ଟଙ୍କାରେ ଚାରିଅଣା ଓ ଅନିଚ୍ଛୁକ ପ୍ରଜାଙ୍କ ଠାରୁ ଟଙ୍କାରେ ଟଙ୍କେ ମାଗଣା ଆଦାୟ କଲେ । ଏହା ବ୍ୟତୀତ ଗ୍ରାମର ସମୂହ ଚାନ୍ଦା ୩୦୦୦ଟଙ୍କାର ରସିଦ ଚାଉଳ, ଡାଲି, ପନି-ପରିବା, କୁକୁଡ଼ା, ଖାସି ଇତ୍ୟାଦି ବିନା ମୂଲ୍ୟରେ ପ୍ରତ୍ୟେକ ଗ୍ରାମରୁ ଜବରଦସ୍ତ ଆଦାୟ କଲେ । ଖଇରାର ଶ୍ୟାମସୁନ୍ଦର ଦାସ ରାଜାଙ୍କ ଏଭଳି ଅନ୍ୟାୟ କାର୍ଯ୍ୟ ପ୍ରତିବାଦ କରିବାରୁ ତାଙ୍କ ୧୦ ବେତ ସଜା ଭୋଗ କରିବାକୁ ପଡ଼ିଥିଲା ।

ହାତୀ ଧରି ବିକ୍ରି କଲେ ଲାଭ ହେବ ବହୁତ କାରଣରୁ ୧୯୨୭ ମସିହା ଅକ୍ଟୋବର ବେଳକୁ ପୁରୁଣାପାଣି, ଫୁସୁରପଡ଼ା ଜଙ୍ଗଲରେ ହାତୀ କୁଟ ତିଆରି ହେଲା । ଏହି ହାତୀକୁଟ ଖାତରେ ନରବଳି ଦିଆ ଯାଉଥିଲା । ହାତୀ ଖେଦା ପାଇଁ ଚୁଲି ପ୍ରତି ଜଣେ ହିସାବରେ ୧୪ହଜାର ବେଠିଆ ବାହାର କରାଗଲା । ଏପରିକି ବ୍ରାହ୍ମଣମାନଙ୍କୁ ମଧ୍ୟ ବେଠିରୁ ବାଦ ଦିଆଗଲା ନାହିଁ, ବେଠିଆମାନଙ୍କୁ ସେରେ ଚାଉଳ, ଦୁଇଟି ଶିଳାମୁଣ୍ଡି ଶୁଖୁଆ ଓ ଟିକିଏ ଲୁଣ କରି ହପ୍ତାକ ପାଇଁ ଖୁରାକି ଦିଆଯାଉଥିଲା । ଅକ୍ଟୋବର ମାସ ପ୍ରଚଣ୍ଡ ଥଣ୍ଡାରେ କେଉଁଝର, ମୟୂରଭଞ୍ଜ ଜଙ୍ଗଲରୁ ପଲପଲ ହାତୀ ଖେଦା ହୋଇ ଅସୁଥିଲେ ।

ହାତୀଧରାରେ ୫୫ଘର ହାତୀ ଧରା ହୋଇଥିଲେ । ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ପ୍ରଜା ଏହି ହାତୀଧରାରେ ମରିଥିଲେ । କାଳିଅପଦା ବଡ଼ ଚତରୀ ଉପରେ ୩୭ଟି ଶବ ପୋଡ଼ାଯାଇ ପଥର ଥୋଇ ଦିଆ ଯାଇଥିଲା । ପ୍ରାୟ ଦୁଇଖଣ୍ଡ ପ୍ରତି ଗ୍ରାମରୁ ଜଣେ ମରିଥିଲେ ।

## ବସନ୍ତ ମଞ୍ଜରୀ ବିବାହ ମାଗଣ ଓ ପ୍ରଜାମେଳି (୧୯୨୮)

ଜଙ୍ଗଲରେ ତିନିମାସ ବେଠି ଖଟି ଆସିଲା ପରେ ଲୋକେ ଅଧା ନଷ୍ଟ ହୋଇଯାଇଥିଲା ଫସଲ କାଟିବାକୁ ଗଲାବେଳେ ଜେମା ବସନ୍ତ ମଞ୍ଜରୀଙ୍କର ବାହାଘର ମାଗଣ ଧାର୍ଯ୍ୟ ହୋଇଥିଲା । ଟଙ୍କାକ ଖଜଣା ଉପରେ ଆଠଅଣା ବାଧା ଦେଲେ ଟଙ୍କାରେ ଟଙ୍କେ ମାଗଣ ଆଦାୟ ହେଲା । ରାଜ୍ୟ ତମାମ ପ୍ରଜାମାନେ ଏହାର ପ୍ରତିବାଦ କଲେ । ମେଳିଆ ସର୍ଦ୍ଦାର ହାଡ଼ିବନ୍ଧୁ ରାଜ୍‌କୁ ରାଜା ରାଜବାଟିକୁ ଡକାଇ ବନ୍ଧୁକ ଉଠାଇ ମାରିଦେବେ ବୋଲି ଧମକ ଦେଲେ । ପାବର୍ତ୍ତୀ ସମୟରେ ହାଡ଼ିବନ୍ଧୁଙ୍କୁ ଜୀବନରୁ ମାରିଦେବା ପାଇଁ ରାଜା ଷଡ଼ଯନ୍ତ୍ର କଲେ । ହାଡ଼ିବନ୍ଧୁ ମୟୂରଭଞ୍ଜ ବାଟ ଦେଇ ବାଲେଶ୍ୱର କଂଗ୍ରେସ ଅଫିସକୁ ପଳାଇଲେ । ବାପା ଶିବ ରାଜ୍ ଓ ଭାଇ ପୁରଷ୍ଟମ ରାଜ୍ ଗିରଫ ହେଲେ । ଓ୍ୱାରେଣ୍ଟରେ ହାଡ଼ିବନ୍ଧୁ ରାଜ୍ ଗିରଫ ହୋଇ ଆସିଲେ । ଛଅ ମାସ ସଜା ଭୋଗ କଲେ । ଜେଲ୍ ଭିତରେ ଏଭଳି ମାଡ଼ ହେଲା ଯେ ଖଲାସ ହେବା ପରେ ତାଙ୍କର ମୃତ୍ୟୁ ଘଟିଲା । ବିବାହରେ ଚଉଡୁଲ କାନ୍ଧେଇବା ପାଇଁ ଦେଖଣାହାରୀ ତଥା ବଡ଼ଗାଁ ବ୍ରାହ୍ମଣମାନଙ୍କୁ ମଧ୍ୟ ଲଗାଇ ଦିଆ ଯାଇଥିଲା ।

ଏହାର ପ୍ରତିବାଦ କରି ୨୦୦୦ରୁ ଉର୍ଦ୍ଧ୍ୱ ରାଜ୍ୟବାସୀ ବାଲେଶ୍ୱର ଷ୍ଟେସନରେ ଜମା ହୋଇଥିଲେ । ଶେଷରେ ହରେକୃଷ୍ଣ ମହତାବଙ୍କ ଉଦ୍ୟମରେ ଉତ୍କଳମଣି ଗୋପବନ୍ଧୁ, ଦିଲ୍ଲୀର ଦୀନବନ୍ଧୁ ଚାର୍ଲସ ଫ୍ରୟାର ଆଣ୍ଡ୍ରୁଜ, ପଲିଟିକାଲ ଏଜେଣ୍ଟ ଜେ.ଇ.ସ୍କଟ୍ ଓ ବାଲେଶ୍ୱରର କଲେକ୍ଟରଙ୍କ ଉପସ୍ଥିତିରେ ରଜାଙ୍କୁ ଡକା ଯାଇ ମୀମାଂସା କରାଗଲା । ଫଳରେ ନିମ୍ନ ଚାରୋଟି ଦାବି ରାଜା ମାନିନେଲେ । ସେଗୁଡ଼ିକ ହେଉଛି- ବିବାହ ମାଗଣ ଉଠିଯିବ, ବର୍ଷରେ ୪ଥର ଶିକାର ହେବ, ଅନ୍ୟସବୁ ବେଠି ଉଠିଯିବ ଏବଂ ପାର୍ବଣୀ କର ଟଙ୍କା ପ୍ରତି ଦୁଇ ପଇସା ବଦଳରେ ଏକ ପଇସା ହେବ ।

## ଜାତୀୟ କଂଗ୍ରେସର ପଦଧ୍ୱନି

୧୯୨୮ରେ କଂଗ୍ରେସ ଦ୍ୱାରା ନିଖିଳ ଭାରତ ପ୍ରଜା ପରିଷଦ ଗଠନ ହେଲା । ଶ୍ରୀଯୁକ୍ତ ଜବାହରଲାଲ ନେହେରୁ ହେଲେ ଏହାର ସଭାପତି । ସ୍ଥିର ହେଲା- କଂଗ୍ରେସ ତରଫରୁ ଗଡ଼ଜାତମାନଙ୍କରେ କୌଣସି ସଂଗଠନ ସିଧା-ସଳଖ ଗଡ଼ା ଯାଇପାରିବ ନାହିଁ । ପ୍ରଜାସଭା ପ୍ରଜାମଣ୍ଡଳ ନାମରେ ଗଣ-ସଂଗଠନ ଗଢ଼ାଯିବ । ପ୍ରତ୍ୟେକ ରାଜ୍ୟର ସମସ୍ୟାମାନ ସେ ରାଜ୍ୟର ପ୍ରଜାମଣ୍ଡଳ ଦ୍ୱାରା ସମାଧାନ ହେବ । କଂଗ୍ରେସ ଏହାର ନୀତି-ନିୟାମକ, କାର୍ଯ୍ୟକାରୀ ନିର୍ଦ୍ଦେଶକ ଓ ପରାମର୍ଶଦାତା ରହିବ ।

୧୯୩୨ରେ ଅଯୋଧ୍ୟାରେ ଏକ ଯୁବଶାଖା ସମିତି ଗଠନ କରାଗଲା । ରାଧାକୃଷ୍ଣ ଖୁଣ୍ଟିଆ ଓ ନିମାଇଁ ଚରଣ ଚୌଧୁରୀ ଯଥାକ୍ରମେ ଏହାର ସଭାପତି ଓ ସମ୍ପାଦକ ଥିଲେ । ହାଟସାହିରେ ତିନିଦିନ ଧରି ଅଧିବେଶନ ଚାଲିଥିଲା, ଏଥିରେ ୨୦୦ କର୍ମୀ ଯୋଗ ଦେଇଥିଲେ । କୈଳାସ ଚନ୍ଦ୍ର ମହାନ୍ତି, ହାଡ଼ିବନ୍ଧୁ ରାଜ, ଗୌରୀମୋହନ ବେହେରା, ନୀଳାମ୍ବର ଦାସ ଓ ନନ୍ଦକିଶୋର ଦାସ ସଭାରେ ଭାଷଣ ଦେଇଥିଲେ ।

## ଗଣଆନ୍ଦୋଳନ (୧୯୩୮)

ନୀଳଗିରିର ଗଣ ଆନ୍ଦୋଳନ ଯଦିଓ ପ୍ରଜାମଣ୍ଡଳ ନେତୃତ୍ୱରେ ହେଉଥିଲା, ବାଲେଶ୍ୱର ଜିଲ୍ଲା କଂଗ୍ରେସ ମୁଖ୍ୟ ହରେକୃଷ୍ଣ ମହତାବ ଇତ୍ୟାଦିଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିଲା, କମ୍ୟୁନିଷ୍ଟ ମତବାଦୀ ପ୍ରାଣବନ୍ଧୁ ଅଗସ୍ତି, ବନମାଳି





***HIGHLAND***
A Highland Group Entity
***HIGHLAND***
Highland Ajisen
FARM FRESH VANNAMEI SHRIMPS
Highland Ajisen
Highland Oishii
PRODUCT OF INDIA
Highland Oishii
Highland De La Mer Pvt. Ltd, founded and promoted by Mr. Pratik Jena is making a mark in the export market of frozen shrimp with good and world class quality materials.
HIGHLAND DE LA MER PVT. LTD
Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
www.highlanddelamer.in



ଦାସ, ଗିରିଧାରୀ ପଣ୍ଡା ଇତ୍ୟାଦିଙ୍କ ଭୂମିକା ଏହି ଆନ୍ଦୋଳନ ଉପରେ ଯଥେଷ୍ଟ ଥିଲା । ନିଖିଳ ଭାରତ ଗଡ଼ଜାତ ପ୍ରଜା-ସମ୍ମିଳନୀ ଓ ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀ ପକ୍ଷରୁ ଗଡ଼ଜାତମାନଙ୍କରେ ପ୍ରଜା ଆନ୍ଦୋଳନ ଜୋରଦାର କରିବା ପାଇଁ ଡାକରା ଦିଆଗଲା । ସବୁ ଜାତି, ସବୁ ସ୍ତରର ପ୍ରଜାମାନଙ୍କର ଅର୍ଥନୈତିକ ଓ ରାଜନୈତିକ ଦାବିଗୁଡ଼ିକୁ ମିଶାଇ ୩୧ଟି ଦାବି ସମ୍ବଳିତ ଦାବିପତ୍ର ରାଜ୍ୟ ସରକାରଙ୍କୁ ଦିଆଗଲା । ନୀଳଗିରି ଓ ପାଟଣାରେ ୧୦ହଜାରରୁ ଊର୍ଦ୍ଧ୍ୱ ପ୍ରଜାମାନେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରିଥିଲେ । ରାଜା ପଲିଟିକାଲ୍ ଏଜେଣ୍ଟ୍ ବଜେଲଗେଟ୍‌ଙ୍କୁ ଧରି ପାଟଣାରେ ପହଞ୍ଚି ଦେଖିଲେ ଲୋକେ ଶାନ୍ତିପୂର୍ଣ୍ଣ ଭାବରେ ରାମଧୂନ ଗାନ କରୁଛନ୍ତି । ଡାକବଙ୍ଗଳାରେ ରାଜା ଓ ପଲିଟିକାଲ୍ ଏଜେଣ୍ଟଙ୍କ ସହ ପ୍ରଜାମଣ୍ଡଳର ସଭାପତି କୈଳାସଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହତାବ ଓ ବନମାଳୀ ଦାସଙ୍କ ବୈଠକ ବସିଥିଲା । ୩୧ଟି ଦାବି ମଧ୍ୟରୁ ୧୬ଟି ଦାବି ବିଚାର କରିବା ପାଇଁ ରାଜା ସମୟ ନେଲେ ଏବଂ ୫୦୦୦୦ଟଙ୍କା ଜୋରିମାନା ଛାଡ଼ କରିଦିଆଗଲା । ଏଥିସହିତ ବିଚାରାଧୀନ ବନ୍ଦୀମାନଙ୍କୁ ଖଲାସ କରିଦିଆଗଲା ।

ପ୍ରଜାମାନଙ୍କର ସାହସ ବଢ଼ିଗଲା, ଆନ୍ଦୋଳନ ତୀବ୍ରତର ହେଲା । ରଥଯାତ୍ରା ବେଳକୁ ଏହା ଉତ୍ତାଳ ରୂପ ନେଲା । ରାଜା ମୟୂରଭଞ୍ଜ, କେଉଁଝର ଓ ଢେଙ୍କାନାଳରୁ ୯୬ଜଣ ବିଶେଷ ପୋଲିସ ଆଣିଲେ ଆନ୍ଦୋଳନ ଦବାଇବା ପାଇଁ । ଜେଲଖାନା, ଥାନା, ବେରେକ ଓ ମାଇନର ସ୍କୁଲରେ ୧୪୦୦ରୁ ଊର୍ଦ୍ଧ୍ୱ ବନ୍ଦୀଙ୍କୁ ଭର୍ତ୍ତି କରାଗଲା । ରଥଯାତ୍ରା ତମାମ ଲୋକମାନେ 'ବନ୍ଦେ ମାତରମ୍', 'ଭାରତ ମାତାକୀ ଜୟ' ଧ୍ୱନିରେ ପ୍ରକମ୍ପିତ କରୁଥିଲେ । ନିଖିଳ ଭାରତ ଗଡ଼ଜାତ ପ୍ରଜା ପରିଷଦର ସଭାପତି ଜବାହରଲାଲ ନେହେରୁ ନୀଳଗିରି ରାଜ ଅତ୍ୟାଚାର ତଦନ୍ତ କରି ରିପୋର୍ଟ ଦେବାକୁ ଶ୍ରୀଯୁକ୍ତ ବଳବନ୍ତରାୟ ମେହେଟା, ଲାଲମୋହନ ପଟ୍ଟନାୟକ ଓ ହରେକୃଷ୍ଣ ମହତାବ ସାକ୍ଷ୍ୟ ଗ୍ରହଣ କାର୍ଯ୍ୟରେ ଲାଗିଥିଲେ । ଏହାପରେ ତା୧୨.୮.୩୮ରେ ୨୦ହଜାର ଲୋକଙ୍କର ଏକ ବିରାଟ ଶୋଭାଯାତ୍ରା ରାଜବାଟୀ ଆଡ଼କୁ ଆଗେଇଲା । ରାଜା ଗୁଣ୍ଡା, ପୋଲିସ, ରାଜକର୍ମଚାରୀ, ହାତୀ ଲଗାଇ ମଧ୍ୟ ଏହାର ମୁକାବିଲା କରି ପାରିଲେ ନାହିଁ । ବହୁ ଲୋକ ଖଣ୍ଡିଆ ଖାବରା ହୋଇଥିଲେ ବି ଅବସ୍ଥା କ୍ରମଶଃ ଖରାପ ଆଡ଼କୁ ଗତି କଲା । ପରଦିନ ପଲିଟିକାଲ୍ ଏଜେଣ୍ଟ, ରାଜା, କଲେକ୍ଟର, ହରେକୃଷ୍ଣ ମହତାବ, କୈଳାସ ଚନ୍ଦ୍ର ମହାନ୍ତି କଲେକ୍ଟରଙ୍କ ଚେମ୍ବରରେ ବସି ୩୧ଟି ଦାବି ମଧ୍ୟରୁ ୧୮ଟି ଦାବି ରାଜା ମାନି ନେଲେ । ପରେ ଅବଶିଷ୍ଟ ଦାବିଗୁଡ଼ିକୁ ମଧ୍ୟ ମାନିନେଲେ । ଏହିଠାରୁ ହିଁ ଆନ୍ଦୋଳନର ଅବସାନ ଘଟିଲା ।

## ମିଚେଲ ସାହେବଙ୍କ ବର୍ବରୋଚିତ ଅତ୍ୟାଚାର ଓ ନୀଳଗିରି ରାଜାଙ୍କୁ ରାଜ୍ୟରୁ ବହିଷ୍କାର ଆଦେଶ

ପଲିଟିକାଲ୍ ଏଜେଣ୍ଟ ମିଚେଲ୍ ସାହେବଙ୍କର ବର୍ବରୋଚିତ ଅତ୍ୟାଚାର ସହିବାର ଶେଷସୀମା ଟପି ଯାଇଥିଲା । ପେଶୱାର ପଠାଣ ସୈନ୍ୟ ଓ ରାଜ୍ୟ ପୋଲିସ ବାହିନୀ ଧରି ଗୋପୀନାଥ ପୁର ଶାସନ, ଚଣ୍ଡିପୁର, କାଠପାଳ, ବ୍ରହ୍ମପୁର ଆଦି ଗ୍ରାମର ବିଶିଷ୍ଟ ସଂଗ୍ରାମୀମାନଙ୍କ ଘରକୁ ଖାନତଲାସ ଆଳରେ ମହଣ ମହଣ ସୁନା, ରୂପା ଅଳଙ୍କାର ଲୁଟିବା ସହିତ ସ୍ତ୍ରୀ, ଝିଅ, ବୋହୂମାନଙ୍କୁ ଧର୍ଷଣ କଲେ । ଏଥିସହିତ ସୈନ୍ୟମାନେ ଗୋଇଁଠା ମାରି ଠାକୁରଙ୍କୁ ଗଡ଼ାଇ ଭାଙ୍ଗିଦେଲେ । ମିଚେଲ ସାହେବ ଏଭଳି କାର୍ଯ୍ୟକୁ ପ୍ରତିହତ କରିବା ପରିବର୍ତ୍ତେ ସୈନ୍ୟମାନଙ୍କୁ ଉତ୍ସାହ ପ୍ରଦାନ କରୁଥିଲେ । ଲୁଟ୍‌ପାଟ୍ ହୋଇଥିବା ସୁନା, ରୂପା ଟ୍ରେଜେରୀରେ ଦାଖଲ ନହୋଇ ସୈନ୍ୟମାନେ ବାଣ୍ଟିନେଲେ ।

୧୯୪୨ର ଭାରତ ଛାଡ଼ ଆନ୍ଦୋଳନକୁ ଦବାଇବା ପାଇଁ ପଲିଟିକାଲ ଏଜେଣ୍ଟ ମିଚେଲ ସାହେବ ତିନିଖଣ୍ଡ ଉଡ଼ାଜାହାଜ ଇଷ୍ଟର୍ଣ୍ଣ କମାଣ୍ଡ ଜଏଣ୍ଟ ପୋଲିସ ଫୋର୍ସ ଓ ପେଶୱାର ପୋଲିସ ବାହିନୀ ଦ୍ୱାରା ଅତ୍ୟଧିକ ବଳ ପ୍ରୟୋଗ କାରଣ ଦର୍ଶାଇ ରାଜା ଓ ପଲିଟିକାଲ ଏଜେଣ୍ଟଙ୍କୁ ନୋଟିସ୍ ହେଲା । ରାଜା ମଧ୍ୟ ସୁବାଷ ବୋଷଙ୍କ ସହିତ ସମ୍ପର୍କ ରଖିଛନ୍ତି ବୋଲି ଦୋଷୀ ସାବ୍ୟସ୍ତ ହେଲେ । ଫଳରେ ତାଙ୍କୁ ୧/୧୧/୪୨ରିଖରେ ସପରିବାର ରାଜ୍ୟରୁ ବାହାରି ଯିବା ପାଇଁ ଆଦେଶ ଦେବା ଦ୍ୱାରା ସେ ରାଞ୍ଚିରେ ଅବସ୍ଥାନ କଲେ ।

ସେ ସମୟରେ କଂଗ୍ରେସର ସର୍ବଭାରତୀୟ ନେତୃତ୍ୱ ଜେଲରେ । ସଂଗଠନ ମୃତବତ୍ ହୋଇ ସ୍ଥାଣୁ ପାଲଟିଥାଏ । କେବଳ କମ୍ୟୁନିଷ୍ଟ ପାର୍ଟିର କର୍ମକର୍ତ୍ତା ବନମାଳୀ ଦାସ, ପ୍ରାଣବନ୍ଧୁ ଅଗସ୍ତି, ଗୋକୁଳାନନ୍ଦ ନାୟକ, ମୋହିନୀ ମୋହନ ବୋଷ ଓ ମୋହନ ସିଂଙ୍କ ନେତୃତ୍ୱରେ ସଂଗଠନ ଆଗେଇ ଚାଲିଥିଲା । ରାଜା ନିର୍ବାସନରୁ ଫେରି କମ୍ୟୁନିଷ୍ଟ ନିଧନ ତଥା ସାଧାରଣ ପ୍ରଜାମାନଙ୍କୁ ଉଚ୍ଛନ୍ନ କରିବାର ନାନା ଯୋଜନା ତଥା କାର୍ଯ୍ୟପନ୍ଥା ଅବଲମ୍ବନ କରି ନିରାଶ ହେଲେ । ଗଡ଼ଜାତମାନଙ୍କରେ ପ୍ରତିନିଧିମୂଳକ ଶାସନ ପ୍ରବର୍ତ୍ତନ ଫଳରେ ରାଜା ପ୍ରଜାସଭା ଗଠନ ପାଇଁ ଘୋଷଣା କଲେ ଏବଂ ୧୨.୫.୪୭ ମସିହାରେ ପ୍ରଜାସଭା ପାଇଁ ନିର୍ବାଚନ ହେଲା ।

## ପ୍ରଥମ ପ୍ରଜାସଭା ବୈଠକ

ତା ୩-୮-୪୬ରେ ରାଜବାଟୀ ଥିଏଟର ପେଣ୍ଡେଲରେ ପ୍ରଥମ ପ୍ରଜାସଭା ବୈଠକ ବସିଲା । ରାଜା ସଭାପତି ରୂପେ ପ୍ରଜାସଭା ଉଦ୍‌ଘାଟନ କଲେ । ତିନିଜଣ ସଭ୍ୟ ବିଶିଷ୍ଟ ଗୋଟିଏ ଷ୍ଟେଟ୍ କାଉନ୍‌ସିଲ୍ ଗଢ଼ିବା ଉପରେ ବାଦାନୁବାଦ ଆରମ୍ଭ ହେବାରୁ ଲୋକ ପ୍ରତିନିଧିମାନେ ଆସନ ଛାଡ଼ି ଚାଲିଗଲେ ।

## ଆଜାଦ ସରକାର ଗଠନ

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତବର୍ଷ ସ୍ୱାଧୀନ ହେଲା ତ୍ରିବିଧା ବିଭକ୍ତ ହୋଇ ଯଥା- ହିନ୍ଦୁସ୍ଥାନ, ପାକିସ୍ଥାନ ଓ ରାଜସ୍ଥାନ (ଗଡ଼ଜାତ) ହୋଇ । ଭାରତର ୫୮୪ ଗଡ଼ଜାତ ମଧ୍ୟ ସ୍ୱାଧୀନ ହେଲେ । ନୀଳଗିରି ମଧ୍ୟ ସ୍ୱାଧୀନ ଓ ସାର୍ବଭୌମ୍ୟ କ୍ଷମତାର ଅଧିକାରୀ ହେଲା । ତା ୫-୧୧-୪୭ରେ ମୋଟ ୯ଜଣଙ୍କୁ ନେଇ ଆଜାଦ ସରକାର ଗଠନ କରାଗଲା । କୈଳାଶ ଚନ୍ଦ୍ର ମହାନ୍ତି- ସଭାପତି, ବଳରାମ ରାଜ୍ କୋଷାଧ୍ୟକ୍ଷ ଭାବରେ ଓ ଅନ୍ୟମାନେ ସଭ୍ୟ ଭାବରେ ରହିଲେ । ହରେକୃଷ୍ଣ ମହତାବ, ସାରଙ୍ଗଧର ଦାସ, ନବକୃଷ୍ଣ ଚୌଧୁରୀ, ପବିତ୍ର ମୋହନ ପ୍ରଧାନ ଗଡ଼ିଆମାଳ ଓ ବାଲେଶ୍ୱର ଅଫିସ୍‌ରେ ଆଲୋଚନା କରି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରୁଥିଲେ । ମହତାବଙ୍କ ପରାମର୍ଶ କ୍ରମେ ବାଲେଶ୍ୱର କଲେକ୍ଟର ଦୁର୍ଗାଚରଣ ଦାସ ଓ.ଏସ୍.ପି ମନବୋଧ ପଣ୍ଡା ନୀଳଗିରିର ଆଜାଦ ସରକାରଙ୍କୁ ପୂର୍ଣ୍ଣମାତ୍ରାରେ ସହଯୋଗ କରୁଥିଲେ । ତା ୨୦-୧୦-୪୭ ରିଖରେ ଆମ୍ବଡିହାର ସାଧାରଣ ସଭାରେ ଆଜାଦ ସରକାରଙ୍କୁ ସ୍ୱୀକୃତି ପ୍ରଦାନ କରାଗଲା ।

ଯାହାଫଳରେ ରାଜା ପ୍ରଜାମାନଙ୍କ ଠାରୁ ଅସହଯୋଗ ଓ ଅପମାନର ପ୍ରତିଶୋଧ ପରାୟଣ ହୋଇ ରାଜଭକ୍ତ ଦଳକୁ ଅସ୍ତ୍ରଶସ୍ତ୍ର ଯୋଗାଇବାର ଯୋଜନା କଲେ । ଅନ୍ୟ ଅସନ୍ତୁଷ୍ଟ ପ୍ରଜାମାନଙ୍କ ଧାନ ଜମିରେ କାଳପତାକା ଧାନ ଅମଳ କରିବା, କ୍ଷେତରେ ନିଆଁ ଲଗାଇ ଦେବା, ଗ୍ରାମରେ ପଶି ଘରମାନ ଲୁଟତରାଜ କରିବା, ପ୍ରଜାମଣ୍ଡଳ ଓ କମ୍ୟୁନିଷ୍ଟ ନେତାଙ୍କ ଘରେ ନିଆଁ ଲଗାଇଦେବା, ଝିଅ

ବୋହୂଙ୍କ ଇଜ୍ଜତ୍ ଲୁଟିବା, ନେତାମାନଙ୍କୁ ଏକୁଟିଆ ପାଇଲେ ହତ୍ୟା କରିବାକୁ ପଛାଇଲେ ନାହିଁ । ପ୍ରତ୍ୟେକ ଜାଗାରେ ମଦ ଓ ମାଂସର ବ୍ୟବସ୍ଥା କରାଗଲା । ରାଜଭକ୍ତ ଗ୍ରାମବାସୀଙ୍କୁ ସଂଗଠଇତ କରି ଧନୁର୍ବିଦ୍ୟା, ବାଡ଼ିଖେଳ, ସଂଗଠିତ ଆକ୍ରମଣ କୌଶଳ ଶିକ୍ଷା ଦେବାର ବ୍ୟବସ୍ଥା ହେଲା । ଟ୍ରେନିଂ ପାଇଁ ମୟୂରଭଞ୍ଜ, ଠାକୁରମୁଣ୍ଡା, ଷଢ଼େଇକଳା ଓ ଖରସୁଆଁରୁ ପ୍ରାୟ ୧୫୦ଆଦିବାସୀ ଅଣାଇଲେ । ରାଜଭକ୍ତମାନେ ଓଡ଼ିଆ ଜମିରୁ ଧାନ କାଟିଦେବା ସହିତ ଅଯୋଧ୍ୟା ଗାଁରେ ନିଆଁ ଲଗାଇ ପୋଡ଼ିଦେଲେ ।

## ରାଜଭକ୍ତ ଓ ମୁକ୍ତିସେନାଙ୍କ ମଧ୍ୟରେ ଯୁଦ୍ଧ

ମୁକ୍ତିସେନା ସଂଗଠନ ରାଜା ରାଜଭକ୍ତ ଦଳ ସହିତ ଲଢ଼ିବାର କ୍ଷେତ୍ର ପ୍ରସ୍ତୁତ କରୁଥିଲେ । କପ୍ତିପଦାର ମହେନ୍ଦ୍ର ଚକ୍ରବର୍ତ୍ତୀ କେମ୍ପର ଯୁବକମାନଙ୍କୁ ବନ୍ଧୁକ ଚାଳନା ଶିକ୍ଷା ଦେଉଥିଲେ । ରାଜଭକ୍ତ ଉପରେ ଆକ୍ରମଣ ହେବାର ଚୂଡ଼ାନ୍ତ ନିଷ୍ପତି ତା ୧୨-୧୧-୪୭ରିଖ ଦିନ ଧାର୍ଯ୍ୟ ହେଲା । ବିପୁଳ ଚୌଧୁରୀଙ୍କ ନେତୃତ୍ୱରେ ୧୪ଟି ଦେଶୀ ବନ୍ଧୁକ, ୨ଟି ଲାଇସେନ୍ସ ପ୍ରାପ୍ତ ବନ୍ଧୁକ, ରିଭଲଭର, ହାତବୋମା, କକ୍‌ଟେଲ, ମଲୋତଭ ବୋମା, କାଣ୍ଡ-ତୀର, ବର୍ଚ୍ଛା-ତଲୁୱାର ଓ ଟାଙ୍ଗିଆ ଇତ୍ୟାଦି ସଜ୍ଜିତ କମ୍ୟୁନିଷ୍ଟ ପାର୍ଟିର ୫୦୦ ସ୍ୱେଚ୍ଛାସେବକ କଣ୍ଟାବଣିଆ କେମ୍ପରୁ ଲଢ଼େଇ ପାଇଁ ପ୍ରସ୍ତୁତ ହେଲେ । ଗୋଦରାଶୋଳ ଗାଁର ଉତ୍ତରମଣ୍ଡ ଶାଳ ଜଙ୍ଗଲରେ ରାଜଭକ୍ତ ଓ ମୁକ୍ତିସେନା ମଧ୍ୟରେ ଭୟଙ୍କର ଲଢ଼େଇ ହେଲା । ଲଢ଼େଇରେ ୩୩ଣ ରାଜଭକ୍ତ ମରିଥିଲେ । ମୁକ୍ତିସେନାର ୩ଜଣ ମୃତ୍ୟୁବରଣ କରିଥିଲେ ଓ ୨୦ଜଣ ଗୁରୁତର ଘାଏଲ ହୋଇଥିଲେ ।

ମାଳତୀ ଚୌଧୁରୀ, ବଳରାମ ରାଜ୍ ଓ ଗୌରଚନ୍ଦ୍ର ଦାସ ବାଲେଶ୍ୱର କଲେକ୍ଟରଙ୍କ ସହିତ ପରାମର୍ଶ କରି ନୀଳଗିରି ପରିସ୍ଥିତି ଜଣାଇଥିଲେ । ଦିଲ୍ଲୀର ବଲ୍ଲଭ ଭାଇ ପଟେଲ ଓ ମହତାବଙ୍କୁ ତାର ବାର୍ତ୍ତା ଜରିଆରେ ଜଣାଇଥିଲେ । ଫଳରେ କେନ୍ଦ୍ର ସରକାର ନୀଳଗିରି ଦଖଲ କରିବାକୁ ନିଷ୍ପତ୍ତି ନେଇଥିଲେ । ଅମର୍ଦ୍ଦାରୋଡ଼ରେ ଥିବା ସାମରିକ ବାହିନୀର ସାଞ୍ଜୁଆଗାଡ଼ି ଓ ଦୁଇ ବୋମାବର୍ଷୀ ଉଡ଼ାଜାହାଜ ଆଣିବାକୁ ସ୍ଥିର ହେଲା । ରାଜା ସ୍ୱଇଚ୍ଛାରେ କ୍ଷମତାକୁ ଓହରି ନଗଲେ ଯୁଦ୍ଧ ହେବା ନିଶ୍ଚିତ ବୋଲି ସରକାର ସ୍ଥିର କଲେ ।

## ପ୍ରଥମ ଗଡ଼ଜାତ ମିଶ୍ରଣ(ନୀଳଗିରି-୧୪.୧୧.୧୯୪୭)

ତା୧୩-୧୧-୪୭ରିଖ ରାତ୍ରୀରେ ଭାରତ ସରକାରଙ୍କ ଠାରୁ ବାଲେଶ୍ୱର କଲେକ୍ଟର ଓ ଓଡ଼ିଆ ସରକାରଙ୍କ ନିକଟକୁ ଜରୁରୀ ପତ୍ର ଆସିଲା- ନୀଳଗିରି ରାଜାଙ୍କ ସହିତ ଚୁକ୍ତି ବା ଯୁଦ୍ଧ ଦ୍ୱାରା କ୍ଷମତା ଛଡ଼ାଇ ଆଣି ନୀଳଗିରି ଦଖଲ ହେବ । କେନ୍ଦ୍ରରୁ ମଧ୍ୟ ନିର୍ଦ୍ଦେଶ ଆସିଥାଏ, ନଭେମ୍ବର ୧୪ ତାରିଖ ୧୦ଟା ବେଳକୁ ନୀଳଗିରିକୁ ଆର୍ମି ମାର୍ଚ୍ଚ କରିବେ । ରାଜାଙ୍କ ମତାମତ ୧୦ଟା ପୂର୍ବରୁ ହସ୍ତଗତ ହେବା ଉଚିତ ।

ରେମୁଣାର ବରିଷ୍ଠ ସାମ୍ବାଦିକ ଜୟନ୍ତ ଘୋଷ ଆଠଦଶଦିନ ଆଗରୁ ନିୟମିତ ରାଜବାଟୀକୁ ଦୌତ୍ୟ କାର୍ଯ୍ୟ ଆସୁଥିଲେ । ଆଜାଦ ସରକାର ତରଫରୁ ଦୁଇଜଣ ମନ୍ତ୍ରୀ ରହିବେ । ରାଜାଙ୍କ ପକ୍ଷରୁ ଜଣେ ରହିବେ । ନିୟମିତ ପ୍ରଜାସଭା ବସି ରାଜ୍ୟ ଶାସନ ହେବାର ପ୍ରସ୍ତାବ ତା ୧୩-୧୧-୪୭ ରାତ୍ରୀ ୨ଟାରେ ରାଜା ନିଷ୍ପତ୍ତି ନେଇଥିଲେ । ସକାଳ ସୂର୍ଯ୍ୟୋଦୟ ପୂର୍ବରୁ ଜୟନ୍ତ ବାବୁ କଲେକ୍ଟରଙ୍କୁ ଦେଖା କରିବା ପାଇଁ ରାଜାଙ୍କ ଗାଡ଼ିରେ ତାଙ୍କୁ ବାଲେଶ୍ୱର ପହୁଞ୍ଚାଇ ଦିଆଗଲା । ଜୟନ୍ତ ବାବୁ କଲେକ୍ଟରଙ୍କ ପାଖକୁ ଗଲାବେଳକୁ ତାଙ୍କୁ ଭାରତ ସରକାରଙ୍କ ଦୌତ୍ୟ କାର୍ଯ୍ୟ ତୁଲାଇବାକୁ ଅନୁରୋଧ କରାଗଲା ।

ଗୋଟିଏ ବେତାର ଯନ୍ତ୍ରବାହୀ ପୋଲିସ ଜିପ୍, ସମ୍ବାଦବାହୀ ପାରା, ଦୁଇଜଣ ରକ୍ଷୀଙ୍କ ସହ କେନ୍ଦ୍ର ସରକାରଙ୍କର ଚାରି କପି ଚିଠି ନେଇ ଜୟନ୍ତ ବାବୁ ନୀଳଗିରିରେ ପହଞ୍ଚି ଆସିଷ୍ଟାଣ୍ଟ ଦେୱାନ ମୋହିନୀ ମୋହନ ମୁଖାର୍ଜୀଙ୍କୁ ସାଙ୍ଗରେ ନେଇ ରାଜାଙ୍କୁ ସାକ୍ଷାତ୍ କଲେ ।



ରାଜା ଜୟନ୍ତ ବାବୁଙ୍କ ଠାରୁ ସବୁ କଥା ଶୁଣି ଚିଠି ପଢ଼ି ୟୁନିୟନ ଫୋର୍ସର ହଡ଼କ୍ୱାଟର ଢେଙ୍କାନାଳକୁ ଏସିଷ୍ଟେଣ୍ଟ ଦେୱାନଙ୍କ ଦ୍ୱାରା ବେତାର ସଂକେତ ପଠାଇ ଅନୁମତି ଓ ପରାମର୍ଶ ଲୋଡ଼ିଲେ । ଆଠମିନିଟ୍ ପରେ ସଂକେତ ଆସିଲା ଆତ୍ମସମର୍ପଣ ପାଇଁ । ରାଜା ବିନା ଶୋଚନାରେ ସ୍ୱାକ୍ଷର କରିଦେଲେ ଏବଂ କହିଲେ- "ମୁଁ ବିନା ଯୁଦ୍ଧରେ ସ୍ୱଇଚ୍ଛାରେ ନୀଳଗିରି ରାଜ୍ୟ ଭାରତ ସରକାରଙ୍କ ଦଖଲକୁ ଛାଡ଼ିଦେଲି । ରାଜ୍ୟର ଶାସନ, ଆଇନ, ଶାନ୍ତି ଶୃଙ୍ଖଳା ଦାୟିତ୍ୱ ଭାରତ ସରକାରଙ୍କୁ ଗତାଇ ଦେଲି ।" ତାଙ୍କ ଆଖିରୁ ଠପ୍ ଠପ୍ ଲୁହ ଦୁଇଧାର ଝରି ପଡ଼ିଥିଲା ସବୁଦିନ ପାଇଁ ନୀଳଗିରି ରାଜତନ୍ତ୍ରର ଅବସାନ ଘଟିଲା ।

ଜୟନ୍ତ ଘୋଷ ବେତାର ବାର୍ତ୍ତା ଜରିଆରେ ରାଜାଙ୍କର ସ୍ୱୀକୃତି ବାଲେଶ୍ୱର କଲେକ୍ଟରଙ୍କୁ ଜଣାଇ ଦେଲେ ଏବଂ ଦିବା ୧୦ଘଟିକା ବେଳେ ଆର୍ମି ମାର୍ଚ୍ଚ କରିବା କଥା ମଧ୍ୟ ରାଜାଙ୍କୁ ଜଣାଇ ଦିଆଗଲା । ବରିଷ୍ଠ ସାମ୍ବାଦିକ ଜୟନ୍ତ ଘୋଷଙ୍କୁ ତାଙ୍କ ଦୁଃସାହସିକ କୂଟନୈତିକ ସଫଳତା ପାଇଁ ନବକୃଷ୍ଣ ଚୌଧୁରୀ, କୈଳାଶ ଚନ୍ଦ୍ର ମହାନ୍ତି, ନୀଳମଣି ସେନାପତି ସମ୍ବର୍ଦ୍ଧନା ଜଣାଇଥିଲେ ।

ସ୍ୱାଧୀନତା ପ୍ରାପ୍ତି ପରେ ପ୍ରଥମେ ଭାରତୀୟ ସୈନ୍ୟବାହିନୀ ନୀଳଗିରି ଗଡ଼ଜାତ ରାଜ୍ୟ ଦଖଲ ପାଇଁ ମାର୍ଚ୍ଚ କରିଥିଲେ । ସବା ଆଗରେ ସାଞ୍ଜୁଆ ମୋଟର ସାଇକେଲରେ ଆର୍ମିଗାର୍ଡ଼, ତା' ପଛକୁ ଆଜାଦ ସରକାର ଓ କମ୍ୟୁନିଷ୍ଟ ପାର୍ଟିର ଗାଡ଼ି, ତା' ପଛକୁ ସାଞ୍ଜୁଆ ଟ୍ୟାଙ୍କ୍, କମାଣ, ମେସିନଗନ, ୱାୟାରଲେସ୍, ସାଧାରଣ ସୈନ୍ୟ ଓ ହଜାର ହଜାର ଓଡ଼ିଶା ମିଲିଟାରୀ ପୋଲିସ୍ ରହିଲେ । ଉପରେ ଦୁଇଟି ବୋମାବର୍ଷୀ ଉଡ଼ାଜାହାଜ ଗାର୍ଡ଼ କରି ଉଡୁଥାଏ । କଲେକ୍ଟର ନୀଳଗିରିର ଦେୱାନ ମୋହିନୀ ମୋହନ ମୁଖାର୍ଜୀଙ୍କ ଠାରୁ ଚାର୍ଜ ନେଇ ବି.ଜି. ପଟ୍ଟନାୟକଙ୍କୁ ଏଡ଼ମିନିଷ୍ଟ୍ରେଟର୍ ନିଯୁକ୍ତି ଦେଇ ଦାୟିତ୍ୱ ହସ୍ତାନ୍ତର କଲେ । ରାଜାଙ୍କ ସାର୍ବଭୌମ ପତାକା ଘଡ଼ି ଘର ଉପରୁ ଅର୍ଦ୍ଧନିର୍ମିତ କରାଗଲା । ରାଜାଙ୍କର ପୋଲିସ ଓ ୟୁନିୟନ ଫୋର୍ସଙ୍କୁ ନିରସ୍ତ୍ର କରାଗଲା । ଭାରତ ସରକାରଙ୍କ ଆର୍ମି ହେଡ଼କ୍ୱାର୍ଟରକୁ ବିଜୟବାର୍ତ୍ତା ଜଣାଇ ଦିଆଗଲା । ଓଡ଼ିଶା ସରକାର ନୀଳଗିରିକୁ ବାଲେଶ୍ୱରର ଏକ ସବ୍‌ଡିଭିଜନ ଭାବରେ ଘୋଷଣା କଲେ । କୈଳାଶ ଚନ୍ଦ୍ର ମହାନ୍ତିଙ୍କୁ ମନୋନୀତ ମନ୍ତ୍ରୀ ଭାବରେ ଓଡ଼ିଶା ମନ୍ତ୍ରୀମଣ୍ଡଳରେ ନିଆଗଲା ।

ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ନୀଳଗିରିର ସାମରିକ ପଦକ୍ଷେପ ହେଉଛି ଭାରତୀୟ ସୈନ୍ୟବାହିନୀର ସର୍ବପ୍ରଥମ ଯୁଦ୍ଧ ଯାତ୍ରା, ଯାହା ବିନା ରକ୍ତପାତରେ ବିଜୟ ବିମଣ୍ଡିତ ହୋଇଥିଲା । ଏହାର ସ୍ମୃତି ରକ୍ଷା ନିମନ୍ତେ ଭାରତୀୟ ସୈନ୍ୟବାହିନୀର ପ୍ରଥମ ଯୁଦ୍ଧ ଜାହାଜର ନାମ ରଖାଯାଇଥିଲା 'ନୀଳଗିରି' । ଅଖଣ୍ଡ ସ୍ୱାଧୀନ ଭାରତବର୍ଷ ନିର୍ମାଣରେ ନୀଳଗିରି ଗଡ଼ଜାତ ମିଶ୍ରଣର ଭୂମିକା ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ସେଥିପାଇଁ ବାଲେଶ୍ୱରବାସୀ ତଥା ଓଡ଼ିଶା ବାସୀ ଭାବେ ଆମେ ଗର୍ବିତ ।

# ସଂଗ୍ରାମର ଅଲିଭା ଶିଖା


৮ই ডিসেম্বর, ১৯৩০
বিনয় বাদল দীনেশ
মহাকরণের অলিন্দ যুদ্ধে
বৃটিশ অত্যাচারের প্রতীক কর্ণেল সিম্পসনকে হত্যা করে
রক্তের অক্ষরে লিখে রেখে গেছেন স্বাধীনতা সংগ্রামের এক নূতন ইতিহাস।
শহীদত্রয়ের স্মৃতির প্রতি শ্রদ্ধা নিবেদন উপলক্ষে
পশ্চিমবঙ্গের পূর্তমন্ত্রী শ্রী যতীন চক্রবর্তীর পৌরোহিত্যে
তাঁদের মূর্তির আবরণ উন্মোচন করলেন
প্রখ্যাত বিপ্লবী নায়ক শ্রী ভবেশ চন্দ্র নন্দী
১২ই মাঘ, ১৩৮৮
২৬শে জানুয়ারী, ১৯৮২

# ଅମର ଶହୀଦ: ବିନୟ – ବାଦଲ – ଦୀନେଶ


## ଅଭୟ ଦ୍ୱିବେଦୀ

ଭଦ୍ରାଣୀ, ସାଳନ୍ଦୀ ନଗର, ଭଦ୍ରକ-୭୫୬୧୦୦
ଫୋନ: ୯୪୩୭୧ ୯୧୩୫୦


ଫଟୋ ସୌଜନ୍ୟ : ଲେଖକ

**ତିନି ଜଣ ଯୁବ ସଂଗ୍ରାମୀ ବିନୟ, ବାଦଲ ଓ ଦୀନେଶଙ୍କୁ ଅନ୍ତରର ଭକ୍ତି ନିବେଦନ କରିବା, ଯିଏ ବ୍ରିଟିଶ ସରକାରଙ୍କ ବିରୋଧରେ ସଂଗ୍ରାମ କରି ମାତ୍ର ୨୦-୨୨ ବର୍ଷ ବୟସରେ ଶହୀଦ ହୋଇଥିଲେ । ଏ ତିନିଜଣଙ୍କ ନାମ ଗୋଟିଏ ଖିଅରେ ବନ୍ଧା ଯାଇଛି । ଇଷ୍ଟ ଇଣ୍ଡିଆ କଂପାନୀ ଅମଳରୁ କଲିକତା ଶାସନ କ୍ଷମତାର କେନ୍ଦ୍ର ସ୍ଥଳୀ, ଯାହା ଡେଲହାଉସୀ ସ୍କୋୟାର୍ ନାମରେ ପରିଚିତ ଥିଲା, ବର୍ତ୍ତମାନ ଏହି ତିନି ଜଣ ଶହୀଦଙ୍କ ନାମରେ ସମର୍ପିତ- ବି.ବି.ଡି.(ବିନୟ, ବାଦଲ ଓ ଦୀନେଶ) ବାଗ୍ ।**



◄ ଲେଖକ ଅଭୟ ଦ୍ୱିବେଦୀ

ତିନି ଜଣ ଯୁବ ସଂଗ୍ରାମୀ ବିନୟ, ବାଦଲ ଓ ଦୀନେଶଙ୍କୁ ଅନ୍ତରର ଭକ୍ତି ନିବେଦନ କରିବା, ଯିଏ ବ୍ରିଟିଶ ସରକାରଙ୍କ ବିରୋଧରେ ସଂଗ୍ରାମ କରି ମାତ୍ର ୨୦-୨୨ ବର୍ଷ ବୟସରେ ଶହୀଦ ହୋଇଥିଲେ । ଏ ତିନିଜଣଙ୍କ ନାମ ଗୋଟିଏ ଖିଅରେ ବନ୍ଧା ଯାଇଛି । ଇଷ୍ଟ ଇଣ୍ଡିଆ କଂପାନୀ ଅମଳରୁ କଲିକତା ଶାସନ କ୍ଷମତାର କେନ୍ଦ୍ର ସ୍ଥଳୀ, ଯାହା ଡେଲହାଉସୀ ସ୍କୋୟାର୍ ନାମରେ ପରିଚିତ ଥିଲା, ବର୍ତ୍ତମାନ ଏହି ତିନି ଜଣ ଶହୀଦଙ୍କ ନାମରେ ସମର୍ପିତ- ବି.ବି.ଡି.(ବିନୟ, ବାଦଲ ଓ ଦୀନେଶ) ବାଗ୍ । ୧୯୩୦ ମସିହା ଡିସେମ୍ବର ୮ ତାରିଖରେ ଏହି ତିନି ଜଣ ସଂଗ୍ରାମୀ ରାଇଟର୍ସ ବିଲ୍ଡିଂରେ ପ୍ରବେଶ କରି ଜଣେ ଅତ୍ୟାଚାରୀ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ସାମ୍ନାରେ ହତ୍ୟା କରିବା ସହ ଆଉ ତିନି ଜଣଙ୍କୁ ଯେଉଁଭଳି ମୃତାହତ କରିଥିଲେ, ତାହା ହିନ୍ଦୀ ଚଳଚ୍ଚିତ୍ରର କାହାଣୀ ଠାରୁ ଆହୁରି ରୋମାଞ୍ଚରେ ପରିପୂର୍ଣ୍ଣ । ବେଶ୍ କିଛି ସମୟ ଗୁଳି ବିନିମୟ ପରେ ପୋଲିସ ତିନିଜଣଙ୍କୁ କାବୁ କରିନେଲା । କିନ୍ତୁ ଏମାନେ ପୋଲିସ ହାତରେ ଆରେଷ୍ଟ ନ ହେବା ପାଇଁ ସଂକଳ୍ପ ନେଇଥିଲେ । ସର୍ବ କନିଷ୍ଠ ବାଦଲ ଗୁପ୍ତ ପଟାସିୟମ ସାନାଇଡ୍ ପାଟିରେ ପୂରାଇ ତୁରନ୍ତ ପ୍ରାଣ ହରାଇଥିଲେ । ବିନୟ ଏବଂ ଦୀନେଶ ଆତ୍ମହତ୍ୟା କରିବା ପାଇଁ ନିଜ ପିସ୍ତଲରୁ ଗୁଳି ଚଳାଇଥିଲେ । ଡିସେମ୍ବର ୧୩ ତାରିଖରେ ବିନୟ ହସ୍ପିଟାଲରେ ପ୍ରାଣତ୍ୟାଗ କଲେ । କିନ୍ତୁ ଦୀନେଶ ମୃତ୍ୟୁ କବଳରୁ ରକ୍ଷା ପାଇ ୧୯୩୧ ମସିହା ଜୁଲାଇ ୭ ତାରିଖରେ ଫାଶୀଖୁଣ୍ଟରେ ଶହୀଦ ହୋଇଥିଲେ ।

ଏହି ତିନି ଶହୀଦଙ୍କ ମଧ୍ୟରୁ ଜ୍ୟେଷ୍ଠ ଥିଲେ ବିନୟ ବସୁ; ଜନ୍ମ ୧୯୦୮ ମସିହା ସେପ୍ଟେମ୍ବର ୧୧ ତାରିଖ । ଦୀନେଶ ଗୁପ୍ତଙ୍କର ଜନ୍ମ ୧୯୧୧ ମସିହା ଡିସେମ୍ବର ୬ ତାରିଖ ଏବଂ ବାଦଲ ଗୁପ୍ତ ୧୯୧୨ ମସିହାରେ ଭୂମିଷ୍ଠ ହୋଇଥିଲେ । ସମସ୍ତେ ଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିଷ୍ଠିତ 'ବେଙ୍ଗଲ ଭଲ୍ୟୁଣ୍ଟର'ର ସଦସ୍ୟ ।

ବିନୟ କୃଷ୍ଣ ବସୁ ବର୍ତ୍ତମାନର ବାଲାଂଦେଶରେ ଅବସ୍ଥିତ ମୁନସୀଗଞ୍ଜ ଜିଲା ରୋହିତଭୋଗ ଗ୍ରାମରେ ଶିକ୍ଷିତ, ଉଚ୍ଚ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ବାପା ରେବତୀମୋହନ ବସୁ ଥିଲେ ବୃତ୍ତିରେ ଇଂଜିନିୟର । ଢ଼ାକାରୁ ମାଟ୍ରିକ୍ୟୁଲେସନ୍ ପାସ୍ କରିବା ପରେ ସେହି ସହରରେ ଅବସ୍ଥିତ ମିଟ୍‌ଫୋର୍ଡ ମେଡିକାଲ ସ୍କୁଲରେ ନାମ ଲେଖାଇଥିଲେ । କିନ୍ତୁ ବିପ୍ଳବୀ ହେମଚନ୍ଦ୍ର ଘୋଷ, ଯାହାଙ୍କୁ ସେ ଗୁରୁ ଏବଂ ଆଦର୍ଶ ଭାବେ ଗ୍ରହଣ କରିଥିଲେ, ତାଙ୍କ ସଂସ୍ପର୍ଶରେ ଆସିବା ପରେ ଜୀବନର ମୋଡ ବଦଳି ଯାଇଥିଲା । ଏଠାରେ ହେମଚନ୍ଦ୍ର ଘୋଷଙ୍କ ସଂପର୍କରେ କେତୋଟି ପଦ ନ କହିଲେ, କାହାଣୀ ଅସଂପୂର୍ଣ୍ଣ ରହିଯିବ ।

୧୯୦୧ ମସିହାରେ ସ୍ୱାମୀ ବିବେକାନନ୍ଦ ଢ଼ାକା ଆସିଥିଲେ । ସେହି ସମୟରେ ସେ କିଛି ଯୁବକଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିଥିଲେ । ସେମାନଙ୍କ ମଧ୍ୟରେ ୧୮ ବର୍ଷର ଯୁବକ ହେମଚନ୍ଦ୍ର ଘୋଷ ଥିଲେ ଅନ୍ୟତମ । ଏପ୍ରିଲ ୩ ଏବଂ ୪ ତାରିଖରେ ହେମଚନ୍ଦ୍ରଙ୍କ ସହିତ ତାଙ୍କ ବନ୍ଧୁ ଶ୍ରୀଷ୍ ପାଲ, ରଜେନ ଗୁହ ଏବଂ ଯୋଗେଶ ଦତ୍ତ ସ୍ୱାମୀଜୀଙ୍କ ସହ ଅନ୍ତରଙ୍ଗ ଆଳାପ ଆଲୋଚନା କରିଥିଲେ । ପରବର୍ତ୍ତୀ ସମୟରେ ହେମଚନ୍ଦ୍ର ଲେଖିଛନ୍ତି- 'ସ୍ୱାମୀଜୀ କହିଥିଲେ- ଆମର ପ୍ରାଥମିକତା ହେଉଛି ଦେଶର ସ୍ୱାଧୀନତା । କାରଣ ପରାଧୀନ ରାଷ୍ଟ୍ରର ନାଗରିକ ଭାବେ ବିଶ୍ୱରେ ଆମର ସମ୍ମାନ ନାହିଁ । ଭାରତ ନିଶ୍ଚୟ ସ୍ୱାଧୀନ ହେବ । ସେ ଦିନ ବେଶୀ ଦୂର ନାହିଁ । କିନ୍ତୁ ସେଥି ନିମନ୍ତେ ନିଜକୁ ପ୍ରସ୍ତୁତ କରିବାକୁ ପଡିବ ।' ଏହି କେତୋଟି ଶବ୍ଦ ତାଙ୍କୁ ବହୁ ପ୍ରେରଣା ଯୋଗାଇଥିଲା । ଏଥି ସହିତ ସେ ଢ଼ାକା ଜୁବୁଲି ସ୍କୁଲର ଛାତ୍ର ଜୀବନରୁ ବଙ୍କିମ ଚନ୍ଦ୍ରଙ୍କୁ ଅଧ୍ୟୟନ କରିବା ଆରମ୍ଭ କରିଥିଲେ । ସେ ଲେଖିଛନ୍ତି - ବଙ୍କିମ ଚନ୍ଦ୍ରଙ୍କ 'ଆନନ୍ଦ ମଠ' ଉପନ୍ୟାସ କ୍ରାନ୍ତିକାରୀ ସଂଗଠନ ପ୍ରତିଷ୍ଠା ନିମନ୍ତେ ପ୍ରେରଣା ଯୋଗାଇଥିଲା । ଛାତ୍ର ଜୀବନରୁ ଲାଠି ଚାଳନାରେ ସେ ଥିଲେ ଧୁରନ୍ଧର ।

୧୯୦୫ ମସିହାରେ ୨୧ ବର୍ଷ ବୟସରେ ସେ ଗୋଟିଏ କ୍ରାନ୍ତିକାରୀ ସଂସ୍ଥା ସ୍ଥାପନ କଲେ - ଢ଼ାକା ମୁକ୍ତି ସଂଘ ଅଥବା ମୁକ୍ତି ସଂଘ । ବହୁ ଯୁବକ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଏଥିରେ ଯୋଗ ଦେଲେ ।୧୯୦୬ ମସିହାରେ ହେମଚନ୍ଦ୍ର କଲିକତା ଆସି ସେ ସମୟର ବିଖ୍ୟାତ ସଂଗ୍ରାମୀମାନଙ୍କୁ ସାକ୍ଷାତ କରିଥିଲେ । ସେମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ - ଶ୍ରୀଅରବିନ୍ଦ,ବ୍ରହ୍ମମାଧବ ଉପାଧ୍ୟାୟ,ବିପିନ ଚନ୍ଦ୍ର ପାଲ । ତାଙ୍କର ଅନ୍ତରଙ୍ଗ ବନ୍ଧୁ ଶ୍ରୀଷ ପାଲ କଲିକତାରେ ମୁକ୍ତି ସଂଘର ଏକ ଶାଖା ଖୋଲିଥିଲେ । ଏହି ଶାଖାର ପ୍ରଥମ ସଫଳତା ଥିଲା ୧୯୦୮ ମସିହା ନଭେମ୍ବର ୮ ତାରିଖରେ ପୋଲିସ ଅଫିସର ନନ୍ଦଲାଲ ବେନାର୍ଜୀଙ୍କ ହତ୍ୟା । ବ୍ରିଟିଶ ଅଧିକାରୀଙ୍କୁ ହତ୍ୟା କରି ଖୁଦୀରାମ ବୋଷ ଟ୍ରେନରେ ଏକାକୀ

ଯାତ୍ରା କରୁଥିବା ବେଳେ ଏହି ବ୍ୟକ୍ତି ପୋଲିସ୍‌କୁ ଖବର ଦେଇ ଖୁଦୀରାମଙ୍କୁ ଆରେଷ୍ଟ କରାଇଥିଲେ । ମୁକ୍ତି ସଂଘର ସଦସ୍ୟ ଆହୁରି ଦୁଇଟି ବ୍ରିଟିଶ ଅଧିକାରୀଙ୍କ ହତ୍ୟାକାଣ୍ଡରେ ସଂପୃକ୍ତ ଥିଲେ । ୧୯୧୪ ମସିହାରେ ହେମଚନ୍ଦ୍ର ରୋଡା ଷଡ଼ଯନ୍ତ୍ର ସଂପୃକ୍ତିରେ ଆରେଷ୍ଟ୍ ହୋଇ ୧୯୨୦ ମସିହାରେ ମୁକ୍ତ ହେଲେ । ଏହା ପରେ ପୋଲିସ ନଜରରୁ ବର୍ତ୍ତିବା ପାଇଁ ଶାନ୍ତି ସଂଘ, ଶ୍ରୀ ସଂଘ, ଧ୍ରୁବ ସଂଘ ନାମକ ସାମାଜିକ ଅନୁଷ୍ଠାନ ଗଢ଼ିଥିଲେ ।

ହେମଚନ୍ଦ୍ର ୧୯୨୬ ମସିହାରେ 'ବେଣୁ' ନାମକ ଏକ ପତ୍ରିକା ଆରମ୍ଭ କଲେ ଏବଂ ବିପ୍ଳବୀ ଭୂପେନ୍ଦ୍ର କିଶୋର ରକ୍ଷିତ ରାୟ ଏହାର ସଂପାଦକ ରହିଲେ । ଏହି କ୍ରମରେ ସେ ନେତାଜୀ ସୁଭାଷ ବୋଷ ଏବଂ ଶରତ ଚନ୍ଦ୍ର ବୋଷଙ୍କ ସଂସ୍ପର୍ଶରେ ଆସିଲେ ଏବଂ ୧୯୨୮ ମସିହାରେ କଲିକତାରେ ଅନୁଷ୍ଠିତ କଂଗ୍ରେସର ବାର୍ଷିକ ଅଧିବେଶନରେ ସୁଭାଷ ବୋଷଙ୍କ ପ୍ରେରଣାରେ 'ବେଙ୍ଗଲ ଭଲ୍ୟୁଣ୍ଟରସ୍' ଗ୍ରୁପ ଆରମ୍ଭ କଲେ । ସଂଗ୍ରାମୀ ସେନା ନିର୍ମାଣ ନିମନ୍ତେ ଯୁବକମାନଙ୍କୁ ତାଲିମ ଦେବା ପାଇଁ ଏହା ଥିଲା ପ୍ରକୃଷ୍ଟ ସଂସ୍ଥା । ହେମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ବିନୟ, ବାଦଲ, ଦୀନେଶ ଏହି ସଂସ୍ଥା ସହିତ ସଂପୃକ୍ତ ହୋଇଗଲେ ।




ଦୀନେଶ ଚନ୍ଦ୍ର ଗୁପ୍ତ ୧୯୧୧ ମସିହା ଡିସେମ୍ବର ୬ ତାରିଖରେ ବର୍ତ୍ତମାନ ବାଲାଂଦେଶରେ ଅବସ୍ଥିତ ମୁନସୀଗଞ୍ଜର ଯଶୋଲଙ୍ଗ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ଢ଼ାକା କଲେଜରେ ଅଧ୍ୟୟନ କରୁଥିବାବେଳେ, ବେଙ୍ଗଲ ଭଲ୍ୟୁଣ୍ଟରସ୍ ସଂସ୍ଥାରେ ଯୋଗ ଦେଇଥିଲେ । ସେ ମୁଖ୍ୟତଃ ସଂଗ୍ରାମୀମାନଙ୍କୁ ଗୁଳି ଚାଳନା ଶିଖାଉଥିଲେ । ତାଙ୍କରି ପାଖରୁ ତାଲିମ ପାଇଁ ସଂଗ୍ରାମୀମାନେ ତିନି ଜଣ ମାଜିଷ୍ଟ୍ରେଟ ଡଗଲାସ,ବର୍ଜ ଏବଂ ପେଡିଙ୍କୁ ହତ୍ୟା କରିଥିଲେ । ସାହିତ୍ୟ ଓ ସଙ୍ଗୀତ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଥିଲା । ସେ ବିଶ୍ୱବିଖ୍ୟାତ ଗଳ୍ପମାଳା ବଙ୍ଗଳାକୁ ଅନୁବାଦ କରିଥିଲେ, ଯାହା ସେ ସମୟରେ 'ପ୍ରବାସୀ' ପତ୍ରିକାରେ ପ୍ରକାଶ ପାଇଥିଲା । ଜେଲ୍‌ରେ ଥିବାବେଳେ ସେ ୯୩ଟି ପତ୍ର ଲେଖିଥିଲେ, ଯାହା ପରେ ପୁସ୍ତକ ଆକାରରେ ପ୍ରକାଶ ପାଇଛି ।

ବାଦଲ ଗୁପ୍ତ ୧୯୧୨ ମସିହାରେ ବର୍ତ୍ତମାନର ବାଂଲାଦେଶର ମୁନସୀଗଞ୍ଜ ଜିଲା ଅନ୍ତର୍ଗତ ବିକ୍ରମପୁର ଅଞ୍ଚଳର ପୂର୍ବ ଶିମୁଳିଆ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ତାଙ୍କର ଶିକ୍ଷକ ନିକୁଞ୍ଜ ସେନଙ୍କ ଦ୍ୱାରା ପ୍ରଭାବିତ ହୋଇ ବେଙ୍ଗଲ ଭଲ୍ୟୁଣ୍ଟରସ୍ ସଂସ୍ଥାରେ ଯୋଗ ଦେଇଥିଲେ । ଦୁଇ ବିପ୍ଳବୀ କକା ଧରଣୀନାଥ ଗୁପ୍ତ ଏବଂ ନଗେନ୍ଦ୍ର ନାଥ ଗୁପ୍ତ ତାଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲେ । ଏ ଦୁଇ ଜଣ ସଂଗ୍ରାମୀ ଅଲୀପୁର ବୋମା କେଶରେ ଅଭିଯୁକ୍ତ ହୋଇ ଶ୍ରୀଅରବିନ୍ଦଙ୍କ ସହିତ ଜେଲ୍‌ରେ ଥିଲେ ।

ବିନୟ ବସୁ ଢ଼ାକାରେ 'ବେଙ୍ଗଲ ଭଲ୍ୟୁଣ୍ଟରସ୍'ର ଏକ ଶାଖା ପ୍ରତିଷ୍ଠା କରି 'ଅପରେସନ୍ ଫ୍ରିଡମ୍' ଯୋଜନା ପ୍ରଣୟନ କଲେ । ଯେଉଁ ପୋଲିସ ଅଧିକାରୀମାନେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଜେଲ୍‌ରେ ମାତ୍ରାଧିକ ନିର୍ଯାତନା ଦେଉଥିଲେ, ସେମାନଙ୍କୁ ନିର୍ମମ ହତ୍ୟା କରିବା ଏହାର ଆଭିମୁଖ୍ୟ ଥିଲା । ୧୯୩୦ ମସିହାରେ ପ୍ରଥମେ ଇନ୍‌ସ୍‌ପେକ୍ଟର ଜେନେରାଲ ଏଫ୍.ଜେ. ଲୋମାନ୍‌ଙ୍କୁ ହତ୍ୟା କରିବା ପାଇଁ ସ୍ଥିର କରାଗଲା । ଅଗଷ୍ଟ ୨୯ ତାରିଖରେ ଆଇ.ଜି ଲୋମାନ୍, ଢ଼ାକା ମିଟ୍‌ଫୋର୍ଡ ମେଡିକାଲ ସ୍କୁଲ୍‌ରେ ଚିକିତ୍ସା ହେଉଥିବା ଜଣେ ପୋଲିସ୍ ଅଧିକାରୀଙ୍କୁ ସାକ୍ଷାତ କରିବା ପାଇଁ ଆସୁଛନ୍ତି, ଏ ଖବର ବିନୟ ବସୁଙ୍କୁ ଅଛପା ରହିଲା ନାହିଁ । ଏହା ହିଁ ଥିଲା ଅପୂର୍ବ ସୁଯୋଗ । ବିନୟ ବସୁ ସାଧାରଣ ଧୋତି କୁର୍ତ୍ତା ବଙ୍ଗାଳୀ ପୋଷାକ ପିନ୍ଧି ଆଇ.ଜି.ଙ୍କ ସୁରକ୍ଷା ବଳୟ ଅତିକ୍ରମ କରି ନିକଟରୁ ଲୋମାନ୍‌ଙ୍କୁ ଗୁଳି କରିଥିଲେ । ଆଇଜି ତୁରନ୍ତ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଏକ ଗୁଳିରେ ପୋଲିସ ସୁପରିନ୍‌ଟେଣ୍ଡେଣ୍ଟ୍ ହଡ୍‌ସନ୍ ଗୁରୁତର ଆହତ ହୋଇଥିଲେ । ଏହା ପରେ ବିନୟ ନିମିଷେକେ ଅନ୍ତର୍ଦ୍ଧାନ ହୋଇଗଲେ ।


৮ ই ডিসেম্বর, ১৯৩০ মৃত্যুঞ্জয়ী শহীদ
বিনয়-বাদল-দীনেশ
মহাকরণে অলিন্দ যুদ্ধে
ব্রিটিশ শাসনের প্রতিভূ কর্ণেল সিম্পসনকে
হত্যা করেন. তাহারই সুবর্ণজয়ন্তী উপলক্ষে
পূর্তমন্ত্রী শ্রী যতীন চক্রবর্তীর উদ্যোগে
মুখ্যমন্ত্রী শ্রী জ্যোতি বসু
এই স্মৃতিফলক উৎসর্গ করিলেন
মহাকরণ, কলিকাতা . ৮ ই ডিসেম্বর, ১৯৮০

ପୋଲିସ ବିଭାଗର ଜଣେ ପଦସ୍ଥ ଅଧିକାରୀ ମୃତ୍ୟୁବରଣ କରିବା ପରେ ସରକାରଙ୍କ ତରଫରୁ ତନାଘନା ଆରମ୍ଭ ହୋଇଗଲା । କିନ୍ତୁ ବିନୟ




Aryan Life Sciences, Main Road, Opp. Auro Spinning mills, Vardhaman Chowk, Baddi, Dist- Solan, H.P., Pin- 173205
Mob: 09318032233, 09338932233 | E-mail: aaryanlifescience@gmail.com | Web: www.aryanlifesciences.in

ସତେ ଯେମିତି ପବନରେ ମିଳେଇ ଯାଇଥିଲେ । ତାଙ୍କ ସଂପର୍କରେ ତଥ୍ୟ ପାଇଁ ସରକାରଙ୍କ ତରଫରୁ ତୁରନ୍ତ ୧୦,୦୦୦ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଗଲା । ତଥାପି ବିନୟଙ୍କର କୌଣସି ସନ୍ଧାନ ମିଳିଲା ନାହିଁ । ଏହି ସମୟରେ ସୁଭାଷ ବୋଷ ତାଙ୍କୁ ବିଦେଶରେ କିଛି ଦିନ ଗୁପ୍ତରେ ରହିବା ପାଇଁ ପରାମର୍ଶ ଦେଇଥିଲେ । କିନ୍ତୁ ବିନୟ ଏଥିରେ ରାଜି ହୋଇ ନ ଥିଲେ ।

ଏହାର କିଛିଦିନ ପରେ ପୂର୍ବବଙ୍ଗରେ ଘମାଘୋଟ ବର୍ଷା ଜାରି ରହିଥିବା ବେଳେ, ଦୁଇ ଜଣ ମୁସଲମାନ ଭିକାରୀ ଦୋଲାଇଗଞ୍ଜ ରେଳ ଷ୍ଟେସନରେ ବର୍ଷାରେ ଭିଜି ଭିଜି ପହଞ୍ଚିଥିଲେ । ଛିଣ୍ଡା କନ୍ଥା ଘୋଡାଇ ହୋଇଥାନ୍ତି । ଷ୍ଟେସନସାରା ବିନୟଙ୍କର ଫଟୋ ଛାଇ ହୋଇଥାଏ । ଢ଼ାକାରୁ ନାରାୟଣଗଞ୍ଜ ଯାଉଥିବା ରେଳ, ଦୋଲାଇଗଞ୍ଜ ଷ୍ଟେସନରେ ପହଞ୍ଚିଲା ଏବଂ ସେଇ ଦୁଇ ଜଣ ଭିକାରୀ ତୃତୀୟ ଶ୍ରେଣୀ ଡବାରେ ଉଠିଲେ । ପୋଲିସ ଟ୍ରେନର ସାରା କମ୍ପାର୍ଟମେଣ୍ଟ ତଲାସି ନେଲା । ବିନୟଙ୍କର ପତ୍ତା ନାହିଁ । ନାରାୟଣଗଞ୍ଜରେ ଟ୍ରେନ ପହଞ୍ଚିବା ପରେ ସେଠାରେ ମଧ୍ୟ ସାରା ଟ୍ରେନ୍ ଖାନତଲାସ ହେଲା । କିନ୍ତୁ ନାରାୟଣଗଞ୍ଜରେ ଟ୍ରେନ ପହଞ୍ଚିବା ପୂର୍ବରୁ ଗତି ଧିମେଇ ଯାଇଥିବା ବେଳେ ସେହି ଦୁଇ ଜଣ ଭିକାରୀ ଟ୍ରେନରୁ ଡିଆଁ ମାରି ଦେଇଥିଲେ । ସାମ୍ନାରେ ମେଘନା ନଦୀ । ନଦୀ କୂଳରେ ପହଞ୍ଚି ଦୁଇ ଜଣ ପୋଷାକ ବଦଳେଇଥିଲେ । ଜଣେ ସମ୍ଭ୍ରାନ୍ତ ଜମିଦାର, ତ ଆଉ ଜଣେ ଅନୁଗତ ଭୃତ୍ୟ । ଗୋଟିଏ ଡଙ୍ଗା ଭଡାରେ ନେଇ ନଈ ପାର୍ ହୋଇଗଲେ ।




ଏବେ ଆଉ ବୁଝିବାକୁ ବାକି ନ ଥିବ, ଏମାନେ କିଏ ? ଜଣେ ଥିଲେ ବିନୟ ବସୁ ଏବଂ ଅନ୍ୟଜଣକ ତାଙ୍କ ସହଯୋଗୀ ସୁପତି ରାୟ । ସେମାନେ ଦମ୍‌ଦମ୍‌ରେ ଓହ୍ଲାଇ କିଛିଦିନ ରହିବା ପରେ କତ୍ରାସଗଡ(ଏବେ ଝାଡଖଣ୍ଡ ରାଜ୍ୟରେ ଅବସ୍ଥିତ) କୋଇଲା ଖାଦାନକୁ ଆସିଗଲେ । ବିନୟଙ୍କ ମନରେ ସବୁବେଳେ ଦକା ଥାଏ, ପୋଲିସ ତାଙ୍କ ପଛରେ ଲାଗିଥିବ ଏବଂ ଧରିବା ପାଇଁ ଯୋଜନା କରୁଥିବ । ତେଣୁ କୌଣସି ଗୋଟିଏ ସ୍ଥାନରେ ବେଶି ଦିନ ରହିବା ପାଇଁ ତାଙ୍କର ଯୋଜନା ନ ଥାଏ ।

ସେ ସମୟରେ ପୋଲିସ କମିଶନର ଥାଆନ୍ତି କୁଖ୍ୟାତ ଚାର୍ଲସ ଟେଗାର୍ଟ । କ୍ରାନ୍ତିକାରୀ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ତାଙ୍କ ଆଚରଣ ଥିଲା ଅତ୍ୟନ୍ତ ବର୍ବର । ତାଙ୍କୁ ହତ୍ୟା କରିବା ପାଇଁ  ପାଞ୍ଚଥର ଉଦ୍ୟମ ହୋଇଥିଲେ ମଧ୍ୟ ସେ ସବୁଥର ବର୍ତ୍ତି ଯାଇଥିଲେ । କେବଳ ସେତିକି ନୁହେଁ, କ୍ରାନ୍ତିକାରୀଙ୍କୁ ଆହ୍ୱାନ ସଦୃଶ ସେ ସର୍ବଦା ଖୋଲା ଜିପ୍‌ରେ ବୁଲୁଥିଲେ । ସେ ତାଙ୍କ ଅଫିସରେ ଗୋଟିଏ ଅଫୁଟା ବୋମା ପେପର୍ ୱେଟ୍ ଭଳି ବ୍ୟବହାର କରୁଥିଲେ । ଏହା ସୂଚାଇ ଦେବା ପାଇଁ – କି ତାଙ୍କ ଜୀବନ ସର୍ବଦା ମୃତ୍ୟୁ ମୁହଁରେ ବନ୍ଧା ପଡିଛି । କୌଣସି ସୂତ୍ରରୁ ଖବର ପାଇ ଚାର୍ଲସ ଟେଗାର୍ଟ, କତ୍ରାସଗଡରେ ଦଳବଳ ପହଞ୍ଚିବା ପୂର୍ବରୁ ବିନୟ ସେଠାରୁ ଖସିଯାଇଥିଲେ । ବିନୟଙ୍କୁ ନପାଇ ଚାର୍ଲସ ଟେଗାର୍ଟ ଅତ୍ୟନ୍ତ ମର୍ମାହତ ହୋଇଥିଲେ । କିନ୍ତୁ ବିନୟଙ୍କର ଅପୂର୍ବ ସାହସିକତା ଓ ପ୍ରଚଣ୍ଡ ବୁଦ୍ଧିମତାରେ ଅଭିଭୂତ ହୋଇ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ପଠାଇଥିଲେ- Benoy and me have been playing a "cat and mouse" game and it is a pity that such a talent is not being used by the detective department of the Calcutta Police.He would have made the detectives of famous Scotland Yard also feel ashamed. ଚାର୍ଲସ ଟେଗାର୍ଟ ଭଳି ଦକ୍ଷ ଓ ଦୁର୍ଦ୍ଧାନ୍ତ ପୋଲିସ ଅଧିକାରୀ ଜୀବନକାଳ ମଧ୍ୟରେ ବିନୟ ବସୁଙ୍କୁ ଜୀବନ୍ତ ଧରିବା ପାଇଁ ସମର୍ଥ ହୋଇ ନ ଥିଲେ ।

ପରବର୍ତ୍ତୀ ଟାର୍ଗେଟ ହେଲେ ଦୁର୍ଦ୍ଧାନ୍ତ କୁଖ୍ୟାତ ଜେଲ୍ ଆଇ.ଜି. କର୍ଣ୍ଣେଲ ଏନ୍.ଏସ୍.ସିମ୍ପସନ୍ । ଜେଲରେ ରହୁଥିବା ସଂଗ୍ରାମୀଙ୍କ ପ୍ରତି ଏହି ଦୁର୍ଦ୍ଧାନ୍ତ ପୋଲିସ ଅଧିକାରୀଙ୍କ ଆଚରଣ ବର୍ବରତାର ସୀମା ଅତିକ୍ରମ କରିଥିଲା । କେବଳ ଜଣେ ପୋଲିସ ଅଧିକାରୀଙ୍କୁ ହତ୍ୟା କରି ପ୍ରତିଶୋଧ ନେବା ଯୋଜନାର ଆଭିମୁଖ୍ୟ ନ ଥିଲା । ବ୍ରିଟିଶ ଶାସନ ବ୍ୟବସ୍ଥାର କେନ୍ଦ୍ର ରାଇଟରସ୍ ବିଲ୍ଡିଂରେ ଆତଙ୍କ ସୃଷ୍ଟି କରି ବ୍ରିଟିଶ ସିଂହାସନକୁ ଦୋହଲାଇ ଦେବା ପାଇଁ ସଂଗ୍ରାମୀମାନେ ଯୋଜନା କରିଥିଲେ । ତେଣୁ ରାଇଟର୍‌ସ୍ ବିଲ୍‌ଡ଼ିଂରେ ପ୍ରବେଶ କରି ସର୍ବ ସମ୍ମୁଖରେ ସେହି ବର୍ବର ପୋଲିସ ଅଧିକାରୀଙ୍କୁ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ ହେଲା । ଏହାର  ଦାୟିତ୍ୱ ତିନି ଜଣ ବେଙ୍ଗଲ ଭଲ୍ୟୁଣ୍ଟରସ୍‌ଙ୍କ ଉପରେ ନ୍ୟସ୍ତ ରହିଲା – ବିନୟ, ବାଦଲ ଏବଂ ଦୀନେଶ । ତାରିଖ ଧାର୍ଯ୍ୟ ହେଲା – ୮ ଡିସେମ୍ବର ୧୯୩୦ ।

ପାଠକ ବନ୍ଧୁମାନଙ୍କର ଅବଗତି ନିମନ୍ତେ ବେଙ୍ଗଲ ଭଲ୍ୟୁଣ୍ଟରସ୍ ସଂପର୍କରେ ଆଉ କିଛି ପଦ ଏକାନ୍ତ ଆବଶ୍ୟକ । ୧୯୨୮ ମସିହାରେ କଂଗ୍ରେସ ଦଳର ଡିସେମ୍ବର ଅଧିବେଶନ କଲିକତାରେ ଅନୁଷ୍ଠିତ ହୋଇଥିଲା । ଗାନ୍ଧିଜୀଙ୍କର ଗୋଷ୍ଠୀ ଆଂଶିକ ସ୍ୱାଧୀନତା ଦାବୀ କରୁଥିବାବେଳେ, ସୁଭାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ଯୁବଗୋଷ୍ଠୀ 'ପୂର୍ଣ୍ଣ ସ୍ୱାଧୀନତା' ଜିଦ୍‌ରେ ଅଟଳ ଥିଲେ । କଲିକତାରେ କଂଗ୍ରେସ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ୨୦୦୦ 'ବେଙ୍ଗଲ ଭଲ୍ୟୁଣ୍ଟରସ୍' ସାମରିକ ପୋଷାକରେ ସୁସଜ୍ଜିତ ହୋଇ ଅଧିବେଶନ ସ୍ଥଳୀ ଠାରୁ ଉଇଲିୟମ ଫୋର୍ଟ ପର୍ଯ୍ୟନ୍ତ ମେଜର ସତ୍ୟ ଗୁପ୍ତାଙ୍କ ନେତୃତ୍ୱରେ ବ୍ରିଟିଶ ସେନା ଠାଣୀରେ ଶୋଭାଯାତ୍ରାରେ ଯାଇଥିଲେ । ନେତାଜୀ ସୁଭାଷ ବୋଷ ମଧ୍ୟ ସାମରିକ ପୋଷାକରେ ଅଭିବାଦନ ଗ୍ରହଣ କରିଥିଲେ । କାରଣ ସେ ଥିଲେ ବେଙ୍ଗଲ ଭଲ୍ୟୁଣ୍ଟରସ୍‌ର (GOC)ଜେନେରାଲ ଅଫିସର୍ କମାଣ୍ଡିଂ । ସୁଭାଷ ବୋଷଙ୍କ ସାମରିକ ପରାକାଷ୍ଠା ସଂପର୍କରେ ଅବଗତ ହେବା ପରେ ବ୍ରିଟିଶ ସରକାରଙ୍କ ସମେତ ଦେଶବାସୀ  ମଧ୍ୟ ଅଭିଭୂତ ହୋଇ ଯାଇଥିଲେ । କିନ୍ତୁ ଜଣେ ବ୍ୟକ୍ତି ମର୍ମାହତ ହୋଇଥିଲେ, ସେ ହେଉଛନ୍ତି- ମହାତ୍ମା ଗାନ୍ଧି । ଶୋଭାଯାତ୍ରାକୁ ଲକ୍ଷ୍ୟ ରଖି ସେ କହିଥିଲେ – 'An Indian show of the Bertram Mills Circus' ସଂଗ୍ରାମୀ ସ୍ୱେଚ୍ଛାସେବୀମାନେ ଗାନ୍ଧିଜୀଙ୍କୁ ସର୍କସର ଜୋକର୍ ସଦୃଶ ପ୍ରତୀୟମାନ ହୋଇଥିଲେ । ଏହିମାନେ ଦେଶ ସ୍ୱାଧୀନତା ପାଇଁ ରକ୍ତାକ୍ତ ସଂଗ୍ରାମରେ ଲିପ୍ତ ଥିଲେ । ପରବର୍ତ୍ତୀ ସମୟରେ 'ବେଙ୍ଗଲ ଭଲ୍ୟୁଣ୍ଟରସ୍' ଶାଖା ଢ଼ାକା,ଚିଟାଗଞ୍ଜ ଆଦି ବିଭିନ୍ନ ସ୍ଥାନରେ ଖୋଲିଥିଲା । ଏହାର

ପ୍ରମୁଖ କର୍ମକର୍ତ୍ତା ଥିଲେ : ମେଜର ହେମଚନ୍ଦ୍ର ଘୋଷ(ଯାହାଙ୍କ ସଂପର୍କରେ ବର୍ଣ୍ଣନା କରାଯାଇଛି), ମେଜର ଯତୀନ୍ଦ୍ର ନାଥ ଦାସ (ଯିଏ ଭଗତ ସିଂହଙ୍କୁ ବୋମା ସାମଗ୍ରୀ ପଠାଇଥିଲେ), ମେଜର ବାଟୁକେଶ୍ୱର ଦାସ(ଯିଏ ଲାହୋର ସେଣ୍ଟ୍ରାଲ ଜେଲରେ ୬୩ ଦିନ ଅନଶନରେ ପ୍ରାଣ ହରାଇଥିଲେ), ମେଜର ଅମ୍ବିକା ଚକ୍ରବର୍ତ୍ତୀ(ଯିଏ ଥିଲେ ଚିଟ୍ଟାଗଞ୍ଜ ବିଦ୍ରୋହର କର୍ଣ୍ଣଧାର) ଏବଂ ଲେଫ୍ଟନାଣ୍ଟ ଜେନେରାଲ ଲୋକନାଥ ବଳ (ଚିଟ୍ଟାଗଞ୍ଜ ବିଦ୍ରୋହର ଅନ୍ୟତମ ପ୍ରମୁଖ) ।

ବିନୟ, ବାଦଲ ଏବଂ ଦୀନେଶ ଥିଲେ ଏହି ଅନୁଷ୍ଠାନର ସଦସ୍ୟ । ବିନୟ ଥିଲେ ଜ୍ୟେଷ୍ଠ – ୨୨ ବର୍ଷ , ଦୀନେଶ ଦୁଇ ଦିନ ପୂର୍ବରୁ ୧୯ତମ ଜନ୍ମବାର୍ଷିକୀ ପାଳନ କରିଥିଲେ, ଦୀନେଶ ୨୦ ବର୍ଷ । ସମସ୍ତେ ଥିଲେ ସ୍ୱଚ୍ଛଳ ପରିବାରର ସନ୍ତାନ ।

୧୯୩୦ ମସିହା ଡିସେମ୍ବର ୮ ତାରିଖ । ସେଦିନ ଥିଲା ସୋମବାର । ତିନି ସଂଗ୍ରାମୀ ସାହେବୀ ପୋଷାକ ପରିଧାନ କରି ରାଇଟର୍ସ୍ ବିଲ୍‌ଡ଼ିଂରେ ପ୍ରବେଶ କରିଥିଲେ । ସେମାନଙ୍କ ଉପରେ କାହାରି ସନ୍ଦେହ ନ ଥିଲା । ରାଇଟର୍ସ୍ ବିଲ୍‌ଡ଼ିଂରେ କ'ଣ ଘଟିଥିଲା – ଏ ନେଇ ସରକାରୀ ଏବଂ ଗଣମାଧ୍ୟମର ତଥ୍ୟ ମଧ୍ୟରେ ପାର୍ଥକ୍ୟ ରହିଛି । ବ୍ରିଟିଶ ସରକାରଙ୍କ ତରଫରୁ ଘୋଷଣା କରାଗଲା -"Lieut. Col. N.S. Simpson, Indian Medical Service, Inspector General at Prisons in Bengal, was assassinated by Bengali anarchists in Calcutta, on December 8th. Three Bengalis in European dress entered Writers Building in Dalhousie Square, Calcutta, the head quarters of Bengal Government and Secretariat, and ran along the main corridor, firing into each of the offices they passed. Col. Simpson was sitting in his chair in the first office; six or seven shots were fired at him, one of which struck him over the heart, killing him instantly. "

କିନ୍ତୁ ବଙ୍ଗଳା ଅମୃତ ବଜାର ପତ୍ରିକାରେ ପ୍ରକାଶ ପାଇଲା – " ୧୨.୧୫ରୁ ୧୨.୩୦ ମଧ୍ୟରେ ତିନି ଜଣ ବଙ୍ଗାଳୀ ଯୁବକ ରାଇଟରସ୍ ବିଲ୍‌ଡ଼ିଂରେ ଅବସ୍ଥିତ ଆଇ.ଜି. ପ୍ରିଜନ୍‌ସ୍ , କର୍ଣ୍ଣେଲ ସିମ୍ପସନ୍‌ଙ୍କ ଅଫିସ୍‌ରେ ପ୍ରବେଶ କରିଥିଲେ । ସେ ସମୟରେ ଆଇ.ଜି. ମହୋଦୟ ଅଫିସ୍‌ରେ ଉପସ୍ଥିତ ଥିଲେ । ତିନି ଜଣ ଯୁବକ ତାଙ୍କୁ ସାକ୍ଷାତ କରିବା ପାଇଁ ପି.ଏ.ଙ୍କୁ ଅନୁରୋଧ କରିଥିଲେ। ଭେଟିବାର କାରଣ ଲିଖିତ ଆକାରରେ ଦେବା ପାଇଁ ପି.ଏ.ସେମାନଙ୍କୁ ନିର୍ଦ୍ଦେଶ ଦେଲେ । କିନ୍ତୁ ସେମାନେ ପି.ଏ.ଙ୍କୁ ଧକ୍କା ଦେଇ ଆଇ.ଜି.ଙ୍କ ରୁମ୍‌କୁ ପ୍ରବେଶ କରି ତାଙ୍କ ଉପରକୁ ୫-୬ ରାଉଣ୍ଡ୍ ଗୁଳି ଚଳାଇବା ପରେ ଆଇ.ଜି.ତୁରନ୍ତ ପ୍ରାଣ ହରାଇଥିଲେ । ଏହାପରେ ସେମାନେ ବାରଣ୍ଡାକୁ ଆସି ବିଭିନ୍ନ ଅଫିସ୍ ଝରକା ଉପରକୁ ଗୁଳି ଚଳାଇଲେ । ପାସ୍‌ପୋର୍ଟ ଅଫିସ୍‌ରେ ପ୍ରବେଶ କରି ସେଠାରେ ଉପସ୍ଥିତ ଜଣେ ଆମେରିକା ନାଗରିକଙ୍କୁ ଗୁଳି କରିଥିଲେ । କିନ୍ତୁ ସେ ବର୍ତ୍ତିଯାଇ ପ୍ରାଣ ବିକଳରେ ପାଣି ପାଇପ୍ ବାଟେ ତଳକୁ ଖସି ଆସିଥିଲେ । ସେମାନେ ଜନ୍ ଉଡ୍ ନେଲ୍‌ସନ୍‌ଙ୍କ ଅଫିସ୍‌ରେ ପ୍ରବେଶ କରି ତାଙ୍କୁ ଗୁଳି କରିଥିଲେ । କିନ୍ତୁ ଗୁଳି ଜଂଘରେ ବାଜିବାରୁ ସେ କେବଳ ଆହତ ହୋଇଛନ୍ତି । ଶେଷ ତଥ୍ୟ ଅନୁଯାୟୀ, ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି । ଅନ୍ୟ ଦୁଇ ଜଣ ଗୁରୁତର ଆଘାତ ହୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ନିଜକୁ ବିନୟ କୃଷ୍ଣ ବସୁ ବୋଲି ପରିଚୟ ଦେଇଛନ୍ତି । ତାଙ୍କ ବୟାନ ଅନୁଯାୟୀ ସେ ପୋଲିସ ଅଧିକାରୀ ଲୋମାନ୍‌ଙ୍କୁ ମଧ୍ୟ ହତ୍ୟା କରିଥିଲେ। ବାରଣ୍ଡାରେ ଗୁଳି ଚଳାଉଥିବା ବେଳେ ସେମାନେ 'ବନ୍ଦେ ମାତରମ' ଧ୍ୱନି ସ୍ଲୋଗାନ ଦେଉଥିଲେ ।" କ୍ରାନ୍ତିକାରୀ ପରିଭାଷାରେ ଏହି ସଂଗ୍ରାମ Battle of Verandah ନାମରେ ଅଭିହିତ ।

ଏହି ଦୁଇଟି ତଥ୍ୟ ମଧ୍ୟରେ ପାର୍ଥକ୍ୟ ହେଉଛି – ସରକାର ତିନି ଜଣ ଯୁବକଙ୍କୁ 'ଆତଙ୍କବାଦୀ' ଘୋଷଣା କରି ରାଇଟରସ୍ ବିଲ୍‌ଡ଼ିଂରେ ସେମାନେ ଆତଙ୍କ ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରବେଶ କରିଛନ୍ତି ବୋଲି ସୂଚନା ଦେଇଛନ୍ତି । ଅସଲ କଥା ହେଉଛି– ଆଇ.ଜି. ପ୍ରିଜନ୍‌ସ୍ , କର୍ଣ୍ଣେଲ ସିମ୍ପସନ୍‌ଙ୍କୁ ହତ୍ୟା କରିବା ସହିତ ରାଇଟରସ୍ ବିଲ୍‌ଡ଼ିଂରେ ଆତଙ୍କ ସୃଷ୍ଟି କରିବା ସେମାନଙ୍କର ଆଭିମୁଖ୍ୟ ଥିଲା ।

ଏହାପରେ ଘଟଣାସ୍ଥଳରେ ପୋଲିସର ଦଳ ପହଞ୍ଚି ଯାଇଛି । ପ୍ରାୟ ଦୁଇ ଘଣ୍ଟା କାଳ ତିନି ଜଣ ସଂଗ୍ରାମୀ ପୋଲିସ ସହିତ ଯୁଦ୍ଧ କରିଛନ୍ତି । ଗୁଳି ବାରୁଦ ସରି ଆସିବାରୁ ବାଦଲ ପଟାସିୟମ ସାନାଇଡ ପାଟିରେ ପୂରାଇ ଆମହତ୍ୟା କରିଛନ୍ତି । ବିନୟ ଏବଂ ବାଦଲ ନିଜ ଉପରକୁ ଗୁଳି ଚଳାଇଛନ୍ତି । କିନ୍ତୁ ପ୍ରାଣ ହାରି ନାହାନ୍ତି । ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ବେଳେ ୧୩ ତାରିଖ ଶନିବାର ଦିନ ବିନୟ କୃଷ୍ଣ ଶହୀଦ ହୋଇଛନ୍ତି ଏବଂ ଦୀନେଶ ଆରୋଗ୍ୟ ଲାଭ କରି ଅଦାଲତର ରାୟ ଅନୁଯାୟୀ ୧୯୩୧ ମସିହା ଜୁଲାଇ ୭ ତାରିଖରେ ଫାଶୀଖୁଣ୍ଟରେ ଶହୀଦ ହୋଇଛନ୍ତି ।




କିନ୍ତୁ କାହାଣୀ ସେଇଠି ସମାପ୍ତ ହେଲା ନାହିଁ । ସେହି ବର୍ଷ ସେହି ମାସ ୨୭ ତାରିଖରେ ଅଲିପୁର ସେସନ୍‌ସ୍ କୋର୍ଟର ଜଜ୍ ରାଲଫ୍ ଗାର୍ଲିକ୍ ମଧ୍ୟାହ୍ନ ଭୋଜନ ପରେ ଅଦାଲତ କାର୍ଯ୍ୟ ଆରମ୍ଭ କରିଛନ୍ତି । ଦୀନେଶ ଗୁପ୍ତଙ୍କୁ ଫାଶୀ ଦଣ୍ଡ ଶୁଣାଇବା ପର ଠାରୁ ଜଜ୍‌ଙ୍କ ନିକଟକୁ ନିୟମିତ ବ୍ୟବଧାନରେ ଧମକପୂର୍ଣ୍ଣ ଚେତାବନୀ ଆସୁଥିଲା । ନିରାପତ୍ତା ନିମନ୍ତେ ସରକାରଙ୍କ ତରଫରୁ ଦୁଇ ଜଣ ପୋଲିସ ଅଫିସର୍ ମୁତୟନ କରା ଯାଇଥିଲା । ଅଦାଲତରେ ମଧ୍ୟ କଡା

ସୁରକ୍ଷା ଆୟୋଜନ କରାଯାଇଥିଲା । ଅଦାଲତ ଆରମ୍ଭ ହେବା ପରେ ସାକ୍ଷୀ ଦେବା ପାଇଁ ବିମଳ ଦାସଗୁପ୍ତଙ୍କ ନାମ ଘୋଷଣା କରାଯାଇଛି । ସେ ଅଦାଲତରେ ପ୍ରବେଶ କରି ଜଜ୍‌ଙ୍କ ଉପରକୁ ଗୁଳି ଚଳାଇଛନ୍ତି । କିନ୍ତୁ ଗୁଳି ଜଜ୍‌ଙ୍କ ଉପରେ ନ ବାଜିବାରୁ ସେ ସାକ୍ଷୀ ଗଡାରେ ପହଞ୍ଚି ଆଉ ଥରେ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳି ଚଳାଇଛନ୍ତି । ଜଜ୍ ରାଲଫ୍ ଗାର୍ଲିକ୍ ସେହିଠାରେ ଟଳି ପଡିଛନ୍ତି । ତୁରନ୍ତ ପୋଲିସ ଗୁଳିରେ ବିମଳ ଦାସଗୁପ୍ତ ଶହୀଦ ହୋଇଛନ୍ତି ।


ଶହୀଦଙ୍କ ଭୂମିକାରେ ଅଭିନେତାମାନେ

କିନ୍ତୁ ଅସଲ କଥା ହେଉଛି - ଯେଉଁ ବ୍ୟକ୍ତି ଗୁଳି କରିଥିଲେ ସେ ବିମଳ ଦାସଗୁପ୍ତ ନୁହନ୍ତି । ସେ ହେଉଛନ୍ତି କହ୍ନେଇଲାଲ ଭଟ୍ଟାଚାର୍ଯ୍ୟ । ଏହା ମଧ୍ୟ ଆହୁରି ସତ୍ୟ - ସେ ପୋଲିସ ଗୁଳିରେ ପ୍ରାଣ ହରାଇନଥିଲେ ପଟାସିୟମ ସାନାଇଡ ପାଟିରେ ପୂରାଇ ଶହୀଦ ହୋଇଥିଲେ । କାରଣ ଋତୁପୂର୍ଣ୍ଣ ବସୁଙ୍କର ୨୦୧୨ ମସିହା The Revolutionaries ରିପୋର୍ଟ ଅନୁଯାୟୀ- ବିମଳ ଦାସଗୁପ୍ତ ସେ ସମୟରେ ଆଣ୍ଡାମାନରେ ଜେଲ୍ ଦଣ୍ଡ ଭୋଗୁଥିଲେ ଏବଂ ୧୯୩୯ ମସିହାରେ ମୁକ୍ତ ହେଲେ । ସେ ମଧ୍ୟ ଦୀନେଶ ଗୁପ୍ତଙ୍କ ନିକଟରୁ ଗୁଳି ଚାଳନା ଶିଖିଥିଲେ । ଶହୀଦଙ୍କ ପକେଟ୍‌ରୁ ଜଜ୍‌ଙ୍କ ଉଦ୍ଦେଶ୍ୟରେ ଖଣ୍ଡିଏ କାଗଜ ମିଳିଥିଲା । ସେଥିରେ ଲେଖାଥିଲା -"Your death is your reward for hanging Dinesh Gupta"। ସରକାରୀ ଭାଷାରେ ସେ ସବୁଦିନ ପାଇଁ ବିମଳ ଦାସଗୁପ୍ତ ହୋଇ ରହିଗଲେ । ଏପରିକି ଏହି ତଥ୍ୟ ପ୍ରମାଣିତ କରିବା ପାଇଁ କହ୍ନେଇଲାଲଙ୍କ ମା, ପୁଅର ଶବକୁ ଅସ୍ୱୀକାର କରିଥିଲେ।

ସେ ସମୟରେ କଲିକତା ମ୍ୟୁନିସିପାଲ୍ କର୍ପୋରେସନ୍‌ର ମେୟର୍ ଥାଆନ୍ତି ସୁଭାଷ ଚନ୍ଦ୍ର ବୋଷ । ସେ କର୍ପୋରେସନ୍‌ର ଏକ ସ୍ୱତନ୍ତ୍ର ଅଧିବେଶନ ଆହ୍ୱାନ କରି ଶହୀଦ ଦୀନେଶ ଗୁପ୍ତଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏ ଖବର ବ୍ରିଟିଶ ପାର୍ଲାମେଣ୍ଟରେ ଆଲୋଡଣ ସୃଷ୍ଟି କରିଥିଲା । କଲିକତା କର୍ପୋରେସନ୍ ବ୍ରିଟିଶ ହତ୍ୟାକାରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି, ଏହା ବରଦାସ୍ତ କରିବା ସେମାନଙ୍କ ପକ୍ଷେ ସମ୍ଭବ ନ ଥିଲା । ବ୍ରିଟିଶ ଅଫିସରମାନେ ଭାରତରେ କେତେ ଅସୁରକ୍ଷିତ, ତାହା ଉପରେ ଆଲୋଚନା ଆରମ୍ଭ ହୋଇଥିଲା । ବ୍ରିଟିଶ ସରକାରୀ ତଥ୍ୟ ଅନୁଯାୟୀ - '୧୯୦୬ ମସିହାରୁ ୧୯୩୧ ପର୍ଯ୍ୟନ୍ତ କ୍ରାନ୍ତିକାରୀମାନେ ୨୧୦ ଜଣ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ହତ୍ୟା କରିଥିଲେ । ଏଥିରେ ୧୦୩୮ ଜଣ ବ୍ୟକ୍ତି ସଂପୃକ୍ତ ଥିଲେ । ସେମାନଙ୍କ ମଧ୍ୟରୁ ମାତ୍ର ୮୪ ଜଣଙ୍କ ପ୍ରତି ଦଣ୍ଡବିଧାନ କରାଯାଇଥିଲା ।'

୧୯୩୧ ମସିହା ନଭେମ୍ବର ୨୪ ତାରିଖରେ ହାଉସ୍ ଅଫ୍ ଲର୍ଡସ୍‌ର ସଦସ୍ୟ ଭିସ୍କାଉଣ୍ଟ ବର୍ଣ୍ଣହମ (VISCOUNT BURNHAM) ଉଦ୍‌ବେଗ୍ ପ୍ରକାଶ କରି କହିଥିଲେ -Three Indians went into the offices of the Bengal Government at Calcutta, and entered the room where Colonel Simpson, a member of the Indian Medical Service in Bengal, was seated at his table working. The Indians shot him with revolvers and killed him. Two of the murderers shot themselves. The third was arrested and brought for trial. He was tried at the Court of Session and convicted and sentenced to death. The presiding Judge of the Court which tried him was Mr. Garlick. What followed? On July 8 the Corporation of Calcutta, the largest City in India, passed a resolution recording "its sense of grief at the execution of Sj. Dinesh Chandra Gupta, who sacrificed his life in pursuit of his ideal.û

The elected city fathers of the Calcutta Corporation, the capital of Bengal and the most important City in India, felt no "sense of grief" that a cold-blooded murder was committed in its midst or that a loyal servant of their country should have been shot down. They do not mention that his life was sacrificed; but, as a mark of respect to his murderer, the Corporation of Calcutta adjourned its meeting.

On July 27, less than three weeks after the Corporation had recorded its "sense of grief at the execution of Dinesh Chandra Gupta," Mr. Garlick, the Judge of the Court of Session before whom the murderer was tried and convicted, was himself murdered in open Court "as an act of revenge for the execution of Dinesh Gupta, murderer of the late Lieutenant-Colonel Simpson." Surely, it is of some consequence as pointing to the trend of opinion in Bengal at least, that the Corporation of Calcutta should have taken this action, which is repeated again, not only of condoning but of glorifying the murder of one of the most respected of British Judges there.

ଉପରୋକ୍ତ ବୟାନରୁ ଏହା ପ୍ରମାଣିତ, ବ୍ରିଟିଶ ଅଫିସରମାନେ ଆଉ ଭାରତରେ ନିଜକୁ ସୁରକ୍ଷିତ ମଣି ନ ଥିଲେ । କ୍ରାନ୍ତିକାରୀମାନେ ଏହା ହିଁ ଚାହୁଁଥିଲେ । ବ୍ରିଟିଶଙ୍କ ମନରେ ଆତଙ୍କ ସୃଷ୍ଟି କରିବା ସେମାନଙ୍କର ଆଭିମୁଖ୍ୟ ଥିଲା । ସେମାନେ ଏଥିରେ ସଫଳ ହୋଇଥିଲେ ।

କିନ୍ତୁ ଆମେ ସ୍ୱାଧୀନ ଭାରତରେ ସେମାନଙ୍କୁ ପ୍ରାୟତଃ ଅଣଦେଖା କରି ଦେଇଛୁ । ବିନୟ, ବାଦଲ, ଦୀନେଶ ସତେ ଯେମିତି ଆମ ପାଇଁ ଅଚିହ୍ନା ହୋଇ ଯାଇଛନ୍ତି । ସେମାନଙ୍କ ସ୍ମୃତି ଜାଗରୁକ ରଖିବା ପାଇଁ ଆମର ବିଶେଷ ପ୍ରଚେଷ୍ଟା ନାହିଁ । କଲିକତାର କେନ୍ଦ୍ର ସ୍ଥଳୀ ବିନୟ, ବାଦଲ ଏବଂ ଦୀନେଶଙ୍କ ସ୍ମୃତିରେ ସିନା 'ବିବିଡି ବାଗ୍' ନାମରେ ଅଭିହିତ କରାଯାଇଛି, କିନ୍ତୁ ସ୍ୱାଧୀନତା ସଂଗ୍ରାମର ଇତିହାସରେ ସେମାନଙ୍କର ସ୍ଥାନ ନାହିଁ । ଗତ ବର୍ଷ ୨୦୨୨ ମସିହାରେ, ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷରେ, ତିନି ଶହୀଦଙ୍କ ଉପରେ ଅରୁଣ ରାୟଙ୍କ ନିର୍ଦ୍ଦେଶନାରେ କିଞ୍ଜଲ ନନ୍ଦ, ଅର୍ଣ୍ଣା ମୁଖୋପାଧ୍ୟାୟ,ରେମୋ ଅଭିନୀତ ଏକ ବଙ୍ଗାଳୀ ଚଳଚ୍ଚିତ୍ର ମୁକ୍ତି ଲାଭ କରିଥିଲା - "୮/୧୨ (ବିନୟ-ବାଦଲ - ଦୀନେଶ)" । ଜୀ-୫ରେ ପାଠକବନ୍ଧୁମାନେ ଏହି ଚଳଚ୍ଚିତ୍ର ଦେଖିପାରିବେ ।



# ସଂଗ୍ରାମୀ ସାରଙ୍ଗଧର

# ଗଡଜାତ ଗାନ୍ଧୀ ସାରଙ୍ଗଧର ଦାସ

**ଡକ୍ଟର ପ୍ରଫୁଲ୍ଲ କୁମାର ପାଣି**
ଜିରିଡାମାଳି, କଳିଙ୍ଗନଗର,
କାମାକ୍ଷାନଗର, ଢେଙ୍କାନାଳ-୭୫୯୦୧୮
ଫୋନ: ୬୩୭୨୪୫୯୯୬୦

ମୁଖ୍ୟପୃଷ୍ଠ ପୋଟ୍ରେଟ୍: ସଞ୍ଜୟ କୁମାର ରାଉଳ
ଫଟୋ ସୌଜନ୍ୟ : ଗୁଗୁଲ୍

**ସାରଙ୍ଗଧର ଦାସ: ଯିଏ ଓଡିଶାର ବଣପାହାଡ ଘେରା ଇଲାକାରୁ ବାହାରି ଶିକ୍ଷାର ସର୍ବୋଚ୍ଚ ଆସନରେ ପହଞ୍ଚି ବିଳାସବ୍ୟସନର ଉତ୍ତୁଙ୍ଗ ଶିଖରରୁ ଲମ୍ଫ ଦେଇ ସେବା ଓ ତ୍ୟାଗକୁ ଜୀବନର ଦର୍ଶନ ଭାବରେ ଆପଣାଇଥିଲେ । ଦୁଃଖ ଏବଂ ପରିତାପର ବିଷୟ ଏଭଳି ଜଣେ ଯଶସ୍ୱୀ ସଂଗ୍ରାମୀଙ୍କୁ ଦେଶରେ ଉପଯୁକ୍ତ ସମ୍ମାନ ମିଳି ନାହିଁ । ରାଷ୍ଟ୍ରୀୟ ସ୍ତରର କୌଣସି ନେତାଙ୍କ ଠାରୁ ଊଣା ନୁହଁନ୍ତି ସେ । ତାଙ୍କର ଦେଶପ୍ରେମ, ତ୍ୟାଗପୂତ ଜୀବନକୁ ଉଚିତ୍ ମୂଲ୍ୟାଙ୍କନ କରି ଭାରତରତ୍ନ ଉପାଧିରେ ଭୂଷିତ କରିବା ଉଚିତ୍ ।**



▲ ଡଃ ପ୍ରଫୁଲ୍ଲ କୁମାର ପାଣି

ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ସାରଙ୍ଗଧର ଦାସ ଢେଙ୍କାନାଳ ଜିଲ୍ଲା ହରେକୃଷ୍ଣପୁର ଗ୍ରାମରେ ୧୮୮୭ ମସିହା ଅକ୍ଟୋବର ୭ ତାରିଖରେ ଭୂମିଷ୍ଠ ହୋଇଥିଲେ । ପିତାଙ୍କ ନାମ ହରେକୃଷ୍ଣ ଦାସ ଓ ମାତାଙ୍କ ନାମ ମାଣିକେଶ୍ୱରୀ ଦେବୀ । ଢେଙ୍କାନାଳ ରାଜା ସୁରପ୍ରତାପ ମହେନ୍ଦ୍ର ବାହାଦୂରଙ୍କ ସହିତ ହରେକୃଷ୍ଣ ଦାସଙ୍କ ଭଲ ସଂପର୍କ ଥିବାରୁ ରାଜା ସାରଙ୍ଗଧର ଦାସଙ୍କୁ ପୁତ୍ର ପରି ସ୍ନେହ କରୁଥିଲେ । ୧୯୦୫ମସିହାରେ ସାରଙ୍ଗଧର ରେଭେନ୍ସା କଲେଜରେ ଅଧ୍ୟୟନ କରୁଥିବା ସମୟରେ ପଣ୍ଡିତ ନୀଳକଣ୍ଠ ଦାସ, ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଓ ମଧୁବାବୁଙ୍କ ସହିତ ତାଙ୍କର ଉତ୍ତମ ସଂପର୍କ ଗଢି ଉଠିଥିଲା । ଆଉ ମଧ ଏଇ ସମୟରେ ତାଙ୍କର ସାକ୍ଷାତ ହୋଇଥିଲା ଭାରତ ସେବକ ସମାଜ ସଂଘର ସଭ୍ୟ ସି.ଭି ବୈଦ୍ୟଙ୍କ ସହିତ । ସାରଙ୍ଗଧର ଦାସ ନିଜ ବ୍ୟକ୍ତିଗତ ଡାଏରୀରେ ଲେଖିଛନ୍ତି– 'ଏଇ ବୈଦ୍ୟ ମହାଶୟଙ୍କ ସଙ୍ଗେ ବ୍ୟକ୍ତିଗତ ଭାବେ ସାକ୍ଷାତ ଏବଂ ଆଲୋଚନା ସେଦିନ ମୋ ଜୀବନଧାରାରେ ଗୋଟିଏ ପରିବର୍ତ୍ତନ ଆଣିଲା । ଢେଙ୍କାନାଳରେ ପଢୁଥିବା ବେଳେ ସରକାରୀ ଚାକିରୀ ଲକ୍ଷ୍ୟ ରଖି ମୁଁ ପାଠ ପଢୁଥିଲି, ତାହା ସେଦିନ ଲୋପ୍ ପାଇଗଲା, ମୁଁ ଅନ୍ଧାଣୁଆ ଭାବରେ ଭାବିଲି ଯେ ଉଚ୍ଚଶିକ୍ଷା ପ୍ରାପ୍ତ ଯୁବକ ସକାଶେ ସରକାରୀ ଚାକିରୀ ବାହାରେ ମଧ ଅନେକ କାମ ରହିଛି, ତାହା ହୁଏତ ଚାକିରୀ ଆପେକ୍ଷା ଅଧିକ ମହତ୍ୱପୂର୍ଣ୍ଣ । ମନୁଷ୍ୟ ଜୀବନରେ ଏପରି ଗୋଟିଏ ଗୋଟିଏ ଘାଟି ସମୟ ଆସିଥାଏ । ପରବର୍ତ୍ତୀ ସମୟରେ ଜୀବନ ଧାରାରେ ଯେଉଁ ପରିବର୍ତ୍ତନ ଘଟେ ତାହା ଉଚ୍ଚରୁ ଉଚ୍ଚତର କରେ ।' ସାରଙ୍ଗଧର ୧୭ବର୍ଷ ବୟସରେ ସିଦ୍ଧାନ୍ତ ନେଲେ ବିଦେଶ ଯାଇ ଅଧ୍ୟୟନ କରିବେ । ତାଙ୍କର ଆଗ୍ରହରେ ରାଜା ଖୁସି ହୋଇ ଆର୍ଥିକ ଅନୁମୋଦନ କଲେ ଏବଂ ସାରଙ୍ଗଧର ପ୍ରଥମେ ଜାପାନର ଟୋକିଓରେ ଟେକ୍‌ନିକାଲ୍ ଇନ୍‌ଷ୍ଟିଚ୍ୟୁସନରେ ଅଧ୍ୟୟନ କଲେ । ସ୍ୱାଧୀନଚେତା ସାରଙ୍ଗଧର ଇଂଲଣ୍ଡ ବା ଇଉରୋପର କୌଣସି ଦେଶରେ ଅଧ୍ୟୟନ କରିପାରିଥାନ୍ତେ ମାତ୍ର ସାରଙ୍ଗଧର ଜାପାନରେ ପଢିବାର କାରଣ ହେଉଛି ଇଂରେଜମାନେ ଭାରତକୁ ପରାଧୀନ କରି ରଖିଥିଲେ । ଜାପାନରେ ଅଧ୍ୟୟନ ସମୟରେ କଲିକତାରେ ଏକ ସଂସ୍ଥା ଠାରୁ ମାସିକ ପଚିଶ୍ ଟଙ୍କା ଲେଖାଏଁ ବୃତ୍ତି, ଢେଙ୍କାନାଳ ରାଜାଙ୍କ ଠାରୁ କିଛି ଅର୍ଥ, ପଣ୍ଡିତ ଗୋପବନ୍ଧୁ ଓ ଆଚାର୍ଯ୍ୟ ହରିହରଙ୍କ ଠାରୁ କିଛି କିଛି ଅର୍ଥ ଯୋଗାଡ କରି ୧୯୦୭ରେ ଜାପାନ ଗ୍ରସ୍ତ କରିଥିଲେ । ଜାପାନର ଶିକ୍ଷା ବ୍ୟବସ୍ଥା ସେତେ ଉଚ୍ଚକୋଟୀର ନୁହେଁ ବୋଲି ଅନୁଭବ କଲା ପରେ ଆମେରିକା ଯିବା ପାଇଁ ସ୍ଥିର କଲେ । ଏହି ସମୟରେ କୌଣସି କାରଣରୁ ଢେଙ୍କାନାଳ ରାଜା ତାଙ୍କୁ ଫେରି ଆସିବାକୁ ପତ୍ର ଲେଖିଥିଲେ । ମାତ୍ର ସାରଙ୍ଗଧର ରାଜାଙ୍କ କଥାକୁ ଭ୍ରୁକ୍ଷେପ ନକରି ଆମେରିକା ଯାଇ ଚାକିରୀ କରି ପାଠ ପଢିବାକୁ ମନସ୍ଥ କଲେ । ଏହି ସମୟରେ ପଣ୍ଡିତ ଗୋପବନ୍ଧୁ ଏବଂ ଆଚାର୍ଯ୍ୟ ହରିହର ଉତ୍କଳ ସମ୍ମିଳନୀ ତରଫରୁ ୩୦୦ଟଙ୍କା ପଠାଇବା ଦ୍ୱାରା ସାରଙ୍ଗଧର ଜାପାନରୁ ଆମେରିକା ଯିବା ନିମନ୍ତେ ତୃତୀୟ ଶ୍ରେଣୀ ଜଳଯାହାଜ ଟିକଟ ଖଣ୍ଡେ କିଣି ପାରିଥିଲେ । ସେ ସମୟରେ ଆମେରିକାରେ ପାଠ ପଢିବାକୁ ହେଲେ ଛାତ୍ରମାନଙ୍କ ପାଖରେ ପଚାଶ ଡଲାର ଅର୍ଥ ରାଶି ଥିବାର ନିୟମ ଥିଲା । ଜାପାନର ମୂଲତାନ ଅଞ୍ଚଳର ଜଣେ ବ୍ୟବସାୟୀ ପଚାଶ ଡଲାର ଅର୍ଥ ଦାନ କରିଥିଲେ ଓ ଶ୍ରୀ ଦାସ ମାତ୍ର ଚାରିମାସ ମଧରେ ଆମେରିକାରୁ ଏହି ଅର୍ଥକୁ ଫେରସ୍ତ ଦେଇଥିଲେ ।

ଆମେରିକାର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ବିଜ୍ଞାନ ଶିକ୍ଷା ସମୟରେ ଢେଙ୍କାନାଳ ରାଜାଙ୍କୁ ଅବଗତ କରାଇଥିଲେ ମଧ ରାଜା କ୍ରୋଧାନ୍ୱିତ ହୋଇ ତାଙ୍କର ବୃତ୍ତି ବନ୍ଦ କରିଦେଇଥିଲେ । ସାରଙ୍ଗଧର ଅର୍ଥାଭାବର ସମ୍ମୁଖୀନ ହୋଇ ସେଠାକାର ଜଣେ ଗୃହକର୍ତ୍ତାଙ୍କ ଘରେ ଦୈନିକ ଚାରିଘଣ୍ଟା କାର୍ଯ୍ୟ କରି ନିଜର ରହିବା ଓ ଖାଇବା ବ୍ୟବସ୍ଥାର ଅର୍ଥ ଯୋଗାଡ କରିପାରିଥିଲେ । ବିଶ୍ୱବିଦ୍ୟାଳୟ ଅଧ୍ୟୟନ କାଳରେ ଗ୍ରୀଷ୍ମ ଅବକାଶରେ ଚିନି ବିଶୋଧନ ପ୍ରକ୍ରିୟା ଶିକ୍ଷା କଲେ । ଡିଗ୍ରୀ ଶେଷ କଲା ପରେ ହାୱାଇ ଅଞ୍ଚଳର ପାୟା ଚିନି କାରଖାନାରେ ଚିଫ୍ କେମିଷ୍ଟ ଭାବରେ ଯୋଗଦାନ କଲେ । ସାରଙ୍ଗଧର ସେଠାରେ ପଢୁଥିବା ସମୟରେ ଫ୍ରିଡା ହାଉସ୍ ରିଥ୍ ନାମ୍ନୀ ସ୍ୱିଡେନରୁ ଆମେରିକା ଆସିଥିବା ଜଣେ ଛାତ୍ରୀଙ୍କ ସହ ସାକ୍ଷାତ ହୋଇଥିଲା । ଫ୍ରୀଡା ଜଣେ ଚିତ୍ରଶିଳ୍ପୀ ଓ ସୁଲେଖିକା ଥିଲେ । ଭାରତୀୟ ସଂସ୍କୃତି ସାହିତ୍ୟ ଦର୍ଶନ ଏବଂ ଭଗବଦ୍ ଗୀତାର କର୍ମଯୋଗ ତାଙ୍କୁ ଆତ୍ମିକ ଭାବେ ପ୍ରଭାବିତ କରିଥିଲା । ସେହି ସମୟରେ ମଧ ଆମେରିକାରେ ଜଣେ ଭାରତୀୟ ନେତାଙ୍କ ଅଭିଭାଷଣ ଓ ଆଲୋଚନା ଫ୍ରୀଡା ଓ ସାରଙ୍ଗଧର ଉଭୟଙ୍କୁ ସ୍ପର୍ଶ କରିଥିଲା । ଏହା ସହିତ ସାରଙ୍ଗଧରଙ୍କ ବାସ୍ତବବାଦୀ ଚିନ୍ତାଧାରା ଫ୍ରୀଡାଙ୍କ ହୃଦୟକୁ ରେଖାପାତ୍ କରିଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଉଭୟଙ୍କ ମଧ୍ୟରେ ଉତ୍ତମ ସଂପର୍କ ବୃଦ୍ଧି ପାଇ ପ୍ରଣୟରେ ପରିଣତ ହୋଇଥିଲା । ଫ୍ରୀଡା ମଧ ଭାରତର ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ କଲିକତାରେ ପ୍ରକାଶ ପାଉଥିବା Modern Review ନାମକ ପତ୍ରିକାରେ ପ୍ରକାଶ କରୁଥିଲେ । ବିଖ୍ୟାତ ବୈଜ୍ଞାନିକ ସାର୍ ଜଗଦୀଶ ଚନ୍ଦ୍ର ବୋଷ୍ ଯେତେବେଳେ ଆମେରିକା ଯାଇଥିଲେ ସେଠାରେ ଫ୍ରୀଡାଙ୍କ ସହ ସାକ୍ଷାତ ହୋଇଥିଲା ଏବଂ କଲିକତା ଆସି ବ୍ରାହ୍ମ ବାଳିକା ବିଦ୍ୟାଳୟରେ ଶିକ୍ଷାଦାନ କରିବାକୁ ଶ୍ରୀ ବୋଷ୍ ଫ୍ରୀଡାଙ୍କୁ ଅନୁରୋଧ

କରିଥିଲେ । ମାତ୍ର ବ୍ରିଟିଶ୍ ଦୂତାବାସ ବାଧକ ସାଜି ଫ୍ରୀଡାଙ୍କୁ ଭିସା ପ୍ରଦାନ କରିନଥିଲେ । ଭାରତ ଆସିବାକୁ ବ୍ୟାକୁଳମନା ଫ୍ରୀଡା ସାରଙ୍ଗଧରଙ୍କୁ ପତ୍ର ଲେଖିଥିଲେ । ଏଇ ସୁଯୋଗରେ ସାରଙ୍ଗଧର ଫ୍ରୀଡାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ । ତା'ପର ଠାରୁ ସାରଙ୍ଗଧର ହାନୋଇ ଦ୍ୱୀପରେ ଏଇ ଉଚ୍ଚ ପଦବୀରେ ନିଯୁକ୍ତି ପାଇ ବିଶ୍ୱର ଜଣେ ଶ୍ରେଷ୍ଠ ବୈଜ୍ଞାନିକ ଭାବରେ ଶିଳ୍ପ ଓ କୃଷି କ୍ଷେତ୍ରରେ ପ୍ରସିଦ୍ଧି ଅର୍ଜନ କରିଥିଲେ । ଆମେରିକାରେ ରହଣି କାଳ ମଧ୍ୟରେ ତାଙ୍କର ବହୁ ଭାରତୀୟଙ୍କ ସହିତ ସୁସଂପର୍କ ରହିଥିଲା । ଲାଲା ଲଜପତ ରାୟଙ୍କ ଆମେରିକା ଗସ୍ତ ବେଳେ ସାରଙ୍ଗବାବୁ ଲାଲାଜୀଙ୍କ ସହିତ ସ୍ୱାଧୀନତା ସଂପର୍କରେ ବିସଦ ଆଲୋଚନା କରିଥିଲେ ।

ଦୀର୍ଘ ୧୪ବର୍ଷ କାଳ ଆମେରିକାରେ ରହି ବିଭିନ୍ନ ଅଭିଜ୍ଞତା ହାସଲ କଲା ପରେ ସାରଙ୍ଗଧର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାକୁ ମନସ୍ଥ କଲେ । ଭାରତରେ ଗାନ୍ଧୀଜୀଙ୍କ ମୃତ୍ୟୁ ସଂଗ୍ରାମ ଆନ୍ଦୋଳନ ତାଙ୍କ ଉପରେ ବେଶ୍ ପ୍ରଭାବ ପକାଇଥିଲା । ୧୯୨୨ ମସିହା ବେଳକୁ ସାରଙ୍ଗଧର ସସ୍ତ୍ରୀକ ଜାପାନର ଟୋକିଓ ସହରରେ କିଛିଦିନ ଅବସ୍ଥାନ କଲା ପରେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ । ସିଙ୍ଗାପୁର, ବମ୍ବେ, ମାଡ୍ରାସ୍ ଇତ୍ୟାଦି ସ୍ଥାନମାନଙ୍କରେ ରହି କୃଷି ଓ ଶିଳ୍ପାନୁଷ୍ଠାନମାନଙ୍କରେ ଉପଦେଷ୍ଟା ଭାବରେ କାର୍ଯ୍ୟ ନିର୍ବାହ କରିଥିଲେ । ସେ ଯେତେବେଳେ ଭାରତ ମାଟିରେ ପାଦ ଥାପିଲେ ବିଭିନ୍ନ କୋଣ ଅନୁକୋଣରୁ ଓ ବିଭିନ୍ନ ସ୍ଥାନମାନଙ୍କରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ମାତ୍ର ଦୁଃଖ ଏବଂ ପରିତାପର ବିଷୟ ନିଜ ଜନ୍ମ ସ୍ଥାନରେ ତାଙ୍କୁ ଘୋର ବିରୋଧ କରାଗଲା । କାରଣ ସେ ଜଣେ ବିଦେଶିନୀ ଖ୍ରୀଷ୍ଟିଆନ ମହିଳାଙ୍କୁ ବିବାହ କରିଥିଲେ । ଏମିତିକି ନିଜର ପୈତୃକ ବାସଭବନରେ ରହିବାକୁ ତାଙ୍କୁ ବାରଣ କରାଗଲା । ସ୍ୱାଧୀନଚେତା ବିପ୍ଳବୀ ସାରଙ୍ଗଧର ଏହି ସମସ୍ୟାକୁ ମୁକାବିଲା କରି ଅଞ୍ଚଳର ଉନ୍ନତି ନିମନ୍ତେ କାର୍ଯ୍ୟ ଜାରି ରଖିଲେ । ଗର୍ବର ସହ କହିବାକୁ ପଡେ ସେ ହେଉଛନ୍ତି ସେହି ପ୍ରଥମ ଓଡିଆ ଯିଏ ପ୍ରଥମେ ଜାପାନ ଓ ଆମେରିକା ଯାତ୍ରା କରିବା ସହିତ ବିଦେଶୀ ମହିଳାଙ୍କୁ ବିବାହ କରିଥିଲେ ।



୧୯୨୮ ମସିହାରେ ଢେଙ୍କାନାଳର ରାଜା ଶଙ୍କର ପ୍ରତାପଙ୍କ ସହ ସଂଗଠନମୂଳକ ଆଲୋଚନା କରି ଏକ ଚିନିକଳ ସ୍ଥାପନ କରିବାର ଯୋଜନା କଲେ । ବିଦେଶରୁ ଚିନିକଳ ମଗେଇ କାମାକ୍ଷାନଗର ଅଞ୍ଚଳର ବଡକାଠିଆ ଠାରେ ବସାଇବାର ଯୋଜନା କରାଗଲା । ୧୨୦୦ଏକର ଜଙ୍ଗଲ ଜମିକୁ ସଫା କରାଯାଇ ଚିନିକଳ ଫାର୍ମ କାର୍ଯ୍ୟ ଆରମ୍ଭ ହେଲା । ସାରଙ୍ଗଧର ଓ ଫ୍ରୀଡା ଘୋଡାରେ ବସି ଫାର୍ମ କାର୍ଯ୍ୟ ତଦାରଖ କଲେ । ଉକ୍ତ ସମୟରେ ଲଣ୍ଡା ଦେହୁରୀ ନାମରେ ଜଣେ ଶବର ଲୋକ ତାଙ୍କର ବିଶ୍ୱସ୍ତ ଚାକର ଭାବେ କାର୍ଯ୍ୟ କରୁଥିଲା । ପରବର୍ତ୍ତୀ କାଳରେ ଏ ଲଣ୍ଡା ଦେହୁରୀ ସାରଙ୍ଗବାବୁଙ୍କ ଜୀବନରେ ଏକ ଅଭୁଲା ସ୍ମୃତି ଭାବରେ ରହି ଯାଇଥିଲେ । ସାରଙ୍ଗଧର ଜାପାନ ଓ ଆମେରିକାରୁ ବିଭିନ୍ନ ପ୍ରକାର ଯନ୍ତ୍ରପାତି ମଗାଇ ଫାର୍ମ କାର୍ଯ୍ୟ ସୁରୁଖୁରୁରେ ଆଗେଇ ନେବା ସମୟରେ ଢେଙ୍କାନାଳରେ ପ୍ରଜା ଆନ୍ଦୋଳନ ମୁଣ୍ଡ ଟେକି ଉଠିଲା । ରାଜାଙ୍କ ବିରୋଧରେ ପ୍ରଜାଙ୍କ ସ୍ୱର ତୀବ୍ର ହେଲା । ବିଭିନ୍ନ କାରଣରୁ ରାଜାଙ୍କ ସହିତ ସାରଙ୍ଗଧରଙ୍କର ମତାନ୍ତର ହେଲା । ଆମେ ଏଠାରେ ଫ୍ରୀଡାଙ୍କ ସଂପର୍କରେ କିଛି ଆଲୋଚନା ନ'କଲେ ଆମର ଆଲୋଚନା ଅଧୁରା ରହିଯିବ ।



ଫ୍ରୀଡା ବିଦେଶିନୀ ହେଲେ ମଧ୍ୟ ସେ ନିଜକୁ ଜଣେ ସଚ୍ଚା ହିନ୍ଦୁ ଘରର ବୋହୂ ଭାବରେ ପ୍ରତିପାଦନ କରିବାକୁ ଆପ୍ରାଣ ଉଦ୍ୟମ କରିଥିଲେ । ସାରଙ୍ଗଧରଙ୍କ ସହିତ ଭାରତରେ ତାଙ୍କର ୧୦ବର୍ଷ କାଳ ଅତିବାହିତ ହୋଇଥିଲା । ଏହି ସମୟ କାଳ ମଧ୍ୟରେ ଫ୍ରୀଡା ଭାରତୀୟ ନାରୀ ସମାଜ, ଭାରତର ଜୀବନ ଦର୍ଶନ ଉପରେ ଗବେଷଣା କରି ବହୁ ତଥ୍ୟ ଭିତ୍ତିକ ଆଲୋଚନା ଲେଖିଥିଲେ । ସେ ଏକ ଉପାଦେୟ ପୁସ୍ତକ ରଚନା କରି ବହିଟିର ନାମ 'My marriage to India' ରଖିଥିଲେ । ଫ୍ରୀଡାଙ୍କର ଜର୍ମାନୀ ଓ ଫରାସୀ ଭାଷାରେ ଅଗାଧ ପାଣ୍ଡିତ୍ୟ ଥିଲା ବିଶ୍ୱ ଭାରତୀ ଶାନ୍ତିନିକେତନ ଓ ବମ୍ବେର ଏକ କଲେଜରେ ମଧ୍ୟ ଅଧ୍ୟୟନ କରିଥିଲେ । ଏହି ସ୍ୱର୍ଣ୍ଣିମ ମୁହୂର୍ତ୍ତରେ ଫ୍ରୀଡାଙ୍କର ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବୋଷ, ରବୀନ୍ଦ୍ରନାଥ ଠାକୁର, ଲାଲା ଲଜପତ ରାଏ, ମାଳତୀ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ପଣ୍ଡିତ ଜବାହାରଲାଲ ନେହେରୁ, ଜୟପ୍ରକାଶ ନାରାୟଣ- ଏହିପରି ବହୁ

ବିଦ୍ୱାନ ଓ ସ୍ୱାଧୀନତା ସଂଗ୍ରାମୀ ସହିତ ଉତ୍ତମ ସଂପର୍କ ରହିଥିଲା । ସାରଙ୍ଗବାବୁ ଜୀବନରେ ଫ୍ରୀଡା ସତୀ ସୀତାଙ୍କ ପରି ପ୍ରତୀୟମାନ ଥିଲେ । ଯଦିଓ ଉଭୟଙ୍କର ଛାଡପତ୍ର ପରସ୍ପରକୁ ଅଲଗା କରିଥିଲା କିନ୍ତୁ ସଂପର୍କ ଅତୁଟ ଥିଲା । ଧର୍ମର ଲକ୍ଷ୍ମଣ ରେଖା ଅତିକ୍ରମ କରି ଉଭୟ ପ୍ରେମରେ ପରସ୍ପରକୁ ବାନ୍ଧି ରଖିଥିଲେ । ଫ୍ରୀଡାଙ୍କ ମହତ୍ତ୍ୱରେ ସମଗ୍ର ଭାରତବର୍ଷ ମହକି ଉଠିଥିଲା । ତାଙ୍କର ଦିଲ୍ଲୀ ରହଣି କାଳରେ ଓଡିଶାର ନେତାମାନେ ତାଙ୍କୁ ଆଗ୍ରହର ସହ ଦେଖା କରୁଥିଲେ । ନାରୀ ମୁକ୍ତି ଆନ୍ଦୋଳନର ବିପ୍ଳବୀଣୀ ସରଳା ଦେବୀଙ୍କ ସଂସ୍ପର୍ଶରେ ଆସିଥିଲେ ଓଡିଆ ବୋହୂ ଫ୍ରୀଡା ଦାସ । ସମଗ୍ର ଓଡିଶାରେ ସେ ଥିଲେ ଓଡିଆ ଘରର ପ୍ରଥମ ବିଦେଶିନୀ କୂଳବଧୂ । ଭାରତୀୟ ପୌରାଣିକ ନାରୀମାନଙ୍କ ଆଦର୍ଶରେ ଫ୍ରୀଡା ଅନୁପ୍ରାଣିତ ହୋଇଥିଲେ । ସାରଙ୍ଗ ଦାସଙ୍କ ମୃତ୍ୟୁ ପୂର୍ବରୁ ଫ୍ରୀଡା ସାରଙ୍ଗଧରଙ୍କ ପତ୍ର ପାଇବାରେ ବିଳମ୍ବ ହେତୁ ତାଙ୍କ ମନରେ ସନ୍ଦେହ ହୋଇଥିଲା ଓ ସେ ଭାରତ ପଳାଇ ଆସିଥିଲେ । ଦିଲ୍ଲୀରେ ପହଞ୍ଚି ସାରଙ୍ଗଧରଙ୍କ ମୃତ୍ୟୁ ଖବର ପାଇ ସେ ଭୀଷଣ ଭାଙ୍ଗି ପଡିଥିଲେ । ପଣ୍ଡିତ ନେହେରୁ, ଜୟପ୍ରକାଶ ନାରାୟଣ ତାଙ୍କୁ ଶାନ୍ତ୍ୱନା ଦେଇ ସମବେଦନା ପ୍ରକାଶ କରିଥିଲେ । ଫ୍ରୀଡା କଟକ ଆସି ସାରଙ୍ଗଧରଙ୍କ ଗୋରା କବର ସ୍ଥିତ ସମାଧିସ୍ଥ ନିଜର ଶ୍ରଦ୍ଧା ସୁମନ ଅର୍ପଣ କରି ଭଙ୍ଗା ହୃଦୟରେ ଆମେରିକା ଫେରି ଯାଇଥିଲେ । ସାରଙ୍ଗଧର ଓ ଫ୍ରୀଡାଙ୍କର ଅନାବିଳ ପ୍ରେମ ଓ ସୁସଂପର୍କ ଭାରତୀୟ ସମାଜ ପାଇଁ ଏକ ଆଦର୍ଶ ହୋଇ ରହିଛି । ଧନ୍ୟ ହେ ଢେଙ୍କାନାଳର ବରପୁତ୍ର ସାରଙ୍ଗଧର ! ଧନ୍ୟ ଦରିଆପାରି ବିଦେଶିନୀ ଫ୍ରୀଡା ଦାସ ।



ଯେତେବେଳେ ସାରଙ୍ଗଧର ଫ୍ରୀଡାଙ୍କ ସହ ଫାର୍ମ ହାଉସରେ ରହୁଥିଲେ ସେଇ ସମୟରେ ପ୍ରଜା ଆନ୍ଦୋଳନର ପ୍ରମୁଖ ବିପ୍ଳବୀ ନେତା ସୁବାହୁ ସିଂହଙ୍କର ଘନିଷ୍ଠତା ରହିଥିଲା । ରାଜ କର୍ମଚାରୀମାନଙ୍କ କାନକୁହା କଥାରେ ସାରଙ୍ଗଧର ଓ ରାଜାଙ୍କ ମଧ୍ୟରେ କ୍ରମଶଃ ବିମନା ଘଟିଲା । କାଳେ ରାଜା ତାଙ୍କୁ ବନ୍ଦୀ କରିନେବେ ସେଇ ଆଶଙ୍କାରେ ସେ କଟକ ଚାଲି ଆସିଲେ । ଏହା ପରଠାରୁ ସାରଙ୍ଗଧରଙ୍କର ରାଜତନ୍ତ୍ର ବିରୋଧରେ ବିପ୍ଳବୀ ଜୀବନ ଆରମ୍ଭ ହେଲା । ସାରଙ୍ଗଧରଙ୍କର ଦେଶୀ ଓ ବିଦେଶୀ ଆକର୍ଷଣ ସହିତ ତାଙ୍କର ଉଚ୍ଚାଙ୍ଗ ବ୍ୟକ୍ତିତ୍ୱ ବହୁ ତୁଙ୍ଗନେତାଙ୍କୁ ଆକୃଷ୍ଟ କରିଥିଲା । ଗାନ୍ଧୀଜୀଙ୍କ ସତ୍ୟ ଓ ଅହିଂସା ସଙ୍ଗରେ ସାରଙ୍ଗଧରଙ୍କ ଗଡଜାତ ଆନ୍ଦୋଳନ ମଣିକାଂଚନ ସଦୃଶ ଉଭା ହେଲା । ରବି ଘୋଷ, ପ୍ରାଣକୃଷ୍ଣ ପଡିଆରୀ, ମାଳତୀ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ସୁରେନ୍ଦ୍ର ଦ୍ୱିବେଦୀ, ରାଧାନାଥ ରଥ ପ୍ରମୁଖ ନେତାମାନେ ସାରଙ୍ଗଧରଙ୍କୁ ସହଯୋଗ କରିବା ପାଇଁ ସକ୍ରିୟ ହୋଇ ଉଠିଲେ । ଢେଙ୍କାନାଳ ପ୍ରଜା ଆନ୍ଦୋଳନ ପରଜଙ୍ଗ ଠୁ ଆରମ୍ଭ ହୋଇ ଢେଙ୍କାନାଳ ରାଜ୍ୟ ସାରା ବ୍ୟାପିଗଲା । ୧୯୩୬ ମସିହା ବେଳକୁ ଅନ୍ୟ ଗଡଜାତ ଆନ୍ଦୋଳନ, ଯଥା: ତାଳଚେର, ରଣପୁର, ନୀଳଗିରି, ବୌଦ୍ଧ, ଖଣ୍ଡପଡା, ନୟାଗଡ, ନରସିଂହପୁର ଏହିସବୁ ରାଜ୍ୟ ମାନଙ୍କୁ ବିସ୍ତାର ହେଲା । ତାଳଚେରର ବିଖ୍ୟାତ ଗଡଜାତ ରାଜା ପବିତ୍ର ପ୍ରଧାନଙ୍କ ନେତୃତ୍ୱରେ ବଲାଙ୍ଗୀର ପାଟଣାର କପିଳେଶ୍ୱର ନନ୍ଦ, ନୟାଗଡର ଶ୍ରୀଧର ମିଶ୍ର, ନୀଳଗିରିର ବନମାଳି ଦାସ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ରାଜା ଶଙ୍କର ପ୍ରତାପଙ୍କ ଶାସନରେ ପ୍ରଜାମାନେ ଅତିଷ୍ଠ ହୋଇ ସୁବାହୁ ସିଂହଙ୍କର ଆହ୍ୱାନରେ ପ୍ରତ୍ୟେକ ଗ୍ରାମମାନଙ୍କରେ ପ୍ରଜା କମିଟି ଗଠନ କରାଗଲା । ତନ୍ମଧ୍ୟରୁ ମୃକ୍ଷା ମଲ୍ଲିକ, ବୈଷ୍ଣବ ପଟ୍ଟନାୟକ, ବ୍ରଜକିଶୋର ଧଳ, ଶ୍ରୀକାନ୍ତ ରାଉତ, ଦେବରାଜ ପାତ୍ର, ଦିବାକର ବିଶ୍ୱାଳ, ବାଇଧର ସ୍ୱାଇଁ ପ୍ରଭୃତି ବିପ୍ଳବୀଗଣ ଅଗ୍ର ଭାଗରେ ରହିଲେ । ସାରଙ୍ଗଧର ପ୍ରଜାମଣ୍ଡଳ ଗଠନ କରି ସମଗ୍ର ଭାରତ ବର୍ଷରେ ଚହଳ ସୃଷ୍ଟି କଲେ । ଓଡିଶାର ପ୍ରଜା ଆନ୍ଦୋଳନ ଗଡଜାତ ଲୋକଙ୍କ ଆଖି ଖୋଲିଦେଲା । ୧୯୩୫ ମସିହାରେ କଟକ ଟାଉନ୍ ହଲରେ ସାରଙ୍ଗଧର ପ୍ରଜା ସମ୍ମିଳନୀ ଆୟୋଜନ କରିଥିଲେ । ଏହି ସମ୍ମିଳନୀକୁ ପଟ୍ଟାଭି ସୀତାରାମାୟା ଉଦ୍‌ଘାଟନ କରିଥିଲେ । ଡଃ ହରେକୃଷ୍ଣ ମହତାବ ଓ ଗୁଜୁରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବଳବନ୍ତ ରାୟ ମେହେଟା ଉକ୍ତ ସମ୍ମିଳନୀକୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ବନ୍ଧରେ ମହାତ୍ମା ଗାନ୍ଧୀ ଜାଣିପାରି ପତ୍ର ମାଧ୍ୟମରେ ତାଙ୍କର ସମର୍ଥନ ପ୍ରକାଶ କରିଥିଲେ ଓ ପରବର୍ତ୍ତୀ ପର୍ଯ୍ୟାୟରେ କଂଗ୍ରେସ ସହିତ ପ୍ରଜା ସମ୍ମିଳନୀକୁ ମିଶ୍ରଣ କରିଥିଲେ । ଏହିଭଳି ଏକ ଘଡିସନ୍ଧି ସାରଙ୍ଗଧର ଗୋଟେ ସାପ୍ତାହିକ 'କୃଷକ ପତ୍ରିକା' ପ୍ରକାଶ କଲେ । ଏହି କାଗଜରେ ତତ୍କାଳୀନ ଓଡିଶାର ରାଜନୈତିକ ପାଣିପାଗ ସହିତ ଓଡିଆ ଭାଷା ସାହିତ୍ୟ କୃଷି, କୃଷକ ସମସ୍ୟା ପ୍ରକାଶ ପାଇ ଏକ ବୌଦ୍ଧିକ ନବଜାଗରଣ ସୃଷ୍ଟି କରିଥିଲା । ଏଇ କାଗଜର ସଂପାଦକ ଦାୟିତ୍ୱ ନବକୃଷ୍ଣ ଚୌଧୁରୀ, ସୁରେନ୍ଦ୍ର ଦ୍ୱିବେଦୀ, ବିନୋଦ କାନୁନଗୋ,ବାରିଷ୍ଟର ଗୋବିନ୍ଦ ଦାସ, ବାଙ୍କବିହାରୀ ଦାସ, ପ୍ରଦୀପ୍ତ ଦାସ ଆଦି ମହାମନିଷୀଗଣ କାର୍ଯ୍ୟଭାର ତୁଲାଇଥିଲେ । ସାରଙ୍ଗଧର ଲଣ୍ଡା ଦେହୁରୀ ଛଦ୍ମ ନାମରେ ବହୁ ଚାଞ୍ଚଲ୍ୟକର ଖବରମାନ ପ୍ରକାଶ କରି ଲୋକମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଓଡିଶାରେ ପ୍ରଜା ଆନ୍ଦୋଳନର ରୂପରେଖ ଦେଖି ଅହିଂସା ମାର୍ଗରେ ପରିଚାଳିତ ହେବାକୁ ମହାତ୍ମା ଗାନ୍ଧୀ ସାରଙ୍ଗଧରଙ୍କୁ ପରାମର୍ଶ ଦେଇଥିଲେ । ସାରଙ୍ଗଧର କଂଗ୍ରେସର ସାଧାରଣ ସଂପାଦକ ଦାୟିତ୍ୱ ବହନ କରି କଂଗ୍ରେସର ପ୍ରଜାମାନଙ୍କୁ ଧରିଲେ ଓ ଗଡଜାତ ଗାନ୍ଧୀ ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କଲେ ।

ସମ୍ବଲପୁରରେ କଂଗ୍ରେସ ପ୍ରଚାର ସମୟରେ ପୋଲିସ ସାରଙ୍ଗଧରଙ୍କୁ ଗିରଫ କରି ନେଇଥିଲା ।

ଭାରତଛାଡ ଆନ୍ଦୋଳନ ସମୟରେ ଗାନ୍ଧୀଜୀଙ୍କ ବମ୍ବେ ବୈଠକରେ ସାରଙ୍ଗଧର ଯୋଗଦାନ କରି ଯେତେବେଳେ ଓଡିଶା ଫେରୁଥିଲେ ବାଲେଶ୍ୱର ଠାରେ ପୋଲିସ୍ ତାଙ୍କୁ ଗିରଫ କରିଥିଲା । ୧୯୪୨ ରୁ ୧୯୪୫ ପର୍ଯ୍ୟନ୍ତ ସେ କାରାବରଣ କରିଥିଲେ । ଜେଲରୁ ମୁକ୍ତ ହୋଇ ସାରା ଭାରତରେ ପ୍ରଜା କାଉନସିଲ ଗଠନ କଲେ । ଖଣ୍ଡପଡା ପ୍ରଜାମଣ୍ଡଳ ସଭାପତି ରଘୁନାଥ ସିଂ

ସାମନ୍ତଙ୍କ ପାଖକୁ ଦେଇଥିବା ଏକ ପତ୍ରରୁ ସାରଙ୍ଗଧରଙ୍କ ଜୀବନ ଦର୍ଶନ ଓ ଗାନ୍ଧୀବାଦୀ ନୀତିର ଝଲକ ମିଳିଥାଏ । ପତ୍ରରେ ସେ ଲେଖିଥିଲେ-'ଦମ୍ଭ ଧରି ନିର୍ଭୀକ ଭାବେ ନିଜର କର୍ତ୍ତବ୍ୟ କରୁ କରୁ ଯଦି କୌଣସି ଶାରୀରିକ କିମ୍ବା ମାନସିକ ଆଘାତ ମିଳେ, ତା'ର ଅହିଂସା ପ୍ରତିରୋଧ କରିବ । ସେତେବେଳେ ନିଜର ଆତ୍ମବଳ ଏପରି ଭାବରେ ପ୍ରସ୍ଫୁଟିତ ହୋଇ ଉଠିବ ଯେ ଅତ୍ୟାଚାରୀ ମାରିବାକୁ ସାହସ କରିବ ନାହିଁ ଏବଂ ରାଗ କମିଯିବ ।' ଏଇ କେଇଧାଡି ଲେଖାରୁ ଜଣାପଡେ ସାରଙ୍ଗବାବୁ ଗାନ୍ଧୀଜୀଙ୍କ ଅହିଂସା ନୀତିରେ କେଉଁ ଭଳି ନିଜକୁ ଉତ୍ସର୍ଗ କରିଥିଲେ । ସ୍ୱାଧୀନତା ପୂର୍ବରୁ ୧୯୪୬ ମସିହା ବିଧାନସଭାକୁ ଯିବା ପାଇଁ କଂଗ୍ରେସ ପାର୍ଟି ତରଫରୁ ତିର୍ତ୍ତୋଲ ଏରୋସମା ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରିବାକୁ କୁହାଗଲା । ସାରଙ୍ଗଧର ବିଧାନସଭାକୁ ନିର୍ବାଚିତ ହେଲେ । ସେତେବେଳେ ବିଧାନସଭାରେ ଓଡିଆ ଭାଷାରେ ଭାଷଣ ଦେବାର ଅବକାଶ ନଥିଲା କାରଣ ଇଂରାଜୀ ଭାଷାର ପ୍ରଭୁତ୍ୱ ଥିଲା । ବାଚସ୍ପତିଙ୍କ ବାରଣ ସତ୍ତ୍ୱେ ଓଡିଶା ବିଧାନସଭାରେ ଓଡିଆ ଭାଷାରେ ନିଜର ଭାଷଣ ରଖିଥିଲେ । ତାଙ୍କର ଅକାଟ୍ୟ ଯୁକ୍ତି ଥିଲା – 'ମୋ ରାଜ୍ୟରେ ମୋ ଭାଷାରେ ମୁଁ ନିଜ ଭାଷଣ ଦେବିନି ତ' ଆଉ କେଉଁ ଭାଷାରେ ବକ୍ତବ୍ୟ ରଖିବି ? ଇଂଲଣ୍ଡର House of Common ରେ ସାଂସଦମାନେ ନିଜ ଭାଷାରେ ଭାଷଣ ଦେଉଥିବା ବେଳେ ଆମେ ଆମ ମାତୃଭାଷାରେ ଭାଷଣ ଦେବୁ ନାହିଁ କାହିଁକି ?' ୧୯୪୬ ସେପ୍ଟେମ୍ବର ୫ ତାରିଖ ଦିନ ବିଧାନସଭା ଗୃହରେ ହୀରାକୁଦ ବନ୍ଧ ନିର୍ମାଣ ସମ୍ପର୍କରେ ଆଲୋଚନା ଚାଲିଥିବା ବେଳେ ସାରଙ୍ଗଧର ତଥ୍ୟପୂର୍ଣ୍ଣ ଯୁକ୍ତି ଉପସ୍ଥାପନ କରି ବନ୍ଧ ନିର୍ମାଣ ସପକ୍ଷରେ ତଥ୍ୟଭିତ୍ତିକ ଆଲୋଚନା କରି ବିରୋଧୀମାନଙ୍କ ମୁହଁ ବନ୍ଦ କରିଦେଇଥିଲେ । ବିଧାନସଭାରେ ସାରଙ୍ଗଧର ଗରୀବ, କୃଷକ, ଶ୍ରମିକମାନଙ୍କ ସ୍ୱାର୍ଥ, ଆଦିବାସୀମାନଙ୍କ ଅଧିକାରୀର ଥିଲେ ଜାଗ୍ରତ ପ୍ରହରୀ । ଗରିବ ଦୁଃଖୀ ରଖୀଙ୍କ ପିଲା ପାଇଁ ମାଳତୀ ଦେବୀଙ୍କ ସହ ଅନୁଗୁଳ ଠାରେ ବାଜିରାଉତ ଛାତ୍ରାବାସ ପ୍ରତିଷ୍ଠା କରିଥିଲେ । ଗାନ୍ଧୀଜୀ ଓ ନେହେରୁଙ୍କ ପରିଚାଳିତ କଂଗ୍ରେସ ଉପରେ ସାରଙ୍ଗଧରଙ୍କ ଯଥେଷ୍ଟ ଭରସା ଥିଲା । ସେ ଆଶା ପୋଷଣ କରିଥିଲେ କଂଗ୍ରେସ ମାଧ୍ୟମରେ ରାଜନୈତିକ ସ୍ୱାଧୀନତା ସହ ଅର୍ଥନୈତିକ ସ୍ୱାଧୀନତା ସମସ୍ତେ ହାସଲ କରିପାରିବେ । ସମାଜରେ ସମାଜବାଦୀ ବ୍ୟବସ୍ଥା ପ୍ରବର୍ତ୍ତନ କରିବାରେ ସଫଳ ହେବେ ମାତ୍ର ତାଙ୍କର ସେ ସ୍ୱପ୍ନ ସାକାର ହୋଇ ପାରିଲା ନାହିଁ । କ୍ରମଶଃ କଂଗ୍ରେସର ଦୁର୍ନୀତି ଓ ମନୋମୁଖୀ କାରବାର ଦେଖି କଂଗ୍ରେସରୁ ଇସ୍ତଫା ଦେବାକୁ ମନସ୍ଥ କଲେ । ଏ କଥା ପଣ୍ଡିତ ନେହେରୁ ଜାଣିପାରି ତାଙ୍କୁ ଆମେରିକାର ରାଷ୍ଟ୍ରଦୂତ ହେବା ପାଇଁ ପ୍ରସ୍ତାବ ଦେଇଥିଲେ । ମାତ୍ର ଶ୍ରୀ ଦାସ କେନ୍ଦ୍ର ଲୋକସେବା ଆୟୋଗର ଅଧ୍ୟକ୍ଷ ପଦ ଗ୍ରହଣ ପାଇଁ ଅଟଳ ରହିଲେ ଓ କଂଗ୍ରେସରୁ ଇସ୍ତଫା ଦେଇ ପ୍ରଜା ସମାଜବାଦୀ ଦଳରେ ଯୋଗ ଦେଲେ । ସେ ନୀତି ଓ ନୈତିକ ମୂଲ୍ୟବୋଧର ରାଜନେତା ଥିଲା । ତାଙ୍କୁ ହିନ୍ଦୁସ୍ଥାନର ସନ୍ଥ ରାଜନେତା ବୋଲି ଆଖ୍ୟା ଦିଆଯାଏ । ୧୯୫୬ ମସିହାରେ ଲୋକସଭାର ସଭ୍ୟ ଥିବା ସମୟରେ ସାରଙ୍ଗଧର ବିରୋଧୀ ଦଳର ଉପନେତା ଥିଲେ । ଏହି ସମୟରେ ଓଡିଶାର ଐତିହାସିକ ସୀମା ଆନ୍ଦୋଳନ, ଶଢେଇ କଳା ଖରସୁଆଁ ସଂପର୍କରେ ଦୃଢ ଯୁକ୍ତି ଉପସ୍ଥାପନ କରିଥିଲେ । ଯେତେବେଳେ ଜଣା ପଡିଲା ରାଉରକେଲାରେ ଇସ୍ପାତ କାରଖାନା ନହୋଇ ଅନ୍ୟତ୍ର ଚାଲିଯିବ ଓଡିଶାର ସମସ୍ତ ନେତା ବିପ୍ଳବୀ ହୋଇଉଠିଲେ । ସାରଙ୍ଗଧର ଆଉ ନବବାବୁ ଉଭୟ ଭାରତର ଇସ୍ପାତ ମନ୍ତ୍ରୀ ଆୟାଙ୍ଗାରଙ୍କୁ ସାକ୍ଷାତ କରି ଆଲୋଚନା କରି ଏ ସମସ୍ୟାକୁ ପାର୍ଲିୟାମେଣ୍ଟରେ ଏକ ବକ୍ତବ୍ୟ ଉପସ୍ଥାପନ କଲେ । ସାରଙ୍ଗଧରଙ୍କ ଯୁକ୍ତି ଏତେ ବଳିଷ୍ଠ ଥିଲା ଯେ ପ୍ରଧାନମନ୍ତ୍ରୀ ନେହେରୁ ବାଧ୍ୟ ହୋଇ ରାଉରକେଲାରେ ଇସ୍ପାତ କାରଖାନା ହେବା ଘୋଷଣା କରିଥିଲେ । ସେ ରାଜନୈତିକ ଲାଭ ଅପେକ୍ଷା ନୈତିକ ମୂଲ୍ୟବୋଧ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ସେହି କାରଣରୁ ସେ ବହୁ ପଦ ପଦବୀ ତ୍ୟାଗ କରିଥିଲେ । ସେ ଥିଲେ ବିଶ୍ୱର ଜଣେ ଜଣାଶୁଣା ବୈଜ୍ଞାନିକ ଓ ଶିଳ୍ପ ନିର୍ଦ୍ଦେଶକ । ସାରଙ୍ଗଧର ଚାହିଁଥିଲେ ଟାଟା ବିର୍ଲାଙ୍କ ପରି ଜଣେ ବଡ ଶିଳ୍ପପତି ହୋଇପାରିଥାନ୍ତେ କିମ୍ବା ଫ୍ରୀଡାଙ୍କ ପରି ସଂସ୍କୃତି ସଂପନ୍ନା ପତ୍ନୀ ପାଇ ଆମେରିକାରେ ସୁଖରେ ସାହେବୀ ଜୀବନ କଟାଇ ପାରିଥାନ୍ତେ । ଦେଶର ତଥା ଜାତିର ଉନ୍ନତି ପାଇଁ ଏକ ସୁନ୍ଦର ଭାରତ ଗଢିବା ସ୍ୱପ୍ନ ନେଇ ଫ୍ରୀଡାଙ୍କୁ ତ୍ୟାଗ କଲେ । ସୁଟ୍ କୋର୍ଟ ପରିବର୍ତ୍ତେ ଧୋତି କୁର୍ତ୍ତା ପିନ୍ଧିଲେ,କୁବେର ପୁରୀ ଆମେରିକା ଛାଡି ଭଡା ଘରେ ଆନ୍ଦୋଳନ କଲେ । ପ୍ରାକୃତିକ ବିପତ୍ତି ସମୟରେ ଗୋପବନ୍ଧୁଙ୍କ ସହ ସମାଜସେବାରେ ବ୍ରତୀ ହେଲେ । ବାସ୍ତବରେ ସାରଙ୍ଗଧର ଗଡଜାତ ମଧ୍ୟରେ ସୀମାବଦ୍ଧ ନହୋଇ ବଣ ଜଙ୍ଗଲ ଠାରୁ ଆରମ୍ଭ କରି ମୋଗଲବନ୍ଦୀର ପ୍ରତ୍ୟେକ ଅଞ୍ଚଳ, ସମ୍ବଲପୁରର ବିଚ୍ଛିନ୍ନାଞ୍ଚଳ, ଶଢେଇକଳା ଖରସୁଆଁ ଆଦି ଓଡିଆ ଭାଷା ଭାଷୀ ଅଞ୍ଚଳରେ ବୁଲି ବୁଲି ଲୋକଙ୍କ ଦୁଃଖ ବୁଝୁଥିଲେ । ଗୋପବନ୍ଧୁ ଯଦି ଓଡିଶାର ଗାନ୍ଧୀ ହୁଅନ୍ତି ତାହା ହେଲେ ସାରଙ୍ଗଧର ହେଉଛନ୍ତି ଗଡଜାତ ଅଞ୍ଚଳର ଗାନ୍ଧୀ ।



କର୍କଟ ରୋଗାକ୍ରାନ୍ତ ସାରଙ୍ଗଧର ଯେତେବେଳେ ଜାଣିଲେ ମୃତ୍ୟୁ ନିକଟ ହୋଇ ଆସିଲା ସେ ବିଶ୍ୱନାଥ ପଣ୍ଡିତ ଓ ସୁରେନ୍ଦ୍ର ଦ୍ୱିବେଦୀଙ୍କୁ ପାଖକୁ ଡକାଇ ତାଙ୍କର ଶହ ଶହ ଜମିବାଡି ଓ ସମସ୍ତ ସଂପତ୍ତିକୁ ଶିଶୁ ମଙ୍ଗଳ ଟ୍ରଷ୍ଟ ଓ ଜାନକୀ ଟ୍ରଷ୍ଟ ନାମରେ ଉଇଲ୍ କରିଦେଲେ । ସାରଙ୍ଗଧରଙ୍କର ଏହି ଅନନ୍ୟ ମହାନତା ପାଇଁ ଜୟପ୍ରକାଶ ନାରାୟଣ, ପଣ୍ଡିତ ଜବାହରଲାଲ ନେହେରୁଙ୍କ ସମେତ ବଡ ବଡ ନେତାମାନେ ଖୁବ୍ ଉଚ୍ଚ ପ୍ରଶଂସା କରିଥିଲେ । ରାଜ୍ୟପାଳ ଯଶୋବନ୍ତ ନାରାୟଣ ସୁଚଣ୍ଠା ରୋଗଶଯ୍ୟା ନିକଟରେ ଉପସ୍ଥିତ ଥିଲାବେଳେ ସାରଙ୍ଗଧର କହିଥିଲେ- 'ମୁଁ ଯାଉଛି । ଗରିବଙ୍କ କଥା ଦେଖୁଥିବେ ।'

ଏଇ ସେଇ ସାରଙ୍ଗଧର ଯିଏ ଓଡିଶାର ବଣପାହାଡ ଘେରା ଇଲାକାରୁ ବାହାରି ଶିକ୍ଷାର ସର୍ବୋଚ୍ଚ ଆସନରେ ପହଞ୍ଚି ବିଳାସବ୍ୟସନର ଉତ୍ତୁଙ୍ଗ ଶିଖରରୁ ଲମ୍ଫ ଦେଇ ସେବା ଓ ତ୍ୟାଗକୁ ଜୀବନର ଦର୍ଶନ ଭାବରେ ଆପଣାଇଥିଲେ । ଦୁଃଖ ଏବଂ ପରିତାପର ବିଷୟ ଏଭଳି ଜଣେ ଯଶସ୍ୱୀ ସଂଗ୍ରାମୀଙ୍କୁ ଦେଶରେ ଉପଯୁକ୍ତ ସମ୍ମାନ ମିଳି ନାହିଁ । ରାଷ୍ଟ୍ରୀୟ ସ୍ତରରେ କୌଣସି ନେତାଙ୍କ ଠାରୁ ଊଣା ନୁହଁନ୍ତି । ତାଙ୍କର ଦେଶପ୍ରେମ, ତ୍ୟାଗପୂତ ଜୀବନକୁ ଉଚିତ୍ ମୂଲ୍ୟାଙ୍କନ କରି ଭାରତରତ୍ନ ଉପାଧିରେ ଭୂଷିତ କରିବା ଉଚିତ୍ ।

ପ୍ରସଙ୍ଗ-୪

# ଲେଲିହାନ୍ ଲାଲ୍‌କିଲା



# ଇତିହାସର ଜୀବନ୍ତ ସାକ୍ଷୀ: ଲାଲ୍ ଦୁର୍ଗ ଲାଲ୍‌କିଲା


**ଆରତୀ ସାହୁ**

୨୬-ଏଲ୍, ସିପିଡବ୍ଲ୍ୟୁଡି କଲୋନୀ,
ବସନ୍ତ ବିହାର, ନୂଆଦିଲ୍ଲୀ-୧୧୦୦୫୭
ଫୋନ:୯୮୬୮୪୬୩୪୫୮


ଫଟୋ ସୌଜନ୍ୟ : ଲେଖିକା

**ଲାଲକିଲା : ଯାହାର ଭବ୍ୟ ପ୍ରାଚୀରରୁ ଆମର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ପ୍ରଥମ ସ୍ୱାଧୀନତା ଦିବସରେ ଦେଶବାସୀଙ୍କୁ ଦେଇଥିଲେ ଐତିହାସିକ ଅଭିଭାଷଣ ଏବଂ ଏଯାବତ୍ ବର୍ଷ ବର୍ଷ ଧରି ଯାହା ହେଇ ଆସିଛି ଆମର ଅକ୍ଷୁର୍ଣ୍ଣ ପରମ୍ପରା । ପୁରୁଣା ଦିଲ୍ଲୀରେ ସଗର୍ବେ ଦଣ୍ଡାୟମାନ ଆମର ଅତି ପ୍ରାଚୀନ ପ୍ରିୟ ଲାଲ୍ ବାଲିଆ ପଥରରେ ତିଆରି ଲାଲ୍ କିଲା । ଶାନ୍ତ, ଗମ୍ଭୀର କିନ୍ତୁ କଦାଚିତ ମଉନ ନୁହେଁ । ନିରବଧି ବଖାଣି ପାରେ ଯେତେସବୁ ଅଙ୍ଗେନିଭା କାହାଣୀ ଓ କିମ୍ବଦନ୍ତୀର କୋରସ୍ ।**



▲ ଲେଖିକା ଆରତୀ ସାହୁ

ଲାଲକିଲା ଲାଲ୍ ପଥରରେ ତିଆରି କେବଳ ଏକ କିଲା ନୁହେଁ, ଏହା ବିଶ୍ୱ ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ସ୍ମାରକୀ, ଏକ ମହାନ୍ ଦେଶର ପରମ୍ପରା, ଏକ ମହାନ୍ ଜାତିର ପରିଚୟ । ଜନ୍ମରୁ ନେଇ ଆଜି ପର୍ଯ୍ୟନ୍ତ କେତେ ଯେ ଘଟଣା , ଦୁର୍ଘଟଣା, ଜନ୍ମ , ମୃତ୍ୟୁ , ସମୃଦ୍ଧି , ବିନାଶ ଆଦି ସେ ଦେଖିଛି, ଯୁଦ୍ଧରେ ବିଜୟ ଅବସରରେ ଆନନ୍ଦୋଲ୍ଲାସରେ ମାତି ହସିଛି ଆଉ ପୁଣି ବନ୍ୟା ବିଭୀଷିକାରେ, ଦେଶର ଶତ୍ରୁ ମାନଙ୍କର ଅତ୍ୟାଚାର ଅନାଚାର ଦେଖି ନୀରବରେ ଲୁହ ବି ଗଡ଼େଇଛି । ଅନେକ ଅଙ୍ଗେନିଭା ଘଟଣାବଳୀ ପୁଣି ବିଶ୍ୱ ଇତିହାସର ସୁଅକୁ ହିଁ ବଦଳେଇ ଦେଇଛନ୍ତି । ଆଜିକାଲି ଯାହାକୁ ଆମେ ପୁରୁଣା ଦିଲ୍ଲୀ କହୁଛୁ, ଠିକ୍ ସେଇଠି ସଗର୍ବେ ଦଣ୍ଡାୟମାନ ଆମର ଅତି ପ୍ରାଚୀନ ଅତି ପ୍ରିୟ ଲାଲ୍ ବାଲିଆ ପଥରରେ ତିଆରି **ଲାଲ୍ କିଲା** । ଶାନ୍ତ, ଗମ୍ଭୀର କିନ୍ତୁ କଦାଚିତ ମଉନ ନୁହେଁ । ନିଜର ଲାଲ୍ ରଙ୍ଗକୁ ଝଟକେଇ, ବହୁମୂଲ୍ୟ ପଥର ମାନଙ୍କରେ ଖୋଦିତ ଶବ୍ଦରାଜି ଦ୍ୱାରା ଆଜି ବି ସେ ବଖାଣି ପାରେ ଯେତେସବୁ ଅଙ୍ଗେନିଭା କାହାଣୀ ଓ କିମ୍ବଦନ୍ତୀର କୋରସ୍ ।

ରାଜଧାନୀ ଦିଲ୍ଲୀର ଅତି ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରୁ କିଛି କ୍ଷଣ କାଢ଼ିନେଇ ମୁଁ ଅବଶ୍ୟ ବେଶ୍ କିଛି ସମୟ ଦେଇଥାଏ ଭ୍ରମଣ ପାଇଁ । ମୋର ଯାଯାବର ଭସାମେଘ ପରି ମନଟି ଖୁବ୍ ଭ୍ରମଣପିଆସୀ । ଛୁଆଟି ବେଲୁ ମୁଁ ଭ୍ରମଣ ପ୍ରିୟ । ମୋର ପାଠପଢ଼ା ମଧ୍ୟ ଏକାଧିକ ସ୍ଥାନରେ ହୋଇଥିଲା । କେତେବେଳେ ଝାରଖଣ୍ଡର (ସେତେବେଳେ ବିହାର) ଷଢ଼େଇକଳାରେ, ତ କେତେବେଳେ ରାଉରକେଲାରେ ଓ ଶେଷ ଭାଗ ସମ୍ବଲପୁର ଜ୍ୟୋତିବିହାରରେ । ଭାଇମାନଙ୍କ ସହିତ ଓ ବିବାହୋପରାନ୍ତେ ବିଜୟ ବାବୁଙ୍କ ସହିତ ପ୍ରାୟ ସମଗ୍ର ଭାରତ ମୁଁ ଦେଖି ସାରିଛି । କିନ୍ତୁ ଏଇ ଆମ ଘରପାଖରେ ଅଛି ଲାଲ୍‌କିଲା । କେବେ ହେଲେ ଦେଖିବାକୁ ମନ କରି ନାହିଁ । ଏହାର କାରଣ ଆଉ କିଛି ନୁହେଁ, ବାରମ୍ବାର ଆଗ୍ରାର ଲାଲ୍‌କିଲା ଦେଖିଥିବାରୁ ଏହାକୁ ଦେଖିବାର ସେତେଟା ଆଗ୍ରହ ହୁଏ ନାହିଁ । ତେବେ ସମ୍ପ୍ରତି ଗତ ଏପ୍ରିଲ ମାସରେ ମୋ ଝିଆରୀ ଓ ତାର ବନ୍ଧୁବାନ୍ଧବ ଆସିଥିଲେ ଦିଲ୍ଲୀ । ମୋ ଝିଆରୀର କୁନି ଝିଅଟି ଅତ୍ୟନ୍ତ ଜ୍ଞାନଲିପ୍ସୁ । ଇତିହାସ ଭିତରେ ସେ ନିଜକୁ ହଜାଇ ଦିଏ । ପ୍ରାଚୀନ ରାଜଉଆସ, ମନ୍ଦିର କିମ୍ବା ଦୁର୍ଗ ଭିତରେ ପଶିଲେ ନିଜକୁ ଭୁଲିଯାଏ । ତାରି ଜିଦିରେ ପୁଣିଥରେ କରିଥିଲି ଆମ ଭାରତର ବିସ୍ମୟ ଗୌରବ, ବିରାଟ ବପୁବନ୍ତ, କଳାକୌଶଳର ଜୀବନ୍ତ ଉଦାହରଣ ଲାଲକିଲାକୁ ଦର୍ଶନ । ଯାହାର ଭବ୍ୟ ପ୍ରାଚୀରରୁ ଆମର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ପ୍ରଥମ ସ୍ୱାଧୀନତା ଦିବସରେ ଦେଶବାସୀଙ୍କୁ ଦେଇଥିଲେ ଐତିହାସିକ ଅଭିଭାଷଣ ଏବଂ ଏଯାବତ୍ ବର୍ଷ ବର୍ଷ ଧରି ଯାହା ହେଇ ଆସିଛି ଆମର ଅଲିଭା, ଅକ୍ଷୁର୍ଣ୍ଣ ପରମ୍ପରା ।

ଲାଲ୍‌କିଲା ସପ୍ତାହରେ ଛଅଦିନ ଖୋଲା ରୁହେ, ସୋମବାର ବ୍ୟତୀତ । ସକାଳ ସାଢ଼େ ନଅରୁ ବେଳବୁଡ଼ ସାଢ଼େ ଚାରିଟା ପର୍ଯ୍ୟନ୍ତ ପ୍ରବେଶ ସମୟ । ଦିଲ୍ଲୀରେ ସାଧାରଣତଃ ସବୁ ପର୍ଯ୍ୟଟନ ସ୍ଥଳୀ ରବିବାର ଦିନ ବନ୍ଦ ରୁହେ ସଫେଇ, କ୍ଷୟକ୍ଷତି, ତ୍ରୁଟି ନିବାରଣ ଓ ମରାମତି ଇତ୍ୟାଦି କାମ ନିମନ୍ତେ । ଶନିବାର ସପ୍ତାହାନ୍ତ ହେଇଥିବାରୁ ଅତ୍ୟଧିକ ଭିଡ଼ । ତେଣୁ ଆମେ ମଙ୍ଗଳବାର ଦିନ ବାହାରିଲୁ ଲାଲ୍‌କିଲା । ବସନ୍ତ ବିହାରରେ ଆମ କଲୋନୀ ଭିତରେ ମେଜେଣ୍ଟା ଲାଇନ୍ ମେଟ୍ରୋ ଷ୍ଟେସନ । ସେଠୁ ଯାଇ କାଲକାଜୀରେ ପୁଣି ପିଙ୍କ୍ ଲାଇନ୍ ମେଟ୍ରୋରେ ଚଢ଼ି ପ୍ରାୟ ଦେଢ଼ ଘଣ୍ଟା ପରେ ଆମେ ସେଠାରେ ପହଂଚିଲୁ । ଟିକେଟ୍ ନେଇ ଭିତରକୁ ଗଲା ପରେ ଆମ କୁନି ଝିଅ ଖୁସିରେ ନାଚି ଉଠିଲା । ସତେ ଯେମିତି ମୋଗଲ କାଳର ସେହି ଲାଲକିଲା ଭିତରର ବାସିନ୍ଦାଟିଏ ପାଲଟିଗଲା ସେ ।

ବିସ୍ମୟାଭିଭୂତ ହେଇ ଦେଖୁଥାଉ ଆମେ ତାର ବିରାଟ କଳେବରକୁ, ନିପୁଣ ଭାସ୍କର୍ଯ୍ୟରେ ଝଲ୍ ମଲ୍ ତାର ଅଳିନ୍ଦମାନଙ୍କୁ , ସୂକ୍ଷ୍ମ କମକୁଟ କରା ବିରାଟକାୟ ଦରଜା ଓ ଗବାକ୍ଷ ମାନଙ୍କୁ । ଆହା ! କେଡ଼େ ସୌନ୍ଦର୍ଯ୍ୟ ପିପାସୁ, କଳା ପିପାସୁ ହେଇ ନଥିବେ ସେଇ ଶାସକମାନେ, କେତେ କୁଶଳୀ କେତେ ସ୍ଥିତପ୍ରଜ୍ଞ ହେଇ ନଥିବେ ସେ କାରିଗର ଓ ଶିଳ୍ପୀ ମାନେ ! କେତେ ଧୈର୍ଯ୍ୟ, କେତେ ନିଷ୍ଠାରେ ସେ ଚଳେଇ ନଥିବେ ତାଙ୍କର ନିହାଣ, ମୁଗୁର । ଯୋଉଥିପାଇଁ ମୋଗଲ୍ ଯୁଗରେ ନିର୍ମିତ ଏହି ଐତିହାସିକ ସ୍ମାରକ ଲାଲ୍‌କିଲା ଆଜି ସ୍ଥାପତ୍ୟର ଏକ ଉତ୍କୃଷ୍ଟତମ ନମୂନା ଆଉ ୟୁନେସ୍କୋ ଦ୍ୱାରା ନିର୍ବାଚିତ ଏକ ବିଶ୍ୱ ଐତିହ୍ୟ ସ୍ଥଳ (world heritage) ପାଲଟିଛି ।

## ଇତିହାସ ଯାହା କୁହେ

୧୬୨୭ ଖ୍ରୀଷ୍ଟାବ୍ଦରେ ଯେତେବେଳେ ମୋଗଲ ବାଦଶାହ ଶାହାଜାହାନ ରାଜଗାଦିରେ ଅଭିଷିକ୍ତ ହେଲେ, ସେତେବେଳେ ଭାରତରେ ଶାନ୍ତି ସମୃଦ୍ଧିର ବାତାବରଣ । କଳାପ୍ରେମୀ ଶାହାଜାହାନଙ୍କର ସ୍ଥାପତ୍ୟ ପ୍ରତି ବିଶେଷ ରୁଚି ଥିଲା । ସୁରୁଚିପୂର୍ଣ୍ଣ, କଳା ଓ ଭାସ୍କର୍ଯ୍ୟରେ ଭରପୁର ଭବନ ନିର୍ମାଣ



କରାଇବା ତାଙ୍କର ଏକ ପ୍ରକାର ନିଶା ଥିଲା । ଆଗ୍ରା ଭାରତର ରାଜଧାନୀ ଥିଲା ବେଳେ ସେଠାକାର ପ୍ରଚଣ୍ଡ ଗରମରେ ସେ ଅତିଷ୍ଠ ହୋଇ ଦିଲ୍ଲୀରେ ନିଜ ରାଜଧାନୀ ସ୍ଥାପନ କରେଇବାକୁ ମନ ବଳାଇଥିଲେ । ଦୁର୍ଗ ନିର୍ମାଣ ନିମନ୍ତେ କଳକଳ ଛଳଛଳ ସେ ସମୟର ଯମୁନା ନଦୀ ନିକଟବର୍ତ୍ତୀ ତାଲକଟୋରା ବଗିଚା (ବର୍ତ୍ତମାନର ତାଲକଟୋରା ଷ୍ଟାଡିୟମ) ଓ ରାୟସୀନା ପାହାଡ଼ (ବର୍ତ୍ତମାନ ରାଷ୍ଟ୍ରପତି ଭବନ) ମଧ୍ୟବର୍ତ୍ତୀ ଭୂମିକୁ ଚୟନ କରାଗଲା । ୧୬୩୮ ଖ୍ରୀଷ୍ଟାବ୍ଦରେ ତଦାରଖ କାମ ଆରମ୍ଭ ହେଇ ୧୬୩୯ ଖ୍ରୀଷ୍ଟାବ୍ଦରେ ଏହାର ମୂଳଦୁଆ ପଡ଼ିଥିଲା । ଅନ୍ୟୁନ ଗୋଟିଏ ଦଶନ୍ଧି ଧରି ସ୍ଥପତି, ଶିଳ୍ପୀ, କାରିଗର ଓ ମୂଲିଆ ମାନଙ୍କର ଅକ୍ଲାନ୍ତ ପରିଶ୍ରମ ଫଳରେ ୧୬୪୮ ଖ୍ରୀଷ୍ଟାବ୍ଦରେ ପୂର୍ଣ୍ଣତା ପ୍ରାପ୍ତ କରିଥିଲା ବିଶ୍ୱର ସର୍ବଶ୍ରେଷ୍ଠ ଏଇ ଲାଲ୍‌କିଲା । ମୋଗଲ୍ କାଳର ପ୍ରସିଦ୍ଧ ବାସ୍ତୁଶାସ୍ତ୍ରୀ ଓସ୍ତାଦ୍ ଅହମଦ୍ ଲାହୋରୀ, ବିଶ୍ୱର ଅନ୍ୟତମ ସପ୍ତାଶ୍ଚର୍ଯ୍ୟ ଆଗ୍ରାର ତାଜମହଲର ଭବ୍ୟ ରୂପ ଯିଏ ଦେଇଥିଲେ ତାଙ୍କୁ ହିଁ ଶାହାଜାହାନ ନିଯୁକ୍ତି ଦେଇଥିଲେ ଲାଲ୍‌କିଲାର ରୂପରେଖ ନିର୍ଦ୍ଧାରଣ କରିବା ପାଇଁ । ସିଏ ନିଜର ସମସ୍ତ ବିବେକଶୀଳତା ଓ କଳ୍ପନାଶୀଳତା ବିନିଯୋଗ କରି ଏହାକୁ ଆକର୍ଷକ ଓ ଭବ୍ୟ ରୂପ ପ୍ରଦାନ କରିଥିଲେ । ଶାହାଜାହାନ ଏହି ନଗରୀକୁ ସ୍ଥାପନା କରି ନାମକରଣ କରିଥିଲେ ଶାହଜହାନାବାଦ୍ ।

ବିବାଦ ଘେରରେ ପଶିବା ଜମା ଗ୍ରହଣୀୟ ନୁହେଁ । ମିଛସତ ଜଣାନାହିଁ, ତଥାପି ଟିକେ ମୁହଁ ମାରିଦେଲେ କ୍ଷତି କଣ ? କୁହାଯାଏ, ଏଗାରଶହ ଶତାବ୍ଦୀରେ ତୋମର ରାଜା ଅନଙ୍ଗପାଳ ଦ୍ୱିତୀୟ ଦିଲ୍ଲୀ ନଗରୀ ସ୍ଥାପନା କରିଥିଲେ । କେହି କେହି କୁହନ୍ତି, ଅନଙ୍ଗପାଳ ଦ୍ୱିତୀୟ ଅଭିମନ୍ୟୁଙ୍କର ବଂଶଧର ଥିଲେ ଯିଏକି ମହାନ୍ ପୃଥ୍ୱୀରାଜ୍ ଚୌହାନଙ୍କର ଜେଜେବାପା ମଧ୍ୟ ଥିଲେ । 'ଆକବରିନାମା' ଓ 'ଅଗ୍ନିପୁରାଣ' ଅନୁସାରେ ମହାରାଜ ଅନଙ୍ଗପାଳ ଲାଲକୋଟ୍ ବା ଲାଲ୍ ହବେଲି ତିଆରି କରିଥିଲେ । ୧୩୯୮ରେ ତୈମୁରଲଙ୍ଗ୍ ମଧ୍ୟ ଲାଲ ହାବେଲି କଥା ଲେଖିଛନ୍ତି । କବି ଚନ୍ଦ୍ ବରଦାଇଙ୍କ 'ପୃଥ୍ୱୀରାଜ ରାସୋ' ଗ୍ରନ୍ଥରେ ମଧ୍ୟ ଲାଲ କୋଟର ବର୍ଣ୍ଣନା ରହିଛି । ଏହିସବୁ ତଥ୍ୟ ଅନୁଯାୟୀ ଶାହାଜାହାନ ଲାଲ୍ କୋଟ୍‌କୁ ହିଁ ପରିମାର୍ଜିତ କରି ତାକୁ ପାରସୀ ରୂପ ଦେଇଥିଲେ । ଲାଲ୍ କୋଟ୍‌କୁ ସମ୍ମାନ ଦେଇ ତାର ନାମ ସମ୍ପୂର୍ଣ୍ଣ ନ ବଦଳେଇ ଲାଲ୍‌କିଲା ରଖିଥିଲେ । ଯଦି ସେ ସମ୍ପୂର୍ଣ୍ଣ ଲାଲ୍‌କିଲା ନିଜେ ତିଆରି କରିଥାନ୍ତେ ହୁଏତ ଅନ୍ୟ କୌଣସି ପାରସୀ ନାମ ଦେଇଥାନ୍ତେ । ଏସବୁ ତ ଅନୁମାନ ମାତ୍ର । କିନ୍ତୁ ଯାହା ବି ହେଉ ଆମେ ଭାରତବାସୀ ସତେ କେତେ ଭାଗ୍ୟବାନ ! ଏପରି ଆଶ୍ଚର୍ଯ୍ୟଜନକ କଳାକୃତି ଓ ବିସ୍ମୟକର ଐତିହାସିକ ସ୍ମାରକ ସମୂହକୁ ଆମର ବୋଲି କହି ପାରୁଛୁ ।

ଶାହାଜାହାନଙ୍କ ପରେ ତାଙ୍କର ପୁତ୍ର ଔରଙ୍ଗଜେବ୍ ଦିଲ୍ଲୀ ସିଂହାସନରେ ବସିଥିଲେ ଓ ଲାଲ୍‌କିଲା ଭିତର ପରିସରରେ ମୋତି ମସ୍‌ଜିଦ ତିଆରି କରାଇଥିଲେ । ସତରଶହ ଶତାବ୍ଦୀରେ ଜହନ୍ଦର ଶାହଙ୍କ ପରେ ତିରିଶି ବର୍ଷ ଧରି ଦିଲ୍ଲୀ ସିଂହାସନ ରିକ୍ତ ପଡ଼ିଥିଲା । ପରେ ନାଦିର ଶାହଙ୍କ ଶାସନ ଅନ୍ତେ ଅଠର ଶହ ଶତାବ୍ଦୀର ସେଇ କଳଙ୍କିତ ସମୟ ଆସିଥିଲା ଓ ଲାଲ୍‌କିଲାକୁ ଇଂରେଜମାନେ ଅଧିକାର କରିନେଲେ । ଧ୍ୱସ୍ତ କଲେ ତାର କିୟଦଂଶ । ତାକୁ ନଷ୍ଟଭ୍ରଷ୍ଟ କଲେ, ଆମ ଭାରତ ଭୂମିକୁ ନଷ୍ଟଭ୍ରଷ୍ଟ କଲେ । ଦେଶ ସ୍ୱାଧୀନ ହେବା ପରେ ୧୯୪୭ ମସିହା ଅଗଷ୍ଟ ପନ୍ଦର ଦିନ ନିଶାର୍ଦ୍ଧରେ ସ୍ୱର୍ଗତ ପଣ୍ଡିତ ଜବାହରଲାଲ ନେହେରୁ ଲାଲ୍‌କିଲାର ପ୍ରାଚୀର ଉପରୁ ତ୍ରିରଙ୍ଗା ଲହରେଇ ପ୍ରଥମ ଉଦ୍‌ବୋଧନ ଦେଇଥିଲେ । ତାପରେ ସୈନ୍ୟ ପ୍ରଶିକ୍ଷଣ ନିମନ୍ତେ ଏହାକୁ ବ୍ୟବହାର କରାଗଲା । ଏହାର ଆକର୍ଷଣୀୟ ରୂପ ପାଇଁ ପର୍ଯ୍ୟଟନର ମୁଖ୍ୟ କେନ୍ଦ୍ର ରୂପେ ପରିଗଣିତ ହେଲା ଓ ୨୦୦୭ ମସିହାରେ ବିଶ୍ୱ ଐତିହ୍ୟ ସୂଚିରେ ଏହାର ନାମାଙ୍କନ ହେଲା ।

## ନିର୍ମାଣ ଓ ରୂପରେଖ

ଦିଲ୍ଲୀ ଲାଲ୍‌କିଲାର ଆକାର ଆକବରଙ୍କ ନିର୍ମିତ ଆଗ୍ରା ଲାଲ୍‌କିଲାର ଆକାର ଠାରୁ ଅନ୍ତତଃ ଦୁଇଗୁଣ ବଡ଼ । ପୂର୍ବରୁ ଥିବା ଶେରଶାହ ସୁରିଙ୍କ ପୁତ୍ର ସଲିମଶାହ ସୁରି ନିର୍ମାଣ କରିଥିବା ସଲିମଗଡ଼ କିଲାର ପୂର୍ବ ସୀମାକୁ ଲାଗି ଏହା ନିର୍ମିତ । ଏହାକୁ ଚାରିପଟୁ ଘେରି ରହିଛି ଲାଲ୍ ବାଲିଆ ପଥରରେ ତିଆରି ଅଢ଼େଇ






HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com



କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏକ ବିଶାଳ ପ୍ରାଚୀର । ତିନି ପଟକୁ ଗଡ଼ଖାଇ ମାନଙ୍କରେ ଭରପୁର ଜମୁନାର ପାଣି । ସେଥିରେ ରଙ୍ଗବେରଙ୍ଗ ମାଛ ପହଁରୁଥିଲେ । ଯମୁନା ନଈ ପଟକୁ ଏହି ପ୍ରାଚୀରର ଉଚ୍ଚତା ପ୍ରାୟ ଷାଠିଏ ଫୁଟ୍ ଓ ନଗର ପଟକୁ ଏହାର ଉଚ୍ଚତା ପ୍ରାୟ ୧୧୦ ଫୁଟ୍ ।

୧୮୫୭ ସିପାହୀ ବିଦ୍ରୋହ ପରେ ବର୍ବର ବ୍ରିଟିଶ ସୈନିକ ମାନେ ଏହାକୁ ମୁଖ୍ୟ ଶିବିର ରୂପେ ବ୍ୟବହାର କଲେ । ଏହାର ସୁରୁଚିପୂର୍ଣ୍ଣ ମଣ୍ଡପ, ମନୋରମ ଉଦ୍ୟାନ ଓ ଜଳାଶୟ ସବୁକୁ ଧ୍ୱଂସ କରିଦେଲେ । ୧୯୦୩ ମସିହାରେ ସାମାନ୍ୟ କିଛି ବଗିଚା ଓ ନଷ୍ଟ ଅଂଶମାନଙ୍କର ପୁନରୁଦ୍ଧାର କରା ଯାଇଥିଲା ।

## ବାସ୍ତୁକଳା

ପାରସ୍ୟର ପ୍ରଣାଳୀ, ଭାରତୀୟ ସୂକ୍ଷ୍ମ କାରୁକାର୍ଯ୍ୟ ଓ ୟୁରୋପୀୟ କଳାର ସମ୍ମିଶ୍ରଣରେ ଏହି ଭବ୍ୟ ଅନୁପମ ସ୍ମାରକର ନିର୍ମାଣ, ଯାହା ଶାହାଜାହାନୀ ଶୈଳୀ ରୂପେ ବିଶ୍ୱବିଖ୍ୟାତ । ଏହି ଶୈଳୀକୁ ରଙ୍ଗ, ଚିତ୍ରଣ ଓ ଉତ୍କୃଷ୍ଟ ସଜ୍ଜାକୁ ଦେଖି ଶାହାଜାହାନୀ ଶୈଳୀ ବୋଲି କେହି କେହି କହିଥାନ୍ତି । ଔରଙ୍ଗଜେବଙ୍କ ଦ୍ୱାରା ନିର୍ମିତ ସୁଚିକ୍କଣ କମକୁଟ କରା ଏହି ଘୁଁଘଟବାଲି ଦିଓ୍ୱାର



ଜୁଲାଇ ମାସରଚିତ୍ର : ଜଳାର୍ଣ୍ଣବ ଲାଲ୍‌କିଲା

ନାମକ ପ୍ରାଚୀରରେ ଦୁଇଟି ମୁଖ୍ୟ ପ୍ରବେଶଦ୍ୱାର ଅଛି । ଲାହୋରୀ ଗେଟ୍ ଓ ଦିଲ୍ଲୀ ଗେଟ୍ । ଦକ୍ଷିଣ ପାର୍ଶ୍ୱରେ ଥିବା ଦିଲ୍ଲୀ ଗେଟ୍ ଜାମା ମସଜିଦ ଆଡ଼କୁ ଖୋଲିଥାଏ । ବାଦଶାହ ଏହି ବାଟେ ନମାଜ ପଢ଼ିବାକୁ ଯାଉଥିଲେ ମସଜିଦକୁ । ବର୍ତ୍ତମାନ ତାର ଦୁଇ ପାର୍ଶ୍ୱରେ ଲର୍ଡ କର୍ଜନଙ୍କ ଦ୍ୱାରା ସ୍ଥାପିତ ଦୁଇଟି ପ୍ରସ୍ତରର ହାତୀ ଅଛନ୍ତି । ଚାନ୍ଦିନୀଚୌକ ସମ୍ମୁଖସ୍ଥ ଲାହୋରୀ ଗେଟ୍ ଭିତରେ ଛତ୍ତା ବଜାର । ସେ ସମୟରେ କିଣାବିକା ହେଉଥିଲା ସେଇଠି । ବର୍ତ୍ତମାନ ମଧ୍ୟ ଏଠାରେ ପର୍ଯ୍ୟଟକଙ୍କ ନିମନ୍ତେ ବିଭିନ୍ନ ସଉକିନିଆଁ ଜିନିଷ ମିଳେ ।

ଛତ୍ତା ବଜାରରୁ ବାହାରିଲେ ମନମୋହକ ଚାରି ଗମ୍ବୁଜ ବିଶିଷ୍ଟ ନକ୍କାରଖାନା । ସେଠାରେ ସେ ସମୟରେ ସଙ୍ଗୀତ, ବାଦ୍ୟ ଇତ୍ୟାଦିର ଆସର ଚାଲୁଥିଲା । ତା ସାମ୍ନାରେ ସୁନ୍ଦର ପୁଷ୍କରିଣୀ ଓ ଜଳାଶୟ ମାନ ଥିଲା, ଯାହାର ଏବେ ଚିହ୍ନ ବର୍ଣ୍ଣ ନାହିଁ ।

ନକ୍କାରଖାନା ସିଧାରେ ଦିଓ୍ୱାନେ ଆମ୍ । ସାମାନ୍ୟ ପ୍ରଜାଜନଙ୍କ ଆପତ୍ତି ଅଭିଯୋଗ ଏହିଠାରେ ହିଁ ଶୁଣୁଥିଲେ ବାଦ୍‌ଶାହ । ଅନେକ ଲାଲ୍ ଖମ୍ବ ବିଶିଷ୍ଟ ଅଶି ଫୁଟ ଲମ୍ବା ଓ ଚାଳିଶି ଫୁଟ ଚଉଡ଼ା ବିଶାଳ ଦିଓ୍ୱାନେ ଆମ୍‌ର ଠିକ୍ ମଝାମଝି ବହୁମୂଲ୍ୟ ରତ୍ନ ଖଚିତ ଏକୋଇଶି ଫୁଟ୍‌ର ଖୁବ୍ ସୂକ୍ଷ୍ମ ସୂଚିକାମ ଯୁକ୍ତ ଏକ ବିଶାଳ ମାର୍ବଲର ବେଦିକା ରହିଛି । ତା ଉପର ଛତା ପରି ଛାତରେ ଫୁଲଡାଳ ସବୁ ଖୋଦେଇ ହୋଇଛି । ପୂର୍ବରୁ ସେଥିରେ ସୁନା, ରୂପା, ମୋତି, ମାଣିକ୍ୟ, ହୀରା ଇତ୍ୟାଦି ଖୋଦେଇ ହେଇଥିଲା କିନ୍ତୁ ସେସବୁ ଲୁଣ୍ଠିତ ହୋଇ କେବଳ ଚିହ୍ନ ରହି ଯାଇଛି । ସମୟ ଥିଲା, ସେଇ ମାର୍ବଲ ବେଦିକା ଉପରେ ବହୁ ଚର୍ଚ୍ଚିତ ମୟୂର ସିଂହାସନ ବା ତଖ୍ତ-ଏ-ତାଉସ୍ ଉପରେ ବିରାଜମାନ ହୋଇ ଶାସନ କରୁଥିଲେ ବାଦଶାହ । ତା ତଳେ ଯୋଉଠି ଠିଆ ହେଇ ମନ୍ତ୍ରୀମାନେ ଅଭିଯୋଗ ପତ୍ର ଦାଖଲ କରୁଥିଲେ ସେଇ ମାର୍ବଲର ସୁନ୍ଦର ତକ୍ତପୋଶ୍ ଏ

ପର୍ଯ୍ୟନ୍ତ ରହିଛି, ଶୁଣେଇବାକୁ ସେ ସମୟର ଗୌରବଗାଥା ।

ନବେ ଫୁଟ୍‌ରେ ସତଷଠି ଫୁଟ୍‌ର ଦିୱାନେ ଖାସ୍ ସମ୍ପୂର୍ଣ୍ଣ ଭାବେ ଦୁଗ୍ଧ ଧବଳ ମାର୍ବଲରେ ତିଆରି । ତାର କାରୁକାର୍ଯ୍ୟ ଦେଖିଲେ ଜଣେ ସ୍ୱପ୍ନ ଜଗତକୁ ଚାଲିଯିବା ବିଚିତ୍ର ନୁହେଁ । କୁହାଯାଏ ରୌପ୍ୟ ନିର୍ମିତ ତାର ଛାତ ସମୟକ୍ରମେ ପ୍ରଥମେ ତମ୍ବା ଓ ତାପରେ କାଠରେ ପରିବର୍ତ୍ତିତ କରି ଦିଆ ଯାଇଛି । ଦିୱାନେ ଖାସ୍ ମଝାମଝି ପାଣିର ସ୍ରୋତ ପାଇଁ ଏକ ସୁନ୍ଦର ଅଣ ଓସାରିଆ କେନାଲ ଯାଇଛି ଯାହାକୁ 'ନହର-ଏ-ବହିସ୍ତ' ବା ସ୍ୱର୍ଗର ସ୍ରୋତ କୁହା ଯାଉଥିଲା । ସେଥିରେ ସ୍ଥାନେ ସ୍ଥାନେ ପାଣିର ଫୁଆରା ରହିଛି । ଏହିଠାରେ ହିଁ ଇରାନର ଅତ୍ୟାଚାରୀ ରାଜା ନାଦିରଶାହ ଛଳନା କରି କୋହିନୂର ହୀରା ଚୋରି କରି ନେଇ ଯାଇଥିଲା । ଏହିଠାରେ ହିଁ ଇଂରେଜ ମାନେ ଶେଷ ମୋଗଲ୍ ବାଦଶାହ ବାହାଦୁର ଶାହ ଜଫରଙ୍କ ଉପରେ ମିଛ ମୋକଦ୍ଦମା ଚଳାଇଥିଲେ । ଏହି ଦିୱାନେ ଖାସ୍‌ରେ ହିଁ କାଶ୍ମୀର ବାବଦରେ ବାବରଙ୍କର ପ୍ରସିଦ୍ଧ ପଦଟି ଖୋଦିତ ହୋଇଛି ।



ଏଠାରେ ଥିବା ଦୁର୍ମୂଲ୍ୟ ହୀରା ନୀଳା ଜଡ଼ିତ ଶାହୀ ହମାମ୍ ବା ସ୍ନାନାଗାର ବେଶ୍ ଉପଭୋଗ୍ୟ । ଏଥିରେ ଥଣ୍ଡା ଓ ଗରମ ପାଣିର ଉତ୍ତମ ବ୍ୟବସ୍ଥା ଥିଲା । କୋଉ ଟେକ୍ନୋଲୋଜି ବ୍ୟବହାର କରି ସେମାନେ ଯମୁନାରୁ ଏତେ ଉପରକୁ ପାଣିର ବ୍ୟବସ୍ଥା କରିଥିବେ ଓ ସବୁ ସ୍ଥାନକୁ ଜଳଯୋଗାଣ କରିଥିବେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

ଆମୋଦପ୍ରମୋଦ ପାଇଁ ଥିଲା ଅତ୍ୟନ୍ତ ରମଣୀୟ ରଙ୍ଗମହଲ । ଯାହାକୁ ଥଣ୍ଡା ରଖିବା ସକାଶେ ବିଭିନ୍ନ ସ୍ରୋତ ଓ ଫୁଆରା ଲଗେଇ ଏତେ ପ୍ରକାର ବ୍ୟବସ୍ଥା ହୋଇଥିଲା ଅଥଚ ତାକୁ ଇଂରେଜ ମାନେ ରୋଷେଇ ଶାଳ କରି ନିଆଁ ଧୂଆଁ ଲଗେଇଦେଲେ । ତା ସମ୍ମୁଖସ୍ଥ ଅତ୍ୟନ୍ତ ସୌନ୍ଦର୍ଯ୍ୟଯୁକ୍ତ ଫୁଲ ବଗିଚା 'ହୟାତ୍-ଏ-ବାଗ୍' ଥିଲା, ଯାହା ନଷ୍ଟ ହେଇ ଯାଇଛି ।



ଏହା ବ୍ୟତୀତ ଏଠାରେ ଅଛି ହଥିଆପୁଲ, ହୀରାମହଲ, ମୁମତାଜ ମହଲ, ଅସଦ୍ ବୁର୍ଜ, ଶାହ ବୁର୍ଜ, ଯାଆଁଳା ଭଉଣୀ ସଦୃଶ ଗୋଟିଏ ଗଢ଼ଣର ସାୱନ ମଣ୍ଡପ ଓ ଭାଦୋ ମଣ୍ଡପ, ଖ୍ୱାବ୍‌ଗାହ ଇତ୍ୟାଦି ଇତ୍ୟାଦି । ସୀମିତ ଶବ୍ଦାବଳୀରେ ସବୁ ବର୍ଣ୍ଣନା କରିବା ସହଜସାଧ୍ୟ ମୋଟେ ନୁହେଁ ।

ଏଠାରେ ଅଛି 'ମିଜ୍ୱାନେ ଅଦଲ୍' ଅର୍ଥାତ୍ ନ୍ୟାୟ ନିକିତି ଖୋଦେଇ ହେଇଥିବା ତଶବିଶ୍‌ଖାନା । ଯମୁନା ନଦୀ ପଟର ମୁସମ୍ମନ୍ ବୁର୍ଜର ତଳେ ଥିବା ଗୁପ୍ତ ଦ୍ୱାରରୁ ଶାହାଜାହାନ ପ୍ରଥମେ ଯମୁନା ନଦୀ ଦେଇ ଆଗ୍ରାରୁ ଆସି ଲାଲ୍‌କିଲାରେ ବଡ଼ ଧୁମ୍‌ଧାମ୍‌ରେ ପ୍ରବେଶ କରିଥିଲେ । ଏହି ବୁର୍ଜରୁ ସେ ସାଧାରଣ ଜନତାଙ୍କୁ ଦର୍ଶନ ଦେଉଥିଲେ । ଏହିଠାରେ ହିଁ ୧୮୫୭ରେ ବାହାଦୁର ଶାହ ଜଫର ଶେଷଥର ପାଇଁ କ୍ରାନ୍ତିକାରୀମାନଙ୍କୁ ସମ୍ବୋଧିତ କରିଥିଲେ । କିନ୍ତୁ ଆଜିର ମୁସମ୍ମନ୍ ବୁର୍ଜ ପୁରୁଣା ବୁର୍ଜର ନକଲ ମାତ୍ର ।

ଲାଲ୍‌କିଲା, ନିଜର ବିରାଟ କଳେବର ଭିତରେ କେତେ ସ୍ମୃତି କେତେ ଅନୁଭୂତି ସାଇତି ନ ରଖିଛି । ସିପାହୀ ବିଦ୍ରୋହ ଇଏ ଦେଖିଛି, ସୁବାଷ ଚନ୍ଦ୍ର ବୋଷଙ୍କ ଦିଲ୍ଲୀ ଚଲୋ ଆହ୍ୱାନର ସାକ୍ଷ ଇଏ ଦେଇଛି, ଇଂରେଜମାନଙ୍କର କ୍ରୁର ଓ ପାଶବିକ ଅତ୍ୟାଚାରର ଲୁହକୁ ଇଏ ପିଇଛି, ଆଜାଦ୍ ହିନ୍ଦ୍ ଫୌଜ ଉପରେ ମୋକଦ୍ଦମା ଚାଲିଥିଲା ବେଳେ ତାଙ୍କ ସପକ୍ଷରେ ଲଢ଼ିଥିଲେ ପଣ୍ଡିତ ନେହେରୁ, ଭୁଲାଭାଇ ଦେସାଇ ଓ କୈଳାସ ନାଥ କାଟଜୁ । କିଏ କିଏ ହୁଏତ ଭୁଲି ଯାଇଥିବେ, କିନ୍ତୁ ଏ ପର୍ଯ୍ୟନ୍ତ ଲାଲ୍‌କିଲାର ଲାଲ ପ୍ରାଚୀରରେ ପ୍ରତିଧ୍ୱନିତ ହୁଏ ସେ ସମୟର ସ୍ଲୋଗାନ, ଆଉ ହେଉଥିବ ମଧ୍ୟ ।

ସମୟ କାହାକୁ ଅପେକ୍ଷା କରେ ନାହିଁ । କିନ୍ତୁ ଲାଲ୍‌କିଲା ଅପେକ୍ଷା କରିଛି ଆପଣମାନଙ୍କୁ । ଆସି ନ ଦେଖିଲେ ଏହାର ବୈଶିଷ୍ଟ୍ୟ, ଏହାର ମହତ୍ତ୍ୱ, ଏହାର ସୌନ୍ଦର୍ଯ୍ୟ କଳନା କରି ହେବ ନାହିଁ । ବିଶେଷ କରି ସ୍ୱାଧୀନତା ଦିବସରେ ଯେବେ ଆମର ପ୍ରଧାନମନ୍ତ୍ରୀ ତ୍ରିରଙ୍ଗା ଲହରାନ୍ତି, ସେହି ଅଦ୍ଭୁତ କ୍ଷଣ ମାନ ଅକଳ୍ପନୀୟ । ସେହି ସମାରୋହରେ ସାମିଲ ହେଲେ ସମସ୍ତେ ମନଃଶ୍ରୁତିରେ ଅବଶ୍ୟ ଶୁଣି ପାରିବେ ଲାଲ୍‌କିଲାର ଭାବ ବିହ୍ୱଳିତ ସଙ୍ଗୀତ ମୂର୍ଚ୍ଛନା: "ସାରେ ଜହାଁ ସେ ଅଚ୍ଛା, ହିନ୍ଦୁସ୍ତାନ ହମାରା.."

ପ୍ରସଙ୍ଗ-୫




# ସୀମାନ୍ତର ଶେଷ ଗାଁ

## ସୀମାନ୍ତରେ ବିଭାଜନର ସ୍ମୃତିଚାରଣ : ଅଟ୍ଟାରି-ୱାଘା ବର୍ଡରରେ ଧ୍ୱଜାବରୋହଣ


**ଡକ୍ଟର ଫକୀର ମୋହନ ନାହାକ**

ପ୍ରଫେସର ଏବଂ ବିଭାଗୀୟ ମୁଖ୍ୟ: ୟୁନିଭରସିଟି ଇନଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍
ଚଣ୍ଡୀଗଡ଼ ୟୁନିଭରସିଟି, ମୋହାଲି, ପଞ୍ଜାବ, ପିନ୍-୧୪୦୪୧୩
ଫୋନ୍: ୯୯୩୭୨୫୨୪୬୪


ଫଟୋ ସୌଜନ୍ୟ : ଲେଖକ



▲ ଲେଖକ ଡ. ଫକୀର ମୋହନ ନାହାକ

ଷଷ୍ଠ ଶ୍ରେଣୀରେ ପଢ଼ିଲା ବେଳେ ବାପା ମୋ ପାଇଁ ଗୋଟିଏ ହିନ୍ଦୀ ବହି ଆଣିଥିଲେ । ହେଲେ ସେ ବହିଟି ଆମ ପାଠ୍ୟକ୍ରମରେ ନଥିଲା । ସେ ବହିରେ ଗୋଟିଏ କାହାଣୀ ଥିଲା ସହିଦ ଭଗତ ସିଂହଙ୍କ ଉପରେ । ବାପା, ସହିଦ୍ ଭଗତ ସିଂହଙ୍କ ସମ୍ପର୍କରେ ଅଧିକ କିଛି କାହାଣୀ କହିଲା ବେଳେ ଆମେ ଏତେ ତଲ୍ଲୀନ ହୋଇଯାଉ ଯେ, ଆମକୁ ଲାଗେ ଆମେ ଯେମିତି ପଞ୍ଜାବର ସେହି ମାଟିରେ ସହିଦ ଭଗତ ସିଂହଙ୍କ ଗାଁରେ ଅଛୁଁ । ଭଗତ ସିଂହଙ୍କ କଥା କହିଲା ବେଳେ ବାପା ଭାବପ୍ରବଣ ହୋଇଉଠନ୍ତି । ତାଙ୍କ ଆଖିରୁ ଧାର ଧାର ଲୁହ ଝରେ । ତେବେ ସେ ଅଧିକ ଦୁଃଖୀ ହୋଇଯାଆନ୍ତି, ଯେତେବେଳେ ସ୍ୱାଧୀନତୋତ୍ତର ଭାରତ ଏବଂ ବିଭାଜନ ବେଳେ ସୀମାନ୍ତରେ ଘଟିଥିବା ହିଂସା ଓ ଅତ୍ୟାଚାରର କାହାଣୀ କହନ୍ତି । ସାଧାରଣ ଲୋକଙ୍କ ଉପରେ ବିତିଥିବା ସେ ଜଘନ୍ୟ ଲୋମହର୍ଷକ ଘଟଣା କଥା କହନ୍ତି । ତା ପରେ ଏକ ଦୀର୍ଘଶ୍ୱାସ ସହ ଅବସୋସରେ କହନ୍ତି, ମୋତେ ଯଦି ସୁଯୋଗ ମିଳନ୍ତା, ତାହେଲେ ଥରେ ନିଶ୍ଚୟ ସୀମାନ୍ତକୁ ଯାଆନ୍ତି । ସେଠାରେ ଦେଶମାତୃକାର ସୁରକ୍ଷା କରୁଥିବା ଯବାନମାନଙ୍କୁ ସହଯୋଗ କରିଥାନ୍ତି । ଯଦି କିଛି କରିନ ପାରିବି, ତାହେଲେ ସେମାନଙ୍କୁ ଅନ୍ତତଃ ପାଣି ଟିକିଏ ତ ଦେଇ ପାରିବି ।

ସଂଯୋଗ ବଶତଃ ଜୀବନ ଜୀବିକା ପାଇଁ ମୋତେ ପଞ୍ଜାବ ଆସିବାକୁ ପଡ଼ିଛି । ଆଉ ଏଠାକୁ ଆସିବା ପରେ, ସବୁ ସମୟରେ ବାପାଙ୍କ ମନରେ ରହିଥିବା ସେହି ଅବଦମିତ ଇଚ୍ଛା ମନେ ପଡୁଛି । ସୌଭାଗ୍ୟବଶତଃ ଏଥର ବାପା ଆସିଥିଲେ ମୋ ପାଖକୁ । ମୁଁ ଯେତେବେଳେ



ପଚାରିଲି, "ବାପା ଆମେ ଭାରତ-ପାକିସ୍ତାନ ସୀମା ଅଟ୍ଟାରି-ୱାଘା ବୋର୍ଡର ବୁଲିଯିବା ?" ଏଇତକ କଥା ଶୁଣିବା ପରେ ବାପା ବହୁତ ଆନନ୍ଦିତ ହେଇଗଲେ । ବାପାଙ୍କୁ ସାଙ୍ଗରେ ନେଇ ଆମେ ସପରିବାର ଚଣ୍ଡୀଗଡ଼ରୁ ବାହାରିଲୁ ଅମୃତସର । ବାଟସାରା କେତେ କଥା, କେତେ ସ୍ମୃତିଚାରଣ । ପ୍ରାୟ ୪ ଘଣ୍ଟାର ଯାତ୍ରା ପରେ ଆମେ ପହଞ୍ଚିଲୁ ଅମୃତସରରେ । ସେଇଠି ପବିତ୍ର ସ୍ୱର୍ଣ୍ଣମନ୍ଦିର ଦର୍ଶନ କରିବା ପାଇଁ ଲାଗିଥିଲା ଏକ ବିରାଟ ଲମ୍ବା ଧାଡ଼ି । ଆମେ ସମସ୍ତେ ଧାଡ଼ିରେ ଠିଆ ହେଲୁ । ଯଦିଓ ପ୍ରାୟ ୩ ଘଣ୍ଟାର ପ୍ରତୀକ୍ଷା ପରେ ଆମକୁ ଦର୍ଶନ ମିଳିଲା, ତଥାପି ତାହା ଥିଲା ସ୍ମରଣୀୟ ଏବଂ ସୁଖଦ । ଏ ସବୁ ଭିତରେ ବାପାଙ୍କ ମନ ଉଡୁଥାଏ କେବଳ ସୀମାନ୍ତରେ ପହଞ୍ଚିବା ପାଇଁ । ଦିନ ପାଖାପାଖି ଦୁଇଟା । ସ୍ୱର୍ଣ୍ଣମନ୍ଦିର ଦର୍ଶନ ପାଇଁ ଦେଶ ଦେଶାନ୍ତରରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁ, ଅନୁଗାମୀ ଓ ପର୍ଯ୍ୟଟକଙ୍କ ସହିତ ଆମେ ବି ସାମିଲ ହୋଇଥିଲୁ ଲଙ୍ଗରରେ (ଭୋଜନାଳୟ) । ସୁଜଳା ସୁଫଳା ତଥା ପ୍ରତିପତ୍ତିସମ୍ପନ୍ନ ପଞ୍ଜାବରେ ଲୋକମାନେ କହନ୍ତି, ଏଠାରେ କେହି କେବେ ଉପାସେ ରହିବ ନାହିଁ । ସେଥିପାଇଁ ତ ଗାଁ ଗାଁରେ, ପ୍ରତି ସହରରେ ଅନେକ ଗୁରୁଦ୍ୱାରା । ସବୁଠି ସମସ୍ତଙ୍କ ପାଇଁ ଲଙ୍ଗର ଆଉ ଭୋଜନ ବ୍ୟବସ୍ଥା । ଆମେ ସମସ୍ତେ ଲଙ୍ଗରରେ ପ୍ରସାଦ ସେବନ କରିବା ପରେ ସିଧା ବାହାରିଲୁ ଭାରତ-ପାକିସ୍ତାନ ସୀମା ଅଭିମୁଖେ । ଅଖଣ୍ଡ ଭାରତର ପୂର୍ବରୁ ପଶ୍ଚିମକୁ ଅର୍ଥାତ୍ ବାଂଲାଦେଶ ଠାରୁ ପାକିସ୍ତାନ ଓ ଆଫଗାନିସ୍ତାନ ଯାଏଁ ଲମ୍ବି ଯାଇଥିବା ଏସିଆ ମହାଦେଶର ଅନ୍ୟତମ ସର୍ବପୁରାତନ ଗ୍ରାଣ୍ଡ ଟ୍ରଙ୍କ୍ ରୋଡରେ ଅମୃତସରରୁ ପ୍ରାୟ ୩୨ କିଲୋମିଟର ଗଲା ପରେ ପଡ଼େ ଭାରତ-ପାକିସ୍ତାନର ସୀମା-ଅଟ୍ଟାରି-ୱାଘା ବର୍ଡର ।

ଅଟ୍ଟାରି ହେଉଛି ଭାରତୀୟ ସୀମାର ଶେଷ ଗାଁ । ସେହିଭଳି ପାକିସ୍ତାନ ପଟ୍ଟ ଶେଷ ଗାଁ ହେଉଛି ୱାଘା । ଅନେକ ବର୍ଷ ଯାଏଁ ଏହି ସୀମାନ୍ତକୁ ୱାଘା ବର୍ଡର କୁହା ଯାଉଥିଲା । କିନ୍ତୁ ୨୦୦୭ ସେପ୍ଟେମ୍ବରରେ ପଞ୍ଜାବ ସରକାରଙ୍କ ପ୍ରସ୍ତାବକୁ ଗ୍ରହଣ କରି ଭାରତ ସରକାର ଏହାର ନାଁ ବଦଳାଇ କରିଛନ୍ତି ଅଟ୍ଟାରି ବର୍ଡର୍ । ସେ ସମୟରୁ ଏହାର ସରକାରୀ ନାଁ ଅଟ୍ଟାରି ବର୍ଡର ହୋଇଥିଲେ ବି, ବହୁ ପୂର୍ବରୁ ଚଳି ଆସିଥିବା ନାଁରେ କହନ୍ତି ସାଧାରଣ ଲୋକେ । ଆମେ କଥା ହେଉ ହେଉ କେତେବେଳେ ସୀମାନ୍ତରେ ପହଞ୍ଚି ଯାଇଥିଲୁ ଜଣା ପଡ଼ିଲାନି ।

ଟ୍ୟାକ୍ସିରୁ ଓହ୍ଲାଇବା ପରେ ବହୁ ଦୂରରୁ ହିଁ ଆମେ ଦେଖି ପାରୁଥିଲୁ ଅତି ଉଚ୍ଚରେ ଉଡୁଥିବା ଭାରତ ଓ ପାକିସ୍ତାନର ଜାତୀୟ ପତାକା । ଜୁନ୍ ମାସର ପ୍ରବଳ ଗରମ ଓ ଗୁଳୁଗୁଳିକୁ ଖାତିର ନକରି ସୀମାନ୍ତକୁ ଲାଗିଥିଲା ଦେଶ ଦେଶାନ୍ତରରୁ ଆସିଥିବା ପର୍ଯ୍ୟଟକଙ୍କ ଲମ୍ବାଧାଡ଼ି । ସମସ୍ତଙ୍କ ମୁହଁରେ ଏକ ଅଭୂତପୂର୍ବ ଉତ୍ସାହ । ସେଠାରେ ବୁଲାବିକାଳିଙ୍କ ଭିଡ଼ । ସମସ୍ତେ ବିକୁଥାନ୍ତି ବିଭିନ୍ନ ଆକାରର ତ୍ରିରଙ୍ଗା । ଆମ ଜାତୀୟ ପତାକା, ତ୍ରିରଙ୍ଗା ଚିତ୍ରିତ ଟୋପି, ଛତା, ବିଞ୍ଚଣା, ବ୍ୟାଜ୍ ଏମିତି କେତେ କଣ । କିଛି ଚିତ୍ରଶିଳ୍ପୀ ସେଠାରେ ବସିପର୍ଯ୍ୟଟକଙ୍କ ମୁହଁରେ ରଙ୍ଗତୁଳୀରେ ଆଙ୍କି ଦେଉଥାନ୍ତି ତ୍ରିରଙ୍ଗା । ପ୍ରତ୍ୟେକଙ୍କୁ ଦେଖିଲେ ମନେ ହେଉଥିଲା ସତେ ଯେମିତି ଦେଶଟାକୁ ସେମାନେ ନିଜ ଭିତରେ ସବୁ ଦିନ ପାଇଁ ସାଇତି ନେଉଛନ୍ତି । ଆମେ ସୀମାର ନିକଟତର ହେଉଥିଲୁ । ଆମେ ବି କିଣିଥିଲୁ ତ୍ରିରଙ୍ଗା ଚିହ୍ନିତ ଟୋପି, ଛତା ଆଉ ଆମ ସମସ୍ତଙ୍କ ପ୍ରିୟ ଜାତୀୟ ପତାକା ।

ସେହି ଟୋପିଟା ପିନ୍ଧୁ ପିନ୍ଧୁ ତ୍ରିରଙ୍ଗାକୁ ହାତରେ ଧରି ବାପା କହିଲେ, "କେବେ କାହାରି ହୋଇନଥିବା ମାଟି, ଅବିଭାଜିତ ଆକାଶ, ଚିର ପ୍ରବାହିତ ପବନ ଏବଂ ସଦା କଳକଳ ନାଦରେ ବହି ଯାଉଥିବା ଶତଦ୍ରୁର ରୂପ, ରଙ୍ଗ କି କଳେବର ଦେଖିନଥିବା ଲୋକଟେ, ହଠାତ୍ ଟେବୁଲ୍ ଉପରେ ଥିବା ମାନଚିତ୍ର ଦେହରେ ନାଲି ଗାରଟିଏ ଟାଣି ଦେଇ ଭାଗ ବାଣ୍ଟି ଦେଲା ଏ ସମସ୍ତଙ୍କୁ । ବିଭାଜିତ କରିଦେଲା ଅଖଣ୍ଡ ଭାରତକୁ । ବିଖଣ୍ଡିତ କରିଦେଲା ସିନ୍ଧୁ ସଭ୍ୟତାକୁ । ବୁଣି ଦେଇ ଗଲା ବ୍ୟଥା, ବେଦନା ଓ ବିଦ୍ରୋହର ବୀଜ ।" ହଁ .. ଇଂରେଜ ଅଧିବକ୍ତା ସାର୍ ସିରିଲ୍ ରେଡକ୍ଲିଫ୍ ନିଜ ହାତରେ ଭାଙ୍ଗି ଦେଇଥିଲେ ଏ ଦେଶକୁ ।






କଚ୍ଛରୁ କାଶ୍ମୀର ଯାଏଁ ଦେଶର ଉତ୍ତର-ପଶ୍ଚିମ ଭାଗକୁ ଏମିତି ଅବିଚାରିତ ଭାବେ ବିଭାଜିତ କରାଗଲା ଯେ, ତା ପରବର୍ତ୍ତୀ ବିଭ୍ରାଟ ଏବଂ ଭୟାବହତା ସମଗ୍ର ବିଶ୍ୱ ଇତିହାସରେ ସୃଷ୍ଟି କରିଥିଲା ଏକ କଳଙ୍କିତ ଅଧ୍ୟାୟ, ଲୋମହର୍ଷକ ଇତିବୃତ୍ତ । ଏହି କଥା କହିଲା ବେଳକୁ ବାପାଙ୍କ ମୁହଁରେ ଥିଲା କ୍ରୋଧ ଓ କାନ୍ଦର ଏକ ମିଶ୍ରିତ ଭାବ ।



କଥାବାର୍ତ୍ତା ଭିତରେ ଆମେ ସିକ୍ୟୁରିଟି ଗେଟ୍‌ପାଖରେ ପହଞ୍ଚି ସାରିଥିଲୁ । ସୀମା ସୁରକ୍ଷା ବଳ ଓ ସେନାର ଯବାନମାନେ ନିୟୋଜିତ ଥିଲେ ସେଠାରେ । ବାପା ସେଇଠି ସେ ମାଟିକୁ ଭୂମିସ୍ପର୍ଶ କରି ପ୍ରଣାମ କଲେ । ତା ପରେ ସେଠାରେ ନିୟୋଜିତ ଯବାନ୍‌ମାନଙ୍କୁ ସାଲ୍ୟୁଟ୍ କଲେ । ଆମର ସିକ୍ୟୁରିଟି ଚେକ୍ ସରିବା ପରେ ଗ୍ୟାଲେରି ଭିତରକୁ ପ୍ରବେଶ କରିଥିଲୁ ଆମେ । ସେତେବେଳକୁ ଅନେକ ଲୋକ ଆଗରୁ ଯାଇ ବସି ସାରିଥିଲେ ଗ୍ୟାଲେରିରେ । ଆମେ ଗ୍ୟାଲେରିରେ ବସିଲା ବେଳକୁ ଚଟାଣ ତାତି ଯାଇଥାଏ । ଅପରାହ୍ଣ ଚାରିଟା ବାଜିଲାଣି ସେତେବେଳକୁ । କିନ୍ତୁ ଗରମ କହିଲେ ନସରେ ।

ଏହି ଅଟ୍ଟାରି-ୱାଘା ସୀମାନ୍ତରେ ଏକମାତ୍ର ଆକର୍ଷଣ ଧ୍ୱଜାବରୋହଣ ଉତ୍ସବ । ଆଉ ଏହି ଉତ୍ସବ ଆରମ୍ଭ ହୁଏ ସୂର୍ଯ୍ୟାସ୍ତର ପ୍ରାୟ କୋଡ଼ିଏ ମିନିଟ୍ ପୂର୍ବରୁ । ଏଣେ ଭାରତର ପଶ୍ଚିମ ସୀମାନ୍ତରେ ସୂର୍ଯ୍ୟାସ୍ତ ହେଲା ବେଳକୁ ପ୍ରାୟ ସାଢ଼େ ସାତଟା ବାଜେ । ତା ମାନେ ଆମକୁ ଆହୁରି ତିନି ଘଣ୍ଟା ଅପେକ୍ଷା କରିବାକୁ ପଡ଼ିବ ଧ୍ୱଜାବତରଣ ଦେଖିବା ପାଇଁ ।

କ୍ରମଶଃ ଭାରତ ପଟରେ ଥିବା ଗ୍ୟାଲେରିରେ ଲୋକଙ୍କ ଭିଡ଼ ବଢ଼ୁଥାଏ । କିନ୍ତୁ ପାକିସ୍ତାନ ପଟ ଗ୍ୟାଲେରି ଖାଲି । ଯଦି ଏପଟେ ଶହେ ଜଣ ଲୋକ ଅଛନ୍ତି, ତାହେଲେ ସେପଟେ ମାତ୍ର ଦଶ ଜଣ । ମୋଟାମୋଟି ଉଭୟ ଦେଶର ଲୋକସଂଖ୍ୟାର ଆନୁପାତିକ ଉପସ୍ଥାନ ଓ ପ୍ରଦର୍ଶନ ବୋଲି କହିଲେ ଭୁଲ୍ ହେବନି । ଭାରତରୁ ପାକିସ୍ତାନକୁ ଲମ୍ବି ଯାଇଥିବା ରାଜମାର୍ଗର ଦୁଇ ପଟେ ଏବଂ ଉପରେ ନିର୍ମାଣ ହୋଇଛି ଗ୍ୟାଲେରି । ସେହି ଗ୍ୟାଲେରିରେ ଦର୍ଶକ ଭରପୂର । ସିଂହଭାଗଙ୍କ ହାତରେ ତ୍ରିରଙ୍ଗା । ମନେ ହୁଏ ଯେମିତି ସେଇଠି ଚାଲିଛି ସ୍ୱାଧୀନତା ଦିବସ ପାଳନ ଉତ୍ସବ । ଏଣେ ଏତେ ସମୟ ଧରି ପର୍ଯ୍ୟଟକ ଓ ଦର୍ଶକଙ୍କୁ ବାନ୍ଧି ରଖିବାର କଳା ବେଶ୍ ଜାଣନ୍ତି ଆମର ଯବାନମାନେ । ଜଣେ ଯବାନ ଉଦଘୋଷକର ଦାୟିତ୍ୱ ନିର୍ବାହ କରୁଥାନ୍ତି । ହାତରେ ମାଇକ୍ରୋଫୋନ୍ ଧରି ଦିଅନ୍ତି ସ୍ଲୋଗାନ୍: ଭାରତ ମାତା କି .. ସମସ୍ତ ଗ୍ୟାଲେରିରୁ ଏକ ସ୍ୱରରେ ଭାସି ଆସେ .. ଜୟ .. ବନ୍ଦେ .. ମାତରମ୍ .. ହଜାର ହଜାର ଲୋକଙ୍କ ମୁହଁରୁ ଏକା ସଙ୍ଗରେ ଭାରତ ମାତା କି ଜୟ ଧ୍ୱନି ଶୁଣି ବାପା ମୋର ଅଧିକ ଭାବପ୍ରବଣ ହୋଇ ପଡୁଥିଲେ । ସେ ତାଙ୍କର ପାଞ୍ଚ ଓ ସାତ ବର୍ଷର ନାତିନାତୁଣୀଙ୍କ ସହିତ କଣ୍ଠ ଫଟାଇ ଅତି ଉଚ୍ଚସ୍ୱରରେ କହୁଥିଲେ, ଭାରତ ମାତା କି ଜୟ ।




କିଏ କାଶ୍ମୀରରୁ ତ ଆଉ କିଏ କନ୍ୟାକୁମାରୀରୁ, କିଏ କଚ୍ଛରୁ ତ ଆଉ କିଏ କାମରୂପରୁ ଆସିଥିଲେ ସେଠାକୁ । ତେବେ କାହାରି କୌଣସି ପରିଚୟ ନଥିଲା ସେଇଠି । ସମସ୍ତେ ଥିଲେ ଭାରତୀୟ । ଭାରତ ମାତାର ସନ୍ତାନ । ଲାଗୁଥିଲା, ପୂରା ଭାରତବର୍ଷ ଉଭା ହୋଇଛି ସେଇଠି । ସେତେବେଳକୁ ଡାକବାଜି ଯନ୍ତ୍ରରେ ଭାସି ଆସୁଥିଲା ଗୋଟିଏ ପରେ ଗୋଟିଏ ଦେଶାତ୍ମବୋଧକ ସଂଗୀତ । .. ଏ ମେରେ ୱତନ୍ କେ ଲୋଗୋଁ .. ଜରା ଆଁଖ୍ ମେ ଭର୍ ଲୋ ପାନି ... ଏତିକି ବେଳେ ଦେଖିଲି ମୋ ପାଖରେ ବସିଥିବା ଜଣେ ମାଉସୀ ଧାର ଧାର ଲୁହ ଗଡ଼ାଇ କାନ୍ଦୁଛନ୍ତି । ମୁଁ ପଚାରିଲି, "ମାଉସୀ .. ଆପଣ କେଉଁଠୁ ଆସିଛନ୍ତି ?" ତାଙ୍କର ଜବାବ ଥିଲା: "ଆଇ ଆମ୍ ଫ୍ରମ୍ ମଦୁରାଇ .. ତାମିଲନାଡୁ । ମାଇଁ ସନ୍ ଇଜ୍ ଇନ୍ ଆର୍ମି ।" ଜଣେ ବୀର ଯବାନର ମାଆ ମନର ଆବେଗକୁ ଅତି ପାଖରୁ ଦେଖି ପାରୁଥିଲି ମୁଁ । ଇଚ୍ଛା ହେଉଥିଲା ତାଙ୍କୁ କୁଣ୍ଢାଇ ପକାଇ ମାଆ ବୋଲି କହିଦେବି । ମୁଁ ଛଳ ଛଳ ଆଖିରେ ତାଙ୍କୁ କହିଲି, "ଆମ୍ମା .. ୟୁ ଆର୍ ଲକି .. ୟୁ ଆର୍ ବ୍ଲେସ୍ଡ୍ ।"

ଏତିକି ବେଳେ ମୋ ଝିଅ ଠିଆ ହୋଇ ଅତି ଉଚ୍ଚସ୍ୱରରେ ସ୍ଲୋଗାନ ଦେବାରେ ଲାଗି ପଡ଼ିଲା, ଭାରତ ମାତା କି ଜୟ । ଗ୍ୟାଲେରି ମଝିରେ ସମସ୍ତଙ୍କୁ ଦେଶାତ୍ମବୋଧର ନିଆଁରେ ଜାଳିହେବାକୁ ପ୍ରୋତ୍ସାହିତ କରୁଥିବା ସେହି ଉଦ୍‌ଘୋଷକ ଯବାନ ଜଣକ ଘୋଷଣା କଲେ, ଛୋଟ ଝିଅମାନେ ଚାହିଁଲେ ସେହି ମଝି ରାସ୍ତା ଉପରକୁ ଆସି ଦେଶାତ୍ମବୋଧକ ଗୀତର ତାଳେ ତାଳେ ନାଚ କରି ପାରନ୍ତି । ତା ପରେ ଗ୍ୟାଲେରିରୁ ଅତି ଦ୍ରୁତ ଗତିରେ ଓହ୍ଲାଇ ଗଲେ ଛୋଟ ବଡ଼ ଝିଅମାନେ । ମୋ ଝିଅ ବି ଚାଲିଲା ତା ଭିତରକୁ । .. ମେରେ ଦେଶ୍ କି ଧରତୀ ସୋନା ଉଗ୍‌ଲେ .. ଉଗ୍‌ଲେ

ହୀରା ମୋତି .. ଗୀତର ତାଳେ ତାଳେ ନାଚିଲେ ସମସ୍ତେ । ତା ପଛକୁ ପଛ ଆଓ ବଚ୍ଚୋଁ ତୁହ୍ମେ ଦିଖାଏଁ ଝାଁକି ହିନ୍ଦୁସ୍ତାନ କୀ .. ଇସ୍ ମିଟି ସେ ତିଲକ କରୋ ୟେ ଧରତୀ ହେ ବଲିଦାନ କୀ ... ପୁଣି ଆସିଲା .. ତେରେ ମିଟ୍ଟି ମେଁ ମିଲଯାଓ୍ବାଁ .. ତେରେ ନଦୀଓଁ ମେଁ ବହଯାଓ୍ବାଁ ... ଏମିତି ଗୋଟିଏ ପରେ ଗୋଟିଏ ଗୀତ । କେତେ ନିଷ୍ଠୁର ହୃଦୟର ମଣିଷ ହୋଇଥିଲେ ବି, ସେ ସାମୂହିକ ଭାବାବେଗ ଦେଖିଲେ ଯେ କେହି ତରଳି ଯିବ । ଯେ କେହି କାନ୍ଦି ଉଠିବ ।



ଏତିକି ବେଳକୁ, ପାକିସ୍ତାନ ପଟେ ଧୀରେ ଧୀରେ ଲୋକମାନଙ୍କ ଆସିବା ଆରମ୍ଭ ହୋଇ ଯାଇଥାଏ । ଏହାରି ମଝିରେ ଭାରତ ପଟୁ ପାଞ୍ଚ ଜଣ ଯବାନ ଏବଂ ପାକିସ୍ତାନ ପଟୁ ପାକିସ୍ତାନ ରେଞ୍ଜର୍ସର ପାଞ୍ଚ ଜଣ ଯବାନ ଅତି ବୀର ଦର୍ପରେ ନିଜ ନିଜର ପରେଡ୍ ପ୍ରଦର୍ଶନ କରି ସାରିଲେଣି । ଦୁଇ ଦେଶ ମଝିରେ ଦୁଇଟି ଫାଟକ । ଗୋଟିଏ ପାକିସ୍ତାନର ଓ୍ବାଘା ପଟୁ ଏବଂ ଅନ୍ୟଟି ଭାରତ ପଟୁ । ଦୁଇଟି ଫାଟକ ମଝିରେ କିଛି ଭୂମି, ଯାହା କାହାରି ନୁହେଁ । ମାନେ ନୋ ମ୍ୟାନ୍ସ୍ ଲ୍ୟାଣ୍ଡ୍ । ଧୀରେ ଧୀରେ ବେଳ ନଇଁ ଆସୁଥାଏ । ପଶ୍ଚିମାକାଶଟା କ୍ରମଶଃ ଅଧିକ ନାଲିଆ ଦେଖା ଯାଉଥାଏ । ସୂର୍ଯ୍ୟ ଅସ୍ତ ହେବାକୁ ଅପେକ୍ଷା କରିଥାନ୍ତି । ହଠାତ୍ ଆରମ୍ଭ ହେଲା ପରେଡ୍ । ଏ ପରେଡ୍ ଦିଲ୍ଲୀର ରାଜପଥ ବା ଆଜିର କର୍ତ୍ତବ୍ୟ ପଥରେ ହେଉଥିବା ଜନରାଜ୍ୟ ଦିବସ ପରେଡ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ।

ଏଇଠି ହାତ ଗଣତି ଯବାନଙ୍କ ପରେଡ୍ । ତାହା ପୁଣି ଦେଖିଲା ଭଳି । ଯବାନମାନଙ୍କ ମୁହଁରେ ବୀର ଭଙ୍ଗିର ରାଜା ନିଶ । ନିଶକୁ ମୋଡ଼ି ଲେଫ୍ଟ ରାଇଟ୍ କଲା ବେଳେ ଗୋଡ଼ ଆଗକୁ ଏତେ ଉଠେ ଯେମିତି କି ସାମ୍ନା ଲୋକର ଛାତିରେ ବାଜିବ । ତା ମାନେ ଛାତିରୁ ଆହୁରି ଉପରକୁ ଉଠାଇ ଗୋଡ଼ ପକାନ୍ତି ଯବାନମାନେ । ଏବେ କିଛି ବର୍ଷ ହେଲା ସୀମା ସୁରକ୍ଷା ବଳରେ ଥିବା ମହିଳା ଯବାନମାନେ ଏହି ପରେଡ୍‌ରେ ସାମିଲ ହେଉଛନ୍ତି ଏବଂ ନିଜର ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ କରୁଛନ୍ତି । ଅନୁରୂପ ଭାବେ ପାକିସ୍ତାନ ପଟୁ ପାକିସ୍ତାନ ରେଞ୍ଜର୍ସମାନଙ୍କ ଭାବ ଭଙ୍ଗୀ । ଏ ସବୁକୁ ଦେଖିଲେ ଯେ କେହି କହିବ, ସତେ ଯେମିତି ଏବେ ଏଇ ମୁହୂର୍ତ୍ତରେ ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ ଲାଗିବ । ଉଭୟ ପକ୍ଷ ପରସ୍ପରର ରକ୍ତ ପିପାସୁ ହୋଇ ଯେମିତି ଅପେକ୍ଷା କରିଛନ୍ତି । କିନ୍ତୁ ପ୍ରକୃତରେ ତାହା ନୁହେଁ । ଏହା କେବଳ ବୀରତ୍ୱର ପ୍ରଦର୍ଶନ ମାତ୍ର । ସୂର୍ଯ୍ୟାସ୍ତର ମାତ୍ର ପାଞ୍ଚ ମିନିଟ୍ ପୂର୍ବରୁ ବିଗୁଲ୍ ବାଜି ଉଠେ । ତା ପରେ ଉଭୟ ପକ୍ଷର ଫାଟକ ଖୋଲି ଯାଏ । ଉଭୟ ପକ୍ଷର ଯବାନ ପରେଡ୍ କରି ପରସ୍ପରର ସାମ୍ନା କରନ୍ତି । ତା ପରେ ଉଭୟଙ୍କ ମଧ୍ୟରେ କରମର୍ଦ୍ଦନ ହୁଏ । ଏହା ସହ ବ୍ୟାଣ୍ଡର ତାଳେ ତାଳେ ସମାନ୍ତରାଳ ଭାବେ ଉଭୟ ଦେଶର ଜାତୀୟ ପତାକା ଅବତଳନ ହୁଏ । ସେନାର ଭାଷାରେ ଏହାକୁ କୁହାଯାଏ ବିଟିଙ୍ଗ୍ ରିଟ୍ରିଟ୍ । ଧ୍ୱଜାବରୋହଣ ପରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସେହି ପତାକାକୁ ନିଜ ନିଜ ପକ୍ଷକୁ ନେଇ ଆସନ୍ତି ଉଭୟ ଦେଶର ଯବାନ । ତା ପରେ ପୁଣି ବନ୍ଦ ହୋଇଯାଏ ଫାଟକ ।




କାର୍ଯ୍ୟକ୍ରମ ସରିଆସିଲା ବେଳକୁ ସୀମାନ୍ତର ଫାଟକ ନିକଟବର୍ତ୍ତୀ ସ୍ଥାନରେ ବସିଥିବା ଦର୍ଶକ ଓ ପର୍ଯ୍ୟଟକମାନେ ସୀମା ସେପଟେ ଥିବା ପାକିସ୍ତାନୀମାନଙ୍କୁ ନିରେଖି ଦେଖନ୍ତି । ଠିକ୍ ସେମିତି ପାକିସ୍ତାନର ଦର୍ଶକ । ଯେମିତିକି ସେମାନଙ୍କ ଆଖି ଖୋଜି ବୁଲୁଛି କେହି ଆତ୍ମୀୟଙ୍କୁ । କାଳେ କେହି ମିଳିଯିବେ, ଯେଉଁମାନେ ହଜି ଯାଇଥିଲେ ଚଉହଦିର ଆରପଟେ ଏ ଦେଶ ବିଭାଜନ ବେଳେ । ଯେଉଁମାନଙ୍କୁ ନପଚାରି ଏ ଦେଶକୁ ଭାଗ ବାଣ୍ଟି ଦିଆଗଲା ଅବିଚାରିତ ଭାବେ । ସମସ୍ତେ ଫେରୁଥିଲେ ଘରମୁହାଁ ହୋଇ । ପଶ୍ଚିମାକାଶରେ ସୂର୍ଯ୍ୟ ଅସ୍ତ ହୋଇ ସାରିଥିଲେ । ହେଲେ ଦିଗ୍‌ବଳୟରେ ସୂର୍ଯ୍ୟାସ୍ତ ପରର ସେ ଉଜ୍ଜ୍ୱଳ ଆକାଶ ସାମ୍ନାରେ ଦୁଇ ଦେଶର ଫାଟକ, ମଣିଷ, ଧ୍ୱଜାସ୍ତମ୍ଭ ସମସ୍ତେ ଯେମିତି ମନେ ହେଉଥିଲେ ଗୋଟିଏ ଗୋଟିଏ ଛାୟାଚିତ୍ର ପରି । ଏଣେ ବାପାଙ୍କ ମୁହଁରେ ଥିଲା ସୀମାନ୍ତ ଦର୍ଶନର ପରିତୃପ୍ତିର ଚିହ୍ନ ଏବଂ ଅଖଣ୍ଡ ଭାରତ ଗଠନକୁ ନେଇ ଅନେକ ଆଶା, ସମ୍ଭାବନା ଓ ସଂଶୟର ପ୍ରଶ୍ନଚିହ୍ନ ।

ଆଇନକାନୁନ୍



**ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପର୍କିତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।**

## ଆଇନ ପରାମର୍ଶ - ୨୩

# ଦଣ୍ଡବିଧି ଧାରା ୪୯୮(ଏ): ଏପାଖସେପାଖ




**ଆଡ଼୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**
ଭୁବନେଶ୍ୱର ବାର୍ ଏସୋସିଏସନ୍
ଫୋନ : ୯୩୦୯୧୧୯୬୨୫


ନାରୀମାନଙ୍କ ଉପରେ ଅତ୍ୟାଚାର ହେଉଛି ସତ କିନ୍ତୁ ତାଙ୍କୁ ମିଳିଥିବା ୪୯୮(ଏ) ଅଧିକାରକୁ ସେମାନେ ବେଳେବେଳେ ଅପବ୍ୟବହାର କରୁଛନ୍ତି । ସେପରିସ୍ଥଳେ ପୁରୁଷମାନେ କ'ଣ କରିବେ ? କିପରି ନିଜକୁ ଓ ନିଜ ପରିବାରକୁ ସୁରକ୍ଷା ଦେବେ ଆସନ୍ତୁ ଜାଣିବା ।

### ରିପୋର୍ଟ ଅନୁଯାୟୀ ଆଇପିସି୪୯୮(ଏ)ର ଅପବ୍ୟବହାର

ଭାରତର ଏପରି ମଧ୍ୟ ନାରୀ ଅଛନ୍ତି ଯିଏ ୪୯୮(ଏ) ଅପବ୍ୟବହାର କରୁଛନ୍ତି । ଏହା ଦିନକୁ ଦିନ ଏକ ଗମ୍ଭୀର ସମସ୍ୟାରେ ପରିଣତ ହେଲାଣି । ଏହି ଧାରା ବୈବାହିକ ହିଂସା ମାମଲା ସହ ଜଡ଼ିତ । ଆଇପିସି ଧାରା ୪୯୮(ଏ) ଏପରି ଏକ କାନୁନ୍ ଯାହା ପତ୍ନୀଙ୍କୁ ବୈବାହିକ ହିଂସା ଓ ନିର୍ଯ୍ୟାତନା ବିରୋଧରୁ ବଞ୍ଚାଇଥାଏ । କିନ୍ତୁ କେତେକ ମାମଲାରେ ୪୯୮(ଏ) ଅପବ୍ୟବହାର ହେଉଛି । କିଛି ପତ୍ନୀ ଏହାର ଅପବ୍ୟବହାର କରି ମିଛ ଦୋଷ ଦେଇଥାନ୍ତି । ଯଦ୍ୱାରା ନିର୍ଦ୍ଦୋଷ ପୁରୁଷକୁ ଜେଲ୍ ପଠାଯାଏ । କେବଳ ଏତିକି ନୁହେଁ ତାଙ୍କ ସହ ତାଙ୍କ ନିର୍ଦ୍ଦୋଷ ଘରଲୋକଙ୍କୁ ମଧ ଜେଲ୍ ପଠାଇ ଦିଆଯାଏ । ଭାରତରେ ଏମିତି ଅନେକ ପୁରୁଷଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା ୪୯୮(ଏ)ର ମିଛ ମାମଲାର ସାମ୍ନା କରିବାକୁ ପଡ଼େ । NCRB (National Crime Records Bureaa) ରାଷ୍ଟ୍ରୀୟ ଅପରାଧ ରେକର୍ଡ଼ ବ୍ୟୁରୋ ୨୦୨୦ ରିପୋର୍ଟ ଅନୁସାରେ ଧାରା ୪୯୮(ଏ) ମାମଲାରେ ୧,୧୧,୫୪୯ କେସ୍ ଫାଇଲ୍ ହୋଇଥିଲା । ସେଥିରୁ ୫୫୨୦ ମାମଲାକୁ ପୋଲିସ ମିଛ ସାବ୍ୟସ୍ତ କଲା ଏବଂ ୧୬,୧୫୧ ମାମଲା, ଭୁଲ୍ ତଥ୍ୟ ଦେବା ଏବଂ ସାକ୍ଷୀ ଅଭାବ ଏବଂ ପାରିବାରିକ ବିବାଦ ମାନି ବନ୍ଦ କରି ଦିଆ ହେଲା । ଯଦି ଆପଣ ସେହି ପୀଡ଼ିତଙ୍କ ମଧ୍ୟରୁ ଜଣେ ତେବେ ଆପଣଙ୍କ ସୁରକ୍ଷା ପାଇଁ ମଧ୍ୟ କାନୁନ୍ ରହିଛି । ସେ ସବୁକ ଜାଣି ଠିକ୍ ସମୟରେ ଠିକ୍ ପଦକ୍ଷେପ ନେବା ଉଚିତ୍ । ଏପରି ପରିସ୍ଥିତିରୁ ବାହାରିବା ପାଇଁ ଏକ୍ସପୋର୍ଟ ଆଇନ୍‌ଜୀବୀଙ୍କ ପରାମର୍ଶ ନେବା ଉଚିତ୍ ।

ଏଥର ଆପଣ ଭାବନ୍ତୁ ଯଦି ଜଣେ ସ୍ୱାମୀ ଏଭଳି ପରିସ୍ଥିତିର ସାମ୍ନା କରୁଛି ଏବଂ ତା' ପରିବାର ସଦସ୍ୟଙ୍କ ଉପରେ ଏସବୁ ବିତୁଛି ତେବେ ସେମାନେ ଭାଙ୍ଗିଯିବା ସ୍ୱାଭାବିକ କଥା । ଏଭଳି ହେଲେ ମଧ୍ୟ ଆପଣ ବାହାରି ଆସି ପାରିବେ । ଗୋଟେ କଥା ଅଛି: 'ଭଗବାନ୍‌ଙ୍କ ଦ୍ୱାର୍ ପେ ଡେର୍ ହେଁ ଅନ୍ଧେରା ନେହିଁ ।' ତେବେ ଆସନ୍ତୁ ଜାଣିବା ନିୟମ ଓ ପ୍ରକ୍ରିୟା କ'ଣ ।

### ମହିଳାଙ୍କ ଅଧିକାର ଓ ମହିଳାଙ୍କ ଉପରେ ହେଉଥିବା ଅପରାଧ ସମ୍ପର୍କରେ

- ମହିଳା ଅର୍ଥ ମା', ଝିଅ, ପ୍ରେମିକା, ଭଉଣୀ କିଏ ବି ହେଇପାରେ । ତାଙ୍କୁ ଏସିଡ୍ ଆଟାକ୍ ହେଲେ IPC ର ୩୨୬(ଏ), ୩୨୬(ବି) ଧାରା ଲାଗେ ।
- ରେପ୍ ପାଇଁ ଆଇପିସି ସେକ୍‌ସନ୍ ୩୭୫ ଓ ୩୭୬ ଧାରା ଲାଗେ ।
- ଅପହରଣ ଆଇପିସି ସେକ୍‌ସନ୍ ୩୬୩ ଲାଗେ ।
- ହତ୍ୟା ପୁରୁଷ ବା ସ୍ତ୍ରୀ କାହାର ବି ହୋଇପାରେ । ଆଇପିସି ୩୦୨ଧାରା ଲାଗେ ।
- ଯୌତୁକ ଜନିତ ହତ୍ୟା ଆଇପିସି ୩୦୪ଧାରା ।
- ମହିଳାଙ୍କୁ ମାନସିକ ଚାପ ପକାଇ ମାରିବା ପାଇଁ ମଜବୁର୍ କରିବା ଆଇପିସି ୩୦୬ ଧାରା ।
- ସ୍ୱାମୀ ଏବଂ ପରିବାର ଦ୍ୱାରା ହିଂସା ବା ନିଷ୍ଠୁରତା ଆଇପିସି ୪୯୮(ଏ) ।
- ଯୌନ ନିର୍ଯାତନା ଆଇପିସି ୩୫୪(ଏ) ।
- ଜଣେ ମହିଳାଙ୍କୁ ଅସମ୍ମାନ କରିବା କିମ୍ବା ଅପରାଧିକ ବଳ ପ୍ରୟୋଗ କରି ଆକ୍ରମଣ କଲେ ଆଇପିସି ୩୫୪(ବି) ।
- ମହିଳାଙ୍କ ଅଜାଣତରେ ତାଙ୍କୁ ଦେଖିବା ବା ତାଙ୍କର ଫଟୋ ଉଠାଇବା ବା ତାଙ୍କ ଫଟୋ ଅନ୍ୟ କାହା ସହ ସେୟାର କରିବା ଆଇପିସି ୩୫୪(ସି) ।
- ଷ୍ଟକିଂ ବା ପିଛା କରିବା, ଆଇପିସି ୩୫୪(ଡି) ।
- ୨୧ବର୍ଷ ବୟସ ପର୍ଯ୍ୟନ୍ତ ଝିଅମାନଙ୍କର ଅମାଦାନି ଆଇପିସି ୩୬୬(ବି) ।
- ଶବ୍ଦ,ଇସାରା ବା କୌଣସି କାର୍ଯ୍ୟ ମଧ୍ୟମରେ କୌଣସି ମହିଳାଙ୍କ ନମ୍ରତାକୁ ଅପମାନିତ କରିବା ଆଇପିସି ୫୦୯ ।

ତେବେ ଏ ତ ଥିଲା ମହିଳାଙ୍କ ବିରୋଧରେ ହେଉଥିବା ଅପରାଧ । ଏଥର ଗୁରୁତ୍ୱପୂର୍ଣ୍ଣ ହେଉଛି ୪୯୮(ଏ)ର ଅପବ୍ୟବହାର । ଆସନ୍ତୁ ଜାଣିବା ସେ ସମ୍ପର୍କରେ-

ବେଳେବେଳେ ଦେଖାଯାଏ ଜଣେ ସାଧାରଣ ପୁରୁଷ ସବୁକିଛି ଚେଷ୍ଟା କରେ ତା'ପରିବାର ଠିକ୍‌ରେ ଚାଲିବା ପାଇଁ । କିନ୍ତୁ ତା ସ୍ତ୍ରୀ ତାକୁ ପ୍ରତାରିତ କରିଥାଏ । ଏପରିକି ପରିବାରର ଅନ୍ୟ ସଦସ୍ୟ ଯଥା- ଶାଶୁ, ଶ୍ୱଶୁର, ନଣନ୍ଦ ଓ ଦିଅରଙ୍କ କିଛି ଭୂମିକା ନଥିଲେ ମଧ୍ୟ ୪୯୮(ଏ)ରେ ତାଙ୍କୁ ଫସାଇ ଦିଆଯାଏ ।

ଯଦି ଆପଣଙ୍କ କିମ୍ବା ଆପଣଙ୍କ ପରିବାରର ସଦସ୍ୟଙ୍କ ଉପରେ ୪୯୮(ଏ)ର ମିଛ ମାମଲା ଲାଗିଯାଏ ତେବେ ଆପଣଙ୍କୁ କିଛି ଜିନିଷ ଧ୍ୟାନ ରଖିବାକୁ ହେବ ।

### କେସ୍

ସୁଶୀଲ୍ କୁମାର ଶର୍ମା ବନାମ ୟୁନିଅନ୍ ଅଫ୍ ଇଣ୍ଡିଆ ଏପରି ଏକ ଘଟଣା ଯେଉଁଠି କୋର୍ଟ ୪୯୮(ଏ)କୁ ଆଇନଗତ ଆତଙ୍କବାଦ (Legal Terrorism) ବୋଲି ଦର୍ଶାଇଛନ୍ତି । ଆଇନଗତ ଆତଙ୍କବାଦ ଶବ୍ଦ ୪୯୮(ଏ) ପାଇଁ ବ୍ୟବହାର ହୋଇଛି ମାନେ ଆପଣମାନେ ଭାବନ୍ତୁ ଏହାକୁ କେତେ ବଦନାମ୍ ସେକ୍‌ସନ୍ ବୋଲି କୁହାଯାଉଛି, ଯେତେବେଳେ ଅପବ୍ୟବହାର ହେଉଛି ।

- ଯଦି କେବେ ଆଇପିସି ୪୯୮(ଏ)ରେ ଏଫ୍‌ଆଇଆର୍ ହୋଇ ଆପଣଙ୍କ ସମ୍ପୂର୍ଣ୍ଣ ପରିବାରକୁ ସାମିଲ୍ କରିଦିଆଯାଇଛି ତେବେ ଆପଣ ନ ଡରି ଠିକ୍ ଭାବେ ଆଇନଜୀବୀଙ୍କ ପରାମର୍ଶ ନିଅନ୍ତୁ ।





# ନାଜିମନ୍ତ୍ର

**ଜ୍ଞାନରଞ୍ଜନ ନାୟକ**
ଅଧ୍ୟକ୍ଷ: ପି.ଏନ୍.ଏସ୍. ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲାଜି, କେନ୍ଦ୍ରାପଡ଼ା-୭୫୪୨୧୨
ଫୋନ:୯୯୩୮୮୬୭୩୨୧

**ନିର୍ଦ୍ଦିଷ୍ଟ ସମୟରେ ଦିଅର ବି ବର ସାଜି ଯାତ୍ରା ଆରମ୍ଭ କଲେ । ବରର ପୋଷାକରେ ତରୁଣ ରାଜାଟେ ପରି ଦିଶୁଥିବା ଦିଅରଙ୍କୁ 'ଅଞ୍ଜୁଳି' ଟେକିଦେଇ ନୀଳିମା ନିଜେ ହିଁ ଯାତ୍ରାର ଶୁଭାରମ୍ଭ କଲେ ।**

ସେ ନିଜର ହେଉ କି ଭାଇ, ଭଉଣୀ ଅଥବା ସାଙ୍ଗସାଥୀଙ୍କର ହେଉ, ବାହଘର କିନ୍ତୁ ଗୋଟେ ନିଆରା ଉନ୍ମାଦନା !

ନୀଳିମା ଦୀର୍ଘଦିନ ଧରି ତେଣୁ ଅପେକ୍ଷା କରିଥିଲା ନିଜର ଦିଅରର ବାହାଘରକୁ । ଦିଅର ସୁନ୍ଦର, ଶିକ୍ଷିତ ଏବଂ ପଦସ୍ଥ ସରକାରୀ କର୍ମଚାରୀ, ତେଣୁ ତାଙ୍କୁ ନାଁ ଡାକ ଥିବା ଘରର ସୁନ୍ଦରୀ ଶିକ୍ଷିତା ଝିଅ ମିଳିବା ସ୍ୱାଭାବିକ ଏବଂ ସେଇ ଅନୁସାରେ ବାଜା-ରୋଷଣି-ବରଯାତ୍ରୀ-ଖିଆପିଆ-ନାଚଗୀତ ସବୁ ବି ଧୂମ୍‌ଧାମ୍‌ରେ ହେବା ଆହୁରି ସ୍ୱାଭାବିକ !

ଅପେକ୍ଷାକୁ ଅନ୍ତ କରି ଶୀତ ଶେଷ ହେବା ବେଳକୁ ଦିଅରର ବାହାଘର ସ୍ଥିର ହେଇଗଲା ଠିକ୍ ନୀଳିମାଙ୍କ ବିଶ୍ୱାସ ମୁତାବକ ନାଁ ଡାକ ଥିବା ଘରର ସୁନ୍ଦରୀ ଶିକ୍ଷିତାଙ୍କ ସହ । ଶୁଣା ଯାଉଥିଲା, ଉପହାର ବାବଦରେ ଦିଅରକୁ ମିଳିବ ଅଜସ୍ର ଟଙ୍କା । ଏବଂ ଅନ୍ୟାନ୍ୟ ଆସବାବପତ୍ର ।

ନୀଳିମାଙ୍କ ଗୋଡ଼ ତଳେ ଲାଗୁନଥିଲା । ତାଙ୍କର ହାତ ଯୋଡ଼ିକ ଯେକୌଣସି ମୁହୂର୍ତ୍ତରେ ଡେଣା ଯୋଡ଼ିଏ ହୋଇ ଉଡ଼ିବାକୁ ପ୍ରସ୍ତୁତ ଥିବା ପରି ତାଙ୍କ ଚାଲିଚାଳନରୁ ବୁଝା ଯାଉଥିଲା ।

ଋତୁ ଅନୁସାରେ ଶୀତ ମାସ ଶେଷ ହେଇଥିଲେ ବି ରାତିର ମଧ୍ୟଭାଗ ଆଡ଼କୁ କମ୍ବଳର ଆବଶ୍ୟକ ପଡୁଥିଲା । ସକାଳର କଅଁଳ ଖରା ତଥାପି ଭଲ ଲାଗୁଥିଲା ଏବଂ ଦିନର ଖରା ଶରୀରକୁ ଆଦୌ କଷ୍ଟ ଦେଉନଥିଲା ଏବଂ କୋଇଲିର ଡାକ ଏବଂ ଆମ୍ବବଉଳର ବାସ୍ନା ବାୟୁମଣ୍ଡଳରେ ମାଙ୍ଗଳିକ ବାଦ୍ୟ ବଜାଉଥିଲା ।

ନିଜ ପଇଁ ପୋଷାକ ସଜାଡ଼ିବାରେ ଲାଗି ପଡ଼ିଥିଲେ ନୀଳିମା । ହଳଦୀ ପାଇଁ ହଳଦିଆ ଶାଢ଼ି, ମଙ୍ଗନ ପାଇଁ ନାଲି ଜର୍ଜେଟ୍ ଶାଢ଼ି, ଦିଅଁମଙ୍ଗୁଳା ଓ ସଙ୍ଗୀତ ପାଇଁ ଅଲଗା ଅଲଗା ଶାଢ଼ି । ବରଯାତ୍ରୀରେ ଯିବା ପାଇଁ ସବୁଠୁ ଦାମିକା କୁଟିକମକରା ଆଖିଝଲସା ଲେହେଙ୍ଗା ଧୀରେ ଧୀରେ ଯୋଗାଡ଼ କରିନେଲେ ସେ ।

ଚାହୁଁ ଚାହୁଁ ଦିଅରଙ୍କର ମଙ୍ଗଳ ମହୁରୀ ବାଜିଲା । ବେଳ ଉଣ୍ଡି ନୀଳିମା ପାର୍ଲର ଯାଇ ବ୍ଲିଚ୍, ଥ୍ରେଡିଂ, ଫେସିଆଲ, ୱାକ୍ସ, ମେନୁକ୍ୟୁର, ପେଡ଼ିକ୍ୟୁର, ବଡ଼ି ପଲିସିଂ ଆଦି ଯାହା ଯାହା ଜଣେ ସୁନ୍ଦର ଦେଖାଯିବା ପାଇଁ, ସୌନ୍ଦର୍ଯ୍ୟର ଉପଚାର କରିବା ଆବଶ୍ୟକ, ସେସବୁ କାର୍ଯ୍ୟ ସମ୍ପୂର୍ଣ୍ଣ କରିଦେଲେ । ପାଦରେ ପିନ୍ଧିଲେ ପାଉଁଜି, ପୁଣି ରଙ୍ଗେଇଲେ ଅଳତାରେ । କଚଟିରେ ଆବଶ୍ୟକ ମୁତାବକ ଚୁଡ଼ି । କାନ, ଗଳାରେ ନିଜକୁ ସାଜିବା ଭଳି ଅଳଙ୍କାର ।

ଯଦିଓ ନୀଳିମା ସୁନ୍ଦରୀ ଏବଂ ଅଳ୍ପ ସ୍ୱାସ୍ଥ୍ୟବତୀ ତଥାପି ତାଙ୍କର ଉଚ୍ଚତା ଏବଂ କମରର ଗୋଲେଇ କିନ୍ତୁ ସେମିତି ପ୍ରଶଂସନୀୟ ନୁହେଁ । ଏଥିପାଇଁ ସେ ଅନେକ ସମୟରେ ଅବଶ୍ୟ ଦୁଃଖ କରନ୍ତି । ତଥାପି ବି ନିଜକୁ ନିଜେ ବୁଝେଇ ଦିଅନ୍ତି- କାହାକୁ ଅବା ଈଶ୍ୱର ତ୍ରୁଟିଶୂନ୍ୟ କରି ଗଢ଼ିଛନ୍ତି ଯେ ତାଙ୍କୁ ତ୍ରୁଟିଯୁକ୍ତ କରିଦେଲେ !

ସଙ୍ଗୀତ, ହଳଦୀ ଆଦିରେ ବେଶ୍ ନାଚଗୀତ ହେଲା । ସାହି-ପଡ଼ିଶା ଏବଂ ବନ୍ଧୁବାନ୍ଧବଙ୍କ ଘରୁ ଆସିଥିବା ମହିଳାମାନଙ୍କ ମଧ୍ୟରେ ନୀଳିମା ବେଶ୍ ଚହଟିଲେ । ନିଜ ଆଶା ଠାରୁ ବି ଆହୁରି ଅଧିକ ଭଲ ପ୍ରଦର୍ଶନ କଲେ । ପଡ଼ିଶାଘରର ମିସେସ୍ ପଟ୍ଟନାୟକ, ଯିଏ ସବୁ ପାର୍ଟି-ପିକ୍‌ନିକ୍‌ରେ ଭଲ ନାଚନ୍ତି ବୋଲି, ନାଁ ଡାକ ଅଛି ତାଙ୍କୁ ବି ମାତ୍ ଦେଇଦେଲେ !

ମନରେ ନିର୍ମଳ ଖୁସି ଥିଲେ ମଣିଷ ସତରେ କ'ଣ କରି ନପାରେ ! ଯାହା କହନ୍ତି ପଙ୍ଗୁ ବି ଗିରି ଲଂଘିଯାଏ ।

ଦିଅଁମଙ୍ଗୁଳା ବେଳେ, ମଙ୍ଗଳ ଢୋଲ-ମହୂରୀ, ବାଦକଙ୍କ ଗହଣରେ, ନାଲି-ଜର୍ଜେଟ୍ ଓଢ଼ଣୀରେ ମୁଣ୍ଡକୁ ଆବୃତ କରି ସେ ଯେତେବେଳେ ଯାଉଥିଲେ, ରାସ୍ତାରେ ଯାଉଥିବା ପଥଚାରୀମାନେ ବି ତାଙ୍କୁ ଥରଟେ ନିଶ୍ଚୟ ଦେଖୁଥିଲେ । ମିସେସ୍ ପଟ୍ଟନାୟକ କହୁଥିଲେ, ତାଙ୍କ ମିଷ୍ଟର କୁଆଡ଼େ କହିଥିଲେ ଯେ, : "ଓଢ଼ଣୀ ତଳେ ନୀଳିମାଙ୍କ ମୁହଁ


ଚିତ୍ର : ଜ୍ଞାନରଞ୍ଜନ ନାୟକ

**ପରିବେଶ ଦ୍ରୁତ ଅବକ୍ଷୟ ହୋଇ ଚାଲିଛି । ଅଳ୍ପ ବୃଷ୍ଟି କିମ୍ବା ଅସମୟରେ ବୃଷ୍ଟି, ଏବେ ସାଧାରଣ କଥା ହୋଇସାରିଛି । ଜଳବାୟୁ ପରିବର୍ତ୍ତନ ଯେ ଆମ ପାଇଁ ବହୁତ ବିପଦ ଆଣିବାକୁ ତୟାର ହୋଇ ରହିଛି- ଏ କଥା ସାଧାରଣ ଲୋକମାନେ ବୁଝିବାକୁ ଏବଂ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହଁନ୍ତି । ସେଥିପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ସମୟରେ ଆମେ ଆବଶ୍ୟକତା ଠାରୁ ଅଧିକ ଆଲୋକ ରୋଷଣି, ବାଣ, ବାଜା ଏବଂ ଭୟଙ୍କର ଶବ୍ଦଯୁକ୍ତ ଡି.ଜେ. ବ୍ୟବହାର କରୁଛୁ । ଏସବୁ ବଦଳିବା ଦରକାର । ଏପରିକି ଏହା ତତ୍‌କ୍ଷଣାତ୍ ବଦଳିବା ଦରକାର । ଏଥିପାଇଁ ବର୍ତ୍ତମାନର ଚଳଣିକୁ ପରିତ୍ୟାଗ କରି ଆମର ଅତୀତର ସୁସ୍ଥ ପରମ୍ପରାକୁ ଫେରିଯିବାକୁ ରହିଛି ଅନିବାର୍ଯ୍ୟ ଆବଶ୍ୟକତା । ଏଇ ଗଳ୍ପଟି ମାଧ୍ୟମରେ ଆମ ପରମ୍ପରାକୁ ଫେରିଯିବା ପାଇଁ ଏକ ଛୋଟ ପ୍ରୟାସ କରାଯାଇଛି ।**

ଜ୍ଞାନରଞ୍ଜନ ନାୟକ

"ଚନ୍ଦ୍ରଭାଗାରେ ଉଦିତ ସୂର୍ଯ୍ୟ ପରି ହୃଦୟଭେଦୀ ସୁନ୍ଦର ଦିଶୁଥିଲା !"

ଆଉ କିଏ ସବୁ କ'ଣ ପ୍ରଶଂସାସୂଚକ ମନ୍ତବ୍ୟ ଦେଇଥିଲେ, ତାହା ମଧ୍ୟ ନୀଳିମାଙ୍କ କାନରେ ବାଜିଥିଲା । ନୀଳିମା ଉତ୍ସାହିତ ହେଉ ପଡୁଥିଲେ । ସେ ଦୃଢ଼ ନିଶ୍ଚିତ ଥିଲେ ବରଯାତ୍ରୀଙ୍କ ଗହଣରେ ଢୋଲ, ମାଦଳର ତାଳେ ତାଳେ ନାଚି ନାଚି ସେ ଧୂଳି ଉଡ଼େଇ ଦେବେ !

ଜୀବନ ଆଉ କ'ଣ କି ? ସମୟ ସମୟରେ ଉତ୍ତେଜନା, ଖୁସି, ମଜା-ମସ୍ତି ! ସବୁବେଳେ କ'ଣ ଏ ଖୁସି ଆସେ ! ଖୁସି ଟିକକ ପାଇଁ କେତେ ବାହାନା ଆଉ ସୁଯୋଗର ଆବଶ୍ୟକ ପଡ଼େ । ଦିଅର ଯଦି ଉଚ୍ଚଶିକ୍ଷିତ ଆଉ ଉଚ୍ଚପଦସ୍ଥ ହେଇ ନଥାନ୍ତେ, ତା'ହାଲେ କୋଉଠୁ ଅବା ଏସବୁ ହେଇପାରି ଥାଆନ୍ତା ! ଏତେସବୁ ଆୟୋଜନ ଆଉ ତାଙ୍କ ଭାବନାରେ ବା କେମିତି ଏତେ ରଙ୍ଗ ଲାଗି ପାରି ଥାଆନ୍ତା !

ୟୁଟ୍ୟୁବ୍‌ରୁ ଗୀତ କେତୋଟି ବାହାର କଲେ ନୀଳିମା, ଯେଉଁଗୁଡ଼ିକ କି ସାଧାରଣତଃ ବର-ରୋଷଣୀରେ ବାଜିଥାଏ । ସେ ସବୁର ଅଭିନୟକୁ ଦେଖି କବାଟ ବନ୍ଦ ଘର ଭିତରେ ସେ ଆଇନା ଆଗରେ ମୁଖଭଙ୍ଗୀ କଲେ ଏବଂ ନିଜ ଶରୀରକୁ ଦୋହରାଇଲେ ।

ବରଯାତ୍ରୀଙ୍କ ଗହଣରେ ନାଚିବା ପାଇଁ ନୀଳିମାଙ୍କର ହୋମ୍‌ୱାର୍କ ଅତି ନିଷ୍ଠାର ସହ ସମାପ୍ତି ହୋଇଗଲା ।

ନିର୍ଦ୍ଦିଷ୍ଟ ସମୟରେ ଦିଅର ବି ବରସାଜି ଯାତ୍ରା ଆରମ୍ଭ କଲେ । ବରର ପୋଷାକରେ ତରୁଣ ରାଜାଟେ ପରି ଦିଶୁଥିବା ଦିଅରଙ୍କୁ 'ଅଞ୍ଜୁଳି' ଟେକିଦେଇ ନୀଳିମା ନିଜେ ହିଁ ଯାତ୍ରାର ଶୁଭାରମ୍ଭ କଲେ ।

ଚକମକିଆ ଉଜ୍ଜ୍ୱଳ ଆଲୋକକୁ ଆହୁରି ଉଜ୍ଜ୍ୱଳ, ଆହୁରି ଉଚ୍ଚାଟନ କରୁଥିଲା ବାଣର ରୋଷଣି । ଛାତିର ଅତଡ଼ା ଖସେଇ ଦେବା ପରି ଖଣ୍ଡମଣ୍ଡଳ କମ୍ପାଉଥିଲା ଡିଜେ । ଭଳିକି ଭଳି ପୋଷାକରେ ବରଯାତ୍ରୀଗଣ ବାଜା-ରୋଷଣିରେ ସାମିଲ ହେଉଥିଲେ ।

ବରଯାତ୍ରୀ ରୋଷଣି ଗଳିରାସ୍ତା ଟପି ମୁଖ୍ୟରାସ୍ତାରେ ପହଞ୍ଚିଗଲା । ସେଠାରୁ ବିବାହ-ମଣ୍ଡପ ମାତ୍ର ଏକ ମାଇଲ ରାସ୍ତା । ଏଇଠୁ ଆରମ୍ଭ ହେବ ଅସଲ ଖେଳ । ଏଇଠୁ ଉଡ଼ିବ ଧୂଳି ।

ରୋଷଣିରେ ନାଚିବା ପାଇଁ ମିଛ ଠେଲାପେଲା ଆରମ୍ଭ ହେଇଗଲାଣି । ଯାହାର ନିଜର ନାଚିବାକୁ ଇଚ୍ଛା, ସେ ଅନ୍ୟକୁ ଠେଲେ: "ତୁ ନାଚୁନୁ !" ସେଇ ଠେଲାପେଲା ଭିତରେ ନର୍ତ୍ତକ, ନର୍ତ୍ତକୀ ଓହ୍ଲେଇ ପଡ଼ିଲେ ଠୁମ୍‌କା ମାରିବାକୁ କିମ୍ବା ଶରୀର ଦୋହଲାଇବାକୁ ।

ନୀଳିମାଙ୍କର ଏହା ପ୍ରଥମ ଅଭିଜ୍ଞତା । ସେ ହୁଏତ କେବେ ବରଯାତ୍ରୀ ଯାଇଛନ୍ତି କିନ୍ତୁ ଲାଜେଇ ଭୂମିକା ନିଭେଇ ରୋଷଣିର ପଛରେ ରହି ସର୍ବାଗ୍ରେ ଘରକୁ ଫେରି ଆସିଛନ୍ତି । ଇଏ କିନ୍ତୁ ପ୍ରଥମ । ଯେଉଁଠି ସେ ନାଚି ନାଚି ଧୂଳି ଉଡ଼ାଇବାକୁ ପୂର୍ଣ୍ଣ ପ୍ରସ୍ତୁତ ହୋଇ ରାସ୍ତାକୁ ଓହ୍ଲାଇଛନ୍ତି ।

**କଟାଘା'ରେ ସତେ ଅବା ଲୁଣର ଛିଟା ! ନୀଳିମା ଖାଲି ଅପମାନିତ ଅନୁଭବ କଲେନି, ମନର ଉତ୍ତେଜନା ତାଙ୍କୁ ବେକାବୁ କରିଦେଲା ଭଳି ମନେହେଲା । ତଥାପି ନିଜକୁ ସମ୍ଭାଳି ନେଇ ଅତ୍ୟନ୍ତ ନମ୍ରତାର ସହକାରେ ସେ ଉତ୍ତର ଦେଲେ: "ମୁଁ ଗୋଟେ ସମ୍ଭ୍ରାନ୍ତ ଘରର ଝିଅ ଆଉ ବୋହୂବି । ମୁଁ କ'ଣ ନାଜିମନ୍ତ ଯେ ରାସ୍ତାରେ ନାଚିବି !"**

ମନକୁ ଦୃଢ଼ କଲେ ନୀଳିମା । ରାସ୍ତା ଖୋଜିଲେ ମତୁଆଲାଙ୍କ ମଝିକୁ ଚାଲି ଆସିବାକୁ ।

ହଠାତ୍ କ'ଣ ହେଲା କେଜାଣି, ସମସ୍ତେ ଚିହିଁକି ଉଠିଲେ । ସେ ନିଜେ ବି ଚିହିଁକି ଉଠି ପଛକୁ ଚାହିଁଲେ । ଦେଖିଲେ, ଆଖି ଝଲସା ଚେହେରାର କେଇଜଣ ତରୁଣୀ ସାମିଲ ହେଉଛନ୍ତି ବରଯାତ୍ରୀଙ୍କ ଗହଣରେ । ଦିଅରଙ୍କର ସହକର୍ମୀ କି କ'ଣ ! ଲମ୍ବା, ତନୁପାତେଳୀ, ମୁକ୍ତକେଶୀ, ଗୋରୀ- ସତେ ଯେମିତି ସ୍ୱର୍ଗର ଅପସରୀ । ଅତି ଆଧୁନିକ, ଉଦ୍ଧତ ବି । ଏଇମାନେ ତ ଏମିତି ଆସରର ଅସଲ ମହାନାୟିକା । ସେମାନଙ୍କ ଇଚ୍ଛା ଅନୁସାରେ ଅଚାନକ ଗୀତ ବଦଳିଗଲା । ବଦଳିଗଲା ବି ବରଯାତ୍ରୀଙ୍କ ଆଚରଣ । ଯିଏ ଯୁଆଡ଼େ ଅବାକ୍ ହେଇ ସେମାନଙ୍କୁ ଦେଖିଲେ, ସେମାନଙ୍କ ନୃତ୍ୟକୁ ଉପଭୋଗ କଲେ ।

ନୀଳିମାଙ୍କ ସମସ୍ତ ପ୍ରସ୍ତୁତି ଯେମିତି ଅର୍ଥହୀନ ହୋଇଗଲା । ସେ ମଧ୍ୟ ସ୍ୱତଃ, କେବଳ ଦେଖଣାହାରୀରେ ହିଁ ସୀମିତ ହୋଇଗଲେ ।

କୋଉଠି ଥିଲେ ମିସେସ୍ ପଟ୍ଟନାୟକ ହଠାତ୍ ଆସି ଚମକେଇ ଦେବା ପରି ନୀଳିମାଙ୍କୁ ପ୍ରଶ୍ନ କଲେ: "ଆପଣ କ'ଣ ନାଚିବେ ନାହିଁ କି ମିସେସ୍ ସାମଲ !"

ନୀଳିମା ଏହାର କିଛି ଉତ୍ତର ଦେଲେ ନାହିଁ । ସତ କହିବାକୁ ଗଲେ ଉତ୍ତର ଦେବାକୁ ଉଚିତ୍ ମଣିଲେ ନାହିଁ ।

ତାଙ୍କର ପିଲାଦିନର କଥା ମନେପଡ଼ିଲା । ସେତେବେଳେ ବରଯାତ୍ରୀମାନେ ଜାମା-ଯୋଡ଼ ହୋଇ ଧୀରସ୍ଥିର ଚାଲୁଥିଲେ ବରର ପାଲିଙ୍କି ପାଖେ ପାଖେ । ବରର ଆଗରେ ଆଲୁଅର ରୋଷଣୀରେ ଦକ୍ଷିଣୀ କରୁଥିଲେ ଧେଙ୍ଗଡ଼ାମାନେ । ଢୋଲ, ଡ୍ରମ୍ ବାଜୁଥିଲା, ବାଡ଼ିଖେଳ ଆଉ ମିଛିମିଛିକା ଷଣ୍ଢମାନଙ୍କର ବି ଲଢ଼େଇ ହେଉଥିଲା ।

ତେବେ ଏହି ଦକ୍ଷିଣୀ କରୁଥିବା ଧେଙ୍ଗଡ଼ା, ଢୋଲ ଡ୍ରମ୍ ବାଦକ, ବାଡ଼ିଆ, ଷଣ୍ଢନଚାଳିମାନଙ୍କୁ ନାଜିମନ୍ତ କୁହାଯାଉଥିଲା । ଏମାନେ ପିଣ୍ଡା ଉପରେ ଖଇ ଉଖୁଡ଼ା ଖାଇଦେଇ ଘରକୁ ଫେରୁଥିଲେ । ମାତ୍ର ଜାମା-ଯୋଡ଼ ହୋଇ ଆସିଥିବା ଭଦ୍ରଲୋକଙ୍କୁ ସାଆଁନ୍ତର ମର୍ଯ୍ୟାଦା ମିଳୁଥିଲା । ଗୋଡ଼ ଧୁଆଇ ସେମାନଙ୍କୁ ଘର ଭିତରକୁ ପାଛୋଟି ନେଇ କନ୍ୟାଘର ଆଦର ଅଭ୍ୟର୍ଥନା କରୁଥିଲେ । ଏବେ କିନ୍ତୁ ସମୟ ବଦଳି ଯାଇଛି । ସାଆଁନ୍ତ ମର୍ଯ୍ୟାଦାର ହକ୍‌ଦାରମାନେ ଏବେ ସ୍ୱଇଚ୍ଛାରେ ନାଜିମନ୍ତଙ୍କ ଭୂମିକାରେ ! ନୀଳିମାଙ୍କ ଭାବନାକୁ ବ୍ୟାହତ କରି, ମିସେସ୍ ପଟ୍ଟନାୟକଙ୍କ ତାଙ୍କ ବାହୁକୁ ହଲାଇଦେଇ ପୁଣି ଥରେ ପ୍ରଶ୍ନ କଲେ: "ଆପଣ କ'ଣ ନାଚିବେ ନାହିଁକି ମିସେସ୍ ସାମଲ !"

କଟାଘା'ରେ ସତେ ଅବା ଲୁଣର ଛିଟା ! ନୀଳିମା ଖାଲି ଅପମାନିତ ଅନୁଭବ କଲେନି, ମନର ଉତ୍ତେଜନା ତାଙ୍କୁ ବେକାବୁ କରିଦେଲା ଭଳି ମନେହେଲା । ତଥାପି ନିଜକୁ ସମ୍ଭାଳି ନେଇ ଅତ୍ୟନ୍ତ ନମ୍ରତାର ସହକାରେ ସେ ଉତ୍ତର ଦେଲେ, "ମୁଁ ଗୋଟେ ସମ୍ଭ୍ରାନ୍ତ ଘରର ଝିଅ ଆଉ ବୋହୂ ବି । ମୁଁ କ'ଣ ନାଜିମନ୍ତ ଯେ ରାସ୍ତାରେ ନାଚିବି !"

ନୀଳିମାଙ୍କ ଉତ୍ତର ମିସେସ୍ ପଟ୍ଟନାୟକଙ୍କ ଉପରେ କି ପ୍ରଭାବ ପକାଇଲା, ଝଲସା ଆଲୁଅରେ ଯଦିଓ ସେ ଲକ୍ଷ୍ୟ କରି ପାରିଲେ ନାହି, କିନ୍ତୁ ନିଜ ଉତ୍ତରରେ ନିଜେ ବେଶ୍ ସନ୍ତୁଷ୍ଟ ହେଇଗଲେ ।

ଏଥର ନାଚୁଥିବା ସୁନ୍ଦରୀ ତରୁଣୀମାନେ ତାଙ୍କୁ ସତସତିକା ନାଜିମନ୍ତଙ୍କ ପରି ଧେଙ୍ଗଡ଼ୀ ଦିଶିଲେ ।

ସେ ମନକୁ ମନ କହିଲେ: "ଆଃ ରାସ୍ତା ଉପରେ ନିଜର ମାନ ମହତ ସାରି କୁଳବଧୂ ଗୁଡ଼ିକ ଏମିତି ନାଜିମନ୍ତ ସାଜିବାକୁ ମନ ବଳାଉଛନ୍ତି କେମିତି କେଜାଣି !"

ଧୀରେ ଧୀରେ ନୀଳିମା ପଛକୁ ଫେରିଆସି ଚାଲି ଚାଲି ଯାଉଥିବା ସାଆଁନ୍ତାଣୀମାନଙ୍କ ସହ ନିଜକୁ ସାମିଲ କରିନେଲେ ।


ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସ୍ୱର
ପ୍ରଚ୍ଛଦ କଳ୍ପନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ମନୀଷା ସାହୁ,ବାରିପଦା
ଉଚ୍ଚତା : ୫ ଫୁଟ୍ ୧ ଇଞ୍ଚ୍
ବୃତ୍ତି : ମଡ଼େଲ୍
ଶିକ୍ଷା : ବାଣିଜ୍ୟରେ ସ୍ନାତକୋତ୍ତର, ଏଲ୍ଏଲ୍ବି
ରୁଚି : କଳା ଓ ହସ୍ତଶିଳ୍ପ
ପ୍ରଚ୍ଛଦ ଫଟୋଗ୍ରାଫି : ସଞ୍ଜୀୟ କର ମହାପାତ୍ର,
ଦି କ୍ୟାମେରା ଆଇ. ବାରିପଦା
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କର୍ମ, ସୋନପୁର
ମେକ୍ଅପ୍ ଓ କଷ୍ଟ୍ୟୁମ୍ : ସ୍ମିତା ବାରିକ
ସ୍ଥାନ : ବାରିପଦା

ଲେଣ୍ଡର



# ଅଗଷ୍ଟ - ୨୦୨୩

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

୧୫/୦୮/୨୦୨୩ : ୭୭ତମ ସ୍ୱାଧୀନତା ଦିବସ
୨୩/୦୮/୨୦୨୩ : ଗୋସ୍ୱାମୀ ତୁଳସୀ ଦାସ ଜୟନ୍ତୀ
୨୭/୦୮/୨୦୨୩ : ସର୍ବତ୍ର ଝୁଲଣ ଯାତ୍ରାରମ୍ଭ, ରବିନାରାୟଣ ବ୍ରତ
୩୦/୦୮/୨୦୨୩ : ଶ୍ରାବଣ ପୂର୍ଣ୍ଣିମା, ଗହ୍ମାପର୍ବ, ରାକ୍ଷୀବନ୍ଧନ

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

# ଦ୍ରୌପଦୀ-୩୦

## ପ୍ରଫୁଲ୍ଲ କୁମାର ମହାନ୍ତି



(ଦ୍ରୌପଦୀ-ଅର୍ଜ୍ଜୁନ ସମ୍ବାଦ)
ଦୀପ୍ତ  ଅଭିମାନର ସ୍ପନ୍ଦିତ ବିଜୁଳି ପରି
ଝଟକୁଥିଲା ଦ୍ରୌପଦୀ ସ୍ୱର୍ଣ୍ଣ ଦୀପାଲୋକରେ
ଅସ୍ଥିର ଥିଲା ରାଗ ବିରାଗର ବଦଳି ପର୍ବରେ
କ୍ରୋଧ ପ୍ରଣୟର ଅନୁରାଗୀ ପଞ୍ଚମ ସୁର
ମନରେ ତୋଳୁଥିଲା ସ୍ୱପ୍ନ ସିନ୍ଧଉର ଘର୍ଘର ।
ଉଭାହେଲେ ଅର୍ଜୁନ:
ମଦିରା ରଞ୍ଜିତ ଆଖିରେ ପୁଲକ ଅପଲକ
ତା ଭିତରେ ପ୍ରେମ ଆବେଗର ବିଲମ୍ବିତ ତାଳ:
ଶୁଭସଂଧ୍ୟା ଦ୍ରୌପଦୀ !

ଦ୍ରୌପଦୀର ଉଦ୍‌ବେଗୀ ପ୍ରଣାମ ।
ଫାଲ୍‌ଗୁନି ବସିଲେ ଆସି ବସାଇଲା ଦ୍ରୌପଦୀ
ସୁଗନ୍ଧିତ ଫୁଲମେଘ ନରମିଗଲା
ଦ୍ରୌପଦୀତରଳି ଗଲଶ ସାମାନ୍ୟ ଆହ୍ଲାଦରେ:
ଅର୍ଜ୍ଜୁନ ବଢ଼ାଇଦେଲେ ଉପହାର
ଅଷ୍ଟଧାତୁର ଗାଣ୍ଡିବ ଦ୍ରୌପଦୀ ହାତରେ
ଏ ମୋର ହୃଦୟର ସଙ୍କେତ କେବଳ ।
ସୁହାସିନୀ  ରାଜଜେମା  ଘେନ  ମୋର  ପ୍ରୀତି
ନିବେଦନ ।
ଧନ୍ୟବାଦ କହି ଦ୍ରୌପଦୀ ଦେଖିଲା
ଅର୍ଜ୍ଜୁନର ପ୍ରଥମ ଭେଟି ଓଲଟି ଓଲଟି:
ତୁମ ଗାଣ୍ଡୀବ କଣ ଗୃହସାଜ ପାଇଁ
କେବଳ ଦିବ୍ୟ ପ୍ରତୀକ ଆଖିର ସାନ୍ତ୍ୱନା  ?
ନା ମହାନାୟକର ଅଳଙ୍କାର
ଆତ୍ମରକ୍ଷା ପ୍ରତିରକ୍ଷା ଲାଗି ସଦା ଉଜାଗର
ପ୍ରେମ ପ୍ରୀତି ପାଇଁ ନାହିଁ ସମୟ ଯାହାର
ସେ ଖାଲି ବିଦ୍ଧିକରେ ନିର୍ଲିପ୍ତରେ-

ପ୍ରିୟତମେ ! ତମକୁ ହିଁ ପାଇଥିଲି ଭଲ
ସ୍ୱୟମ୍ବର ବିଜେତାର ଅହଙ୍କାର ନୁହେଁ
ଅର୍ଜ୍ଜୁନର ଆତ୍ମସ୍ୱର ଯାହା ବାଜି ଉଠିଥିଲା
ମାଛ ଆଖି ନୁହେଁ ତୁମରି ନୟନରେ-

କଣ କହିଲ ! ପ୍ରିୟ ତମେ !
ଓଃ ଈଶ୍ୱର ପ୍ରକୃତି ଧାର ମଣଇଷର ଦ୍ୱାହି
ଛାତି ମୋ ଉଠୁଛି ଫୁଲି ନାରୀତ୍ୱର ଗୌରବରେ
ଶୁଣିବାକୁ ଏଡି ପଦ-କିନ୍ତୁ ଯେତେବେଳେ
ପ୍ରିୟତମା ପାଞ୍ଚଭାଗ ହେଲା
କେଉଁଠି ଥିଲା ଗାଣ୍ଡୀବ ଗୁଣ ଛିଡ଼ା ହୋଇ: ?
ଅବା ତୁମେ କହିଥିଲ ସମର୍ପଣ ତୁଣୀର ସହିତ
ପରିବାର ଶୃଙ୍ଖଳାର ବାଧ୍ୟ ପରିଧିରେ
ନୀରବରେ କରିମତେ ଭାଗ ଭାଗ
ନାରୀତ୍ୱର ଅପଯଶ ପ୍ରେମ ବିସର୍ଜନ ?

ମୋଟେ ନୁହେଁ କରନାହିଁ ମିଥ୍ୟା ଅଭିଯୋଗ
ମାର ନାହିଁ ଏମିତି ମତେ ଯା'ଣ ମୃତ୍ୟୁ ହେଲା
ଘଟଣାର ସେହି ମୁହୂର୍ତ୍ତରେ
ଜିଭ କାମୁଡ଼ି ମୁଁ ରହିଗଲି ଚୁପ୍
ଅଯୁକ୍ତିକୁ ସହିଗଲି ଯୁକ୍ତିହରା ହୋଇ:
ଆସ ମୋର ପରା ଜାଳିଦିଅ ମତେ
ନୂଆ ଜୀବନ ପାଇଁ ପ୍ରୀତିର ଅଗ୍ନିରେ ।
ହେ ମୋର ଅଗ୍ନିକନ୍ୟା ପାରିବିନି ବଦଳାଇ
ସେଇ ମୁହୂର୍ତ୍ତର ଅଫେରା ନିର୍ଦ୍ଦେଶ
ତୁମେ ନୁହଁ କେହି ଆମେ ପାରିବାନି
ସମୟ  ବାଙ୍କର ସେହି ଅଦୃଶ୍ୟ ଇଙ୍ଗିତ
ତୁମେ ଯଦି ଭାବ ତୁମେ ହେଲ  ବିଭାଜିତ
ମୋ ପାଇଁ ସେ ପଞ୍ଚମାଂଶ ଅଖଣ୍ଡ ଦ୍ରୌପଦୀ
ପ୍ରେମ ଆରାଧନା ପାଇଁ ପୂର୍ଣ୍ଣତାର ଛବି ।

କିନ୍ତୁ ମୁଁ ଆଉ କୁମାରୀ ନୁହେଁ
ଯାହାକୁ ଜିତିଥିଲ ମାଛ ଆଖି ଛେଦି
ପ୍ରେମ ମୋର ମଥିତ ଦଳିତ
ଘୁଣଲାଗା ବନଫୁଲ
ଝରି ସାରିଛି ମୁଁ ମନର କ୍ଷତରେ-
ଦ୍ରୌପଦୀ ଓଠ ଚାପି ଚୁପ୍ କଲେ ପାର୍ଥ
ଭିଡ଼ି ନେଇ ଛାତି ଉପରକୁ କହିଲେ ପାଞ୍ଚାଳୀ
କୁହନାହିଁ ସେହି  ଭାଷା ଯାହାନୁହେଁ ସତ୍ୟ
ତୁମେ ନୁହଁ ସାଧାରଣ ଫଉଲ
ତୁମେ ଅଗ୍ନି ଉତପ୍ତ କୁସୁମ
ଯାହା ପାଏ ଚିର ପବିତ୍ରତା ନିତ୍ୟ ଉତ୍ତରଣ
ପାର୍ଥ ପାଇଁ ତୁମେ ଆଜନ୍ମ କୁମାରୀ
ତୁମେ ଆତ୍ମା ନୁହେଁ ବ୍ୟଭିଚାରୀ
ଆମର ମିଳନ ପର୍ବ ଆଦ୍ୟ ପବିତ୍ର
ମୋ ପାଇଁ ତୁମେ ସେହି ଅନୁଢ଼ା କୁମାରୀ-
ହଁ ଏକ ନିଦେର୍ଦ୍ଦଶିତ କର୍ତ୍ତବ୍ୟ କେବଳ
ଛାତିରୁ ଅଲଗା ହୋଇ କହିଲଶ ଦ୍ରୌପଦୀ:

ଦୀପମାନେ ହେଉେ ଛଳଛଳ
ଦ୍ରୌପଦ ଗାଲରେ ମିଶା ଚହଲିଲେ
କକ୍ଷ ହେଲା ଗୀଷ୍ମ ମଧ୍ୟାହ୍ନ
ଦ୍ରୌପଦୀ ନିଶ୍ୱାସରେ ଥିଲା ସୂର୍ଯ୍ୟକମା ।

ମୁଁ ଏକ କର୍ତ୍ତବ୍ୟ ନୁହେଁ ଅର୍ଜ୍ଜୁନ



◄ ପ୍ରଫୁଲ୍ଲ କୁମାର ମହାନ୍ତି

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

ପ୍ରଫୁଲ୍ଲ କୁମାର ମହାନ୍ତି

ମୁଁ ଚାହିଁଥିଲି ମୋର ବିଶ୍ୱ ମୋର ମଣ୍ଡଳ
ତୁମ ସାଥେ ପ୍ରେମମୟ ବ୍ୟାପ୍ତ ଅପର୍ଯ୍ୟାପ୍ତ
ସ୍ୱର୍ଗଠୁ ସୁନ୍ଦର ମର୍ତ୍ତ୍ୟଠୁ ଉଦାର
ଦେବତାଙ୍କ ଈର୍ଷା ଭରା ଆଖିର ଚୁମ୍ବକ

ଆସ ଦ୍ରୌପଦୀ ଆସ ଆମେ ଗଢ଼ିବା ସେଇ
ସୃଷ୍ଟି ଆରମ୍ଭର ବ୍ୟାପ୍ତ ଆୟତନ
କେମିତି ପାର୍ଥ କାଲି କଣ ଦେଖିବନି ତମେ
ତୁମ ଭାଇ ବାହୁବନ୍ଧନରେ କରୁଥିବି ଅଭିନୟ
ଛଟପଟ ମନକୁ ଲୁଚାଇ ଅନ୍ୟଏକ ଭୂମିକାରେ
କେବଳ ବଞ୍ଚାଇବା ପାଇଁ ମୋର
ପତ୍ନୀ ବ୍ୟବସାୟ-

ଏବେ ରୂପକର ଦ୍ରୌପଦୀ
ଯାହା ଘଟୁଛି ଘଟିବାକୁ ଦିଅ
ଯେହେତୁ ଆମେ ସବୁ ସମୟର ଦାସ
ପାରିବାନି କେହି ଆମେ ତାକୁ ଓଲଟାଇ
ପୁଣି ସେଇ ପ୍ରଥମ ଆରମ୍ଭ ଲାଗି
ନୂଆ କରି ଆରମ୍ଭିବା ପାଇଁ
ଆମ ସୃଷ୍ଟି ଇଚ୍ଛାର ଚିତ୍ରଛବି:
ତେଣୁ ଆସ ସରଳ କର ପ୍ରେମ
ସରଳ କର ପ୍ରେମ ସମ୍ମାନ କର
ସମୟର ରାଜପଣ ସ୍ୱଚ୍ଛନ୍ଦ ନିର୍ଣ୍ଣୟ
ମର ପୃଥିବୀରେ ଅମର କଳ୍ପନା ଛାଡ଼ି
ସ୍ୱୀକାର କର ଯେତିକି ସୁଯୋଗ ମିଳେ
ସେତିକିରେ ମୃତ୍ୟୁଞ୍ଜୟ କର ଆମ ପ୍ରେମ
ପୃଥ୍ୱୀର ବଦଳା ରଙ୍ଗରେ
ବୋଳିଦିଅ ଆମ ପ୍ରେମରଙ୍ଗ
ଚାଲ ସବୁ ମଲାଘାସ ଡେଇଁ
ନୂଆରେ ଗଢ଼ିବା ଆମ ପ୍ରେମର ସନନ୍ଦ
ଯାହା ଅଛି ତାହାଠାରୁ ଆଉରି ସୁନ୍ଦର
ଆସ ପ୍ରିୟେ ଯୋଡ଼ି ହୋଇଯାଅ
ଦିଅ ଜୀବନ୍ୟାସ ଦପ୍ ଦପ୍ ଶିଖାକୁ
ଉଜ୍ଜୀବିତ କର ନ ଲିଭନ୍ତୁ ସେମାନେ
ହତାସାର ଚରମ ଲଜ୍ଜାରେ ।

ପ୍ରାର୍ଥନା ମୁଦ୍ରାରେ ଆଣ୍ଠେଇଲା ଦ୍ରୌପଦୀ
ମୋର ଏକ ସ୍ୱପ୍ନ ଥିଲା ଧନଞ୍ଜୟ, କହିଲା ଦ୍ରୌପଦୀ
ଦେଖିବାକୁ ପୂର୍ଣ୍ଣ ପୃଥିବୀ ମୋର ଏକାନ୍ତ ନିଜର
ତୁମର ସେ ସୂରାଗ ଆତ୍ମାରେ
ମୋର ସମସ୍ତ ସ୍ପନ୍ଦନ ନେଇ ଘୁରିବାକୁ
ଆକାଶର ଛାଇ ଡେଇଁ ଅନ୍ତରୀକ୍ଷ ମହାପରିଧିରେ
ଗଢ଼ିବାକୁ ପୂର୍ଣ୍ଣତାର ମହାମେଢ଼
ନାରୀତ୍ୱର ପୂର୍ଣ୍ଣଗର୍ଭା ପ୍ରଶାନ୍ତ ଶଇତଳ
ପ୍ରେମର ନୈତିକ ବିସ୍ତାର ମୁକ୍ତ ସୁବିମଳ
କ୍ଷମତାର ଅହଂକାର ଠାରୁ ଅମର ଦୂରତ୍ୱରେ
ଜୀବନର ଆଲୋକ ପର୍ବପରି ଶୁଦ୍ଧ ଆନନ୍ଦରେ
ଗୋଟିଏ ଜନ୍ମର ସ୍ୱାଧୀନ ସଂସାର:
କିନ୍ତୁ ଦେଖ କଣ କଣ ସାଲିସ୍ ମୁଁ ନକରୁଛି
ନିତି ଭାଙ୍ଗି ପଡ଼ୁଛି ମୁଁ ନୂଆ ବାରିଘର
ଖର ନିଶ୍ୱାସରେ ଯାହା ହୁଏ ଚୁରମାର
ନୂଆ ସୂର୍ଯ୍ୟ ନାଲିବେଳେ ବିବର୍ଣ୍ଣ ବିଭ୍ରାନ୍ତ
ଖାଲି ମୋର ଅନ୍ତରର ନାରୀପଣ ଲୁଚାଇବା ପାଇଁ
ଦେହର ଖୋଳରେ ଧରି ଅମନା ସଂସାର
ସାମାଜିକ ବନ୍ଧନରେ ନିଖୋଜ ମନଭୂମି
ଖୋଜେ ମୁଁ ଏକା ଏକା ନିଜ ପରିଚୟ ।

ଉଠାଇ ନେଲେ ଅର୍ଜ୍ଜୁନ
ଅଧାକୋହ ଅଧାମୋହ ଧରଧର ସ୍ୱରେ
କହିଲେ ପାଞ୍ଚାଳୀ - ତୁମକୁ ଦେଇଛି ମୁଁ
ପୌରୁଷର ସବୁ ଅହଂକାର ନିରୋକ ପ୍ରେମରେ
ମୋର ପୁରୁଷାର୍ଥ ଇହପର କାଳ
ହେ ମୋର ପ୍ରାଣପ୍ରିୟା ରାଜକନ୍ୟା
ଯେଉଁ ନାରୀ ହଜିଯାଇ ନାହିଁ ଭିନ୍ନ ଭିନ୍ନ ଭୂମିକାରେ
ଯେମିତି ମୁଁ ମଧ୍ୟମ ପାଣ୍ଡବ ଇନ୍ଦ୍ରପୁତ୍ର
ଦ୍ରୋଣଶିଷ୍ୟ ଯୁଦ୍ଧ କୌଶଳର ଛାତ୍ର
ଅସ୍ତ୍ରଶସ୍ତ୍ର ସଂଗ୍ରହାକ ନୀରବ ନିଷ୍କମ
ସେମିତି ତୁମେ ରାଣଇ ପତ୍ନୀ ପାଞ୍ଚ ଭାଇଙ୍କର
ରାଜମହଲର ମିଶି ତମ ହାତେ ଆମ ଭାଗ୍ୟରେଖା
ଯେମିତି ଆଦେଶ ଦେବ ପାଳିବି ମୁଁ
ସମର୍ପିତ ପ୍ରେମଧୂପ ବାନ୍ଧିବି ମୁଁ ତୁମ ପାଇଁ
ତୁମ ଇଚ୍ଛା ହେବନି ଅନ୍ୟଥା-

ମହାନ୍ ଅର୍ଜ୍ଜୁନ ତେବେ ହେବେ ମୋର ଦାସ
ଆଜ୍ଞାନୁପାଳକ ଏକ ବିକ୍ଷତ ମନର ?
ପ୍ରେମରେ ଦାସତ୍ୱ ନହିଁ ଆଦେଶ ନିର୍ଦ୍ଦେଶ ନାହିଁ
ପ୍ରେମ ଏକ ମହାକାଶ ଦୁଇଟି ମତର
ସେତ ନାହିଁ ବଡ଼ସାନ ମୁକ୍ତ ପରାଧୀନ:
ଓଃ ସବାମୀ କରନାହି ସଙ୍କୁଚି ମନର ଆକାଶ
ଶୂନ୍ୟତାର ବୋଝବୋହି ଯାଇଛି ମୁଁ ଦବି
ଓଲଟିଛି ମଞ୍ଚ ମୋର ଆତ୍ମ ସନ୍ଧାନରେ
ବାସ୍ ଆଉ କଥା ନାହିଁ ଆସ ଗଢ଼ିବା ମିଶି
କରିବା ପୁନର୍ନବା ଆମ ବନ୍ଧ୍ୟା ଆଶା
ଈଶ୍ୱରଙ୍କ ଭୁଲ୍ ସୁଧାରିବା ଆମେ
ପ୍ରେମର ମଲମ ଦେଇ ଭରିଦେବା ସତ ।

କେମିତି ଫାଲ୍‌ଗୁନି କେମିତି ପାଲଟିଦେବା
କେମିତି ଯୋଡ଼ିବି ତୁମେ ପାଞ୍ଚ ଭାଗେ ବଣ୍ଟା
ମୋର ନରୀମାନେ ଆତ୍ମାର ଭଗ୍ନାଂଶ ?

ପ୍ରେମରେ ପାଞ୍ଚାଳୀ ପ୍ରେମହିଁ ପ୍ରକୃତି
ଯାହା ପୁଣି କଅଁଳାଏ ସତେଜ ମନଫୁଲ
ବାତ୍ୟା ବନ୍ୟା ଭୂକମ୍ପର ବିଦୀର୍ଣ୍ଣ ମାଟିରେ:
ଆସ ପ୍ରିୟା ତମର ଏ ରମ୍ୟ ଦୀପାଲୋକ
ଲିଭି ଲିଭି ଡାକଦିଏ ତେଜିଦିଅ ପ୍ରେମର ସଳିତା
ଅନ୍ଧାରକୁ ଚୁମି ଦିଅ ବିଜୁଳି ଓଠରେ
ଚମକି ଉଠିବ ଆତ୍ମା ଜୀବନ ପୁଲକରେ
ମିଳିତ ରାଗଧ୍ୱନି ଉଦୟ ଲଗ୍ନରେ
କ୍ଷୟ ଅକ୍ଷୟର ବଳୟ ସେପାରେ ।

♥ ଶିଶୁ ବିହାର, ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୮୦୩୬୨୩

ସମକାଳୀନ କବିତା

# ଘୁମନ୍ତ ସମୟ

## ରାଜେଶ କୁମାର ମୁଣ୍ଡ

ବୟସ ସରିବା ଆଗରୁ
ହେ ମୋର ଆତ୍ମୀୟ ବନ୍ଧୁ
ଚାଲି ଆସ ଆଜି
ଏଇ ଅଚିହ୍ନା ସକାଳରେଫ

ରାତିର କାଳିମା
ଦେହରେ ଲାଗିବା ଆଗରୁ
ମଧୁର ମିଛଟିଏ ପରି
ଏକ ହେଇଯିବା, ମସଗୁଲ୍ ହେଇଯିବା
କିଛି କଳ୍ପନା ଜଳ୍ପନାରେ
ମିଳେଇଯିବା କେଉଁ ଅଜଣା ଭାବଭଙ୍ଗୀରେ,
ଅବଚେତନର ଅମୁହାଁ ଅଣସର ଘରେ ।

ଦିନ ସରିଯାଏ
ସଅଳ ଆସେନି ମାୟାବିନୀ ରାତି
ଯଦି ଆସେ, ମାଡ଼ି ବସେ
ତା' ବିଶାଳ ପଞ୍ଝା ମେଲାଇ,
ଝାମ୍ପିନିଏ ପ୍ରକାଶିତ ଅପ୍ରକାଶିତ ଭାବନାକୁ ।

କିଛି ବେଦନାସିକ୍ତ
ଆତ୍ମପ୍ରକାଶ କରିବା ଆଗରୁ
ଦୂରେଇ ଯାଏ ମାୟା ଅନ୍ଧକାର ।

ହେଲେ ସକାଳ ହୁଏନି
ଘୁମନ୍ତ ସମୟର ଘୁର୍ଣ୍ଣିରେ
ଏକ ଅଦୃଶ୍ୟ କ୍ଷମତା
ବାରମ୍ବାର କରୁଥାଏ କ୍ଷତାକ୍ତ
ଯାହାକୁ ଭୋଗିବାକୁ ପଡ଼େ ଏକ୍‌ଲା
ପାଖରେ ନ ଥାନ୍ତି କେଉଁ
ବନ୍ଧୁ ଅଥବା ଆତ୍ମୀୟ ପରିଜନ ।

♥ ଧର୍ମଗଡ଼, କଳାହାଣ୍ଡି-୭୬୬୦୧୫
ଫୋନ: ୯୫୮୩୮୪୨୩୨୫


► ରାଜେଶ କୁମାର ମୁଣ୍ଡ

# ମୁଖଶାଳା

## ମାନସ ରଞ୍ଜନ ମହାପାତ୍ର



▶ଚିତ୍ର : ଶିଳ୍ପୀ ଦିଶିତା ପାତ୍ର

ଏତେ ବର୍ଷ ବିତିଗଲା ପ୍ରେମରେ
ପୁରା ଗୋଟେ ଜୀବନ
ଯାହା ସହ ଦେଖାହେଲି
ଲାଗିଲା, ଭଲ ହେଇଥାନ୍ତା ଦେଖା ନହେଇଥିଲେ
ଯାହା ସହ ଦେଖା ହେଇପାରିଲାନି
ତାକୁ ଝୁରିହେଲି ତମାମ୍ ଦିନରାତି ।

କେହି ଜଣେ ତ ଦେଖୁଛି
କେବେ, କେଉଁଠି, କେମିତି
ଜଣାନାହିଁ, ହେଲେ କେହି ଜଣେ
ଦେଖୁଛି ନିଶ୍ଚୟ !

ସେଦିନ ଠୁ ଚୁପ୍‌ଚାପ୍ ଠିଆ ହୋଇଛି ମୁଖଶାଳା
ଭାଙ୍ଗି ଗଲାଣି, ହେଲେ ଚମକ ଯାଇନି ।

ସମୟ ସହ ସହବାସ କେତେ କଷ୍ଟ ସତରେ
ଚାଲି ଯାଉଥାନ୍ତି ଅନେକ ଲୋକ
ନଥାଏ ହିସାବ
ଗୋଟେ ଅଜଣା ଛକରେ
ଠିଆ ହେଇଥାଉ
ମୁଁ, ମୁଖଶାଳା ଓ ମୋର
ଗଲାଦିନ, ଆଜି ଓ ଆସନ୍ତାକାଲି ।

ଗୋଟେ ଅଦୃଶ୍ୟ ପତାକା ଉଡ଼େଇ
ନିର୍ବିକଳ୍ପ
ବେଳେବେଳେ ଭାରି ଇଚ୍ଛା ହୁଏ
ସୀମିତ ଏ ଜୀବନକୁ
ଏମିତି ବଢ଼େଇ ଦେବି ଯେ



▶କବି ମାନସ ରଂଜନ ମହାପାତ୍ର

କେହି ଛୁଇଁ ପାରୁନଥିବେ
କିଏ ଜଣେ ମନା କରେ
କାହିଁକି କେଜାଣି !

ନିଜ ଅନିଚ୍ଛା ସତ୍ତ୍ୱେ ମୁଁ ଚିରକାଳ
ହେଇ ଯାଉଥାଏ ସୀମାବଦ୍ଧ ।

ଆଜିକାଲି ସବୁଦିନ ବେଖବର
ସରକାରୀ ଘୋଷଣାନାମାରେ
ଚାଲୁଥାଏ ଦେଶ
ଅଲୋଡ଼ା, ଅଚିହ୍ନା ଶୋଭାଯାତ୍ରାରେ
ଅଗଣିତ ମଣିଷ ।

ବାସ୍, ଏଇଠି ସରୁ
ବାରମ୍ବାର କହୁଥାଏ ମୁଁ
ସରେ ନାହିଁ ଯାତ୍ରା
ପ୍ରତି ମୁହୂର୍ତ୍ତରେ ଭାଙ୍ଗି ପଡୁଥାଏ ମୋର ମନ୍ଦିର
ଅଚିହ୍ନା ଲାଗୁଥାଏ ମୁଖଶାଳା
ମୋ ନିସ୍ତବ୍ଧ ଅତୀତ
ମୋ ସ୍ଥବିର ଇତିହାସ !

♥ ଇନ୍ଦ୍ରଦ୍ୟୁମ୍ନ ଛକ, ଟିକରପଡ଼ା ରୋଡ଼,
ପୁରୀ-୭୫୨୦୦୨
ଫୋନ:୯୮୯୧୯୪୬୧୭୮

# ମୃତ

## ରିଆ ନନ୍ଦ

ଫାଳେ ସୂର୍ଯ୍ୟ ଛିଟିକି ପଡ଼ିବା ପରେ
ଆଉ ଫାଳେ ତା ଆତ୍ମୀୟଙ୍କ ଛାତିରେ ପଶିଯାଏ
ଦେଖେ ମୁଁ,
ମଲା ଲୋକଟା ଭାରି ପ୍ରିୟ ହେଇଯାଏ ।

ମୃତ୍ୟୁ ଆସି ଯାହା କେଶ ଆଉଁସେ
ଛାଏଁ ଜୟଜୟକାର ସେଇଠି ଅଜାଡି ପଡେ ।

ସେଇଥିପାଇଁ ବୋଧେ
ହେନେରୀ ଅଷ୍ଟିନ୍ ଡବ୍‌ସୋନ୍ କହିଥିଲେ
ଫେମ୍ ଇଜ୍ ଏ ଫୁଡ୍ ଦାଟ୍ ଡେଡ୍ ମ୍ୟାନ୍ ଇଟ୍

ଗୋଟେ ଭଙ୍ଗା ଆକାଶ ତଳେ
ଅନେକ ଅଶୁଭତାରେ, ଅସ୍ୱଚ୍ଛତାରେ ଗଢନ୍ତି ଶେଜ,
ମଖାନ୍ତି ରଙ୍ଗ,
କିଛି ହାତଗଣତି ରଙ୍ଗ ଗାଢ଼ ଥାଏ
ବାକି ସବୁ ପାଣିଚିଆ
ନା ମାଟିରେ ଥାଏ
ନା ଆକାଶରେ ଥାଏ !

ଶବ ପାଲଟିଲା ପରେ
ସିଏ ଶୂନ୍ୟ ହେଇଯାଏ ।

ଖୁନ୍ଦି ହେଇଥିବା ସ୍ୱପ୍ନ ସବୁ
ମଲା ଭାବନା ସବୁ ନିସ୍ତେଜ
ଚୁପ୍ ସବୁ ପ୍ରଶ୍ନ

ପିଣ୍ଡ ପାଉଁଶ ପାଲଟି ଯିବ
ଏଥର ବଖାଣ ଯେତେ ବଖାଣି ପାରିବ

ତା ଗୁଣ ଗାରିମା
ସଂଘର୍ଷର ମହାକାବ୍ୟ ।

ପଢ଼ ଯେତେ ଶୋକସମ୍ବାଦ
ଛାପ ଯେତେ ଆଲେଖ
ଫଟୋ,
ନିବେଦନ,
ସମବେଦନା,
ଶ୍ରଦ୍ଧାଞ୍ଜଳି
ଲୁହରେ ପଖାଳ ତା ମୁହଁ ।

ସନ୍ତାପରେ ଶଙ୍ଖାଳ ତା ଦେହ ।

ହେଲେ ଶବ ହେଲା ପରେ ହିଁ କାହିଁକି ?
ସମୟରୁ ଭେଟିଦିଅ କିଛି ସଦ୍ୟ ପାଦଚିହ୍ନ
କିଛି ପ୍ରେମ, କିଛି ତମାମ୍ ମଗ୍ନତା
କିଛି ସହଭାଗିତା

ଗଛଟା ମରିଗଲା ପରେ
ଆଉ ପାଣି ଦିଅ କି ଗଂଗା ଜଳ
ସିଏ ମୃତ ।

♥ ଭୁବନେଶ୍ୱର, ଫୋନ:୯୪୩୯୭୨୪୩୦୦



◄ରିଆ ନନ୍ଦ



ଚିତ୍ର : ଶିଳ୍ପୀ ଶିଖା ସ୍ୱରୂପା ନାୟକ

# ନିଜ ନିଜ ପରିଧିରେ

## ପ୍ରଭାତ ନଳିନୀ ମହାପାତ୍ର

ଏଇ ଭଂଗାଗଢାର ସଂସାର ଭିତରେ
କ'ଣ ବା ରହିଛି
ସବୁବେଳେ ସନାତନ ?
ଆମେ ବେଳେବେଳେ
ନିଜେ ହିଁ ବୁଝି ପାରୁନା ନିଜକୁ,
ଗୋଟିଏ ପ୍ରହେଳିକା
କି କକ୍ଷଚ୍ୟୁତ ଉଲ୍‌କା ପରି
ଚାଲିଥାଉ ଆପଣା ବାଟରେ ।

ବେଳେ ବେଳେ
ଆମେ ସବୁକିଛି ବୁଝିବାର ଛଳନା କରୁ
କରୁ ଆତ୍ମପ୍ରବଞ୍ଚନା,
ଅଥଚ ବିଶ୍ୱବ୍ରହ୍ମାଣ୍ଡରେ
କୋଟି କୋଟି ଗ୍ରହନକ୍ଷତ୍ର
କିଏ କେତେ ବା ଜାଣିଛି କାହାର ଠିକଣା ?

ପାଖେ ପାଖେ ଥାଇ ବି
ଆମେ ଚିରକାଳ ରହିଥାଉ ଅଜଣା,
ନିଜ ନିଜ ପରିଧିରେ ଘୁରି
ଭୁଲିଯାଉ ଅନ୍ୟକୁ
ଆରମ୍ଭରୁ ଶେଷଯାଏଁ
ଗୋଟାଏ ଅନ୍ୟମନସ୍କତା,
ସାଇତି ଥାଉ
କିଛି ଜାଳିଦେବାର ଉପାଦାନ ।

ନିଜେ ଜଳି ଅନ୍ୟକୁ ଆଲୋକିତ କଲେ
ହୁଏତ ହୋଇପାରନ୍ତା କିଛିଟା ସମାଧାନ
ଅଥଚ ଆପଣାର ବାଟ ଖୋଜିବାରେ
ବିତିଯାଏ ତମାମ୍ ସମୟ,
କେବେ ବି ମିଳେନା
ଧୂପକାଠି ପରି ଜଳିଯିବାର
ଆତ୍ମବିଭୋରତା ।

♥ ଅବସରପ୍ରାପ୍ତ ପ୍ରାଧ୍ୟାପିକା,
ସାମରାଇପୁର, ଭଦ୍ରକ
ଫୋନ:୯୪୩୭୧୯୩୯୪୦



◄ପ୍ରଭାତ ନଳିନୀ ମହାପାତ୍ର

# ଦେବୀ

## ଗଙ୍ଗାଧର ବିଶ୍ୱାଳ

**(ଜନରବ ଅଛି,**
**ଘର ତିଆରି କାମରେ ଦେବୀର ହାତ ନ ଲାଗିଲେ**
**ଘରଟା ଘର ଭଳି ଲାଗେ ନାହିଁ ।**
**ସେଇମାନେ ଏ କଥା କହନ୍ତି,**
**ଯେଉଁ ମାଲିକ ମାଲିକାଣୀ ନୂଆ କରି**
**ଘର ତିଆରି କରୁଥାଆନ୍ତି ।)**

ଥାଏ,
ଛତା ତଳ ଛାଇରେ ଯୋଡେ ଆଖି ।
ମାଲିକାଣୀର ନଜରବନ୍ଦୀରେ ଥାଏ କାମ
ମନ ମିଜାଜ୍‌ର ତାପମାତ୍ରା ଛୁଇଁ ସାରିଥାଏ
ପଇଁଚାଳିଶ୍ ଡିଗ୍ରୀର ଟାଣ ଖରା ।

କାମ ଚାଲିଥାଏ । ହାତ କଥା କହୁଥାଏ ।
କାନ୍ଥରେ ହଳେ ଖାଲିପାଦ ଓ
ଗାମୁଛା ଘେରା ଗଛ ଡିଆଁ ହନୁପିଚାକୁ ଅକ୍ତିଆରରେ ରଖି
କାନ୍ଥର ଉଚ୍ଚତା ବଢଉଥାଏ ମିସ୍ତ୍ରୀ,
ସ୍ତ୍ରୀ ଛେଉଣ୍ଡ କଟ ମିସ୍ତ୍ରୀ ।

ନିଆଁ ଖୋଳା ପାଖରୁ ଛାତ ପକା
ପଲସ୍ତରା,
ତୁଳସୀ ଚଉରା
ଓ ପାଚେରି ନିର୍ମାଣକୁ ଠିକା ଧରିଛି ମିସ୍ତ୍ରୀ
ନଅ ମାସ ପଚିଶ ଦିନ ।

ମଥାରେ ଥରକେ ବାରଖଣ୍ଡ ଇଟା
ନିଜର ବାଷଠି କିଲ ଓଜନିଆ ଦେହ
ପିଠିରେ ସାତ ବର୍ଷ ଆଠ ମାସର ସଂସାର
ପେଟରେ ଚାରିମାସର ରକ୍ତମାଂସ ପିଣ୍ଡୁଳା ଧରି
ମିସ୍ତ୍ରୀ ପାଖରେ ଠିଆ ହୁଏ ଦେବୀ ।

ଦିନକର ଖଟଣିରେ ସେମାନେ ପାଞ୍ଚ ପ୍ରାଣୀ ।
ତିନିଟା ଝିଅ



▲ କବି ଗଂଗାଧର ବିଶ୍ୱାଳ

ମା’ବୁଢ଼ୀ
ନିଜେ ଦେବୀ । ମରଦ ମନୁଆକୁ ଛାଡ଼ି ।

ଦିନର ଖରାରେ କାମ
ରାତିର ଅନ୍ଧାରରେ ନିଦ ବିତେ
ଝାଟିମାଟିର କୁଡ଼ିଆ ଘରେ,
ବାଲିଧାରୀ ଆଦିବାସୀ ବସ୍ତିରେ
ଦେବୀର ।

ଖରାର ଜିଭ ଚାଟିନିଏ ଦେବୀ ଦେହର ମାଂସ
ଖରାର ନିଃଶ୍ୱାସ ପିଇଦିଏ ଦେବୀ ଦେହର ରକ୍ତ ।
ମିସ୍ତ୍ରୀର ବୋଲ ମାନେ, ହୁକୁମ ପାଳେ ଦେବୀ
କାମ ଉପରେ ବସି ରହିଥାଏ ମାଲିକାଣୀଙ୍କ ନଜର ।

ଇଟାରେ ତିଆରି ହେଉଥାଏ ଘର ।
ଦେବୀର ହାତରେ କାନ୍ଥ ଦିଶୁଥାଏ ସୁନ୍ଦର ।

ଦେହ ପା’ ଭଲ ନାହିଁ ଶୁଣିଲେ
କାମ ଉପରକୁ ଆସେ ନାହିଁ କଟ ମିସ୍ତ୍ରୀ,
ପଚାରିଲେ ଉତ୍ତର ନଥାଏ ।
ଦେବୀ କହେ, ତାକୁ କିଛି ଜଣାନାହିଁ ।

ଦିନରେ ନୁହେଁ, ସଞ୍ଜରେ ।
କେବେ କେମିତି ରାତିରେ
କୁଣିଆ ହେଇ ପହଞ୍ଚିଯାଏ ଦେବୀର ମରଦ ମନୁଆ ।

ଖାଏ
ଖୁଆଏ ।
ପିଏ
ପିଆଏ ।
ଗପେ
ସ୍ୱପ୍ନ ଦେଖାଏ ।
ଶୁଏ
ଶୁଆଏ ।
ସକାଳ ହେଇନଥାଏ
ଚାଲି ଯାଇଥାଏ ।

ଦେହର ଦରଜ ହାଲ୍‌କା ଲାଗେ ଦେବୀର
କାମକୁ ବାହାରିଯାଏ ଫୁର୍ତ୍ତି ମନରେ ।
ମିସ୍ତ୍ରୀ ହାତକୁ ଇଟା ବଢାଉ ବଢାଉ
କାଲି ରାତିରେ
ମନୁଆ ଆସିଥିଲା କହି ଲାଜ ପାଏ ।

କଟ ମିସ୍ତ୍ରୀ କଣେଇ କଣେଇ ଚାହେଁ,
ମୁର୍କି ମୁର୍କି ହସି ।
ମାଲିକାଣୀଙ୍କ ଛତା ତଳ ଛାଇର ଯୋଡେ ଆଖିରୁ
ତେର୍ଚ୍ଛା ନଜର ଛିଟିକି ଆସେ ।

**(ମଣିଷ ତିଆରି କରୁଥାଏ ଘର ନିଜ ପାଇଁ**
**ଈଶ୍ୱର ଗଢୁଥା’ନ୍ତି ମଣିଷ ତାଙ୍କ ନିଜ ପାଇଁ ।)**


♥ ‘ଆମ ଘର’, ନିଉ କଲୋନି, ନେଳିଆବାଗ
ଶ୍ରୀକଣ୍ଠପୁର, ବାଲେଶ୍ୱର – ୭୫୬୦୦୧
ଫୋନ : ୯୪୩୭୧୨୯୨୬୫

# ମହକ

## ନର୍ମଦା ନୀଳୋତ୍ପଳା

ଦେଶର ବି ଗୋଟେ ବାସ୍ନା ଅଛି
ଫୁଲ, ଫଳ, ଗଛ ଓ ମାଟି ପରି
କିଛି ସମୟ ଅଟକି ଯିବାକୁ ପଡ଼େ
ଭାବିବାକୁ ପଡ଼େ
ଅନୁଭବ କରିବାକୁ ପଡ଼େ ସେ ବାସ୍ନାକୁ ।
ଲୁଣ୍ଠନ କରିବାକୁ ନୁହେଁ
ଲୋଟି ପଡ଼ିବାକୁ ଇଚ୍ଛା ହୁଏ ।

ଦେହ ସାଙ୍ଗରେ ତୁମେ କିଛି ବି କରିପାର
ଚୁମ୍ବନ, ଆଲିଙ୍ଗନ, ବଳାତ୍କାର, ସହବାସ ବି କରିପାର
ଦେହକୁ ଖଣ୍ଡିଆ ଖାବରା କରି
ଲହୁ ଲୁହାଣ ମଧ୍ୟ କରିପାର ।
ଦେହ ମଣ୍ଡପରେ ତୁମେ ତାଣ୍ଡବ ବି କରିପାର
ଦେହ ସବୁ ସହିଯିବ
ପୁଣିଥରେ ସଜବାଜ ହେଇ ଠିଆ ହେଇଯିବ ।

ଦେହର ବି ଗୋଟେ ମହକ ଅଛି
ଫୁଲର ମହକ ପରି
ଯଦି ଉଡ଼ିଆସି ଥରେ ଦେହରେ ଲାଗିଯାଏ
ଲାଗେ, ଯେମିତି ଏ ମହକ ସେମିତି
ରହି ଯାଆନ୍ତି କି ମନରେ ସବୁଦିନ ପାଇଁ ।

ସେ କଥା ସମସ୍ତେ ଜାଣି ପାରିବେନି
ଯେମିତି ଦେଶର ମହକକୁ ସମସ୍ତେ ଜାଣି ପାରନ୍ତିନି ।

ନହେଲେ ତୀବ୍ର ଦୁର୍ଗନ୍ଧ କିପରି ଆସନ୍ତା ଆମ ଭିତରୁ ?
ମହକକୁ କେବେଠୁ ଆମେ ଭୁଲି ସାରିଛୁ
କେବଳ ଗୋଟେ ଦେଶ ଓ ଦେହ ଦିଶୁଛି ବାସ୍ନାହୀନ ହୋଇ
ଯେଉଁଠ ଯେତେବେଳେ ଚାହିଁବା
ସେଠି ଆକର୍ଷଣ ନଥାଏ
ଦେହକୁ ବୋଧ କରିବା ପାଇଁ
ଅନ୍ଧାରକୁ ଆପଣାଇବାକୁ ପଡ଼େ
ବାସ୍ନାକୁ ନୁହେଁ ?
ଆଲୋକର ଅନ୍ୟ ନାମ ତ ବାସ୍ନା
ଅନ୍ଧାରର ଅନ୍ୟ ନାମ ଗୋଟେ ଦେହ
ଦେହକୁ ରଖି ହେବ ପକେଟ୍‌ରେ
ଟଙ୍କା ପରି
କିନ୍ତୁ ମହକକୁ ନୁହେଁ ?

♥ ସାଇସର୍ଜନା, ବାଲିକୁଦା, କଟକ-୭୫୪୦୧୧
ଫୋନ:୮୭୬୩୧୯୧୯୬୮


ଫଟୋ ନର୍ମଦା ନୀଳୋତ୍ପଳା

# ମୋକ୍ଷ ଏଠି ଅଭିଶପ୍ତ

## ମାନସ ରଂଜନ ନାୟକ

ପୃଥ୍ୱୀର ଆବର୍ତ୍ତନର ସ୍ୱର ମିଳାଇ, ଘୂରେ ବିବର୍ତ୍ତନର ଚରଖା
ବିନା ଆଶ୍ଲେଷେ ଆୟୁଷ ବିତେ, ପ୍ରଲମ୍ବିତ ଲାଗେ ମୋକ୍ଷର ପ୍ରତୀକ୍ଷା
ସମ୍ପର୍କ ସୀମିତ ଏଠି, କେଇ ମୁହୂର୍ତ୍ତର କାମନା ସିକ୍ତ ସମ୍ଭୋଗ
ଜୀବନକାଳ ପ୍ରହେଳିକାମୟ, ଶେଷରେ ପ୍ରଶ୍ନବାଚୀ ବିୟୋଗ...।୧।

ମୋହାଚ୍ଛନ୍ନ ପ୍ରେମ, ବଦଳରେ କୁତ୍ସିତ ନିର୍ବାସିତ ମାନସିକତା
ସ୍ତିମିତ ଚେତନା, ଅସ୍ତମିତ ସ୍ୱପ୍ନମାନଙ୍କର ଆର୍ତ୍ତ ଆକୁଳତା
ପ୍ରାପ୍ତି ପରିତୃପ୍ତିର ସହଜ ମାନସାଙ୍କେ, ଜୀବନ ସାଜେ ଇନ୍ଧନ
ବେଶି ଅନ୍ଧାର କମ୍ ଆଲୁଅ, ଜୀବନ ଏକ ଔଜ୍ଜଲ୍ୟରେ ସନ୍ଧାନ ।୨।

ପିଢ଼ି ପରେ ପିଢ଼ି ବୋହିଯାଏ, ଜୀବନ ସାଗରେ ଉତ୍ତାଳ ଲହରୀ
ପ୍ରଗତିର ଡିଣ୍ଡିମରେ ବଦଳିନି କିଛି, ବାହୁନୁଛି ଭାଗ୍ୟକୁ ଆଦରି
ମାଟିମଗ୍ନା କୁହୁଡ଼ିର ସନ୍ତରଣେ ପରିବ୍ୟାପ୍ତ ତା’ ପାର୍ଥିବ ମୋହ
ଭିଟାମାଟି ଛାଡ଼ି ଇଟାଭାଟିରେ ସିଝୁଛି ଆତ୍ମାର ଅସ୍ପଷ୍ଟ କୋହ ।୩।

ସିଗ୍‌ନାଲ୍‌ରେ ମା କୋଳେ, ଭୋକପେଟା ଶିଶୁଟିର କରୁଣ ଚାହାଁଣି
ନାଲି ଫିତା ଖଣ୍ଡକୁ ନିଅଣ୍ଟ କରି ଗୋଟାଳି ଝିଅ ହାତେ ଟାରେଣି
ସମର ଏଠି ଅଭିଳଷିତ ବିଳାସ, ପ୍ରକମ୍ପିତ ଚତୁର୍ଦ୍ଦିଗ ଯୁଦ୍ଧର ହୁଂକାର
ରକ୍ତାକ୍ତ ନିସ୍ପନ୍ଦ ଚିତ୍କାର ଆବୋରେ ଦେବାର୍ଚ୍ଚନାର କ୍ଷୀଣ ଓଁକାର...।୪।

ଅନ୍ତଃକରଣ ଅନ୍ୱେଷଣେ କଟିଥିଲା ଗିରିଶୃଙ୍ଗେ ସହସ୍ର ଅବ୍ଦ
ଧ୍ୱଂସର ଅନଳେ ଶୁଭେ ଅବାଞ୍ଛିତ ବିଜୟର ଉଲ୍ଲାସ ଉନ୍ମାଦ
ଉଜୁଡ଼ା କ୍ଷେତରୁ ସପନ ସାଉଣ୍ଟେ ଆତ୍ମା ତା’ର ମୋକ୍ଷ ଆକାଂକ୍ଷିତ
ଜୀବନ ଜୀବିକାରେ କବଳିତ ସେ, ଅବଧି ଆଗରୁ ସମାଧିସ୍ଥ ।୫।

ଅହିଂସା ଆବୋରି ଲହୁଲୁହ ପିଇ ପାଇଥିଲା ସ୍ୱାଧୀନତା ମୋକ୍ଷ
ଅନୁଭବେ ତାହା ଏବେ ଦାଦନ ପିଠିରେ ଶକ୍ତ ଚାବୁକ୍ ଠୁ ରୁକ୍ଷ
ପ୍ରଜାପତି ଭୁଲିଯାଏ ଅବଧାରଣ ସଁବାଳୁଆର ପ୍ରାଦୁର୍ଭାବ
କେଉଁଠି ମୋକ୍ଷ ଓ କିପରି ନିର୍ବାଣର ଜୀବନ୍ମୋୟ ଅନୁଭବ ।୬।

♥ ମଞ୍ଜୁରୀରୋଡ଼, ଭଦ୍ରକ
ଫୋନ:୯୮୯୦୮୫୧୪୨୭

ଫଟୋ ମାନସ ରଂଜନ ନାୟକ




▶ ଚିତ୍ର : ଶିଳ୍ପୀ ମିଞ୍ଜୁ ଡୋଲାଇ ଦାସ

# ଶାଢ଼ି

**ଅବିନାଶ ସାହୁ**

ଗୋଟେ ପଟେ ତୁଳା
ଆଉ ଗୋଟେ ପଟେ ନିଜକୁ ରଖି
ଓଜନ କଲି
ମୋର ତୋ ପ୍ରତି ଆସକ୍ତିକୁ,
ମୋର ପଲା ଭାରି ହେଲା ପରେ ହିଁ
ମତେ ଲାଗିଲା
ସୂତାର ଏ ମୁଣ୍ଡରେ ମୁଁ
ଆର ମୁଣ୍ଡରେ ତୋ ହାତ ।

ତୋ ବିନା ବିତୁଥିବା ମୁହୂର୍ତ୍ତ ମାନେ
ଗୋଟେ ପଟୁ ବିଷାଦର ରଙ୍ଗ ହେଇ
ଚଢ଼ିଲେ ସୂତାରେ,
ରଙ୍ଗହୀନ ଲାଗିଲା ନାହିଁ
ସୂତା ଆଉ ଜୀବନ
ଯେତେ ସବୁ ତୋର କରି ବଞ୍ଚିଲି ।

ଅଡୁଆ ସୂତା ପରି
ତୋ ନଥିବାଟା
କେବେ କେବେ ଅଟକେଇଲେ ମତେ
କେବେ ପୁଣି
ନିଛାଟିଆ ବେଳ ସରିବା ଯାଏଁ
ଖରାରେ ଶୁଖିଲି

ଧଡିରେ ଗୁନ୍ଥିଲି
ଗୋଟି ଗୋଟି କରି
ମୋର ଯେତେ ସବୁ
ଭଲପାଇବାର ମୋହ

ଆମ ଭେଟ ହେବାକୁ ଥିବାର
ଦୃଶ୍ୟମାନେ ଆପେ ଆପେ
ଆଙ୍କି ହେଇ
ସଜେଇ ନେଲେ
ନିଜେ ନିଜକୁ ।

ସେବେ ମୁଁ ବୁଣିଲି
ତତେ ସେପାଖୁ
ମତେ ଏପାଖୁ
ପୁଣି ସେପାଖୁ ମତେ
ତତେ ଏପାଖୁ ।

ତୋର ଉଲଗ୍ନ ପାଦ
ମୋ ଆଖିର ସୀମାନ୍ତରେ ଅଟକେ ନାହିଁ ବୋଲି
ତତେ ଛନ୍ଦିବାକୁ ଶାଢ଼ିଟିଏ ଦେଲି
ତୋର ଅଲକ୍ଷ୍ୟରେ
ଲକ୍ଷ୍ୟରେ ମୋର
ପିନ୍ଧି ନେଲୁ ତୁ
ତୋ ଠାରେ ଛନ୍ଦି ହେଇଗଲି ।

♥ ନିର୍ଦ୍ଦେଶକ: ଅବିକା ଟ୍ରେଣ୍ଡସ୍ ପଲସ୍, ପ୍ଲଟ୍ ନଂ ୩୦୯୫, ଡେରାଙ୍ଗ,
କଣିହା, ଅନୁଗୋଳ-୭୫୯୧୧୭, ଫୋନ୍ : ୭୮୭୩୦୭୪୧୪୨



▶ ଫଟୋ ସୌଜନ୍ୟ ସ୍ୱୟଂ

# କଳାପାଣିର କୋହ

**ଡାକ୍ତର ନୀଳମାଧବ କର**

ତୁମ ଆଉ ମୋତେ
ବାରମ୍ବାର କରନା ଖିନ୍‌ଭିନ୍
ଛାତିରୁ ମୋର ସ୍ମୃତିସବୁକୁ ଉଖାରି ଉଖାରି
ଜୀବନସାରା ସଂଗ୍ରାମ କରିକରି
ସେମାନେ ଏବେ
ଶୋଇ ପଡ଼ିଛନ୍ତି ନିଶ୍ଚିନ୍ତରେ
କାହିଁକି ନା ସେମାନଙ୍କର ଏବେ
ବିଶ୍ରାମ ଲୋଡ଼ା
ଏତେ ଗହଳ ଚହଳ କୋଳାହଳ ଶୁଣି
ଭଲା କେମିତି ସେମାନେ ଶୋଇ ପାରିବେ ?

ବାରମ୍ବାର ବାରଣ କରିଛି ତୁମମାନଙ୍କୁ
ନେହୁରା ହୋଇଛି ଢେର୍ ଥର
ଭାଙ୍ଗି ଦିଅନା ମୋ ବୁକୁର ନିରବତା
ଉନ୍ମାଦ ପରି ମୋ ସହ ଉଠାଅନା ଫଟୋ
ଆଉଁସି ଦିଅନା କ୍ଷତ ଥାନକୁ ମୋର
କାହିଁକି ନା ଆଜି ବି ଦେହରେ ମୋର
ସେମିତି ଭରି ରହିଛି ପରାଶ
ଏଯାଏଁ ଭୁଲିନି ମୁଁ ସେ ଲାଠି
ଆଉ ଚାବୁକ୍‌ର ପ୍ରହାର
ତୁମେ ସାଉଁଳେଇ ଦେଲେ ହୁଏତ
ଉତୁରି ଯିବ କ୍ଷତରୁ ବକଳ
ଏମିତି କଲେ ହୁଏତ ସେମାନେ
ହୋଇଯିବେ ତୁମ ଦୟାର ପାତ୍ର ।

ତୁମେ କଣ ଜାଣିନ ସେମାନଙ୍କର ସ୍ୱପ୍ନ ?
ସ୍ୱାଧୀନତା, ସ୍ୱରାଜ୍ୟ, ସ୍ୱାଧିକାର ପାଇଁ
କେମିତି ସେମାନେ ପତେଇ ଦେଇଛନ୍ତି
ଗୁଳି ଆଗକୁ ଛାତି ?
ଯନ୍ତ୍ରଣା ଜର୍ଜରିତ ଅନ୍ଧକାର କାରାକୋଠରିକୁ
ଆଦରି ନେଇଛନ୍ତି ଆଦରରେ
ଲାଠି ଖାଇଛନ୍ତି, ବେଠି ଖଟିଛନ୍ତି
ଜଙ୍ଗଲି ଜାନୁଆର ପରି
ଘୂରି ବୁଲିଛନ୍ତି ବଣ ଜଙ୍ଗଲ, ପାହାଡ଼ ଖୋଲ
ଭୁଲି ଯାଇଛନ୍ତି ଗାଁ ଗଣ୍ଡା, ଆତ୍ମୀୟ ସ୍ୱଜନ
ସାଙ୍ଗ ସାଥି, ବନ୍ଧୁ ପରିଜନ
ପାଶୋରି ଦେଇଛନ୍ତି ମା'ର ମମତା
ପତ୍ନୀର ପ୍ରେମ ସହ ଭୋକର ଅଦୌତି...

କେତେବେଳେ ହୋଲି ଖେଳିଛନ୍ତି
ରକ୍ତରେ ତ, କେତେବେଳେ
ଅହିଂସାର ଅସ୍ତ୍ର ଧରି ସହିଛନ୍ତି
ଅକଥନୀୟ ନାରକୀୟ ଯନ୍ତ୍ରଣା
କେତେ କେତେ ତ୍ୟାଗ, ତିତିକ୍ଷା
ପୁଣି ବଳିଦାନ ସବୁକୁ ଏକପୁଟ କରି
ଶେଷରେ ତୁମମାନଙ୍କ ହାତରେ
ଟେକି ଦେଇଗଲେ ଏ ଦେଶର
ଏ ଜାତିର ସ୍ୱାଧିନତା
ମାତୃଭୂମିର ପାଦରୁ ଖୋଲିଗଲା ବେଡ଼ି
ଗୋଟିଏ ଦୁର୍ଦ୍ଦାନ୍ତ ଜାତିର କବଳରୁ
ତୁମେମାନେ ଆଜି ମୁକ୍ତ ।

ସେସବୁ ଆଜି ଇତିହାସ
ଯାହାକୁ ତୁମେ ପଢୁଛ
ପୂର୍ବ ପୁରୁଷଙ୍କୁ ଜାଣିବା ପାଇଁ
ଦର୍ଶନୀୟ ଥାନ ଭାବି ବୁଲି ଆସୁଛ
ସ୍ମୃତିର ସୌଧକୁ ଦେଖିବା ପାଇଁ
ଥରେ କେବେ ଭାବିଛ, ସେମାନଙ୍କ
ପଦାଙ୍କ ଅନୁସରଣ ପାଇଁ ?

ତୁମମାନଙ୍କ ପରି ଅପାରଗ
ଦାୟାଦମାନଙ୍କ ଠାରୁ ସେକଥା
ଆଶା ରଖିବା ହିଁ ନିରର୍ଥକ
ତୁମମାନଙ୍କ ନିର୍ଲଜପଣ ଦେଖି
ମୋ ପ୍ରତି ମୋର ବି ଘୃଣା ଆସୁଛି
ଦୟାକରି ତୁମେମାନେ ଫେରିଯାଅ
ବରଂ, ସବୁଦିନ ପାଇଁ
ସମୁଦ୍ରର ଜୁଆରିଆ ଛାତିରେ
ନିଶ୍ଚିହ୍ନ ହୋଇଯାଉ, ଯେତେଯେତେ ବ୍ୟଥା ଓ ବେଦନା ସହ
କଳାପାଣିର କୋହ...

♥ ଓଲ୍‌ଭରହାମ୍ପଟନ୍, ୟୁକେ



# ଫି ବରଷ ଖରା

**ଅନୀତା ପାଣି**



▶ ଚିତ୍ର : ଶ୍ରୀ ମାନସୀ ଓଝା

ଫି ବରଷ ନରମ ପାଦରେ
ମାପୁଥାଏ ଖରାର ଉତ୍ତାପ ।

ଏଡେ ବୋକା କିଏ ଅଛି କୁହ ତ !

ଦିନ ବାରଟାରେ ଡଗଡଗ ପାଦ
ବାହାରି ପଡନ୍ତି ଦାଣ୍ଡକୁ ମାଆମାନେ
ମାଗି ଆଣିବ ବାରଦୁଆରୁ ଭିକ
ଚଇତ ମଙ୍ଗଳବାରେ
ସବୁ ଭସାଇ ଦେଇ ନଈରେ
ମଙ୍ଗଳା କୋଠିରୁ କାନି ପତେଇ
ମାଗୁଥାନ୍ତି ଛୁଆର ସୁଖ
ମାଆ ପାଇଁ ମରୀଚିକା ସାଜେ ଖରା
ନଈବାଲିରେ ଧାନ ମୁଠେ ବୁଣିଲେ
ଲିଆ ଫୁଟିବ
ହେଲେ ମା ପାଦ, ଖରାକୁ ହରେଇ ଦିଏ
ଖରା ମାପୁଥାଏ ମମତାର ଧାପ ।

ସମସ୍ତେ ଛାଇ ଖୋଜିଲା ବେଳେ
ଖରାକୁ ଯାଆନ୍ତି ବାପାମାନେ
ଡର ଲାଗେନି କେମିତି କେଜାଣି
ଖଣିଖାଦାନ ଭିତରେ ପାଣି ଟୋପେ ନାହିଁ,
ଗଛ ନାହିଁ କି ଛପର ନାହିଁ
ସବୁ ନିଆଁରେ ଗରମ କଲା ପରି ଟକମକ
ଛୁଇଁ ଦେଲେ ଚେଁ କରିବ
ହେଲେ ବାପାମାନଙ୍କୁ କିଛି ଲାଗେନି
ଭାଟିନିଆଁ ପରି ଖରାରେ ସିଝିସିଝି
ଦରମା ମୁଠାକ ପ୍ରାପ୍ୟ



▶ ଫଟୋ ଅମତା ପାଣି

ପାଠପଢା, ଜାମାପଟା, ଗାଡି, ଘର
ସେଇଥିରୁ ସବୁ
ଖରାର ବାପା ଆମ ବାପା ।

ଇଟା, ବାଲି, ସିମେଣ୍ଟରେ ପେସି ହେଉଚି ଖରା
ଚାରିପ୍ରାଣୀ ଝାଳବୁହା ଖଟଣି
ପେଟକୁ ଦାନା ଥାଉ କି ନଥାଉ
ତୃଷାର ତୃଷ୍ଣା ମେଣ୍ଟାଏ ପାଣି ତୋରାଣି ।
ଖରା ପିଠିରେ ନାଉ ହୁଏ
ମୁହଁ ସଞ୍ଜ ହେଲେ ନଈରେ ବତୁରୁ ଥାଏ
କେଡେ ବୋକା ମୂଲିଆ ପୁଅ
ଅଳସେଇ ଯାଇନି, କାମ କରି ଖାଇବ
ସକାଳକୁ ପୁଣି ମୁହଁ ଦେଖାଏ ।

ଖରା ସହିତ ମିତ ବସିଚି
ଆମ ଗାଁ କୃଷ୍ଣଚୂଡ଼ା
ନାଲି ଟକ୍ ଟକ୍ ରଙ୍ଗବତୀ ଖୋସା ବାନ୍ଧିଚି
ତା ଦେଖା ଦେଖି ପଡୋଶୀ ସୁନାରୀ
ଖରା ସହିତ ବଉଳ ବସିଲା
ଗୁରୁଗୁରୁ ହଳଦୀ ମାଖିଚି ଦେହସାରା
ହେଲେ ଖରା କାହାକୁ ନ ଦିଏ ଧରା ।

♥ ପଦ୍ମେଶୟ, ସୌଭାଗ୍ୟ ନଗର,
ତାଳଚେର, ଅନୁଗୋଳ-୭୫୯୧୨୨
ଫୋନ: ୮୩୨୭୭୦୫୯୭୦

# କ୍ଷେତ୍ରପାଳ: କୋଟା ଗାଁ-୨

**ଜୟଦ୍ରଥ ସୁନା**

ବୟସ ପାଖାପାଖି ସତୁରୀ
ତଥାପି ଛାଇ ମାତ୍ରୁ ନଥିଲା ବୟସର ଛିଟା
କୁଢ଼େଇ ଧରିଲେ ଫାଳଫାଳ କରି ଚିରି
ପକାଉଥିଲେ ବଡ଼ବଡ଼ କାଠ ଗଣ୍ଡି ।

ସୁଖେ ଖାଇବାକୁ ମିଳେନି
କାମ ନକଲେ ଏଠି କିଏ କାହାକୁ
ପଚାରେ ବୋଲି ଯୁକ୍ତି କରେ କ୍ଷେତ୍ରପାଳ ।
ନାଆଁଟା ଯେମିତି ଠିକ୍ ସେମିତି କାମ
କେବେ ତୁନି ହେଇ ବସିବାର ଦେଖିନି ଆଖି
ତାକୁ ଦେଖିଲେ ଦୁଇ ପୁରୁଷିଆ ମରଦ ବି ବାଟ ଛାଡ଼ୁଥିଲେ
କେଡ଼େ କେଡ଼େ ଢେଲାକୁ କାନ୍ଧରେ ବୋହି
ଖେତ ତିଆରିଛି କ୍ଷେତ୍ର ପାଲ
ଜଙ୍ଗଲ ଯାଇଛି
ମାଟି ବୋହିଛି
ଇଟା ଗଢ଼ି ବଜର କରିଛି ତାର ଦେହ ।

ତାର ଦେହ ଗୋଟେ ଲୁହା ପରି
ଯୋଉଠି ଛାଇ ମାତ୍ରୁ ନଥିଲା ଜର
କାଶ କି ଥଣ୍ଡା
ଫୁର୍ତ୍ତି ଭାବେ ଭାବେ ବାଟି ଗୋଟେ
ଘଡ଼ିକରେ ଖଟ ଛାଇ ଦିଏ କ୍ଷେତ୍ର ପାଲ ।



ଚିତ୍ର : ଶିଳ୍ପୀ ଜ୍ୟୋସ୍ନାରାଣୀ ନନ୍ଦ

ଆଜିଯାଏଁ ତାର କୁଟୁମ୍ବକୁ କାହା ଦୁଆରେ
ହାତ ପାତିବାକୁ ଦେଇନି
ନିଜେ ପାଣି ତେଣ୍ଡା ଭଳି ତେଣ୍ଡେଇ ହେଇଛି ସିନା
ନିଜେ ନିଆଁରେ ଜଳି ଚକଚକ ହେଇଛି ସିନା
ନିଜେ ଝରଣା ପରି ବୋହି ଯାଇଛି ସିନା
ଦୁଃଖ ସବୁ ଛାତି ଭିତରେ ପଥର କରି ।

ଏବେ ବି ଯେ କୌଣସି ଭେଣ୍ଡିଆକୁ
ମାତ୍ ଦେଇ ପାରେ ତାର ଚାଲି, ତାର ବପୁ ତାର କଥା
କି ମଧୁର ଥାଏ ତାର କଥାରେ କି ଜଣା
ଗାଁ ଯାକର ସଭେ କାନ ଡେରନ୍ତି
ତାର ଅତୀତର ଦୁଃଖ ସବୁକୁ ଆଦୁଗାରିଲା ବେଳେ
ଅଜଣାରେ ଆଖି ବାଟୁ ଦୁଇଟୋପା ଲୁହ ଝରିଆସେ ।

ଆଉ କଣ ମନାସିବି ତୁମ ପାଇଁ କ୍ଷେତ୍ରପାଲ
ତୁମ ପରି ବାପ ସମସ୍ତଙ୍କୁ ମିଳୁ
ଯିଏ ଚଟାଣ ପରି ବିଶାଳ ହୃଦୟରେ
ଏଡେବଡ଼ ପରିବାରକୁ ଧରି ବଞ୍ଚେ
ଦୁଃଖକୁ ଏକଲା ଏକ୍‌ଲା ସହି ପରିବାରକୁ ହସ ହସ ରଖେ ।

ବାଞ୍ଜିପଦର, ରେଗଡ଼ା ଏମ୍.ପୁର, କଳାହାଣ୍ଡି
ଫୋନ:୭୦୦୮୪୨୦୭୬୭



କବି ଜୟଦ୍ରଥ ସୁନା

# ଜୀବନ ଭୋଗ

## ଡାକ୍ତର ଦୀନବନ୍ଧୁ ସାହୁ

ପୃଷ୍ଠା ପରେ ପୃଷ୍ଠା
ଭୋକଶୋଷର ଲିପିଲେଖରେ
ଜୀବନ ନଥିର ବଢ଼ି ।

ନିତି ନିତିର ସୂର୍ଯ୍ୟୋଦୟରେ
କଅଁଳ ଉଜ୍ଜ୍ୱଳ ରଙ୍ଗରାଗରେ
ଚମକୁଥାଏ ଫି ପ୍ରଭାତର ସ୍ୱପ୍ନ
ବିମଳ ନବାଙ୍କୁରର ଆସ୍ପର୍ଦ୍ଧାରେ ଯେତିକି
ଭାବିପ୍ରାପ୍ତିର ତୀବ୍ର ଆକାଂକ୍ଷା ତଦୁର୍ଦ୍ଧ୍ୱ ।

ସ୍ୱପ୍ନ ହିଁ ଜୀବନର ପରମ ସାରଥୀ
ସମୟ ଓ ପରିସ୍ଥିତିରେ
ସ୍ୱପ୍ନଚକ୍ରର ଅନ୍ତିମ ପରିଣତି ।
ସମୟ ସୁଅରେ ସ୍ୱପ୍ନର ସ୍ୱରୂପ ନେଉଥିବା
ଯାବତୀୟ ସୁଖଭୋଗ, ରାଜସିକ ଇଚ୍ଛା
ତହଡହ ମେଣ୍ଟୁ ନଥିବା ଶୋଷ ହୋଇ
ନିରବଧି ବରଫୁଥାଏ ଅକାତକାତ
ଜୀବନ ନଈର ଜଳୋଦରରେ ।

ଭଙ୍ଗା ଆହୁଲା, ଦରଛିଣ୍ଡା ପାଲ
ଫୁଟାଡଙ୍ଗାର ଗରିବୀ ପସରା
ବାସ୍ତବତାର ଅସଲି ଚେହେରା ଜାଣି ବି



▲ ଚିତ୍ର : ଶିଳ୍ପୀ ସମୀକ୍ଷା ମିଶ୍ର

ଫି ପାହାନ୍ତି ଡେଣା ସାଜି
ଉଡ଼ିବାକୁ ଉଦ୍ୟତ ଭୋଗର ପୂଜାରୀ
ଆତ୍ମମିତ ଲାଳସାର ଯଜ୍ଞପୂର୍ତ୍ତି ଚରିତାର୍ଥରେ ।

କପଟୀ ବନ୍ଧୁର କିମ୍ଭିରୀପଣ
କଣ୍ଟାଫୁଟା ପାଦର ରକ୍ତଝରା
ଭୋକିଲା ବାଘର କଙ୍କଣ ନାଟ
କୋଶ କୋଶ ବେଳାଭୂଇଁର ତତଲାବାଲି
ଜୀବନଯାତ୍ରାର ଅଣଏଡ଼ା ଅଂଶବିଶେଷ ।

ଅସରନ୍ତି ସପନରେ
ଅନ୍ତସତ୍ତ୍ୱା ଫି ରାତିର ନିଦ
ଫି ସକାଳ ମାୟା କୁହୁଡ଼ିର ଘେର ।
ଭାଗ୍ୟ ଆଉ ଭୋଗର
ସଶକ୍ତ ଶୃଙ୍ଖଳରେ ବିଚରା ବାଟୋଇ
ଜୀବନ ଭୋଗିବ ବୋଲି ଅର୍ଥପୂର୍ଣ୍ଣ
କୁହୁଡ଼ିକଟା ସଂକଳ୍ପରେ
ପଦାତିକର ପଦପାତ ଯା' ବାକି,
ବାକିଯାହା ମାୟାମୃଗର ଇପ୍‌ସିତ ଶୀକାର ।

♥ ଭେଷଜ ବିଶେଷଜ୍ଞ, ପରଦେଶୀପଡ଼ା
ଭବାନୀପାଟଣା, କଳାହାଣ୍ଡି-୭୬୬୦୦୧
ଫୋନ : ୯୪୩୭୨୧୯୧୪୭



▲ ଡାକ୍ତର ଦୀନବନ୍ଧୁ ସାହୁ

# ରେଭେନ୍‌ସା

## ନରେଶ ମଣ୍ଡଳ

ସ୍ନାୟୁରେ ସ୍ନାୟୁରେ ରୋମାଞ୍ଚ !
ଅପାସୋରା ସ୍ମୃତିର ଗନ୍ତାଘର !
ଯେଉଁଠି ଜ୍ଞାନର ଗରିମା ସ୍ପର୍ଶ କରେ
ଭୂମି ଓ ଭୂମାକୁ ।
ଯେତେବେଳେ ଯିଏ ଫେରିଛି
ଜୀବନ ଯୌବନର ଏଇ
ଅଫେରା କାହାଣୀ ପାଖକୁ
ଶିଖିଛି ଜିଇଁବାର କଳା,
ଶିଖିଛି ଆନନ୍ଦ, ବେଦନା, ଆଶା,
ନିରାଶା, ପ୍ରେମ, ଅନୁରାଗ ଓ
ଆତ୍ମମର୍ଯ୍ୟାଦାର ସଂଜ୍ଞା ।

ଏଇ ସେ ରେଭେନ୍‌ସା ।
ଅଲିଭା ଶବ୍ଦଟିଏ ।
ବାନ୍ଧି ରଖିଛି କଟକ ସହରର ଜୀବନ ଧାରାକୁ ।
ସାଇତି ରଖିଛି ଅସରନ୍ତି ଉତ୍ସାହ ଆଉ
ଉଦ୍ଦୀପନାର ଅବ୍ୟକ୍ତ ସ୍ମୃତିରେ ।

ଈଷତ୍ ଲାଲ୍ ରଙ୍ଗର ଅଟ୍ଟାଳିକା
ଲୁଚେଇ ରଖିଛି ଶତାବ୍ଦୀ ଶତାବ୍ଦୀ ଧରି
ଅଜସ୍ର ବିଦଗ୍ଧ ଅନୁଭୂତିର ପେଡ଼ିଭରା ସିନ୍ଦୁକ ।

ବଦଳେଇ ଦେଇଛି ଜୀବନର
ସୀମା ସହରଦକୁ ।



▲ ଚିତ୍ର : ଶିଳ୍ପୀ ଦିଶିତା ପାତ୍ର

ଏଇ ରେଭେନ୍‌ସା
ହାତ ଧରି ଶିଖେଇ ଦେଇଛି,
ବିଶ୍ୱାସବୋଧର ପରିଭାଷା ।

ଅନ୍ତରଙ୍ଗ ଦର୍ଶନର ନିର୍ଲିପ୍ତ ନିର୍ଯ୍ୟାସକୁ
ଚିହ୍ନେଇ ଦେଇଛି ହାତ ଧରି ।
ମନେ ପକେଇ ଦିଏ
ଅଧ୍ୟାୟୀ ଓ ଅଧ୍ୟାପକମାନଙ୍କ
ନିବିଡ଼ ସଂପର୍କ ।
ମନେ ପକେଇ ଦିଏ
କଲେଜ୍ କୁଇନ୍ ତନୁଲତାର ସ୍ମିତହାସ୍ୟ ।
ମନେ ପକେଇ ଦିଏ
ଟେନିସ୍ ଫିଲ୍ଡ ଓ ରବିବାସରୀୟ ସାହିତ୍ୟ ଚର୍ଚ୍ଚା ।

ମନେ ପକେଇ ଦିଏ
ମୁକ୍ତ ରଙ୍ଗମଞ୍ଚରେ ଅଭିନୀତ
ସେକ୍ସପିଅରଙ୍କ ନାଟକ
'ଏଣ୍ଟୋନି ଓ କ୍ଲିଓପାଟ୍ରା' ।
ସବୁ ଯେମିତି ଜୀବନ୍ତ ଏବେ ବି ।
ସବୁ ଯେମିତି ପ୍ରେମମୟ ସ୍ନିଗ୍ଧତାରେ
ସକାଳର ଏକ ଗୋଲାପୀ ସୂର୍ଯ୍ୟୋଦୟ !



▲ କବି ନରେଶ ମଣ୍ଡଳ

♥ ଦେବ ନିବାସ, ପ୍ରାଚୀନଗର, ଭଦ୍ରକ
ଫୋନ: ୯୪୩୮୩୨୧୪୫୪

# ସ୍ୱାଧୀନତା ପରର ଅର୍ଣ୍ଣିତ ଭାରତ
# 'ଚାଷବାସ'






# ହଳିଆ ନାଇକର ମେଳିଆ ଗୀତ : ଶୁଣ ସଙ୍ଗାତ


**ପ୍ରଫେସର ନଟବର ଶତପଥୀ**

ସି-୧୧୬୭, ସେକ୍ଟର-୬, ସିଡ଼ିଏ,
କଟକ-୭୫୩୦୧୪
ଫୋନ:୮୨୮୦୨୦୦୫୫୧


ଫଟୋ ସୌଜନ୍ୟ : ରେବତୀ ମିଡ଼ିଆ



◀ ଲେଖକ ପ୍ରଫେସର ନଟବର ଶତପଥୀ

॥ ଏକ ॥

"କେମିତି ହୁଅନ୍ତା ମାଟିକୁ ରଖିଲେ ସୁରକ୍ଷିତ ଆସନ୍ତାକାଲିର ଛାତିରେ
ଧାନବିଲର ଚିତ୍ର ଆଙ୍କିଲେ କେମିତି ଦିଶନ୍ତା ଆମ ଗାଁ ଭୂଗୋଳ ଓ ତୁମ ଅର୍ଖିତ ଭାରତ ?"

'ଆମ ଗାଁ ଭୂଗୋଳ' ଓ 'ତୁମ ଅର୍ଖିତ ଭାରତ' ସ୍ୱାଧୀନତା ପରର ଯେପରି ଦୁଇଟି ଅଲଗା ଦୃଶ୍ୟ । ଆମ ଗାଁର ଭୂଗୋଳ ଭିତରେ ନାହିଁ ତୁମ ଅର୍ଖିତ ଭାରତ ବା 'ତୁମ ଅର୍ଖିତ ଭାରତ' କେବେ ଲୋଡ଼ି ନାହିଁ ଆମ ଗାଁର ଭୂଗୋଳ । ଆମ ଭାରତ ଓ ତୁମ ଇଣ୍ଡିଆ ଦୁଇଟି ମେଣ୍ଢା ମୁଣ୍ଡ ବି ନୁହେଁ ପରସ୍ପର ଯୁଝିବାକୁ ଆଖି ଗାରେ ତେଉଁ ଫଁ ଫଁ କରୁଥିବେ, କଦାଚ ତାଇ ହେଉନଥିବ । ଅଥଚ ଭାରତକୁ ଇଣ୍ଡିଆର ଭେଣ୍ଡିଆମାନେ ବାଟ ଜଗିବା ଛାଡ଼ି ନଥିବେ । ଏଇ ବାଟ ଜଗିବା ଖୋଇ ଇତିହାସ ହେଇଯାଇଛି ଯେଉଁଦିନ ତୁମ ଇଣ୍ଡିଆର ଖୋଦ୍ ବିତ୍ତମନ୍ତ୍ରୀ ଚିଦାଂବରମ କୋରାପୁଟର ନାଚିକାଲିଙ୍ଗା ପଛରେ ଗ୍ରେହାଉଣ୍ଡ୍-ପୁଲିସ୍ ଲଗାଇ ଦେଲେ, କାରଣ ସେ ପାଞ୍ଚଶହ ଅନ୍ଧ ଆଦିବାସୀଙ୍କ ଠେଇଁ ଆଖି ଖଞ୍ଜିଥିଲା, ମୁକ୍ତ କରିଥିଲା ଗୋଡିପଣରୁ, ଧରମୁ ଦେବତାଙ୍କ ପାଖରେ ଶପଥ କରେଇଥିଲା 'ମଦଟା କଲ ପାଣି' । ଆଉ ଚିଦାଂବରମ ବେଦାନ୍ତର ନୂଆ ଦାନ୍ତ ପାଇଁ ଚାଳିଶ ହଜାର କୋଟି ଟିକସ ଫାଙ୍କିକୁ ଆଡ଼ ଆଖି କରିଥିଲା । ଆମ ଗାଁ ଭୂଗୋଳ ଭିତରେ ସେଦିନ ଚଡ଼କ ମାରି ଚଅଁରେଇ ଗଲା ଚମ, ଚମ୍ପକ ବରଣରେ ଚମକୁ ଥିବା ନୂଆ ଖେତର ଆ ଚଁ ଚଁ କରି ଚୂଆର ପାଣିରେ ପିପାସା ମେଣ୍ଟାଇବାକୁ ବାଧ୍ୟ ହେଇଥିଲା ।

ଗୋଟାଏ ପିଢ଼ି ନୁହେଁ, ପିଢ଼ି ପରେ ପିଢ଼ି ଭୋଗି ଆସିଛି ସୁବର୍ଣ୍ଣ ମଇରେ ଖେତକୁ ସମାନ କରିବା ପାଇଁ ଜବାହର ଯୋଜନାର ପ୍ରତିଶ୍ରୁତିର ଚମକ; ହିଡ଼ ମୁଣ୍ଡରେ ଠେକା ଓହଳିଛି ବାଉଁଶ ଠେଙ୍ଗାରେ । ଆଉଜି ପଡ଼ିଛି କାଳିଆ କଷରା ଯୋଡ଼ିବଳଦ । ଡାକ ପଡ଼ିଛି ହେ ମୋ ସୁନାର ଭାରତର କଳା ମଣିଷ ଯୋଡ଼ି ବଳଦରେ ମାର ମୋହର, ଆମ ଗୁଜୁରାଣ ତୁମ ହାତର କରାମତିରେ । ଦେଖିବ ସୁବର୍ଣ୍ଣ ପରି ଝଟକିବ ତୁମ ଖେତ ଖଳା ଖାଦାନ ବାଗାନ । ମନେରଖ, "ହଲ୍‌ହେ ଝଣ୍ଡା ସଦା ତୁମ୍ହାରା, ହଲ୍‌କେ ଗାଓ ଗୌରବ ଗାନ୍', ହିନ୍ଦୀ କବି ମୋହନଲାଲ ଦ୍ୱିବେଦୀ ସେଦିନ ଉଚ୍ଚାଟ ସଂଗୀତ ଗାଇ 'ସହନବନରେ' 'ଆପ୍‌ନା ମୈଦାନ୍' ସ୍ୱାଗତ କରିଦେଲେ । ଏବେ ସ୍ୱାଧୀନତା ଝଣ୍ଡାରେ ଅମୃତ ଦିବସମାନ କେତେ ସୁନାମୟ ଓ ଅନ୍ଧ ଭାରତର ନଈନାଳରେ ଅମୃତକଳସୀ ବୁଡ଼ାଇ ପିପାସୁର ଓଠ ଓଦା କରିବାକୁ ସମର୍ଥ, ତାହା ନ କହିବା ଭଲ ।

କିନ୍ତୁ କହିବାକୁ ଭଲ ଲାଗୁଛି ଶ୍ରୀଦେବଙ୍କୁ, କାରଣ ବୁଝିଛନ୍ତି, ସେଇଥିପାଇଁ ଗାଢ଼ ପଦେ କଥା ଓଲରା ଚାଳରୁ ଛଣ ହାତେ ଓଟାରି ଆଣିବା ପରି କହି ପକାଇଛନ୍ତି:

We are born in other's pain,
And perish in our own.

ଆନର ଯନ୍ତ୍ରଣାକୁ ନିଜର କରିଦେଲେ ଆନଟିର ହୁତାଶ ଲାଘବ ହେବ, ଏପରି ବେଦବାକ୍ୟ ଥାଉଁ ଥାଉଁ ହୁତାଶନ ବଢ଼େ କାହିଁକି ? କିଏ ବୁଝାଇବ କାହାକୁ ? ଅନ୍ତତଃ, ଶ୍ରୀଦେବ ବୁଝାଇବାକୁ ଯାଇ ଶେଷକୁ ନିଜ ପଛରେ ଦଉଡ଼ାଇଛନ୍ତି ସେଇମାନଙ୍କୁ ଯେଉଁମାନେ ଶୁଣିବାକୁ ଚାହାଁନ୍ତି ନାହିଁ- 'କବି କୁମ୍ଭାରର ଛବିଳ ଚଟୁଳ କଥା' । କି ହେଲାରେ, "କବି ଯା ବର୍ଣ୍ଣିବେ ତୁମି ତାଇ ସତ୍ୟ ହବେ"; କବିକୁଳ ଯଶ ଏବେ ରାଜରାସ୍ତାରେ । କବି ଜାୟସୀ ମନେ ପଡ଼ି ଯାଉଛନ୍ତି, କହିଲେ "ଯେବେ ଖରାପ ଦିନ ଆସେ ତେବେ ପଥର ଉଡ଼ାଇବା ପରି ପବନ ବହେ ।" ଖରାପ ଦିନ ନ ଆସିଚି ନୁହେଁ, ଆସି ଆସି ଥୋବରା ହେଲାଣି ଯେ ଧୂଳିଉଡ଼ା ବି ନାହିଁ ପଥର କଥା ଦୂରେ ।

କବି ମେଳିଆ ସର୍ଦ୍ଦାର୍ କି ? ତାଙ୍କ ବହିରେ ଠାଏ ଲେଖିଛନ୍ତି ଆଉ ଜଣେ ମେଳିଆ ଶୈଳଜ ରବି, "ଶ୍ରୀଦେବ ଗୋଟାଏ ମେଳିଆର ପୁଅ ମେଳିଆ । ସାହିତ୍ୟ ଚାଷୀମାନଙ୍କର ସେ ଫି ବରଷ ବାଲେଶ୍ୱରରେ ଚନ୍ଦ୍ରଭାଗା ମେଲଣ କରେ । ସାହିତ୍ୟ ଚାଷୀଙ୍କୁ ମେଳିଆ କରିବା ପାଇଁ ସେ କେମିତି ମେଲଣ ବେଳେ ଦିନରାତି ଏକ କରିଦିଏ, ଏ ଆଖି ଦେଖିଛି । ଏ ବହିରେ ଶ୍ରୀଦେବ ସେମାନଙ୍କୁ ପୁଣି ଡାକରା ଦେଉଚି, ତମେ କଲମ କେନ୍ଦରା ଯାହା ଧରିଚ ଧରିଥାଅ, ନୂପୁର ପିନ୍ଧିଥାଅ କି ତୁଳି ନିହାଣ ଧରିଥାଅ, ଆସ, ମୋ ସାଙ୍ଗରେ ଦଉଡ଼ ।" (ପୁଣି ଲେଖୁଛନ୍ତି: "ଅବଶ୍ୟ ବେଳେବେଳେ ବାତୁଳ ଶ୍ରୀଦେବ ବିଳବିଳଉଚି: ହେଇ ଦେଖ ! ଏବେ ଦୌଡ଼ିଲେଣି ଜୀବନାନନ୍ଦ / ବେଣୀ ଛାଡ଼ି ବନଲତା ମାନେ / ଦୌଡ଼ିଲେଣି ସଢ଼ିରାଉତରା / ଦୌଡୁଚି ବି ଅଳକା ସାନ୍ୟାଲ / ଏଇ ଖଇଫୁଟା ଖରାଦିନେ / ସଞ୍ଜ ସକାଳେ । ଚାଷବାସ/ପୃ.୫୫-୫୬)

ଶ୍ରୀଦେବ ଠାଏ 'କ୍ରିୟା ପ୍ରତିକ୍ରିୟା-' ଯୁଗ୍ମାର୍ଥ ବ୍ୟଞ୍ଜକ ବା ପୁନରୁକ୍ତି ମୂଳକ 'କ୍ରିୟା' ଓ 'ପ୍ରତିକ୍ରିୟା' ଦୁଇଟି କବିତାରେ କ୍ଷୋଭ ଏପରି ପାଳିଛନ୍ତି ଯେ ଲାଗୁଚି କଣ ନା କଣ ଗୋଟେ ଘଟି ଯାଆନ୍ତା ନା

କି ! ହେଲେ ଯାହା ଘଟୁଚି ତାହା– "ଗାଁ / ବଂଚିଲା ପ୍ରାଣରେ / କିଏ ବସଉଚି ମରଣଯନ୍ତା / ଚାଷଜମିକୁ କଳାଡିହ ସାର୍ଟିଫିକେଟ୍ ଦିଆଉଚି କିଏ / କୃତ୍ରିମ ଅର୍ଥନୀତି / କାହାର ଚକ୍ରାନ୍ତ ? / କିଏ ଚୋର, କିଏ ତସ୍କର / କିଏ ବା ଯାଙ୍କର ସର୍ଦାର, / ନକୁହ / ତମେ ସର୍କାର ।" (କ୍ରିୟା/ପୃ.୩୯)

ଏହାର 'ପ୍ରତିକ୍ରିୟା'ଖୁବ୍ ଶାଣିତ; ପ୍ରସ୍ତାବଟି ଅମନ୍ଦ; କ୍ଷୋଭ ଦୁର୍ବାର ।

"ଦା ପଜେଇବା / କୁରାଢ଼ି ଧାରେଇବା / କେମିତି ହୁଅନ୍ତା / ମାଟିକୁ ରଖିଲେ ସୁରକ୍ଷିତ / ଆସନ୍ତା କାଲିର ଛାତିରେ / ଧାନବିଲର ଚିତ୍ରାଙ୍କନ ଆଙ୍କିଲେ / କେମିତି ଦିଶନ୍ତା ଆମ ଭୂଗୋଳ / ଓ ତୁମ ଅର୍ଖିତ ଭାରତ ?"

କୃଷିକୁ ବଂଚାଇବାର ଏ କଣ ମୋହ ନା ଦାଆ କୁରାଢ଼ି ଧରି ଅର୍ଖିତ ଭାରତ ବର୍ଷକୁ ସେମାନଙ୍କ ଦାଉରୁ ରକ୍ଷା କରିବା ପାଇଁ ଏକ ଡାକରା ? ପର ପଦରେ ସ୍ପଷ୍ଟ ଆହ୍ୱାନ– "ସଶସ୍ତ୍ର ଯୁଦ୍ଧ ଘୋଷଣା କଲାଣି ସମୟ / ସିପାହି ସାଜି / ହେଉ ଏୟା ଏଜେଣ୍ଡା ।"

ସଶସ୍ତ୍ର ସଂଗ୍ରାମର ଡାକରା ।

"କୋଠା ନୁହଁ ବିଲ ଦିଅ / ଯାତନା ନୁହଁ ଜୀବନ ଦିଅ / ବଗିଚାରେ ଫୁଟାଇ ନ ପାରିଲେ ଫୁଲ / ତୁମେ ଗୁଳିଖାଅ ।"

ଚାଷୀ ହାତରେ ଶେଷ ଅସ୍ତ୍ର ଗୁଳି । କଥାଟି ମନ୍ଦ ନୁହେଁ, ହେଲେ ଲାଗୁଚି କେମିତି କେମିତି । କ୍ଷୋଭର ଗୁଳି ନା ମେଳିର ଗୁଳି । ମେଳିର ଶାସ୍ତ୍ର ଅଛି, ଅଛି ତାଲିମ, ତାଲିମର ବି ଅଛି ମନ୍ତ୍ର : ଏ ମନ୍ତ୍ର ରାଜନୀତିକ ଇସ୍ତାହାର, ଚାଷୀର ରାଜନୀତିକ ଶିକ୍ଷା । ସିପାହି ସାଜିବାକୁ ହେବ ଓ ସିପାହି ରକ୍ତର ନିଆଁ ଜାଳିବ । ବିନା ରକ୍ତ ସଂଗ୍ରାମ ସଂଗ୍ରାମ ନୁହେଁ; ଖେଳ ମାତ୍ର । ଚାଷୀକବି ଆଉ କଣ କରିପାରେ ବୋଲି ଅନାସ୍ଥା ଭାବର କୁହେଳିରେ ପୋଡ଼ି ହେଇ ନିଃଶେଷ ହେବା ପୂର୍ବରୁ ଥରେ ହେଲେ କହୁ ସମସ୍ୱରରେ, "ଲଢ଼େଇ କାଳ ଆସିଗଲା; ଅଣ୍ଟା ସଳଖ, ଛାତିକି ପଥର କର ।" ଏ ଡାକରା ଆବେଗ ଆବେଶ ମାତ୍ର । କିନ୍ତୁ ଯେତେ ଗଳିତ, ଦୂଷିତ, ହିନିମାନ ଘଟିଯାଏ ଚାଷୀର ବୁନିଆଦି ଉପରେ ତାର ପ୍ରତିରୋଧ ଅବଶ୍ୟମ୍ଭାବୀ । ମାଟିକୁ କିଏ ରଖିପାରେ ସୁରକ୍ଷିତ ? ରାଜା ନା ପ୍ରଜା ? ରାଜା ତ ଡଣ୍ଡୁଆ । ଡଣ୍ଡି ଖାଇବାକୁ ଯୋଗଶାସ୍ତ୍ର ଶିଖିବା ଦିନେ ଥିଲା ତାର ଚରିତ୍ରର କଦର । ଏବେ ଭଣ୍ଡିବାକୁ ମିଳିଛି ଲାଇସେନ୍ସ– ଗଣତନ୍ତ୍ର ନାମକ ମହାକାଳ ଫଳ । ତଥାକଥିତ ଗଣତନ୍ତ୍ରର ଲାଲ୍ ଘୋଡ଼ା ସୁନ୍ଦର ବୋଲି ଶାସ୍ତ୍ରର ମାଲିକମାନେ ଘୋଷଣା କରି ସାରିଛନ୍ତି, କିନ୍ତୁ ଲାଲଘୋଡ଼ାର ପାଳକ ସଇସମାନେ ଯେ ନାତ ଖାଇଖାଇ ଦରମଲା, ଏ ଦୃଶ୍ୟ କେମିତି ରହୁଛି ଅପ୍ରକଟ ହୋଇ ?

ଚାଷୀ : ଏକ ଅପ୍ରକଟ ସତ୍ତା, ଅର୍ଦ୍ଧ ପୁଞ୍ଜିବାଦ ଓ ଅର୍ଦ୍ଧ ସାମନ୍ତବାଦର ରେଖା ଉପରେ ଦହନଶୀଳ ସଂସ୍କୃତିର ଟୋପିପିନ୍ଧା ସନ୍ତକଟିଏ । ମୁମୂର୍ଷୁ, କ୍ଷୀଣାବୟବ । ଏପରି ଅବସ୍ଥାର ଇତିହାସ ସାମାନ୍ୟ ନୁହେଁ; ଦୀର୍ଘ । ହୁଏତ ଦିନେ ଇତିହାସରେ ପ୍ରଜାରକ୍ତ ଜଳକଣିକା ପଙ୍କଳ ଥିଲା ଓ ପ୍ରଜା ପାଇଁ ସସାଗରା ଧରା ଥିଲା ନୁଆଣିଆଁ ଚାଳଘର ତୁଲ୍ୟ । ଏସବୁ ଇତିହାସ । ପ୍ରଜା ଥିଲେ ଦିନେ ଅନ୍ନଦାତା ଚାଷୀ; ସେ ଏବେ ଭୋଟ୍‌ଦାତା । ଭୋଟ୍‌ଦାତାଙ୍କୁ ଯେତେ ପାର ନୋଟ୍ ଗ୍ରହୀତା କରିଦିଅ ଓ ଆଖିବୁଜି ଗଣତନ୍ତ୍ରର ଜୟଗାନ କର । ପୁଞ୍ଜି ଖଟାଅ ; ଗଣତନ୍ତ୍ରର ଅମଳ ହେବ ଆଖି ଦୃଶିଆ । ଏଇଟା ହିଁ ଗୀତା ଭାଗବତର ବାଣୀ ।

ଶ୍ରୀଦେବ ନ କହି କହିଲେ; ଗଣତନ୍ତ୍ର ଫଣତନ୍ତ୍ରର ଯାଦୁକରି ମାୟା; ଗ୍ରାଉଣ୍ଡ୍ ଜିରୋରେ : "ଗଜେନ୍ଦ୍ରର ଲୁହବନ୍ଧା / ଗାମୁଛା କାନି ଫିଟି/ ବୁଣି ଯାଇଥାଏ ସାରା ଦେଶ / ମୋଗଲ ଗାର୍ଡ଼େନ / ପାର୍ଲିଆମେଣ୍ଟ / ଖଣ୍ଡେ ଗଛଡାଳରେ / ଚିପୁଡ଼ି ହେଇ ଶୁଖୁଥାଏ / ଜାତୀୟ ପତାକା ପରି ଗଜେନ୍ଦ୍ର ଗାମୁଛା / ସେ ନିଜେ ଓ ଆଉ କିଛି ସ୍ଲୋଗାନ ।" (ଚାଷଫାଶ)

## ।। ଦୁଇ ।।

'ଚାଷବାସ', ଗୋଟିଏ ନକ୍ସା ପରି ଚାଷୀର ହତାଶ ଜୀବନର ଟଣାମଣା ଗାର, ଯୋଡ ଗାର ଧରିଲେ ବି ପହଁଚିହୁଏ ନାହିଁ ଖେତ ପାଖରେ । ଖେତ ଥାଏ ଖେତ ଜାଗାରେ, ହୁଏତ ନାଁ କଟି ଆଉ କାହାର ନାଁ ମହକୁଥାଏ, ସେ ଲୋକଟି କହୁଥାଏ– "ଘର ତ ହେଲୁ / ତୋ ତିର୍ଲା ଦେ / ଆଉ ଲକ୍ଷେ ନେ ।" (ଚାଷବାସ)

ଗୁର୍ଜୀମାନେ ଗଣତନ୍ତ୍ରର ଡାକରା ରକ୍ଷକ । ଗୋଟାଏ ମୂଲ୍ୟବୋଧକୁ ଆବୋରି ରହିଥିବା ଇତିହାସ ଜଳିଜଳି ପାଉଁଶ ହେଲେ ଏଇମାନଙ୍କର ପାଦଚିହ୍ନ ସୁନାମୟ ହୋଇପାରେ କଳା ଧରିତ୍ରୀର ଛାତି ଉପରେ । ସେ 'ଦୁଃଖହାରୀ ସୁଖୀ ସମ୍ରାଟ' ପରା । କାଳକାଳର ସୁଖୀ ସମ୍ରାଟ, ତାର କାମ ନୋଟିସ୍ ଜାରି ।

"ତା ପରଦିନ ସକାଳେ / ଚୌକିଆ ଲଗାଇଲା ନଟ୍‌କା
ତଉଡ଼ା ତାଟିରେ / ନୋଟିସ ଲଗାଇଲା ମୋ ଗୌରୀକୁ
ଯିବା ପାଇଁ ପାଇଟି କରିବାକୁ / ମହାଜନ ଘରକୁ ।
ଏଣେ ମୁଁ ବାହାରିଲି / ଜୀବନର ଚାରିକୋଶ ଦୂର
ଚକ୍ରବାଳ, ନିଦ ନଥିବା ନିରୋଳା ଜାଗାକୁ ।" (ନେଣଦେଣ)

ଦିନେ ଦୁନିଆ ଥିଲା 'ନେଣଦେଣର ସଂସାର'; ଗ୍ରାମ ସମାଜ ଜୀବନର ହିସାବ କିତାବ ହୀନ ଆପୋଷକତା । ପରସ୍ପର ଭିତରେ ବଂଚି ବଂଚାଇବା ମୂଲ୍ୟବୋଧର ଏକ ସଂକେତ; ହୁଏତ ସେଦିନ ମହାଜନ ଥିଲା ମହତଜନ । ଆମ ସମାଜ ସେଇମାନଙ୍କ ହାତଟେକା ଆଶିଷ ଆଗରେ ନଇଁ ପଡ଼ିଥିଲା ଓ 'ଭୋ ଧର୍ମାତ୍ମା' ଡାକରେ ସମ୍ବୋଧିତ କରିଥିଲା । ସେଦିନ ସାରଳା ଦାସ କୁବେରର ଗୋଟି ଗୋଟି ଧାନ ସାଉଁଣ୍ଟିବାର ଦୃଶ୍ୟ ଦେଖାଇ ଥିଲେ ଭୀମଙ୍କୁ ଓ ଧାରଣା ସୃଷ୍ଟି କରିଥିଲେ ଯେ ଧାନ ଖୁଣ୍ଟି ଖୁଣ୍ଟି ଅମାର ଅମାର ଧାନ ସଂଚୟକାରୀ କୁବେର ଧାନ ଗାଡ଼ିଏ ଦେବ ବୋଲି କୋଉ ବିଶ୍ୱାସ ! କିନ୍ତୁ ମନଇଚ୍ଛା ଗାଡ଼ିଭର୍ତ୍ତି ଶଗଡ଼ ଟାଣି ନେଲା ବେଳେ କାଦୁଅରେ ଲାଖି ଯାଇଥିଲା ଶଗଡ଼ । କୁବେର କହିଲେ ଶଗଡ଼ ଧାନ ତଳରେ ପୋତିପକା ମାଟିକାଦୁଅ; ତା ଉପରେ ଚାଲିଯାଉ ଆବଶ୍ୟକ ମୁତାବକ ଗାଡ଼ି ଗାଡ଼ି ଧାନ । ସଂଚୟର ବିଶେଷ ଗୁଣ ଓ ଲକ୍ଷଣ ଚାଷ ଓ ଚାଷୀର ଧର୍ମ ଉପରେ ଠିଆ ସାମାଜିକ ମୂଲ୍ୟବୋଧର ମୂଳରେ ଥିଲା ବିବେକର ମନ୍ତ୍ରପାଠ ।

କେତେ ଶୀଘ୍ର ବଦଳିଗଲା ସମୟ, ସମାଜ ! ପ୍ରତିଦାନ ବା ପ୍ରତ୍ୟୁପକାର ଆଶା ନଥିଲେ ସମାଜ ତିଷ୍ଠିବା ଅସମ୍ଭବ ବୋଲି ଜାଣିଲେ ବି ଏପରି ଗୋଟିଏ ସମୟ ଉପଗତ ହୋଇଛି ଯେଉଁଠି ଏ ଦୁଇଟି ଗୁଣ ନେଇଛି ବିକଳ ରୂପ । ଅନାବର୍ତ୍ତୀ କାଳ । କିନ୍ତୁ ଆବର୍ତ୍ତୀ ଦୁଃସହ ପୀଡ଼ା । ଏହି ପୀଡ଼ା ଫଳହୀନ ଗଛରୁ ପକ୍ଷୀ ଆଖି ଫେରାଇ ନେବାର ପୀଡ଼ା, କାମ ଭୋଗ ବିହୀନ ରାତ୍ରିର ପୀଡ଼ା । ଦୁଃସ୍ଥିତିର ଏଇ ତୀବ୍ରତା 'ଚାଷବାସ'ର ମୌଳିକ ପ୍ରେରଣା । ଚାଷି ହତାଶ, ଜୀବନ ନୁହେଁ ମରଣ ପାଇଁ ତାର ପ୍ରାର୍ଥନା । କିନ୍ତୁ ଏଇଟି ଏକ ବେବୁନିଆଦି ଖିଆଲ୍ କି ? କି ଉତ୍ତର ଦେବେ ବିଜ୍ଞ ପାଠକେ ? ଶ୍ରୀଦେବ ହୋଇ ପାରନ୍ତି ଜଣେ ଚାଷୀ, ବା ଚାଷୀପକ୍ଷର କବି, ତାହା ଭିନ୍ନ କଥା, କିନ୍ତୁ ଉପସ୍ଥିତ କାଳ ଯେ ଚାଷ-ଚାଷୀ ପ୍ରତିକୂଳ ତାର ଇତିହାସ ଦେଖନ୍ତୁ ।

ଦିନେ କୁହା ଯାଉଥିଲା, 'ଚାଷ ଅଲେଖା ବଣିଜ ଲେଖା' । ଅର୍ଥାତ୍ ଚାଷକାମରେ ଖର୍ଚ୍ଚବାର୍ଚ୍ଚ ଲେଖାଯାଉ ବା ନଯାଉ, ଆୟର କଳନା କରାଯାଏ ନାହିଁ । କେବେ ଆଶାତୀତ ଅମଳ ତ କେବେ ବହୁ ହାନି । ମାତ୍ର ଏଇ ହାନି ଲାଭ ଠାରୁ ଉର୍ଦ୍ଧ୍ୱରେ ବିଚାର ଥିଲା ସଂସ୍କୃତିର ମୂଲ୍ୟବୋଧ । ଓଡ଼ିଶା ଭାରତ କୃଷି ସଭ୍ୟତା ଉପରେ ଗଢ଼ି ଉଠିଛି । ଯାହା କିଛି ମିଳିଛି ଜୀବନ ଓ ଜଗତକୁ ସ୍ଥାୟୀ କରିବା ପାଇଁ ତାହା ସଂସ୍କୃତିରେ ଚିରସ୍ଥାୟୀ ହୋଇ ରହିଛି । ଅମଳିନ ସେଇ ସଂପଦ । ବେଦରୁ ଆଧୁନିକ ସାହିତ୍ୟ ଯାଏଁ, ଅଗ୍ନି, ଇନ୍ଦ୍ର, ବରୁଣ ଠାରୁ ଲକ୍ଷ୍ମୀ, ସରସ୍ୱତୀ, ବିମଳା, ଚର୍ଚ୍ଚିକା ବା ନାରାୟଣୀ ବା ଘଟଗାଁ ତାରିଣୀ ଯାଏଁ

ସମସ୍ତ ଶକ୍ତି ପ୍ରାକୃତିକ ବିବର୍ତ୍ତନ କ୍ରମରେ କିମ୍ବା ବିଶୁଦ୍ଧ କଳ୍ପନା କ୍ରମରେ ପ୍ରତିଷ୍ଠିତ । ବେଦରେ ଦେବତା ପ୍ରକୃତି ଅନୁରୂପ । ପୁରାଣର ଦେବତା ସ୍ଥାନୀୟ ଲୋକାଚାର ପ୍ରସୂତ । ଏଇ ଲୋକାଚାର ଅଦ୍ୟାବଧି କୃଷି ବା ବିଭିନ୍ନ ସଂପ୍ରଦାୟର ବୃତ୍ତିର ସଙ୍କେତରୁ ବିକଶିତ । ଯେପରି କୈବର୍ତ୍ତମାନଙ୍କର ଘୋଡ଼ା (ପୂଜା ବା ନାଚ) ପଛରେ ଇଷ୍ଟଦେବୀ ବାସେଳୀ ଘୋଡ଼ା ମୁଖ । କୃଷିର ଦେବତା ଇନ୍ଦ୍ର । ବେଦରେ ସର୍ବାଧିକ ସ୍ତୁତି ତାଙ୍କ ଉଦ୍ଦେଶ୍ୟରେ । ବହୁସ୍ଥଳରେ କୃଷି କାର୍ଯ୍ୟରେ ଉନ୍ନତ ଚିତ୍ର ମିଳେ, ଯେପରି ଚତୁର୍ଥ ମଣ୍ଡଳର ୫୭ ସୂକ୍ତର ଆଠଟି ମନ୍ତ୍ର କୃଷିକାର୍ଯ୍ୟ ଉପଲକ୍ଷେ ରଚିତ । ବଳୀବର୍ଦ୍ଦ ବା ବଳଦ, ଲଙ୍ଗଳ, ବାରିବର୍ଷଣର କଥା ଅନେକ ସ୍ଥଳରେ କୁହାଯାଇଛି ।

ଶୂନଂ ନର ଫାଳା ବି କୃଷନ୍ତୁ ଭୂମିଂ ଶୂନଂ କୀନାଶା ଅଭି ଯନ୍ତୁ ବାହୈଃ ।

ଶୂନଂ ପର୍ଜନୋ ମଧୁନା ପୟୋଭିଃ ଶୂନାସୀରା ଶୂନମସ୍ମାସୁ ଧତ୍ତମ୍, ୪।୫୭।୮

"ଫାଳ ସକଳ (ଲଙ୍ଗଳ ସମୂହ) ସୁଖେ ଭୂମି କର୍ଷଣ କରୁ, ରକ୍ଷକ ଗଣ ବଳୀବର୍ଦ୍ଦ ସହିତ ସୁଖରେ ଯାଆନ୍ତୁ, ପର୍ଜନ୍ୟ ମଧୁର ଜଳ ଦ୍ୱାରା ପୃଥିବୀ ସିକ୍ତ କରୁ । ହେ ଶୂନାସୀର, ଆମକୁ ସୁଖ ପ୍ରଦାନ କର ।" ଶୂନାସୀର-ଲଙ୍ଗଳ । ସୀତା=ଲଙ୍ଗଳରେ ବିଦାରଣ ଭୂମିର ରେଖା=ହଳ ଫଳରେ ଗାର । ଋଷୀ ଏହି ଚିତ୍ର ଦେଇ କହୁଛନ୍ତି, ଲଙ୍ଗଳରେ କର୍ଷିତ ଭୂମି ଶସ୍ୟ ଉତ୍ପନ୍ନ କରୁ । ରାମାୟଣରେ ସୀତା ନାୟିକା ହୋଇଛନ୍ତି, ତାଙ୍କର ଜନ୍ମକଥାରେ ସେଇ କର୍ଷିତ ଭୂମିର ଇଙ୍ଗିତ ରହିଛି । ବନର ଫଳମୂଳ ଖାଇ ଋଷିମାନେ ଜୀବନ ଧାରଣ କରୁଥିବା କଥାଟି କାଳ୍ପନିକ, ଫଳ ଭକ୍ଷଣ ଥାଇପାରେ, ମାତ ଶସ୍ୟ ଉତ୍ପନ୍ନ ଯେ ମୁଖ୍ୟ ଜୀବିକାଗ୍ରହଣ ଥିଲା, ଏହି ସୂକ୍ତ ତାର ପ୍ରମାଣ । କୃଷି ସହ ଗୋଧନ ଜଡ଼ିତ । ଏହା ସର୍ବାପେକ୍ଷା ଉତ୍କୃଷ୍ଟ ଧନସଂପଦ । ଦୁଧିଆଳୀ ଗାଈ ଥିଲେ ସବୁରି ପ୍ରିୟ ଓ ପ୍ରାର୍ଥିତ ସଂପଦ । ଏହା ଉଲ୍ଲେଖର କାରଣ 'ଚାଷ ତଳେ ବାସ' ମଣିଷର ବହୁ ପ୍ରାଚୀନ ବ୍ୟବସ୍ଥା । ବ୍ୟବସ୍ଥାଟି ପ୍ରାଚୀନ ହେତୁ ସେ ସଂପର୍କିତ ପ୍ରତ୍ୟେକ ପଦ୍ଧତି ବା କାର୍ଯ୍ୟ ସମୂହ ପ୍ରାଚୀନ । କୃଷି ବୁନିଆଦିର ପ୍ରତିନିଧି । ବଞ୍ଚିବା ଓ ବଞ୍ଚାଇବା ଏହାର ଧର୍ମ ।

ସଭ୍ୟତାର ଏଇ ଅବଦାନ ଆବିଶ୍ୱଭାରତର ସାଂସ୍କୃତିକ ଇତିହାସ । ଏହାର ଅବଦାନରେ ମଣିଷର ଭାଷାର ଆୟୋଜନ । ସଂସ୍କୃତିରୁ ଭାଷାର ଆତ୍ମପ୍ରକାଶ, ବିକାଶ ଓ ନୂଆନୂଆ ରୂପର ସଂଗଠନ । ବିଶ୍ୱର ଭାଷା ଗଢ଼ଣରେ ଏଣୁ କୃଷିର ଭୂମିକା ସର୍ବାଗ୍ରେ ମଣିଷର ଭାବଜଗତକୁ ସଂଗଠିତ, ବିକଶିତ ଓ ବିବର୍ତ୍ତନ କରି ଚାଲିଛି । ଏହି ସ୍ତରରେ ଭାଷା ଅକୃତ୍ରିମ । ଏହାର କାରଣ ପ୍ରକୃତି ନିର୍ଭରଶୀଳତା ଯଦି ହୁଏ ବଂଚିବା ଓ ବଢ଼ିବାର ମୂଳ ହେତୁ ସ୍ୱରୂପ ତେବେ ଭାଷା ହେବ ଅକୃତ୍ରିମ । ପ୍ରକୃତିନିର୍ଭର ଜୀବନ ସାଧନର ବିକାଶ ଥିବା ଯାଏଁ ଭାଷାର ଆଦିସୂତ୍ର ତା ସହିତ ସଂଯୁକ୍ତ ଥିଲା । କ୍ରମେ ସଭ୍ୟତାର ଗତି ବିଚିତ୍ର ଓ ଭିନ୍ନ ପଥଗାମୀ ହେଲା । ଯନ୍ତ୍ରର ଆତ୍ମପ୍ରକାଶ ଘଟିଲା, କୃତ୍ରିମ ଯନ୍ତ୍ରପାତିର ଆବିଷ୍କାର ହେଲା, ବିଜ୍ଞାନର ଉଦୟରେ ଉତ୍ପାଦନ ପ୍ରଣାଳୀରେ ଆସିଲା ପରିବର୍ତ୍ତନ । କୃତ୍ରିମ ଖାଦ୍ୟଦ୍ରବ୍ୟାଦି ସହ ବ୍ୟବହାର ସାମଗ୍ରୀ ଉତ୍ପାଦନ ହେଲା । ପ୍ରକୃତିର ସହଯୋଗ ବିନା ବିକାଶ ସମ୍ଭବ ବୋଲି ମନେ ହେଲା । ଏହାର ଫଳଶ୍ରୁତି ସ୍ୱରୂପ ସଂସ୍କୃତି କଳକାରଖାନା, ଯନ୍ତ୍ରପାତି ଓ ଉତ୍ପାଦନର ନବନବ କୌଶଳ ନିର୍ଭର ଧ୍ୟାନ ସହ ହେଲା ସଂପୃକ୍ତ । ଫଳରେ ଆସିଲା ଜୀବିକାର ନବ ଦିଗନ୍ତର ସମ୍ଭାବନା । ଉତ୍ପାଦନ ପ୍ରଣାଳୀ ସଂସ୍କୃତିର ନୂଆ ଧାରା ଉନ୍ମୋଚନ କରେ ଓ ତାର ପ୍ରଭାବରେ ନୂଆ ଭାଷା ଜନ୍ମ ନିଏ । ମଣିଷ ନୂଆ ଭାଷାର ପରିଚୟରୁ ବୁଝେ ଯେ ଉତ୍ପାଦନ ପ୍ରଣାଳୀରେ ଘଟିଛି ପରିବର୍ତ୍ତନ । ହାତରେ ପିଟି ପିଟି ଲୁହା କଡ଼ି ପ୍ରସ୍ତୁତ କରିବାକୁ ପଡୁନାହିଁ, ଯନ୍ତ୍ର ସହଜରେ ଲୁହାକଡ଼ି ତିଆରି କରିପାରୁଛି । 'ପିଟଣା' ଶବ୍ଦ ସ୍ଥାନରେ 'ହାମର୍' ଆସିଲା । ଉଭୟର କାମ ସମାନ, ହେଲେ ପରଟି ଯନ୍ତ୍ର ସାହାଯ୍ୟରେ କାର୍ଯ୍ୟ କରୁଚି । ବସ୍ତୁତଃ, 'ପିଟଣା' ପ୍ରାକୃତିକ ହେବା ସ୍ଥଳେ 'ହାମର୍' ହେଲା କୃତ୍ରିମ । ଅର୍ଥାତ, କୃତ୍ରିମତାର ଅଭିଯାନ ବଢ଼ିଲା ଓ ଭାଷାରେ ତାହା କ୍ରମେ କ୍ରମେ କାୟା ମେଲିଲା । ବିଜ୍ଞାନର କାୟା ମେଲିବାରେ ବେଶି ପ୍ରଭାବିତ ହେଲା ଶାରୀରିକ ଶ୍ରମ ଉପରେ ନିର୍ଭର କରୁଥିବା କୃଷିକାର୍ଯ୍ୟ । କାରଣ, ଓଡ଼ିଶାରେ କୃଷି ମୁଖ୍ୟତଃ ଶାରୀରିକ ଶ୍ରମ ନିର୍ଭର କୃଷିରେ ବିଜ୍ଞାନ ପ୍ରୟୋଗ ବହୁ କାରଣରୁ ସୁଗମ ହୋଇନାହିଁ । ବଡ଼ବଡ଼ ବା ଧନୀ ଚାଷୀ ଯନ୍ତ୍ର ନିର୍ଭର ହୋଇପାରନ୍ତି ଏଥିପାଇଁ ବଡ଼ବଡ଼ ଚକଡ଼ା ଅନୁକୂଳ । କିନ୍ତୁ ଦୁଃଖୀ ଓଡ଼ିଶା ଭାରତ ମୂଳ ପୈତୃକ ଚାଷ ଜମିରେ ଭାଇଭାଗ ବାଡ଼ ବସାଇବା କାରଣରୁ ଭୂଭାଗ ଛୋଟ ଛୋଟ ଖଣ୍ଡରେ ପରିଣତ ହୋଇଛି । ଶାରୀରିକ ଶ୍ରମ ହିଁ ଏପରି ଜମି ବ୍ୟବସ୍ଥାରେ ଅମଳ ସହାୟକ ହୋଇଥାଏ । ବସ୍ତୁତ, ବହୁ ପ୍ରତ୍ୟେକ୍ଷ ବା ପରୋକ୍ଷ କାରଣରୁ ଚାଷୀ ଅଧିକ ଶ୍ରମ କରେ; ନିର୍ଭର କରେ ପ୍ରାକୃତିକ ଅବସ୍ଥା ବା ପାଣିପାଗ ଉପରେ । ଫଳରେ କୁହାଯାଏ ଇନ୍ଦ୍ରବାଦୀ କୃଷି । ପାଗ ଅନୁକୂଳ କୃଷି ହିଁ ଅଦ୍ୟାବଧି ଆମର ବ୍ୟବସ୍ଥାକୁ ଉପହାସ କରି ଆସିଛି ।

## ଆମ ବ୍ୟବସ୍ଥା

୧୯୫୦-୫୧ରେ ଭାରତର ମୋଟ ଜାତୀୟ ଆୟର ୫୮.୩% ଥିଲା କୃଷିଜାତ, ଅଥଚ ୨୦୧୪-୧୫ ବେଳକୁ ଏହା ହ୍ରାସ ପାଇ ରହିଛି ୧୨.୩%ରେ । ଏଥିରୁ ସ୍ୱଷ୍ଟ ସୂଚନା ମିଳିବ ଯେ କୃଷିକ୍ଷେତ୍ର ଉପରେ ସରକାରୀ ନିର୍ଭରଶୀଳତା ଉଦ୍‌ବେଗଜନକ ହ୍ରାସ ସ୍ଥିତିରେ ଅଛି । ତେବେ ପ୍ରଶ୍ନ ହେବ ଖାଦ୍ୟ ସମସ୍ୟାର ସମାଧାନ କିପରି ଘଟିଛି ? ୧୯୫୦-୫୧ରେ ଜନସଂଖ୍ୟାର ୭୨.୭% କୃଷି ଉପରେ ନିର୍ଭର କରୁଥିଲେ । ୨୦୧୦-୧୧ ବେଳକୁ ଏହା ଖସି ଆସିଛି ୫୬.୮୬%କୁ । ଏଥିରୁ କଣ ସୂଚନା ମିଳିବ ଯେ ଏହା ଉନ୍ନତିର ସୂଚନା ନୁହେଁ । କାରଣ ଓଡ଼ିଶା ଭାରତର ବୃତ୍ତିଗତ ବ୍ୟବସ୍ଥାରେ କୃଷି ଉପରେ ନିର୍ଭରଶୀଳତା ବହୁ ଅଧିକ । ଉନ୍ନତ ରାଷ୍ଟ୍ରଗୁଡ଼ିକରେ ଏହି ନିର୍ଭରଶୀଳତା ବହୁ ପରିମାଣରେ କମ୍ । ୨୦୧୪ ବେଳକୁ ଆମେରିକା, ଇଂଲଣ୍ଡ, ଜର୍ମାନି ଫ୍ରାନ୍ସରେ ମାତ୍ର ୦୨% ନିର୍ଭରଶୀଳ, ଇଟାଲି, ସ୍ପେନରେ ୦୫% । ଏପରିକି ବୃହଦାକାର ଦେଶ ବ୍ରାଜିଲ ଓ ରୁଷିଆରେ ଯଥାକ୍ରମେ ୧୫% ଓ ୯% । ଏହି ଦେଶ ଗୁଡ଼ିକରେ ନିଯୁକ୍ତି କ୍ଷେତ୍ର ବିପୁଳ । କୃଷି ଉପରେ ନିର୍ଭର କରିବାକୁ ହୁଏ ନାହିଁ । ନିଯୁକ୍ତିର ବିବିଧତା ଓ ଶ୍ରମ କରିବାର ସୁଯୋଗ ବିପୁଳ ସୁଯୋଗ ବିଭିନ୍ନ କ୍ଷେତ୍ରରେ ନାଗରିକର ଶ୍ରମଦକ୍ଷତା ବୃଦ୍ଧି କରିଛି । ଶ୍ରମକୁ ମଧ୍ୟ ମିଳିଛି ଉପଯୁକ୍ତ ସମ୍ମାନ । ଶିକ୍ଷାହାର ଓ ଶିକ୍ଷିତ କର୍ମୀ ନିଯୁକ୍ତି ହାର ମଧ୍ୟରେ ପାର୍ଥକ୍ୟ ବହୁତ କମ୍ । ଯନ୍ତ୍ର ଅନେକ କାମ କରେ, ଯନ୍ତ୍ର ଚଳାଇବାକୁ ନିଯୁକ୍ତି ମିଳେ ଓ ଯନ୍ତ୍ର ପଛରେ ମଣିଷର ଧାଡ଼ି ବି ଲାଗିଥାଏ । କିନ୍ତୁ ଆମ ଦେଶରେ ଚିତ୍ର ଭିନ୍ନ । ଏଠି ଯନ୍ତ୍ର ଅଛି, କିନ୍ତୁ ଅଚଳ । ଶ୍ରମିକ ପ୍ରତୁଳ କିନ୍ତୁ ଶ୍ରମ ବିରଳ; ଶ୍ରମିକ ନାମରେ ଅର୍ଥ ବରାଦ ଅଛି; ଶ୍ରମିକ ଅଣ୍ଟା ଖାଲି । ତୃତୀୟ ବର୍ଗ ଅର୍ଥାତ୍ କଣ୍ଟ୍ରାକ୍ଟର, ନେତା ଓ ଅଫିସର ଯନ୍ତା ବସାଇ ଶ୍ରମିକ ମୂଷା ଧରିବାରେ ପ୍ରବୀଣ । ଶାସନ ଅଛି, ନାହିଁ ଶାସନର ସଂସ୍କୃତି, ଶାସନର କେନ୍ଦ୍ର ଅଛି, ନାହିଁ କେନ୍ଦ୍ରର ଗତି ବା ନିୟନ୍ତ୍ରଣର ସାମର୍ଥ୍ୟ । ଏହିପରି ସବୁ ବିଖଣ୍ଡିତ, ଅସଂଲଗ୍ନ । ଫଳରେ ପ୍ରଭାବହୀନ ଏକ ବ୍ୟବସ୍ଥା ବର୍ଷ ବର୍ଷ ଧରି ଗଣତନ୍ତ୍ର ନାମରେ ନାମକୁ ମାତ୍ର ଛତାଟିଏ ହୋଇଛି ।

ରାଜ୍ୟରେ କୃଷକଙ୍କ ସଂଖ୍ୟା କମିଛି । ବଢ଼ିଛି କୃଷି ଶ୍ରମିକଙ୍କ ସଂଖ୍ୟା । ଜନଗଣନା ରିପୋର୍ଟ ଅନୁସାରେ ୧୯୬୧ରୁ ୨୦୦୧ ପର୍ଯ୍ୟନ୍ତ କୃଷକ ସଂଖ୍ୟା ୫୭.୮ରୁ ହ୍ରାସ ପାଇ ୨୯.୭ରେ ପହଂଚିଛି । ଅର୍ଥାତ୍ ୪୦ବର୍ଷ ମଧ୍ୟରେ କୃଷକ ସଂଖ୍ୟା ଅଧାସ୍ତରକୁ ଖସି ଆସିଛି । ଏହାର ଅର୍ଥ ନୁହେଁ କମିଥିବା ସଂଖ୍ୟା ଅନ୍ୟ କାର୍ଯ୍ୟରେ ଲିପ୍ତ ଅଛନ୍ତି । ୨୮.୧% କୃଷକ ଦରିଦ୍ର ହୋଇଛନ୍ତି । କୃଷି କ୍ଷେତ୍ରରେ ଶ୍ରମିକ ରୂପେ ବା ଭିନ୍ନ କ୍ଷେତ୍ରରେ ଶ୍ରମଦାନ ନିୟୋଜିତ ହୋଇଛନ୍ତି । ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ ପକ୍ଷରୁ ୨୦୧୬ ଜୁନ ମାସରେ ପ୍ରକାଶିତ ଏକ ରିପୋର୍ଟରେ କରାଯାଇଛି ଯେ ୧୯୬୦ରୁ ୧୯୯୧ ମଧ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନରେ ଶତକଡ଼ା ୪୩ଭାଗ ବୃଦ୍ଧି ପାଇଥିଲେ ମଧ୍ୟ ୧୯୯୫-




୯୬ ଠାରୁ କ୍ରମାଗତ ହ୍ରାସ ପାଇଛି । ଜନସଂଖ୍ୟା ବୃଦ୍ଧି ଅନୁସାରେ ଖାଦ୍ୟଶସ୍ୟ ଉତ୍ପାଦନ ସମତା ରଖି ବିକଶିତ ହୋଇପାରି ନାହିଁ । ଏପରି ହ୍ରାସର କାରଣ ଜଳ ସେଚନର ମାନ୍ଦା ଅବସ୍ଥା । ୧୯୬୦ରେ ଜଳସେଚନର ବ୍ୟବସ୍ଥା ଥିଲା ମାତ୍ର ୧୬ ଭାଗ । ୫୦ବର୍ଷ ପରେ ଏହା ୩୬.୭ ଭାଗକୁ ବୃଦ୍ଧି ପାଇଥିବା ବେଳେ ପଞ୍ଜାବରେ ୯୮%, ହରିଆନାରେ ୮୫%, ଉତ୍ତରପ୍ରଦେଶରେ ୬୧% ଏପରିକି ଦରିଦ୍ର ରାଜ୍ୟ କୁହାଯାଉଥିବା ବିହାରରେ ୬୧% ହୋଇଛି । ଓଡ଼ିଶାରେ ହୀରାକୁଦ, ଇନ୍ଦ୍ରାବତୀ ଓ ଉପର କୋଲାବ୍ ପରି ବୃହତ ଜଳସେଚନ ପ୍ରକଳ୍ପ ସହ ଅନେକ ଛୋଟ ଜଳଭଣ୍ଡାର ରହିଛି । ମାତ୍ର ଏଗୁଡ଼ିକରୁ ବେଶି ଭୋଗ ଜଳ ଯାଉଛି ଶିଳ୍ପକ୍ଷେତ୍ରକୁ । ଉଠାଜଳସେଚନ ପ୍ରକଳ୍ପ ଅକାମି ହୋଇ ପଡ଼ିଛି । ବିକଳ୍ପରେ ପାଣି ପଞ୍ଚାୟତ ବ୍ୟବସ୍ଥା ସୃଷ୍ଟି ହୋଇଥିଲେ ମଧ୍ୟ ତାହା ଘରୋଇକରଣ ହେବା ଫଳରେ ପଞ୍ଚାୟତ ସ୍ତରରେ ସ୍ଥାନୀୟ ରାଜନୀତିକ ଦଲାଲଙ୍କ କବଜାକୁ ଚାଲି ଯାଇଛି । ହୀରାକୁଦ ଜଳ ଭଣ୍ଡାର ଜଳ ବିନିଯୋଗରେ ଅବ୍ୟବସ୍ଥା ବିରୋଧରେ ୨୦୦୭ ମସିହାରେ ଜନ ପ୍ରତିବାଦକୁ ଲାଠିମାଡ଼ରେ ଦବାଇ ଦିଆଗଲା ।

ଏବେ ଛତିଶଗଡ଼ ମହାନଦୀ ପାଣିକୁ ନିଜ କବ୍ଜାରେ ରଖିଲାଣି । ସୃଷ୍ଟି ହୋଇଛି 'ସବୁଜ ବିପ୍ଳବ' ନାମରେ ଗୋଟିଏ ଚମତ୍କାର 'ଭ୍ରଷ୍ଟ ସ୍ଲୋଗାନ' ଓଡ଼ିଶାରେ । ଏହାର ପରିଣତି ହୋଇଛି ଚାଷୀହାତରୁ ବିହନ ସାଇତିବା କାମ ଛଡ଼ାଇ ନେବା ଓ ଉନ୍ନତି ଅମଳ କ୍ଷମ ବିହନ ପାଇଁ ବଜାର ସୃଷ୍ଟି କରିବା । ଅଣ ଜଳସେଚିତ ଅଞ୍ଚଳରେ ଏହି ବିହନ ଆଶାନୁରୂପ ଫଳ ଦେବା ସମ୍ଭବ ହୋଇ ପାରୁନାହିଁ । ଦେଶୀ ବିହନର ଅଭାବ ଓ ବଜାର ବିହନର ଅଭାବ ବା ସେଥିପାଇଁ ଆବଶ୍ୟକ ଉନ୍ନତ ଜଳସେଚନର ଅବର୍ତ୍ତମାନତାରେ କୃଷକ ଘଟତି ସହିବାକୁ ବାଧ୍ୟ ହେଉଛି । ଅନେକ ସମୟରେ ବିହନ ନକଲି ହେଲେ କଥା ସରିଲା । ଚାଷୀ ଓ ଚାଷର ସମସ୍ୟା ଗଣତାନ୍ତ୍ରିକ ମୂଲ୍ୟବୋଧର ଏକ ଅଙ୍ଗ ହୋଇଯାଇଛି; ଅର୍ଥାତ୍ ଗଣତନ୍ତ୍ରର ବାଇଶ ପାହାଚ ଡେଇଁ ଫସଲ ଜଗନ୍ନାଥଙ୍କୁ ପାଇବା ସାଧନାର ବିଷୟ । ଗଣତନ୍ତ୍ରର ଜୟ ହୋ ।

॥ ତିନି ॥

ଶ୍ରୀଦେବ ଚାଷୀଘରର କବିପୁଅ । ଚାଷର ସମସ୍ୟା ଆଖିରେ ଥୁଆ । ସେଇ ଆଖିର କଜଳ ପରି ଲେସା ଦହଗଂଜିଆ ସମସ୍ୟାର ନା ଅଛି ଅବଶେଷ ନା ସମାଧାନ । ଭାଗବଣ୍ଟା ବି ଛିଡ଼ିବନି, ବାପ ରାଣ ଦେଇଛି–

"ନବ ତ ମୁଁ ମଲା ପରେ / ବାଣ୍ଟି ନେବ
ଦୁଇ ଶହ ଛଅ ଖଣ୍ଡି / ହାଡ଼ ମୋର ।"

ଚାଷୀର ପୁଅ ଭାଗ ନେବା ପାଇଁ ଜିଦ୍ କଲେ କୋଉଟା ଭାଗ କରିବ ? ମାଛ ଖାଇବାର ସୁଖ ? ଚାଳଛପର ? କେଉଁଟି ବର୍ତ୍ତମାନ ? ଅଭାବର ଧୂମାଳ ଚାଳଛପର ଥୟ କରି ପାରିବା ସ୍ଥଳେ ସ୍ୱପ୍ନର ଭାଗବତ ଗାଦି ପାଇଁ କାହିଁ ଆସ୍ଥାନ ଭୂମି ? ସବୁ ଆସ୍ଥାନ ତ ଭାଗ ଭାଗ । କୃଷି ପରିବାର ବଣ୍ଟାଭାଗ ଭୋଗ କରିବାକୁ ବି ଅସମର୍ଥ ହୁଏ ।

"ସ୍ୱପ୍ନ ଇଡ଼ିଗଲା ଧୂଳିକୁ / ଦୁଧ ଉତୁରିଲା ଚୁଲିକୁ
ଧରିଲା ନିଆଁ ଶିକାକୁ ।"

ଭାଇ ସହୋଦର ନମିଳିବା ପରି ଦେଶ ରସା ତଳେ ଅଭାବ ବୋଲି ଦିନେ ବାଲ୍ମୀକି (ଦ୍ର. ରାମାୟଣ ଯୁଦ୍ଧକାଣ୍ଡ ୧୦୧/ ୧୫) ଯାହା କହିଲେ ସେଇ ସହୋଦରପଣରେ ଭାଗବଣ୍ଟା ହୋଇ ଖଣ୍ଡେ ଭୂମି ଶତଖଣ୍ଡ ହୋଇଯାଏ । କୃଷି ସଂସ୍କୃତିର ଏଇ ବାସ୍ତବତା କୃଷିକ୍ଷେତ୍ରକୁ ମ୍ଳାନ କରିବା ଏକ ସ୍ୱାଭାବିକ ବ୍ୟାପାର । ରୁଷ୍ଟ ଭାଇକୁ ବିଜୟ କରିବା ଦୁର୍ଜୟ ଏକ ନଗରୀ ବିଜୟ କହିବା ଠାରୁ କଠିନ ବୋଲି ଲୋକୋକ୍ତିରେ କୁହାଯାଇଛି । କୃଷିଭୂମି ଖଣ୍ଡ ଖଣ୍ଡ ହେବା ସ୍ୱାଭାବିକ, ସେହି ହେତୁ ଭୂମିକୈନ୍ଦ୍ରିକ ସଂସ୍କୃତି ମଳିନ ପଡ଼ିବା ଥୟ । ଏଇ ସ୍ଥିତିରେ 'ପେଟପାଟଣା' କବିତାର ବାସ୍ତବତା ବଡ଼ କଷ୍ଟପ୍ରଦ କଳ୍ପନା । ଦେଶର ଶିରେ ଶିରେ ପ୍ରବାହିତ କେଉଁଠି ନା କେଉଁଠି ବିଭାଜନର ଟୀକା ଅତି ସ୍ପଷ୍ଟ । ଚାଷକୁ ବାସ ସାଜିବା ପରି ଏକ ଆଚରଣ ଆଉ ନାହିଁ । ଶ୍ରୀଦେବ ବଡ଼ ଅସହଜ ବିଭାଜନ କଳନା କରିପାରନ୍ତି: "ଗାରକାଟି କହିଗଲ / ଏଇଟା ବାଲ୍ୟକାଳ–କୈଶୋର / ବିବେକାନନ୍ଦର / ଏଇଟା ଯୁବାବସ୍ଥା ନେତାଜୀର / ଏଇଟା ପ୍ରୌଢ଼ାବସ୍ଥା ନେହେରୁ– ଜିନ୍ନାର / ଆଉ ବାକି ଯାହାସବୁ ବୃଦ୍ଧାବସ୍ଥା ଗାନ୍ଧିର / ଆମର ବୋଲି କିଛି ନାହିଁ / ମୁଁ ଏବେ ରହିବି କେଉଟି ବାପା !"

ବିବେକାନନ୍ଦର ମନ୍ତ୍ର ଥିଲା: "ତୁମେ ଯଦି ସାନଟିକୁ ହାତ ଧରି ଉଠାଇ ନ ଆଣିବ, ତାକୁ କିଏ ଉଠାଇବ ?" ଯୌବନର ତେଜ ଦିନେ ଝଟକି ଉଠୁଥିଲା 'କଦମ କଦମ ମିଳାଇ ଚାଲ'ରେ । ପ୍ରୌଢ଼ାବସ୍ଥାରେ ଭାରତ କ୍ଷମତା ପାଇଁ ଦୁଇଭାଗ ହେଲା । 'ପାଟଣା' ଆଉ କାହିଁ ବୁଢ଼ା ଗାନ୍ଧି ବେଳକୁ ? ଏଇ ଦୁଷ୍ଟତା ଭିତରେ ଭୂଭାଗ ଭାରତ କାୟା ବିଖଣ୍ଡିତ କେବଳ ନୁହେଁ, ତାର ଅସ୍ଥିମଜ୍ଜା ସ୍ନାୟୁରେ ବି ରହିଛି କଳଂକିତ ଦାଗ । ଏହି କଳଂକିତ ଦାଗଟି କିପରି ହୋ ପାଠକେ ! ଦେଖ ଦେଖ କଣ କହୁଛି ଚାଷୀପୁଅ କବି ଶ୍ରୀଦେବ ଅନ୍ତର ଫାଡ଼ି, ଅନ୍ତବୁଜୁଳା ମେଲେଇ: "ଆମ ଗାଁ ଅମାର ଶୂନ / ସେଇଠି ଲାଗିଚି ବୋର୍ଡ଼ / ଏଟା ମର୍କେଟ ନଗରକୁ ରାସ୍ତା / ସେଟା ଜେମାମଣି ଏନ୍‌କ୍ଲେଭ୍ / ଏଠି ପ୍ରସ୍ତାବିତ ସୂର୍ଯ୍ୟନଗର / ଓ ଆଉରି ଆଉରି ଗ୍ରହଗ୍ରହାନ୍ତର / ନାଁର ନକ୍‌ସା / ଏଣେ, ବାରବାଟି ବିଲରେ ଆମ ଲାଗିଚି ମଲାମୁଣ୍ଡର ପତାକା / ବି.ପି.ଏଲ୍ ଚାଉଳ ମିଳୁଚି ଏବେ / ଯାହାକୁ ଯେତେ, / କିଏବା କରନ୍ତା ଚାଷ ?"

ଏହି କ୍ରିୟାର ପ୍ରତିକ୍ରିୟା– ମାଟିକୁ ସୁରକ୍ଷିତ ରଖିବା ପାଇଁ ଲୋଡ଼ା ସଂଗ୍ରାମ– ସଶସ୍ତ୍ର ସଂଗ୍ରାମ । ହେଉ ଏୟା ଏଜେଣ୍ଡା: "କୋଠା ନୁହେଁ ବିଲ ଦିଅ / ଯାତନା ନୁହେଁ ଜୀବନ ଦିଅ / ବଗିଚାରେ ଫୁଟାଇ ନପାରିଲେ ଫୁଲ / ତୁମେ ଗୁଳି ଖାଅ ।"

ଭାବଜଗତରେ କବି ବିପ୍ଳବୀ । ସାହିତ୍ୟ ପୁଣି କବିତା ସହ ଅପରିଚିତ କେହି ପାଠକ ପାଇଁ ପିଲାଙ୍କ ବାଇସ୍କୋପ୍ ଦେଖା ପରି ଏକ ଚମକ ହୋଇପାରେ, ତେବେ କବି ତାର କଥା କହିବ ହିଁ କହିବ । ମନୋଜଗତ ଉଷ୍ମ ହେବା ବଡ଼କଥା । ଉଷ୍ମତାର ଧାସ କ୍ରମେ ତ୍ରାସ ଯେ ନହେବ କିଏ କହିବ ! ଏଯାଏଁ ସାହିତ୍ୟ ପାଇଁ ଅକୁହା କଥା ଯେ କୁହା ଯାଇଛି ଓ ଶେଷ ପଂକ୍ତିରେ ଦଉଡ଼ିବାକୁ

GREEN CHILLYZ®

Events & Catering

Odisha's Best Outdoor Catering Service

SINCE 1999

# Let Us CATER Your Event





Book Now +91 909-002-2220, +91 805-011-1110

Greenchillyzcatering Greenchillyzcatering1999 Greenchillyzcatering.com

ଡାକରା ଅଛି ତାର ଗରଜ ଏକ ସ୍ଥାୟୀ ବିଭବ । ଆମ ଗାଁ ଭୂଗୋଳ ଦିନେ ତୁମେ ଅଖିତ ଭାରତରୁ ଥିଲା ଭିନ୍ନ । ସେଇ ମାଟିକୁ ସୁରକ୍ଷିତ ରଖିବା ପାଇଁ କବିର ପ୍ରସ୍ତାବ; ଏବେ ଧାନବିଲର ଚିତ୍ର ଆଙ୍କିବାକୁ ଡାକରା । ଡାକରା ତା ପାଳକ ଇନ୍ଦ୍ର ବସି ନାହିଁ କେଉଁ ସ୍ୱର୍ଗରେ, ସେ ବସିଛି କ୍ଷମତା ଗାଦିରେ ଯମଟିଏ ହୋଇ କୋଉ ଦିଲ୍ଲୀ ବା ଭୁବନେଶ୍ୱରରେ । ତାଙ୍କୁ କ୍ଷମତଚ୍ୟୁତ କରାଯାଇ ପାରିଲେ ସେମାନଙ୍କ ଅହଂକାର ଅଟ୍ଟାଳିକା ଭାଙ୍ଗିବ, ଭାଙ୍ଗିବ ଯୁଗଯୁଗର ପୁଞ୍ଜି ଓ ସାମନ୍ତି ନିଶା । ଏଇ ସଂଗ୍ରାମ ପାଇଁ ଦିନେ ଚାଲୁ ମଜୁମଦାର, କାହ୍ନୁ ସାନ୍ୟାଲ ଥିଲେ ମଶାଲ । 'ତୁମେ ସ୍ୱପ୍ନଦେଖ, ସ୍ୱପ୍ନ ଦେଖାଅ', ଯିଏ ସ୍ୱପ୍ନ ଦେଖେ ସେ ଦେଖାଇ ଜାଣେ । ଏବେ ଶ୍ରୀଦେବ ଦେଖାଉଛନ୍ତି । ଏବଂ ନିଜର ଅନ୍ତଫାଡ଼ିବାକୁ ଯାଇ ସେ କାନ୍ଦୁନାହିଁ । କନ୍ଦାଉଛି ପାଠକଙ୍କୁ (ଯଦି ସେପରି ପାଠକ ଥାଆନ୍ତି), ଯାହା କବି ଶୈଳଜରବି ଠାଏ ନିଜର ଓସ୍ତାଦି ହିସାବରୁ କହିଲେ- "ଏମିତି ଅନେକ ଛାତିଫଟା ଛବି ଅଙ୍କା ହେଇଚି ଏ ବହିରେ । ହେଲେ ଇଏ ଗୋଟେ 'କାନ୍ଦଣା ଲହରୀ' ବହି ନୁହେଁ, ଇଏ ଖାଲି ବାହୁନିବା ଶିଖଉନାହିଁ । ରିମୋଟ କଂଟ୍ରୋଲ ଯେମନ୍ତ ଯନ୍ତ୍ରଟିଏ ଧରି ମୃଗୀ ନଚଉଥିବା ନରହରିମାନଙ୍କ ଇଏ ମୁଖା ଖୋଲି ଦଉଚି ।" **(ଚାଷବାସ/ପୃ.୫୪)**



ଚାଷକାମରେ ଚଷାପୁଅ : ରୂପାୟନ ଭରତ ଚନ୍ଦ୍ର ଦାଶ

ଶୈଳଜ ରବି ପେଡ଼ି ଖୋଲିବା ପରି ଠାଏ ସୂଚେଇଛନ୍ତି: 'ଶ୍ରୀଦେବ ଗୋଟାଏ ମେଳିଆ ପୁଅ ମେଳିଆ' । ଏ ଲେଖକକୁ ଅଜଣା ମେଳିଆର ବାପ କିଏ । ତେବେ ଏଇଆ ବୁଝିବା ସହଜ ଯେ କୃଷି କୃଷକର ପରମ୍ପରାରେ ତାଙ୍କ (କବିଙ୍କ) ବଂଶ ବୁନିଆଦିର ପଡିଆରା ଥିବ, ରହିଛି । ସେଇ ରକ୍ତର ଡାକ ଏବେ କଡ଼ମଡ଼: "ଦୌଡ଼ / ମୁସାଫିର-ମିର୍ଜାଫର / ମେହେବୁବ୍ ମିଆଁ / ଧରତୋ ତୁଳୀ / ପିଂହା ହୁସେନ । / ବଜା ତୋ ସାହାନାଇ / ବିସ୍ମିଲ ଖାଁ / ଦଉଡ଼ ଦଉଡ଼ ଦଉଡ଼ / କେ କେଉଁଠି ଅଛ / ବାଘା, ବିର୍ସା, ବାସୁ / ତମେ ସବୁ ରେବତୀକୁ / ପାଠପଢ଼ା ବନ୍ଦ୍ କର / ଦୌଡ଼ । / ଗୋଟେ ଦୁଷ୍ଟବ୍ରଣ ହୋଇ / ପ୍ରେମଚାନ୍ଦ ଫକୀରମୋହନମାନଙ୍କ / ଆଙ୍ଗୁଳି ସନ୍ଧିରେ ନରହି ଦୌଡ଼ / ଆଉରି ଦୌଡ଼ । / ହେଇ ଦେଖ ! ଏବେ ଦୌଡ଼ିଲେଣି / ଜୀବନାନନ୍ଦ, ବେଣୀ ଛାଡ଼ି / ବନଲତା ମାନେ / ଦୌଡ଼ିଲେଣି ସଜିରାଉତରା ଦୌଡୁଚି ବି / ଅଳକା ସାନ୍ୟାଲ / ଏଇ ଖଇଫୁଟା ଖରାଦିନେ / ସଂଜ ସକାଳେ / ତେବେ ଦୌଡ଼ / ଦୌଡ଼ରେ ଏସ୍‌ମା-ମଶା ମାଛି / ଦୌଡ଼ ପଙ୍ଗପାଳ ଆଉ ପ୍ରଜାପତି / ଦୌଡ଼ ମାର୍କସ୍, ଦୌଡ଼ ଜିନ୍‌ପିଙ୍ଗ୍ /ଦୌଡ଼ ବୁଶ୍, ଟ୍ରଂପ୍, ଦୌଡ଼ ଥାର୍ଡ଼-ଫୋର୍ଥ ଫ୍ରଣ୍ଟ / ଦଳେ ନକ୍ସଲଙ୍କ ଘେରାବନ୍ଦୀର ବଞ୍ଚିବା ପାଇଁ ଦୌଡ଼ । / ଦଳେ ଟେରୋରିଷ୍ଟଙ୍କ ଆତ୍ମଘାତୀ / ବୋମା ଫୁଟିବା ପୂର୍ବରୁ ଦୌଡ଼ / ବର୍ଣଧର୍ମ / ଅର୍ଥ-ସ୍ୱାର୍ଥ-ବୈଷମ୍ୟର / ଗୁଳି ବର୍ଷିବା ଆଗରୁ ଦୌଡ଼ / ହ୍ୱିଲରଲ୍ୟାଣ୍ଡ / ଚାନ୍ଦିପୁର / ପୋଖରାନ / ଇସ୍ରୋ / ଯେଉଁଠିକୁ ଦୌଡୁଚ ଦୌଡ଼ । / କବି କୁମ୍ଭାରର ଛବିଳ ଚଟୁଳ କଥା ଆଉ ଶୁଣନି / ଯେ ଯୁଆଡ଼େ ପାରୁଚ ଦୌଡ଼ । / ଯୁଦ୍ଧ ଘୋଷଣା ସରିଚି / ଗାଣ୍ଡିବ ତମ ହାତରେ ବି ଅଛି / ଦୌଡ଼ / ପାରୁଚ ତ ଜିତିବା ପାଇଁ / ନତୁବା ମରିବା ପାଇଁ ଦୌଡ଼ ।" **(ପୃ.୫୫-୫୭)**

ଇତିହାସ ଦୌଡ଼ାଇ ନଥିଲା; ଏବେ କବି ଦଉଡ଼ାଉଛନ୍ତି । ପୁଣି ଗାଣ୍ଡିବ ହାତରେ । ଦରକାର ବି ବୋମା । ଏଇ ଦୌଡ଼ ପଳାଇ ଯିବା ପାଇଁ ନୁହେଁ, ନୁହେଁ ଆତ୍ମରକ୍ଷା ପାଇଁ । ମର ବା ମାର । ଦ୍ୱିତୀୟ ନାସ୍ତି । ଏ ଡାକର ସହ କବି ମଧ୍ୟ ଯାତ୍ରୀ । ଅଦ୍ୟାବଧି କବିର ନେତୃତ୍ୱ ଥିଲା ସନ୍ଦେହଯୁକ୍ତ । ଏବେ ମୁକ୍ତ । କବି ଗାଣ୍ଡିବଧାରୀ । ସେ ଧନୁର୍ଜୟ ଧନଞ୍ଜୟ । ଓଡ଼ିଆ କବିତାରେ ଏଇଟି ନୂଆ ସ୍ୱର । ଭାଙ୍ଗ୍ ଭାଙ୍ଗ୍ ଭାଙ୍ଗ୍- ତ୍ରିବାର ସତ୍ୟ-ତତେ ଭାଙ୍ଗିବାକୁ ହେବ । ସୁଖବାସରେ ରହିବା ବେଳ ନାହିଁ । ସେମାନେ ବି ସୁଖରେ ରଖାଇ ଦେବେ ନାହିଁ । ଦୁଃଖ ଯନ୍ତ୍ରଣାରେ ମରିବା ପୂର୍ବରୁ ଲଢ଼େଇକି ଡେଇଁବା ଭଲ । ଦୁଃଖର ଅସରନ୍ତି ଢେଉ କାଟି ଦୌଡ଼ିବାକୁ ହେବ । 'ଚାଷବାସ' ଯେବେ 'ଚାଷ ଫାଶ'ରେ ରୂପ ନେଇଛି, ଫାଶରେ ବେକ ପୂରାଇବା ଠାରୁ କଣ ବୋମା ଫିଙ୍ଗିବା କଷ୍ଟ କି ?

## ।। ଚାରି ।।

'ଚାଷବାସ' ୨୧ଟି କବିତାଧୃତ କଳେବର । ଶୀର୍ଷକ ଗୁଡ଼ିକ ଯୁଗ୍ମପଦଯୁକ୍ତ କିନ୍ତୁ ପରନିରର୍ଥକତା, ପୁନରୁକ୍ତି ଓ ବିପରୀତାର୍ଥକ । (କ) **ପର ନିରର୍ଥକତା:** ପରପଦ ଅର୍ଥଶୂନ୍ୟ, ପୂର୍ବପଦଟି ଅର୍ଥପୂର୍ଣ୍ଣ, ତାର ପ୍ରଭାବରେ ପରପଦଟି ସହାୟକ ହୁଏ । ଯେପରି ନେଣଦେଣ, ପେଟପାଟଣା, ପୂଜାପଟଳ, ଖରାତରା, ଭାତଫାତ, ଇତିହାସ ଫିତିହାସ, ହଳମଳ ଇତ୍ୟାଦି । ଏହିସବୁରେ ପ୍ରଥମ ପଦ ଅର୍ଥାନ୍ୱିତ, ଦ୍ୱିତୀୟପଦ ନିରର୍ଥକ । ଓଡ଼ିଆ ଭାଷାରେ ଏପରି ବହୁ ଶବ୍ଦର ପ୍ରଚଳନ ଭାଷାରେ ଅଭିବ୍ୟକ୍ତିକୁ ବ୍ୟଞ୍ଜନା ଯୋଗାଇଛି । (ଖ) **ପୁନରୁକ୍ତି ମୂଳକ**: ଚାଷବାସ, ଭାଗବଣ୍ଟା, ଧାଁ ଦୌଡ଼ । (ଗ) **ବିପରୀତାର୍ଥକ**: ଚାଷଫାଶ, ଭଲମନ୍ଦ, ଖାଲଢିପ, ଚିହ୍ନାଅଚିହ୍ନା, ଦୁଃଖସୁଖ, ଯାଆସ, ଭଙ୍ଗାଗଢ଼ା, କ୍ରିୟାପ୍ରତିକ୍ରିୟା, କିଣାବିକା ଇତ୍ୟାଦି । ୨୧ଟି କବିତାର ଏଇ ଆଙ୍ଗିକାନ୍ତର ନାମ ଗୁଡ଼ିକ କେବଳ ରୋମାଂଚଭରା ନୁହେଁ ବୌଦ୍ଧିକ ଚମତ୍କାରିତାରେ ପରିପୂର୍ଣ୍ଣ । କବିତା ଜୀବନ ଓ ଜୀବନ କବିତା- ଦୁଇଟି ଓତପ୍ରୋତ । ଫଳରେ ସୁନ୍ଦର, ଅର୍ଥମ୍ପଦ ଶ୍ରୀଦେବ କଣ୍ଠପୂର୍ଣ୍ଣ ସ୍ୱାଧୀନତା ମେଲି ଦେଇଛନ୍ତି ଓ ନିଜକୁ ଦୁଃଖୀ ଦରଦୀ ପ୍ରାଣ ବୋଲି ଯାହା ପରିଚୟ ଦେଇଛନ୍ତି, ତାହା ସର୍ବତ୍ର ସୁଲଭ, ଛଳନାହୀନ ଓ ପ୍ରତିକ୍ରିୟାପ୍ରବଣ । ଏହି ପ୍ରତିକ୍ରିୟା ଶୃଙ୍ଗାର ପରି ଜୀବନ ମିଳନକ୍ଷମ । ନ୍ୟସ୍ତତା ଧର୍ମବିହୀନ, ଏଣୁ ଗଠନଧର୍ମୀ । ଅବାନ୍ତର ବାନ୍ତର ପ୍ରଶ୍ନ ଏଠାରେ ନୀରବ, ଜୀବନଦୁଃଖ କୋଳାହଳ । ଚାଷ, ଚାଷୀ ଓ ଖେତ-ଏଇ ତ୍ରିମୂର୍ତ୍ତି ଆମର ସଂସ୍କୃତିର ଊର୍ଦ୍ଧାଙ୍ଗ । ମାତ୍ର ସମୟର କଟାଳରେ ତାହା ଅବତଳଗାମୀ । ଏହି ନିମ୍ନମୁଖୀନତାର ମୂଳରେ ରାଜନୀତି ଓ ପ୍ରଶାସନର ନକାରାତ୍ମକ ଗୁଣ ଯେ ନରହିଛି ନୁହେଁ, କିନ୍ତୁ ସାଧାରଣ ଜନତାର ଶିକ୍ଷା ଓ ସଚେତନତାର ଅଭାବ ପରିସ୍ଥିତିକୁ କରିଛି ଅଧିକ ସଂକଟମୟ । କବି ଏଥିକୁ ନିଜର ଭୂମିକା ବାଛି ନେଉଛି ଓ ପ୍ରତ୍ୟକ୍ଷ ବିରୋଧ ପାଇଁ ଡାକରା ଦେଉଛି । କିଏ ଜାଣେ କେବେ ଚେତିବ ମଣିଷଜନତା ।


ପ୍ରସଙ୍ଗ : କବିତା
ଓଡ଼ିଆ କବିତା
ଚାରିକେ ଚାରି

# ଆଲୋକିତ କାବ୍ୟସ୍ୱର

**॥ ଭାଗ : ୮ ॥**


**ଇପ୍‌ସିତା ଷଡ଼ଙ୍ଗୀ**

ଫ୍ଲାଟ୍ ନଂ-୩୦୩, ବ୍ଲକ୍-ଏ, ପଣ୍ଡା ରେସିଡେନ୍ସି,
ବିଜେଇଏମ୍ ସ୍କୁଲ-୨ ପାଖ, ସତ୍ୟଭାମାପୁର,
ଭୁବନେଶ୍ୱର-୭୫୨୧୦୦
ଫୋନ:୯୯୩୮୩୭୦୨୮୯/୯୮୬୧୩୩୩୯୪୪
ଫଟୋ ସୌଜନ୍ୟ : ଲେଖିକା


‘ରେବତୀ’ ପାଇଁ ଏକ ଫିଚରଧର୍ମୀ ଆଲୋଚନା ପ୍ରସ୍ତୁତ କରିବା ପାଇଁ ଅଗ୍ରଜ କବି ତଥା ଏ ପତ୍ରିକାର ନିର୍ବାହକ କୃଷ୍ଣ କୁମାର ମହାନ୍ତିଙ୍କ ବାରମ୍ବାର ତାଗିଦାକୁ ସମ୍ମାନ ଦେଇ ଏ ଆଲୋଚନାଟି ଗତ ଅପ୍ରେଲ ସଂଖ୍ୟାରୁ ଲେଖିବାକୁ ଆରମ୍ଭ କଲି । ପ୍ରତି ଦୁଇ ମାସରେ ଥରେ ଚାରିଜଣ କବିଙ୍କ ମୁଗ୍ଧ ଆଲୋଚନା କରୁଛି ଓ କରିବି । କୌଣସି ପ୍ରକାରର ଆଧାର ଏହି କ୍ରମର ନିର୍ଣ୍ଣାୟକ ନୁହେଁ । ଏକ ମୁଗ୍ଧ ପାଠକୀୟ ଦୃଷ୍ଟି ଏହି ଆଲୋଚନା ଓ କ୍ରମର ଆଧାର । ଏଠାରେ ଆଲୋଚିତ ହୋଇଥିବା ପିଢିର କବିଙ୍କ କବିତା ସେତିକି ଭାବରେ ଆଲୋଚିତ ହୋଇ ନଥିବାରୁ ମୁଁ ଏହି ପିଢ଼ିର କାବ୍ୟଧାରାକୁ ମୋ ଆଲୋଚନାର ପ୍ରସଙ୍ଗ ଭାବରେ ବାଛିଛି । ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ ଓ ସପ୍ତମ ଭାଗର ଆଲୋଚନା ପରେ ଏଥର ଅଷ୍ଟମ ଭାଗରେ କବି ବଂଶୀଧର ଚୌଧୁରୀ, ସୁଶାନ୍ତ କୁମାର ନାୟକ, ସୁରେନ୍ଦ୍ର ପାଣିଗ୍ରାହୀ ଓ ମୋନାଲିସା ମିଶ୍ରଙ୍କୁ ନେଇଛି । ଏମାନଙ୍କ କବିତା, ଭିନ୍ନ ଦିଶା, ଶୈଳୀ ଓ ବିଷୟବସ୍ତୁକୁ ନେଇ ସମୃଦ୍ଧ ।



▲ ଲେଖିକା ଇପ୍‌ସିତା ଷଡ଼ଙ୍ଗୀ

## ବଂଶୀଧର ଚୌଧୁରୀ



▲ ବଂଶୀଧର ଚୌଧୁରୀ

ଗମ୍ଭୀର ଭାବକୁ ସରଳ ଶବ୍ଦରେ ଗୁନ୍ଥି ନିଜ କାବ୍ୟ ଚେତନାକୁ ସଫଳ ଭାବରେ ପାଠକଙ୍କ ସାମ୍ନାରେ ବିସ୍ତାରି ପାରୁଥିବା ଜଣେ ଶିଳ୍ପୀ ହେଉଛନ୍ତି **ଡକ୍ଟର ବଂଶୀଧର ଚୌଧୁରୀ** । ଭାବର ବିବିଧତା ତାଙ୍କ କବିତାରେ ଯେତିକି ମାତ୍ରାରେ ବ୍ୟାପ୍ତ, ତାଙ୍କ କାବ୍ୟସ୍ୱର ସେତିକି ମାତ୍ରାରେ ସ୍ୱଚ୍ଛ, ସ୍ପଷ୍ଟ ଓ ଅକୃତ୍ରିମ । ଯେତେଥର ଯେତେ ଦୂର ଗଲେ ମଧ୍ୟ ତାଙ୍କର ଚେତନା ବାରମ୍ବାର ଫେରିଆସେ ଏଇ ମାଟି, ପାଣି, ପବନକୁ; ହତାଶା, ବିଚ୍ଛିନ୍ନତାବୋଧ, ଶୋଷଣ, କଷଣ ଭୋଗୁଥିବା ମଣିଷର ଆତ୍ମାକୁ ତଥା ଅବିଶ୍ୱାସ ଓ ଆତଙ୍କ ଭିତରେ ଶିହରି ଉଠୁଥିବା ସମାଜର ଅସହାୟତାକୁ । ସେଥିପାଇଁ ତାଙ୍କ କବିତାରେ ରୋମାଣ୍ଟିକ୍ ଉଚ୍ଛ୍ୱାସ ଅପେକ୍ଷା କ୍ଷୋଭ ଓ ବିଦ୍ରୋହର ସ୍ୱର ବେଶୀ ଶାଣିତ ଭାବରେ ଶୁଭେ । ସ୍ୱର ଏବଂ ଶବ୍ଦ ଚୟନରେ ଆଂଚଳିକ ଶବ୍ଦ ଏବଂ ବୋଲି ପ୍ରତି ଗୁରୁତ୍ୱ ହେତୁ ତାଙ୍କ କବିତା ନିଆରା ଲାଗେ ।

ପ୍ରଥମ କବିତା ସଂକଳନ ‘ପକ୍ଷୀ ଗାଉ ଗାଉ ଗୀତ’ରେ କବିଙ୍କର ଆଭିମୁଖ୍ୟ ସ୍ପଷ୍ଟ ବାରିହୁଏ । “ବସାଅନି କପଟର ଅଠାକାଠି / ନିଷ୍କରୁଣ ଜାଲ ତୁମ / ବିଛେଇ ଦିଅନି / ଭାଙ୍ଗି ଦିଅ ନାହିଁ ତା’ର କାଳାତୀତ / କଳାର ତପସ୍ୟା / ଗାଇବାକୁ ଦିଅ ତାକୁ / ସର୍ଜନା ସଂଗୀତ / ଗାଉ ଥାଉ ବାରବାର / ଯୁଗଯୁଗାନ୍ତର ।” (ପୃ.୧୧) ମାନବୀୟ ଚେତନାକୁ ‘ପକ୍ଷୀର’ ପ୍ରତୀକ ଭିତରେ ବିଶ୍ଲେଷଣ କରି କବି ଅନୁଭବ କରିପାରିଛନ୍ତି ଯେ, ଏ ସମାଜ ଏମିତି କପଟାଚାରୀମାନଙ୍କ ଦୌରାତ୍ମ୍ୟରେ ଶ୍ୱାସରୁଦ୍ଧ, ଯିଏ ଦାନା ମୁଠେ ବୁଣି ଦେଇ ପକ୍ଷୀର ନିରୀହପଣକୁ ପ୍ରତାରିତ କରି ତା’ର ରକ୍ତ ଶୋଷିନେବାକୁ ସଦା ପ୍ରସ୍ତୁତ । କିନ୍ତୁ ଯେହେତୁ ‘ପୃଥିବୀକୁ ଲୋଡ଼ା ମଧୁସୁର’, ସେ ଆତୁର କଣ୍ଠରେ ଆବେଦନ କରନ୍ତି ଯେ ‘ତଣ୍ଟି ତା’ର କାଟି ଦିଅନାହିଁ ।’

ପ୍ରଥମ ସଂକଳନର ଏଇ ପ୍ରଥମ କବିତାରୁ ହିଁ କବିଙ୍କର କାବ୍ୟ ଚାତୁରୀ ଅନୁଧ୍ୟାନ କରିହୁଏ । ରୋମାଣ୍ଟିସିଜ୍‌ମ୍ ସହ ଆଧ୍ୟାତ୍ମିକ ବୌଦ୍ଧିକ ଚେତନାର ସମନ୍ୱୟ ଘଟାଇ ଏକ ଅନୁପମ ସଫଳ କବିତା ସୃଷ୍ଟି କରାଯାଇ ପାରିଛି । କବିତାର ପ୍ରଥମ ପଂକ୍ତିରେ ଇଂରାଜୀ ରୋମାଣ୍ଟିକ୍ କବି ୱାର୍ଡ଼ସ୍‌ୱାର୍ଥ ଓ କିଟ୍‌ସ୍‌ଙ୍କର ଛାପ ଅନୁଭବ କରିହୁଏ । ଯେଉଁଠି ଦେଖି ନଥିବା, ଶୁଣି ନଥିବା ଅଜଣା ରାଇଜ କଥା ପକ୍ଷୀ ଗାଉଥିଲେ ବି ତା’ସ୍ୱର ଶୁଣି ତଲ୍ଲୀନ ହେଇ ହୁଏ । କିନ୍ତୁ କ୍ରମଶଃ ଉତ୍ତରଣ ଘଟି ସେ ପକ୍ଷୀ, ଆତ୍ମାର ପ୍ରତୀକ ପାଲଟି ଯାଏ, ଯିଏ ଆଇରିସ୍ କବି ଡବ୍ଲ୍ୟୁ.ବି.ୟେଟ୍‌ସ୍‌ଙ୍କର ବାଇଜାଣ୍ଟିଅମ୍ ସହରର ପକ୍ଷୀ ପରି ଯୁଗଯୁଗାନ୍ତର ଯାଏଁ ସର୍ଜନା ସଂଗୀତ ଗାଇ ଚାଲିଥିବ । ଏମିତି ଅନେକ ଚମତ୍କାରୀ କବିତାରେ ବଂଶୀଧର ଚୌଧୁରୀଙ୍କର କାବ୍ୟଯାତ୍ରା ସମୃଦ୍ଧ ।

କବିଙ୍କ ସତ୍ୟତମ କାବ୍ୟ ସଂକଳନ ‘ଧୁନ୍’ର ମୁଖବନ୍ଧରେ ଆଲୋଚକ ରାଧାରଂଜନ ପଟ୍ଟନାୟକଙ୍କ ଅନୁଶୀଳନ କବିଙ୍କ ସାମଗ୍ରିକ କାବ୍ୟଚେତନାର ଏକ ଉପଯୁକ୍ତ ମୂଲ୍ୟାୟନ ଭାବରେ ପ୍ରଣିଧାନଯୋଗ୍ୟ । ଡକ୍ଟର ପଟ୍ଟନାୟକ କହନ୍ତି, “ଭଗ୍ନ ଜୀବନର ବିଷର୍ଣ୍ଣ ବିଳାପ ଓ ଅନ୍ତରରୁ ଅଶ୍ଳୀଳ ଆକୃତି ଯେମିତି କାରୁଣିକ ଧୁନ୍ ଶୁଣାଉଛି ଠିକ୍ ସେମିତି ସାମାଜିକ ଦ୍ୱନ୍ଦ୍ୱ, ବ୍ୟଭିଚାର ଓ ଶୋଷଣ ବିରୋଧରେ ମହାମୁକ୍ତିର ଧୁନ୍ ହିଁ ପ୍ରତିଧ୍ୱନିତ୍ୱ ହୋଇଛି । ପ୍ରବହମାନ ସ୍ରୋତରେ ପରିବର୍ତ୍ତିତ ସମାଜର ନଗ୍ନ ରୂପ ପ୍ରଦାଦ କରିବାରେ କବି ଚୌଧୁରୀ ସିଦ୍ଧହସ୍ତ ।” ସାଂପ୍ରତିକ ସମାଜରେ ଅବକ୍ଷୟିଷ୍ଣୁ ମୂଲ୍ୟବୋଧ, ଶୋଷଣ, ବ୍ୟଭିଚାର ଆଦି ନକାରାତ୍ମକ ଉପାଦାନ ପ୍ରତି ପ୍ରତିକ୍ରିୟାଶୀଳତା ସମସାମୟିକ କବିମାନଙ୍କୁ ଏତେ ମାତ୍ରାରେ ବ୍ୟଥିତ କରେ ଯେ, କୌଣସି ସ୍ପର୍ଶକାତର ସାମାଜିକ ଘଟଣାର ପ୍ରଭାବରୁ ସେମାନଙ୍କ ଲେଖା ମୁକ୍ତ ରହି ପାରେନି । ସେ ଗୁମୁଡୁ ମାହାର ଦୁଃଖ ହେଉ, କୁନ୍ଦୁଲିର ଆର୍ତ୍ତି ହେଉ, ଯୁଦ୍ଧଶିବିରର ବିଭୀଷିକା ହେଉ କି ଭାଗ୍ୟର ନିର୍ଦ୍ଦୟ ଚକ ତଳେ ପେଷି ହେଇ ଯାଉଥିବା ସାଧାରଣ ଚଷାପୁଅର ସୁଖସ୍ୱପ୍ନ ହେଉ- ଏସବୁ ଆପେ ଉତୁରି ଆସେ ସମ୍ବେଦନଶୀଳ କଲମ ମୁନରୁ । କବି ଚୌଧୁରୀ ଏଥିରୁ ବ୍ୟତିକ୍ରମ ନୁହନ୍ତି । ତାଙ୍କର ସମାଜ-ଚେତନା ମୂଳକ କବିତାଗୁଡ଼ିକ ଖୁବ୍ ଭାବପ୍ରବଣ ଓ କଷ୍ଟଦାୟୀ । ସେସବୁ ପଢ଼ିଲେ କବିଙ୍କ ଅନେକ ଅଗ୍ରଜ କବିଙ୍କ କବିତା ଆଖି ଆଗରେ ଭାସି

ଉଠେ । କବି ହୃଷୀକେଶ ମଲ୍ଲିକଙ୍କ 'କାଣ୍ଡୁଲାନା', 'ନିଠାରୀ', 'ଗୋବର ଘାଟି' ଇତ୍ୟାଦି କବିତାରେ ଯେଉଁ କରୁଣ ଦୃଶ୍ୟ ଦେଖିବାକୁ ମିଳେ ତା'ର ଛାୟା ଅନୁଭବ କରିହୁଏ କବି ଚୌଧୁରୀଙ୍କ 'କୁନ୍ଦୁଲୀର କାନ୍ଦ' ବା 'ସେବତୀ' ଅବା 'ସୁକୁଲ ମାଝୀର କୁରାଢ଼ୀ' ପରି କବିତାମାନଙ୍କରେ । ଯେମିତି: "ସୂର୍ଯ୍ୟୋଦୟରୁ ସୂର୍ଯ୍ୟୋଦୟ / ଅଧୀର କରୁଛି / ସେଇ ସ୍ୱର / ସେଇ କାରୁଣ୍ୟ, ସେଇ ପୀଡ଼ନ / ଭିତର ବାହାର ।"(ଧୂନ୍, ପୃ-୯୦) ଏବଂ "ନିଶାଗସ୍ତ ଜିଭମାନଙ୍କ ପରି / ପଚାରୁଛି ବାଉଳା ପବନ / କୁଆଡ଼େ ରାସ୍ତା କଡ଼ର / ଉଠାଦୋକାନୀ, ଗୁମୁଟି, ଝୁମ୍ପୁଡ଼ିବାଲା ଓ / କାଳକାଳରୁ ବସା ବାନ୍ଧିଥିବା / ନିରୀହ ଚଢ଼େଇମାନଙ୍କର ବିମୁଗ୍ଧ କାକଳି ।" **(ଚମ୍ପାଫୁଅର ବୁକ୍, ପୃ.୫୯)** ଅବା "ଗଣିନିଅ ଛାତିର ହାଡ଼ / ସେଇ ଗତିମାନ ଶବମାନଙ୍କର / ଅଭିନେତା ଜୀବନ-ନାଟର । / ଶେଷରେ ବାପ ଗଲା ଦାଦନ୍ / ମା' ବିକିଲା ପୁଅ / ଝିଅ ବିକିଲା ଦେହ / ଚାଖଣ୍ଡେ ପେଟର ଦାବିରେ ।" **(ଲାଲ୍‌ପତ୍ର ଓ ସବୁଜ ସକାଳ/ପୃ.୮୩)**

ଭାଷାରେ ଅତ୍ୟନ୍ତ ସରଳ ଶ୍ରୀ ଚୌଧୁରୀଙ୍କ କବିତା ସମୂହରେ ସମାଜ ବ୍ୟବସ୍ଥା ପ୍ରତି ଏମିତି ତୀକ୍ଷଣ ସମ୍ବେଦନା ଦେଖାଯାଏ । ଏସବୁ ସାମାଜିକ କାରୁଣ୍ୟକୁ କବି ଖୁବ୍ ସିଧା ସିଧା ବାଗରେ ନିଜ କାବ୍ୟ ଭାବକୁ ଉପସ୍ଥାପିତ କରାନ୍ତି । ଏଥିରେ ନଥାଏ କିଛି ଚିତ୍ରକଳ୍ପ କି ବିମ୍ବ ଆଦିର ପ୍ରୟୋଗ । ମାତ୍ର ଏକ ସଂବେଦନାର ସ୍ୱର-ପ୍ରବାହ ଅବିରତ ବହୁଥାଏ ।

ସାମାଜିକ ଅବକ୍ଷୟକୁ ନେଇ କ୍ଷୋଭ ସେତିକିବେଳେ ଆସେ ଯେତେବେଳେ ଜଣେ ନିଜ ସମାଜ, ଦେଶ, ମାଟି, ମାତୃଭୂମିକୁ ଖୁବ୍ ଭଲପାଏ । ତାକୁ ନେଇ ଗର୍ବ କରେ । ତା'ପାଇଁ ନିଜ ଜନ୍ମମାଟି, ନିଜ ଗାଁ, କୌଣସି ପବିତ୍ର ତୀର୍ଥସ୍ଥଳ ଠାରୁ କିଛି କମ୍ ନୁହେଁ । କବି ଶ୍ରୀ ଚୌଧୁରୀ ସଗର୍ବେ ଉଦ୍‌ଘୋଷଣା କରିପାରନ୍ତି ଯେ "ଏଇ ତ ଶ୍ରୀକ୍ଷେତ୍ର ମୋର / ମୋ ଗାଁ କ୍ଷେତ ।" ଗାଁକୁ ଭଲପାଇ ତା'ର ବହୁବିଧ ବୈଭବର ପ୍ରଶଂସାରେ କବିତା ପରେ କବିତା ଲେଖି ଚାଲିବା ଅନେକ କବିଙ୍କ କ୍ଷେତ୍ରରେ ଦେଖିବାକୁ ମିଳେ । କିନ୍ତୁ ନିଜ ଗାଁର କ୍ଷେତକୁ ପୂଣ୍ୟ କ୍ଷେତ୍ର ଶ୍ରୀକ୍ଷେତ୍ର ସହ ତୁଳନା କରିବା କବି ଶ୍ରୀ ଚୌଧୁରୀଙ୍କ ପରି ମାଟିମନସ୍କ କବି ହିଁ କରିପାରନ୍ତି ।

ଜଗତୀକରଣର ଚାକଚକ୍ୟ ପ୍ରଭାବରେ କ୍ରମଶଃ ଶଠତାରେ ରୁନ୍ଧି ହେଇ ଯାଉଥିବା ଏବଂ ନବପିଢ଼ି ପାଇଁ ଗୁରୁତ୍ୱ ଓ ଆକର୍ଷଣ ହରେଇ ବସୁଥିବା ଗାଁର କି ସହରର ରୂପାନ୍ତରଣ କବିଙ୍କୁ ସନ୍ତୁଷ୍ଟ କରିପାରୁନି । ସେ ମଧ୍ୟ ତାଙ୍କ ସମକାଳର କବିମାନଙ୍କ ପରି ଏ ରୂପାନ୍ତରଣ ପ୍ରତି ବୀତସ୍ପୃହ । ସେ ଜାଣିଛନ୍ତି ଏଠି କେହି 'ନଭଚାରୀ, ତପୋବନବାସୀ' ଜନ୍ମନେଲେ ବି ସେ ଖୁବ୍‌ଶୀଘ୍ର ବୁଝିନେବ ଯେ 'ଏଠି ପୁଣି ଫିଙ୍ଗାହୁଏ ପରମାଣୁ', ଏବଂ ତା'ର କାନ୍ଦ ତ କାନ୍ଦ ନୁହେଁ, 'ଏହା ତା'ର / ଦୃପ୍ତ ପ୍ରତିବାଦ / ଆତତାୟୀ ବିରୋଧରେ / ପ୍ରଥମ ସନନ୍ଦ ।'

ପ୍ରଗତି କହିଲେ ଯାହା ଦୃଶ୍ୟମାନ ହେଉଛି ତାହା ହେଲା ଲୁହକୁ ଘୋଡ଼େଇ ରଖି ତା' ଉପରେ ଗର୍ଜୁଥିବା କଂକ୍ରିଟ୍ ଅଟ୍ଟହାସ୍ୟ । "ଏବେ ଦୁଇଥାକିଆ ହେଉଛି / ସହରର ମୁଖ୍ୟରାସ୍ତା,/ ବୟସ୍କ ବୃକ୍ଷମାନଙ୍କର / ବହଳ ଲୁହକୁ ଅଟ୍ଟହାସ୍ୟରେ ପୋତି ଦେଉଚି / ପ୍ରଗତିର କଂକ୍ରିଟ୍ ।" **(ଚମ୍ପାଫୁଅର.../ପୃ.୫୯)** ଅନ୍ତଃସାରକୁ ଶୂନ୍ୟ କରିଦେଉଥିବା ପ୍ରଗତିଜନିତ କ୍ଷୋଭ ବଂଶୀଧର ଚୌଧୁରୀଙ୍କ କବିତାକୁ ଯେମିତି ଏକ ବଳିଷ୍ଠ ବିଭବ ପ୍ରଦାନ କରେ, ସାମାଜିକ ଶୋଷଣ ବିରୋଧରେ ତାଙ୍କ ସ୍ୱର ମଧ୍ୟ ସେତିକି ଶାଣିତ ଭାବରେ କବିତାର ପ୍ରତିଧ୍ୱନିତ ହୁଏ । ଆର୍ଥିକ ପ୍ରଗତି ଆଳୁଆଳରେ ଦରିଦ୍ରମାନଙ୍କର ଶୋଷଣ, ନିରୀହ ଆଦିବାସୀଙ୍କ ଉପରେ ଅତ୍ୟାଚାର, ମିଥ୍ୟା ଏନ୍‌କାଉଣ୍ଟରରେ ବଳି ପଡ଼ି ଯାଉଥିବା ନିଷ୍ପାପ ଜନତା- ଏମିତି ଯାବତୀୟ କରୁଣ ଚିତ୍ର କବିଙ୍କୁ ବ୍ୟଥିତ କରେ ଏବଂ ତାଙ୍କ କବିତାକୁ କରୁଣାର୍ଦ୍ର କରେ । ଯେମିତି: "ଆମେ ଜାଣୁ / ତମେ ଚୋରେଇ ନେଇଛ / ଆମ ଠୁ ଆଲୁଅ / ଆମ ସର୍ଜନ ସାମର୍ଥ୍ୟରେ ଗଢ଼ା / ରାଜ ସିଂହାସନ + + + / ପଡ଼ି ସାରିଲୁଣି / ଧୂର୍ତ୍ତ କପଟ ପଶାର ନିୟତି / ଗଣି ସାରିଲୁଣି / ତମ ଅଭିମାନର ମାଇଲଖୁଣ୍ଟ ।" **(ଧୂନ୍/ପୃ-୩୪)**

ଅତ୍ୟାଚାରୀ ଓ ଅତ୍ୟାଚାରିତା "ଚାଲିଛି ଓ ଚାଲିଛି / ଏ ସଂଘର୍ଷ ନିରବଧି / ପାଣି ପରି ବହିଯାଉଛି ରକ୍ତ ।" **(ଗୁମ୍ ଗୁମ୍ ଗୁମୁଡୁମାହା/ପୃ-୨୩)**

ମଣିଷ ମଣିଷ ଭିତରେ ଏମିତି ସଂଘର୍ଷର ଚିତ୍ରକୁ ଖୁବ୍ ଜୀବନ୍ତ ଓ ଭାବପ୍ରବଣ ଭାବରେ ଚିତ୍ରିତ କରିବା କବି ଶ୍ରୀ ଚୌଧୁରୀଙ୍କ କବିତାର ଏକ ବଳିଷ୍ଠ ଦିଗ । ଏନ୍‌କାଉଣ୍ଟର୍ ନାଆଁରେ ଗୁମୁଡୁମାହାର ନିରୀହ ଆଦିବାସୀମାନଙ୍କ ଉପରେ ନିର୍ମମ ଗୁଳିବର୍ଷଣର ଲୋମ ହର୍ଷଣକାରୀ କାହାଣୀକୁ ବିଭିନ୍ନ ବାଗରେ ସଜେଇ କବି ରଚନା କରିଥିବା ସାତୋଟି ଯାକ କବିତା ତାଙ୍କ ସମାଜବାଦୀ ଚେତନାର ଏକ ସ୍ୱତନ୍ତ୍ର ପରିଚୟ । ଏହି କବିତାଗୁଡ଼ିକ କେବଳ ନିର୍ଯାତିତ, ନିଷ୍ପେସିତ ଜାତି ନୁହେଁ, ଯେ କେହି ସମ୍ବେଦନଶୀଳ ମଣିଷର ହୃଦୟକୁ ବ୍ୟଥିତ କରିପାରେ, ଆନ୍ଦୋଳିତ କରିପାରେ, କ୍ରୋଧିତ ପ୍ରତିକ୍ରିୟାଶୀଳ କରିପାରେ । "ମା କୋଳରେ ରକ୍ତ / କଳା ଦେହରେ ରକ୍ତ / ମାଟି ଛାତିରେ ରକ୍ତ ।" ଏବଂ ଆଉ କି- "କୋହଭରା / ଲୁହଝରା / ଜୀବନର ଗୀତ / ଆସେ ଭାସି ସେ ମାଟିରୁ / ମରିଥିଲା ଯେଉଁଠି ତା ମର୍ଦ / ସର୍କାରୀ ଗୁଳିରେ / ଲେଖାଗଲା ଯେଉଁଠି ତା'/ ନିରୀହ କପାଳେ / ଏକ ଦୁର୍ଦ୍ଦାନ୍ତ ନକ୍‌ସଲ୍ ।" ଏମିତି ସହଜ ସରଳ ଶବ୍ଦରେ ଭିନ୍ନ ଭିନ୍ନ ଘଟଣା ଅଘଟଣର ଜୀବନ୍ତ ଚିତ୍ର ଆଙ୍କି ପାରିବା କବି ଶ୍ରୀ ଚୌଧୁରୀଙ୍କ କାବ୍ୟ-ଚାତୁରୀର ଏକ ସ୍ୱତନ୍ତ୍ର ଦିଗ ।

ଶୋଷଣର ଗ୍ଲାନିକୁ ନୀରବରେ ନିରୀକ୍ଷଣ ନକରି ତା' ବିରୁଦ୍ଧରେ ଜାଗ୍ରତ ହେବାକୁ କବି ଆହ୍ୱାନ ମଧ୍ୟ ଦିଅନ୍ତି । କାରଣ ଏକ ସମ୍ଭାବନାମୟ ନୂତନ ଦୁନିଆରେ ସର୍ଜନାକୁ ନେଇ ସେ ଆଶାବାଦୀ । ଏଇ ଆଶାବାଦ ହିଁ ତାଙ୍କୁ ସାଂପ୍ରତିକ ଓଡ଼ିଆ କବିମାନଙ୍କ ମଧ୍ୟରେ ଏକ ଶ୍ରଦ୍ଧାଶୀଳ ପରିଚୟ ପ୍ରଦାନ କରେ । ନିପୀଡ଼ିତ ଗୁମୁଡୁମାହାର ଯୁବକମାନଙ୍କୁ ଜାଗ୍ରତ ହୋଇ, ଚେତନାର ଚାବି ଖୋଲି, କଳଙ୍କିଲଗା ଶକ୍ତି-ସାମର୍ଥ୍ୟ-ବଳବୀର୍ଯ୍ୟର ତାଲା ଖୋଲିବାକୁ ଆହ୍ୱାନ ଦିଅନ୍ତି ତ ପ୍ରତିବାଦର ସ୍ୱର ଶାଣିତ କରିବାକୁ ମଧ୍ୟ ପ୍ରେରିତ କରନ୍ତି । "ଉଠା ପ୍ରତିବାଦର ସ୍ୱର / ଶୋଇ ରହିବୁ ଆଉ କେତେ ଦିନ / + + + / ଏଥର ଉଠା ତୋର ଖଣ୍ଡା / ଅତି ତୋରି ପାଖରେ / କାଟିବାକୁ ଜହ୍ଲାଦର ମୁଣ୍ଡ / ଚକ୍‌ଚକ୍ ଚେତନାର ଖଣ୍ଡା ।" **(ରକ୍ତାକ୍ତ ନୀଳଜହ୍ନ/ପୃ.୨୩)** କେବଳ ଆଦିବାସୀଙ୍କ କଥା ନୁହେଁ ସମାଜର ପ୍ରତ୍ୟେକ ଶୋଷିତ, ଅବହେଳିତ ମଣିଷର ଯନ୍ତ୍ରଣାକୁ ପ୍ରତିଫଳିତ କରି କବି ତାଙ୍କର ସାମାଜିକ ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛନ୍ତି । ଏବଂ ବାସ୍ତବତାର ଜୀବନ୍ତ ରୂପରେଖ ପ୍ରଦାନ କରିବାର ଲକ୍ଷ୍ୟ ରଖି ନିଜ ବକ୍ତବ୍ୟ, ସ୍ୱର ଏବଂ ଶବ୍ଦ ପ୍ରୟୋଗରେ ବହୁ ଅର୍ଥଦ୍ୟୋତନାକାରୀ ଅବବୋଧକୁ ମନରୁ ହଟାଇ ଏକ ସାଧାରଣ ସରଳ କଥୋପକଥନ ଶୈଳୀ ବ୍ୟବହାର କରିଛନ୍ତି ।

ମାନବବାଦୀ ଚେତନା ଯେହେତୁ କବିଙ୍କୁ ଆଚ୍ଛନ୍ନ କରିରଖେ କବିଙ୍କ ପାଇଁ ଜାତି, ଧର୍ମ, ବର୍ଣ୍ଣ କି ଲିଙ୍ଗଗତ ପାର୍ଥକ୍ୟ କିଛି ଫରକ ରଖେନା । ନାରୀବାଦକୁ ନେଇ ମତ ରଖୁଥିବା ପାରମ୍ପରିକ ବିଚାରଧାରୀମାନଙ୍କୁ ମଧ୍ୟ ସ୍ୱୀକାର କରିବାକୁ ହେବ ଯେ କବି ଶ୍ରୀ ଚୌଧୁରୀଙ୍କ ସ୍ୱର ଓ ସମବେଦନା ନାରୀମାନଙ୍କ ପାଇଁ ମଧ୍ୟ ସମଭାବରେ ଆର୍ଦ୍ର ଓ ଶାଣିତ । ସେ ସେବତୀ ହେଉ କି ଗୁମୁଡୁମାହାର ବନବାସିନୀ ହେଉ, ସମସ୍ତଙ୍କ ଦୁଃଖ କବିଙ୍କୁ ସମାନ ଭାବରେ ଆକ୍ରାନ୍ତ କରେ । ଏସବୁ ସତ୍ତ୍ୱେ ନାରୀକୁ ଅତି ମହନୀୟ ସ୍ଥାନ ପ୍ରଦାନ କରି ନାରୀ ପ୍ରତି ସମ୍ମାନ ପ୍ରଦାନ କରିବାର ଏକ ଋଷି ସୁଲଭ ନମ୍ରତା ପ୍ରକଟ କରିଛନ୍ତି । ବିଷଭର୍ତ୍ତି ଦୁନିଆଁରୁ ଅମୃତତ୍ୱ ଆଡ଼କୁ ବାଟ କଢ଼େଇ ନେବାର ସାମର୍ଥ୍ୟ କେବଳ ନାରୀର ହିଁ ଅଛି । "ହେ ନାରୀ / ବିଷାକ୍ତ ଏ / ବିଶ୍ୱ ଜୀବନକୁ / ତମେ ହିଁ କେବଳ / କରିପାରିବ ଉଦ୍ଧାର / ଦେଇ ପାରିବ ଅମୃତ / ହଁ / କେବଳ ହିଁ ତମେ ।" **(ଗୁମୁଗୁମୁ.../ ପୃ.୨୨)**

ମାନବବାଦୀ ଚେତନାରେ ଆର୍ଦ୍ର କବି ବଂଶୀଧର ଚୌଧୁରୀଙ୍କ କବିତା ସାଧାରଣ ମଣିଷର ଯନ୍ତ୍ରଣାର କଥା ବୟାନ କରୁଥିଲେ ହେଁ କବି କିନ୍ତୁ ଏକ ସୁନ୍ଦର ଦୁନିଆଁର ସ୍ଥିତିକୁ ନେଇ ଖୁବ୍ ଆଶାବାଦୀ । ସେଇଥିପାଇଁ ସେ ଦୃଢ଼ୋକ୍ତି କରନ୍ତି ଯେ, "ଅସରନ୍ତି ଅନ୍ଧାର ଜୀବନ ହିଁ / ସାଇତି ପାରେ / ଅନନ୍ତ ଆଲୋକର

ସ୍ୱପ୍ନ ।" (ଲାଲ୍...।/ପୃ.୧୧) ଏ ବିଶ୍ୱାସରେ ମଧ୍ୟ ଦୃଢ଼ ଯେ ଦୁନିଆଁର ଏ ଦୁଃସ୍ଥିତିରେ, ଦୁର୍ବିସହ ସମୟରେ କବିମାନେ ଏକ ସୁନ୍ଦର ସକାଳର ସ୍ୱପ୍ନକୁ ସଫଳ ରୂପାୟନରେ ଗୁରୁଦାୟିତ୍ୱ ବହନ କରିପାରିବେ । ସେଇଥିପାଇଁ ସେ କବିମାନଙ୍କୁ ଆହ୍ୱାନ ଦିଅନ୍ତି । "ଆଖି ଖୋଲ କବି / ଖୋଲ ତୁମ ପ୍ରତିଭାର ଦ୍ୱାର / ପାଟି ପାଇଁ / ରୁଦ୍ଧ କୋଠରୀର .../ ଦିଅ କବି / ଦିଅ ଶବ୍ଦ / ଦିଅ ନିଆଁ / ଦିଅ ସବୁଜିମା ।" (ରକ୍ତାକ୍ତ ନୀଳକଣ୍ଠ, ପୃ.୧୧-୧୨) ଜୀବନକୁ ଭରପୁର ଭଲପାଇବାରେ ସମୃଦ୍ଧ କବି ଡକ୍ଟର ବଂଶୀଧର ଚୌଧୁରୀଙ୍କ କବିତା ପାଠକଙ୍କୁ ଅଭିଭୂତ କରିବାର ଅନେକ ସାମର୍ଥ୍ୟ ରଖେ ।

## ସୁଶାନ୍ତ କୁମାର ନାୟକ(୧୯୬୨)

ସମସାମୟିକ ଓଡ଼ିଆ କବିତାକୁ ପ୍ରାଣବନ୍ତ ଜୀବନ୍ତ କରିବାକୁ ଯେଉଁ କତିପୟ କବିଙ୍କ ବିଶେଷ ଅବଦାନ ଅଛି, ସେମାନଙ୍କ ମଧ୍ୟରେ **ସୁଶାନ୍ତ କୁମାର ନାୟକ** ଅନ୍ୟତମ । ତାଙ୍କ କବିତାର ନିର୍ମାଣ କଳା ସ୍ୱାଭିମାନରେ ଆପ୍ଲୁତ ଓ ଗଭୀର ଭାବବୋଧରେ ଜଡ଼ିତ । ତାଙ୍କ କବିତାରେ ଜୀବନ ଜିଜ୍ଞାସାର ସରଳ ଦୃଶ୍ୟ, ମାନବିକ ମୂଲ୍ୟବୋଧର ଗଭୀର ଚିନ୍ତନ ଓ ମନନ ଦେଖାଯାଏ । କବି ସୁଶାନ୍ତ ମୃତ୍ୟୁର ଅପୂର୍ବ ଚିତ୍ରକର । ସେହିପରି ଜୀବନକୁ ନେଇ ନିରାଜନା ତାଙ୍କ କବିତାର ଅନ୍ୟତମ ବୈଶିଷ୍ଟ୍ୟ । ଗୋଟିଏ ପଟରେ ସରଳ ମଣିଷର ବିଶ୍ୱାସ ତ ଅନ୍ୟପଟରେ ରାଜନୀତି ପଶାଖେଳରେ ସାଧାରଣ ମଣିଷକୁ ଧରି ଗୋଟି ଚାଳନା- ଏ ବିଷୟବସ୍ତୁ ଜଗତୀକରଣର ଆଦ୍ୟ ଦିବସମାନଙ୍କରେ ମଣିଷ ମାନସପଟକୁ ଦୋଦୁଲ୍ୟମାନ କରି ରଖିଥିଲା । ସୁଶାନ୍ତ, ନିଜ କବିତାର ଯାଦୁକରୀ ସ୍ପର୍ଶରେ ଏସବୁକୁ ଖୁବ୍ ନିଆରା ଢଙ୍ଗରେ ବ୍ୟଂଜିତ କରାଇ ପାରିଛନ୍ତି । ଈଶ୍ୱରଙ୍କୁ ନେଇ ନିଜ ଭିତରର ବିଶ୍ୱାସକୁ କବି ଅନେକବାର ଠିକ୍ ଭୁଲର ନିକିତିରେ ଠିଆ କରେଇଛନ୍ତି । କେତେବେଳେ ଈଶ୍ୱର ମଣିଷ ପାଇଁ ଅଭୟ ବରଦାୟୀ ସତ୍ତା ଭାବରେ ତ କେବେ ଏକ ସନ୍ଦିହାନ ସତ୍ତା ଭାବରେ କବିଙ୍କ କବିତା ବଖାଣିଛି । ପ୍ରକୃତି, ସୁଶାନ୍ତଙ୍କ କାବ୍ୟ ସୃଷ୍ଟିର ପ୍ରଥମ ପ୍ରେରଣା । ସ୍ମୃତି ବିଜଡ଼ିତଦିନ, ବର୍ତ୍ତମାନ, ଭବିଷ୍ୟତକୁ ନେଇ କବି ଯେତିକି ଭାବପ୍ରବଣ ସେତିକି ଭାବପ୍ରବଣ ଅସହାୟ ସରଳ ମଣିଷର ଶୋଷଣକୁ ନେଇ । ଏଠାରେ ଉଲ୍ଲେଖନୀୟ ଯେ, କବି ମୃତ୍ୟୁକୁ ଯେତିକି ଯତ୍ନର ସହ ବର୍ଣ୍ଣନା କରନ୍ତି । ସେତିକି ଯତ୍ନର ସହ ସେ ପେଶ୍ କରନ୍ତି ଜୀବକୁ । 'ଶେଷ ଠିକଣା', 'ସମୟ ନିରବଦ୍ରଷ୍ଟା', 'ଶେଷଦୃଶ୍ୟ' ଓ 'ଈଶ୍ୱରଙ୍କ ଦୋଳିଖେଳ' ପରି ଚାରୋଟି କବିତା ସଂକଳନରେ ଏହି ବିରୋଧାଭାସ ଦେଖିବାକୁ ମିଳେ । କବି ସୁନୀଲ କୁମାର ପୃଷ୍ଟି, ସୁଶାନ୍ତଙ୍କ କବିତା ନେଇ କୁହନ୍ତି- "ଭଲ କବିତା ସବୁବେଳେ ବିରୋଧାଭାସର କାରୁକାର୍ଯ୍ୟରେ ସୁକୁମାର ଓ ସୁଶାନ୍ତଙ୍କ କବିତା ସେଇ ନାନ୍ଦନିକତାର ନଈ ଧାରେ ଧାରେ ଅଳସୀ ଫୁଲର ଧାଡ଼ି, ନିଦୁଆ ପଲ୍ଲୀର ପ୍ରତିଛବି, ଜହ୍ନଗାଧୁଆ ଆକାଶର ଛାଇ ଓ କେତେବେଳେ ବିଜନତା, ଯା' କହିହୁଏ ନାହିଁ ।" (ଶେଷ ଠିକଣା/ ପଛ କଭର) ସୁଶାନ୍ତଙ୍କ କାବ୍ୟ ଅବବୋଧଟି ହଜିଯିବା, ହରେଇ ଦେବା, ଚାଲିଯିବା, ସବୁକିଛି ଖସିଯିବାର ଭାବନାର ବ୍ୟଥାରେ ବ୍ୟଥିତ । ଏସବୁ ଫେରି ଆସେନା ଜାଣେ କାବ୍ୟସତ୍ତା ଏବଂ ଏଇ ଅମୂର୍ତ୍ତ ଭାବନାସବୁକୁ ନିଜ ଶବ୍ଦ ମାଧ୍ୟମରେ ଧରି ରଖିବାର ଜଣେ ସୁଦକ୍ଷ ବିନ୍ଧାଣୀ ସାଜେ । ନିଜ ଭାବରାଜ୍ୟରୁ କଳ୍ପଲୋକ ଦେଇ ଶବ୍ଦ ସାମ୍ରାଜ୍ୟ ଯାଏଁ କବିଙ୍କ ଏ ଯାତ୍ରା ଅନନ୍ୟ ଲାଗେ । ନିଜ ଭାବନାର ସଠିକ୍ ଶବ୍ଦ-ପ୍ରକାଶରେ ସୁଶାନ୍ତ ଦକ୍ଷ । ପ୍ରକୃତିର ଉପାଦାନମାନଙ୍କୁ ନେଇ ସେ ନିଜ ଭାବଧାରା ପାଇଁ ଯେଉଁ ଅବ୍‌ଜେକ୍‌ଟିଭ୍ କୋ-ରିଲେଟିଭ୍ ଖୋଜିପାରନ୍ତି, ତାହା ତାଙ୍କ କବିତାର ବିଶେଷତା । ଉଦାହରଣ ସ୍ୱରୂପ: "ଚାରିଆଡୁ ଆସେ । / ଆଲୁଅର ମଲା ଖବର । / ଅନେକ ମୃତ୍ୟୁର ଚିତ୍ର / ଅଙ୍କା ସରିବା ପରେ / ଆଉ ଏକ ମୃତ୍ୟୁର ଚିତ୍ର ପାଇଁ / ଅନ୍ଧାରର କାନ୍‌ଭାସ୍‌ରେ / ସମୟର ତୂଳୀ ସ୍ପର୍ଶରେ / ସମୁଦ୍ର ବକ୍ଷକୁ ଲଂଫଦିଏ ଆକାଶ । / ଶବ୍ଦର ବିସ୍ଫୋରଣରେ / ଚାରିଆଡ଼େ ବିଂଚୁଡ଼ି ହୋଇପଡ଼େ / ମୁଠାମୁଠା ଆଲୁଅ, ନିର୍ବୋଧତାର ।" (ଶେଷ ଦୃଶ୍ୟ/ପୃ.୨୨)

ନିଚ୍ଛକ ବାସ୍ତବତାକୁ ଚିତ୍ରଣ କରନ୍ତି ସୁଶାନ୍ତ ନିଜ କବିତାରେ । ବର୍ତ୍ତମାନ ସମୟରେ ରାଜନୀତିର ପଶାଖେଳ, ନିରୀହ ସାଧାରଣ ମଣିଷଟିଏ ନିକ୍ଷେପିତ ହୁଏ । ଜଗତୀକରଣ, ଶିଳ୍ପାୟନ ଆଦି ନୂତନ ଜୀବନର ତରିକା ସହ ଅଭ୍ୟସ୍ତ ହେଇ ପାରୁ ନଥିବା ତଥା ନିଜ ମାଟି, ଜଙ୍ଗଲ, ଜମି, ନଦୀକୁ ମୂର୍ଚ୍ଛି ପାରୁ ନଥିବା ସରଳ ମଣିଷମାନଙ୍କ ବିଶ୍ୱାସ ସହ ଖେଳ ଖେଳେ ସଭ୍ୟ, ଆଧୁନିକ ଯନ୍ତ୍ର ମଣିଷ । ବିଶ୍ୱାସ ସହ ଖେଳକୁ କବିଙ୍କ କାବ୍ୟସତ୍ତା ତୀବ୍ର ସମାଲୋଚନ କରିଛି ନିଜ କବିତାରେ ? ମାତ୍ର କଳାତ୍ମକ ଏବଂ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଶୈଳୀରେ । କବିଙ୍କ ଭାଷାରେ: "ରାଜନୀତିର ପଶାପାଲିରେ / ଯୀଶୁ ଓ କୃଷ୍ଣଙ୍କ ହତ୍ୟା ପାଇଁ / ବିଶ୍ୱାସର ପୋଖରୀରେ ବଢୁଥିବା / ମାଛର ପେଟରେ ଖୋଜା ହୁଏ / ତୀର, କଣ୍ଟା ଓ ହାତୁଡ଼ି ।" (ଶେଷଦୃଶ୍ୟ)

ନିକ୍ଷେପିତ ମଣିଷଙ୍କ ସ୍ୱର ପାଳଟିଥିବା ସୁଶାନ୍ତ ନିଜ କବିତାରେ ପ୍ରକୃତି ସହ ଜଡ଼ିତ ଏ ମଣିଷମାନଙ୍କ ପାଇଁ ଅଲଗା ଏକ ଦୁନିଆ ଗଢ଼ିନେବାର ଆହ୍ୱାନ ଦିଅନ୍ତି, ଯେଉଁଠି ସେମାନେ ନିଜ ପ୍ରାକୃତିକ ଜୀବନ ସ୍ୱଚ୍ଛନ୍ଦରେ ବଂଚିପାରିବେ । ସେ କୁହନ୍ତି: "ଆକାଶକୁ ଚାହିଁ ଦେବା / ଶବ୍ଦମାନେ କେମିତି / ବ୍ୟସ୍ତ ବିବ୍ରତ ହେଇ ଘୂରି ବୁଲୁଛନ୍ତି / ଗଢ଼ିବାକୁ ଆଉ ଏକ / ଭିନ୍ନ ଶବ୍ଦର ପାହାଡ଼ ।" (ଶେଷଦୃଶ୍ୟ/ପୃ.୨୪)

କବି ବୁଝିପାରନ୍ତି ସରଳ ମଣିଷର ଅସହାୟତା । ସାମୂହିକ ଅସହାୟତା ଏକ ବଡ଼ ଦୁର୍ବଳତା ଏମିତି ସଂଗୋଷ୍ଠୀର । ଯାବତୀୟ ନାରକୀୟ କାଣ୍ଡର ସାକ୍ଷୀ ଥାଇ ମଧ୍ୟ ଏ ସରଳ ମଣିଷ ଅନେକ କିଛିର ଦାୟରେ ଚୁପ୍ ରହେ । କବି ସୁଶାନ୍ତ ଏ ଅସହାୟତାର ଚମତ୍କାର ବ୍ୟଂଜନାତ୍ମକ ରୂପାନ୍ତର ଉପସ୍ଥାପିତ କରନ୍ତି କବିତାରେ । ଯେମିତି: ୧) "ରାତି ପାହିଲା ପରେ / ବସ୍ତିର ସକାଳ ଚେହେରାରେ / ଭେଟ ହୁଏ ନିଜ ସହ / ଆଖିରୁ ଶୁଖି ଯାଇଥାଏ ଲୁହ / ମନରୁ ହଜି ଯାଇଥାଏ / ଖୁସିର ମୁହୂର୍ତ୍ତ ।" (ଶେଷଦୃଶ୍ୟ/ପୃ.୫୫)

୨) "ଆଦିମ ନିବାସୀ / ମିଛ ଭଲ ପାଇବା ଶିଖି ନାହିଁ / ଫୁଲରୁ ପ୍ରତାରଣାର / ମହୁ ସଂଗ୍ରହ କରିବା ଜାଣେନି ।" (ଶେଷ ଠିକଣା/ପୃ.୭୩)


ସୁଶାନ୍ତ କୁମାର ନାୟକ

ଆଇରିସ୍ କବି ଡବ୍ଲ୍ୟୁ.ବି.ୟେଟସ୍‌ଙ୍କ ପରି କବି ସୁଶାନ୍ତ ଅନେକ ଗୁଡ଼ିଏ ବ୍ୟକ୍ତିଗତ ପ୍ରତୀକ ଏବଂ ଅବଧାରଣା ପ୍ରୟୋଗ କରିଥା'ନ୍ତି ନିଜ କବିତାରେ । ଛାଇ, ଘର ଏବଂ ବାଟ- ଏ ସବୁର ଅନେକ ଉପସ୍ଥାପନ ଅଛି ତାଙ୍କ କବିତାମାନଙ୍କରେ । କବି ଅତି ନିବିଡ଼ ଭାବରେ ଖୋଜନ୍ତି ଛାଇ ଉହାଡ଼ର ରହସ୍ୟ ଅବା କାହା ଅବୟବ ଠାରୁ ଜାତ ଏ ଛାଇ । କବି କୈଳାଶ ଚନ୍ଦ୍ର ଟିକାୟତ୍‌ରାୟଙ୍କ ମତରେ, "କବି ସୁଶାନ୍ତ ଅତି ନିବିଡ଼ ଭାବରେ ସେଇ ଛାଇମାନଙ୍କ ଭିତରୁ ଖୋଜିଛନ୍ତି ଈଶ୍ୱର ଓ ଜୀବନର ରହସ୍ୟ । ଆଲୁଅ ଅପେକ୍ଷା ଛାଇ ଭିତରେ ଲୁଚିଥିବା ସତ୍ୟମାନେ ଆହୁରି ଆକର୍ଷଣୀୟ ।" (ଈଶ୍ୱରଙ୍କ ଦୋଳିଖେଳ/ ଆଦ୍ୟକଥନ-ପୃ.ଖ)

"ଶୂନ୍ୟତାର ବାଟକଡ଼େ / ବସିରହେ ନୀରବତା ଛାଇ ।" ସେଇଠି ପୁଣି କବି

କୁହନ୍ତି: "ମୋ ଦେହ ଭିତରେ ସଂଚରି ଯାଉଚି / ଶବ୍ଦର ଛାଇ ।" ଆଉ ଠାଏ: "ଶ୍ମଶାନର ଛାଇରେ / ଆଶ୍ରୟ ନିଏ / ଲିଭି ଯାଉଥିବା ଦୀପର ଆଲୁଅ ।" (ଈଶ୍ୱରଙ୍କ ବୋଲିଖେଳ) ସେଇମିତି 'ଶେଷଠିକଣା' ସଂକଳନରେ କବି ଛାଇରେ ଉଲ୍ଲେଖ କରନ୍ତି- "ଶୀତ ସଂଧ୍ୟା ଅଳସ ଭାଙ୍ଗେ / ନିରବ ଛାଇ ନିଦ ଲେଉଟାଏ" ପୁଣି- "ମୃତ୍ୟୁ ଏଠି / ଆତ୍ମହତ୍ୟା କରେ ବାରମ୍ବାର / ଗଛର ଛାଇରେ ।" ତେବେ 'ଛାଇ' ଭିତରେ କବି କ'ଣ ଖୋଜନ୍ତି ? ଏକ ଆଶ୍ୱାସନା, ଯେଉଁଠି ନିଚ୍ଛକ ବାସ୍ତବତାକୁ ସେ ଲୁଚେଇ ଦେବେ । 'ଛାଇ' ପରି ଏକ ଶୀତଳ ଏବଂ ନିରାପଦ ଆଶ୍ରୟ ଲୋଡ଼ୁଥିବା କବିସତ୍ତା ପରବର୍ତ୍ତୀ ସମୟରେ ଆଶାବାଦର ସ୍ୱର ଖୋଜେ ଏବଂ ପାଏ ମଧ୍ୟ । "ବିଧବାର ଜରାୟୁରେ ବଢ଼ୁଥିବା / ଆଗାମୀ ଶତାବ୍ଦୀର ଭବିଷ୍ୟତ / ଖୋଜୁଥାଏ / ନିଜ ପିତାର ପରିଚୟ ।" (ଶେଷ ଠିକଣା/ ପୃ.୨୭)

ଏ ପଂକ୍ତି ପରି କବିତା ସୃଷ୍ଟି କରିଥିବା କବି ସୁଶାନ୍ତ ପରବର୍ତ୍ତୀ ସମୟରେ ଲେଖନ୍ତି- "ଶବ୍ଦର ପ୍ରତି ଉଚ୍ଚାରଣରେ / ମୃତ୍ୟୁ କୋଳରେ ଜନ୍ମ ନିଏ / ନୂଆ ଜୀବନ ।" (ଶେଷ ଦୃଶ୍ୟ/ପୃ.୧୩୦)

ଏଠି ଶବ୍ଦର ଛାଇ ନାହିଁ, ନାହିଁ ମୃତ୍ୟୁ ଛାଇ । ବୋଧହୁଏ ଛାଇର ଏକ ଆଶ୍ରୟରୁ କବି ନିଜକୁ ମୁକ୍ତି କରି ସ୍ୱଚ୍ଛନ୍ଦ ମନେହୋଇଛନ୍ତି ପରବର୍ତ୍ତୀ ସମୟରେ ।

ସେହିପରି ରାସ୍ତା ଅବା ବାଟକୁ ନେଇ କବିଙ୍କ ଅବବୋଧ । ଅନେକତ୍ର ସୁଶାନ୍ତଙ୍କ କବିତାରେ ରାସ୍ତା ଜୀବନର ରାସ୍ତା । କେବେ କବିର ଶବ୍ଦର ଗୋଲକ ଧନ୍ଦା ଭିତର ରାସ୍ତା । କେବେ ଜୀବନରେ ସରିଯାଉଥିବା ରାସ୍ତା ଅବା ବାଟ । କିନ୍ତୁ ପ୍ରତ୍ୟେକ ଅବବୋଧର ଉପସ୍ଥାପନରେ କବି ଖୁବ୍ କଳାତ୍ମକ ଏବଂ ସ୍ୱଚ୍ଛନ୍ଦ ଲାଗିଛନ୍ତି ।

ସୁଶାନ୍ତ ମୃତ୍ୟୁର ଜଣେ ଅପୂର୍ବ ଚିତ୍ରକର । ଭିନ୍ନ ଭିନ୍ନ ଭାବରେ, ଭିନ୍ନ ଭିନ୍ନ ଢଙ୍ଗରେ, କବି ମୃତ୍ୟୁକୁ ବ୍ୟଂଜିତ କରାଇଛନ୍ତି । "ଖବରକାଗଜ ପୃଷ୍ଠାରେ / ଲେଖା ହୁଏ / ରାତିର ହସ୍ତାକ୍ଷର / ବାସି ମଡ଼ାର ଛାତିରେ / ବାଡ଼ି ଧରି ଚାଲେ / ମୃତ୍ୟୁର ଇତିହାସ ।" (ଶେଷଦୃଶ୍ୟ/ପୃ.୧୮)

ସେଇମିତି ଅନ୍ୟ ଏକ ସ୍ଥାନରେ- "ଅନେକ ମୃତ୍ୟୁର ଚିତ୍ର / ଅଙ୍କା ସରିବା ପରେ / ଆଉ ଏକ ମୃତ୍ୟୁର ଚିତ୍ର ପାଇଁ / ଅନ୍ଧାରରେ କାନ୍‌ଭାସ୍‌ରେ / ସମୟର ତୂଳୀ ସ୍ପର୍ଶରେ / ସମୁଦ୍ର ବକ୍ଷକୁ ଲମ୍ଫ ଦିଏ ଆକାଶ ।" (ଶେଷଦୃଶ୍ୟ/ପୃ.୨୨) 'ଶେଷ ଠିକଣା' ସଂକଳନରେ କବି ମୃତ୍ୟୁର ସ୍ୱରୂପ ପ୍ରଦାନ କରନ୍ତି- "ଛେଳି ଛୁଆ ପରି ମୃତ୍ୟୁ ଏଠି ଡେଇଁ ବୁଲେ / କୂଳଖିଆ ନଦୀ ଅତଡ଼ାରେ / ..../ ମୃତ୍ୟୁର ପାଚେରୀ ଡେଇଁ ଘୂରିବୁଲେ ଚୋର / ଚୋର ନୁହେଁ ସେ ତ ଆଗାମୀ ଶତାବ୍ଦୀର ବଂଶଧର ।" (ପୃ.୧୧)

ସେହି ସଂକଳନରେ କବି କହିଛନ୍ତି- "ଜୀବନର ଅପରାହ୍ନରେ ନଥିଲା / ମୃତ୍ୟୁର ଆତଙ୍କ ।" ତା'ହେଲେ ମୃତ୍ୟୁକୁ ନେଇ କବି ଏତେ ପ୍ରଶ୍ନାକୁଳ ଓ ଶଙ୍କାଶୀଳ କାହିଁକି ହୋଇ ପଡ଼ିଛନ୍ତି । ବୋଧହୁଏ ତାଙ୍କ ସମୟରେ ବିଶ୍ୱାସର ମୃତ୍ୟୁ, ସରଳ ଜୀବନ ଉପରେ ଅତ୍ୟାଚାର ତଥା ପ୍ରାକୃତିକ ପରିବେଶ ତଥା ପ୍ରକୃତିର ଉପାଦାନକୁ କେବଳ ଟଙ୍କା ପଇସାରେ ତଉଲିବାର ମାନସିକତା ପ୍ରତି କବି ମୂହ୍ୟମାଣ । ନାଇଁ ତ କବି କୁହନ୍ତେ ନାହିଁ- "ଲମ୍ବିଛି ରାସ୍ତା / ଆଗକୁ ଆଗକୁ / ପଛରେ ଛାଡ଼ିଦେଇ / ବିଶ୍ୱାସର ଇତିହାସ ।" (ଶେଷଠିକଣା/ପୃ.୩୧)

"ଆହତ ସମୟର / ଶୂନ୍ୟ ନିଃଶ୍ୱାସରେ / ଦୌଡ଼ୁଛି ମୃତ୍ୟୁ / ଅଡୁଆ ସୂତା ଖିଅରେ / ବନ୍ଧା ପଡ଼ିଛି ଜୀବନ / ଆଗକୁ ପାଦ ପକାଉଚି ଅଭିଶପ୍ତ ଯୌବନ ।" ହାମ୍‌ଲେଟ୍ ପରି କବି ଏଠି ବି ନିଜ ସମୟର ଅସଙ୍ଗତିକୁ ନେଇ ବ୍ୟସ୍ତ ଓ ବିବ୍ରତ । ହାମ୍‌ଲେଟ୍ ଯେପରି କହିଥିଲେ- "the time is out of joint / that i was ever born to set it right.'' ସୁଶାନ୍ତଙ୍କ କାବ୍ୟସତ୍ତା ଭିତରେ ନିଜ ଅଭିଶପ୍ତ ସମୟ ଏବଂ ସେ କାଳଖଣ୍ଡର ମଣିଷମାନଙ୍କୁ ଉଦ୍ଧାର କରିନେବାର ନିଷ୍ଠା ତାଙ୍କୁ ଏକ ମାନବବାଦୀ କବି ଭାବରେ ଉପସ୍ଥାପିତ କରେ ।

ସୁଶାନ୍ତ ଅତିକ୍ରାନ୍ତ ହୋଇଯାଉଥିବା ସମୟ ପରି ଏକ ଅବବୋଧକୁ ସତେଜ ଚିତ୍ରକଳ୍ପ ମାଧ୍ୟମରେ ତୋଳି ଧରିବାରେ ଧୂରୀଣ । ଯେଉଁ ଭାବୋଦୀପ୍ତ କଳ୍ପନା ସାହାଯ୍ୟରେ କବି ଏସବୁକୁ ପ୍ରକାଶ କରନ୍ତି, ତାହା ନିଆରା । ଉଦାହରଣ ସ୍ୱରୂପ-

୧. "ସମୟର ଫେରନ୍ତା ବାଟରେ / ମୁଣ୍ଡ ଟୁଙ୍ଗାରି ବସିଥିବା ଏଣ୍ଡୁଅଟି / ବାରମ୍ବାର ବଦଳାଏ / ଦେହର ରଙ୍ଗ ।" (ଈଶ୍ୱରଙ୍କ..../ପୃ.୧୦୮)

୨. "ଏମିତି କେତେଦିନ / ସମୟର ଚୌହଦିରେ / ପ୍ରତାରଣାର ଜାଲ ବିଛେଇ / ଧରା ହେଉଥିବ / ସ୍ୱପ୍ନ ଦୋଷ ମୁହୂର୍ତ୍ତକୁ ?"

ନାଟକୀୟତା ଅନ୍ୟ ଏକ ବଳିଷ୍ଠ ବିଭବ ସୁଶାନ୍ତଙ୍କ କବିତାର । ଚମତ୍କାର ଚିତ୍ରକଳ୍ପ ଆଙ୍କି କବି ସୃଷ୍ଟି କରନ୍ତି ନାଟକର ପ୍ରଥମ ଦୃଶ୍ୟ । ତା'ପରେ ଦୃଶ୍ୟ ପରର ଦୃଶ୍ୟ ସାବଲୀଳ ଗତିରେ ଗଡ଼ି ଚାଲେ । ଆଙ୍କି ହୋଇ ସାରିଥାଏ ପରିଶେଷ ଏକ ଚମତ୍କାର କାହାଣୀର ଚିତ୍ରନାଟ୍ୟ କାବ୍ୟିକ ଛିଟାରେ । 'ମହୁମାଛି' କବିତାରେ କବିଙ୍କ ଆରମ୍ଭ ଦୃଶ୍ୟକୁ ଲକ୍ଷ୍ୟ କରାଯାଇପାରେ । "ଫୁଲ ଖୋଜୁ ଖୋଜୁ / ମହୁମାଛି ବସିଗଲା / ତମ ମସୃଣ ଓଠରେ । ତମେ କହିଲ / ମୁଁ ଫୁଲ ନୁହେଁ / ମହୁମାଛି କିନ୍ତୁ ବିଶ୍ୱାସ କରି ପାରିଲାନି / ତମ କଥାକୁ / ତୁମି ନେଲା ପୋଷ ପୋଷ ଶୋଷ ।" ଏବଂ ପରିଣତି ନାଟକୀୟତାକୁ ଦେଖାଯାଉ- "ସାରୁପତ୍ରରେ / ଦୋଳି ଖେଳୁଚି / ପିଲାଦିନ । ଶବ୍ଦର ନିହାଣ ମୁନରେ / ସମୟର ଛାତିରେ / ଖୋଳା ହେଉଛି ମାଟି / ପୋତିବାକୁ / ପିଲାଦିନରୁ ସଂପାତି ଥିବା / ସବୁ ଧନସଂପତ୍ତି ।" (ଈଶ୍ୱର.../ପୃ.୫୫)

ସେହିପରି ଅନେକ ଗୁଡ଼ିଏ ଆପ୍ତବାକ୍ୟ ସମ ସୁଶାନ୍ତଙ୍କ କବିତାର ପଂକ୍ତି ଏକ ନାନ୍ଦନିକ ସନ୍ତୋଷ ପ୍ରଦାନ କରୁଥା'ନ୍ତି । ଏହା ତାଙ୍କ କବିତାକୁ କାଳର ଉର୍ଦ୍ଧ୍ୱରେ ଥିବା ଏକ ସମୟକୁ ନେଇ ଯାଉଥାଏ ପାଠକକୁ । ଗୋଟିଏ କାଳକୁ ଅତକ୍ରମ କରିଯିବାର ଅନ୍ତର୍ନିହିତ ଗୁଣ ଯେଉଁ କବିଙ୍କ କବିତାରେ ପ୍ରାପ୍ତ ହେଉଥାଏ, ସେ କବିତା କାଳକାଳ ଧରି ପାଠକ ମନରେ ଅନୁରଣିତ ହେଉଥାଏ । କବି ସୁଶାନ୍ତଙ୍କ ଅନେକ କବିତା ମଧ୍ୟରୁ କବିତା 'କବି' ଯେଉଁଠି "ଭୁଲ ଶବ୍ଦର ଥଣ୍ଟରେ / ରଣା ଡୁଏ କବିର ଜୀବନ" ପରି ପଂକ୍ତିରୁ କବିତା ଆରମ୍ଭ ହୁଏ ଏବଂ କବି ସାଧନାର ପରିଣତିକୁ ବ୍ୟଂଜିତ କରିବା ପାଇଁ କବି ଉଚ୍ଚାରଣ କରନ୍ତି: "ଧର୍ମପଦ ପରି / କବିତାର କୋଣାର୍କ ଗତି / ସମୟର ସମୁଦ୍ରରେ / ଝାସ ଦିଏ କବିର ଜୀବନ ।" (ଈଶ୍ୱର.../ପୃ.୧୧୮)

ଆପ୍ତବାକ୍ୟ- ସମ କାଳୋତୀର୍ଣ୍ଣ କବିତା ପଂକ୍ତିରେ କବିର ଜୀବନକୁ ନେଇ ସୁଶାନ୍ତଙ୍କ ଚିତ୍ର ଚମତ୍କାର । ସୁଶାନ୍ତଙ୍କ କବିତାରେ ଆତ୍ମିକତାର ଅଙ୍ଗୀକାରବଦ୍ଧତା ଓ ଏକ ଅନନ୍ୟ ଅନ୍ୱେଷା ପରିଦୃଷ୍ଟ ଯାହା ତାଙ୍କୁ ସମକାଳର କବିମାନଙ୍କ ଠାରୁ ନିଆରା ବୋଲି ଦର୍ଶାଇ ଦେଇଥାଏ । କବିତାରେ କବି ସୁଶାନ୍ତଙ୍କ ଆତ୍ମମଗ୍ନତା, ତଲ୍ଲୀନତା ଓ ଶବ୍ଦପ୍ରୟୋଗ ଜନିତ ଏକ ସତେଜ ମାନସିକତା ତାଙ୍କ କବିତାକୁ ସ୍ୱତନ୍ତ୍ର କରେ ।

ପରମ୍ପରାମାନ୍ୟତା କବି ସୁଶାନ୍ତଙ୍କ କବିତାର ଅନ୍ୟ ଏକ ବୈଭବ । କବି, ସମାଲୋଚକ ଶତ୍ରୁଘ୍ନ ପାଣ୍ଡବ ଦର୍ଶାଇଛନ୍ତି, "ପ୍ରାଥମିକ ରଚନାମାନଙ୍କୁ ମୂଳକେନ୍ଦ୍ର କରି ସେଇ ପରମ୍ପରାରେ ସାହିତ୍ୟ ସୃଷ୍ଟି କରିବା ଅଥବା କବିତା ରଚନା କରିବା ହେଉଛି ସାହିତ୍ୟ ବା କବିତାର ପରମ୍ପରା ମାନ୍ୟତା । + + + ଏହା ମୂଳତଃ ପୂର୍ବ ସୃଷ୍ଟି-ପରମ୍ପରା ପ୍ରତି ସମ୍ମାନ ପ୍ରଦର୍ଶନ ଏବଂ ପରବର୍ତ୍ତୀ ସୃଷ୍ଟିରେ ତହିଁରେ ସମନ୍ୱୟ ସାଧନ । ଏହା ଏକ ଋଣ ନେବାର କର୍ମ ।" (ଆଧୁନିକ ଓଡ଼ିଆ କବିତା ପରିଚର୍ଚ୍ଚା/ ପ୍ରଥମ ଖଣ୍ଡ, ପୃ-୧-୨) ଏପରିକି କୌଣସି ଏକ ରୀତିକୁ ଅନୁସରଣ କରି ସାହିତ୍ୟ ସର୍ଜନ ମଧ୍ୟ ପରମ୍ପରା ମାନ୍ୟତା ପ୍ରସଙ୍ଗ ଅନ୍ତର୍ଭୁକ୍ତ ।

ଏହି କ୍ରମରେ ସୁଶାନ୍ତଙ୍କ କବିତା 'ଲଣ୍ଠନ' ହେଉ ଅବା ହେଉ ପରିଚୟ କବିତା, ଅନେକତ୍ର ପରମ୍ପରା ମାନ୍ୟତା ପରିଲକ୍ଷିତ ହୋଇଛି ସୁଶାନ୍ତଙ୍କ କାବ୍ୟ-ତଲ୍ଲୀନତାରେ । ନିଜ ଭାଷା-ସାହିତ୍ୟର ଏକ ସର୍ବଜନ କବିତା ବିଶିଷ୍ଟ କବି ରମାକାନ୍ତ ରଥଙ୍କ 'ଲଣ୍ଠନ'ରେ ବ୍ୟଂଜିତ ଜୀବନ ଓ ତା' ଯନ୍ତ୍ରଣାର ଛାପ ଦେଖିବାକୁ ମିଳିଥାଏ କବି ସୁଶାନ୍ତଙ୍କ 'ଲଣ୍ଠନ'ରେ, ଏକ ପରିବର୍ତ୍ତିତ ରୂପରେ । ଅନୁଭୂତ ହୁଏ, କବିତା ପାଦେ ଆଗେ ଏକ ନୂଆ ଲଣ୍ଠନର ସ୍ୱରୂପ ଦର୍ଶାଉଛି ।

ସେହିପରି 'ପରିଚୟ' କବିତାରେ "ଫୁଟାହାଣ୍ଡି / ପାଣି ଶୋଷି ନେଲା ପରି / ଜୀବନରୁ ସରିଯାଏ / ସମସ୍ତ ଆୟୁଷ;" ପଂକ୍ତିରେ ଭର୍ତ୍ତୃହରିଙ୍କ 'ବୈରାଗଶତକମ୍'ର ଶହେ ନଅ ଶ୍ଳୋକର ଚିତ୍ର ମନେ ପଡ଼ିଯାଏ । ଯେଉଁଠି ଭର୍ତ୍ତୃହରି ମଣିଷର ଜୀବନ ଓ ତା'ର ପ୍ରବୃତ୍ତି ବର୍ଣ୍ଣନା କରିବାକୁ ଯାଇ ଉଦାହରଣ ଦିଅନ୍ତି- ବୃଦ୍ଧାବସ୍ଥା ବାଘୁଣୀ ପରି ଗର୍ଜନ...କରି ସାମ୍ନାରେ ଠିଆ ହୋଇଛି, ଶତ୍ରୁ ପରି ରୋଗ, ଶରୀର ଉପରେ ପ୍ରହାର କରି ଚାଲିଛି, ଫଟା ହାଣ୍ଡି ପାଣି ଶୋଷି ନେଲା ପରି, ଆୟୁଷ କ୍ଷରଣ ହୋଇ ଚାଲିଛି, ତଥାପି ମନୁଷ୍ୟ ଅନେକ ଅହିତକର କାର୍ଯ୍ୟରେ ଲିପ୍ତ ରହୁଥିବାର ଦେଖି ଆଶ୍ଚର୍ଯ୍ୟ ହେବାକୁ ହୁଏ ।

ସେହିପରି ସୁଶାନ୍ତଙ୍କ କବିତାରେ ସେ ପ୍ରୟୋଗ କରିଥିବା ଚିତ୍ରକଳ୍ପ ଖୁବ୍ ଜୀବନ୍ତ । ସେଥିରୁ ଉଦାହରଣ କିଛି ଦେଖା ଯାଇପାରେ ।

୧. ଦୁଃଖର ଆଇନାରେ / ଖୋଜା ଚାଲିଥିଲା / ଜୀବନର ଶେଷ ରାତିକୁ । **(ଈଶ୍ୱର.../ପୃ-୯୮)**

୨. ମା' କୋଳରେ ଅନାସକ୍ତ ଶିଶୁଟିଏ ପରି ଶୂନ୍ୟ ହାତ ମୁଠାରୁ / ଖସି ଯାଉଚି ସୁଖଦ ମୁହୂର୍ତ୍ତ । **(ଈଶ୍ୱର.../୧୦୫)**

୩. କେଉଟ ଜାଲରେ / ଛଟପଟ ମାଛ ପରି / ବନ୍ଧା ପଡ଼ିଛି ଭବିଷ୍ୟତ / ଚେଇଁ ଉଠୁଛି / ମୃତ୍ୟୁର ପିଲାଦିନ ।" **(ଈଶ୍ୱରଙ୍କ.../ପୃ.୧୨୧)**

ଶବ୍ଦ ପ୍ରୟୋଗରେ ଖୁବ୍ ସତର୍କ ସୁଶାନ୍ତ ନିଜ କବିତାର ବହୁବିଧ ବିଷୟବସ୍ତୁ ଏବଂ ବିଷୟବସ୍ତୁ ଅନୁଯାୟୀ ନିଜର ଉପସ୍ଥାପନ ଶୈଳୀ ହେତୁ ଅନନ୍ୟ ଲାଗନ୍ତି । ଖୁବ୍ ଅନ୍ତରଙ୍ଗ ତାଙ୍କ ଭାବ, ସତେଜ ଚିତ୍ରକଳ୍ପ ବ୍ୟତୀତ ପ୍ରତୀକ ଏବଂ ବିମ୍ବ ଦ୍ୱାରା ପ୍ରତିଫଳିତ ହୋଇ ଭାବବିସ୍ତାର କରିପାରନ୍ତି ପାଠକ ହୃଦୟରେ । କବିତାକୁ ନେଇ କବିଙ୍କ ଅନୁଭବ: "ରାତି ହେଲେ / କବିତା ଆସେ । + + + ଭୋର ଆଲୁଅରେ / ଫେରିଯାଏ କବିତା ।" କବିତା ଗଲା ପରେ ଶୂନ୍‌ଶାନ୍ ଘର ଭିତରେ କବି ଦେଖିପାରେ ତା' ନିଜ ଭିତରର ଆବିଳତାକୁ, ଦେଖିପାରେ ତା' ଭିତରେ ଜନ୍ମ ନେଇଥିବା ଅହଂକାରକୁ, କ୍ରୋଧକୁ ଓ ଅସହିଷ୍ଣୁତାକୁ । କବି କୁହନ୍ତି କବିତାର ପାଦଧ୍ୱନିରେ, ସେ ଫେରି ପାଇଛନ୍ତି, ଆହୁରି ଅନେକ ଅନେକ ଇନ୍ଦ୍ରିୟ । କବିତା, ନିଜକୁ ନିଜ ପରିଚୟ ଦିଏ, ଯେଉଁଥିପାଇଁ ମନୁଷ୍ୟ ଅନେକ କୃଚ୍ଛ୍ର ସାଧନା କରିବାକୁ ସନ୍ୟାସୀ ହୋଇ ଯାଇଥାଏ । ସୁଶାନ୍ତଙ୍କ କବିତା ଏପରି ଏକ ଅତୀନ୍ଦ୍ରିୟ ସ୍ତରକୁ ନେଇଯିବାର ସମସ୍ତ ସମ୍ଭାବନା ଧାରଣ କରୁଥାଏ ।

## ସୁରେନ୍ଦ୍ର ପାଣିଗ୍ରାହୀ(୧୯୬୨)

"କେତେବେଳେ ସମୟ କବନ୍ଧ କରିଦିଏ ତ କେତେବେଳେ ନିଜକୁ କବନ୍ଧ ହେଇଯିବାକୁ ହୁଏ ଆପଣାଛାଏଁ । କବି ଜୀବନ ବି ଏଇ ପକ୍ଷୀମାନଙ୍କ ଭଳି....ବାସ୍ତବତାକୁ ସ୍ୱୀକାର କରିବାକୁ ହେଲେ ଏକ୍‌ଲା ହେବାକୁ ହୁଏ...ସେଇ ନିଷ୍ଠୁର ସତ୍ୟକୁ ଭୋଗିବାକୁ ଟିକେ କଷ୍ଟ ହୁଏ...ଜୀବନ ଲାଗେ ବେଶ୍ ଏକା...ବିଚ୍ଛିନ୍ନ...ଆଉ ସେଇ ବିଚ୍ଛିନ୍ନତା ବୋଧକୁ ନେଇ କବିଟି, ଏକା ଏକା ଚାଲିଥାଏ କବିତା ରାସ୍ତାରେ...କବି ସବୁବେଳେ ଏକ୍ଲା ମଣିଷଟେ ।" କବିତା ପଥରେ ଏକା ଏକା ବାଟ ଚାଲୁଥିବା ଅଥଚ ନିଜ ପାଦଚିହ୍ନକୁ କବିତା ରାଜ୍ୟର ରାସ୍ତାରେ ଦୃଢ଼ କରି ସାରିଥିବା ସମକାଳର ବରେଣ୍ୟ କବି ସୁରେନ୍ଦ୍ର ପାଣିଗ୍ରାହୀଙ୍କ କବିତାକୁ ନେଇ ନିଜ କଥା ଇଏ ।

ଜୀବନଜିଜ୍ଞାସା, ସାମାଜିକ ବାସ୍ତବତା, ଆଶା, ବିଶ୍ୱାସ, ଗାଁ ଜୀବନର ବିଭୋର ବାସ୍ନା ତଥା ଆଧୁନିକ ଯନ୍ତ୍ର ସଭ୍ୟତାର ଅସାରତା କବି ସୁରେନ୍ଦ୍ରଙ୍କୁ ଖୁବ୍ ପ୍ରଭାବିତ କରିଛି । ଗାଁର ଭୁରୁଭୁରୁ ବାସ୍ନା ତାଙ୍କୁ ନିଜ ପରମ୍ପରାର ବଳିଷ୍ଠ ବିଭବ କଥା ମନେ ପକେଇ ଦେବା ବେଳେ, ସହର ସଭ୍ୟତାର ବେମୁରବା ହାବଭାବ ଓ ମୂଲ୍ୟବୋଧ-ରହିତ ଜୀବନଚର୍ଯ୍ୟା ଶୃଙ୍ଖଳିତ କବିପ୍ରାଣକୁ ବ୍ୟଥିତ କରିଛି । ଦୁଇଟି ପରିବେଶ, ଦୁଇ ପ୍ରକାରର ମୂଲ୍ୟବୋଧ, ଦୁଇ ଭାଇ ସଂଘାତ ମଧ୍ୟ ଦେଇ ଏକ ସ୍ୱପ୍ନମୟ ବାସ୍ତବତାକୁ କବି ପାଣିଗ୍ରାହୀ ସଂଘାତ ମଧ୍ୟ ଦେଇ ଏକ ସ୍ୱପ୍ନମୟ ବାସ୍ତବତାକୁ କବି ପାଣିଗ୍ରାହୀ କବିତାରେ ଭେଟିବାକୁ ମିଳେ । ରୋମାଣ୍ଟିକ୍ ରିଆଲିଜିମ୍ ଏମିତି ଏକ ବାସ୍ତବତାର ରୂପାୟନ, ଯେଉଠି ଆମେମାନେ ସମସ୍ତେ ଏକ ଅଦ୍ଭୁତ ସମୟଚକ୍ର ଭିତରେ ଆବଦ୍ଧ । ସେଠି ନା ସ୍ୱପ୍ନକୁ ସାକାର କରି ହେଉଥାଏ, ନା ବାସ୍ତବତାକୁ ବାସ୍ତବତା ପରି ଆଦରି ହେଉଥାଏ । ରୋମାଣ୍ଟିକ୍ ରିଅଲିଜିମ୍‌ର ସଂଜ୍ଞା ଭାବରେ ଆମେ କହିପାରେ- a selective recreation of reality according to an artist's metaphysical value judgement. ବାସ୍ତବବାଦ, ଅବବୋଧଟି ଯାହା ସେୟା ଦେଖାଇବାକୁ ବିଶ୍ୱାସ କଲାବେଳେ ରୋମାଣ୍ଟିସିଜମ୍ ଅବବୋଧଟି କ'ଣ ହେବା ଉଚିତ୍ (ସେଇ ସୃଜନଶିଳ୍ପୀର ଦୃଷ୍ଟିଭଙ୍ଗୀରୁ) ତାହା ଉପରେ ଗୁରୁତ୍ ପ୍ରଦାନ କରେ । ରୋମାଣ୍ଟିକ୍ ରିଅଲିଜିମ୍, ବାସ୍ତବତାକୁ ଗ୍ରହଣ କରି ନପାରୁଥିବା ସମ୍ବେଦନଶୀଳ ଶିଳ୍ପୀର ପ୍ରତିକ୍ରିୟା ସହ, କ'ଣ ହେବା ଉଚିତ୍- ତାହା ଉପରେ ଗୁରୁତ୍ୱ ଆରୋପ କରିଥାଏ । କବି ପାଣିଗ୍ରାହୀ କବିତାରେ ଅନେକତ୍ର ରୋମାଣ୍ଟିକ୍ ରିଆଲିଜିମ୍ ଦେଖିବାକୁ ମିଳେ । ଶ୍ରୀ ପାଣିଗ୍ରାହୀ ଯେଉଁ ସମୟର ଜୀବନ ବଂଚିଛନ୍ତି, ସେ ସମୟଟି ସବୁ ପ୍ରକାରର ପରିବର୍ତ୍ତନର ସମୟ । ଛୋଟ ଦେଶ ମିଶି ଏକାକାର ହେଉଥାଏ ସମଗ୍ର ବିଶ୍ୱ ସହ ଉଦାରୀକରଣର ନୀତିରେ । ନୂଆ ନୂଆ ବଂଚିବାର ଶୈଳୀ, ଜୀବନକୁ ଦେଖିବାର ନୂଆ ଦୃଷ୍ଟିକୋଣ ଆଖି ଆଗରେ ଠିଆ ହୋଇଥାଏ । କିନ୍ତୁ ତାଳତମାଳ ଘେରା ଗ୍ରାମ୍ୟ ପରିବେଶ, ଦେଶପ୍ରେମ ଭାବ, ପରମ୍ପରା, ସଂସ୍କୃତିର ଏକ ବଳୟ ଭିତରେ ନିଜ ଆବେଗତ ଏବଂ ଭାବଗତ ଜଗତର ଅବବୋଧକୁ ଗଢ଼ି ସାରିଛନ୍ତି । ଗୋଟିଏ ପୁରୁଣା ସମୟ ଆଉ ଏକ ନୂଆ ସମୟର ସନ୍ଧିକ୍ଷଣରେ କବି ନିଜେ ଉଭା ହୋଇ ଉଭୟ ସମୟକୁ ସହିବାକୁ, ବଂଚିବାକୁ ବାଧ୍ୟ ହୋଇଛନ୍ତି । ବର୍ତ୍ତମାନର ବାସ୍ତବତାକୁ କବିପ୍ରାଣ ଗ୍ରହଣ କରି ପାରିନି । ବଦଳେଇ ଦେଇ ପୁଣି ଅତୀତର ଜୀବନଚର୍ଯ୍ୟାକୁ ଲାଗୁ ଦେଇ ପାରିବାର କୌଣସି ସମ୍ଭାବନା ନାହିଁ । ଏଣୁ ଶ୍ରୀ ପାଣିଗ୍ରାହୀ ନିଜ କବିତା ମାଧ୍ୟମରେ ବର୍ତ୍ତମାନ ସମୟରେ ଅସହ୍ୟ ଅବସ୍ଥିତିକୁ ଶାଣିତ କଟାକ୍ଷରେ ବର୍ଣ୍ଣନା କରିବା ସଂଗେ ସଂଗେ, ପୂର୍ବ ସମୟର ମହତ୍ତ୍ୱକୁ ବ୍ୟଂଜିତ କରାଇଛନ୍ତି । କଥନଶୈଳୀର ଗାମ୍ଭୀର୍ଯ୍ୟ କବି ପାଣିଗ୍ରାହୀଙ୍କୁ ନିଜ ସମକାଳ କବିଙ୍କ ଠାରୁ ଅନନ୍ୟ କରି ତୋଳେ । ଗାଁ ଜୀବନ ସହ ସହରୀ ଜୀବନ, ପୁରୁଣା ମଣିଷଙ୍କ ମଣିଷପଣିଆ ଆଉ ବର୍ତ୍ତମାନ ସମୟର ସ୍ଖଳିତ ମୂଲ୍ୟବୋଧର ଏକ ସଙ୍ଗରେ ତୁଳନା ଏବଂ ବିରୋଧ ତାଙ୍କ କବିତାର ଦେଖିବାକୁ ମିଳେ ଏବଂ କଳାତ୍ମକ ଢଙ୍ଗରେ । ଯେମିତି: "କେତେ ବିଚ୍ଛିନ୍ନ ସତରେ ଆମେ ଅତୀତର / ସମସ୍ତ ସ୍ନେହ ଓ ଆତିଥେୟତାରୁ / ସେଇ କାନ୍ଥୁ ଠଣାରୁ ଅବିର ଆଣି ପିଲାଦିନେ / ଆମେ ଖେଳୁଥିଲୁ ହୋଲି / ମୋ ପେଁକାଳି, ଗୁଂଜମାଳି / ବୋଉ ରଖୁଥିଲା ସେଠି / ଏବେ ଅଣ୍ଡାଳିଲେ ସେଉଠୁ ମିଳୁଛି / ସିଗାରେଟ୍, ତିରଙ୍ଗା, ରାଜା ଖଇନି / ଆଉ ପ୍ରତିଦିନ ଆମକୁ / ମିଛ କୁହା ଶଖାଉଥିବା ମୋବାଇଲ୍ / ଏବେ ଆମେ ବଦଳିଚାଲିଛନ୍ତି ପ୍ରତିମୁହୂର୍ତ୍ତରେ ।" **(ଖାଳେଇ/ ପୃ.୨୮)**

ଅବକ୍ଷୟପ୍ରାପ୍ତ ମୂଲ୍ୟବୋଧ, ଅନାବିଳ ସ୍ନେହ, ସଂସ୍କାର ପରମ୍ପରା ଓ ଚଳଣୀର ପରିବର୍ତ୍ତିତ ରୂପ ଆଦିର ତୁଳନା କରିଛନ୍ତି କବି । ଏବଂ 'ଠଣା'କୁ ଏସବୁର ପ୍ରତୀକ କରି ଉପସ୍ଥାପିତ କରିଛନ୍ତି । ଦୁଃଖ ଏବଂ ଝୁରି ହେବା ଏବଂ ଅଦ୍ଭୁତ କାରୁଣ୍ୟ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ବର୍ତ୍ତମାନ ସମୟର ଭୟାବହତାକୁ ଇଙ୍ଗିତ କରିଦେଉଛି ମଧ୍ୟ ।

କବିଙ୍କ କାବ୍ୟ ଜୀବନର ଆରମ୍ଭ ତାଙ୍କର ପ୍ରଥମ କବିତା ସଂକଳନ 'ମେଘ ମେଘ ଆକାଶ'ରୁ । ପ୍ରେମ, ଅଭିମାନ, ଜୀବନ ଦର୍ଶନକୁ ପାଥେୟ କରି କ୍ଷୁଦ୍ରକ୍ଷୁଦ୍ର



◀ ସୁରେନ୍ଦ୍ର ପାଣିଗ୍ରାହୀ

ପଦାବଳୀର ସମାହାର ଏଇ କବିତାଗ୍ରନ୍ଥରେ କବିଙ୍କ ଶବ୍ଦ ସଂଯୋଜନାର ନିପୁଣତା ତଥା ଗଭୀର ଅବବୋଧର ପରିଚୟ ମିଳେ । ଜୀବନର ଅଳୀକତା ଓ ଜୀବନକୁ ନେଇ ଥିବା ଭିନ୍ନ ଭିନ୍ନ ପାରମ୍ପରିକ ଅବବୋଧ ଏଠାରେ ପ୍ରକାଶିତ । ଯେମିତି – "ମିଛରେ ହସୁଛି / ମିଛରେ କାନ୍ଦୁଛି / ମିଛ ଏ ଯାନିଯାତରା /ମିଛ ଦୁନିଆଁରେ / ମିଛ ବିକିବାକୁ / ଖୋଲିଛି ମିଛ ପସରା ।" (ପୃ.୬୯) କିମ୍ବା "ଜୀବନ ମୋହର / ପକ୍ଷୀ ଜାହାଜର / ଜାହାଜ ପାରୁନି ଛାଡ଼ି / ଆଖି ତା' ପାଉନି / ଅଜଣା ଟାପୁକୁ ଉଡ଼ିଯିବ ପର ଝାଡ଼ି ।" (ପୃ.୩୧) ମାନବ ଜୀବନର ଆବେଗ ରହିଛି ଏ କବିତାମାନଙ୍କରେ । ଅଛି ରହସ୍ୟବାଦର ଛାପ ମଧ୍ୟ । କେବେ କେବେ ମେଘ, ହାଟ, ପକ୍ଷୀ, ବାଟ, ଜାହାଜ ଆଦି ବସ୍ତୁ ଦେଇ କବିଙ୍କ ଭାବ ଏସବୁ ଶବ୍ଦ–ଅବବୋଧ ଡେଇଁ ଐଶ୍ୱରୀୟ ଚେତନା ସହ ସମ୍ମିଳିତ ହେବାର  ଦେଖିବାକୁ ମିଳିଥାଏ । 'କିଆ କେତକୀର କବିତା' କବିଙ୍କ ଦ୍ୱିତୀୟ କବିତା ସଂକଳନ । ସରଳ ଗ୍ରାମ୍ୟ ଜୀବନ, ପିତାଙ୍କ ଦେହାବସାନ ଜନିତ ଦୁଃଖ, ପ୍ରେମିକାର ନିରୁତା ସମର୍ପଣ କେବେ ତ କେବେ ଅସରା ଅଭିମାନରେ କବିତାମାନ ସମୃଦ୍ଧ । କାମାଧ୍ୟାତ୍ମ, ରହସ୍ୟବାଦ ଓ ମୃତ୍ୟୁ ଚେତନାରେ କବିତାର କାୟାକଳ୍ପ କାନ୍ତ ଓ କମନୀୟ ହୋଇ ଉଠିଛି ଏହି ସଂକଳନରେ । ମିଥ୍‌ର ନବୀକରଣ ଏ ସଂକଳନସ୍ଥ କବିତାମାନଙ୍କର ଏକ ବିଶିଷ୍ଟ ଗୁଣ । 'ବସନ୍ତ ନାୟକ ଓ ରାତ୍ରିବ୍ୟାଘ୍ର ଉପାଖ୍ୟାନ' କବିତାରେ ସତ୍ୟନାରାୟଣ ପାଲା କଥାବସ୍ତୁର ପୁନଃସୃଜନ କରି, ବସନ୍ତ ନାୟକ ମଧୁରାତିରେ ତା' ସ୍ତ୍ରୀ ସହ ତା'ର କଥୋପକଥନ ଏବଂ 'ବାଘ'ର କାଚଘରେ ଅଚାନକ୍ ଉଭା ହେବା ମିଥ୍‌ର ଅଭିନବ ପୁନଃସୃଜନ । କବି ଏହାକୁ "କାମ ମାଧ୍ୟମରେ ଆଧ୍ୟାତ୍ମିକତା ଆଡ଼କୁ ଯାତ୍ରା" ବୋଲି ଅଭିହିତ କରନ୍ତି । ତେବେ କବିତାର ନାଟକୀୟ ଉପସ୍ଥାପନ ଶୈଳୀ କବି ଶ୍ରୀ ପାଣିଗ୍ରାହୀଙ୍କ କବିତାର ଅନ୍ୟ ଏକ ବିଭବ । ଏହି ନିର୍ଦ୍ଦିଷ୍ଟ କବିତାରେ ବସନ୍ତର ସ୍ତ୍ରୀର ପ୍ରଶ୍ନ, ଏବଂ ବସନ୍ତର ଉତ୍ତର– ଅଦ୍ଭୁତ ଏକ ରହସ୍ୟମୟତା ସୃଷ୍ଟି କରେ । ତା' ଉକ୍ତିର ଆଇରନି ବହୁଧା ଅର୍ଥ ପ୍ରଦାନ କରୁଥାଏ ତଥା ରହସ୍ୟମାଳା ସୃଷ୍ଟି କରିପାରିବାରେ ସମର୍ଥ ହେଉଥାଏ । ସେହିପରି 'ସାରା ଆକାଶ ଅନ୍ଧାର' (ପଞ୍ଚମ କବିତା ସଂକଳନ)ରେ ସନ୍ନିବେଶିତ ହୋଇଛି ମଧ୍ୟ ଏକ କଥୋପକଥନ ସମ୍ମିଳିତ କବିତା । ଏହାର ବିଷୟବସ୍ତୁ ଦୁଇ ପ୍ରେମୀଯୁଗଳଙ୍କ ବେକାରୀ ଜୀବନର ସଂଘର୍ଷ । ସେମାନଙ୍କ ସମୟ, ହାହୁତାଶନ ଭରା ଜୀବନ ତଥା ଭୋକ, ସେମାନଙ୍କୁ ପ୍ରେମ ଠାରୁ ଦୂରେଇ ନେଇ ଆସୁଥିଲା । ସ୍ୱପ୍ନ ଦେଖିବା ସମୟରେ, ରଙ୍ଗବେରଙ୍ଗ ଡେଣା ଧରି ଉଡ଼ାଣ ମନସ୍କ ହେବା ସମୟରେ ସେ ଜୀବନର ବାସ୍ତବତାକୁ ନେଇ ସଚେତନ ହେଉଥିଲେ ।

'ପଞ୍ଝୁରୀପାରିର ପକ୍ଷୀ' କବିଙ୍କ ତୃତୀୟ କବିତା ସଂକଳନ । ପ୍ରଥମ କବିତା ସଂକଳନର ବେବାକ୍ ପଣ, ମୁକ୍ତ ଉଡ଼ାଣ ତଥା ଜୀବନ ଦର୍ଶନର ରହସ୍ୟକୁ ଖୁବ୍ ସରଳ ଶବ୍ଦ ପ୍ରୟୋଗ କରି ନିଜ କବିତାରେ  ବ୍ୟଞ୍ଜିତ କରିପାରିଥିଲେ । ଦ୍ୱିତୀୟ ସଂକଳନରେ ନିଜ କାବ୍ୟସ୍ୱର, ଧାରା ଓ ଶୈଳୀର ପରିବର୍ତ୍ତନରେ ଚକିତ କରି ଦେଇଥିଲେ କବି ପାଣିଗ୍ରାହୀ । 'ପଞ୍ଝୁରି ପାରିର ପକ୍ଷୀ' କବିତା ସଂକଳନସ୍ଥ କବିତାମାନଙ୍କରେ ସାଙ୍କେତିକତା, ଇଙ୍ଗିତଧର୍ମୀତା ତଥା ଏକ ବୌଦ୍ଧିକ ଭାବମୟତା ଯୁକ୍ତ ହୋଇଥିଲା । କବି ଏବେ ବି ଜୀବନର ରହସ୍ୟକୁ ନେଇ ପରୀକ୍ଷାନିରୀକ୍ଷା କରିବାରେ ମଗ୍ନ । ସେ କୁହନ୍ତି, "ଏ ସଂକଳନସ୍ଥ ଅନେକ କବିତାରେ ସାଙ୍କେତିକ ଅର୍ଥରେ ଦେହରୂପକ ବୃକ୍ଷର ପତ୍ରଝଡ଼ାରେ ଧୀରେ ଧୀର ଦେହରୁ  ଓହ୍ଲେଇ ଯାଉଥିବା ଯୌବନ, ବିତି ଯାଇଥିବା ସମୟର ବ୍ୟଥା ଓ ବେଦନାର ବର୍ଣ୍ଣନା କରାଯାଇଛି ।" ନିଜକୁ କବି ତୁଳନା କରିଛନ୍ତି 'ପତ୍ରଝଡ଼ାର ଝରାପତ୍ରଟିଏ' ଅବା 'ନିଜ ଆକାଶରୁ ଖସି ପଡୁଥିବା ଅନୁଜ୍ଜ୍ୱଳ ଉଲ୍‌କା ପିଣ୍ଡଟେ' ଅବା 'କବିତାର ନାଭିବ୍ରହ୍ମରୁ ବିଚ୍ୟୁତ ଅବିସ୍ମୃତ, ଅନନ୍ତ, ଆଦିଶବ୍ଦ' ସହିତ । ଏହା ଏକ ଅନନ୍ତ ପତ୍ରଝଡ଼ା ବା ଜୀବନ ରୂପୀ ବୃକ୍ଷରୁ ଏ ଶରୀର ରୂପକ ପତ୍ରଟିଏ ଝଡ଼ିପଡ଼ିବା ଆଡ଼କୁ ସଂକେତ କରୁଥାଏ । ଏଇ ଝଡ଼ିପଡ଼ିବା ଭିତରେ କାବ୍ୟଚେତନାଟି ଅଟକି ନଯାଇ ପତ୍ରଝଡ଼ା ପରର ସବୁଜିମାକୁ ମଧ୍ୟ ଇଙ୍ଗିତ କରୁଥାଏ ଯାହା ଜୀବନଚକ୍ରର ଚିରବାସ୍ତବତା କଥା କହିବା ସଂଗେ ସଂଗେ ଅସୀମ ସମ୍ଭାବନାକୁ ସଙ୍କେତ ଦେଇଥାଏ ।

ଆଶା, ଅପେକ୍ଷା, ମାଟି ମନସ୍କତା ମୂଲ୍ୟବୋଧର ଆବଶ୍ୟକତା ଆଦି ଅନେକ ମାନବୀୟ ଆବେଗର ପରିପ୍ରକାଶ ଦେଖା ଦେଇଥାଏ, କବି ଶ୍ରୀ ପାଣିଗ୍ରାହୀଙ୍କ ଏଇ ସମୟର କବିତାରେ । ଏଠି ମଧ୍ୟ ଜୀବନର ଅନିତ୍ୟ କଥା କହୁକହୁ ପ୍ରସିଦ୍ଧ ଦାର୍ଶନିକ, ସନାତନ ଧର୍ମଗୁରୁ ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତବାଦ, କବୀର ଏବଂ ସନ୍ଥକବି ଭୀମଭୋଇଙ୍କ ଦର୍ଶନକୁ ସ୍ମରଣ କରାଇଦିଅନ୍ତି । 'ପରମ୍ପରା ମାନ୍ୟତା'ର ପଥରେ କବି ଶ୍ରୀ ପାଣିଗ୍ରାହୀ ମଧ୍ୟ କିଛି ବାଟ ଅତିକ୍ରମ କରନ୍ତି କବିତାରେ । ଯେମିତି: "ମୁଁ / ରୁମ ବାହୁଡ଼ା ମୁଁ କାତିଛଡ଼ା ସାପ ଜୀବନ, ଯୌବନ, ମରଣ / ସବୁକିଛି ସକାଳ କୁହୁଡ଼ି / ଆଜିର ବ୍ରହ୍ମ କାଲି ଦି'ଦିନର ଅତିଥି / ଲିଲା, ମିଲା, ଝିଲାମାନେ ଯଦି କବରର ଛାଇ / ତେବେ ହେ ଈଶ୍ୱର ସବୁ କ'ଣ ମିଥ୍ୟାମାୟା / ସତ୍ୟ କାହିଁ ? ସତ୍ୟ କାହିଁ ?" (ପଞ୍ଝୁରିପାରିର ପକ୍ଷୀ/ ପୃ.୮୩)

ଦୁଇହଜାର ସାତରେ ପ୍ରକାଶିତ ହୁଏ 'ପଞ୍ଝୁରିପାରିର ପକ୍ଷୀ' । ଏହା ପରବର୍ତ୍ତୀ କବିତାରେ କବିଙ୍କ କାବ୍ୟସତ୍ତା ସମସାମୟିକ ସମାଜରେ ମୂଲ୍ୟବୋଧର ସ୍ଖଳନ–ଜନିତ ଏକ ଅଜଣା ଆତଙ୍କକୁ ନେଇ ନିଜ କବିତାକୁ ମୁଖରିତ କରାଇଲେ । କବି ଶ୍ରୀ ପାଣିଗ୍ରାହୀଙ୍କ ବାଲ୍ୟକାଳ ତାଳତମାଳ ଘେରା ଗ୍ରାମ୍ୟ ପରିବେଶରେ ଜୀବନ ଆରମ୍ଭ କରିଥିଲା । ପିତା ସ୍ୱାଧୀନତା ସଂଗ୍ରାମୀ ତଥା କବିତା, ନାଟକ ରଚନା କରୁଥିଲେ । କଡ଼ା ଅନୁଶାସନ, କୁଳ ଦେବତାକୁ ନିଜେ ପୂଜା କରିବା, ଘରେ ଲାଇବ୍ରେରୀ, ପୋଥିପାଠ ଏସବୁରେ ଓଡ଼ିଶାର ପରମ୍ପରାର ପ୍ରତିଫଳନ ଘଟିଥିଲା, ଯାହା ତାଙ୍କ କାବ୍ୟସତ୍ତାର ଅସ୍ଥିମଜ୍ଜାଗତ ହୋଇ ଯାଇଥିଲା । ହଠାତ୍ ଉଦାରୀକରଣ, ବଜାରବାଦ ଆଦି ଆମ ସଂସ୍କୃତି ଓ ପରମ୍ପରାର ମୂଳଦୁଆକୁ ଏକ ଚାଲେଞ୍ଜ୍ ଦେଇଥିଲା । ଏକ ଅସହ୍ୟ ସନ୍ଧିକ୍ଷଣରେ ଜୀବନ ବଞ୍ଚୁଥିବା ମଣିଷ ସମାଜର ସ୍ୱର ହୋଇଯାଇଥିଲା କବି ଶ୍ରୀ ପାଣିଗ୍ରାହୀଙ୍କ କାବ୍ୟସ୍ୱର । କିଆ କେତକୀର ବାସ୍ନା, ପଞ୍ଝୁରୀ, ପକ୍ଷୀ, ବାଟ, ପ୍ରେମ ଆଉ ପ୍ରେରଣା ଦେଇପାରିଲେ ନାହିଁ । କବି ଜୀବନ ସଂଘର୍ଷକୁ ପ୍ରେରଣା କଲେ ନିଜ କବିତା ରଚନାର । ଉଦାହରଣ: (୧) "ମୋ ହାଣ୍ଡିରେ ଫୁଟୁଚି ନନ୍ଦିଗ୍ରାମର ଚାଉଳ / ମୋ ଚୁଲିରେ ଜଳୁଚି କଳିଙ୍ଗ ନଗରର କଟାହାତ ।" (ସାରା ଆକାଶ ଅନ୍ଧାର-୨) **ଅବା** (୨) "ଦିନେ ହାଟ ମଝିରେ ଆମର ଏକ୍ଲା ହେଇ ଠିଆ ହେବାକୁ / ଉପଭୋଗ କରୁଥିବେ ଅନ୍ୟମାନେ / ଆଉ ମିଛରେ ହସିବାକୁ ଚେଷ୍ଟା କରି / ବାରମ୍ଵାର ବିଫଳ ହେଉଥିବା ଆମେ ।" (ଖାଲେଇ/ପୃ.୬୯) ଏବଂ "ଆଉ ପ୍ରତିଦିନ ଆମେ ନାଚି / ଚାଲୁଥିବା ବଜାରବାଦର ଭାଙ୍ଗଡ଼ା ତାଳରେ / ଯାହା ହଠାତ୍ ଦିନେ ଭାଙ୍ଗିପଡ଼ିବ / ଟଙ୍କାଟେକୁ ଦି' ପଇସା କରି ।"(ଖାଲେଇ/ ପୃ.୬୯)

କବି ଶ୍ରୀ ପାଣିଗ୍ରାହୀଙ୍କ କବିତାରେ ବିଶ୍ୱ ଆତ୍ମାକୁ ଚିହ୍ନିବା ଓ ମଣିଷ ସହ ଏକାତ୍ମ ହେବାର ଚିତ୍ର ସୁସ୍ପଷ୍ଟ । ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ସ୍ୱରରେ ସେ ଯେବେ କବନ୍ଧ ହେଇଯାଉଥିବା ସମୟର ମଣିଷର ସ୍ଥିତିକୁ ଉପସ୍ଥାପନ କରନ୍ତି, ତାହା ତାଙ୍କ ଭାବ ଓ ଶୈଳୀର ସ୍ୱକୀୟ ଭଙ୍ଗୀମାରେ ଅନନ୍ୟ ଲାଗେ । ବାସ୍ତବତାକୁ ବର୍ଣ୍ଣନା କରିବାକୁ ଯାଇ ଶ୍ରୀ ପାଣିଗ୍ରାହୀ କିପରି ଶବ୍ଦ ସଂଯୋଜନା କରିଛନ୍ତି ତାହା ଉଲ୍ଲେଖନୀୟ । ଯେମିତି: "ନିଜ ଜନ୍ମର ଇତିହାସରୁ ଇତସ୍ତତଃ ଓ / ଜୀବନର ଭୂଗୋଳରୁ ବିଭାଜିତ ଭାଗ୍ୟ ନେଇ / ଏକ ହେମାଳ ରାତିର ନୀରବତା ଭିତରେ / ଗୋଟେ ଭଙ୍ଗାଘରର ପିଣ୍ଡା ତଳେ ଆଶ୍ରା / ନେଇଛନ୍ତି ସେମାନେ / ଜାକିଜୁକି କବନ୍ଧ ପାଲଟି ଯିବାର କ୍ଷଣକୁ ନେଇ / ହୋଟେଲ ପାଖରେ ମ୍ୟୁନିସିପାଲିଟିର ଅଳିଆଗଦାରେ / ଫିଙ୍ଗା ଯାଉଥିବା ବଳକା ଅଇଣ୍ଠାକଣ୍ଟାର ଖଲିପତ୍ର ତ / ଏମାନଙ୍କର ମନର ମହାର୍ଘ ଆଉ ବଞ୍ଚିବାର ରାହା / ଆଉ ତାକୁ ଖାଇବାକୁ କେବେ କାଠ ଫାଳିଆର ମାଡ଼ / ତ ଆଉ କେବେ ଷଣ୍ଢ କୁକୁରଙ୍କ ସହ ମହାଭାରତ ।" (କବନ୍ଧ..../ପୃ.୭୫)

ଏହି ପଙ୍‌କ୍ତିରୁ କବିଙ୍କ କବିତାର ବିଷୟବସ୍ତୁର ବଳିଷ୍ଠତା ଏବଂ ତାର ଉପସ୍ଥାପନ ଶୈଳୀର ଗାମ୍ଭୀର୍ଯ୍ୟ ବାରି ହୁଏ । ଇତିହାସରୁ ଇତସ୍ତତଃ, ଭୂଗୋଳରୁ ବିଭାଜିତ, ମନର ମହାର୍ଘ, କବନ୍ଧ ପାଲଟିବାର କ୍ଷଣ ଆଦି ପଦରେ ବ୍ୟବହୃତ

ଆଲିଟରେସନ୍, ଏକ ଚମତ୍କାର ସାଙ୍ଗୀତିକତା ସୃଷ୍ଟି କରୁଥାଏ । ଘୃଣା, ବିଷାଦ, ବିସ୍ଥାପନ, କ୍ଷୁଧା, ଅସହାୟତା ଆଦି ଅବବୋଧର ଏପରି କଳାତ୍ମକ ବ୍ୟଞ୍ଜନା ଶ୍ରୀ ପାଣିଗ୍ରାହୀଙ୍କ କବିତାର ଏକ ଅନନ୍ୟ ବୈଭବ ।

'ପାଳଭୂତ', 'ବେତାଳ', 'ବସା' ଆଦି କବିତାରେ ଏକ୍ଲା ହୋଇଯାଉଥିବା କ୍ଷଣକୁ ନେଇ କବି ବଞ୍ଚନ୍ତି ଗୋଟିଏ ଅଭିଶପ୍ତ ଗନ୍ଧର୍ବ ସମ ଜୀବନ । କେତେବେଳେ ସେ ପାଲଟି ଯାଉଥିବେ ସମୟର ବୃକ୍ଷଶାଖାରେ ଏକ ଜରଦ୍‌ଗବ, ଅବା କେବେ ଅନ୍ଧାର ଭିତରେ କଳାଛାଇଟିଏ, ପାଳଭୂତଟିଏ ଅବା ବେତାଳଟିଏ । କିନ୍ତୁ କବିତାର ଆଶ୍ରା ତାଙ୍କୁ ସବୁଠି ଆଶାର ଆଲୋକ ଦେଖାଉଥିବ । ଆଉ ଆଶ୍ରୟ ଦେଉଥିବ ଯେମିତି ଦିଏ ଘର ବା ବସା । କବିଙ୍କ ଭାଷାରେ: "ବସା, ଆମ ଭୋକ ଉପାସିଆ / ଜୀବନର ସାହା / ସବୁ ଖୁସିକୁ ଗୋଟେ ଫୁଲଭର୍ତ୍ତି / ଟୋକେଇରେ ଭରି ମେଘ ଭିତରେ / ଆକାଶର ତାରାମାନଙ୍କ ପାଖକୁ / ନେଇ ଯାଉଥିବା ଏକ ସ୍ୱପ୍ନର ନାମ / କେବଳ ବସା ହିଁ ହୋଇପାରେ ।" (କବଂଧ.../ପୃ.୫୮)

ଜୀବନକୁ ଖୁବ୍ ପାଖରୁ ଅନୁଭବ କରିବା ତଥା ସୂକ୍ଷ୍ମ ମାନବିକ ମୂଲ୍ୟବୋଧର ସମ୍ମାନ, ଏବଂ ବିଶ୍ୱାସ ଓ ପ୍ରେମ, ପ୍ରକୃତିର ନିରାଜନା ଶ୍ରୀ ପାଣିଗ୍ରାହୀଙ୍କ କବିତାର ଅନ୍ୟ ଏକ ବଳିଷ୍ଠ ଦିଗ ।

ନାରୀକୁ ବୁଝିବା, ତା' ମନସ୍ତତ୍ତ୍ୱକୁ ନେଇ ଅନୁଶୀଳନ କରିପାରିବା ଏକ ସ୍ୱତନ୍ତ୍ର କଳା । ଜଣେ କବି ଅନ୍ୟ ଏକ ଲିଙ୍ଗ, ଅନ୍ୟ ଏକ ବ୍ୟକ୍ତିତ୍ୱକୁ ନେଇ ତଲ୍ଲୀନ କବିତା ରଚନା ସମୟରେ ସେ ଯେମିତି ସେ ଲିଙ୍ଗ ଅବା ସେ ବ୍ୟକ୍ତିତ୍ୱ ମଧ୍ୟକୁ କାୟାପ୍ରବେଶ କରିଥାଏ । ନିଜ ସାଧନା ଫଳ ସ୍ୱରୂପ ଇନ୍ଦ୍ରିୟୋତ୍ତର ଅନୁଭୂତିକୁ ପାଥେୟ କରି ସେ କବିତା ରଚନା କରିଥାଏ । କେଉଁ କେଉଁ କବିତାରେ, କବି ଶ୍ରୀ ପାଣିଗ୍ରାହୀ ନାରୀକୁ 'ବାଘୁଣୀ', 'ନାଗୁଣୀ' ଭାବରେ ଚିତ୍ରିତ କରି କବିତାର ଅନ୍ତର ତଳେ ତାକୁ 'ସେକ୍ସ'ର ପ୍ରତୀକ ଭାବରେ ନେଇଛନ୍ତି । 'କାତ୍ୟାୟିନୀ' କବିତାରେ ସ୍ଖଳିତ ଅପସଂସ୍କୃତିର ଚିତ୍ର ଦେଇ ଆଧୁନିକ ସମାଜରେ ବର୍ତ୍ତମାନ ପ୍ରଚଳିତ ଅସାମାଜିକ ବ୍ୟବସ୍ଥାକୁ ଏକ ତୀର୍ଯ୍ୟକ୍ କଟାକ୍ଷ ଦେଇଛନ୍ତି । ମାତ୍ର 'ଖାଳେଇ' କବିତା ସଂକଳନସ୍ଥ 'କ୍ରମଶଃ ବୟସ୍କ ହେଇଯାଉଥିବା ସ୍ତ୍ରୀଲୋକଟିଏ' କବିତାରେ ବୟସ୍କ ସ୍ତ୍ରୀଟିଏର ମାନସିକ ଅବସ୍ଥାର ଶାଣିତ ଚିତ୍ର ଦେଖିବାକୁ ମିଳେ ।

ପରିସ୍ଥିତିକୁ ସାମ୍ନା କରିବାର ଅସହାୟତାର କାରୁଣ୍ୟର ଚିତ୍ର କବିଙ୍କ କବିତାରେ ଦେଖନ୍ତୁ: "କଥା କଥାରେ ଭାବୁକ ହେବା ଠାରୁ / ଆଉ କିଛି ବୋକାମୀ ଅଛି କି !" (ଖାଳେଇ/ ପୃ.୫୩) । ସବୁ ଯନ୍ତ୍ରଣା, ଅବିଶ୍ୱାସ, ବିଶ୍ୱାସଘାତକତା କାନ୍ଧରେ ଲଦି ଭରା ହୃଦୟରେ ସ୍ତ୍ରୀଟିଏ ଜୀବନ ବଂଚିବାର ଦୃଶ୍ୟ କବି ଶ୍ରୀ ପାଣିଗ୍ରାହୀଙ୍କ ଗାମ୍ଭୀର୍ଯ୍ୟପୂର୍ଣ୍ଣ ବକ୍ତବ୍ୟରେ ଏମିତି: "ଜୀବନରୁ ଦୂରେଇ ଯାଇ ଆଉ / ବଞ୍ଚିବା କ'ଣ ସମ୍ଭବ ସତରେ ! / ଗୋଟେ ଉଦାସୀନତା ଓ ଏକ୍‌ଲାପଣର / ଦୀପଶିଖାରେ କେବଳ / ନିଜ ଭିତରେ ସେ ଜଳି ଚାଲିଥାଏ ଖାଲି / କ୍ରମଶଃ ବୟସ୍କ ହେଇ ଯାଉଥିବା ସ୍ତ୍ରୀ ଲୋକଟିଏ ।" (ଖାଳେଇ/ପୃ.୫୪)

ସେଇ ଏକ୍ଲାପଣରୁ ଆରମ୍ଭ କାବ୍ୟ ଜୀବନ, ଏବଂ ଅନ୍ୟ ଏକ ଜୀବନକୁ ନେଇ ଯନ୍ତ୍ରଣାକୁ ବୁଝିଲାବେଳକୁ ଶେଷକୁ ଆସିଯାଏ ଉଦାସୀନତା ଓ ଏକ୍ଲାପଣ । ତେବେ ଏ ଏକ୍ଲାପଣ କବିଙ୍କୁ ଶକ୍ତି ଦିଏ । ନିଜ ସହ କଥୋପକଥନର ଧାରାରୁ ତାଙ୍କ କାବ୍ୟଧାରାଟି ଝରଣା ପରି ବହମାନ ହୋଇ ମହାନଦୀ ପାଲଟେ ଓ ଜୀବନ, ଯନ୍ତ୍ରଣାର ବାଟ ଦେଇ ପରମାତ୍ମାଙ୍କ ଯାଏଁ ପାଠକକୁ ଟାଣି ନେଇଥାଏ । ଜୀବନର ଯାବତୀୟ ଅଳୀକତା ଭିତରେ ତୂରୀୟାନନ୍ଦ ଲାଭ କରିବା, ତା' ପୁଣି କବିତା ମାଧ୍ୟମରେ- ଏହି ଅବବୋଧଟି କବି ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ଏକ ଅନନ୍ୟ ପରିଚୟ ଦେଉଥାଏ ।

କବି ଶ୍ରୀ ପାଣିଗ୍ରାହୀ କବିତାରେ ପ୍ରକୃତି ଓ ତା'ର ଉପାଦାନ ଭିତରେ ପ୍ରେମ ଏବଂ ପ୍ରେମର ନୈସର୍ଗିକତା ଭିତରେ ଜୀବନ ଦର୍ଶନ, ଜୀବନ ଦର୍ଶନର ବିସ୍ତୀର୍ଣ୍ଣତା ଭିତରେ ଆତ୍ମା ପରମାତ୍ମାଙ୍କ ରହସ୍ୟ ଏକ ଅଦ୍ଭୁତ ନାନ୍ଦନିକତା ସହ ରୂପ ନେଇଥାଏ । ପରମ୍ପରା ଏବଂ କ୍ଲାସିକ୍ ସାହିତ୍ୟ ଅଧ୍ୟୟନରେ ସଶକ୍ତ ତାଙ୍କ କାବ୍ୟସ୍ୱର । ପାର୍ଥିବ ଜିନିଷର ଲାଭ ବା ସାଂସାରିକ ଜୀବନରେ ବସ୍ତୁବାଦୀ ମୋହ ଠାରୁ ଭିନେ ହୋଇ, ଏକ ଆଧ୍ୟାତ୍ମିକ ସ୍ତରରେ ତାଙ୍କ କାବ୍ୟ-ସତ୍ତା ବିଚରଣ କରୁଥାଏ । ଏଣୁ ମୂଲ୍ୟବୋଧର ଅବକ୍ଷୟ, ସାଂସ୍କୃତିକ ଅଧୋପତନ ତାଙ୍କ କାବ୍ୟ-ଆତ୍ମାକୁ ଆନ୍ଦୋଳିତ କରିଥାଏ । କବି ଜାଣନ୍ତି ପ୍ରଚଳିତ ନୂଆ ସାମାଜିକ ଧାରା ଭିତରେ ହିଁ ବଂଚିବାକୁ ହୁଏ । ବୋଧହୁଏ ସେଇଥିପାଇଁ ସେ ନିଜ କବିତାରେ ବିଦ୍ରୋହ ନୁହେଁ ଏକ ସମାଧାନର ଦିଗ ଆଡ଼କୁ ସଂକେତ କରନ୍ତି, ଯାହା ଆମ ସନାତନ ଧର୍ମ, ଓଡ଼ିଆ ରହସ୍ୟବାଦୀ କାବ୍ୟ ପରମ୍ପରାରୁ ସେ ଆହରଣ କରିଥାଆନ୍ତି । ତାଙ୍କ କାବ୍ୟ ଚେତନା ପାରମ୍ପରିକ ଜୀବନଚର୍ଯ୍ୟା ଓ ନୂତନ ଜୀବନ ପଦ୍ଧତିର ସଂଗମରେ ଏକ ଶୃଙ୍ଖଳିତ, ସୁବ୍ୟବସ୍ଥିତ ଜୀବନ ଶୈଳୀ ପାଇଁ ବ୍ୟାକୁଳତା ପ୍ରକାଶ କରେ । କବି ଶ୍ରୀ ପାଣିଗ୍ରାହୀ ନିଜ ପରମ୍ପରା ଦୃଢ଼ ମୂଳଦୁଆ ଉପରେ ଦଣ୍ଡାୟମାନ ହୋଇ ନୂତନ ଜୀବନଶୈଳୀର ନକାରାତ୍ମକ ଦିଗକୁ କଳାତ୍ମକ ଶୈଳୀର ବ୍ୟଞ୍ଜିତ କରାନ୍ତି । ଏ ନୂତନ ଜୀବନଶୈଳୀ ବ୍ୟାହତ କରୁଥିବା ଜୀବନ ବା ମୂଲ୍ୟବୋଧର ପରିଣତିର ଚିତ୍ର ଆଙ୍କିବାରେ କବି ଯେତିକି ସ୍ୱଷ୍ଟ, ସେତିକି ସତେଜ । ପରିଣତିର କାରୁଣ୍ୟ ଅନେକବାର ଏକ ପ୍ୟାଥୋସ୍ ସୃଷ୍ଟି କରେ ପାଠକ ହୃଦୟରେ ।

ତେବେ ସାଂସାରିକ ମାୟା ମୋହ, ବସ୍ତୁବାଦୀ ଜୀବନ ଯେ ଆମ ଯନ୍ତ୍ରଣାର ମୁଖ୍ୟ କାରଣ ଏବଂ ଜୀବନକୁ ଏକ ବିସ୍ତୀର୍ଣ୍ଣ ଦୃଷ୍ଟିଭଙ୍ଗୀରେ ବୁଝିବାକୁ ଚେଷ୍ଟା କଲେ, ଜୀବନ ଯେ ଆନନ୍ଦମୟ ହୋଇପାରେ- ଏ ଦର୍ଶନଟିକୁ ଶ୍ରୀ ପାଣିଗ୍ରାହୀ ନିଜ କବିତାରେ ପ୍ରତିଷ୍ଠା କରାଇ ପାରିଛନ୍ତି ଯାହା ତାଙ୍କୁ ସମକାଳର କବିମାନଙ୍କ ମଧ୍ୟରେ ଅନନ୍ୟ କରି ତୋଳେ ।

## ମୋନାଲିସା ମିଶ୍ର(୧୯୬୯)

"କବିତା ଲେଖି ହୋଇଯାଏ । କିଏ କବିତା ଗଢ଼େନା । ସେଇ ଲେଖି ହେଇଯିବାର ପ୍ରବଳ ସ୍ରୋତରେ ମୋର ଲେଖକୀୟ ଜୀବନର କାଗଜଡଙ୍ଗାଟି ପ୍ରଥମେ ପାଦ ଥାପିଲା କବିତାରେ ।" ଏ ସ୍ୱୀକାରୋକ୍ତି କବି, ଗାଳ୍ପିକା ମୋନାଲିସା ମିଶ୍ରଙ୍କର । ଗଳ୍ପ ଏବଂ କବିତାରେ ସମାନ୍ତରାଳ ଭାବରେ ସ୍ୱଚ୍ଛନ୍ଦ ମୋନାଲିସାଙ୍କୁ 'ଉଭାନ୍ ଫେରିଗଲା' କବିତା ସଂକଳନ ସମେତ ଅନେକ କବିତା ରହିଛି । ନବେ ଦଶକର ପ୍ରାରମ୍ଭରେ ଏକ ଚମତ୍କାର ସତେଜତା ସହିତ କବିତା ଜଗତରେ ପ୍ରବେଶ କରିଥିଲେ ମୋନାଲିସା । ସେ ନିଜର ବିହ୍ୱଳପଣ, ନିଃସଙ୍ଗତାବୋଧ ଓ ଏକାକୀପଣକୁ- ନିଜ କବିତା ରଚନା ଅନ୍ତରାଳର ପ୍ରେରଣା ଭାବରେ ଗ୍ରହଣ କରନ୍ତି । ସେ କୁହନ୍ତି: "ହଁ, ମୁଁ ଅନୁଭବ କରୁଥିଲି ନିଃସଙ୍ଗତା, ସମସ୍ତଙ୍କ ଭିତରେ ଏକା ଏକା...ଏଇ ଏକାଏକା ପଣରୁ ସୃଷ୍ଟି ହୁଏ କବିତା । ଲେଖି ହେଇଯିବାର ଆଉ ଏକ ଉପାଦାନ ତାହା ହେଉଛି ରହସ୍ୟବୋଧ । ରହସ୍ୟ ସୃଷ୍ଟିର, ରହସ୍ୟ ଜନ୍ମ ମୃତ୍ୟୁ, ଏ କାଳଚକ୍ରର । ଏ ପ୍ରଶ୍ନ ଯେତେବେଳେ ଘାରି ବସିଲା, ସେତେବେଳେ ଶବ୍ଦ ହିଁ ଏକମାତ୍ର ସାଥୀ ।"

କବି ମୋନାଲିସାଙ୍କ କବିତାକୁ ଲକ୍ଷ୍ୟ କଲେ ଅନୁଭବ କରିହୁଏ, ନିଃସଙ୍ଗତା, ଆଶା ପ୍ରତ୍ୟାଶା, ସମୟ ସହ ସଂଘର୍ଷ, ତା' ସହ ସନ୍ଧି, ନିଜ ଭାବରାଜ୍ୟରୁ ବାସ୍ତବ ଦୁନିଆକୁ ଫେରି ଆସିବାର ବାଧ୍ୟ ବାଧ୍ୟକତା, ଏ ସବୁ ଭିତରେ ତାଙ୍କ କାବ୍ୟ-ସତ୍ତାଟି ସଂଘର୍ଷ କରୁଥାଏ । କେବେ ହାରୁଥାଏ, କେବେ ଜିତୁଥାଏ ସତ, ତାଙ୍କ କବିତା ଜଣେ ଆତ୍ମନିଷ୍ଠ କବିର ବ୍ୟଥା ଏବଂ ଯନ୍ତ୍ରଣାର ସାକ୍ଷୀ ହୋଇ ଜନ୍ମ ନେଉଥାଏ ।

ନିଜ ଏକାକୀପଣ ଭିତରେ ସବୁଠାରୁ ନିଜର ଲାଗେ ନିଜ ସତ୍ତା । ଏମିତି ଏକ ସ୍ଥିତି ଭିତରେ ଶବ୍ଦ ଶିଳ୍ପୀଟିଏ ନିଜକୁ ଚିହ୍ନିବାର ପ୍ରୟାସ କରେ । ନିରୋଳା ମୁହୂର୍ତ୍ତମାନଙ୍କରେ ନିଜକୁ ତନ୍ନତନ୍ନ କରି ଅନ୍ୱେଷଣ କରେ । କେବେ ଆତ୍ମଉପଲବ୍ଧିରେ ତଲ୍ଲୀନ ସତ୍ତା ପାର୍ଥିବ ଚିଜକୁ ହେୟ ମନେ କରେ, ହେୟ ମନେକରେ ଯାବତୀୟ ଦୃଶ୍ୟମାନ ଜାଗତିକ ବସ୍ତୁ । ମୋନାଲିସାଙ୍କ କାବ୍ୟସ୍ୱରଟି ଏମିତି ଏକାକୀପଣ ଭିତରେ ନିଜ ସହ କଥାଭାଷା ହେଉଥାଏ ଏବଂ ସେଥିରୁ

ଉପୂନ୍ନ ନିଷ୍କର୍ଷ ହିଁ ଅନନ୍ୟ ଏକ ଭାବ ନେଇ କାବ୍ୟରୂପ ପାଇଯାଏ । 'ବୟସ' କବିତାରେ କବି ଯେମିତି ଉଚ୍ଚାରଣ କରନ୍ତି: "କଲେଜ୍ ବିଦାୟ ସଭାରେ / ମୋ କାଣିଆଙ୍ଗୁଠିକୁ ଛୁଇଁ ଦେଇ / ପକେଟ୍‌ରେ ହାତ ଲୁଚେଇ ଦେଇଥିବା / ତରୁଣଟି / ଏବେ ବି ବସିଛି / ଡାହାଣ କାନ୍ଧ ପାଖରେ ସେମିତି ।"

ଏମିତି ଏମିତି ଅତୀତର ଖଣ୍ଡେ ଖଣ୍ଡେ ଉଦାହରଣକୁ ଆଙ୍କି କବି ଯେଉଁ ନଷ୍ଟାଲଜିକ୍ ଭାବଟିକୁ ସୃଷ୍ଟି କରନ୍ତି, ତାହା ସମସାମୟିକ କବିତାରେ ତାଙ୍କ ସମକାଳର କବିମାନଙ୍କ କବିତାରେ ମଧ୍ୟ ଦେଖାଦେବାର ଦେଖାଯାଏ । ମୋନାଲିସାଙ୍କ କାବ୍ୟସ୍ୱରର ବିଶେଷତ୍ୱ ଏ ନଷ୍ଟାଲଜିକ୍ ଭାବନାର ପରିଣତି । 'ବୟସ' କବିତାର ଶେଷ ଷ୍ଟାଞ୍ଜାଟିକୁ ଅନୁଧ୍ୟାନ କଲେ ଲାଗେ, ସେ ଯେଉଁ ଅତୀନ୍ଦ୍ରିୟତାକୁ ଧରି ରଖିବାର ଚେଷ୍ଟା କରନ୍ତି ତାହା କିପରି ଅତୁଳନୀୟ ଏବଂ ନିଆରା । ନିଜ କବିତାର ଶେଷ ଉକ୍ତିଟି ଏହିପରି : "ସତରେ, / ମୁଁ କେବେ ବୟସ୍କ ହୋଇ ଯାଆନ୍ତିନି ଥରେ ! / ବୁଝି ଯାଆନ୍ତି, ମୁଁ ନୁହେଁ / ମୋ ଭିତରର ଖାଲିପଣଟି / ଯାହା ବୟସ୍କ ହେଉଥାଏ / ଏକା ଏକା / ଭିତରେ ଭିତରେ..."

ମୋନାଲିସା ଯେଉଁ ସମୟରେ କବିତା ଲେଖିବା ଆରମ୍ଭ କରିଥିଲେ ସେ ସମୟ, ଏକ ସନ୍ଧିକ୍ଷଣ ଥିଲା । ସମଗ୍ର ବିଶ୍ୱରେ ଜଗତୀକରଣର ଅସଙ୍ଗତି । କିଛି ବେକାରୀପଣ ସହ ସାଲିସ୍, କିଛି ସ୍ୱପ୍ନଭଙ୍ଗ । କିଛି ବାସ୍ତବତାକୁ ଦେଖି ମୁହ୍ୟମାଣ । ଏସବୁ ସତ୍ତ୍ୱେ, ସେ ସମୟର କବିମାନେ କୌଣସି ପ୍ରକାରର ମିଛ ବାତାବରଣରେ, ମିଛ ସ୍ୱପ୍ନରେ ନିଜକୁ ବଞ୍ଚେଇବା ନ ଶିଖେଇ, ବାସ୍ତବ ସମୟ ଏବଂ ଜୀବନର ନିଚ୍ଛକପଣକୁ ଆପଣେଇବାର ମାନସିକତା ସୃଷ୍ଟି କରିଥିଲେ । ସବୁ ଆହ୍ୱାନକୁ ସାମ୍ନା କରିବାର ଦୃଢ଼ ମାନସିକତା ଦେଖିବାକୁ ମିଳିଥିଲା ଏମାନଙ୍କ କାବ୍ୟସ୍ୱରରେ ।

ମୋନାଲିସା ମଧ୍ୟ ନିଜ ପାଇଁ ଏକ ନିଆରା ବାଟ ବାଛି ନେଇଥିଲେ । ନିଜ ପାଇଁ ସୃଷ୍ଟି କରିଥିଲେ ନିଜର ପୃଥିବୀ । ନିଜ ଦୁଃଖ ଯନ୍ତ୍ରଣା, ବଞ୍ଚନା ଓ କଷ୍ଟ ପାଇଁ ସୃଷ୍ଟି କରିବାକୁ ଇଚ୍ଛା କରୁଥିଲେ ନିଜ ଏକ ପ୍ରତିବିମ୍ବ, ନିଜର 'କା' । କବି କୁହନ୍ତି: "ବଂଚିବାକୁ ହେଲେ / ତମ ଭିତରୁ / ତୁମ ପରି ଆଉ ଜଣକୁ / ଠିଆ କରିବାକୁ ହେବ + + + / ତମେ ଯେବେ ଡରୁଥିବ / ଟିକେ ବି ଖୋଲିବାକୁ ପାପୁଲି / ଛିଣ୍ଡି ଯାଇଥିବା କଡ଼ / ଶୁଖି ଯାଇଥିବା ପତ୍ର / ଉଜୁଡ଼ି ପଡ଼ିଥିବା କ୍ଷେତ / ଏମିତିକି ଝାଇଁ ଝାଇଁ / ପୂଜରଙ୍ଗୀ ଖରାରେ ବି / ବିଜିତ ଖେଳାଳୀ ପରି / ପ୍ରସାରି ଦେଉଥିବା ସେ / ତା'ର ଦୁଇହାତ ।"

ମୃତ୍ୟୁକୁ, ପରାଜୟକୁ ହରେଇ ଅବା ଏଡ଼େଇ ଚାଲିବାର ଏ ଏକ ନିଆରା ଉପାୟ ସତରେ । ସାମାଜିକ ବ୍ୟବସ୍ଥା, ଚଳଣି ଓ ଜୀବନ ଶୈଳୀ କ୍ରମଶଃ ପରିବର୍ତ୍ତିତ ହୋଇ ଚାଲିଛି । ମଣିଷ ଯୌଥ ପରିବାରରୁ ଛୋଟ ପରିବାର, ସାମାଜିକତା ଠାରୁ ଏକନିଷ୍ଠତା ତଥା ସମୂହରୁ ସ୍ୱୟଂକୁ ଚାଲି ଆସିଛି ଉତ୍ତର ନବେ ଦଶକ ଠାରୁ । ଏହି ବଞ୍ଚିବାର ଶୈଳୀ ମାନବିକ ଆବେଦନ ଏବଂ ସ୍ୱରକୁ ଆନ୍ଦୋଳିତ କରିଛି । ଯାହାଫଳରେ, ଏଠି ବନ୍ଧୁ, ସଖା ସୋଦର ନୁହେଁ, ନିଜ 'କା'ଟିଏ ସୃଷ୍ଟି କରି, ନିଜକୁ ହିଁ ସଖ୍ୟ ଦେଉଥିବୁ ମଣିଷ । ବିଶ୍ୱାସହୀନତା ବି ଏକ କାରଣ ଏ 'କା' ସୃଷ୍ଟିର ଅନ୍ତରାଳରେ ।

ବିଶିଷ୍ଟ ରହସ୍ୟବାଦୀ କବି ହରିହର ମିଶ୍ରଙ୍କ ଝିଅ ମୋନାଲିସାଙ୍କ କବିତାରେ ଶୂନ୍ୟରୂପ, ଅଣାକାର ଅବୟବ, ଦର୍ପଣଶିଳାର ପ୍ରଭାବ ଦେଖିବାକୁ ମିଳେ । ଦୁଃଖ, ନିଃସଙ୍ଗପଣ, ଏକାକୀତ୍ୱକୁ ସ୍ୱର ଦେଉ ଦେଉ ମୋନାଲିସା ବି ପଚାରନ୍ତି କ'ଣ ଦ୍ୱାର ଖୋଲିଯିବ ଏଥର ? ଏ ଦ୍ୱାର ଅନ୍ୱେଷଣର ଯେଉଁ ଦିଗକୁ, ଯେଉଁ ଲକ୍ଷ୍ୟସ୍ଥଳ ପାଖକୁ ନେଇଯିବ, ସେଠି, ପାର୍ କରିବାକୁ ହୁଏ ଘାଟ । "ଏ ପାରିରୁ ସେ ପାରି / ଏକ ନଥିବା ସମୟରେ ।" ସେଇଥିପାଇଁ ସେ ଉଚ୍ଚାରଣ କରନ୍ତି: "କେତେ କାମ ଅଛି / ଶୂନ୍ୟ ଡୋରରେ / ବାନ୍ଧି ହୋଇ / ଖୋଜିବାକୁ ଅଛି / ଆଉ ଏକ ଦୁଆର / ଚିହ୍ନିବାକୁ ଅଛି / କେଉଁ ଏକ ତୋରଣରେ / ଝୁଲି ଝୁଲି, ସ୍ୱାଗତ ଭଙ୍ଗୀରେ / ଆ-ଆ ବୋଲି ଡାକି ଡାକି / ଅଥୟ କରି ଦଉଥିବା / ପୁଣି ଏକ ଜନ୍ମଲଗ୍ନ ।"


▲ ମୋନାଲିସା ମିଶ୍ର

କବି ମୃତ୍ୟୁ ବା ଏ ସଂସାରରୁ ବିଦାୟ ନେବାକୁ ଏକ ରହସ୍ୟ ପରି ଉନ୍ମୋଚିତ କରନ୍ତି । ମୃତ୍ୟୁ ଯେ ଏକ ନୂତନ ଆରମ୍ଭର ଆଖ୍ୟାୟିକା, ଅଥୟ କରି ଦେଉଥିବା ଏକ ନୂତନ ଜନ୍ମଲଗ୍ନ ବୋଲି ଏକ ଭବ୍ୟ ଭାବଧାରା ପ୍ରତିଷ୍ଠା କରାନ୍ତି । ଅନ୍ୟ ଅର୍ଥରେ କବିଙ୍କ ମୃତ୍ୟୁର ନିରାଜନା ଖୁବ୍ କାବ୍ୟିକ ଏବଂ କଳାତ୍ମକ ତଥା ଆନନ୍ଦମୟ ଲାଗେ । ମୋନାଲିସା ନିଜ ବକ୍ତବ୍ୟ ଜରିଆରେ, ନିଜ ଭିତରେ ଥିବା ପୁଞ୍ଜିଭୂତ ଅସନ୍ତୋଷ ବ୍ୟକ୍ତ କରନ୍ତି ସତ, ମାତ୍ର ଖୁସିର କଥା, କବିଙ୍କ କାବ୍ୟସତ୍ତା, କେବେ ହେଁ ସାଂସାରିକ ସୁଖ ଭୋଗି ନ ପାରିବାର ଅସନ୍ତୋଷକୁ ନେଇ ଘାରି ହେଉନଥାଏ । ସେ ଯେଉଁ ଅସନ୍ତୋଷକୁ ହଟାଇବା ପାଇଁ ନିଜ ପାଇଁ ନିଜର ଏକ ପ୍ରତିରୂପ ରଚନ୍ତି, ନିଜ ପାଇଁ ନିଜର ଏକ ନୂତନ, ଭବ୍ୟ ପୃଥିବୀ କଳ୍ପନା କରନ୍ତି ଅବା ମୃତ୍ୟୁ ପରର ନୂତନ ଜନ୍ମଲଗ୍ନର ଆହ୍ଲାଦରେ ଆହ୍ଲାଦିତ ହୁଅନ୍ତି, ତାହା ହିଁ ତାଙ୍କ କାବ୍ୟାଦର୍ଶ । ଏହି କାବ୍ୟାଦର୍ଶ ହିଁ ତାଙ୍କୁ ନିଆରା କରି ତୋଳେ ତାଙ୍କ ସମସାମୟିକ ଅନ୍ୟ କବିମାନଙ୍କ ଠାରୁ । କବିତା, 'ଲଗ୍:ସ୍ୱାଗତର' ସେହିପରି ତାଙ୍କ କାବ୍ୟାଦର୍ଶର ଏକ ଅନନ୍ୟ ଉଦାହରଣ । ମୃତ୍ୟୁକୁ ଆଲିଙ୍ଗନ କରିଥିବା ଶରୀରକୁ ଅବଲୋକନ କରୁଛି ତା'ର ଆତ୍ମା । ନିଜ ହାତରେ ଗଢ଼ିଥିବା ସଂସାରର ଛୋଟ ଛୋଟ ଚିଜମାନ ଅଟକେଇ ଦେଉଛନ୍ତି । ଓଡ଼ିଆ ପାରମ୍ପରିକ ସଂସାରର ଶବ୍ଦଚିତ୍ରମାନଙ୍କ ସାହାଯ୍ୟ ନେଇ କବି ଖୁବ୍ କଳାତ୍ମକତାର ସହ ନାରୀର ଆବେଗ ଗଢ଼ନ୍ତି: "ଅଗଣାର ଝୋଟି ପଦ୍ମରୁ / ଉବୁକି ଆସୁଛି / ଏକ ସ୍ୱାଗତ କକ୍ଷ / ଆସ, ଆସ, / ଏମିତି ତ ସବୁବେଳେ ଡେରି କରିଦିଅ /ଜୀବନ ନୁହେଁ / ପଣତ ମେଲି ଅପେକ୍ଷାରେ ଥିବା ସମୟକୁ / କେତେବାର ଅଣଦେଖା କରିଦିଅ ।"

ଜୀବନଯାକ, ନିଜକୁ ଛାଡ଼ି ଅନ୍ୟ ସମସ୍ତଙ୍କୁ ଗୁରୁତ୍ୱ ଦେଇ ଆସିଥିବା ସତ୍ତାଟିଏ ସବୁବେଳେ ନିଜକୁ ହିଁ ଅଣଦେଖା କରିଥାଏ । ଏ କବିତାରେ ଆମେରିକୀୟ କବି ଏମିଲି ଡିକିନ୍‌ସନ୍‌ଙ୍କ କବିତା "Because I couldn't Stop for Death"ର ଭାବାବେଗ ମନେ ପଡ଼ିଯାଏ । ମୃତ୍ୟୁ, କାବ୍ୟସତ୍ତାକୁ ସ୍ୱର୍ଗକୁ ନେଇଯିବା ପାଇଁ ଏକ ସୁସଜ୍ଜିତ ରଥ ନେଇ ଆସିବା ସମୟକୁ, ଏମିଲି ବି କହୁଥାଆନ୍ତି ଆଉ ଅଳ୍ପ ସମୟ ପରେ ତାଙ୍କ କାମ ସରିବ । ତା'ପରେ ସେ ବାହାରି ଯିବେ ।

ସେହିପରି ମୋନାଲିସାଙ୍କ ଅନ୍ୟ ଏକ କବିତା 'ହାଡ଼ବଂଶୀ' । ଭଗବାନଙ୍କ ସହ ମାନ ଅଭିମାନ ଭରା କଥୋପକଥନ, ଓଡ଼ିଆ ସାହିତ୍ୟ ପରମ୍ପରାରେ ଏକ ଚିରାଚରିତ ଶୈଳୀ । ଏଠି ଭଗବାନ ଓ ଭକ୍ତ ଯେମିତି ଦୁଇ ବନ୍ଧୁ । କବିଙ୍କ ଦାର୍ଶନିକତା ଭରା ପ୍ରଶ୍ନ : "ମତେ ତମେ କ'ଣ ଭାବ ଈଶ୍ୱର !" ଏବଂ ନିଜ ଅସ୍ତିତ୍ୱକୁ ଗୋଟିଏ ଗୋଟିଏ ଚିତ୍ର ମାଧ୍ୟମରେ ତୋଳି ଧରନ୍ତି । ଯେମିତି – "ମୁଁ ତ ମୋର / ଏମିତି / ପାର୍ କରିଚାଲିଛି ରକ୍ତ ନଦୀ / ଅଜଗର ପରି ଲଦେଇ ହେଇ / ଅବିଶ୍ୱସ୍ତ ଆୟୁଷ ପିଠିରେ / କେଉଁ କାଳୁ...."; କିମ୍ବା "ଯୁଦ୍ଧ ନୁହେଁ ମ !/ ଲଢୁ ଲଢୁ ଶିଖୁଥାଏ / ବଂଚିବାର ନୂଆ ନୂଆ କଳା କୌଶଳ / ଢେଉ ପରି କାଟି କାଟି / ଭୂତାଣୁ ଖିଆ ରକ୍ତ / ଆଉ ତତଲା ନିଃଶ୍ୱାସମାନଙ୍କୁ / ଏ କୂଳରୁ ସେ କୂଳ ।"

ଈଶ୍ୱରଙ୍କ ସହ କଥୋପକଥନ ଅନ୍ତରାଳରେ କବି ନିଜ ସମୟର ପ୍ରତ୍ୟେକ ମଣିଷର ମାନସିକତାକୁ ତୋଳି ଧରିଛନ୍ତି । ଲଢ଼ିବା ଶିଖି ଯାଇଛି ଏ ମଣିଷ, ଜୀବନ ସଂଘର୍ଷଠୁ ପଳାୟନ କରିନାହିଁ ସେ । ପରନ୍ତୁ ଜିତିବାର

ଏକ ଅଦମ୍ୟ ଉତ୍ସାହ ଏବଂ ପଣ ନେଇ ସେ ଶିଖୁଛି ବଞ୍ଚିବାର ନୂଆ କୌଶଳ ଏବଂ ଏ ସଂଘର୍ଷରେ ଜିତାପଟ ବି ଲଢୁଥିବା ମଣିଷର । ପରିଣତିରେ କବି କୁହନ୍ତି: "ମୁଁ କିନ୍ତୁ ଜାଣି ସାରିଛି / ଏଇ ହଜିଲା ସ୍ୱପନଟିକୁ / ଖୋଜି ଖୋଜି / ତମେ ଦିନେ ନିଶ୍ଚିତ / ଖଟ୍ ଖଟେଇବ / ମୋ ଦାଣ୍ଡ ଦୁଆର ।"

କବି ମୋନାଲିସାଙ୍କ କବିତାର ପରିଣତି ଖୁବ୍ ଚମତ୍କାର । 'ଅଧାରେ ଈଶ୍ୱର'ରେ ଈଶ୍ୱର ଏବଂ ମଣିଷର ଭିତରେ ଏକ ତୁଳନା ଦେଉ ଦେଉ, କଉଁ ପରିଣତିରେ ସେ ପହଞ୍ଚନ୍ତି ଦେଖନ୍ତୁ: "ଜଣା ନାହିଁ / ଈଶ୍ୱରଙ୍କୁ ମିଳିଲା କି ନାହିଁ / ଅନ୍ଧାରରୁ ମୁକୁଳିବାର ବାଟ / ମତେ କିନ୍ତୁ ହାତ ଧରି / ଫିସ୍‌ଫିସ୍ କହି ଦେଇଥିଲା କିଏ / ଜୀବନ ସିନା ଛୋଟ / ବହୁ ଦୀର୍ଘ ତୋର ଏଇ / ଐଶ୍ୱରିକ ପଥ... ।"

ମୋନାଲିସାଙ୍କ କବିତା ଅନେକତ୍ର ସାମାଜିକ ଅଙ୍ଗୀକାରବଦ୍ଧତା ଭିତରେ ଏକ ମୁକ୍ତିର ବାଟ ଅନ୍ୱେଷଣ କରିଛି । ସାଧାରଣ ସରଳ ମଣିଷ ପାଇଁ, ମୋନାଲିସାଙ୍କ କବିତା ଏକଦମ୍ ବିପ୍ଲବର ନାରା ଦିଏ ନାହିଁ, କି ବିଦ୍ରୋହର ବହ୍ନି ପ୍ରଜ୍ୱଳିତ କରାଏ ନାହିଁ । ବରଂ ଶୋଷଣ ବିରୁଦ୍ଧରେ, ଶୋଷକ ବିରୁଦ୍ଧରେ ଏକ ଶାଣିତ ସୂକ୍ଷ୍ମ ସ୍ୱର ଉତ୍‌ଥାପନ କରେ ।

ମଣିଷର ଦୁଃଖ-କଷ୍ଟ ରାଜନୀତିର କଞ୍ଚାମାଲ୍ ପାଲଟୁଥିବାର ଦୃଶ୍ୟରେ ମ୍ରିୟମାଣ କବିପ୍ରାଣ । ଚମତ୍କାର ଏକ ବ୍ୟଙ୍ଗ-ଆକ୍ଷେପ ଦ୍ୱାରା ନିଜ ବିଦ୍ରୋହକୁ ଶବ୍ଦାୟିତ କରନ୍ତି କବି । ଉଦାହରଣ ସ୍ୱରୂପ: "ଆଉ କି ସେ ଭୋକ୍ ଅଛି ଆମର୍ ହେଇ ? / ତା' ଦେହରେ ଏବେ କେତେ ଡେଣା / ଫର୍ ଫର୍-ଫର୍ ଫର୍ / ବିଧାନସଭାରୁ ସଭାମଣ୍ଡପ / ଉଷୁମ୍ ପକେଟ୍‌ରୁ ଭରା ସୁଟ୍‌କେଶ୍ / ଥାଉ ବା ନଥାଉ ତୋର ହାଡ଼ମାଂସ / ଜିଇଁ ରହିଥାଉ ତୋର ଏ ଅଭାବି ଭୋକ । / (ସେଇ ମରୁନଥିବା ଭୋକ)

କବି ସ୍ୱୀକାରୋକ୍ତି ଦିଅନ୍ତି ଯେ ତାଙ୍କ କବିତାରେ "ନାରୀ ଶକ୍ତିବାଦୀ ନୁହେଁ । ନାରୀର ସ୍ୱସ୍ଥିତି, ତା'ପ୍ରତି ଅନ୍ୟାୟ, ଅବିବେକୀପଣକୁ ନେଇ ଅନେକ କବିତା ଝରିଛି ।" ଏ ପରିପ୍ରେକ୍ଷୀରେ ତାଙ୍କ କବିତାରେ ଅଛି ଈଶ୍ୱରଙ୍କୁ ଅଭିଶାପ, ଅଛି ପରମ୍ପରା ନାମରେ ଝିଅଟିଏ ବାପାମା'ଙ୍କ ପାଖରୁ, ନିଜ ଘରୁ, ସବୁଦିନ ପାଇଁ ଦାନ ସୂତ୍ରରେ ଦିଆ ହୋଇ ଯିବାର କରୁଣ ଏବଂ ଅସହନୀୟ ସତ୍ୟ । ଅଛି ନାରୀଟିଏର ସ୍ଥିତିର ସୂକ୍ଷ୍ମ ଅବଲୋକନ- ସେ କାଚଖଣ୍ଡେ ନା ମାଂସ ପିଣ୍ଡୁଳାଏ । ସ୍ତ୍ରୀ ନା ଅଲୋଡ଼ା ପଥର ଖଣ୍ଡେ । ଦୁର୍ବିସହ ଜୀବନର ମାର୍ମିକ ଉପସ୍ଥାପନ ଦେଖିବାକୁ ମିଳ ତାଙ୍କ କବିତାରେ ।

ଶବ୍ଦ ପ୍ରୟୋଗରେ ଖୁବ୍ ମାପ୍‌ଚୁପ୍ ମୋନାଲିସା, ଅଳ୍ପ ଏବଂ ସହଜ କଥାରେ ଗଭୀର ଅବବୋଧକୁ ରୂପ ଦେବାର ସିଦ୍ଧହସ୍ତ । ମାର୍ଜିତ ପରିପ୍ରକାଶ ଶୈଳୀ ଏବଂ ଚମତ୍କାର ବିମ୍ବ ପ୍ରୟୋଗ ତାଙ୍କ କବିତାର ବୈଶିଷ୍ଟ୍ୟ । ଉଦାହରଣ ସ୍ୱରୂପ: (୧) "ତମର ବି / ସେମିତି ଭାଗ୍ୟ ହେଉ ହେ / ଈଶ୍ୱର / ଜନ୍ମନାଡ଼ ଛୁଉଁ ନଛୁଉଁଣୁ / ତମେ ବି ପାଲଟି ଯାଅ / ଗୋଟେ କିଣାବିକା ଦରବା !" (୨) "ମୁଁ ଏମିତି ଚୁନା ଚୁନା ହେଇ / ପୁଣି ଗଢି ହେବାକୁ ଠିଆ ହେଲାବେଳେ / କେଜାଣି ଶବ୍‌ଦଟିଏ ଶୁଭେ କି ନଶୁଭେ / ଅଭ୍ୟସ୍ତ ସମୟ ବି ଥରେ ପଚାରି ଦିଏନା / ଦ୍ରବ୍ୟ କି ପତ୍ନୀ ଥିଲା ଇଏ ?"

ଏସବୁ ଭିତରେ ମୋନାଲିସା ମିଶ୍ରଙ୍କ କବିତା ଏକ ଅନିର୍ବଚନୀୟ ଆନନ୍ଦ ଅନ୍ୱେଷଣରେ ଥାଏ । ନାରୀ, ଜୀବନ, ସାମାଜିକ, ବିସଙ୍ଗତି, ଦୁଃଖ, ଗରିବୀ, ଏକ୍ଲାପଣ- ଏ ସବୁକୁ ନେଇ ତାଙ୍କ ଲେଖନୀ ଚଞ୍ଚଳ ଥିଲେ ମଧ୍ୟ, ତାଙ୍କ ଅନ୍ତର କେଉଁଠି ନା କେଉଁଠି ଏକ ଦିବ୍ୟଆନନ୍ଦ ଅନ୍ୱେଷଣରେ ଥାଏ । ନିଜ କାବ୍ୟଧାରା ବିଷୟରେ ସେ କହନ୍ତି- "ସମର୍ପଣ ହିଁ ପ୍ରେମ । ସଂସାରକୁ ହଉ କି ଅଦୃଶ୍ୟ, ପୁରୁଷକୁ ହଉ, ପ୍ରେମ ତ ଅଛି କବିତାରେ । ସଂସାର ପୁରୁଷ ହିଁ ମିଳେଇ ଯାଏ ଅଦୃଶ୍ୟ ପୁରୁଷ ସାଥୀରେ, କବିତାର ପୀୟୁଷ ଭରିଦିଏ ।"

ଏ ସମର୍ପଣ, ଏ ରାଧାଭାବର କବିତା ଆହୁରି ଶକ୍ତିଶାଳୀ ଭାବରେ ଉପସ୍ଥାପିତ ହୋଇ କବି ମୋନାଲିସା ମିଶ୍ରଙ୍କ ଲେଖନୀ ମୁନରୁ, ଏତିକି କାମନା ରଖି, ତାଙ୍କ ଠାରୁ ବିଦାୟ ନେବା ।


ବାର୍ଷିକ ଗ୍ରାହକ ହୁଅନ୍ତୁ
ଘରେ ବସି ରେବତୀ ପାଆନ୍ତୁ

ରିହାତି ୧୭%

ବାର୍ଷିକ ଗ୍ରାହକ ଯୋଜନା



- ଏକ ବର୍ଷ ପାଇଁ ଟ.୫୦୦.୦୦ (ପାଞ୍ଚଶହ ଟଙ୍କା), ଡାକଖର୍ଚ୍ଚ ୨୫୦.୦୦ ଟଙ୍କା ଅତିରିକ୍ତ । ସମୁଦାୟ ୭୫୦.୦୦ ଟଙ୍କା ପଠେଇବାକୁ ପଡ଼ିବ ।
- ପତ୍ରିକା ରେଜିଷ୍ଟାର୍ଡ ଡାକ (ନିରାପଦ ଡାକ ବ୍ୟବସ୍ଥା)ରେ ଆପଣଙ୍କ ଘରେ ପହଞ୍ଚିବ । ସାଧାରଣ ଡାକରେ ପତ୍ରିକା ପଠାଯାଏ ନାହିଁ ।
- ବାର୍ଷିକ ଦେୟ 'ରେବତୀ ମିଡିଆ ହାଉସ ପ୍ରା. ଲିଃ.' ନାମରେ ଥିବା ବ୍ୟାଙ୍କ ଖାତାକୁ ପଠାଇବେ ।
- ନିଜର ସମ୍ପୂର୍ଣ୍ଣ ଡାକ ଠିକଣା, ପିନ୍‌କୋଡ୍ ନମ୍ବର ଏବଂ ଟେଲିଫୋନ୍ ନମ୍ବର ନିମ୍ନରେ ପ୍ରଦତ୍ତ ଟେଲିଫୋନ୍ ନମ୍ବରର ହ୍ୱାଟ୍‌ସ୍‌ଆପ୍‌କୁ ପଠାଇବେ ।
- ଟଙ୍କା ପୈଠ ହୋଇଥିବାର ପ୍ରମାଣ ସ୍ୱରୂପ ବ୍ୟାଙ୍କ ରିସିପ୍ଟଟି ଆମକୁ ପଠାଇବେ ।

ଯୋଗାଯୋଗ : ରେବତୀ କାର୍ଯ୍ୟାଳୟ, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଓଟି ରୋଡ୍, ବାଲେଶ୍ୱର-୧, ଫୋନ : ୭୦୦୮୮୪୫୯୨୦

**Bank Details**
Benificiary Name : Rebati Media House Pvt Ltd.
Bank Name : HDFC BANK (India), Balasore
Account No : 50200033907121
IFSC Code : HDFC0000366

www.rebatee.in
୪୦/-
ରେବତୀ
ଆମ ମାଟିର ସ୍ୱର



# ସ୍ୱପ୍ନର ସୀମାନ୍ତରେ ସଫଳତା: କୋଟା

# ଶିକ୍ଷା ନଗରୀ
# କୋଟା

**ସ୍ନିଗ୍ଧା ନାୟକ**
ମାର୍ଫତ: ସତୀଶ ପଟେଲ, ମୁଖ୍ୟ ଡାକଘର,
ହାଟତୋଟା, ତାଲଚେର-୭୫୯୧୦୦, ଅନୁଗୁଳ
ଫୋନ : ୯୫୭୧୦୩୩୨୭୯

ଫଟୋ ସୌଜନ୍ୟ : ଲେଖିକା



▲ଲେଖିକା ସ୍ନିଗ୍ଧା ନାୟକ

"ସ୍ୱପ୍ନ ତାହା ନୁହଁ, ଯାହା ଆମେ ଶୋଇ ଦେଖୁ ।
ସ୍ୱପ୍ନ ତାହା ଯାହା ଆମକୁ ଶୋଇବାକୁ ଦିଏନି ।" ଏକଥା କହିଥିଲେ ଡ଼କ୍ଟର ଅବ୍‌ଦୁଲ କାଲାମ ଆଜାଦ୍ । ଏମିତି ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ଅନେକ ସୁନେଲି ସ୍ୱପ୍ନ ଭାବିଷ୍ୟତକୁ ନେଇ, ଯାହା ସେମାନଙ୍କୁ ଶୋଇବାକୁ ଦିଏନି । ଗୋଟାଏ ସୁନ୍ଦର କ୍ୟାରିଅର୍ ଗଢ଼ିବା ପାଇଁ ସେମାନେ ଖୁବ୍ ସଜାଗ ହୋଇ ଧାଇଁଥାନ୍ତି କୋଚିଂ ସେଣ୍ଟର୍ ଗୁଡ଼ିକୁ । ଆଉ ସାଧାରଣତଃ ଡାକ୍ତର କିମ୍ୱା ଇଂଜିନିୟର ହେବାର ଲକ୍ଷ୍ୟ ରଖି ସ୍ୱପ୍ନ ଦେଖୁଥିବା ଛାତ୍ରଛାତ୍ରୀ ଧାଇଁଥାନ୍ତି ବିଜ୍ଞାନ ସହରକୁ ।

ହଁ, ବିଜ୍ଞାନ ସହର ବା କୋଚିଂ କ୍ୟାପିଟାଲ୍ କହିଲେ ବୁଝାଏ 'କୋଟା' । କୋଟା ଭାରତର ସବୁଠୁ ସୁନ୍ଦର ରାଜ୍ୟ ରାଜସ୍ଥାନର ଏକ ଜିଲ୍ଲା । ଏକାଧିକ କୋଚିଂ ସେଣ୍ଟର୍ ସେମାନଙ୍କ ଆଧିପତ୍ୟ ବିସ୍ତାର କରି ବର୍ତ୍ତମାନ କାରଖାନାର ରୂପ ନେଇ ସାରିଲେଣି, ଯୋଉଠି ଉତ୍ପାଦିତ ହେଉଛନ୍ତି ଅସଂଖ୍ୟ ଡାକ୍ତର ଓ ଇଂଜିନିୟର । ଏହି କୋଚିଂ ସେଣ୍ଟର୍‌ଗୁଡ଼ିକର ଚାହିଦା କେବଳ ଆମ ଦେଶରେ ନୁହେଁ ବିଦେଶରେ ମଧ୍ୟ ରହିଛି । ବିଦେଶରୁ ମଧ୍ୟ ଛାତ୍ରଛାତ୍ରୀମାନେ ଏଠାକୁ ଶିକ୍ଷାର ଉଦ୍ଦେଶ୍ୟ ନେଇ ଆସିଥାନ୍ତି ।

ଛୋଟ ବଡ  କୋଚିଂ ସେଣ୍ଟର୍ ମିଶି ଶହେରୁ ଉର୍ଦ୍ଧ୍ୱ ଏବଂ ଚାଳିଶରୁ ଉର୍ଦ୍ଧ୍ୱ ବଡ କୋଚିଂ ସେଣ୍ଟର ଏଠି ଆଧିପତ୍ୟ ବିସ୍ତାର କରି ଅପେକ୍ଷାରତ ଥାଏ ପ୍ରତିବର୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ । କୃଷକ ଯେଭଳି ଉନ୍ନତ ବିହନର ସନ୍ଧାନରେ ଥାଏ ଭଲ ଫସଲ ଅମଳ ପାଇଁ, ଠିକ୍ ସେଭଳି ଏହି କୋଚିଂ ସେଣ୍ଟର ମାନଙ୍କ ସନ୍ଧାନ ଚାଲେ, ଏବଂ ପ୍ରତିଯୋଗିତା ଚାଲେ କିଏ କେତେ ବେଶୀ ଓ ଉନ୍ନତ ଅର୍ଥାତ୍ ମେଧାବୀ ଛାତ୍ର ସଂଗ୍ରହ କରି, ନିଜ କୋଚିଂ ସେଣ୍ଟରରେ ଦାଖଲ କରି ଓ ଶିକ୍ଷାଦାନ କରି କୃତକାର୍ଯ୍ୟ କରାଇ ନିଜ ତାଲିକାରେ ଅନ୍ତର୍ଭୁକ୍ତ କରି ପାରିବେ ଆଗାମୀ ବିଜ୍ଞାପନ ପାଇଁ ।

ଆଉ ଆଜିର ଦୁନିଆଁ ବିଜ୍ଞାପନର ଦୁନିଆଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଉ ବେଳେ ବେଳେ ଏହି ବିଜ୍ଞାପନଗୁଡ଼ିକର ବଶବର୍ତ୍ତି ହୋଇ ଅଭିଭାବକ ମାନେ ପିଲାମାନଙ୍କ ରୁଚି, ଅରୁଚି କଥା ଚିନ୍ତା ନ କରି  ଚାପ ପକାଇ ଏହି କୋଚିଂ ସେଣ୍ଟର ଗୁଡିକରେ ଭର୍ତ୍ତି କରିଥାନ୍ତି । ପରିଣାମରେ କେବଳ ମାନସିକ ପୀଡା ହିଁ ମିଳେ ।

ସବୁର  କିଛି ସକାରାତ୍ମକ ଗୁଣ ଥାଏ । କିଛି ନକାରାତ୍ମକ । ଏହି ବିଷୟବସ୍ତୁ ପ୍ରତି ରୁଚି ରଖୁଥିବା ଛାତ୍ର ଛାତ୍ରୀ ବିନା ମାନସିକ ଚାପର ସମ୍ମୁଖୀନ ହୋଇ, ଅତି ଆଗ୍ରହରେ ଶିକ୍ଷା ଲାଭ କରନ୍ତି ଓ ପରିଶେଷରେ ଏଣ୍ଟ୍ରାନ୍ସରେ  କୃତକାର୍ଯ୍ୟ ହୋଇ ନିଜ ଧାର୍ଯ୍ୟ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥାନ୍ତି ।

ଏଠାରେ ଗଢ଼ି ଉଠିଛି ୩୫୦୦ ହଷ୍ଟେଲ, ୨୨୦୦ ମେସ୍ ଆଉ ଚାଳିଶରୁ ଉର୍ଦ୍ଧ୍ୱ ଛୋଟ, ବଡ କୋଚିଂ ସେଣ୍ଟର୍ । ସେମାନଙ୍କ ମଧ୍ୟରୁ ଏଲେନ୍, ଆକାଶ, ରିଜୋନାଂଶ, ମୋସନ୍, ଭାଇବ୍ରାନ୍ଟ, ଅନ୍ ଏକାଡେମୀ, ଫିଜିକ୍ସ ବାଲା, ଜେଇ - ମେକ୍, କେରିଆର ପଏଣ୍ଟ ପ୍ରମୁଖ ।

ଏଲେନ୍ କେରିଆର୍ ଇନଷ୍ଟିଚ୍ୟୁଟ୍ ଭାରତର ଗୋଟାଏ ପ୍ରମୁଖ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍ । ଏହାର ସ୍ଥାପନା ଅଠର ଏପ୍ରିଲ ୧୯୮୮ରେ ଶ୍ରୀ ରାଜେଶ ମାହେଶ୍ୱରୀଙ୍କ ଦ୍ୱାରା ହେଇଥିଲା । ଆଠଟି ଛାତ୍ରଙ୍କୁ ନେଇ ଆରମ୍ଭ ହେଇଥିବା ଗୋଟାଏ ବଖରାର କୋଚିଂ ସେଣ୍ଟର୍ ବର୍ତ୍ତମାନ ପାଖାପାଖି ଦି' ଲକ୍ଷର ଛାତ୍ରଛାତ୍ରୀ ନେଇ ଆଗେଇଛି । ଏଥିପାଇଁ ଅନେକ ବିଲ୍ଡିଂ ଓ ମେସ୍ ରହିଛି । ଏବଂ ଏସବୁ ସେଠାକାର ଅଧିବାସୀଙ୍କୁ ରୋଜଗାରର ଭିନ୍ନ ଭିନ୍ନ ପନ୍ଥା ଯୋଗାଇବାରେ ସହାୟକ ହେଇଛି ଓ ସେଠାକାର ଅର୍ଥନୀତି ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହେଇଛି । ବର୍ତ୍ତମାନ ଦେଶର ବିଭିନ୍ନ ସ୍ଥାନରେ ଏଲେନ କୋଚିଂ ତା ' ଶାଖା ବିସ୍ତାର କରି ସାରିଲାଣି । ସେଠାକାର ପରିବେଶ ଶିକ୍ଷା ପାଇଁ ବେଶ୍ ଅନୁକୂଳ । ଦେଶ ଏବଂ ଦେଶ ବାହାରୁ ଅନେକ ମେଧାବୀ ଛାତ୍ରଛାତ୍ରୀ ଏଠି କି ଆସୁଥିବାରୁ ପ୍ରତିଯୋଗିତା ଜୋର୍‌ଦାର ଚାଲେ । ଏବଂ ଏହି ପ୍ରତିଯୋଗୀ ମନୋଭାବ ତାଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାକୁ ସହାୟକ ହୁଏ ।

ବଡ ବଡ କୋଚିଂ ସେଣ୍ଟର୍ ମଧ୍ୟରେ ଅନେକ ଛୋଟ ଛୋଟ କୋଚିଂ ସେଣ୍ଟର ମଧ୍ୟ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବାରେ ସହାୟକ ହେଇଥାନ୍ତି ।

ଛାତ୍ରଛାତ୍ରୀ ଙ୍କ ରହିବା ପାଇଁ ଅନେକ ହଷ୍ଟେଲ ର ସୁବିଧା ରହିଛି । ସାଧାରଣ ହଷ୍ଟେଲ ରୁମ୍ ଠୁ ଆରମ୍ଭ କରି ଲକ୍‌ଜୁରିଅସ୍ ରୁମ୍ ମଧ୍ୟ ଉପଲବ୍ଧ ଅଛି ।  ପିଲାଙ୍କ ସହ ରହିବାକୁ ଇଚ୍ଛୁକ ଅଭିଭାବକଙ୍କ ପାଇଁ ମଧ୍ୟ ବିଭିନ୍ନ ପ୍ରକାରର ଭଡାଘର ଉପଲବ୍ଧ ଥାଏ ପାଞ୍ଚ ହଜାର ଠୁ ଆରମ୍ଭ କରି ତିରିଶ ହଜାର ମାସିକ ଘରଭଡା ଯାଏଁ ।

ଯୋଉଠି ଭଡା ଘରେ ଆବଶ୍ୟକ ସମସ୍ତ ସାମଗ୍ରୀ ଯଥା ଖଟ, ଷ୍ଟଡି ଟେବୁଲ୍,ଚେୟାର, ଏ.ସି, ଗିଜର, ଗ୍ୟାସ୍ ସିଲିଣ୍ଡର୍ସ, ଫ୍ରିଜ୍ ଇତ୍ୟାଦି ଯୋଗାଇ ଦିଆ ଯାଇଥାଏ ।

## ଭୌଗୋଳିକ ଅବସ୍ଥିତି

ଭାରତର ଉତ୍ତରୀୟ ପ୍ରଦେଶ ରାଜସ୍ଥାନର ଦକ୍ଷିଣ ପୂର୍ବରେ ଚମ୍ବଲ୍ ନଦୀ କୂଳରେ ଅବସ୍ଥିତ କୋଟା ସହର । ରାଜ୍ୟର ରାଜଧାନୀ ଜୟପୁରରୁ ୨୪୦ କିଲୋମଟର ଦକ୍ଷିଣ ଆଡକୁ ବସିଛି କୋଟା । ଜୟପୁର ଓ ଯୋଧପୁର ପରେ ଏହା ରାଜସ୍ଥାନର ତୃତୀୟ ବୃହତ୍ ସହର ଅଟେ । ଏହାର କ୍ଷେତ୍ରଫଳ ୨୨୧.୩୬



କିଲୋମିଟର ସ୍କୋୟାର୍ ଅଟେ । ଏଠାକାର ମୃତ୍ତିକା ଚାଷ ଉପଯୋଗୀ ଅଟେ ଏବଂ ଉନ୍ନତ ଜଳସେଚନ ବ୍ୟବସ୍ଥା କେନାଲ୍ ଯୋଗେ କରାଯାଇଛି ।

## ଜନସଂଖ୍ୟା

ଜନସଂଖ୍ୟା ଆଧାରରେ କୋଟା, ଭାରତର ୪୭ ତମ ସହର ଏବଂ ବର୍ତ୍ତମାନର ଜନସଂଖ୍ୟା ପାଖାପାଖି ୧,୧୩୦,୦୦୦ଅଟେ । ସ୍ଥାନୀୟ ଅଧିବାସୀଙ୍କ ଠୁ କୋଚିଂ ପାଇଁ ଏଠିକି ଦେଶବିଦେଶର ବିଭିନ୍ନ ସହରରୁ ବିସ୍ଥାପିତ ହୋଇ ଆସୁଥିବା ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକଙ୍କ ସଂଖ୍ୟା ଅଧିକ ଅଟେ ।

## ପାଣିପାଗ

ଗ୍ରୀଷ୍ମ ଋତୁରେ ପ୍ରବଳ ଗରମ ଓ ଶୀତ ଋତୁରେ ପ୍ରବଳ ଶୀତ ହୁଏ ଏବଂ ବର୍ଷା ହାର ବି ଠିକ୍ ସେଭଳି କିନ୍ତୁ ବର୍ଷାଜଳ ନିଷ୍କାସନ ପାଇଁ ସଠିକ୍ ବ୍ୟବସ୍ଥାର ଅଭାବ ଯୋଗୁଁ ଅଳ୍ପ ବର୍ଷାରେ ମଧ୍ୟ ବନ୍ୟାର ପରିସ୍ଥିତି ଦେଖାଯାଏ । ମାର୍ଚ୍ଚରୁ ଜୁନ ମାସ ଯାଏଁ ପ୍ରବଳ ଗରମ ହୁଏ ଆଉ ଏହି ସମୟରେ ଅଧିକତମ ତାପମାତ୍ରା ୪୫ ଡିଗ୍ରୀ ଓ ନ୍ୟୁନତମ୍ ତିରିଶ ଡିଗ୍ରୀ ରୁହେ । ଅକ୍ଟୋବରରୁ ଅଳ୍ପ ଅଳ୍ପ ଶୀତ ଆରମ୍ଭ ହୁଏ ଏବଂ ନଭେମ୍ବରରୁ ଫେବୃଆରୀ ଯାଏଁ ଶୀତର ପ୍ରକୋପ ରୁହେ । ଶୀତର ପ୍ରକୋପରୁ ରକ୍ଷା ପାଇଁ ଦିନ ଦି'ପହରରେ ବି ଲୋକେ ରାସ୍ତାକଡ଼ରେ ଠାଏ ଠାଏ ନିଆଁ ଜାଳି ବସିଥିବାର ଦେଖାଯାଏ । ଶୀତ ସମୟରେ ନ୍ୟୁନତମ ତାପମାତ୍ରା ପାଖାପାଖି ୧୧ ଡିଗ୍ରୀ ଓ ସର୍ବାଧିକ ତାପମାତ୍ରା ୨୫ ଡିଗ୍ରୀ ରହିଥାଏ । ଜୁଲାଇ ମାସରୁ ସେପ୍ଟେମ୍ବର ମାସ ଯାଏଁ ବର୍ଷା ଲାଗି ରୁହେ । ଏହି ସମୟର ଜଳବାୟୁରେ ଅତ୍ୟଧିକ ଆର୍ଦ୍ରତା ଅନୁଭୂତ ହୁଏ ।

## ଇତିହାସ

କୋଟାର ଇତିହାସ ରାଜା କୋଟିୟା ଭିଲ୍‌ଙ୍କ ଠୁ ଆରମ୍ଭ ହେଇଥିଲା । ସେ କୋଟାରେ ନୀଳକଣ୍ଠ ମହାଦେବଙ୍କ ମନ୍ଦିର ସ୍ଥାପନା କରିଥିଲେ । ଜେତ ସିଂଙ୍କ ସହ ଯୁଦ୍ଧ କଲା ସମୟରେ ସେ ସହିଦ୍ ହେଇ ଥିଲେ । କୋଟା ପ୍ରଥମେ ବୁନ୍ଦି ରାଜ୍ୟର ଗୋଟାଏ ଅଂଶ ଥିଲା । ମୁଗଲ ଶାସକ ଜାହାଙ୍ଗୀର ଯେତେବେଳେ ବୁନ୍ଦୀର ଶାସକଙ୍କୁ ପରାଜିତ କଲେ, ୧୬୨୪ରେ କୋଟା ସ୍ୱତନ୍ତ୍ର ଭାବେ ସ୍ଥାପିତ ହେଲା । ରାଓ ମାଧ୍ୱ ସିଂହ ଏହାର ପ୍ରଥମ ସ୍ୱତନ୍ତ୍ର ଶାସକ ଭାବେ ଗାଦିରେ ବସିଲେ ।

ଜାହାଙ୍ଗୀରଙ୍କ ଶାସନ କାଳରେ କୋଟାରେ ଅନେକ କଳା, ସଂସ୍କୃତି ଏବଂ ସାହିତ୍ୟର ବିସ୍ତାର ହେଇଥିଲା । ସେ କୋଟାରେ କୋଟାଗଡ଼ର ନିର୍ମାଣ କଲେ, ଏଇ ଗଡ଼ ଗୁଡିକରେ ବୃନ୍ଦି ଶୈଳୀର ପ୍ରୟୋଗ କରା ଯାଇଥିଲା । କୋଟା ଗଡ଼ର ଏହି ଶୈଳୀ ସମଗ୍ର ରାଜସ୍ଥାନରେ ପ୍ରସିଦ୍ଧ ଅଟେ । ମାଧୋ ସିଂଙ୍କ ଶାସନ କାଳରେ ମଧ୍ୟ କୋଟା ରିୟାସତର ଖୁବ୍ ବିସ୍ତାର ହେଇଥିଲା । ସେ ଏଠି ଅନେକ ମହଲ ତିଆରି ହୋଇଥିଲା ଏବଂ ଏହି ମହଲ ଗୁଡ଼ିକରେ ବୁନ୍ଦି ଶୈଳୀର ପ୍ରୟୋଗ କରା ଯାଇଥିଲା । **ବୁନ୍ଦି ଶୈଳୀ:** ଚିତ୍ରକଳାର ଗୋଟାଏ ଶୈଳୀ ଅଟେ,ଏହା ସୂକ୍ଷ୍ମ ଚିତ୍ରକଳା ଅର୍ଥାତ୍ ମିନିୟେଚର୍ ଅନ୍ତର୍ଗତ । ଏହି ଶୈଳୀର ବିକାଶ ରାଓ ସୁର୍ଜନ ସିଂ( ୧୫୫୪-୮୫) ଆରମ୍ଭ କରିଥିଲେ ।

## ଗଡ଼ ପେଲେସ୍

ଏହାର ନିର୍ମାଣ କାର୍ଯ୍ୟ ୧୨୬୪ରେ ହେଇଥିଲା । ବୁନ୍ଦିର ରାଜକୁମାର ଜେତ୍ ସିଂ, କୋଟିୟା ଭିଲ୍‌ଙ୍କୁ ପରାଜିତ କରି ରାଜୁତି ଆରମ୍ଭ କରିଥିଲେ ଓ ଏହି ସମୟରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଗଡ଼ ପେଲେସ, ସିଟି ପେଲେସ୍ ତଥା କୋଟା ଜିଲ୍ଲା ନାମ ରେ ମଧ୍ୟ ଜଣାଶୁଣା । ପ୍ରାସାଦର ଗୋଟାଏ ପରିସର ଭିତରେ ସମସ୍ତ ବାସ୍ତୁ ଶିଳ୍ପର ସଂରଚନା ଦେଖାଯାଏ । ଏହା ଭିତରେ ଅନେକ ଅପାର୍ଟମେଣ୍ଟ, ସ୍ମାରକ ଇତ୍ୟାଦି ରହିଛି, ଯାହା ଭିନ୍ନ ଭିନ୍ନ ସମୟ ରେ ଭିନ୍ନ ଭିନ୍ନ ଶାସକଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ପ୍ରାସାଦରେ ମୋଗଲ ଓ ରାଜପୁତ କଳାର ଏକ ସମ୍ମିଶ୍ରଣ ଦେଖିବାକୁ ମିଳେ । ଚମ୍ବଲ ନଦୀ କୂଳରେ ଅବସ୍ଥିତ ଏହି ପ୍ରାସାଦର ବାତାବରଣ ଅତ୍ୟନ୍ତ ମନୋରମ । ପ୍ରାସାଦର ମୁଖ୍ୟ ଦ୍ୱାରରେ ଏକ କାରୁକାର୍ଯ୍ୟରେ ବିଭୂଷିତ ଏକ ବିଶାଳ ଦ୍ୱାର ରହିଛି । ମହଲର ଚାରିପଟେ ମନମୋହଣିଆ ବଗିଚା ବିଛାଡ଼ି ହୋଇ ରହିଛି । ପ୍ରାସାଦ ଭିତରେ କାନ୍ଥଗୁଡ଼ିକରେ ତତ୍କାଳୀନ ସମୟର ମନମୁଗ୍ଧକର ଚିତ୍ର ଶୈଳୀ ଓ ମାର୍ବଲ ଉପର ସୂକ୍ଷ୍ମ କାରୁକାର୍ଯ୍ୟ ଗୁଡ଼ିକ ନିଖୁଣ ରୂପରେ ଦଣ୍ଡାୟମାନ ହୋଇ ମହଲର ଶୋଭା ବର୍ଦ୍ଧନ କରୁଛନ୍ତି । ପ୍ରାସାଦ ଭିତରେ, ରାଜମହଲ, ହମାମ, ଅର୍ଜୁନ ମହଲ,ଭୀମ ମହଲ,ବାଦଲ ମହଲ, ଛାତ୍ରମହଲ ମୁଖ୍ୟ ଦର୍ଶନୀୟ ସ୍ଥାନ ।

ମହଲର କାନ୍ଥ ଓ ଛାତ ରେ କରାଯାଇଥିବା ରଙ୍ଗୀନ୍ କାଚ ର କାରୁକାର୍ଯ୍ୟ ତଥା ଅନ୍ୟାନ୍ୟ ସୂକ୍ଷ୍ମ କାରୁକାର୍ଯ୍ୟ, କଳା କାରିଗରୀ, ତତ୍ ସମୟର ଶିଳ୍ପୀମାନଙ୍କର କଳା କୌଶଳ କାରିଗରୀ କୌଶଳର ପରାକାଷ୍ଠା ପ୍ରଦର୍ଶନ ଅଟେ । ଶିସ୍ ମହଲ ଅର୍ଥାତ୍ କାଚର କାରୁକାର୍ଯ୍ୟରେ ଆଚ୍ଛାଦିତ ହୋଇଥିବା ବଖରା ଗୁଡ଼ିକରେ ଅନ୍ଧକାର ସମୟରେ ଗୋଟାଏ ଦୀପକ ଜଳାଇଲେ, ଆଲୋକର ପ୍ରତିଫଳନ ହୋଇ ସମଗ୍ର ବଖରାଟି ଆଲୋକିତ ହୋଇଉଠେ ଆଉ ମହଲର ସାଉନ୍ଦର୍ଯ୍ୟ ଖୁବ୍ ରମଣୀୟ ହୋଇଉଠେ । ଏଠାକାର ଗଠନ ଓ ନିର୍ମାଣ ଶୈଳୀ ଅନ୍ୟ ମାନଙ୍କ ତୁଳନାରେ ସ୍ୱତନ୍ତ୍ର । ମହଲଗୁଡ଼ିକ ନିଖୁଣ ରୂପରେ କଳା ନୈପୁଣ୍ୟ ନେଇ ଦଣ୍ଡାୟମାନ ହୋଇ ଅମୂଲ୍ୟ ଐତିହ୍ୟର ଅଦମ୍ୟ କାରିଗରୀ ପରିଶ୍ରମ ଓ ପାରିଦର୍ଶିତାକୁ ଜୀବନ୍ତ ଭଳି ବଖାଣି ଚାଲିଛନ୍ତି ସେ ଯୁଗରୁ ଏ ଯୁଗ ଯାଏଁ ।

ମହଲର ବାରହଦରିର ନିର୍ମାଣ ଶୈଳୀ ଓ କାନ୍ଥକୁ ଅଳଙ୍କୃତ କରୁଥିବା ସୂକ୍ଷ୍ମ ମନଚୋରା କାରୁକାର୍ଯ୍ୟ କାନ୍ଥ ର ଶୋଭାକୁ ଦ୍ୱିଗୁଣିତ କରୁଥାଏ । ବାରହଦରି : ବାର ଗୋଟି ଦ୍ୱାର ବିଶିଷ୍ଟ, କହିବାକୁ ଗଲେ ଗୋଟେ ପ୍ରକାରର ବୈଠକ ଯାହାର କାନ୍ଥ କମ୍ ଓ ଖମ୍ବ ସଂଖ୍ୟା ଅତ୍ୟାଧିକ ।

ରାମ ସିଂଙ୍କ ଶାସନ କାଳରେ କୋଟା ଚିତ୍ର ଶୈଳୀ ତା ' ଚରମ ସୀମାକୁ ଛୁଇଁ ଥିଲା । ଏହି ସମୟ କୋଟା ଚିତ୍ର ଶୈଳୀର ସ୍ୱର୍ଣ୍ଣ ମୟ ସମୟ ଥିଲା ।

ପ୍ରାସାଦ ଭିତରେ ଏକ ଭବ୍ୟ ସଂଗ୍ରହାଳୟ ଅଛି । ଯୋଉଠି ମଧ୍ୟକାଳୀନ ହତିଆର, ପୂର୍ବବର୍ତ୍ତୀ ରାଜାରାଣୀଙ୍କ ପରିଧାନ, କଳାକୃତି, ହସ୍ତଶିଳ୍ପ, ଜୀବଜନ୍ତୁଙ୍କ ଚମଡା,ବାଦ୍ୟଯନ୍ତ୍ର ଓ ଅନେକ କିଛି ସଂଗ୍ରହ କରି ରଖା ଯାଇଛି ।

ରାଓ ମାଧୋ ସିଂ ଟ୍ରଷ୍ଟ ମ୍ୟୁଜିଅମ୍ ୩୦ ମାର୍ଚ୍ଚ ୧୯୭୦ରେ ସ୍ଥାପିତ ହୋଇଥିଲା । ଦେଖିବାକୁ ମିଳେ ସେ ସମୟରେ ବ୍ୟବହୃତ ହେଉଥିବା ତୋଫ୍, ଧୋନ୍ୱା (ଧୋନ୍ୱା ଏକ ବାଦ୍ୟ ଯନ୍ତ୍ର ଯାହା ଯୁଦ୍ଧ ସମୟ ରେ ବାଜା ଯାଏ) ପ୍ରତି ଧୋନସା ଉପରେ ରାଜାଙ୍କ ନାମ ଓ ତାଙ୍କ ଶାସନ କାଳ ସମ୍ବନ୍ଧରେ ଲେଖା



ଯାଇଛି । ମ୍ୟୁଜିଅମ୍ ବାହାରେ ରହିଛି ସେ ସମୟରେ ବ୍ୟବହୃତ ହେଉଥିବା ଜଳଘଡି ଓ ଗୋଲ ଯନ୍ତ (ଜ୍ୟୋତିଷ ଆଧାରିତ) । ୧୯୪୭ ମସିହାର ଏକ ନକ୍ସା ମଧ ରହିଛି ।

ମ୍ୟୁଜିୟମ୍ ଭିତରେ ଅନେକ ଜୀବଜନ୍ତୁ ଯଥା ବିଶାଳ କୁମ୍ଭୀର, ଚିତାଙ୍କ ଚମଡା ରଖା ଯାଇଛି । ଅନେକ ପକ୍ଷୀ ଓ କେତେକ ପଶୁଙ୍କ ମୁଣ୍ଡକୁ ମଧ ସଂରକ୍ଷଣ କରି ରଖାଯାଇଛି, ଯେଭଳି କି ବାରସିଙ୍ଘା (ବାରଟି ସିଙ୍ଘ ଥିବା ପଶୁ) । ସେ ସମୟରେ ବ୍ୟବହୃତ ହେଉଥିବା ସାମଗ୍ରୀ, ରାଜ ପରିବାର ଓ ବିଭିନ୍ନ ସମୟରେ ରାଜୁତି କରୁଥିବା ରାଜାଙ୍କ ଫଟୋ, ସିଂହାସନ, ପାଲିଙ୍କି, ଜ୍ୟୋତିଷ ବିଦ୍ୱାନଙ୍କ ହାତଲେଖା ଗ୍ରନ୍ଥ,ମୁଦ୍ରା ଇତ୍ୟାଦି ରହିଛି । ଶସ୍ତାଗାରରେ ରହିଛି ବିଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ର । ଭିନ୍ନ ଭିନ୍ନ ଆକୃତିର ଖଣ୍ଡା, ବର୍ଛା, ବନ୍ଧୁକ । ଅଲଗା ଅଲଗା ଖଣ୍ଡା ମାନଙ୍କର ଅଲଗା ଅଲଗା ନାମ୍ବଧା ରହିଛି । ସବୁଠୁ ନିଆରା 'ମାହିମାରାତିବ୍' । ଏହା ଗୋଟାଏ ଉପାଧି ଯାହା ମୋଗଲମାନେ ସେ ସମୟର ରାଜାଙ୍କୁ ଦେଉଥିଲେ । ଏଠି ରଖା ଯାଇଥିବା' ମାହିମରାତିବ୍'କୁ ମହମ୍ମଦ ଶାହ,ଭୀମ ସିଂଙ୍କୁ ଦେଇଥିଲେ । ୧୮୫୭ର କ୍ରାନ୍ତି ପ୍ରଭାବିତ କୋଟାକୁ ଦର୍ଶା ଯାଇଥିବା ମାନଚିତ୍ରଟି ମଧ ରହିଛି । ସେ ସମୟରେ ବ୍ୟବହୃତ ହେଉଥିବା ରାଜକୀୟ ମୋହର, ତରାଜୁ,ପଙ୍ଖା, କପଡ଼ା ଧୁଆ ମେସିନ(ବ୍ରିଟିଶ କାଳରେ) ଇତ୍ୟାଦି ସଂଗ୍ରାହାଳୟରେ ରଖା ଯାଇଛି ।

କୋଟା ସାରା ବିଶ୍ୱରେ ତାର ନିଖୁଣ କାରିଗରୀ ପାଇଁ ପ୍ରସିଦ୍ଧ ଅଟେ, ଯାହା ଦେଖିବାକୁ ମିଳେ ସେମାନଙ୍କ ଆଭୂଷଣ ଗୁଡିକରେ । କୋଟା ଡୋରିଆ ଶାଢ଼ି, ସିଲ୍କ ଶାଢ଼ି ଏବଂ କୋଟା ଷ୍ଟୋନ୍‌ର ଚାହିଦା ଆଜିକାଲି ପ୍ରାୟତଃ ସବୁଠି ରହିଛି ।

## କୋଟା ପଥର

କୋଟା ଷ୍ଟୋନ୍ ବା କୋଟା ପଥର ମହିନ୍ ଦାନାଦାର ଏକ ପ୍ରକାରର ପ୍ରାକୃତିକ ଚୁନା ପଥର ଅଟେ ଯାହା ରାଜସ୍ଥାନର କୋଟା ସହରରେ ମିଳେ । କୋଟା ଜିଲ୍ଲାର ରାମଗ ମଣ୍ଡି କ୍ଷେତ୍ରରେ ଏହି ପଥରର ଅନେକ ଖଣି ଅଛି । ସବୁଜ, ନୀଳ ଏବଂ ପାଉଁଶିଆ ରଙ୍ଗର ପଥରଗୁଡ଼ିକ ଖୁବ୍ ଲୋକପ୍ରିୟ ଓ ଏହା ନିର୍ମାଣ କାର୍ଯ୍ୟ ରେ ବ୍ୟବହୃତ ହୁଏ । ଅଫିସ୍, ହସ୍ପିଟାଲ୍, ମନ୍ଦିର,ଗ୍ୟାରେଜ ପ୍ରଭୃତି ରେ ଏହି ପଥର ଗୁଡ଼ିକ ବ୍ୟବହୃତ ହୁଏ । ଏହାର ମୂଲ୍ୟ ପନ୍ଦର ଟଙ୍କାରୁ ପଚାଶ ଟଙ୍କା ପ୍ରତି ସ୍କାୟରଫୁଟ୍ ହିସାବରେ ମିଳିଥାଏ । ଏହାର ମୂଲ୍ୟ ନିର୍ଭର କରେ ଏହାର ରଙ୍ଗ, ଫିନିଶିଂ ଓ ଗୁଣବତ୍ତା ଉପରେ ।

ଏହା ଏକ ପ୍ରାକୃତିକ ପଥର ଯାହା ପ୍ରାକୃତିକ ରୂପେ ପତନଶୀଳ ଓ ପର୍ଯ୍ୟାବରଣ ସୁରକ୍ଷିତ ଅଟେ ।

- ଏହା ଏକ ମଜବୁତ୍ ପଥର ଓ ସହଜରେ ଭାଙ୍ଗୁ ନ ଥିବାରୁ ଅନେକ ଜାଗାରେ ବ୍ୟବହାର କରାଯାଏ ।
- ଏହା ଶିଉଳି ମୁକ୍ତ ଏବଂ ପାଣିକୁ ଶୋଷେ ନାହିଁ ।
- ଶସ୍ତା, ସୁନ୍ଦର, ମଜବୁତ୍ ଏବଂ ଆକର୍ଷଣୀୟ ।

ବିଭିନ୍ନ ପ୍ରକାରର କୋଟା ପଥର ଏଇଠି ମିଳିଥାଏ । କୋଟା ବ୍ଲୁ ନେଚୁରାଲ୍, କୋଟା ବ୍ଲୁ ହୋନଡ୍, କୋଟା ବ୍ଲୁ ପଲିଶ୍, କୋଟା ବ୍ଲୁ କୋବାଲ୍, କୋଟା ବ୍ରାଉନ୍ ନେଚୁରାଲ୍, କୋଟା ବ୍ରାଉନ ପଲିଶଡ୍ ଇତ୍ୟାଦି ।

## କୋଟା ଡୋରିଆ

(କୋଟାରେ ପ୍ରସ୍ତୁତ ହେଉଥିବା ଶାଢ଼ି + ଡୋରିଆର ଅର୍ଥ ସୂତା) କୋଟାରେ ସୂତାରେ ପ୍ରସ୍ତୁତ ଶାଢ଼ି 'କୋଟା ଡୋରିଆ' । ଏହାକୁ କଟନ୍ ଓ ସିଲ୍କ୍‌ର ଛ' ଗଜର ଯାଦୁ ମଧ କୁହାଯାଏ ।

ଆଜି କୋଟା ଡୋରିଆର ଚାହିଦା ବିଶ୍ୱସ୍ତରୀୟ । ଏଥିରେ ବ୍ୟବହୃତ ହେଉଥିବା ଉଚ୍ଚ ଗୁଣବତ୍ତାର ସୂତା ମୁଖ୍ୟତଃ କର୍ଣ୍ଣାଟକ, ଗୁଜୁରାଟ ଏବଂ ତାମିଲନାଡୁରୁ ଆମଦାନୀ କରା ଯାଇଥାଏ । କୋଟା ଜିଲ୍ଲାର କୈଥୁନରେ ତିଆରି ହେଉଥିବା ୮୦ ପ୍ରତିଶତ କୋଟା ଡୋରିଆ ଶାଢ଼ିର ଚାହିଦା ଦକ୍ଷିଣ ଭାରତରେ ରହିଛି । ଏହି ଶାଢ଼ି ଗୁଡ଼ିକରେ ବ୍ୟବହୃତ ହେଉଥିବା ଏକ ସ୍ୱତନ୍ତ୍ର ସୂତା ଯୋଗୁଁ ପିନ୍ଧିବାକୁ ଆରାମ୍ ଲାଗେ । ଶାଢ଼ିକୁ ମଜବୁତ୍ କରିବା ପାଇଁ ପାଖାପାଖି ୨୦:୮୦ ଅନୁପାତରେ ରେଶମ୍‌କୁ କପାସ ସହ ଯୋଡ଼ି କପଡ଼ା ପ୍ରସ୍ତୁତ କରାଯାଏ । ହାଲକା ସୁଟି କପଡ଼ାରେ ଗ୍ରାଫ୍ ପେପର୍ ଭଳି ଛୋଟ ଛୋଟ ବର୍ଗାକାରର ବୁଣା ହେଇଥିବା ଦେଖାଯାଏ । ଏହା ପଗଡ଼ି ପାଇଁ ଉପଯୁକ୍ତ ଓ ଦେହକୁ ଆରାମ ଲାଗୁଥିବାରୁ ଏହି ଶାଢ଼ିର ଚାହିଦା ବହୁତ୍ ବେଶୀ ।

## କୋଟା ଡୋରିଆର ଇତିହାସ

ଅଠର ଶହ ଶତାବ୍ଦୀରେ କୋଟାରେ ମହାରଣା ଭୀମ ସିଂ ଏହି ବୁଣନ କାର୍ଯ୍ୟକୁ ଆରମ୍ଭ କରିଥିଲେ । ଇତିହାସ ଅନୁଯାୟୀ ବର୍ତ୍ତମାନ କୋଟାରେ ତିଆରି ହେଉଥିବା କୋଟା ଡୋରିଆ ଶାଢ଼ିର ତିଆରି କାର୍ଯ୍ୟ ମୁଖ୍ୟ ରୂପରେ ମଇସୁରରେ ପ୍ରଥମେ କରାଯାଉଥିବାରୁ ଏହାକୁ ମସୁରିଆ ଶାଢ଼ି କୁହା ଯାଉଥିଲା । କିନ୍ତୁ ପରବର୍ତ୍ତୀ କାଳରେ ମୋଗଲ୍ ଆର୍ମି ଜେନେରାଲ ରାଓ କିଶୋର ସିଂ, ମଇସୁରରୁ ସେ ପ୍ରସିଦ୍ଧ ଶାଢ଼ି ବୁଣାକାରମାନଙ୍କୁ କୋଟାର କୈଥୁନ ନାମକ ସ୍ଥାନକୁ ସ୍ଥାନାନ୍ତରିତ କରିଥିଲେ । ଧୀରେ ଧିରେ ଅଠର ଶହ ଶତାବ୍ଦୀର ଅନ୍ତ ବେଳକୁ ସମସ୍ତ ବୁଣାକାର କୋଟାକୁ ସ୍ଥାନାନ୍ତରିତ ହୋଇ ଏହି କାରିଗରୀକୁ ଆଗକୁ ବଢାଇଥିଲେ ।

ଏହି ଶାଢ଼ିଗୁଡ଼ିକ ଉପରେ କରା ଯାଉଥିବା ଜରି କାମ ଏହାର ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ । ଏହି ଶାଢ଼ିଗୁଡ଼ିକରେ ଏକ ବିଶେଷ



ପ୍ରକାର ଚମକ୍ ଥିବାରୁ ଦେଖିବାକୁ ମନଚୋରା ଓ ସୁନ୍ଦର ।

ଏଜୁକେଶନ ହବ୍ କୋଟାକୁ ପ୍ରତ୍ୟେକ ବର୍ଷ ଲକ୍ଷାଧିକ ଛାତ୍ରଛାତ୍ରୀ ସୁନେଲି ସ୍ୱପ୍ନକୁ ସାକାର କରିବାର ଆଶା ନେଇ ଦେଶର ବିଭିନ୍ନ କୋଣରୁ ଆସିଥାନ୍ତି । ଆଉ ଏଠି କାରଖାନା ଭଳି ଗଢି ଉଠିଛି ଅନେକ କୋଚିଂ ସେଣ୍ଟର୍ । ସେଥିପାଇଁ କୋଟାକୁ କୋଚିଂ କ୍ୟାପିଟାଲ ମଧ୍ୟ କୁହାଯାଏ । ଏଠି ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ଏଣ୍ଟ୍ରାନ୍ସରେ କୃତକାର୍ଯ୍ୟ ହେବା ପାଇଁ କଠିନ ପରିଶ୍ରମ କରିବାକୁ ପଡେ । ପାଠପଢାରୁ ବିରତି ନ ଥାଏ କି ସେମାନଙ୍କ ଡିକ୍ସନାରୀରେ ମନୋରଞ୍ଜନ ନାମକ କୌଣସି ବାକ୍ୟ ନଥାଏ । କିନ୍ତୁ ନିଜ ପିଲାଙ୍କୁ ସାକ୍ଷାତ କରିବାକୁ ଆସୁଥିବା ଅଭିଭାବକଙ୍କ ଭିଡ ଏଠି ବର୍ଷ ତମାମ ଲାଗିରୁହେ ଆଉ ସେ ଭିଡ ଦେଖିବାକୁ ମିଳେ ଏଠି ଥିବା ଭ୍ରମଣସ୍ଥଳୀଗୁଡିକରେ ଏବଂ ମନ୍ଦିର ଓ ପାର୍କ ଗୁଡିକରେ । ସେମିତି ଗୋଟାଏ ପାର୍କ ହେଲା 'ସେଭେନ୍ ୱ୍ୱାନଡର୍ ପାର୍କ୍' ଯୋଉଠି ଭିଡ଼ ଜମି ରୁହେ ଆଉ ସନ୍ଧ୍ୟା ସମୟରେ ମୋବାଇଲ୍ ଫୋନ୍ ଗୁଡ଼ିକର ଲାଇଟ୍ ଚମକି ଉଠେ ଝିଲ୍‌ମିଲ୍ ହୋଇ ଆକାଶର ଅସଂଖ୍ୟ ନକ୍ଷତ୍ରମାନଙ୍କ ପରି, ସେ ସଂଜକାଳୀନ ମନଲୋଭା ଦୃଶ୍ୟର ଛବିକୁ  ନିଜ ପାଖରେ ସାଇତି ରଖିବାକୁ ।

## ସେଭେନ୍ ୱ୍ୟାଣ୍ଡର୍ ପାର୍କ

ବିଶ୍ୱର ବିଭିନ୍ନ ଦେଶର ସପ୍ତାଶ୍ଚର୍ଯ୍ୟର ନକଲ ଏଠି ଦେଖିବାକୁ ମିଳେ ।

- ତାଜ ମହଲ
- ଗୀଜାର ପିରାମିଡ୍
- କ୍ରାଇଷ୍ଟ୍ ଦ ରିଡିମର
- ଆଇଫିଲ୍ ଟାୱାର
- ଲିନିଙ୍ଗ ଟାୱାର ଅଫ୍ ପିସା
- ଷ୍ଟାଚ୍ୟୁ ଅଫ୍ ଲିବର୍ଟି
- ରୋମାନ କୋଲୋଜିଆମ୍

୨୦୧୩ ମସିହାରେ ସହର ବିକାଶ ମନ୍ତ୍ରାଳୟ ଦ୍ୱାରା କୋଡ଼ିଏ କୋଟି ଟଙ୍କା ଖର୍ଚ୍ଚ କରାଯାଇ, ଏକଶହ ପଚାଶ ଜଣ ୱ୍ୱର୍କରଙ୍କ ସହାୟତାରେ କିଶୋର ସାଗର ଝିଲ୍ କୂଳରେ ଏହି ମନ ମତାଣିଆ ପାର୍କଟି ନିର୍ମାଣ କରାଯାଇଛି । କିଶୋର ସାଗର ଝିଲ୍ ଏହାର ଶୋଭାକୁ ଦ୍ୱିଗୁଣିତ କରୁଛି । ହିନ୍ଦୀ ମୁଭି 'ବଦ୍ରି ନାଥ କି ଦୁଲ୍‌ହନୀୟା'ର କିଛି ସିନ୍ ସୁଟିଂ ଏଇଠି ହେଇଥିଲା । କିଶୋର ସାଗରର ପାଣି ଭିତରେ ପାର୍କର ଝିଲ୍‌ମିଳେଇ ଉଠୁଥିବା ପ୍ରତିବିମ୍ବର ଆଭା ଅତ୍ୟନ୍ତ ଲୋଭନୀୟ ।

## ଖଡେ ଗଣେଶ

କୋଟାର ଖଡେ ଗଣେଶଙ୍କ ମନ୍ଦିରରେ ସ୍ଥାପିତ ଗଣେଶଙ୍କ ମୂର୍ତ୍ତି ୬୦୦ ବର୍ଷ ପୁରୁଣା । ମାନ୍ୟତା ଅଛି ଯେ ଏଠି ମାନସିକ କରାଯାଉଥିବା ମାନସିକ ସବୁ ପୂରଣ ହୁଏ ଏବଂ ଏଇଥିପାଇଁ ଦୂର ଦୁରାନ୍ତରରୁ ଭକ୍ତଙ୍କ ଭିଡ ଜମେ । ଏହି ଭିଡ ବୁଧବାର ଦିନ






ସବୁଠୁ ବେଶୀ । ଏହି ମନ୍ଦିରରେ ଗଣେଶଙ୍କ ଛିଡା ହୋଇଥିବା ମୂର୍ତ୍ତି ଥିବାରୁ ଏହି ମନ୍ଦିରକୁ 'ଖଡେ ଗଣେଶ ମନ୍ଦିର' କୁହାଯାଏ ।

ମନ୍ଦିରକୁ ଲାଗି ବଡ଼ ଉଦ୍ୟାନ ଅଛି । ଏହା ଗଣେଶ ଉଦ୍ୟାନ ନାମରେ ନାମିତ । ଏହି  ସ୍ଥାନଟି କୋଟାର ମହତ୍ତ୍ୱ ପୂର୍ଣ୍ଣ ସ୍ଥାନମାନଙ୍କ ମଧ୍ୟରୁ ଗୋଟାଏ ।

## ଶିବପୁରୀ

ଶିବପୁରୀ ଧାମରେ ପାଞ୍ଚଶହ ପଚିଶଟି ଶିବଲିଙ୍ଗ ସ୍ଥାପନ କରାଯାଇଛି । ତା' ମଧ୍ୟରୁ କେତେକ ଶିବଲିଙ୍ଗର ଓଜନ ପାଖାପାଖି ଚଉଦ ଟନ୍ । ମହା ଶିବରାତ୍ରିରେ ଏଠି ପ୍ରବଳ ଭିଡ ରୁହେ । ଶିବପୁରୀ ଧାମ ବିଧ୍ୱନ୍‌ଶକ୍ ଶିବଙ୍କୁ ସମର୍ପିତ ।

ଏହା ବ୍ୟତୀତ କୋଟାରେ ରାଧାକୃଷ୍ଣଙ୍କ ମନ୍ଦିର, ୱ୍ୱାଟର୍ ପାର୍କ ପ୍ରଭୃତି ରହିଛି ।

କିନ୍ତୁ ବର୍ତ୍ତମାନ କୋଟାର ପ୍ରକୃତ ପରିଚୟ ଏଠାକାର ଛାତ୍ରଛାତ୍ରୀଙ୍କ କୃତୀ ଅର୍ଥାତ୍ ସଫଳତା । ଛାତ୍ରଛାତ୍ରୀମାନେ ଉତ୍ତମ ମାନର ପ୍ରଡକ୍ଟ ଏବଂ କୋଚିଂ ସେଣ୍ଟର୍‌ଗୁଡ଼ିକ ଗୋଟାଏ ଗୋଟାଏ କାରଖାନା । ତେଣୁ ବର୍ତ୍ତମାନରର କୋଟା 'କୋଟା ଫେକ୍ଟ୍ରୀ' । ଏହାକୁ ଆଧାର କରି ଅନେକ ସିରିଜ୍ ମଧ୍ୟ ତିଆରି ହୋଇ ସାରିଲାଣି ।

ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ଅନେକ ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼େ । ତଥାପି ଏ ସଂଘର୍ଷ ଗୁଡ଼ିକରୁ ଭୟ ନ କରି ଆଗେଇ ଆସନ୍ତି ଛାତ୍ରଛାତ୍ରୀ ମାନେ । ଆଜିକାଲି ଛାତ୍ରଛାତ୍ରୀଙ୍କ ଠୁ ବେଶୀ ସଜାଗ ଶିକ୍ଷାକୁ ନେଇ ଅଭିଭାବକ ମାନେ । ତେଣୁ ପ୍ରତିଯୋଗିତା ଦିନକୁ ଦିନ କଠିନ ହେବାକୁ ଲାଗିଛି । ତା' ସତ୍ତ୍ୱେ ଏଠିକି ଆସିଥିବା ଅଧିକାଂଶ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେଇଥାନ୍ତି । ବିଭିନ୍ନ ସ୍ଥାନରୁ ଶିକ୍ଷ୍ୟା ପାଇଁ ଆସୁଥିବା ଛାତ୍ରଛାତ୍ରୀଙ୍କ ଉପରେ ନିର୍ଭର କରେ ଏଠାକାର ଅର୍ଥନୀତି । ଏବଂ ଏହି ସବୁ କୋଚିଂ ସେଣ୍ଟର ଗୁଡ଼ିକ ଯୋଗୁଁ ଅନେକ ଲୋକଙ୍କୁ ରୋଜଗାର ମଧ୍ୟ ମିଳି ପାରିଛି ।

ଶିକ୍ଷା ଠୁ ଜାତ - ବିଶ୍ୱାସ
ବିଶ୍ୱାସ ଠୁ ଜାତ - ଆଶା
ଆଶା ଠୁ ଜାତ - ଶାନ୍ତି......(ଚାଇନିଜ୍ ଦାର୍ଶନିକ - କନ୍‌ଫୁସୀଅସ୍)

# କାଗଜି ଫୁଲର କିମିଆଁ



# କାଗଜି ଫୁଲ

**ଶ୍ୱେତା ରାଉତ**

ମାର୍ଫତ : ଶ୍ରୀକାନ୍ତ ରାଉତ, ପ୍ଲଟ୍ ନଂ ୨୩୬, ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬
ଫୋନ:୯୪୩୯୭୨୭୦୭୦

ଫଟୋ ସୌଜନ୍ୟ : ଗୁଗୁଲ୍



▲ଲେଖିକା ଶ୍ୱେତା ରାଉତ

ସୃଜନର କଥା ଆସିଲେ ବା ସୃଷ୍ଟିର କଥା ଆସିଲେ ଫୁଲ ଆପେ ଆପେ ଆଖି ଆଗକୁ ଚାଲିଆସେ । ମଣିଷ ବି ଦୁନିଆକୁ ଆସିବା ପୂର୍ବରୁ ମାତାର ଗର୍ଭାଶୟରେ ଫୁଲରୁ ସୃଷ୍ଟ ହୋଇ ବିକଶିତ ହୁଏ । ଦେବାଦେବୀଙ୍କର ଆସ୍ଥାନ ଭାବେ ଫୁଲକୁ ହିଁ ସେ ସୌଭାଗ୍ୟ ମିଳିଛି । ସୃଷ୍ଟିର ସମସ୍ତ ଜାତି ନର, ଅସୁର, ଯକ୍ଷ, ଦେବତା ସମସ୍ତଙ୍କୁ ଆଦର ଓ ଉଲ୍ଲାସ ରହିଛି ଫୁଲ ଉପରେ । ବିରସତା ଦୂର କରି ମୁହଁରେ ହସ ଫୁଟାଇବାର କ୍ଷମତା ରଖିପାରେ ଫୁଲ । ଆତ୍ମସନ୍ତୋଷ ସହିତ ମନକୁ ଶାନ୍ତି ପ୍ରଦାନ କରେ ଫୁଲ । ଫୁଲ ସେତେବେଳେ ଆହୁରି ପ୍ରିୟ ମନେହୁଏ, ଯେତେବେଳେ ତା'ର ରୂପ କାନ୍ତି ପ୍ରକୃତିକୁ ଅନୁପମ ସୌନ୍ଦର୍ଯ୍ୟ ପ୍ରଦାନ କରେ । କିଛି ଫୁଲ, ସେମାନଙ୍କ ମହକରେ ଆପ୍ୟାୟିତ କରିପାରନ୍ତି ତ କିଛି ଫୁଲ ନିଜର ଆକର୍ଷକ ରୂପ କାନ୍ତିରେ ଆକୃଷ୍ଟ କରିଥାନ୍ତି । କିଛି ଫୁଲ ରଙ୍ଗ ନଥାଇ ବି ମହକୁ ଥାଏ ତ କିଛି ଫୁଲ ମହକ ନଥିଲେ ବି ନାନା ରଙ୍ଗରେ ବିଭୂଷିତା ହୋଇ ତା'ର ସୌନ୍ଦର୍ଯ୍ୟରେ ପ୍ରକୃତିକୁ ସଜେଇ ଦିଏ । ସେମିତି ଏକ ବାସହୀନା ଫୁଲ ହେଉଛି 'କାଗଜି ଫୁଲ', ଯାହା ମହକ ଦେଇ ପାରେନା ସତ, କିନ୍ତୁ ତା'ର ସୌନ୍ଦର୍ଯ୍ୟର ପଟାନ୍ତର ନାହିଁ । ସତେ ଯେମିତି କେଉଁ ଯାଦୁଗରୀ ଶିଳ୍ପୀ ବା କାରିଗରଟିଏ ନାନା ରଙ୍ଗର କାଗଜକୁ କାଟି ଫୁଲ ଭଳି ସଜେଇ ଦେଇଛି । କାଗଜ ପରି ପାଖୁଡା ବହନ କରିଥିବା ଏହି ଫୁଲକୁ ସେଥିପାଇଁ ବୋଧେ ସମସ୍ତେ କୁହନ୍ତି 'କାଗଜି ଫୁଲ' ।

## ପରିଚୟ

ଜଣେ ଲେଖକଙ୍କ କବିତାରେ ପଂକ୍ତିଟିଏ ଅଛି କାଗଜି ଫୁଲକୁ ନେଇ: "କାଗଜ ଫୁଲ ମୁଁ ରୂପର ସମ୍ଭାର / ହେଲେ ବାସ ନାହିଁ ମୋର / ସଭିଙ୍କର ଚିନ୍ତା କଣ୍ଟକିତ ଲତା / ବିଚିତ୍ର ବିଶାଳ ସଂସାର । / କୌଣସି ରୂପସୀ ଖୋସେନା ଗଭାରେ / କେବେ କେଉଁଦିନ ସ୍ନେହରେ / କାଗଜି ଫୁଲ ମୁଁ ଫୁଟି ଝଡ଼ିଯାଏ / ସୀମା ଅଙ୍କ ପାଖ ପଥରେ ।"

ଏତେ ଅଭିମାନ 'କାଗଜି ଫୁଲ' ରଖିଥାଏ ସିନା, ସେ କିନ୍ତୁ ଦେଖିବାକୁ ଯେତିକି ସୁନ୍ଦର, ସେତିକି ଗୁଣକାରୀ । କାଗଜି ଫୁଲର ବନସ୍ପତିକ ନାମ ହେଉଛି 'ବୋଗେନ୍‌ବେଲିଆ' (bougainvillea) ୧୭୮୯ରେ ଏହି ଫୁଲ ଲୋକଲୋଚନକୁ ଆସିଥିଲା । ଏହାକୁ ବ୍ରାଜିଲ୍‌ର ଦୁଇ ବନସ୍ପତି ବୈଜ୍ଞାନିକ 'ଫିଲବର୍ଟ କାମରସନ୍ ଓ ଲୋଇ ଏଣ୍ଟୋନି ଡି ବୋଗନବିଲେ' ଆବିଷ୍କାର କରିଥିଲେ । ଜଣଙ୍କ ନାମାନୁସାରେ ଏହାର ନାମ ରହିଥିଲା 'ବୁଗେନଭିଲିଆ' । ଏହା ଏକ ଲତା ପ୍ରଜାତିର ବୃକ୍ଷ । ସମଗ୍ର ବିଶ୍ୱରେ ଏହାର ୨୦ଟି ପ୍ରଜାତି ଓ ୩୦୦ରୁ ଊର୍ଦ୍ଧ୍ୱ କିସମର ଫୁଲ ଦେଖିବାକୁ ମିଳେ । ଯେକୌଣସି ଜଳବାୟୁ ବା ମାଟିରେ ଖୁବ୍ କମ୍ ରକ୍ଷଣାବେକ୍ଷଣରେ ଭଲ ବଢ଼ିପାରେ । ଅଧିକାଂଶ ପ୍ରଜାତିର କାଗଜି ଫୁଲ ଗଛରେ କଣ୍ଟା ଥାଏ ଏବଂ ବର୍ଷସାରା ଫୁଲ ଫୁଟିଥାଏ । କାଗଜି ଫୁଲର ରକ୍ଷଣାବେକ୍ଷଣ ବା ସୁଧାର ପାଇଁ ଭାରତର କୋଲକାତା ଓ ମାଦ୍ରାସର 'ଆଗ୍ରି ହର୍ଟିକଲଚର ସୋସାଇଟି' ଦ୍ୱାରା କିଛି ପ୍ରଜାତିର ରୋପଣ ଆରମ୍ଭ ହୋଇଥିଲା । ୧୯୨୦ ମସିହାରେ ସାର ପର୍ସୀଲେଙ୍କଷ୍ଟରଙ୍କ ଦ୍ୱାରା ନାମିତ 'ସ୍କାରଲେଟ୍ କ୍ୱିନ୍' ପ୍ରଜାତିର କାଗଜି ଫୁଲ ସମ୍ଭବତଃ ଭାରତର ପ୍ରଥମ କାଗଜି ଫୁଲ । ଯଦିଓ ଏହି ଫୁଲ ଦକ୍ଷିଣ ଆମେରିକା, ବ୍ରାଜିଲ୍ ଓ ଆର୍ଜେଣ୍ଟିନାର ମୂଳ ନିବାସୀ କୁହାଯାଏ, ତଥାପି ଭାରତ ଏହି କାଗଜି ଫୁଲର ଭିନ୍ନ ପ୍ରଜାତି ରୋପଣ କରି ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ରଖିଥିବାରୁ ଆମେ ଏହାକୁ ଭାରତୀୟ ଫୁଲ କହିପାରିବା । ଏହି ଫୁଲ ବିଭିନ୍ନ ରଙ୍ଗ ଯଥା- ଧଳା, ନାଲି, ଗୋଲାପୀ, ନାରଙ୍ଗୀ, ହଳଦିଆ, ବାଇଗଣୀ, ସବୁଜ ଇତ୍ୟାଦି ମନମୋହକ ରୂପରେ ଫୁଟିଥାଏ । ଭଲଭାବେ ଲକ୍ଷ୍ୟ କଲେ ଦେଖିପାରିବେ କାଗଜି ଫୁଲ ଖୁବ୍ ଛୋଟ ଛୋଟ ଧଳା ରଙ୍ଗର ପାଞ୍ଚ ପାଖୁଡ଼ା ବିଶିଷ୍ଟ ହୋଇଥାଏ ଓ ଏହାକୁ ଆବୃତ୍ତ କରି ଏକ କାଗଜ ଭଳି ହାତକୁ ଲାଗୁଥିବା ତିନୋଟି ପେଟପତ୍ର ବା ସହପତ୍ର ରହିଥାଏ । ଏହି ସହପତ୍ର ବା ସହପାଖୁଡ଼ାର ରଙ୍ଗ ବିଭିନ୍ନ ପ୍ରକାର ହୋଇଥାଏ ଓ କେନ୍ଦ୍ରରେ ଥିବା ଫୁଲ କେବଳ ଧଳା ରଙ୍ଗର ହୋଇଥାଏ । ଏହା କୀଟମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ହୋଇନଥାଏ ଓ ଆକର୍ଷକ ଦେଖାଯାଏ । ଏହି ଗଛ ୧୨ମିଟର ଲମ୍ବା ପର୍ଯ୍ୟନ୍ତ ବଢ଼ିଥାଏ ଓ ଝାଡ଼ି ବା ବୁଦା ଭଳି ଝଙ୍କାଳିଆ ଆକାରରେ ରହିଥାଏ । ଯେକୌଣସି ଅନ୍ୟ ଗଛରେ ମଧ୍ୟ ଏହା ଲଟା ଭଳି ଝଙ୍କାଳିଆ ଆକାରରେ ରହିଥାଏ । ଯେକୌଣସି ଅନ୍ୟ ଗଛରେ ମଧ୍ୟ ଏହା ଲଟାଭଳି ଗୁଡାଇ ହୋଇ ବଢ଼ିଥାଏ । ଏହାର ପତ୍ର ୪ ରୁ ୧୩ ସେ.ମି. ଲମ୍ବା ଓ ୨ ରୁ ୬ ସେ.ମି. ଆକାର ହୋଇଥାଏ । ଫୁଲଗୁଡ଼ିକ ପେନ୍ଥା ଆକାରରେ ଫୁଟେ ଓ ପତ୍ର ଅପେକ୍ଷା ଅଧିକ ଫୁଲ ଫୁଟିଥାଏ । କାଗଜରେ ତିଆରି ହେବା ଭଳି ଦିଶୁଥିବା ଏହି ଫୁଲ ଗଛ ବଗିଚା କଡ଼ରେ, ପାର୍କ ସ୍ଥାନରେ, ରାସ୍ତାକଡ଼ରେ, ପାଚେରୀକୁ ଆବୃତ୍ତ କରିବା ଓ ସୌନ୍ଦର୍ଯ୍ୟ ବଢାଇବା ଉଦ୍ଦେଶ୍ୟରେ ଲଗା ଯାଇଥାଏ । ଏହି ଗଛ କଣ୍ଟାଯୁକ୍ତ ହୋଇଥିବାରୁ ଏହାକୁ ବାଡ଼ ଭାବେ କେହି କେହି ବ୍ୟବହାର କରିଥାନ୍ତି । ଏହା କୀଟ ବା ଗାଈ ଗୋରୁଙ୍କ ଦ୍ୱାରା କ୍ଷତିଗ୍ରସ୍ତ ହେଉନଥିବାରୁ ରାସ୍ତା କଡ଼ମାନଙ୍କରେ ସୌନ୍ଦର୍ଯ୍ୟକରଣ ପାଇଁ ଲଗା ଯାଇଥାଏ ।

## ଭାରତରେ କାଗଜି ଫୁଲ

ଭାରତୀୟ ଜଳବାୟୁରେ କାଗଜି ଫୁଲ ଖୁବ୍ ଭଲ ବଢ଼ି ପାରେ । ବିଶେଷ କରି କେରଳରେ ଏହାର ଅଧିକାଂଶ ପ୍ରଜାତି ଓ ପ୍ରକାର ଦେଖା ଯାଇଥାଏ । ୨୦ ବର୍ଷ ଅନୁସନ୍ଧାନ ପରେ ଏହି ଫୁଲକୁ କେରଳର ବନସ୍ପତି ବିଜ୍ଞାନୀମାନେ ୧୯୩୦ରେ ପ୍ରାପ୍ତ କରିଥିଲେ ଓ ଏହାକୁ 'ଗ୍ଲେବ୍ରା ବା ବୋଗନଭେଲିଆ ଗ୍ଲେବ୍ରା ନାମ ଦେଇଥିଲେ । ଏହି 'ଗ୍ଲେବ୍ରା' ପ୍ରଜାତିରେ ପ୍ରାୟ ୧୮ ପ୍ରକାର କାଗଜି ଫୁଲ ଆମ ଭାରତର ସବୁ ସ୍ଥାନରେ ଦେଖିବାକୁ ମିଳେ । ଏନ୍.ବି.ଆର.ଆଇ ପୁଷ୍ପ ଉତ୍ପାଦନ ବିଭାଗର ପ୍ରମୁଖ ଅଧ୍ୟକ୍ଷ ବି.କେ. ବାନାର୍ଜୀଙ୍କ ଅନୁସାରେ ଏହି ନୂଆ ପ୍ରଜାତିର କାଗଜିଫୁଲ ଅଲଗା ଅଲଗା ରଙ୍ଗ ଓ ଆକୃତି ସାମାନ୍ୟ କାଗଜ ଫୁଲଠୁ ଟିକେ ଭିନ୍ନ ହୋଇଥାଏ । ବୈଜ୍ଞାନିକମାନଙ୍କ ଅନୁସାରେ 'ବନାସ ଭେରିଗାଟା ଜୟନ୍ତୀ' ନାମକ କାଗଜ ଫୁଲ ଛୋଟ କୁଣ୍ଡରେ ମଧ୍ୟ ଲଗା ଯାଇପାରେ । ଏହି ନୂଆ ପ୍ରଜାତିକୁ ଇଣ୍ଟର୍ନେସ୍‌ନାଲ୍ ବୋଗନଭେଲିଆ ରେଜିଷ୍ଟ୍ରେସନ୍ ଅଥୋରିଟି ନୂଆଦିଲ୍ଲୀରେ ପଞ୍ଜିକୃତ କରାଯାଇଛି । ଯଦିଓ ଅନ୍ୟ ଦେଶକୁ ଏହାର ଉତ୍ପତ୍ତିସ୍ଥଳ ଘୋଷଣା କରାଯାଇଛି, 'ବୋଗନଭେଲିଆ ଗ୍ଲେର୍ବା'କୁ ଭାରତୀୟ କାଗଜି ଫୁଲ କୁହାଯାଏ ଓ ଏହା ସମଗ୍ର ଭାରତରେ ବିଭିନ୍ନ ପ୍ରକାର ବିଭିନ୍ନ ରଙ୍ଗ ରୂପରେ ଦେଖିବାକୁ ମିଳେ । ମହକ ନଥିଲେ ମଧ୍ୟ ଏକ ଅଳଙ୍କରଣ ବୃକ୍ଷ ଭାବେ କାଗଜଫୁଲ ପ୍ରକୃତିକୁ ଅନୁପମ ସୌନ୍ଦର୍ଯ୍ୟ ଦେବା ସହିତ ଆକର୍ଷକ ଲାଗିଥାଏ ।



## କାଗଜି ଫୁଲ : କେଉଁଠି କେଉଁ ନାମ

କାଗଜରେ ତିଆରି ହେବା ପରି ଦିଶୁଥିବା ଏହି ଫୁଲକୁ ଇଂରାଜୀରେ 'ବୁଗେନ୍‌ଭିଲିଆ' କୁହାଯାଏ । ଏହାର ଅନେକ ପର୍ଯ୍ୟାୟବାଚୀ ନାମ ରହିଛି: ବୁଗେନ୍‌ଭିଲା, ବୁଗାମ୍ବେଲିଆ, ନେପାଲିଅନ୍, ଭିରାକେରା, ତ୍ରିନିତାରିଆ, ସାଣ୍ଟାରିଟା ଏବଂ ପେପେଲିଲୋ ଇତ୍ୟାଦି । ଉତ୍ପତ୍ତିସ୍ଥଳ ଦକ୍ଷିଣ ଆମେରିକାରେ ଏହାକୁ 'ରିପ୍ଲୋଟେନ୍ ସ୍ୱାନିସ୍, ସାଣ୍ଟାରିଟା', କଲମ୍ବିଆରେ – ସ୍ୱାନିସ୍ ଭେରାନେରା, ପେରୁରେ ପପିଲିଲୋ, ପ୍ରିମାଭେରା, ଟ୍ରେସ୍ – ମରିଆସ୍, ସେମ୍ପର-ଲକ୍ଷ୍ଣେସା, ରୋଜେରୋ, ରୋଜେଟା ରିସୋ, ପେଟାଗୁଇହ୍ନା ଏବଂ ପାଉଡି ଭାବରେ ଜଣାଶୁଣା । ବ୍ରାଜିଲ୍ ଓ ପର୍ତ୍ତୁଗୀଜରେ କାଗଜି ଫୁଲକୁ ଫ୍ଲୋର-ଡି-ପେପେଲ ଓ ବଗାନିଭିଲିଆ କହିଥାନ୍ତି । ସ୍ପେନରେ – ବୁଗେନ୍‌ଭିଲା, ଭାରତରେ – ବୁଗେନ୍‌ଭିଲା ଗ୍ଲେର୍ବା, କାଗଜି ଫୁଲ, ମଣିପୁରରେ – ଚେରେଇ, ହିନ୍ଦୀରେ – କାଗଜ୍ କି ଫୁଲ୍, ବୁଗେନବେଲ୍, ବେଙ୍ଗଲୀରେ – ବାଗାନବିଲାସ, ମରାଠୀରେ– ବୁଗେନ୍‌ବେଲ୍, କୋଙ୍କଣୀରେ – ବୁଗେନ୍‌ବିଲା, ତେଲୁଗୁରେ – କାଗିଥାଲା ପୁଭ୍ବୁ, ଓଡ଼ିଆରେ – କାଗଜିଫୁଲ ଓ କେରଳରେ –ବୁଗନ୍‌ଭିଲିଆ ଗ୍ଲେର୍ବା କହିଥାନ୍ତି । ସମଗ୍ର ଭାରତ ତଥା ଆମ ଓଡ଼ିଶାରେ ଏହାକୁ 'କାଗଜ ଫୁଲ'ନାମରେ ଜାଣିଥାନ୍ତି । ଏହାର ବିଭିନ୍ନ ପ୍ରଜାତି ଓ ପ୍ରକାର ପ୍ରକୃତି ଅତି ସୁନ୍ଦର ସଜାଇଥାଏ ।

## ବିଭିନ୍ନ ପ୍ରଜାତି ଓ ପ୍ରକାର

ବିଶ୍ୱର କୋଣାନୁକୋଣରେ ଏହି ଫୁଲ ବିଶେଷ କରି ୧୮/୨୦ଟି ପ୍ରଜାତି ଓ ୨୫୦-୩୦୦ ପ୍ରକାରର ରହିଛି । ଏହାର ବନସ୍ପତିକ ନାମ ହେଉଛି 'ବୋଗେନ୍ ଭିଲିଆ' ଓ ଏହା ନାଇକ୍ଟାଜିନାସିଆ' ପରିବାର ଅନ୍ତର୍ଭୁକ୍ତ ଏହାର ବିଭିନ୍ନ ପ୍ରଜାତିଗୁଡ଼ିକ ମଧ୍ୟରେ 'ଗ୍ଲାର୍ବା, ସ୍ପେକ୍ଟାବିଲ୍, ବୁଟିଆନା, ବରବେରି ଡିଫୋଲିଆ, କାମ୍ପାନୁଲାଟା, ସିପ୍ଟିଟାଟା, ସ୍ୱାଇନୋସା ପ୍ରାଇକସ୍, ଆରବୋରିଆ, ପାଚିଫିଲା, ମୋଡେଷ୍ଟା, ଇନ୍‌ଫେଷ୍ଟା, ଲେହମାନିଆ ଟୋଲି, ହର କୋଗିଆନା, ମାଲମିଆନା, ବୋଗେନ୍‌ଭିଲିଆ ଇତ୍ୟାଦି ବହୁଳ ଦେଖାଯାଏ  ଅନେକ ଗୁଡିଏ ପ୍ରଜାତି ରହିଛି ଯାହା ଭାରତୀୟ ବନସ୍ପତି ବୈଜ୍ଞାନିକମାନଙ୍କ ଦ୍ୱାରା ଉତ୍ପତ୍ତି ଓ ଏହା ଭାରତୀୟ ଜଳବାୟୁରେ ଭଲ ବଢ଼ିପାରେ । ସେଗୁଡ଼ିକ ହେଲା–

**ରସ୍କବେରୀ ଆଇସ** : ଏହି କିସମର ଫୁଲ ୨/୩ ଫୁଟ ଯାଏ ବଢିଥାଏ ଓ ଝଙ୍କାଳିଆ ହୋଇଥାଏ । ଏହାର ରଙ୍ଗ ସ୍ୱଚ୍ଛ ଧଳାର ବର୍ଡ଼ର ଥିବା ଚିକ୍କଣ ଓ ଉଜ୍ଜଳ ଗୋଲାପୀ ରଙ୍ଗର ଫୁଲ । ଏହାକୁ 'ହଓ୍ୱାଲି' ମଧ୍ୟ କୁହାଯାଏ ।

**ବାର୍ବାରା କାରଷ୍ଟ** :ଏହି ପ୍ରଜାତି ନିଜର ବଡ଼ ବଡ଼ ଗାଢ ଗୋଲାପୀ ରଙ୍ଗର ସହପତ୍ର ବା ପାଖୁଡା ପାଇଁ ବେଶ ପରିଚିତ ଏବଂ ଏହା ଅଧିକ ଉତ୍ପାଦନ ହୋଇଥାଏ । ପାଚେରୀ କଡ଼ରେ ବାଡ଼ ଭଳି ଆଚ୍ଛାଦନ କରିବା ପାଇଁ ଏହାର ଭଲ ଉପଯୋଗ ହୋଇଥାଏ । ସାର ପରସୀ ଲଙ୍କଷ୍ଟରଙ୍କ ଦ୍ୱାରା 'ଆଗ୍ରୀ ହର୍ଟିକଲଚର ସୋସାଇଟି' ଏହାକୁ ଭାରତରେ ରୋପଣ କରିଥିଲା ଓ 'ସ୍କାରଲେଟ୍ କ୍ୱିନ୍' ଏହି ପ୍ରଜାତିର ସବୁଠୁ ସୁନ୍ଦର ଫୁଲ ।

**ସିଙ୍ଗାପୁର ହ୍ୱାଇଟ୍** : ଏହି ପ୍ରଜାତିର ଫୁଲର ସହପତ୍ର ଗୁଡ଼ିକ ସ୍ୱଚ୍ଛ ଧଳା ଓ ଖୁବ୍ ଆକର୍ଷକ ଏହା ଅଳଙ୍କରଣ ଫୁଲ ଭାବେ ରୋପଣ କରାଯାଏ ଓ ଲଟା ଭଳି ଏହି ଫୁଲ ଖୁବ୍ ମାଡ଼ିଥାଏ  ତେଣୁ ଏହା ପର୍ବତାରୋହୀ ଓ ହେଜ୍ ତିଆରି କରେ । ଏହି ଗଛରେ କଣ୍ଟା ନଥାଏ ଓ ଛୋଟ ଛୋଟ ଫୁଲ ହୋଇଥାଏ ।

**ସେନ୍‌ଡିଏଗୋ ରେଡ୍** : ଏହି କିସମର ଫୁଲର ପାଖୁଡାଗୁଡ଼ିକ ଉଜ୍ଜଳ ଲାଲ ରଙ୍ଗ ଓ ବହୁଳ ଉତ୍ପାଦକ ହୋଇଥାଏ । ଏହା ମଧ୍ୟ ଏକ ପର୍ବତାରୋହୀ ଫୁଲ ଓଲଟା ଭଳି ମାଡ଼ିଥାଏ । ଏହି ଫୁଲ ଗଛରେ ପ୍ରତିଦିନ ପାଣି ଦେବାକୁ ପଡ଼େ । ଏହାର ବିଭିନ୍ନ ପ୍ରକାର ମଧ୍ୟରୁ 'ଲିପିଷ୍ଟିକ୍ – ରେଡ୍', 'ଲା–ଯୋଲା' ଅଧିକ ଆକର୍ଷକ ହୋଇଥାଏ । ସେନ୍ ଡିଏଗୋ – ରେଡ୍ ବୁଗେନ୍‌ଭିଲିଆକୁ 'ସ୍କାରଲେଟ୍-



ଓ-ହାରା ମଧ୍ୟ କୁହାଯାଏ ।

**ଗୋଲ୍ଡେନ୍ ଗ୍ଲୋ :** ଏହି କିସମର କାଗଜିଫୁଲ ବଡ଼ ବଡ଼ ସୁନେଲି ହଳଦୀ ରଙ୍ଗର ପାଖୁଡ଼ା ବିଶିଷ୍ଟ ଝଙ୍କାଳିଆ ହୋଇ ବଢେ ଓ ଗ୍ରାଉଣ୍ଡ କଭର କରିଥାଏ । ଏହାକୁ 'ବୁଟିଆନା' ମଧ୍ୟ କୁହାଯାଏ । ଫ୍ଲୋରିଡାରେ ଏହି କିସମର ଫୁଲ ଅଧିକ ଦେଖାଯାଏ । ଏହାର ୧୪ ପ୍ରକାର ଅତି ଆକର୍ଷକ ଫୁଲ ରହିଛି, ସେଥିମଧ୍ୟରୁ କାଲିଫର୍ଣ୍ଣିଆ ଗୋଲ୍ଡ ଓ ହୱାଲିନ୍ ଗୋଲ୍ଡ ଅନ୍ୟତମ । ଏହା କମ୍ ଜଳ ଆବଶ୍ୟକ କରେ । ଏବେ ଏହି କିସମର ଫୁଲ ଓଡ଼ିଶାରେ ମଧ୍ୟ ଅନେକ ସ୍ଥାନରେ ରୋପଣ କରାଯାଉଛି ।

**ଥାଇ ଡିଲାଇଟ୍ :** ଏହି କିସମର ଫୁଲ କାନ୍ଥ ଓ ବାଡର ଆଚ୍ଛାଦନ ପାଇଁ କାମରେ ଲାଗେ । ଏହା ଦେଖିବାକୁ ବଡ଼ ବଡ଼ ଗୋଲାପୀ ଓ ଧଳା ମିଶ୍ରିତ ରଙ୍ଗ ହୋଇଥାଏ । ଏହା ଖୁବ୍ ଶୀଘ୍ର ବଢେ ଓ କମ୍ ରକ୍ଷଣାବେକ୍ଷଣ କରିବାକୁ ପଡ଼ିଥାଏ । ଅଧିକ ସୂର୍ଯ୍ୟକିରଣ ଏହି କିସମ ପାଇଁ ନିହାତି ଜରୁରୀ । ଏହାର ସବୁଠୁ ଉତ୍କୃଷ୍ଟ ପ୍ରଜାତି ହେଉଛି 'ଇମ୍ପେରିଅଲ୍ ଥାଇ ଡିଭାଇଟ୍ ।"

**ଅରେଞ୍ଜ ଆଇସ୍ :** ରସ୍କବେରି ଆଇସ୍ ପରି ଆକାର ଓ ଉଜ୍ଜଳ କମଳାରଙ୍ଗର ସହପତ୍ର ଏହି କିସମର କାଗଜି ଫୁଲକୁ ଅଧିକ ଆକର୍ଷକ କରିଥାଏ । ଏହି ଅରେଞ୍ଜ ଆଇସ୍ ପ୍ରଜାତିର ଫୁଲ ବିଭିନ୍ନ ପ୍ରକାରର ଦେଖିବାକୁ ମିଳେ । ଯଥା – ସନ୍‌ସେଟ୍ ଅରେଞ୍ଜ, ଅରେଞ୍ଜ କିଙ୍ଗ, ସନ୍‌ଡାଉନ୍ ଅରେଞ୍ଜ, ବ୍ଲୁବେରି ଆଇସ୍ ଅରେଞ୍ଜ ଗ୍ଲୋରୀ, ଡେଲଟା ଡାଉନ୍, ଆରାନସିଓନ୍ ଇତ୍ୟାଦି ।

ଏସବୁ ଭାରତୀୟ ପ୍ରଜାତିଗୁଡ଼ିକ ମଧ୍ୟରେ ଆଉ ଏକ ସୁନ୍ଦର ପ୍ରଜାତି ରହିଛି, ଯାହା ଦେଖିବାକୁ ରସ୍କବେରି ଆଇନ୍ ପରି ସ୍ୱଚ୍ଛ ଧଳା ରଙ୍ଗର ସହପତ୍ରଯୁକ୍ତ ଓ ଅଧିକ ଉତ୍ପାଦନ ହେଉଥିବା ଫୁଲ 'କୋକୋନଟ୍ ଆଇସ୍' । ଏହି କିସମର ଫୁଲ ସାଧାରଣତଃ କେରଳରେ ଅଧିକ ଦେଖାଯାଏ । ବିଭିନ୍ନ ରଙ୍ଗରେ ଆକର୍ଷିତ କରୁଥିବା ଏହି ବାସହୀନ ଫୁଲଟିର ରହିଛି ଗୋଟେ ସୁନ୍ଦର ପ୍ରେମ କାହାଣୀ ।



## କାଗଜି ଫୁଲର ପ୍ରେମ କାହାଣୀ

ଯଦିଓ ଭାରତୀୟ ପୁରାଣ, କିମ୍ବଦନ୍ତୀ କିମ୍ବା ଆଖ୍ୟାନ ମାନଙ୍କରେ କାଗଜି ଫୁଲର କୌଣସି କାହାଣୀ ନାହିଁ, ହେଲେ ଏହି ଫୁଲକୁ ନେଇ ଏକ ସୁନ୍ଦର ପ୍ରେମ କାହାଣୀ ଲୋକଲୋଚନକୁ ଆଣିଛନ୍ତି ଲେଖକ ବୈଦିକ ଯୋଶୀ । ଉତ୍ତରାଖଣ୍ଡରେ ଏକ ପ୍ରତିଷ୍ଠିତ କାଗଜିଫୁଲ ଗଛ ସହ ଦେବଦାରୁ ଗଛର ସମ୍ପର୍କ ଏଥିରେ ବର୍ଣ୍ଣିତ ରହିଛି । ଉତ୍ତରାଖଣ୍ଡ, ଅଲ୍ମୋଡାର ମାଲ ରୋଡରେ ଏକ ପାର୍ଶ୍ୱରେ ଦେବଦାରୁ ଗଛଟିଏ ଥାଏ । ସେ ଗଛ ଉପରେ କାହାର ଧ୍ୟାନ ଯାଉ ନଥାଏ । କେତେ କେତେ ବାଟୋଇ ସେ ରାସ୍ତା ଦେଇ ଯାଆନ୍ତି ହେଲେ କେହି ଦେବଦାରୁ ଉପରେ ଦୃଷ୍ଟି ପକାନ୍ତି ନାହିଁ । ଦେବଦାରୁ ମନଦୁଃଖରେ ଥାଏ । ଧିରେ ଧିରେ ଦେବଦାରୁ ସୁନ୍ଦର, ଶକ୍ତ ଓ ସବୁଜ ପତ୍ର ଆଚ୍ଛାଦିତ ହୋଇ ବଢିବାକୁ ଲାଗିଲା । ଦେବଦାରୁକୁ ଲାଗି ଏକ ଝାଡ଼ି ସଦୃଶ ଗଛଟିଏ ଉଠି ତାର ଲତାକୁ ଦେବଦାରୁ ଆଶ୍ରାରେ ବଢାଇବାକୁ ଲାଗିଲା । ଲଟା ଗଛଟି କଣ୍ଟାଯୁକ୍ତ ହୋଇଥିବାରୁ କେହି ପଥିକ ଯଦି ଦେବଦାରୁ ଗଛ ମୂଳେ ଠିଆ ହୋଇଥିଲେ, ତାଙ୍କ ପୋଷାକ କଣ୍ଟାରେ ଲାଗି ଯାଉଥିଲା । ସତେ ଯେମିତି କାଗଜିଫୁଲର ଗଛ ସେମାନଙ୍କୁ ରୋକିବାକୁ ଚେଷ୍ଟା କରୁଛି । କାଗଜି ଫୁଲ ଚାହୁଁ ଚାହୁଁ ଅତି ଶୀଘ୍ର ବଢିବାକୁ ଲାଗୁଥାଏ ଓ ଗହଳିଆ ଲଟା ହୋଇ ଦେବଦାରୁ ଦେହରେ ଗୁଡାଇ ହୋଇ ରହିଥାଏ । ଦେବଦାରୁ ଓ କାଗଜିଫୁଲ ସତେ ଯେମିତି ଏକ ହୋଇ ପରସ୍ପରକୁ ଆଲିଙ୍ଗନ କରି ଠିଆ ହୋଇଛନ୍ତି । ଦୁହିଁଙ୍କ ଭିତରେ ସମ୍ପର୍କର ନିବିଡ଼ତା ଖୁବ୍ ବଢି ଯାଇଥିଲା । କିନ୍ତୁ କାଗଜିଫୁଲ ଏତେ ବ୍ୟଗ୍ରତାରେ ବଢୁଥିଲା ଯେ ସମ୍ପୂର୍ଣ୍ଣ ଦେବଦାରୁକୁ ଆଚ୍ଛାଦିତ କରିଦେଇଥିଲା । ଦୂରରୁ ଯେ କେହି ଦେଖୁଥିଲେ ଦେବଦାରୁର ନାମ ନ ନେଇ କାଗଜିଫୁଲର ଗଛ ବୋଲି ଭାବି ନେଉଥିଲେ, ଦେବଦାରୁର ଅସ୍ତିତ୍ୱ



ନଥିବା ପରି ମନେ ହେଉଥିଲା । ଦେବଦାରୁକୁ ଏସବୁ ଅପମାନବୋଧ ମନେ ହେଉଥିଲା, ମନେମନେ ଦେବଦାରୁ ଭାବିଲା: "କାଗଜି ଫୁଲର କ'ଣ ଯେ ପରିଚୟ ଅଛି ! କୋମଳତା ନାହିଁ କି ମହକ ନାହିଁ, ଲୋକମାନେ ରାସ୍ତାକଡ଼ରେ, ଘର ଚାରିକଡ଼ରେ ବାଡ଼ ବୁଜିବା କାମରେ ଉପଯୋଗ କରନ୍ତି, ଏତେ କଣ୍ଟା ତା ଦେହରେ ଯେ ଲୋକେ ପାଖକୁ ଯାଆନ୍ତି ନାହିଁ । ସେ ପୁଣି ମୋ ଅସ୍ତିତ୍ୱ ହଜେଇ ଦେଇଛି, ମୋର ଗୋଟେ ପତ୍ର ବି ବାହାରକୁ ଦେଖା ଯାଉନାହିଁ ।" ଖୁବ୍ ମନଦୁଃଖରେ ଦେବଦାରୁ ଭାବୁଥିଲା କେହି ଲୋକ ଆସି ଏ ଲଟାକୁ ଉପାଡ଼ି ଫୋପାଡି ଦିଅନ୍ତେ କି ? ନହେଲେ ମୋର କିଛି ପରିଚୟ ରହିବନି । କିଛି ଦିନ ଦୁଃଖରେ ଦିନ ବିତିବା ପରେ ଦେବଦାରୁ ଦେଖିଲା ଏକ ସୁନ୍ଦର ବାଇଗଣୀ ରଙ୍ଗର ଫୁଲ ତା ଦେହକୁ ଗୁଡ଼ାଇ ହୋଇ ରହିଛି । ଦେବଦାରୁ ଫୁଲର ସୌନ୍ଦର୍ଯ୍ୟ ଦେଖି ଖୁବ୍ ଖୁସି ହେଲା । ଦିନ ପରେ ଦିନ ଚାହୁଁ ଚାହୁଁ ଗଛଟି ଫୁଲରେ ଲଦି ହୋଇଗଲା ସତେ ଯେମିତି କାଗଜି ଫୁଲ ଦେବଦାରକୁ ତାର ବାଇଗଣୀ ରଙ୍ଗରେ ସଜେଇ ଦେଉଥିଲା । ଦେବଦାରୁ ମନରେ ଥିବା କ୍ରୋଧ, ଦୁଃଖ ଅପସରି ଗଲା । ସେ ପୁଣି କାଗଜିଫୁଲକୁ ପ୍ରେମ କରିବାକୁ ଲାଗିଲା । ସେ ରାସ୍ତା ଦେଇ ଯିଏ ଯାଉଥିଲେ, ବାଇଗଣି କାଗଜି ଫୁଲର ଆକର୍ଷକ ରୂପ ଦେଖି ଘଡ଼ିଏ ଠିଆ ହୋଇ ଯାଉଥିଲେ । ଦେବଦାରୁ ଯେତେଯେତେ ହୃଷ୍ଟପୁଷ୍ଟ ହୋଇ ବଢୁଥିଲା, ତା' ଦେହରେ ଗୁଡାଇ ହୋଇ କାଗଜିଫୁଲ ମଧ୍ୟ ଝଙ୍କାଳିଆ ହୋଇ ପୁଷ୍ପ ଆଚ୍ଛାଦିତ ହୋଇ ବଢିବାକୁ ଲାଗୁଥିଲା । ସତେ ଯେମିତି ଦେବଦାରୁ ଓ କାଗଜିଫୁଲ ପରସ୍ପରକୁ ଆଲିଙ୍ଗନ ମୁଦ୍ରାରେ ଦଣ୍ଡାୟମାନ ରହୁଥିଲେ । ଧିରେ ଧିରେ, ଲୋକମାନେ ଦେବଦାରୁ ଓ କାଗଜିଫୁଲର ଉପସ୍ଥିତ ସ୍ଥାନଟିକୁ ଗୋଟେ ଲ୍ୟାଣ୍ଡମାର୍କ ଭଳି ସୂଚିତ କରୁଥିଲେ । ଏହା ଦେଖି ଦେବାଦାରୁ ଖୁବ୍ ଖୁସି ହେଇଥିଲା । ଏଯାବତ୍ ଉତ୍ତରାଖଣ୍ଡର ଅଲ୍ମୋଡା ମାଲରୋଡରେ ସେହି କାଗଜି ଫୁଲ ଗଛ ଦେବଦାରୁର ପ୍ରେମିକା ପରି ତାକୁ ଜାବୁଡ଼ି ଧରି ରହିଛି ।



## ଔଷଧୀୟ ଉପଯୋଗରେ କାଗଜି ଫୁଲ

ପ୍ରକୃତିରେ ଏମିତି ବହୁତ ଫୁଲ ଅଛି ଯାହା ଘରୋଇ ଚିକିତ୍ସାରେ ପ୍ରୟୋଜନ ହୋଇଥାଏ ଓ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇଥାଏ । ସେମିତି ଏକ ଉପକାରୀ ଫୁଲ ହେଉଛି କାଗଜି ଫୁଲ । ଏହା ବିଭିନ୍ନ ରୋଗରୁ ଆରାମ ଦିଏ ଓ ଏହାର ଆକର୍ଷକ ରୂପ ମନକୁ ଶାନ୍ତି ପ୍ରଦାନ କରେ ।

**କାଶ** : ଡାଲଚିନି ସହିତ କାଗଜି ଫୁଲକୁ ମିଶାଇ ପାଣିରେ ଉଜ୍ଜ୍ୱଳ ରଙ୍ଗ ହେବାଯାଏ ଫୁଟାଯାଏ । ଏହାପରେ ଏହାକୁ କପଡ଼ରେ ଛାଣି ମହୁ ମିଶାଇ ଉଷୁମ ଉଷୁମ ପିଇଲେ କାଶ କମ୍ ହୋଇଥାଏ ।

**ସୁଗାର୍ ସ୍ତରରେ ସନ୍ତୁଳନ :** ସାମ୍ପ୍ରତିକ ଅନୁସନ୍ଧାନ ଅନୁଯାୟୀ କାଗଜି ଫୁଲର ପାଖୁଡାରୁ ପିନିଟୋଲ ମିଳିଥାଏ ଯାହା ଶରୀରରେ ଇନ୍‌ସୁଲିନ୍ ପ୍ରତିରୋଧକ ଭାବରେ କାର୍ଯ୍ୟ କରିଥାଏ । ଏହି କାରଣରୁ ଶରୀରରେ ସୁଗାର ସନ୍ତୁଳନ ଠିକ୍ ରହିଥାଏ । ମଧୁମେହ ରୋଗୀଙ୍କ ପାଇଁ ଏହା ଅତ୍ୟନ୍ତ ଲାଭଦାୟୀ ଅଟେ ।

**ହର୍ମୋନ ସ୍ତର :** ଟ୍ରାଇଫୋଲିୟମ ପ୍ରାଟେନ୍ସର ଉପର ଭାଗରୁ ଔଷଧ ତିଆରି କରାଯାଏ । ଏହି ଅଂଶରେ ଆଇସୋଫ୍ଲେଭୋନ୍ ଥାଏ ଯାହା ଶରୀରରେ ଫାଇଟୋ - ଇଷ୍ଟୋଜେନ୍‌ରେ ପରିଣତ ହୁଏ । ଏହା ଇଷ୍ଟୋଜେନ୍ ହରମୋନ ପରି କାମ କରେ । ଏହା ଶରୀରରେ କୋଲେଷ୍ଟ୍ରଲ କମ୍ କରିଥାଏ ଏବଂ ମେନୋପୋଜର୍ ସମସ୍ୟା ସହିତ ଲଢିଥାଏ ।

### ବେମାରୀର ଉପଚାର :

ନିୟମିତ ଭାବେ ପ୍ରତ୍ୟେକ ଦିନ କାଗଜିଫୁଲର ପାଉଡର ପାଣିରେ ମିଶାଇ ସେବନ କଲେ ରୋଗପ୍ରତିରୋଧକ ଶକ୍ତି ବଢେ । ଯେଉଁଥିପାଇଁ ଶରୀରକୁ ବିଭିନ୍ନ ରୋଗ ସହିତ ଲଢିବାକୁ ଶକ୍ତି ମିଳେ । ନିୟମିତ ସେବନ ଦ୍ୱାରା କ୍ୟାନସର୍, ହାଇ କୋଲେଷ୍ଟ୍ରଲ, ଆସ୍ଥମା, କବ୍ଜ, ସେକ୍ସୁଆଲ୍ ଟ୍ରାନ୍ସମୋଟେଡ୍ ଡିଜିଜ୍ ବା ଯୌନ ସଂକ୍ରମଣରୁ ଶରୀରକୁ ସୁରକ୍ଷା ମିଳିଥାଏ ।

କାଗଜି ଫୁଲରେ ଭରପୁର ପୋଷକ ତତ୍ତ୍ୱ ଓ ରୋଗ ପ୍ରତିରୋଧକାରୀ ଗୁଣ ରହିଛି, ଯାହା ଆମେ ଜାଣନ୍ତି ନାହିଁ । ଏଥିରେ ରହିଛି ଆଣ୍ଟି-କ୍ୟାନସର,ଆଣ୍ଟି-ବାୟୋଟେକ୍, ଆଣ୍ଟି-ମାଇକ୍ରୋବିଆଲ, ଆଣ୍ଟି- ଅକ୍ସିଡାଣ୍ଟ ଏବଂ ଆଣ୍ଟି-ଅଲସରର ଗୁଣ । କେବଳ ବଗିଚାର ସୌନ୍ଦର୍ଯ୍ୟ ପାଇଁ ନୁହେଁ ଏହା ମନକୁ ହାଲୁକା କରିବା ସହିତ ଶରୀର ପାଇଁ ମଧ୍ୟ ଖୁବ୍ ଉପଯୋଗୀ । ସେଥିପାଇଁ କାଗଜି ଫୁଲ (ବୁଗେନ୍‌ବେଲିଆ)କୁ ଗୁଆମ୍‌ର ଜାତୀୟ ଫୁଲ ମାନ୍ୟତା ଦିଆ ଯାଇଛି ।



ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



**ଜୟନ୍ତୀ ରଥ**
'ସାଇସୁଧା', ୩୬୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬

ଫଟୋ ସୌଜନ୍ୟ :ଲେଖିକା

# ୨୩ ପ୍ରଜ୍ଞାପୀଠରେ ତେତିଶ ବର୍ଷ

**'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



▲ ଲେଖିକା ଜୟନ୍ତୀ ରଥ

ପିତାମାତାଙ୍କର ସୁକୃତ ଥିଲେ ସନ୍ତାନମାନେ ସୁଖୀ ହୁଅନ୍ତି ବୋଲି ଯାହା କୁହାଯାଏ, ତାହା ସତ ବୋଲି ମର୍ମେମର୍ମେ ଅନୁଭବ କରିଛି ବେବି । ତା'ର ପାଞ୍ଚ ଭାଇ ସମାଜରେ ପ୍ରତିଷ୍ଠିତ ହେଲେ ତୁମେ ଅର୍ଜନ କଲେ । ସେ ନିଜେ ଅର୍ଥପୂର୍ଣ୍ଣ ଜୀବନ ଜିଇଁଲା ତା'ର ମୂଳରେ ଥିଲା ବାପା ଓ ବୋଉଙ୍କର ତ୍ୟାଗପୂତ ଜୀବନ ।

ବାପା ମାତ୍ର ୫୨ ବର୍ଷ ବୟସରେ ହୃଦ୍‌ଘାତରେ ଚାଲି ଯାଇଥିଲେ । ବ୍ୟାଙ୍କ୍ ବାଲାନ୍ସ ନଥିଲା । ବିସ୍ତାର ଭୂସମ୍ପତ୍ତି ନଥିଲ । ବୋଉ ପାଖେ ସମ୍ବଳ ଥିଲା ବାପଙ୍କ ସତ୍‌କର୍ମର ପୁଂଜି । ବହୁ ଗରିବ, ମେଧାବୀ ପିଲାଙ୍କୁ ବାପା ପାଠ ପଢ଼ିବାରେ ସାହାଯ୍ୟ କରିଥିଲେ । ବହୁ କର୍ମହୀନଙ୍କୁ କର୍ମସଂସ୍ଥାନ ଦେଇଥିଲେ । ଅତି ନିଷ୍ପାପର, ଛାତ୍ରବତ୍ସଳ ପ୍ରଧାନ ଶିକ୍ଷକ ଭାବରେ ତାଙ୍କର ସୁଖ୍ୟାତି ଥିଲା । କଠୋର ପରିଶ୍ରମୀ ଥିଲେ ବାପା । ଭୂଗୋଳ, ସାମାଜିକ ବିଜ୍ଞାନ, ନଗର ବିଜ୍ଞାନ ଉପରେ ସେ ଲେଖିଥିବା ବହି ଓଡ଼ିଶାର ବହୁ ବିଦ୍ୟାଳୟରେ ପାଠ୍ୟପୁସ୍ତକ ରୂପେ ଚଳୁଥିଲା । ପରବର୍ତ୍ତୀ କାଳରେ ପ୍ରଶାସନରେ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଛାତ୍ରଛାତ୍ରୀଙ୍କ ମୁହଁରୁ ବାପାଙ୍କ ଭୂୟସୀ ପ୍ରଶଂସା ଶୁଣି ବେବି ନିଜକୁ ଧନ୍ୟ ମଣୁଥିଲା ।

ବାପା ଓ ବୋଉ- ଏ ଦୁହେଁ ତା'ପାଇଁ ମହାର୍ଘ ପ୍ରାପ୍ତି । ଜୀବନର ସେ କିଛି ପାଇଟି ତା' ପଛରେ ବାପା ବୋଉଙ୍କର ଆଶୀର୍ବାଦ ଅଛି ବୋଲି ସେ ଅନୁଭବ କରିଛି ।

ସେ ଚେକଭ୍, ଟୁର୍ଗନେଭ୍, ଡଷ୍ଟୋଭସ୍କି, ଟଲଷ୍ଟୟ ବାଟ ଦେଇ ବିଦେଶୀ ସାହିତ୍ୟ ଭିତରେ ପ୍ରବେଶ କରିଛି- ସେ ଶ୍ରେୟ ବାପାଙ୍କ ପାଖକୁ ଯିବ ।

ସେ ପୁରାଣ, ଭାଗବତ, ଗୀତାର ମଂଜକୁ ଛୁଇଁଛି ତାହା ବୋଉର ଅବଦାନ ।

ସ୍ୱଭାବ କବି ଗଙ୍ଗାଧର, ଭକ୍ତକବି ମଧୁସୂଦନ, ପଲ୍ଲୀକବି ନନ୍ଦକିଶୋର, କବିବର ରାଧାନାଥ, ଗୋପବନ୍ଧୁ, କାଳିନ୍ଦୀ ଚରଣ, କୁନ୍ତଳା କୁମାରୀ, ପ୍ରେମିକ କବି ମାନସିଂହ, ଅନନ୍ତ ପଟ୍ଟନାୟକ, ବୈକୁଣ୍ଠ ପଟ୍ଟନାୟକ, କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତି, କାହ୍ନୁଚରଣ, ଗୋପୀନାଥ, ମନୋଜ ଦାସ, ଚନ୍ଦ୍ରଶେଖର ରଥ, ମହାପାତ୍ର ନୀଳମଣି ସାହୁ, ଓଡ଼ିଆ ସାହିତ୍ୟର ଏହି ଦିଗ୍‌ଗଜମାନଙ୍କର ଛାୟାରେ ଚାଲିଛି ।

ସେଥିପାଇଁ ଏ ଦୁହିଁଙ୍କ ସହିତ ଥିଲା ଆଉ ଜଣଙ୍କର ପ୍ରେରଣା । ସେ ହେଉଛନ୍ତି ତା'ର ବଡ଼ଭାଇ ଡାକ୍ତର ସଚ୍ଚିଦାନନ୍ଦ ପଣ୍ଡା । ବୃତ୍ତିରେ କର୍ଣ୍ଣ, ନାସା, ଗଳା ବିଶେଷଜ୍ଞ, ମାତ୍ର ସାହିତ୍ୟରେ ତାଙ୍କ ଗଭୀର ଅନୁରାଗ । ସବୁବେଳେ କଥା ଛଳରେ ବେବିକୁ କହନ୍ତି- "ବହୁତ ପଢ଼େ । ପଢ଼ିବା ପରେ ଲେଖିଲେ ଲେଖାର ଭିତ୍ତି ମଜବୁତ ହେବ ।"

'ନୀଳଶୈଳ', 'ଅନ୍ଧଦିଗନ୍ତ', 'ଶତାବ୍ଦୀର ସୂର୍ଯ୍ୟ', 'ଧୂମ୍ରାଭ ଦିଗନ୍ତ', 'ଯନ୍ତ୍ରାରୂଢ଼', 'ଅସୂର୍ଯ୍ୟ ଉପନିବେଶ', 'ମାଟିମଟାଳ', '୦ଃ ଅନ୍ଧଗଳି', 'ଅଭିଶପ୍ତ ଗନ୍ଧର୍ବ', 'ନର କିନ୍ନର'...ଓଡ଼ିଆ ସାହିତ୍ୟର ଏଇ ଅମୂଲ୍ୟ ଗ୍ରନ୍ଥଗୁଡ଼ିକ ବଡ଼ ଭାଇ ତାକୁ ଉପହାର ଦେଇଥିଲେ ।

ରାଜ୍ୟ ସଂଗ୍ରହାଳୟରୁ ବାପୁଜୀ ନଗର ପ୍ଲଟ୍ ନଂ ୧୧୫- ବାଟ ଗୋଟାଏ କି.ମି. ହେବ କି ନାହିଁ । ତା'ର ଅଫିସ୍ ସରିବା ସମୟକୁ ବୋଉ ଅପେକ୍ଷା କରି ବସିଥାଏ । ଲଗାତର ଦୁଇ ତିନି ଦିନ ନଗଲେ ଅସ୍ଥିର ହୋଇ ପଡ଼େ । ଝରକା ବାଟେ ସ୍ନେହମୟୀ ବୋଉର ଦି'ଟି ଆଖି ତାକୁ ଅପେକ୍ଷା କରିଥାଏ । ସେଇ ଅପେକ୍ଷାର ଟାଣକୁ ଏଡ଼େଇ ପାରେନା ବେବି ।

ରିକ୍ସାବାଲାକୁ ଦେବା ପାଇଁ ରେଜା ପଇସା ଜମେଇ କରି ରଖିଥାଏ ବୋଉ । କହେ ଏଇ ପଇସାକୁ ଅଲଗା କରି ରଖେ ଖାଲି ରିକ୍ସା ଭଡ଼ା ପାଇଁ । 'ମୋ ପାଖେ ଅଛି ଥାଉ' କହି ବୋଉର କଥାକୁ ଟାଳି ଦେବାକୁ ଚାହେଁ । ରେଜା ପଇସା ବ୍ୟାଗରୁ ଅଣ୍ଡାଳି ରିକ୍ସା ବାଲାକୁ ଦେବାକୁ ଯେତିକି ଡେରି ହୁଏ ସେତିକି ଡେରି ସମ୍ଭାଳି ପାରେନି ବୋଉ ।

ମାଆର ମନ । ଆଜିକାଲି ଆଉ ଚାରି ଅଣା, ଅଣା ଚଳେନି । ବୋଉ ତା' ରିକ୍ସାଭଡ଼ା ପାଇଁ ରେଜା ଚାରିଅଣା, ଆଠଅଣା,ଟଙ୍କିଆ, ଦୁଇଟଙ୍କିଆ, ପାଞ୍ଚଟଙ୍କିଆ ମୁଦ୍ରା ଜମେଇ ରଖୁଥିଲା । ଖାଲି ରିକ୍ସା ଭଡ଼ା ପାଇଁ ନୁହେଁ, ସାଙ୍ଗ ହୋଇ ମନ୍ଦିର ଗଲାବେଳେ ବୋଉ ତା' ପର୍ସରେ ଅଲଗା ମୁଣିରେ ରେଜା ପଇସା ନେଇଥାଏ । ସବୁ ଦେବଦେବୀଙ୍କ ପାଖରେ ଥିବା ଥାଳିରେ, ହୁଣ୍ଡିରେ ପକେଇବାକୁ ତା' ହାତକୁ ପଇସା ବଢ଼େଇ ଦିଏ । ମନ୍ଦିର ଆଗରେ ବସିଥିବା ଭିକାରୀମାନଙ୍କ ଆଗରେ ମୁହଁ ଟେକି ଚାଲି ଯିବାକୁ କେବେ ବି ଛାଡ଼ି ଦେଇନାହିଁ ବୋଉ । 'ଯେତିକି ସାଧ୍ୟ ଅଛି ଦିଅ- ଦେଉଥାଅ ଶେଷ ପର୍ଯ୍ୟନ୍ତ ।' ଏଇଥିଲା ବୋଉର ଜୀବନ ଦର୍ଶନ ।



ଘରେ ଅଧିକାଂଶ ଦିନ ଚକୁଳି ପିଠା, ଚିତଉ ପିଠା, ଏଣ୍ଡୁରି ପିଠା, ଜଳଖିଆ, ତରକାରୀ, ଦହିକଡ଼ି, ଯେତେ ଥିଲେ ବି ପିଠାସହ ଲଗେଇ ଖାଇବାକୁ ବେବି ଗୁଡ଼ ନହେଲେ ମହୁ ଖୋଜେ । ବାହାରେ ମହୁ ନଥିଲେ ବୋଉ ଠାକୁରଙ୍କ ଘରୁ ମହୁ କାଢ଼ି ତାକୁ ଦିଏ ।

ଜଳଖିଆ ଖାଇ ସାରିବା ପରେ ଅଧିକାଂଶ ଦିନ ବୋଉ ପାଇଁ ସେ ସୁର କରି ଭାଗବତ ଅଧ୍ୟାୟେ, ଦି ଅଧ୍ୟାୟ ପଢ଼େ । ବୋଉ ମନ ଦେଇ ଶୁଣେ । ତା'ପରେ ବୋଉକୁ ଶୁଣାଏ ସେ ପଢ଼ିଥିବା ବହିରୁ ନୂଆ ତଥ୍ୟ ବିଷୟରେ, ସେ ଭେଟିଥିବା ନୂଆ ମଣିଷଙ୍କ ବିଷୟରେ ।

ବାଙ୍ଗାଲୋରରୁ ଆସିଥିଲେ ଏ. ଯମୁନା ନାମରେ ଜଣେ ଗବେଷିକା । ଅତି ସୁନ୍ଦରୀ କର୍ଣ୍ଣାଟକର ଊନବିଂଶ / ବିଂଶ ଶତାବ୍ଦୀର ମହିଳା ସମାଜସେବୀମାନଙ୍କ ଉପରେ ତାଙ୍କର ନିବନ୍ଧ ଉଚ୍ଚ ପ୍ରଶଂସିତ ହୋଇଥିଲା । ପରେ ପରେ ସେ କର୍ଣ୍ଣାଟକର (ଊନବିଂଶ ଶତାବ୍ଦୀର) ବିଧବା ନାରୀ ଲେଖିକାମାନଙ୍କ ଉପରେ ସ୍ୱତନ୍ତ୍ର ନିବନ୍ଧ ପ୍ରସ୍ତୁତ କରୁଥିଲେ ।

ବେବି ତାଙ୍କୁ ପଚାରିଥିଲା : କେବଳ ବିଧବା ଲେଖିକା କାହିଁକି ?

: ଜୀବନର ଅଧାରୁ ଅଧିକ ବିଧବା ନାରୀର ଦୁଃଖ ଦୃଶ୍ୟ ହୁଏନା । ମଧ୍ୟବିତ୍ତ / ନିମ୍ନ ମଧ୍ୟବିତ୍ତ ପରିବାରରେ ସେମାନଙ୍କ ସ୍ଥିତି ବଡ଼ ଦୁଃଖଦ । ସେଇ ଦୁଃଖ ସହିତ ଯେ ସେମାନେ ଲେଖନୀକୁ ଜୀବନର ବ୍ରତ କରିଛନ୍ତି । ସେଇମାନଙ୍କ କଥା ଆମେ ନ ଲେଖିଲେ କିଏ ଲେଖିବ ।

ଏଇ ଥିଲା ଯମୁନାଙ୍କ ଉତ୍ତର, ବୋଉ ଦଣ୍ଡେ ଚୁପ୍ ହୋଇଗଲା ବେବିର କଥା ଶୁଣି । ତା'ପରେ କହିଲା, "ଭାରି ଭଲ କାମଟିଏ ହାତକୁ ନେଇଚି ସେ ଝିଅ । ତା' ସଙ୍ଗେ କେବେ କଥା ହେଲେ ମୋର ଆଶୀର୍ବାଦ କରିବୁ ।"

ଥରେ ଆସିଥିଲେ ଚୂଡ଼ାମଣି ନନ୍ଦଗୋପାଲ୍ । ପ୍ରଖ୍ୟାତ ନୃତ୍ୟଶିଳ୍ପୀ । ମନ୍ଦିରରେ ବ୍ୟବହୃତ ବାସନକୁସନକୁ ନେଇ ସେ ପ୍ରସ୍ତୁତ କରୁଥିଲେ ଗବେଷଣାତ୍ମକ ନିବନ୍ଧ । ବେବି ତାଙ୍କୁ ସାଙ୍ଗରେ ନେଇ ରାଜାରାଣୀ ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର, ଖଣ୍ଡଗିରି, ଉଦୟଗିରି ବୁଲେଇଥିଲା । ମନ୍ଦିର ଗାତ୍ରରେ, ଗୁମ୍ଫା ଗାତ୍ରରେ ବି ସେ ଖୋଜୁଥିଲେ ବାସନର ଚିତ୍ର । ବେବି ତାଙ୍କୁ ଦେଖେଇଥିଲା ରାଜ୍ୟ ସଂଗ୍ରହାଳୟର ସଂରକ୍ଷିତ ଚକଲଗା ପାନପାତ୍ର । ଓଡ଼ିଶାର ସମ୍ଭ୍ରାନ୍ତ ପରିବାରରେ ବ୍ୟବହୃତ ଅଷ୍ଟଦଳ ଏବଂ ପତ୍ର ବିଶିଷ୍ଟ କଂସା, ପିତଳର ଭୋଜନ ପାତ୍ର- ମଝିରେ ଅନ୍ନ ଓ ଚାରିପାଖରେ ବ୍ୟଞ୍ଜନ ରଖିବା ଭଳି ଗଢ଼ଣ । ଚୂଡ଼ାମଣି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଅଭିଭୂତ ହୋଇଯାଇଥିଲେ କହିଥିଲେ- "ଆପଣ କେତେ ଧନୀ...ଏଠି ପଥରରେ ସୁନ୍ଦର ଫୁଲପତ୍ର କଂସା, ପିତଳ, ତାରକସିରେ ସୁନ୍ଦର ଫୁଲ, ପତ୍ର । ଏଇ ସୁନ୍ଦର ବାସନରେ ଜଣେ ଖାଇବ କେମିତି ।" ବେବି ଠାରୁ ଏ କଥା ଶୁଣିଲା ବେଳେ ବୋଉ ବାସନ ଥାକରେ ତାର ଫାନ୍ଦ ଥିବା ଗିନା, ବଇଠି ଲଗା ଗିନା ସଜାଡ଼ି ରଖୁଥିଲା । ବୋଉ କହେ ଓଡ଼ିଆ ଘରର ପରମ୍ପରାର ପ୍ରତୀକ କଂସାବାସନ । ଶେଷ ପର୍ଯ୍ୟନ୍ତ ସେ କଂସାବାସନ ପଥର କାଠୁଆରେ ଖାଉଥିଲା । ବାସନକୁ ପୋଛାପୋଛି କରି ରଖିଲା ବେଳେ କହୁଥିଲା- "ଏମାନେ ବି ନିଜ ନିଜ ଭିତରେ ରୁଷାରୁଷି, ହସାହସି ହୁଅନ୍ତି ।"

"ଯେତେବେଳେ ଯେଉଁ କାମଟା କରିବ ମନ ଲଗେଇ କରିବ । ତାହେଲେ ତମ କାମଟା ସୁନ୍ଦର ହେବ ।" କହେ ବୋଉ । ବେବିର ଅଲକ୍ଷ୍ୟରେ ବୋଉ ତା'ର ଗୁରୁ ପାଲଟି ଯାଇଥିଲା । ତାର ପ୍ରଶ୍ନର ଅନ୍ତ ନଥିଲା ।

ପ୍ରାଚୀନ ନାରୀ କବିଙ୍କ ବିଷୟରେ ପାଇଥିବା ତଥ୍ୟ ତା'ଠାରୁ ଶୁଣିବାକୁ ଭାରି ଭଲ ପାଉଥିଲା । ବୋଉର ଜ୍ଞାନ ପିପାସା, ଜିଜ୍ଞାସା ବେବିକୁ ଉଚ୍ଚାଟିତ କରୁଥିଲା ଅଧିକରୁ ଅଧିକ ପଢ଼ିବା ପାଇଁ । ସେ ଜାଣିଥିଲା ଲୋପାମୁଦ୍ରା, ଅପାଲା, ରେମଶା, ବିଶ୍ୱବାରା, ଘୋଷା, ଇନ୍ଦ୍ରାଣୀ, ସାବିତ୍ରୀ, ଗାର୍ଗୀ, ମୈତ୍ରେୟୀ, ସୁଜାତା, ସଂଘମିତ୍ରା, ଜୁହୁ, ଶାଶ୍ୱତୀ, ରେବା ପ୍ରଭୃତି ନାରୀ ଋଷି ବ୍ରହ୍ମବାଦିନୀମାନଙ୍କର ଜ୍ଞାନ ଗାରିମାରେ ବିଶାଳ ବୈଦିକ ସାହିତ୍ୟ ଋଦ୍ଧିମନ୍ତ । ବେଦର ପରବର୍ତ୍ତୀ ସଂସ୍କୃତ ସାହିତ୍ୟକୁ ଶୀଳା, ବିଜୟାଙ୍କା, ସୁଭଦ୍ରା, ପ୍ରଭୁଦେବୀ, ଇନ୍ଦୁଲେଖା, କୁନ୍ତୀ ଦେବୀ, ସୀତା, ଭାବଦେବୀ, ପ୍ରିୟଂବଦା, ବୈଜୟନ୍ତୀ, ତ୍ରିବେଣୀ, ଜ୍ଞାନସୁନ୍ଦର, କାମାକ୍ଷୀ ଆଦି ବିଦୂଷୀ ନାରୀ କବିମାନଙ୍କର ପ୍ରଭୂତ ଅବଦାନ ରହିଛି । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ବହୁ ପ୍ରତିଭାଶାଳିନୀ କବି ଥିଲେ । ରାଜକନ୍ୟା ଓ ରଣୀମାନେ ରକ୍ଷଣଶୀଳତାର ଅର୍ଗଳ ଡେଇଁ ନିଜର ନାମ ପ୍ରକାଶ କରିନାହାନ୍ତି ସ୍ୱରଚନାରେ । ସେମାନେ ପିତା ବା ନିଜର ପତିଙ୍କ ନାମ ମାଧ୍ୟମରେ ନିଜର ପରିଚୟ ଦେଇଛନ୍ତି । 'ଶଶିସେଣା' କାବ୍ୟର ରଚୟିତା ନିଜକୁ ନରେନ୍ଦ୍ର ନାରୀ, ନରେନ୍ଦ୍ର ତରୁଣୀ, ନରେନ୍ଦ୍ର ଯୁବତୀ- ଏହିଭଳି ଅଭିହିତ କରିଛନ୍ତି ।

ଷୋଡ଼ଶ ଶତାବ୍ଦୀରେ ପଞ୍ଚସଖା ମଧ୍ୟରେ ଅଗ୍ରଗଣ୍ୟ ସନ୍ଥକବି ଅଚ୍ୟୁତାନନ୍ଦଙ୍କ ପତ୍ନୀ ସ୍ୱାମୀଙ୍କ ପଦାଙ୍କ ଅନୁସରଣ କରି ଶୂନ୍ୟ ତତ୍ତ୍ୱ, ବ୍ରହ୍ମ ତତ୍ତ୍ୱ, ପିଣ୍ଡ ବ୍ରହ୍ମାଣ୍ଡ ଉପରେ କାବ୍ୟ/କବିତା ରଚନା କରୁଥିଲେ । ସ୍ୱରଚିତ କାବ୍ୟରେ ସେ ନିଜକୁ ଅଚ୍ୟୁତ ବାମା ବୋଲି ଅଭିହିତ କରିଛନ୍ତି । ତାଙ୍କ ସମସାମୟିକ ଆଉ ଜଣେ ବ୍ରହ୍ମବାଦିନୀ କବି ପିଲାବାଇଙ୍କ ରଚନା ମଧ୍ୟ ଉପଲବ୍ଧ । କବିତାର ଭଣିତିରେ କେହି ନିଜକୁ ରାହାସ ନୃପନନ୍ଦିନୀ, ରଘୁନାଥ ସୁର ନୃପଜେମା ଉଲ୍ଲେଖ କରିଛନ୍ତି । 'ପଦ୍ମାବତୀ ଅଭିଳାଷ' କାବ୍ୟର ସ୍ରଷ୍ଟା ନାମ ଉଲ୍ଲେଖ ନକରି ନିଜକୁ ନିଃଶଙ୍କ ରାୟରାଣୀ ଭାବେ ପରିଚୟ ଦେଇଛନ୍ତି । ସେ ବୁଢ଼ାରଶିଙ୍ଗୀ ରାଜବଂଶର କନ୍ୟା ଥିଲେ ।

କେତେ ନାରୀ କବିଙ୍କ କୃତିରେ ସମୁଜ୍ଜଳ ହୋଇଛି ଓଡ଼ିଆ ସାହିତ୍ୟ । କେହି ଶୁଭ ନିମିତ୍ତ କର୍ମ ପାଇଁ ମଙ୍ଗଳଗୀତି ଲେଖିଛନ୍ତି ତ କେହି ଗୀତ ଆକାରରେ ଚିଟାଉ ଲେଖିଛନ୍ତି । ବଡ଼ ମର୍ମସ୍ପର୍ଶୀ ଚିଟାଉ ଗୀତର ସ୍ୱର ।

ପିଲାଦିନେ ରେଡ଼ିଓ (ଆକାଶବାଣୀ କଟକ କେନ୍ଦ୍ର)ରୁ ସେ ବହୁତ ଗୀତ ଶୁଣୁଥିଲା । ସେଥିରୁ ଗୋଟିଏ ଭଜନ ଥିଲା-

"ଜଗବନ୍ଧୁ ନାଥଙ୍କୁ ଯେ ମୁରୁଛି ନହୋଇ<br>
ଯେଣିକି ଚାହିଁଲେ ତେଣେ ଶ୍ରୀମୁଖ ଦିଶଇ<br>
ଧନ୍ୟ ତାଙ୍କ ଚକା ଆଖି ମନ ରହିଯାଏ ଲାଖି<br>
ବାହୁ ଟେକିଛନ୍ତି ଦୁଃଖୀ ତାରିବା ପାଇଁ ।"

ଏଇ ଭଜନଟିକୁ ଘୋଷକ ବରାବର କହୁଥିଲେ ପୁରାତନ ରଚନାରୁ । ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)ଙ୍କ ଲିଖିତ ପୁସ୍ତକ ପଢ଼ିବା ପରେ ଜାଣିଲା ଯେ ଏ ଭଜନର ରଚୟିତା କବି କଳ୍ପଲତା ଜେମା ।

ଆଠଗଡ଼ ରାଜବଂଶର ଜଣେ ନବ ବିବାହିତା ମହିଷୀ ସ୍ୱାମୀଙ୍କର ଅଣହେଳା ଯୋଗୁଁ ଦୁଃଖ ଜର୍ଜରିତ ହୋଇ ଶ୍ରୀଛାମୁଙ୍କ ନିକଟକୁ ଲେଖିଛନ୍ତି:

ରୁଚୁ ନାହିଁଟି ଦିବ୍ୟ ସରୁ ଆହାର

ବରଜି ଦେଲି ଫୁଲ ବନ ବେହାର
\+ + + +
କହୁଚି ଶୁଣ ଆହେ ମୋ ଗୁଣମଣି
ବେଶ୍ୟା ସାଙ୍ଗରେ ପଡ଼ି ନାଶ ଗଲେଣି
ସତୁରି ଟଙ୍କା ପାଟ ବେଶ୍ୟା ଭାଜନ
ପନ୍ଦର ଟଙ୍କା ପାଟରାଣୀ ଶୋଭନ ।"

ଦିବ୍ୟସିଂହ ଦେବ (୪ର୍ଥ)ଙ୍କ ରାଣୀଙ୍କର ସେଇ ବେଦନାତୁର ଭାଷା ବେବି ପଢ଼ିଥିଲା । ବୋଉକୁ ଶୁଣେଇବା ପାଇଁ । ଦୁଷ୍କୃତି, ଔଦ୍ଧତ୍ୟ, ବିଧିଗର୍ହିତ କାର୍ଯ୍ୟ ଯୋଗୁଁ ଇଂରେଜ ସରକାର ଦିବ୍ୟସିଂହଙ୍କୁ ମେଦିନୀପୁର ଜେଲ୍‌ରେ ଅବରୁଦ୍ଧ କରି ରଖିଥିଲେ । ଅଳ୍ପବୟସୀ ରାଣୀଙ୍କୁ ଚତୁର୍ଦ୍ଦିଗ ଦିଶୁଥିଲା ଅନ୍ଧକାରମୟ । ବିଚ୍ଛେଦ ଜ୍ୱାଳାରେ ଦଗ୍ଧୀଭୂତ ହୋଇ ଲେଖିଲେ:

"ଚାରୁ ଯଉବନ ମୋର
ଯୁବାକାଳେ କାନ୍ତ ହେଲ ଅନ୍ତର
ହେ ଜଗବନ୍ଧୁ ରହିଲ ମେଦିନିପୁର
ଘରୁ ଯେତେବେଳେ ଗଲେ
ଚରଣ ଧରି ମୁଁ ପଡ଼ିଲି ତଳେ
ହେ ଜଗବନ୍ଧୁ ନାହିଁ ନାସ୍ତି ମୋତେ କଲେ

ଉଇଁ ଆସୁଥିଲେ ଜହ୍ନ
ନିଶା ରାତିରେ ଦେଖିଲି ସ୍ୱପନ
ଛନଛନ ମନ ହେଲା
ନବଯଉବନ ବିଅର୍ଥେ ଗଲା
ହେ ଜଗବନ୍ଧୁ
ତୁମକୁ ସାହେବ ନେଲା
ଅଣ ଆୟତ୍ତ ମୋହର
ଯେଉଁଦିନ ଗଲେ ମେଦିନୀପୁର
ହେ ଜଗବନ୍ଧୁ ଚିତ୍ତ ମୋହର ଅଧୀର
ତାରା ନକ୍ଷତ୍ର ଝଲିଣ
ସୁବର୍ଣ୍ଣବାହୀ ମୋ ଦିଶେ ମିଳନ
ହେ ଜଗବନ୍ଧୁ ଯୋଉଦିନୁ ଗଲେ ରାଜନ ।"

ସ୍ୱାମୀ ସୋହାଗରୁ ବଞ୍ଚିତା ଅନ୍ତଃପୁରବାସିନୀ ସେଇ ରାଣୀଙ୍କର ଅନ୍ତର ବେଦନା ବୋଉକୁ ଦ୍ରବୀଭୂତ କରି ଦେଉଥିଲା । ବୋଉ ଆଖିରୁ ଝରୁଥିବା ଲୁହ ବେବିକୁ ଅନୁପ୍ରାଣିତ କରିଥିଲା ନାରୀ କବିମାନଙ୍କ ବିଷୟରେ ଅଧିକରୁ ଅଧିକ ଜାଣିବା ପାଇଁ । ପଢୁ ପଢୁ ସେ ପାଇଲା 'ମଙ୍ଗଳଗୀତି' ଲେଖିଥିବା ଶିବପ୍ରିୟା ଜେମାଦେଈ, ମନୋରମା ଜେମାଦେଈ, କୃଷ୍ଣପ୍ରିୟା ଜେମାଦେଈ, ରାଜମଞ୍ଜ ଜେମାଦେଈ, ମରକତମଣି ଜେମାଦେଈ, ନୟନମାଳା ଜେମାଦେଈ, କ୍ଷୀରୋଦମାଳୀ ଜେମାଦେଈ ପ୍ରଭୃତି ବହୁ ନାରୀକବିଙ୍କ ନାମ ।

"କଳାକାହ୍ନୁ କୁହୁକ ଜାଣେ
ଯେଣିକି ଚାହିଁଲେ ଦିଶଇ ତେଣେ
ଅନ୍ତରେ ପଶଇ
ଅଙ୍ଗେ ନ ମିଶଇ
ଆଖିରେ ନାଚଇ
ଲୁଚଇ କୋଣେ ।"



ଆଗରୁ ବହୁ ବାର ଶୁଣିଥିବା ଏଇ ଗୀତଟି ରଚନା କରିଥିଲେ ସୂର୍ଯ୍ୟମଣି ଜେମା । ସଂଗ୍ରହାଳୟ ଲାଇବ୍ରେରୀରେ ସଂରକ୍ଷିତ 'ପୌରୁଷ' ପତ୍ରିକାରେ ପ୍ରକାଶିତ ପ୍ରମିଳା ମିଶ୍ରଙ୍କ ଲିଖିତ 'ପ୍ରାଚୀନ ଓଡ଼ିଆ ସାହିତ୍ୟରେ ନାରୀକବି' ପଢୁ ପଢୁ କେତେ ଅଜ୍ଞାତ ନାରୀ ପ୍ରତିଭାଙ୍କ ସଂପର୍କରେ ସେ ଜାଣିବାକୁ ପାଇଲା । ବିଂଶ ଶତାବ୍ଦୀରେ ସତୁରୀ ଦଶକରେ ବହୁଳ ପ୍ରସାରିତ ଓଡ଼ିଆ ପତ୍ରିକା 'ପୌରୁଷ'ରେ ଧାରାବାହିକ ଭାବ ଏଇ ଶୀର୍ଷକରେ ତାଙ୍କ ପ୍ରବନ୍ଧମାନ ପ୍ରକାଶ ପାଉଥିଲା । ଘର ଜଞ୍ଜାଳରେ ବ୍ୟସ୍ତ ରହି ବିଶେଷ କିଛି ଲେଖାଲେଖି କରି ପାରିଲେ ନାହିଁ ବୋଲି ପ୍ରମିଳା ନାନୀ ସବୁବେଳେ ମନଦୁଃଖ କରନ୍ତି । ତେବେ ସମୁଦାୟ ଯେତିକି ପ୍ରବନ୍ଧ ସେ ରଚନା କରିଥିଲେ ସେସବୁକୁ ଏକାଠି କରି ସଙ୍କଳନଟିଏ ପ୍ରକାଶ କରିବାରେ ସେ ମନ ଦେଲେ ନାହିଁ ।

ପ୍ରମିଳା ମିଶ୍ରଙ୍କ ପ୍ରବନ୍ଧ ନପଢ଼ିଥିଲେ କୁଙ୍କୁମ ଦାସୀ, ହରିପ୍ରିୟା ଦାସୀ, ଦୈବତ ଦେଇ ଏବଂ ଉପରୋକ୍ତ ନାରୀକବିଙ୍କ ନାମ ତା'ର ଅଗୋଚର ରହିଥାନ୍ତା ।

ଡ. ଜାନକୀ ବଲ୍ଲଭ ମହାନ୍ତିଙ୍କ ଓଡ଼ିଆ ଗୀତ ସଂକଳନ, ପଣ୍ଡିତ ନୀଳମଣି ମିଶ୍ରଙ୍କ ଓଡ଼ିଆ ଭଜନ ଓ ଆହୁରି ବହୁ ପୋଥି ଅଧ୍ୟୟନ କରି ଏହି ସୁଦୀର୍ଘ ପ୍ରବନ୍ଧ ପ୍ରସ୍ତୁତ କରିଛନ୍ତି ଶ୍ରୀମତୀ ମିଶ୍ର ।

**ଲେଖିକାଙ୍କ ବଡ଼ଭାଇ ଡାକ୍ତର ସଚ୍ଚିଦାନନ୍ଦ ପଣ୍ଡା**



ଓଡ଼ିଶାର ପ୍ରାଚୀନ ନାରୀ କବିଙ୍କ ମଧ୍ୟରେ ସବୁଠାରୁ ଅଧିକ ଚର୍ଚ୍ଚିତା ମାଧବୀ ଦାସୀ ଏବଂ ବୃନ୍ଦାବତୀ ଦାସୀ ।

ସଂପର୍କୀୟ ରାୟ ରାମାନନ୍ଦଙ୍କ ଅନୁରୋଧ କ୍ରମେ ଶ୍ରୀ ଚୈତନ୍ୟ ମହାପ୍ରଭୁ ମାଧବୀଙ୍କୁ କୁଣ୍ଠିତ ଚିତ୍ତରେ ଅର୍ଦ୍ଧେକ ଶିଷ୍ୟା ଭାବରେ ଗ୍ରହଣ କରିଥିଲେ । ନିଜ ପ୍ରତିଭାର ପରାକାଷ୍ଠାରେ ମାଧବୀ ପୁରୁଷ ପ୍ରଧାନ ସମାଜରେ ଉଜ୍ଜ୍ୱଳ ନକ୍ଷତ୍ର ପରି ଝଲସି ଉଠିଥିଲେ । ପୁରୀ ଜିଲ୍ଲା ବ୍ରହ୍ମଗିରି ଶାସନର ବେଷ୍ଟପୁର ଗ୍ରାମରେ ଜନ୍ମିତା ମାଧବୀ ବାଲ୍ୟ ବିଧବା ଥିଲେ । ବୈଷ୍ଣବ ଧର୍ମରେ ଦୀକ୍ଷିତା ହେବା ପରେ ସେ ଓଡ଼ିଆ ବଙ୍ଗଳା ବ୍ରଜବୋଲି ଭାଷାରେ ରାଶି ରାଶି ଭକ୍ତିଗୀତ ରଚନା କରିଥିଲେ । ଶ୍ରୀଚୈତନ୍ୟଙ୍କ ଅନ୍ୟତମ ପ୍ରିୟ ଶିଷ୍ୟ ଛୋଟା ହରିଦାସ ମାଧବୀଙ୍କ ପ୍ରତି ଆକୃଷ୍ଟ ହେବା ଜାଣି, ଶ୍ରୀଚୈତନ୍ୟ ତାଙ୍କୁ ଧିକ୍କାର କରିଥିଲେ । ଅପମାନରେ ଜର୍ଜରିତ ହୋଇ ଛୋଟା ହରିଦାସ ଗଙ୍ଗାରେ ଝାସ ଦେଇ ଆତ୍ମହତ୍ୟା କରିଥିଲେ । ପ୍ରେମ ବଞ୍ଚିତା ହେଲେ ହେଁ ମାଧବୀ ପଥଚ୍ୟୁତା ହୋଇନଥିଲେ । ଗୁରୁଦ୍ରୋହୀ ହୋଇ ନଥିଲେ ।

# ହସଖୁସିର ପରିବାର - ୩୭

ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।



**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଳୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

### ସମସ୍ୟା: ୧

ମୁଁ କଲେଜରେ ପଢ଼ିଲାବେଳେ, ମୋ କ୍ଲାସ୍‌ର ଗୋଟେ ଝିଅକୁ ଭଲ ପାଉଥିଲି । ଆମର ଭଲପାଇବା ପାଇଁ ଉଭୟଙ୍କ ଘରେ କେହି ରାଜି ନ ଥିଲେ । ତଥାପି ଆମ ଭିତରେ ଭଲ ପାଇବା ଏତେ ଥିଲା ଯେ ବିବାହ କରିବୁ ବୋଲି ସ୍ଥିର କରିଥିଲୁ । ଆମେ ଦୁଇ ଜଣ ଭଲ ପଢୁଥିଲୁ । ତେଣୁ ପାଠପଢା ସରୁ ସରୁ ଆମକୁ ଚାକିରି ମିଳିଗଲା । ତାପରେ ଆମେ ନିଜ ଇଛାରେ ଘରେ କାହାରି କଥା ନ ଶୁଣି ବାହା ହେଇଗଲୁ । ବାହାଘର ପରେ ଦୁହେଁ ବହୁତ ଖୁସିରେ ଥିଲୁ । ପ୍ରାୟ ବର୍ଷେ ଯାଏ ସବୁ ଠିକ୍‌ଠାକ୍ ଚାଲିଥିଲା । ମୋ ଅଫିସ୍‌ରେ କିଛି ଅସୁବିଧା ଯୋଗୁଁ ମୁଁ ଚାକିରୀ ଛାଡ଼ିଦେଲି । ଦୁଇ ମାସ ପରେ ମୋ ସ୍ତ୍ରୀ ବି ତା ଚାକିରୀ ଛାଡ଼ିଦେଲା । ଦୁଇ ଜଣଙ୍କର ଚାକିରୀ ନାହିଁ । ଅର୍ଥର ଅଭାବ । ତାପରେ ଆରମ୍ଭ ହେଲା ଦୁଇ ଜଣଙ୍କ ଭିତରେ ଯୁକ୍ତିତର୍କ ଓ ମନୋମାଳିନ୍ୟ । ନିଜ ଇଚ୍ଛାରେ ବାହା ହେଇଥିବାରୁ ଆମର ନିଜ ପରିବାର ଲୋକଙ୍କ ସହିତ ବି ସଂପର୍କ ନାହିଁ । ତେଣୁ ଆମକୁ କେହି ବୁଝାଇବାକୁ ବି ନାହାନ୍ତି । ଆମ ଭିତରେ ଦିନକୁ ଦିନ ଅଶାନ୍ତି ବଢ଼ି ଚାଲିଛି । ଏବେ ଭାବୁଛି, ଆମେ ଦୁହେଁ ହଠାତ୍ ଏପରି ବାହା ହେବାର ନ ଥିଲା । ଏଥିପାଇଁ ମୋ ସ୍ତ୍ରୀ ବି

▼ସଞ୍ଜୟ ପଣ୍ଡାଙ୍କ ହସଖୁସିର ପରିବାର



ମତେ ଦୋଷ ଦେଉଛନ୍ତି । କଣ କରିବି କିଛି ଭାବି ପାରୁନାହିଁ ।

**◣ସୁମନ ମିଶ୍ର, ଭୁବନେଶ୍ୱର**

**ସମାଧାନର ସୂତ୍ର**

ତୁମେ ଅତୀତକୁ ନ ଭାବି ବରଂ ବର୍ତ୍ତମାନର ପରିସ୍ଥିତି ବିଷୟରେ ଭାବିବାକୁ ଆରମ୍ଭ କର । ଅତୀତକୁ ମନେ ପକାଇଲେ ତାହା ଆଉ ଫେରି ଆସିବ ନାହିଁ । ତେଣୁ ଅତୀତ ବିଷୟରେ ଚିନ୍ତା କରି କିଛି ଲାଭ ନାହିଁ ବରଂ ସମୟ ନଷ୍ଟ ହେବା ସହିତ ଦୁଃଖ ବଢ଼ିବ ଓ ମନ ଭାଙ୍ଗିଯିବ । ତେଣୁ ଆଜିଠାରୁ ତୁମକୁ ନିଜର ଭବିଷ୍ୟତ ପାଇଁ କାମ କରିବାକୁ ପଡ଼ିବ । ନିଜ ଉଜ୍ଜ୍ୱଳ ଭବିଷ୍ୟତର କାର୍ଯ୍ୟପନ୍ଥା ସ୍ଥିର କରିବାକୁ ପଡିବ । ମୋ ମତରେ ବର୍ତମାନ ସମୟରେ ତୁମେ ନିଜ ପାଇଁ ଚାକିରୀଟିଏ ଖୋଜିବା ତଥା ନିଜର ଆର୍ଥିକ ଅବସ୍ଥାକୁ ଦୃଢ଼ କରିବା ହିଁ ତୁମର ମୁଖ୍ୟ କାମ ହେବା ଆବଶ୍ୟକ । ସେହିପରି ତୁମେ ସ୍ୱାମୀଙ୍କୁ ଉତ୍ସାହିତ କରି ତାଙ୍କର ମନୋବଳ ବଢ଼ାଇବାକୁ ହେବ । ଫଳରେ ସେ ବି ଏସବୁ ଅଯଥା କଥାରୁ ନିଜକୁ ଦୂରେଇ ରଖି ନିଜ ପାଇଁ ଉପଯୁକ୍ତ ଚାକିରୀଟିଏ ଖୋଜିବାରେ ଲାଗିପଡ଼ିବେ । କାମ ଉପରେ ଧ୍ୟାନ ରହିଲେ ମାନସିକ ଦୁଃଶ୍ଚିନ୍ତା କମିଯିବ । ତାହା ସହିତ ଯୁକ୍ତିତର୍କ ତଥା ମନୋମାଳିନ୍ୟ ବି ହେବ ନାହିଁ । ଦୁହିଁଙ୍କର ଚାକିରୀ ହେଇଗଲେ ହିଁ ତୁମର ଅନେକ ସମସ୍ୟାର ସମାଧାନ ଆପେ ଆପେ ହେଇଯିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇଗଲେ, ମାନସିକ ଶାନ୍ତି ବି ଆସିବ । ତାପରେ ଦୁହେଁ ବସି ଥଣ୍ଡା ମୁଣ୍ଡରେ ଆଲୋଚନା କରି ନିଜ ନିଜ ପରିବାର ସହିତ ପୂର୍ବର ସଂପର୍କ ଫେରାଇ ଆଣିବାର ଉପାୟ କାଢ଼ିବ । ରାତି ପରେ ଦିନ ଓ ଦିନ ପରେ ରାତି ହେବ ହିଁ ହେବ । ଏଥିରେ ଦ୍ୱିମତ ନାହିଁ । ସମସ୍ୟା ଯେତେ ଜଟିଳ ହେଉନା କାହିଁକି, ତାହାର ସମାଧାନର ବାଟ ନିଶ୍ଚିତରୂପେ ରହିଛି । ସେଥିପାଇଁ ଆମେ ନିଜ ମୁଣ୍ଡକୁ ଥଣ୍ଡା ରଖି ଧୈର୍ଯ୍ୟ ତଥା ସକାରାତ୍ମକ ମନୋଭାବର ସହିତ ଭାବିବାକୁ ପଡ଼ିବ । ତେବେ ଯାଇ ଆମକୁ ଉପଯୁକ୍ତ ରାସ୍ତା ମିଳିବ । କୌଣସି ସମସ୍ୟାର ସମାଧାନ କେବେ ରାତାରାତି ହୁଏ ନାହିଁ । ଏଣୁ ନିଜେ ନିଜର ଭୁଲ୍‌କୁ ସ୍ୱୀକାର କରି ତାହାର ଉପଯୁକ୍ତ ସମୀକ୍ଷା କରି ପାରିଲେ ହିଁ ଆମେ ସେଥିରୁ ଶିଖି ପାରିବା । ଯାହା ଆମକୁ ଏକ ସୁନ୍ଦର ଭବିଷ୍ୟତ ଗଢ଼ିବାରେ ସହାୟକ ହେବ ।

▼ପ୍ରାଚୀ ମହାପାତ୍ରଙ୍କ ହସଖୁସିର ପରିବାର



**ସମସ୍ୟା: ୨**

ମୁଁ ବିବାହିତା । ମୁଁ ବିବାହ କରିବା ଆଜିକୁ ଦୁଇ ବର୍ଷ ହୋଇଗଲାଣି । ମୋର ସ୍ୱାମୀ ତାଙ୍କ ଘରର ବଡ ପୁଅ । ତା ତଳକୁ ତାଙ୍କର ଦୁଇ ଭାଇ ଓ ଦୁଇ ଭଉଣୀ ଅଛନ୍ତି । ଭଉଣୀ ଦୁଇଜଣ ବିବାହ କରି ତାଙ୍କ ଶାଶୁଘରେ ରହୁଛନ୍ତି । ଜଣେ ରାଉରକେଲାରେ ଓ ଆଉ ଜଣେ ପୁନେରେ ରହୁଛନ୍ତି । ଘରେ ମୁଁ, ମୋର ସ୍ୱାମୀ, ଦୁଇ ଦିଅର ଓ ଶାଶୁ, ଶ୍ୱଶୁର ରହୁଛୁ । ମୋର ଦୁଇ ଦିଅରଙ୍କ ଭିତରୁ ଜଣେ କଲେଜରେ ଅଧ୍ୟାପକ ଓ ଆଉ ଜଣେ ପାଠ ପଢୁଛନ୍ତି । ମୋର ଶ୍ୱଶୁର ଚାକିରିରେ ଅଛନ୍ତି । ମୋର ସ୍ୱାମୀ ଚାକିରି ନ କରି ନିଜର ବିଜିନେସ କରୁଛନ୍ତି । ପ୍ରାୟତଃ ସେ ରାତି ଡେରିରେ ହିଁ ଘରକୁ ଫେରନ୍ତି । ସେ ଦିନରେ ନିଜର ବିଜିନେସ ସମ୍ଭାଳୁ ଥିବାବେଳେ ସଂଧ୍ୟାରେ ପାର୍ଟି, କ୍ଲବ୍ ଇତ୍ୟାଦି ଯାଇଥାନ୍ତି । ପଚାରିଲେ କୁହନ୍ତି ମୁଁ ଯୁଆଡେ ବି ଯାଉଛି ମୋର ବିଜିନେସ୍ ସମ୍ବନ୍ଧୀୟ କାମରେ ଯାଉଛି । ଲୋକଙ୍କ ସହିତ ପରିଚିତ ନ ହେଲେ ବ୍ୟବସାୟ କିପରି ଆଗକୁ ବଢିବ । ତେଣୁ ମୁଁ ମଧ୍ୟ ସେଥିରେ କିଛି କୁହେ ନାହିଁ । କିନ୍ତୁ ଧୀରେ ଧୀରେ ତାଙ୍କର ଏହା ଅଭ୍ୟାସଗତ ହୋଇଗଲାଣି । ସେ ରାତିରେ ଡେରିରେ ଘରକୁ ଫେରିବା ସହିତ ମଦ୍ୟପାନ ମଧ୍ୟ କରୁଛନ୍ତି । ଅନେକ ସ୍ଥାନରୁ ମୁଁ ଶୁଣିବାକୁ ପାଉଛି ଯେ ସେ କ୍ଲବରେ ଜୁଆ ମଧ୍ୟ ଖେଳୁଛନ୍ତି । ହେଲେ ଘର ଲୋକ ତାଙ୍କୁ ବୁଝାଇବା ପରିବର୍ତ୍ତେ ମୋତେ ହିଁ ସବୁ ଦୋଷ ଦେଉଛନ୍ତି । ତାଙ୍କ ମତରେ ମୁଁ ହିଁ ଏସବୁ ପାଇଁ ଦାୟୀ ଏବଂ ମୁଁ ତାଙ୍କୁ ବୁଝାଉ ନାହିଁ । ମୁଁ ସ୍ତ୍ରୀ ହିସାବରେ ମୋର କର୍ତବ୍ୟ ଠିକରେ କରୁନାହିଁ । ଯଦି ମୁଁ ସ୍ୱାମୀଙ୍କୁ କିଛି ବୁଝାଇବାକୁ ଚେଷ୍ଟା କରୁଛି ସେ ମୋତେ ନିଜ ସୀମା ଭିତରେ ରହିବାକୁ ବାରମ୍ବାର ଉପଦେଶ ଦେଉଛନ୍ତି । ନଚେତ କିଛି ଅନର୍ଥ ହୋଇଯିବ ବୋଲି କହୁଛନ୍ତି । ମୁଁ କିଛି ବୁଝି ପାରୁନି । ଅନେକ ମାନସିକ ଭାରସାମ୍ୟ ଭିତରେ ରହୁଛି । ମୋ ବାପାମାଆଙ୍କୁ ଏ ସବୁ ବିଷୟରେ କହି ତାଙ୍କୁ ଅଧିକ କଷ୍ଟ ଦେବାକୁ ଚାହୁଁନି । ମୋତେ ଟିକେ ଏସବୁ ସହିତ ଲଢ଼ିବାର ସାହସ ଦିଅନ୍ତୁ ।

**◣ଅନୁରାଧା, ସମ୍ବଲପୁର**

**ସମାଧାନର ସୂତ୍ର**

ଆପଣଙ୍କ ପରିବାରର ଯେଉଁ ସମସ୍ୟା ବିଷୟରେ ଲେଖିଛନ୍ତି ତାହା ଆଜିକାଲି ଅନେକ ପରିବାରରେ ଦେଖିବାକୁ ମିଳୁଛି । ବାହାଘର ପୂର୍ବରୁ ଅନେକ ଖରାପ ଗୁଣ ଥିଲେ ବି ବାହାଘର ପରେ ସେସବୁ ପାଇଁ ବୋହୂକୁ ଦୋଷ ଦେବା ଏକ ସାଧାରଣ ଘଟଣା ହୋଇ ସାରିଲାଣି । ଆପଣ ମାତ୍ର ଦୁଇ ବର୍ଷ ହେଲା ଏହି ଘରକୁ ବୋହୂ ହୋଇ ଆସିଛନ୍ତି । ଆପଣ ସ୍ୱାମୀଙ୍କର ଯେତିକି ଗୁଣ ଜାଣିଛନ୍ତି ତାଠାରୁ ବେଶି ତାଙ୍କର ଘର ଲୋକମାନେ ଜାଣିଛନ୍ତି । ଆପଣଙ୍କ ଶାଶୁ ଶ୍ୱଶୁର ପୁଅ ସହିତ ଯେତିକି ନିକଟତର ଅବା ଖୋଲାଖୋଲି କଥା ହୋଇ ପାରିବେ ତାହା ଆପଣଙ୍କ ପକ୍ଷେ ସମ୍ଭବ ନ ହୋଇପାରେ । ଦୁର୍ଭାଗ୍ୟର କଥା ଯେ ସେମାନେ ପୁଅର ଏହି ଆଚରଣର କିଛି ପ୍ରତିକାର କରିବା ପରିବର୍ତ୍ତେ ଆପଣଙ୍କୁ ଦୋଷ ଦେଉଛନ୍ତି । ଭଉଣୀ ଓ ଭିଣୋଇମାନେ ଓ ଅନ୍ୟ ଦୁଇ ଭାଇ ବି ଚାହିଁଲେ ତାଙ୍କୁ ବହୁତ ଭଲ ଭାବରେ ବୁଝାଇ ପାରିବେ । ଯେତେହେଲେ ବି

ସେମାନଙ୍କ ଭିତରେ ରକ୍ତର ସଂପର୍କ ରହିଛି । ଆପଣ ଯେତିକି ବୁଝାଇବା କଥା ତାହା ବୁଝାଇ ସାରିଛନ୍ତି । ସ୍ୱାମୀଙ୍କର କିଛି ପରିବର୍ତନ ହେବା ପରିବର୍ତ୍ତେ ସେ ଆପଣଙ୍କ ଉପରେ ବିରକ୍ତ ହେଉଛନ୍ତି ଏବଂ ଧମକ ବି ଦେଇ ସାରିଲେଣି । ଏହି ପରିସ୍ଥିତିରେ ଆପଣଙ୍କୁ ତିନିଟି କାମ କରିବାକୁ ହେବ । ପ୍ରଥମଟି ହେଲା ଯେ ଆପଣ ସ୍ୱାମୀଙ୍କର ଏହି ବ୍ୟବହାରରେ ତାଙ୍କୁ ଦୋଷ ଦିଅନ୍ତୁ ନାହିଁ ଅବା କୌଣସି ପ୍ରକାରର ଅସନ୍ତୋଷ ପ୍ରକାଶ କରନ୍ତୁ ନାହିଁ । ଦ୍ୱିତୀୟରେ ମନଦୁଃଖ କରି ସବୁବେଳେ ଚିନ୍ତିତ ଅବସ୍ଥାରେ ରୁହନ୍ତୁ ନାହିଁ । କିମ୍ବା ଶାଶୁ ଶ୍ୱଶୁର, ଦିଅର ଓ ନଣନ୍ଦମାନେ ଏଥିପାଇଁ କିଛି କରୁ ନାହାନ୍ତି ବୋଲି ମନଦୁଃଖ କରନ୍ତୁ ନାହିଁ ଅବା ଅସନ୍ତୋଷ ପ୍ରକାଶ କରନ୍ତୁ ନାହିଁ । ତୃତୀୟରେ ଆପଣଙ୍କ ବାପଘରେ ବି ଏ ବିଷୟରେ କିଛି କୁହନ୍ତୁ ନାହିଁ । ଆପଣଙ୍କ ବନ୍ଧୁବାନ୍ଧବରେ ଯିଏ ଆପଣଙ୍କ ସ୍ୱାମୀଙ୍କର ଅତି ନିକଟତର ଥିବେ ତାଙ୍କର ସାହାଯ୍ୟ ନିଅନ୍ତୁ । ନଣନ୍ଦଙ୍କ ସହିତ ବି ଆପଣ ଆଲୋଚନା କରି ପରାମର୍ଶ ନେଇ ପାରନ୍ତି । ସ୍ୱାମୀଙ୍କ ସହିତ ଭଲ ବ୍ୟବହାର କରି ତାଙ୍କର ମନ ଜିଣିବାକୁ ଚେଷ୍ଟା କରନ୍ତୁ । ଆପଣଙ୍କ ସ୍ୱାମୀ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ଠିକ ନୁହେଁ ବୋଲି ତାହା ସେ ମଧ୍ୟ ଜାଣିଥିବେ । ସମୟ ଆସିବ ସେ ନିଶ୍ଚୟ ବୁଝି ପାରିବେ ଓ ଅନୁତାପ କରିବେ । ଆପଣ ନିଜ ଉପରେ ଆତ୍ମବିଶ୍ୱାସ ରଖନ୍ତୁ ।

### ସମସ୍ୟା: ୩

ମୋର ବୟସ ୨୫ ବର୍ଷ । ମୁଁ ବାପାମାଆଙ୍କର ଗୋଟିଏ ଝିଅ । ମୁଁ ଗୋଟିଏ ବେସରକାରୀ ସଂସ୍ଥାରେ କାମ କରୁଛି । ମୁଁ ସ୍କୁଲରେ ପାଠ ପଢିବା ବେଳଠାରୁ ଗୋଟିଏ ପୁଅକୁ ଭଲ ପାଉଛି । ସେ ମୋଠାରୁ ଚାରି ବର୍ଷ ବଡ । ଏପରିକି ଆମେ ଦୁହେଁ ଦୁହିଁଙ୍କୁ ବିବାହ କରିବୁ ବୋଲି ପ୍ରତିଶ୍ରୁତି ଦେଇଛୁ । ସେ ମଧ୍ୟ ଗୋଟିଏ ପ୍ରାଇଭେଟ୍ ସଂସ୍ଥାରେ ଚାକିରି କରିଛନ୍ତି । ସେମାନେ ଗୋଟିଏ ଭାଇ ଓ ଗୋଟିଏ ଭଉଣୀ । ଭଉଣୀର ବାହାଘର ହୋଇ ସାରିଛି । ତାଙ୍କ ପରିବାରରେ ଆମ ଭଲ ପାଇବା ବିଷୟରେ ଜାଣନ୍ତି । ସେମାନେ ସମସ୍ତେ ରାଜି । କିନ୍ତୁ ମୋ ବାପା ରାଜି ନୁହଁନ୍ତି । କାରଣ ସେ ଆମ ଠାରୁ ଅଲଗା ଜାତିର ଏବଂ ସରକାରୀ ଚାକିରି କରିନାହାନ୍ତି । ଆମ ଘରେ ବାପା ସରକାରୀ ଚାକିରି କରିଛନ୍ତି । ତେଣୁ ତାଙ୍କର ପସନ୍ଦ ସରକାରୀ ଚାକିରି କରିଥିବା ପିଲାଟିଏ । ମୋ ବାପା ବହୁତ ଏକଜିଦିଆ । ତେଣୁ ତାଙ୍କୁ କେହି ବୁଝାଇ ପାରୁ ନାହାନ୍ତି । ମୋ ମାଆ ବି ବାପାଙ୍କୁ ବହୁତ ଡରନ୍ତି । ଘରୁ ଲୁଚି ପଳାଇ ଯାଇ ବାହା ହେବା ସପକ୍ଷରେ ମୁଁ ନୁହେଁ । କାରଣ ଏଥିରେ ମୋ ମାଆବାପାଙ୍କର ମାନସମ୍ମାନ ଉପରେ ଆଂଚ ଆସିବ । ତେଣୁ ଆମେ ଦୁଇ ଜଣ ଉଭୟ ପରିବାରର ସହମତି ନ ପାଇଲେ ବିବାହ କରିବୁ ନାହିଁ ବୋଲି ସ୍ଥିର କରିଛୁ । ଧୀରେ ଧୀରେ ମୋର ବୟସ ବଢିବାରୁ ବନ୍ଧୁବାନ୍ଧବରେ ବି ଅନେକ ପ୍ରସ୍ତାବ ଆସୁଛି । କିନ୍ତୁ ମୁଁ ସବୁ ଜାଗାରେ ବିଭିନ୍ନ ଆଳ ଦେଖାଇ ମନା କରି ଦେଉଛି । କିନ୍ତୁ ତାହା ପରେ ଘରେ ସବୁବେଳେ ଏକ ଅଶାନ୍ତ ପରିବେଶ ସୃଷ୍ଟି ହେଉଛି । ବାପା ରାଗି ଦିନେ ଦୁଇ ଦିନ ଯାଏ କାହା ସହିତ କଥା ହେଉ ନାହାନ୍ତି । ମାଆ ବି ଏଥିପାଇଁ ବହୁତ କଷ୍ଟ ପାଉଛନ୍ତି । ବୟସ ବଢିବାରୁ ତାଙ୍କ ଘରେ ବି ତାଙ୍କ ଉପରେ ବିବାହ ପାଇଁ ଚାପ ପକାଇବା ଆରମ୍ଭ କଲେଣି । ତେଣୁ ଏ ସବୁ ପରିସ୍ଥିତିରେ ମୋର ମାନସିକ ଭାରସାମ୍ୟ ଠିକ୍ ରହୁନି । ମୁଁ ଜାଣି ପାରୁନି କଣ କରିବି ?

**▶ପ୍ରିୟା କୁମାରୀ, ବରଗଡ଼**

### ସମାଧାନର ସୂତ୍ର

ତୁମେ ପାଠ ପଢିଛ ଏବଂ ଚାକିରି କରିଛ । ତୁମ ଚାରିପଟେ ଘଟୁଥିବା ସବୁ ଘଟଣାକୁ ବି ତୁମେ ଦେଖୁଥିବ । ଏଣୁ ତୁମେ ତୁମ ନିଜର ସମସ୍ୟାକୁ ନିଜେ ଠିକ୍ ଭାବରେ ବୁଝିଯିବା କଥା । ଏଥିରେ ମାନସିକ ଭାରସାମ୍ୟ ହରାଇବାର କୌଣସି ପ୍ରଶ୍ନ ଉଠୁନାହିଁ । ଯେଉଁ ପୁଅକୁ ବାହା ହେବ ବୋଲି ତୁମେ ସ୍ଥିର କରିଛ ତୁମର ବାପାଙ୍କର ତାହା ପସନ୍ଦ ନୁହେଁ । ପିଲାଦିନରୁ ତୁମେ ତୁମ ବାପାଙ୍କୁ ଭଲ ଭାବରେ ଜାଣିଛ । ସେଥିରେ ଲୁଚାଛପା କିଛି ନାହିଁ । ତୁମ ବାପାଙ୍କୁ ବି ତୁମ ମାଆ ବୁଝାଇ ପାରିବେ ନାହିଁ । ତାହା ମଧ୍ୟ ତୁମେ ଜାଣିଛ । ଏଣୁ ତୁମେ ଏବେ ସବୁ କଥା ଘରେ ଖୋଲି କରି କହି ଦେବା ଆବଶ୍ୟକ । ବାପାଙ୍କୁ ଜଣାଇ ଦେବା ଆବଶ୍ୟକ ଯେ ବାପା ରାଜି ହେଲେ ତୁମେ ସେଇଠି ବାହା ହେବ । ଯଦି ବାପା ରାଜି ନ ହୁଅନ୍ତି ବରଂ ତୁମେ ଅବିବାହିତା ରହିବ କିନ୍ତୁ ଘରୁ ବାହାରି ଯାଇ ସେ ପିଲା ସହିତ ବିବାହ କରିବ ନାହିଁ । ଏହାଦ୍ୱାରା ତୁମ ଘରେ ଅନ୍ୟ ପ୍ରସ୍ତାବ ଆସି ଅଶାନ୍ତି ସୃଷ୍ଟି ହେବ ନାହିଁ । ଘଟଣା ଯେତେ ଜଟିଳ ହେଲେ ବି ପରିବାରରେ ସମସ୍ତେ ମୁହାଁମୁହିଁ ବସି ମନଖୋଲା କଥା ହେଲେ ହିଁ ସମସ୍ୟାର ସମାଧାନ ହେବ । ପିଲାମାନେ ନିଜର ସ୍ୱାର୍ଥ ପାଇଁ ବାପାମାଆମାନଙ୍କୁ ଭୁଲ ବୁଝନ୍ତି । ଏବଂ ପରେ ନିଜର କର୍ମ ପାଇଁ ଅନୁତାପ କରନ୍ତି । ତୁମ ଭବିଷ୍ୟତ ପାଇଁ ତୁମେ ସିଦ୍ଧାନ୍ତ ନେଇଛ । ଏଣୁ ଏଥିପାଇଁ ତୁମକୁ ଧୈର୍ଯ୍ୟ ଧରି କିଛି ତ୍ୟାଗ କରିବାକୁ ପଡିବ । ବାପାଙ୍କର ଜିଦ୍ ଆଗରେ ତୁମର ଜିଦ୍ ନ ରଖି ବିନମ୍ରତାର ସହିତ କଥା ହେଲେ ବାପାଙ୍କ ମନରେ ପରିବର୍ତନ ଆସିପାରେ । ଏଣୁ ଏହାର ସମାଧାନର ବାଟ ତୁମକୁ ହିଁ ଖୋଜିବାକୁ ପଡିବ । ଭାବପ୍ରବଣତାର ପ୍ରଭାବରେ ଭାଙ୍ଗି ପଡିବା ଉଚିତ ନୁହେଁ । ଧୈର୍ଯ୍ୟ ରଖି ଥଣ୍ଡା ମୁଣ୍ଡରେ କାମ କଲେ ସମାଧାନର ବାଟ ପାଇ ପାରିବ ।


▼ଦୀପିକା ଦାଶଙ୍କ ହସଖୁସିର ପରିବାର

# ମାମିନାଙ୍କ ରେସିପି

**ଶ୍ରୀମତୀ ମାମିନା ମହାନ୍ତି**

ଫୁଡ୍ ବ୍ଲଗର୍, ସମାଜ ସେବୀ, ଗୃହିଣୀ
ଜି ୩୮, ଗତିକୃଷ୍ଣ ଗ୍ରୀନ୍, ରଙ୍ଗ ବଜାର,
ଭୁବନେଶ୍ୱର-୭୫୨୧୦୦,
ଫୋନ୍: ୯୪୩୭୮ ୬୦୧୫୧

ଫଟୋ ସୌଜନ୍ୟ: ଲେଖିକା

ମାଣ୍ଡିଆ ହୋଇଯିବା ପରେ ପ୍ଲେଟ୍‌ରେ ବାହାର କରି ଘିଅ ବା ପାଣି ହାତରେ ଉପର ଭାଗ ସମାନ କରି ଦିଅନ୍ତୁ । ତା ଉପରେ କିଛି କାଜୁ ସଜେଇ ଦିଅନ୍ତୁ । ତା ପରେ ଏହି ମିଶ୍ରଣ ଥଣ୍ଡା ହୋଇଯିବା ପରେ କେକ୍‌କୁ କାଟିବା ପରି ଛୋଟ ଛୋଟ ଖଣ୍ଡରେ କାଟି ନିଅନ୍ତୁ । କିଛି କିସ୍‌ମିସ୍ ବି ସଜେଇ ପାରିବେ । ଏବେ ପ୍ରସ୍ତୁତ ହେଇଗଲା ଆମର ମାଣ୍ଡିଆ ତମ୍ପା । ଏହା ଯେତିକି ପାରମ୍ପରିକ, ସେତିକି ଆଧୁନିକ । ସ୍ୱାସ୍ଥ୍ୟ ପାଇଁ ମଧ ଖୁବ୍ ଭଲ । ଏହାକୁ ଜଳଖିଆ ଭାବେ ବା ମିଷ୍ଟାନ୍ନ ଭଳି ଖାଇ ପାରିବେ ।







## ମାଣ୍ଡିଆ ତମ୍ପା

**ଆବଶ୍ୟକ ସାମଗ୍ରୀ :** ୧ କପ୍ ମାଣ୍ଡିଆ ଗୁଣ୍ଡ, ୪ ଟେବୁଲ୍ ଚାମଚ ଘିଅ, ସ୍ୱାଦ ଅନୁସାରେ ଗୁଡ଼, ଗୁଜରାତି ଗୁଣ୍ଡ ଅଧା ଚାମଚ, ୧ କପ୍ କ୍ଷୀର, ୨ ଟେବୁଲ୍ ଚାମଚ ନଡ଼ିଆ କୋରା, ସଜେଇବା ପାଇଁ କିଛି କାଜୁ ।

**ପ୍ରସ୍ତୁତି ପ୍ରଣାଳୀ:** କଡ଼େଇ ଗରମ କରି ଘିଅ ପକାନ୍ତୁ । ମାଣ୍ଡିଆ ପକେଇ ଗୋଟେ ମିନିଟ୍ ଭାଜିବେ । ତାପରେ ଧିରେ ଧିରେ ଗୁଡ ମିଶେଇବେ । ଭଲରେ ଗୋଳେଇ ନେଇ ନଡ଼ିଆ କୋରା, ଗୁଜୁରାତି ଗୁଣ୍ଡ ପକାନ୍ତୁ । ତାପରେ କ୍ଷୀରକୁ ଧୀରେ ଧୀରେ ସେଥିରେ ପକେଇ ଗୋଳାନ୍ତୁ । ଗୋଟିଏ ପ୍ଲେଟ୍‌ରେ ଘିଅ ମାରି ରଖିଥିବେ । ଆମର ମାଣ୍ଡିଆ ହୋଇଯିବା ପରେ ସେଥିରେ ବାହାର କରି ଘିଅ ବା ପାଣି ହାତରେ ଉପର ଭାଗ ସମାନ କରି ଦିଅନ୍ତୁ । ତା ଉପରେ କିଛି କାଜୁ ସଜେଇ ଦିଅନ୍ତୁ । ତା ପରେ ଏହି ମିଶ୍ରଣ ଥଣ୍ଡା ହୋଇଯିବା ପରେ କେକ୍‌କୁ କାଟିବା ପରି ଛୋଟ ଛୋଟ ଖଣ୍ଡରେ କାଟି ନିଅନ୍ତୁ । କିଛି କିସ୍‌ମିସ୍ ବି ସଜେଇ ପାରିବେ । ଏବେ ପ୍ରସ୍ତୁତ ହେଇଗଲା ଆମର ମାଣ୍ଡିଆ ତମ୍ପା । ଏହା ଯେତିକି ପାରମ୍ପରିକ, ସେତିକି ଆଧୁନିକ । ସ୍ୱାସ୍ଥ୍ୟ ପାଇଁ ମଧ ଖୁବ୍ ଭଲ । ଏହାକୁ ଜଳଖିଆ ଭାବେ ବା ମିଷ୍ଟାନ୍ନ ଭଳି ଖାଇ ପାରିବେ ।



## ମଞ୍ଜା ଚିଙ୍ଗୁଡ଼ି ତାଟିଆ ବସା

**ଆବଶ୍ୟକ ସାମଗ୍ରୀ :** ଖଣ୍ଡେ କଅଁଳିଆ ମଂଜାରୁ ସୂତା ବାହାର କରି ଚୁନି ଚୁନି କରି କାଟି ରଖିବେ । ଚୋପା ଛଡା ଛୋଟ ଚିଙ୍ଗୁଡ଼ି ୧୫୦ ଗ୍ରାମ୍ , ସୋରିଷ ଦୁଇ ଚାମଚ, ଜିରା ଅଧା ଚାମଚ, କଞ୍ଚା ଲଙ୍କା ତିନିଟା ଓ ରସୁଣ ପାଞ୍ଚ କୋଲା ବାଟିକି ରଖିବେ, ହଳଦୀ ଗୁଣ୍ଡ ଓ ଲୁଣ ସ୍ୱାଦ ଅନୁସାରେ, କଞ୍ଚା ଲଙ୍କା ତିନିଟା, ସୋରିଷ ତେଲ ପାଞ୍ଚ ଚାମଚ, ଛୋଟ ଗୋଟେ ଟମାଟୋ, ଗୋଟେ ବଡ ପିଆଜ ଚୁନି ଚୁନି କରି କଟା ହେବ ।

**ପ୍ରସ୍ତୁତି ପ୍ରଣାଳୀ:** ଚୁନି ଚୁନି କରି କଟା ହୋଇଥିବା ମଞ୍ଜାରେ ଲୁଣ ଗୋଳେଇ ପନ୍ଦର ମିନିଟ୍ ରଖିବେ । ତାପରେ ତାକୁ ହାତରେ ଚକଟି, ଚିପୁଡି ନେବେ । କଡ଼େଇରେ ମଞ୍ଜା, ଚିଙ୍ଗୁଡ଼ି, କଟା ପିଆଜ, କଞ୍ଚା ଲଙ୍କା ଫାଳ, ଟମାଟୋ କଟା, ସୋରିଷ ବଟା, ତେଲ ତିନି ଚାମଚ, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ ସବୁ ଗୋଳେଇ ନେବେ । କଡ଼େଇକୁ ଢାଙ୍କି ଦେବେ । ଗ୍ୟାସ୍‌ର ଆଞ୍ଚ ସିମ୍‌ରେ ରଖିବେ ଓ ମଝିରେ ମଝିରେ ଗୋଳେଇ ନେବେ । ହେଇ ଆସିବା ବେଳକୁ ଆଉ ଦୁଇ ଚାମଚ ତେଲ ଉପରେ ଦେବେ ଓ ଆଉ ପାଞ୍ଚ ମିନିଟ୍ ହେବାକୁ ଛାଡ଼ିବେ । ଉପରେ କଟା ଧନିଆ ପତ୍ର ଦେଇ ସଜେଇ ଦେବେ । ଗରମ ଗରମ ଭାତ ସହିତ ପରଷିବେ ।

## ପାଳଙ୍ଗ ପନିର କଟ୍‌ଲେଟ୍

**ଆବଶ୍ୟକ ସାମଗ୍ରୀ :** ୧ ବିଡା ପାଳଙ୍ଗ ଶାଗ, ୧୦୦ ଗ୍ରାମ ତାଜା ପନିର୍ , ୧ ଟି ମଧ୍ୟମ ଆକାରର ସିଝା ଆଳୁ,୫୦ ଗ୍ରାମ ରିଫାଇନ୍ ତେଲ, ୩ ରୁ ୪ ଟେବୁଲ୍ ଚାମଚ ପାଉଁରୁଟି ଗୁଣ୍ଡ ( ବ୍ରେଡ କ୍ରମ୍ବସ), ୧ ଟେବୁଲ୍ ଚାମଚ ମକା ଗୁଣ୍ଡ (କର୍ନଫ୍ଲୋର୍), ୧ ଚାମଚ ଅଦା ରସୁଣ ବଟା, ୨ ରୁ ୩ ଟି କଞ୍ଚା ଲଙ୍କା ( ଚୁନ୍ ଚୁନ୍ କରି କଟା ହେଇଥିବ), ଅଧା ଟେବୁଲ୍ ଚାମଚ ଗରମ ମସଲା, ଅଧା ଟେବୁଲ୍ ଚାମଚ ଚାଟ୍ ମସଲା, ୧ ଚାମଚ ହଳଦୀ ଗୁଣ୍ଡ, ୧ ଚାମଚ ଲଙ୍କା ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପାଳଙ୍ଗ ଶାଗକୁ ପରିଷ୍କାର କରି ଧୋଇ କାଟି ନେବେ । ପନିରକୁ ଲମ୍ବା ଲମ୍ବା କାଟି ସେଥିରେ ଲୁଣ ହଳଦୀ ଗୋଳେଇ ରଖନ୍ତୁ । ଗୋଟେ ଜାଗାରେ କଟା ହୋଇଥିବା ପାଳଙ୍ଗ ଶାଗ ନେଇ ସେଥିରେ ମକା ଗୁଣ୍ଡ, ପାଉଁରୁଟି ଗୁଣ୍ଡ ଓ ଅନ୍ୟ ସବୁ ମସଲା ଗୋଳେଇ ଭଲ କରି ଅଟା ଦଳିବା ପରି ଚକଟି ଦିଅନ୍ତୁ । ସେଥରୁ ହାତରେ ଲେମ୍ବୁ ସାଇଜର ଗୁଳା କରି ତେଲ ଲାଗିଥିବା ହାତରେ ଟିକିଏ ଛୋଟ ପୁରି ଭଳି ଗୋଲ କରନ୍ତୁ । ତା ମଝିରେ ଲମ୍ବା ପନିର ଖଣ୍ଡେ ରଖି କଟ୍‌ଲେଟ୍ ଗଢିବେ । ଫ୍ରାଇଂ ପ୍ୟାନ୍ ବା କଡାଇରେ ଅଳ୍ପ ତେଲ ଦେଇ ଧୀରେ ଧୀରେ ଭାଜନ୍ତୁ । ଦୁଇ ପଟ ଓଲଟେଇ ଓଲଟେଇ ଧିମା ଆଞ୍ଚରେ ଭାଜିବେ । ଉଭୟ ପଟ କଡ଼ା ଲାଲ୍ ରଙ୍ଗ ଦିଶିଲେ ଜାଣିବେ ଆମର କଟଲେଟ୍ ଏବେ ପ୍ରସ୍ତୁତ । ଏହାକୁ ଧନିଆ ପତ୍ର ବା ପୁଦିନା ପତ୍ର ଚଟଣି କିମ୍ବା ସସ୍ ସହ ଗରମ ଗରମ ସନ୍ଧ୍ୟାର ଜଳଖିଆ ଭାବେ ବା ଭାତ ଓ ରୁଟି ସହ ଖାଇ ପାରିବେ ।



# ବିଜୟଲକ୍ଷ୍ମୀଙ୍କ ବ୍ୟଞ୍ଜନ


## ବିଜୟଲକ୍ଷ୍ମୀ ପତ୍ରୀ

ମଧୁସୂଦନ ନଗର, ସିକ୍ୟୁରିଟି ଅଫିସ୍ ପାଖ,
ତୁଳସୀପୁର, କଟକ-୭୫୩୦୦୮
ଫୋନ-୭୯୭୮୦୬୨୪୮୪


ଫଟୋ ସୌଜନ୍ୟ: ଲେଖିକା

**କେକ୍ ଭଲ ଭାବେ ବାଦାମୀ ରଙ୍ଗ ହେଇଗଲା ପରେ ସାମାନ୍ୟ ଥଣ୍ଡା କରି, ଥାଳିକୁ କାଢ଼ି ନିଅନ୍ତୁ,ଏବଂ କାଟି ଦେଖନ୍ତୁ କେତେ ନରମ ଓ ସ୍ୱଞ୍ଜି ହୋଇଛି । ଗଜା ମୁଗ, ସ୍ୱାସ୍ଥ୍ୟ ପାଇଁ ଖୁବ୍ ସ୍ୱାସ୍ଥ୍ୟପ୍ରଦ ହୋଇଥିବା ବେଳେ, ଏହାର କେକ୍ ମଧ୍ୟ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟପ୍ରଦ । ନିଜେ ଖାଆନ୍ତୁ ଓ ଅନ୍ୟକୁ ଖୁଆନ୍ତୁ ସ୍ୱାଦିଷ୍ଟ ଗଜାମୁଗ ପୋଡପିଠା ।**





◀ ଲେଖିକା ବିଜୟଲକ୍ଷ୍ମୀ ପତ୍ରୀ

## ଗଜାମୁଗ ପୋଡ଼ପିଠା

**ଆବଶ୍ୟକ ସାମଗ୍ରୀ :** ୧. ଗଜାମୁଗ – ୪ କପ୍, ୨. ସୁଜି – ୧/୨ କପ୍ , ୩. ଗୁଡ଼ – ୨ କପ୍, ୪. ବାଦାମ – ୧/୨ କପ୍, ୫. କଟା କାଜୁ – ଅଳ୍ପ , ୬. ନଡିଆ କୋରା – ୧/୨ କପ୍, ୭. ନଡ଼ିଆପାତି – ୧/୪ କପ, ୮. ଗୁଜୁରାତି ଓ ଗୋଲମରିଚ ଗୁଣ୍ଡ – ୧ ଚାମଚ, ୯. ଘିଅ – ୩ ଚାମଚ, ୧୦. ଲୁଣ – ସ୍ୱାଦ ମୁତାବକ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗଜାମୁଗକୁ ଦୁଇ କପ୍ ପାଣି ଦେଇ ବାଟି ନିଅନ୍ତୁ । ବଟା ଗଜାମୁଗକୁ କଡେଇରେ ରଖି ଚୁଲିରେ ବସାନ୍ତୁ । ଚୁଲିରେ ବସେଇବା ପରେ ଗୋଳାନ୍ତୁ, ଯେମିତି କଡେଇରେ ଲାଗି ନଯାଏ । ଏଥର ଗୁଡ଼, କାଜୁ, ନଡ଼ିଆ କୋରା, ବାଦାମ, ନଡିଆପାତି ଓ ସମାନ୍ୟ ଲୁଣ ପକେଇ ଗୋଳାନ୍ତୁ । ତାପରେ ସୁଜି ପକାଇ ଜନ୍ତି ନିଅନ୍ତୁ । ଘିଅ ଓ ଗୁଜୁରାତି-ଗୋଲମରିଚ ଗୁଣ୍ଡ ପକାଇ ଗୋଳାନ୍ତୁ । ଏଥର ଚୁଲିରୁ କାଢ଼ିନେଇ ଅଳ୍ପ ଥଣ୍ଡା କରିଦିଅନ୍ତୁ । ଏବେ କେକ୍ ଟିନ୍‌ରେ ଘିଅ ଲଗାଇ ଗଜାମୁଗ ଜନ୍ତୁଣୀକୁ ରଖି ହାତରେ ଭଲ ଭାବେ ଚାପି ଚାପି ସମାନ କରିଦିଅନ୍ତୁ ଯେମିତି ତା ଭିତରେ ପବନ ନରୁହେ । ଏଥର କଡେଇରେ ଲୁଣ ରଖି ଗରମ କରନ୍ତୁ, ତା ଉପରେ ଏକ ଚଟକା ପାତ୍ର ବା ଡିସ୍ ଷ୍ଟାଣ୍ଡ୍ ରଖି, ତା ଉପରେ କେକ୍ ଟିନ୍ ରଖି ଗୋଟେ ବଡ ଘୋଡ଼ଣି ( କଡେଇ ମାପର ) ଘୋଡ଼ାଇ ଦିଅନ୍ତୁ । ଠିକ୍ ୨୦ ମିନିଟ୍ ପରେ ଗୋଟେ ଛୁରୀ ସାହାଯ୍ୟରେ ଦେଖନ୍ତୁ, ଭିତରେ କଞ୍ଚା ଅଛିକି ନାହିଁ । କଞ୍ଚା ଥିଲେ ଆଉ କିଛି ସମୟ ଘୋଡାଇ ଦିଅନ୍ତୁ । କେକ୍ ଭଲ ଭାବେ ବାଦାମୀ ରଙ୍ଗ ହେଇଗଲା ପରେ ସାମାନ୍ୟ ଥଣ୍ଡା କରି, ଥାଳିକୁ କାଢ଼ିନିଅନ୍ତୁ,ଏବଂ କାଟି ଦେଖନ୍ତୁ କେତେ ନରମ ଓ ସ୍ୱଞ୍ଜି ହୋଇଛି । ଗଜା ମୁଗ, ସ୍ୱାସ୍ଥ୍ୟ ପାଇଁ ଖୁବ୍ ସ୍ୱାସ୍ଥ୍ୟପ୍ରଦ ହୋଇଥିବା ବେଳେ, ଏହାର କେକ୍ ମଧ୍ୟ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟପ୍ରଦ । ନିଜେ ଖାଆନ୍ତୁ ଓ ଅନ୍ୟକୁ ଖୁଆନ୍ତୁ ସ୍ୱାଦିଷ୍ଟ ଗଜାମୁଗ ପୋଡପିଠା ।

## ଗଜାମୁଗର ଉପକାରିତା

- ବ୍ଲଡ଼ କ୍ଲଟ୍ ହେବାରେ ସାହାଯ୍ୟ କରେ
- ବ୍ଲଡ଼ ପ୍ରେସର ଜନିତ ସମସ୍ୟା ଦୂର କରେ
- କେଶ ଝଡ଼ିବା ବନ୍ଦ କରେ
- ଚର୍ମ ଜନିତ ସମସ୍ୟା ଦୂର କରେ
- ହଜମ ପ୍ରକ୍ରିୟାରେ ମଧ୍ୟ ଗଜାମୁଗ ଖୁବ୍ ସହାୟକ ହୋଇଥାଏ ।



# ରଞ୍ଜିତାଙ୍କ ରେସିପି

**ରଞ୍ଜିତା ଶତପଥୀ**
କେ-୧୦, ସିଭିଲ୍ ଟାଉନସିପ୍,
ରାଉରକେଲା-୭୬୯୦୦୪
ଫୋନ:୯୦୯୦୦୭୩୫୧୨
ଫଟୋ ସୌଜନ୍ୟ: ଲେଖିକା

## ମଟନ୍ ରୋଗନ ଜୋଶ

**ଆବଶ୍ୟକ ସାମଗ୍ରୀ :** ୧ କିଲୋ ଛେଳି ମାଂସ(ମଟନ୍), ୨ଟି କୁକୁଡ଼ା ଚୁଳ ଫୁଲ, ୪ ବଡ଼ ଚାମଚ ସୋରିଷ ତେଲ, ୫ଟି ଗୋଲ ମରିଚ, ୪ଟି ଲବଙ୍ଗ, ୧ କପ୍ ଫ୍ରେସ୍ ଦହି, ୨ ଚାମଚ ପାନମଧୁରି ଗୁଣ୍ଡ, ୧ ଚାମଚ ଶୁଣ୍ଠିଗୁଣ୍ଡ, ୫ଟି ସାଫରନ୍, ୧ ଚାମଚ ଧନିଆଁଗୁଣ୍ଡ, ୧ ଚାମଚ ଚିଲି ପାଉଡ଼ର, ୧/୪ ଚାମଚ ହଳଦୀଗୁଣ୍ଡ, କାଶ୍ମିରି ଲଙ୍କା ପେଷ୍ଟ (୨ ଚାମଚ), ପିଆଜ ଭଜାର ପେଷ୍ଟ (୪ ଚାମଚ), ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ୨ କପ୍ ପାଣି ଏକ ପାତ୍ରରେ ରଖି ଗ୍ୟାସ୍ ଲଗାନ୍ତୁ । ସେଥିରେ କୁକୁଡ଼ା ଚୁଳ ଫୁଲକୁ ପକାନ୍ତୁ । ପାଞ୍ଚ ମିନିଟ୍ ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ଏଥର ଗ୍ୟାସ୍‌ର ଅଳ୍ପ ପାଣି ଏକ ପାତ୍ରରେ ରଖି ୧୦ଟି କାଶ୍ମିରି ଲଙ୍କା ପକେଇ ୨ ମିନିଟ୍ ଶିଝେଇ ରଖନ୍ତୁ । ଥଣ୍ଡା ହେଲା ପରେ ତାକୁ ଗ୍ରାଇଣ୍ଡ୍ କରି ପେଷ୍ଟ ତିଆରି କରନ୍ତୁ । ଏପଟେ କଡ଼େଇରେ କିଛି ତେଲଗରମ କରି ସେଥିରେ ୪ଟି ପିଆଜକୁ ପତଳା କରି କାଟି ଗୋଲ୍‌ଡେନ୍ ହେଲା ପର୍ଯ୍ୟନ୍ତ ଭାଜନ୍ତୁ । ପରେ ଥଣ୍ଡା ହେଲା ପରେ ଗ୍ରାଇଣ୍ଡ୍ କରି ବ୍ରାଉନ୍ ପିଆଜ ପେଷ୍ଟ୍ ତିଆରି କରନ୍ତୁ । ଏଥର ଗ୍ୟାସ୍‌ରେ ଏକ ବଡ଼ ପାତ୍ର ରଖନ୍ତୁ । ଗ୍ୟାସ୍ ଅନ୍ କରି ପାତ୍ରରେ ସୋରିଷ ତେଲ ପକାନ୍ତୁ । ତେଲକୁ ଭଲଭାବେ ଗରମ ହେବାକୁ ଦିଅନ୍ତୁ । ଗରମ ତେଲରେ ଏବେ ଗୋଲମରିଚ, ଲବଙ୍ଗ ପକାନ୍ତୁ । ଏହାପରେ ସେଥିରେ ମଟନ ପକେଇ ୧୦ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ସେଥିରେ କୁକୁଡ଼ା ଫୁଲ ଶିଝା ପାଣିକୁ କପଡ଼ାରେ ଛାଣି ସେଥିରେ ପକାନ୍ତୁ । ଅନ୍ୟ ଏକ ପାତ୍ରରେ ଦହି ସହିତ ପାନମଧୁରି ଗୁଣ୍ଡ, ଶୁଣ୍ଠିଗୁଣ୍ଡ, ସାଫ୍‌ରନ୍, ଧନିଆଁଗୁଣ୍ଡ, ରେଡ୍ ଚିଲି ପାଉଡ଼ର, ହଳଦୀଗୁଣ୍ଡକୁ ମିଶାଇ ଗ୍ୟାସ୍ ଧିମା କରି ମଟନ୍‌ରେ ଏହି ମିଶ୍ରଣକୁ ପକାଇ ଧିରେ ଘାଣ୍ଟନ୍ତୁ ନହେଲେ ଦହି ଫାଟିଯିବ । ୫ ମିନିଟ୍ ପରେ ସେଥିରେ କାଶ୍ମିରି ଲଙ୍କା ପେଷ୍ଟ, ବ୍ରାଉନ୍ ପିଆଜ ପେଷ୍ଟ୍ ଏବଂ ଆବଶ୍ୟକ ଅନୁସାରେ ଲୁଣ ପକାଇ ଘାଣ୍ଟନ୍ତୁ । ଏବେ ଏହାକୁ ମଧ୍ୟମ ଆଞ୍ଚରେ ପାଣି ଅଳ୍ପ ରହିଲା ପର୍ଯ୍ୟନ୍ତ ଏବଂ ମଟନ୍ ଶିଝିଲା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ପ୍ରାୟ ୨୦ମିନିଟ୍ ପରେ ଘୋଡ଼ଣି କାଢ଼ି ଦେଖନ୍ତୁ ତେଲ ଉପରେ ଭାସିବ ଏବଂ ପ୍ରସ୍ତୁତ ହେଇଯିବ ଗରମା ଗରମ କାଶ୍ମିରି ମଟନ୍ ରୋଗନ୍ ଜୋଶ୍ । ଏହାକୁ ଭାତ କିମ୍ବା ରୁଟି ସହ ଖାଆନ୍ତୁ ।



## କାଶ୍ମିରି ରାନ୍ଧଣା: ନଦରୁ(ପଦ୍ମନାଡ଼)

**ଆବଶ୍ୟକ ସାମଗ୍ରୀ :** ନଦରୁ(ପଦ୍ମନାଡ଼) ୫୦୦ଗ୍ରାମ, ୧ବଡ଼ ଚାମଚ ଗୁଆଘିଅ, ୧/୪ଚାମଚ ଜିରା, ୨ଟି ତେଜପତ୍ର, ୨ଟି ଗୁଜୁରାତି, ୧ଟି ବଡ଼ ଅଳେଇଚ, ୧ଟି ଜାୟତା, ୧ଟି ଜାଇଫଳ, ଚକ୍ରିଫୁଲ ଗୋଟେ, ଡାଲଚିନି (ଛୋଟ ଖଣ୍ଡେ), ୨ଟି ଲବଙ୍ଗ, ୧/୪ଚାମଚ ହେଙ୍ଗୁ, ୧ ଚାମଚ ପାନମଧୁରୀ ଗୁଣ୍ଡ, ୧ ଚାମଚ ଶୁଣ୍ଠିଗୁଣ୍ଡ, ୧ ଚାମଚ ଧନିଆଗୁଣ୍ଡ, ୧ ଚାମଚ କାଶ୍ମିରି ଲଙ୍କାଗୁଣ୍ଡ, ୧/୨ ଚାଚ ଗୋଲମରିଚ ଗୁଣ୍ଡ, ୨ବଡ଼ ଚାମଚ କାଜୁଗୁଣ୍ଡ, କସ୍ତୁରିମେଥି, ୧ କପ୍ ଫ୍ରେସ୍ ଦହି, ପୁଦିନା ପତ୍ର ଲୁଣ( ଆବଶ୍ୟକ ଅନୁସାରେ)

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ନଦରୁକୁ ପାଣିରେ ଧୋଇ ତାର ଦୁଇମୁଣ୍ଡକୁ କାଟି ପକେଇ ଦେବେ । ପରେ ଏହାକୁ ୧ ଇଞ୍ଚ୍ ଲମ୍ୱାରେ କାଟି ରଖନ୍ତୁ । ବର୍ତ୍ତମାନ ଗ୍ୟାସ୍ ଲଗେଇ ପ୍ରେସର୍ କୁକର୍ ବସାନ୍ତୁ । କୁକର୍‌ରେ ୧ ଚାମଚ ଘିଅ ପକାନ୍ତୁ । ଘିଅ ଗରମ ହେଲେ ସେଥିରେ ଜିରା, ତେଜପତ୍ର, ଗୁଜୁରାତି, ବଡ଼ ଅଳେଇଚ, ଚକ୍ରିଫୁଲ ଜାୟତ୍ରୀ, ଜାଇଫଳ, ଡାଲ୍‌ଚିନି, ଲବଙ୍ଗ ପକେଇ ଅଧା ମନିଟ୍ ଭାଜନ୍ତୁ ଏବେ ଏଥିରେ ନଦରୁକୁ ପକାଇ ଏକ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ସେଥିରେ ହେଙ୍ଗୁ, ପାନମଧୁରୀ ଗୁଣ୍ଡ ଶୁଣ୍ଠିଗୁଣ୍ଡ ପକେଇ ଘାଣ୍ଟନ୍ତୁ । ବର୍ତ୍ତମାନ ଦେଢ଼ଗ୍ଲାସ୍ ପାଣି ଏବଂ ଅଳ୍ପ ଲୁଣ ଦେଇ ପ୍ରେସର୍‌କୁକୁର ବନ୍ଦ କରି ୨ କିମ୍ବା ୩ଟି ହୁଇସିଲ ଆସିଲା ପରେ ଗ୍ୟାସ୍ ବନ୍ଦ କରନ୍ତୁ । ବର୍ତ୍ତମାନ ଢାଙ୍କୁଣୀ ଖୋଲି ପାଣି ମାରି ଦିଅନ୍ତୁ । ଅଳ୍ପ ପାଣି ଥିଲା ବେଳେ ସେଥିରେ ଧନିଆଁ ଗୁଣ୍ଡ, କାଶ୍ମିରି ଲଙ୍କାଗୁଣ୍ଡ, ଗୋଲମରିଚ ଗୁଣ୍ଡ, କାଜୁ ପାଉଡ଼ର ପକେଇ ଘାଣ୍ଟନ୍ତୁ । ଏବେ ଏଥିରେ କସ୍ତୁରୀ ମେଥି ପକାନ୍ତୁ । ଯେତେବେଳେ ତରକାରୀରେ ୧ କପ୍ ପାଣିଥିବ ଗ୍ୟାସ୍ ଆଞ୍ଚ କମ୍ କରି ଦହିକୁ ଫେଣ୍ଟି ଧିରେ ଧିରେ ସେଥିରେ ମିଶାଇ ଘାଣ୍ଟନ୍ତୁ । ଗୋଟେ ଫୁଟା ଫୁଟିଗଲେ ସେଥିରେ ଆବଶ୍ୟକ ଅନୁସାରେ ଲୁଣ, କଟା ପୁଦିନାପତ୍ର, ଧନିଆଁପତ୍ର ଏବଂ ଅଳ୍ପ ଗୁଆଘିଅ ଦେଇ ଗ୍ୟାସ୍ ବନ୍ଦ କରନ୍ତୁ । ଏବେ ପ୍ରସ୍ତୁତ ହେଇଗଲା କାଶ୍ମିର୍‌ର ଘରେ ଘରେ ପରିଚିତ 'ନଦରୁ' । ଏହାକୁ ଭାତ ସହ ଖାଇ ଦେଖନ୍ତୁ କିପରି ସ୍ୱାଦିଷ୍ଟ ଲାଗିବ । ଘରେ ରହି କାଶ୍ମିରି ଖାଦ୍ୟର ମଜା ନିଅନ୍ତୁ ।



## କେଓ୍ୱା

**ଆବଶ୍ୟକ ସାମଗ୍ରୀ :** ୪କପ୍ ପାଣି, ୭ଟି ଗୁଜୁରାତି, ୧ ଇଞ୍ଚର ଦୁଟି ଡାଲଚିନି, ୫ଟି ସଫ୍‌ରନ୍, ୩ ଚାମଚ ଚିନି ( ନହେଲେ ୨ ଚାମଚ ମହୁ), ପେସ୍ତାବାଦାମ୍, ଗ୍ରୀନ୍ ଟି (ଗୋଟେ ପାଉଚ୍)

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ୪ କପ୍ ପାଣି ଦେଇ ଗ୍ୟାସ୍‌ରେ ବସାନ୍ତୁ । ପାଣି ଫୁଟିଲେ ସେଥିରେ ଗୁଜୁରାତି, ଡାଲଚିନିକୁ ଅଳ୍ପ ଛେଚି ସେଥିରେ ପକାନ୍ତୁ । ଏବେ ସେଥିରେ ୫ଟି ସାଫ୍‌ରନ୍ ପକେଇ ଘୋଡ଼େଇ ଦିଅନ୍ତୁ । ଗ୍ୟାସ୍‌ର ଆଞ୍ଚକୁ ଧିରେ କରି ପ୍ରାୟ ୧୦ମିନିଟ୍ ପର୍ଯ୍ୟନ୍ତ ତାହାକୁ ଶିଝିବାକୁ ଦିଅନ୍ତୁ । ଢାଙ୍କୁଣୀ କାଢ଼ି ସେଥିରେ ୪ଟି ପେସ୍ତା ବାଦାମକୁ ଛୋଟ କରି କାଟି ପକାନ୍ତୁ । ପାଣି ଗୋଟେ କପ୍ କମ ହେଲା ପରେ ସେଥିରେ ଚିନି କିମ୍ୱା ମହୁ ପକାଇ ଗ୍ୟାସ୍ ବନ୍ଦ କରନ୍ତୁ । ଏବେ ସେଥିରେ ଗ୍ରୀନ୍ ଟି ବ୍ୟାଗ୍‌ଟିକୁ ପକେଇ ୧/୨ ମିନିଟ୍ ପରେ କାଢ଼ି ଦିଅନ୍ତୁ । କପ୍‌ରେ ପେସ୍ତାବାଦାମକୁ ଅଳ୍ପ ଗୁଣ୍ଡ କରି ପକାନ୍ତୁ । ଏବେ ଏହା ଉପରେ ଶିଝିକରି ରଖିଥିବା କେଓ୍ୱାକୁ ଛାଣି ପକାନ୍ତୁ । କପ୍ ଉପରେ ୨ଟି ସାଫ୍‌ରନ୍ ପକାନ୍ତୁ । ଏବେ ଆପଣଙ୍କର ଗରମ ଗରମ କାଶ୍ମିରି କେଓ୍ୱା ପ୍ରସ୍ତୁତି ହୋଇଗଲା । ଏହା ଶୀତଦିନରେ ନିଶ୍ଚୟ ବନେଇ ପିଇବେ । କାଶ୍ମୀରର ଏହି କେଓ୍ୱା ଘରେ ଘରେ ପରିଚିତ । ଏହା ଦେହ ପାଇଁ ଅତି ହିତକର ।





▲ ଲେଖିକା ରଞ୍ଜିତା ଶତପଥୀ

# ଗୀତିକାଙ୍କ ରେସିପି


## ଗୀତିକା ଜ୍ୟୋତିପର୍ଣ୍ଣା

ନିଉ କଲୋନୀ, ନେଳିଆବାଗ,
ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧,
ଫୋନ:୬୩୭୦୪୬୦୩୦୬
@foodiebliss47/mysterious_geet


ଫଟୋ ସୌଜନ୍ୟ : ଲେଖିକା

**ଶିମ୍ବ ଏବଂ ଆଳୁକୁ ଲମ୍ବା ଆକାରରେ କାଟନ୍ତୁ । କଡ଼େଇରେ ସୋରିଷ ତେଲ ପକାଇ ଶିମ୍ବ ଏବଂ ଆଳୁକୁ ୩ରୁ ୪ ମିନିଟ୍ ହାଲୁକା ଭାଜି ଏହାକୁ ଏକ ପାତ୍ରରେ କାଢ଼ି ରଖନ୍ତୁ । ବର୍ତ୍ତମାନ ସେହି କଡ଼େଇରେ ଅଳ୍ପ ତେଲ ପକାଇ ସମସ୍ତ ମସଲା ପକାଇ କଷନ୍ତୁ ।**



▶ ଲେଖିକା ଗୀତିକା ଜ୍ୟୋତିପର୍ଣ୍ଣା



## ଚିକେନ୍ ଭୁନା ମସଲା:

**ଆବଶ୍ୟକ ସାମଗ୍ରୀ :** ୫୦୦ଗ୍ରାମ ଚିକେନ୍, ୨ଟି ଆଳୁ, ୩ଟି ପିଆଜ, ୧ଟି ଟମାଟୋ, ୨ରୁ ୩ ବଡ଼ ଚାମଚ ଦହି, ୧ ଚାମଚ ଅଦା ରସୁଣ ପେଷ୍ଟ, ଅଧା ଚାମଚ ହଳଦୀ, ଅଧା ଚାମଚ ରେଡ୍ ଚିଲ୍ଲି ପାଉଡ଼ର, ଅଧା ଚାମଚ ଜୀରା ଗୁଣ୍ଡ, ୨ରୁ ୩ଟି ଗୋଟା ଗୁଜୁରାତି, ୨ଟି ଡାଲ୍ ଚିନି ଗୁଣ୍ଡ, ୧ଟି ଶୁଖିଲା ଲଙ୍କା, ଅଧା ଚାମଚ ଧନିଆଗୁଣ୍ଡ, ଅଧା ଚାମଚ ଗରମ ମସଲା, ଅଧା ଚାମଚ ଚିକେନ୍ ମସଲା, ୩ରୁ ୪ ଚାମଚ ସୋରିଷ ତେଲ, ୧ ଚାମଚ ଲେମ୍ବୁ ରସ, କିଛି କଟା ହୋଇଥିବା ଧଣିଆପତ୍ର ଏବଂ ସ୍ୱାଦ ଅନୁଯାୟୀ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିକେନ୍‌କୁ ଭଲ ଭାବେ ଧୋଇ ସେଥିରେ ଅଧା ଚାମଚ ଲୁଣ, ରେଡ଼ ଚିଲ୍ଲି ପାଉଡ଼ର, ଅଳ୍ପ ଅଦା ରସୁଣ ପେଷ୍ଟ, ହଳଦୀ, ଗୋଟା ଗୁଜୁରାତି, ଡାଲ୍‌ଚିନି, ଲେମ୍ବୁରସ ପକାଇ ୩୦ ମିନିଟ୍ ମେରିନେଟ୍ କରନ୍ତୁ । ଚିକେ ମେରିନେଟ୍ ହେଲା ପରେ କଡ଼େଇରେ ସୋରିଷ ତେଲ ପକାଇ ସେଥିରେ ଶୁଖିଲା ଲଙ୍କା ଏବଂ କଟା ପିଆଜ ପକାଇ ୮ରୁ ୧୦ ମିନିଟ୍ ଭଲ ଭାବେ ଭାଜନ୍ତୁ । ପିଆଜର ରଙ୍ଗ ବଦଳିବା ପରେ ସେଥିରେ କଟା ଟମାଟୋ ପକାଇ ୨ରୁ ୩ ମିନିଟ୍ ଭାଜନ୍ତୁ । ଟମାଟୋ ମଉଳିବା ପରେ ସେଥିରେ ଅଦାରସୁଣ ପେଷ୍ଟ ପକାନ୍ତୁ । ମସଲାକୁ ୨ରୁ ୩ ମିନିଟ୍ ଭାଜି ହେବା ପରେ ସେଥିରେ ସମସ୍ତ ମସଲାଗୁଣ୍ଡ ପକାଇ ୫ ମିନିଟ୍ କଷନ୍ତୁ । ମସଲା କଷିହେବା ପରେ ଗ୍ୟାସ୍‌ର ଆଞ୍ଚକୁ କମାଇ ଦହି ପକାନ୍ତୁ (ଗ୍ୟାସ୍‌ର ଆଞ୍ଚ କମ୍ ନରଖିଲେ ଦହି ଫାଟିଯାଇ ପାରେ), ଦହିକୁ ମସଲା ସହିତ ଢାଙ୍କୁଣି ଦେଇ ୨ରୁ ୩ ମିନିଟ୍ କଷନ୍ତୁ । ବର୍ତ୍ତମାନ ସେଥିରେ କଟା ହୋଇଥିବା ଆଳୁ ପକାନ୍ତୁ (ଆଳୁକୁ ପୂର୍ବରୁ ଭାଜି ରଖିବା ଜରୁରୀ), ଆଳୁକୁ ୨ ରୁ ୩ ମିନିଟ୍ ଭାଜନ୍ତୁ । ଏବେ ସେଥିରେ ଚିକେନ ପକାଇ ଢାଙ୍କୁଣି ମାରି ୧୫ ରୁ ୨୦ ମିନିଟ୍ କଷନ୍ତୁ । ଚିକେନ୍ ଏବଂ ଆଳୁ ସିଝିଯିବା ପରେ ଚିକେନ୍ ଏବଂ ଗରମ ମସଲା ପକାଇ ଚିକେନ୍‌ର ସ୍ୱାଦ ଅନୁଯାୟୀ ଲୁଣ ପକାଇ ୨ରୁ ୩ ମିନିଟ୍ କଷନ୍ତୁ ଏବଂ ଏକ ପାତ୍ରରେ ଚିକେନ୍‌ର କିଛି ଧନିଆପତ୍ର ପକାଇ ଚିକେନ୍ ଭୁନା ମସଲାକୁ ରୁଟି କିମ୍ବା ଭାତ ସହିତ ଭଲ ଗରମ ପରଷି ଦିଅନ୍ତୁ ।

## ଶିମ୍ବ ମସଲା ଫ୍ରାଏ

**ଆବଶ୍ୟକ ସାମଗ୍ରୀ :** ୨୫୦ଗ୍ରାମ ଶିମ୍ବ, ୨ଟି ଆଳୁ, ୨ଟି କଟା ପିଆଜ, ୧ ଚାମଚ କଟା ଅଦା, ୧ ଚାମଚ କଟା ରସୁଣ, ୧ଚାମଚ ଗୋଟା ଜୀରା, ଅଧା ଚାମଚ ହଳଦୀ, ଅଧା ଚାମଚ ରେଡ୍ ଚିଲ୍ଲି ପାଉଡ଼ର, ଅଧା ଚାମଚ ଗରମ ମସଲା, ଅଧା ଚାମଚ ଧନିଆ ଗୁଣ୍ଡ, ଅଧା ଚାମଚ ଚାଟ ମସଲା, ୩ରୁ ୪ ଚାମଚ ସୋରିଷ ତେଲ, ସ୍ୱାଦ ଅନୁଯାୟୀ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଶିମ୍ବ ଏବଂ ଆଳୁକୁ ଲମ୍ବା ଆକାରରେ କାଟି ରଖନ୍ତୁ । ବର୍ତ୍ତମାନ କଡ଼େଇରେ ସୋରିଷ ତେଲ ପକାଇ ଶିମ୍ବ ଏବଂ ଆଳୁ ୩ରୁ ୪ ମିନଟ୍ ଭାଜନ୍ତୁ । ହାଲୁକା ଭାଜି ହେବା ପରେ ଏହାକୁ ଏକ ପାତ୍ରରେ କାଢ଼ି ରଖନ୍ତୁ । ବର୍ତ୍ତମାନ ସେହି କଡ଼େଇରେ ଅଳ୍ପ ତେଲ ପକାନ୍ତୁ ଏବଂ ତେଲ ଗରମ ହେବା ପରେ ସେଥିରେ ଗୋଟା ଜିରା ପକାନ୍ତୁ । ଜିରା ହାଲୁକା ଭାଜି ହେବା ପରେ କଟା ଅଦା, ରସୁଣ ଏବଂ ପିଆଜ ପକାଇ ୨ରୁ ୩ ମିନିଟ୍ ଭାଜନ୍ତୁ । ପିଆଜର ରଙ୍ଗ ବଦଳିବା ପରେ ସେଥିରେ ହଳଦୀ, ରେଡ୍ ଚିଲ୍ଲି ପାଉଡ଼ର, ଗରମ ମସଲା, ଧନିଆ ଗୁଣ୍ଡ ପକାଇ କଷନ୍ତୁ । ସେଥିରେ ୨ ରୁ ୩ ଚାମଚ ପାଣି ପକାଇ କଷନ୍ତୁ । ଏତଦ୍‌ଦ୍ୱାରା ମସଲା ତଳେ ଲାଗି ନଥାଏ । ମସଲା କଷି ହେବା ପରେ ସେଥିରେ ଶିମ୍ବ ଏବଂ ଆଳୁ ପକାଇ ଢାଙ୍କୁଣି ଲଗାଇ ୫ ମିନିଟ୍ ଭାଜନ୍ତୁ । ଶିମ୍ବ ଏବଂ ଆଳୁ ଫ୍ରାଏ ହେବା ପରେ ଏହାକୁ ପ୍ଲେଟ୍‌ରେ ବାହାର କରି ଉପରେ ଚାଟ୍ ମସଲା ଛିଞ୍ଚି ପରଷନ୍ତୁ ।



ଶ୍ରେଷ୍ଠପୃଷ୍ଠା

# ସର୍ଜନାରେ ସ୍ୱାଧୀନତା

ସାହିତ୍ୟ ଓ ସ୍ୱାଧୀନତା ପରସ୍ପର ସମ୍ବନ୍ଧିତ- ଏ କଥାକୁ ଆମେ ଯେଉଁମାନେ ଲେଖାଲେଖି କରୁ ବେଶ୍ ବୁଝୁଁ । ମୋ ମତରେ, ସାହିତ୍ୟ, ତାହା ସୃଜନଶୀଳ ସୃଷ୍ଟି ହେଉ କି ପଢ଼ାପଢ଼ି ହେଉ, ସର୍ବଦା ସ୍ୱାଧୀନତା ସହିତ ସମ୍ବନ୍ଧିତ । ଯେମିତି ଫ୍ରିଡମ୍ ଅଫ୍ ଏକ୍ସପ୍ରେସନ୍ କଥାଟି ସତ୍ୟ, ସେହିପରି ସାହିତ୍ୟରେ ସ୍ୱାଧୀନତା କଥା ମଧ୍ୟ ଅବାସ୍ତବ ବୋଲି କହିହେବ ନାହିଁ । ସାହିତ୍ୟ ବା ସର୍ଜନା ଏମିତି ଏକ ମାଧ୍ୟମ, ଯାହା ଲେଖକ ଓ ପାଠକ ମଧ୍ୟରେ ଥିବା ସ୍ୱାଧୀନତାକୁ ବ୍ୟକ୍ତ କରାଏ, ତାଙ୍କୁ ପ୍ରସ୍ତୁତ କରାଏ ଏବଂ ତା'ର ପରିଚାଳନା କରିଥାଏ । କଳାର ଅନ୍ୟାନ୍ୟ ମାଧ୍ୟମ ଠାରୁ ସାହିତ୍ୟ କେବଳ ଶବ୍ଦ ଉପରେ ନିର୍ଭର କରେ ଓ ଶବ୍ଦ ହିଁ ସାହିତ୍ୟକୁ ମାର୍ଗଦର୍ଶନ ଦିଏ । ଯେଉଁପରି ଭାବେ ଏହା ପାଠକ ଓ ଲେଖକକୁ ବା ପାଠକ ଓ ପାଠକକୁ ଯୋଡ଼ିଥାଏ, ତାହା କେବଳ ଏହି ସ୍ୱାଧୀନତା ଯୋଗୁଁ ସମ୍ଭବ ହୋଇଥାଏ । ଏ ସ୍ୱାଧୀନତା ବିନା ଏପରି ସହବନ୍ଧନ ସମ୍ଭବ ହୁଅନ୍ତା ନାହିଁ, ଏହା ସତ୍ୟ । ଗୋଟିଏ ଚଳଚ୍ଚିତ୍ର ଦେଖିବା ବେଳେ ଦର୍ଶକ ସିନେମାର ଦୃଶ୍ୟ ପରେ ଦୃଶ୍ୟ ଦେଖେ ଓ ଅନୁଭବ କରିଥାଏ । କିନ୍ତୁ ଗୋଟିଏ ଉପନ୍ୟାସ ପଢ଼ିବା ବେଳେ ପାଠକ ପ୍ରତିଟି ଚରିତ୍ର ସହିତ ନିଜକୁ ଯୋଡ଼ିବାର ଏକ ସ୍ୱାଧୀନତା ପାଇଥାଏ । ଫଳରେ ସେ ଅନୁଭବ କରିପାରେ ଉକ୍ତ ଚରିତ୍ରର ଭଲମନ୍ଦ ଦିଗ । ସିନେମାର ଗୋଟିଏ ଦୃଶ୍ୟର ଅନୁଭବ ସବୁ ଦର୍ଶକଙ୍କ ପାଇଁ ସମାନ ହୋଇଥିବା ବେଳେ ଗୋଟିଏ ଗଳ୍ପ ବା ଉପନ୍ୟାସର ଚରିତ୍ର ବା ଘଟଣା ଭିନ୍ନ ଭିନ୍ନ ପାଠକଙ୍କ ପାଇଁ ଭିନ୍ନ ଭିନ୍ନ ଅର୍ଥ ବହନ କରିଥାଏ । ସେଇଥିପାଇଁ ସାହିତ୍ୟ ହେଉଛି ବାସ୍ତବରେ ଏକ ମୁକ୍ତ କଳାର ସ୍ୱରୂପ, ଉଭୟ ଲେଖକ ଓ ପାଠକ ପାଇଁ । ଲେଖକ ଯେମିତି ଚାହିଁବ, ଯେମିତି ଭାବିବ ସେମିତି ସର୍ଜନା କରିପାରିବ ଏବଂ ପାଠକ ଉକ୍ତ ସର୍ଜନାକୁ ତା' ଇଚ୍ଛା ମୁତାବକ ବୁଝିବାକୁ ବେଶ୍ ସ୍ୱାଧୀନ । ଏହା କେବଳ ସାହିତ୍ୟରେ ସମ୍ଭବ । ଲେଖାଲେଖି କ୍ଷେତ୍ରରେ ଲେଖକ ଯେତିକି ସ୍ୱାଧୀନ, ପାଠକ ମଧ୍ୟ ସେତିକି ସ୍ୱାଧୀନ ସେହି ଲେଖାକୁ ସେ କିପରି ବୁଝିବ । ସେଠି ଲେଖକ ହସ୍ତକ୍ଷେପ କରିପାରିବ ନାହିଁ ପାଠକ ଉପରେ କି ପାଠକ ନିର୍ଦ୍ଦେଶ ଦେଇ ପାରିବ ନାହିଁ ଏମିତି ଲେଖ, ସେମିତି ଲେଖ । ଉଭୟଙ୍କ ପାଇଁ ସ୍ୱାଧୀନତା କେବଳ ଏଇ ସର୍ଜନା କ୍ଷେତ୍ରରେ ସମାନ ଭାବରେ ଥାଏ ।

କିଛିଦିନ ତଳେ ସୋସିଆଲ୍ ମିଡ଼ିଆର ଏକ ପୋଷ୍ଟିଂରେ କବି **ପ୍ରତୀକ୍ଷା ଜେନା** ଯେଉଁ କଥାଟି ଲେଖିଥିଲେ, ତାହା ଏଠାରେ ପ୍ରାସଙ୍ଗିକ ମନେହୁଏ । ସେ ଲେଖିଥିଲେ, "କବିତା କିଭଳି ଲେଖା ହେବ ଓ କାହାକୁ ନେଇ କବିତା ଲେଖା ହେବ, ତା'ବି ଲୋକେ କହିବେ !" ଏ କଥାଟି ସେ କେଉଁ ପ୍ରସଙ୍ଗରେ କହିଥିଲେ ମୁଁ ଜାଣେନା । କିନ୍ତୁ କଥାଟିକୁ ଗୋଟିଏ ପ୍ରସଙ୍ଗ ଭିତରେ ଥୋଇବାକୁ ଇଚ୍ଛା ହେଲା ତ ଏଠାରେ ଉଦ୍ଧାର କଲି । ସତରେ ଲେଖକ କ'ଣ ଲେଖିବ, ତାକୁ କହିବାକୁ ତମେ କିଏ ? ସେ ସେ ବାବଦରେ ସ୍ୱାଧୀନ । ତାକୁ ଯାହା ଭଲ ଲାଗେ, ତାକୁ ଯାହା ଅଥୟ କରେ, ସେ ତାହା ତା'ର ଅନୁଭବର ସାନ୍ଦ୍ରତା ଅନୁସାରେ ଲେଖିବ । ଏଠି ଲୋକେ (ବା ଅନ୍ୟ ଅର୍ଥରେ ପାଠକେ) ବରାଦ ଦେଇ ଲେଖାଇବାର ଆବଶ୍ୟକତା କ'ଣ ? ଯେଉଁସବୁ କାଳଜୟୀ ଉପନ୍ୟାସ ଗଳ୍ପ ଆମେ ପଢ଼ିଛୁ ବା ଆମ ମନରେ ରେଖାପାତ କରି ସ୍ମରଣୀୟ ହୋଇଯାଇଛି ସେସବୁର ଲେଖକମାନଙ୍କୁ କେଉଁ ପାଠକମାନେ କହିଥିଲେ, ଏମିତି ଲେଖ ସେମିତି ଲେଖ ! ହଁ ବେଳେବେଳେ କୌଣସି ଜୀବନ୍ତ ଚରିତ୍ର ଲେଖକକୁ ଅଥୟ କରେ ତ ସେ ତା' ସୃଷ୍ଟି ଭିତରେ ସେଇ ସତ ଚରିତ୍ରଟିକୁ ଗଳ୍ପାୟିତ କରିବାକୁ ଚେଷ୍ଟା କରିଥାଏ । କିନ୍ତୁ କୌଣସି ଲୋକ ବା ପାଠକର କହିବା ଅନୁସାରେ ଗପ ବା ଉପନ୍ୟାସ ଲେଖିବାକୁ ବସେନା ଜଣେ ସ୍ୱାଧୀନଚେତା ଲେଖକ । ଛୋଟିଆ କବିତାଟେ ଲେଖିଲା ବେଳେ ବି କବି ତା ଭାବନା ରାଜ୍ୟରେ ବେଶ୍ ସ୍ୱଚ୍ଛନ୍ଦ ଓ ମୁକ୍ତ । ତାକୁ ଯେମିତି ଆସିଲା, ସେ ସେମିତି ଲେଖିବ । ଏହା ତା'ର ଲେଖକୀୟ ସ୍ୱାଧୀନତା । ଏଥିରୁ ତାକୁ କେହି ବିରତ କରିପାରିବ ନାହିଁ । ବେଳେବେଳେ ପାଠକମାନେ ଜଣେ ଜଣେ ଲେଖକଙ୍କ ଲେଖାକୁ ପଢ଼ି ଅଗ୍ରାହ୍ୟ ବା ନାପସନ୍ଦ କରିଦିଅନ୍ତି । ଏଇଟା ମଧ୍ୟ ସେ ପାଠକର ସ୍ୱାଧୀନତା । ଏଥିରେ ଲେଖକ ବିଚଳିତ ହେବା ଅନୁଚିତ । କାରଣ ପାଠକଟି ତା'ର ବିଚାରଶକ୍ତି ଓ ଅବବୋଧ ଅନୁସାରେ ଆପଣଙ୍କ ଲେଖାଟିକୁ ପଢ଼ିବା ପାଇଁ ପ୍ରୟାସ କରିଥିବ । ତାକୁ ଆପଣ ଲେଖକ ଭାବେ ନିର୍ଦ୍ଦେଶ ଦେଇପାରିବେ ନାହିଁ: ଆରେ ବାବୁ ତମେ କବିତାଟିକୁ ଏମିତି ବୁଝ, ସେମିତି ନୁହଁ । ଏପରି କଲେ ଆପଣ ତା'ର ସ୍ୱାଧୀନତାରେ ହସ୍ତକ୍ଷେପ କଲେ । ଲେଖକ ଓ ପାଠକର ସ୍ୱାଧୀନତା ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ସୁତରାଂ ଲେଖକ କ'ଣ ଲେଖିବ, ତାହା ତା'ର ନିଜସ୍ୱ ପସନ୍ଦ । ତା'ର ସ୍ୱାଧୀନତା ସେଇଠି । ଆମେ ହସ୍ତକ୍ଷେପ କରିବା ଅନୁଚିତ । ଲେଖାଟି ଭଲ ନଲାଗିବା ଭିନ୍ନ କଥା । କିନ୍ତୁ ଲେଖକକୁ ଆପଣ ବରାଦିଆ ଲେଖକ ଭାବେ ବିବେଚନା କରିପାରିବେ ନାହିଁ । ପକ୍ଷୀଟିଏ ଯେମିତି ଆକାଶରେ ଉଡ଼ି ବୁଲିବା ପାଇଁ ମୁକ୍ତ ଓ ସେ କାହାର ଆଦେଶର ଅପେକ୍ଷା ରଖେନା । ସେମିତି ସାହତ୍ୟର ବିଶାଳ ଦୁନିଆରେ ଲେଖକମାନେ ମଧ୍ୟ ସର୍ଜନଶୀଳତାରେ ମୁକ୍ତ । ସେ କେମିତି ଲେଖିବ, କ'ଣ ଲେଖିବ ସେସବୁ ତା'ର ଏକାନ୍ତ ନିଜସ୍ୱ ରୁଚି ଓ ଅନୁଭବର କଥା । ଜଣେ ପାଠକ ଭାବେ ଆପଣ ତା'ର ଲେଖାକୁ ପଢ଼ି ପସନ୍ଦ କରିପାରିବେ ବା ଖାରଜ କରିପାରିବେ । ଏଥିରେ ଲେଖକର ଆପତ୍ତି ରହିବା ଅନୁଚିତ ।

ଅନେକ ସମୟରେ କିଏ କିଏ କହୁଥିବାର ମୁଁ ଶୁଣେ ଯେ, ଲେଖକ ପାଠକ କ'ଣ ଚାହୁଁଛି ତାକୁ ଅନୁଶୀଳନ କରି ଲେଖିଲେ ତାହା ସଫଳ ହେବ । କିନ୍ତୁ କାହିଁକି ଲେଖକଟେ ପାଠକଙ୍କ ଅନୁସାରେ ଲେଖିବ ! ତାର ଲେଖକୀୟ ପରିଧିରେ ପାଠକ କ'ଣ ତା'ର ବିଚାରକ ? ଯଦି ବିଚାରକ, ତେବେ ସେ ବିଚାର କରି ସେଇ ଲେଖକକୁ ଅଗ୍ରାହ୍ୟ କରିଦେଉ, କିନ୍ତୁ ଲେଖକକୁ ନିର୍ଦ୍ଦେଶ ନଦେଉ, ଏମିତି ଲେଖ, ସେମିତି ଲେଖ । କାରଣ ସେପରି ହେଲେ ମଧ୍ୟ ଆଉ ଜଣେ କିଏ ପାଠକ ତାକୁ ଖାରଜ କରିଦେବ । ଏଣୁ ପ୍ରତ୍ୟେକଙ୍କ ସ୍ୱାଧୀନତା ତାଙ୍କ ପାଇଁ ଜରୁରୀ । ସେ ଲେଖକ ହେଉ ବା ପାଠକ ।








## Product Profile


Headless (HL)


PUD


PD


Karikadi


Easy Peel


PDTO

/highlandagro

# HIGHLAND AGRO FOOD PVT. LTD.

Plot No. 347-358, Gadabhanga, Khantapada, Balasore, Odisha, India - 756043
Email : info@highlandgroups.com Website : www.highlandgroups.com

The **REBATI AMA MATIRA SWARA** ● August 2023 Vol - 5 Issue - 10 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2023-2024 ● Rs. 50
Total Page : 108




Associate editor : **Krushna Kumar Mohanty** Editor : **Subasini Jena**